

# ଓଡ଼ିଶା ବିଧାନସଭାରେ ମହାମାନ୍ୟ ରାଜ୍ୟପାଳ ଶ୍ରୀ ରାମେଶ୍ୱର ଠାକୁରଙ୍କ ଅଭିଭାଷଣ

ବାଚସ୍ପତି ମହୋଦୟ ଓ ମାନ୍ୟବର ସଦସ୍ୟବୃନ୍ଦ,

ତ୍ରୟୋଦଶ ବିଧାନସଭାର ସପ୍ତମ ଅଧିବେଶନ ଅବସରରେ ଆପଣମାନଙ୍କୁ ସ୍ୱାଗତ ଜଣାଇ ମୁଁ ବିଶେଷ ଆନନ୍ଦିତ । ଆପଣମାନଙ୍କ ଜରିଆରେ ମୁଁ ରାଜ୍ୟବାସୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

୨. ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର. ନାରାୟଣନ୍, ପୂର୍ବତନ ବାଚସ୍ପତି ପ୍ରସନ୍ନ କୁମାର ଦାସ, ପୂର୍ବତନ ଉପବାଚସ୍ପତି ହରିହର ବାହିନୀପତି, ପୂର୍ବତନ ବିଧାୟକ ବୀରେନ୍ଦ୍ର କୁମାର ସାହୁ, ମାୟାଧର ସେଠୀ, ମଣ୍ଡାଙ୍ଗୀ କାମୟା, ବିଶ୍ୱନାଥ ମଲ୍ଲିକ, ମୋଚିରାମ ତିରିଆ, ବୈଷ୍ଣବ ଚରଣ ମଲ୍ଲିକ, ଗୋକୁଳାନନ୍ଦ ପ୍ରହରାଜ ଏବଂ ବିରଜା ପ୍ରସାଦ ରାୟଙ୍କ ଦୁଃଖଦ ବିୟୋଗରେ ଗୃହ ଗଭୀର ଶୋକ ପ୍ରକାଶ କରିସାରିଛି । ଆମ ଗହଣରେ ନଥିବା ପୂର୍ବତନ ମନ୍ତ୍ରୀ ମହମ୍ମଦ ମୁଜାଫର୍ ହୁସେନ୍ ଖାଁ ଓ ପୂର୍ବତନ ସଦସ୍ୟ ପ୍ରସନ୍ନ କୁମାର ପାଳ, ଧରଣୀଧର ପ୍ରଧାନ ଓ ଯୋଗେନ୍ଦ୍ର ନାୟକଙ୍କ ବିୟୋଗରେ ମୋ' ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ମୁଁ ଆପଣମାନଙ୍କୁ ନିବେଦନ କରୁଛି । ସେମାନଙ୍କ ଶୋକାକୁଳ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିବା ସଂଗେସଂଗେ ନିଃସ୍ୱାର୍ଥପର ସେବା ନିମନ୍ତେ ଗୃହ ସବୁଦିନ ପାଇଁ ସେମାନଙ୍କୁ ମନେ ରଖିବ ।

ଏହି ଅବସରରେ ମଧ୍ୟ ଆମେ ଭାରତୀୟ ସେନାବାହିନୀର ବୀର ଯବାନମାନଙ୍କୁ ବିଶେଷତଃ ଆମ ରାଜ୍ୟର ତାପସ କୁମାର ମଲ୍ଲିକ, ସୂର୍ଯ୍ୟମଣି ବେହେରା, ଲକ୍ଷ୍ମୀଧର ରାଉତରାୟ, ପ୍ରଦୀପ କୁମାର ମିଶ୍ର ଏବଂ ସଞ୍ଜୀବ କୁମାର ସାହୁଙ୍କୁ ସ୍ମରଣ କରୁଛୁ, ଯେଉଁମାନେ ଚରମ ତ୍ୟାଗପୂର୍ବକ ପ୍ରାଣବଳି ଦେଇଛନ୍ତି । ଦେଶର ସୁରକ୍ଷା ପାଇଁ ଏଭଳି ଦୃଷ୍ଟାନ୍ତମୂଳକ ଓ ନିଃସ୍ୱାର୍ଥପର ସେବା ନିମନ୍ତେ ଆମେ ସେମାନଙ୍କୁ ସଶ୍ରଦ୍ଧ ସମ୍ମାନ ଜଣାଉଛୁ ।

ସଂପ୍ରତି ଜମି ଅଧିଗ୍ରହଣକୁ କେନ୍ଦ୍ର କରି କଳିଙ୍ଗନଗରଠାରେ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ୧୨ ଜଣ ଆଦିବାସୀ ଓ ଜଣେ ପୋଲିସ୍ କର୍ମଚାରୀଙ୍କ ପ୍ରାଣହାନୀ ଘଟିଥିବାରୁ ମୋ' ସରକାର ଉଦ୍‌ବିଗ୍ନ । ବ୍ୟାପକ ବିଚାରବିମର୍ଷ ଦ୍ୱାରା ପ୍ରଚଳିତ ନୀତିର ଅନୁଧ୍ୟାନ କରି ଘଟଣାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ସହିତ ଆଦିବାସୀ ଓ ଅନ୍ୟାନ୍ୟ ଜମି ସଂକ୍ରାନ୍ତୀୟ ଦୀର୍ଘମିଆଦୀ ପୁନର୍ବାସ ଓ ଥଇଥାନ ନୀତି ପ୍ରସ୍ତୁତ କରିବା ପାଇଁ ମୋ' ସରକାର ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି ।

୩. ଭାରତ ସରକାରଙ୍କ ଖର୍ଚ୍ଚ ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ମୋ' ସରକାର ରାଜ୍ୟରେ ଥିବା ଢାଞ୍ଚାଗତ ବୈଷମ୍ୟ ସଂଶୋଧନ ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି । ରାଜ୍ୟର ନିଜସ୍ୱ କର ଜି.ଏସ୍.ଡି.ପି. ୧୯୯୯-୨୦୦୦ରେ ୪.୪%ରୁ ୨୦୦୩-୦୪ରେ ୬.୪% ଏବଂ ୨୦୦୪-୦୫ରେ ୭.୨%କୁ ବୃଦ୍ଧି ପାଇଛି । ରାଜସ୍ୱ ନିଅଣ୍ଟ ମଧ୍ୟ ୧୯୯୯-୨୦୦୦ରେ ପ୍ରାୟ ୨୫୭୪ କୋଟି ଟଙ୍କାରୁ ୨୦୦୩-୦୪ରେ ୧୪୨୦ କୋଟି ଟଙ୍କା ଏବଂ ୨୦୦୪-୦୫ରେ ୫୨୨ କୋଟି ଟଙ୍କାକୁ ହ୍ରାସ ପାଇଛି । ଏହା ରାଜସ୍ୱ ନିଅଣ୍ଟ ଜି.ଏସ୍.ଡି.ପି.ର ଶତକଡ଼ା ହିସାବରେ ୬.୭%ରୁ ୨.୬%କୁ ଏବଂ ୦.୯୧%କୁ ହ୍ରାସ ପାଇଥିବା ସୂଚାଏ । ଆର୍ଥିକ ନିଅଣ୍ଟ ୧୯୯୯-୨୦୦୦ରେ ୩୮୩୬ କୋଟି ଟଙ୍କା (୯.୭%)ରୁ ୨୦୦୩-୦୪ରେ ୨୪୬୯ କୋଟି ଟଙ୍କା (୪.୬%) ଏବଂ ୨୦୦୪-୦୫ରେ ୧୩୬୫ କୋଟି ଟଙ୍କା (୨.୩୭%)କୁ ହ୍ରାସ ପାଇଛି । ମଧ୍ୟମ ମିଆଦୀ ଆର୍ଥିକ ଯୋଜନା ଆଧାରରେ ଜି.ଏସ୍.ଡି.ପି.ର ଆର୍ଥିକ ନିଅଣ୍ଟକୁ ୩%ରୁ କମ୍‌କୁ ଖସାଇ ଦେବାରେ ଆମେ ରାଜସ୍ୱର ୩୪୧% ଥିଲା ତାହା ୨୦୦୩-୦୪ରେ ୩୩୫% ଏବଂ ୨୦୦୪-୦୫ରେ ୨୮୮%କୁ ହ୍ରାସ ପାଇଛି । ସେହିପରି କୌଣସି ବିଶୃଙ୍ଖଳାକୁ ସ୍ଥାନ ନଦେଇ ନିମ୍ନମୁଖୀ ଆର୍ଥିକ ପରିସ୍ଥିତି ସୁଧାରିବାରେ ନିର୍ଦ୍ଧାରିତ ସଫଳତା ଆମେ ହାସଲ କରିଛୁ । ୩୧.୨.୨୦୦୩ ସୁଦ୍ଧା ଅନ୍ୟ ରାଜ୍ୟଗୁଡ଼ିକର ଋଣ-ସମୁଦାୟ ରାଜ୍ୟ ଘରୋଇ ଉତ୍ପାଦନ ହାର ଶତକଡ଼ା ୩୪ ଥିବା ବେଳେ ଓଡ଼ିଶାରେ ଏହା ସର୍ବୋଚ୍ଚ ଶତକଡ଼ା ୬୨ ରହିଆସିଛି ଓ ୩୧.୩.୨୦୦୫ ସୁଦ୍ଧା ଏହି ହାର ଶତକଡ଼ା ୫୯ ରହିବା ସହିତ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ଏହି ହାରକୁ ସଦାସର୍ବଦା ଶତକଡ଼ା ୨୮ ରଖାଯାଇପାରିଛି ।

ସେହିପରି ରାଜସ୍ୱ ପ୍ରାପ୍ତି ବାବଦକୁ ସୁଧ ପ୍ରଦାନର ହାର ସୁପାରିଶ ଅନୁଯାୟୀ ଧାର୍ଯ୍ୟସ୍ତର ଶତକଡ଼ା ୧୫ ରଖାଯାଇଥିବା ସ୍ଥଳେ ଅନ୍ୟ ସମସ୍ତ ରାଜ୍ୟଗୁଡ଼ିକର ହାରାହାରି ଅନୁପାତ ଶତକଡ଼ା ୨୪ରେ ସୀମିତ ଥିଲା ମାତ୍ର ଆମ ରାଜ୍ୟ ୨୦୦୨-୦୩ ବର୍ଷରେ ଏହି ହାରକୁ ସର୍ବୋଚ୍ଚ ଶତକଡ଼ା ୩୫ରେ ପହଞ୍ଚାଇ ୨୦୦୪-୦୫ରେ ଶତକଡ଼ା ୨୮ରେ ରଖିପାରିଛି ।

ଓଡ଼ିଶାରେ ପେନ୍‌ସନ୍ ବାବଦରେ ଖର୍ଚ୍ଚ ଖୁବ୍ ବେଶୀ । ଦ୍ୱାଦଶ ଅର୍ଥ କମିଶନଙ୍କ ତଥ୍ୟ ଅନୁଯାୟୀ ୨୦୦୨-୦୩ ବର୍ଷରେ ଅନ୍ୟ ସବୁ ରାଜ୍ୟଗୁଡ଼ିକରେ ପେନ୍‌ସନ୍ ବାବଦ ଖର୍ଚ୍ଚ ମୋଟ ରାଜ୍ୟ ଘରୋଇ ଉତ୍ପାଦନର ୧.୫ ପ୍ରତିଶତ ଥିବାସ୍ଥଳେ ଓଡ଼ିଶା କ୍ଷେତ୍ରରେ ଏହା ୨.୨୧ ପ୍ରତିଶତ ଥିଲା । ୨୦୦୨-୦୩ ବର୍ଷରେ ରାଜସ୍ୱ ଖର୍ଚ୍ଚ ଅନ୍ତର୍ଗତ ସୁଧ ପ୍ରଦାନ ଏବଂ ପେନ୍‌ସନ୍ ବାବଦରେ ସମସ୍ତ ରାଜ୍ୟର ଦରମା ବାବଦକୁ ଖର୍ଚ୍ଚ ଶତକଡ଼ା ୩୭ ଥିବାସ୍ଥଳେ ଓଡ଼ିଶା କ୍ଷେତ୍ରରେ ଏହା ଶତକଡ଼ା ୬୫ ଥିଲା । ଦ୍ୱାଦଶ ଅର୍ଥ କମିଶନ ସୁପାରିଶ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ମୋଟ ଦରମା ବିଲ୍ ସୁଧ ପ୍ରଦାନ ଓ ପେନ୍‌ସନ୍ ବାବଦୀୟ ସମସ୍ତ ଖର୍ଚ୍ଚ ରାଜସ୍ୱ ଖର୍ଚ୍ଚର ୩୫ ପ୍ରତିଶତରୁ ଅଧିକ ହେବ ନାହିଁ । ଆର୍ଥିକ ଶୃଙ୍ଖଳା ରକ୍ଷା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ମନେକରେ । ଆର୍ଥିକ ଶୃଙ୍ଖଳା ଅଭିବୃଦ୍ଧି ଏବଂ ବିନିଯୋଗ ବୃଦ୍ଧି କରିବା ନିମନ୍ତେ ଲକ୍ଷ୍ୟ ରଖିବା ଆବଶ୍ୟକ । ଆମେ ଅନୁଭବ କରିବା ଉଚିତ ଯେ, କେବଳ ବଡ଼ଧରଣର ଆର୍ଥିକ ବିଶୃଙ୍ଖଳାକୁ ସଜାଡ଼ି ଦେଇ ରାଜ୍ୟ କ'ଣ ଉନ୍ନୟନ ପାଇଁ ଅତିରିକ୍ତ ସମ୍ବଳର ବ୍ୟବସ୍ଥା କରିପାରିବ ? ଓଡ଼ିଶା ଆର୍ଥିକ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା ଅଧିନିୟମ ୨୦୦୫ର ପ୍ରଣୟନ ଏ ଦିଗରେ ଏକ ପଦକ୍ଷେପ । ସବୁଠାରୁ ଜରୁରୀ ଏବଂ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ଉନ୍ନୟନର ଗତିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଆର୍ଥିକ ଶୃଙ୍ଖଳାକୁ ସୁନିଶ୍ଚିତ କରାଇବା ପାଇଁ ସମସ୍ତଙ୍କ ମଧ୍ୟରେ ସହମତି ।

୪. ଓଡ଼ିଶା ପାଇଁ ଦଶମ ପଞ୍ଚବାର୍ଷିକ ଯୋଜନା (୨୦୦୨-୦୩) ୧୯,୦୦୦ କୋଟି ଟଙ୍କାର ମୋଟାମୋଟି ବ୍ୟୟ ଅଟକଳ କରିଥିଲା । ସମ୍ବଳର ଅଭାବ ହେତୁ ପ୍ରଥମ ତିନି ବର୍ଷରେ ୭,୬୬୪.୫୦ କୋଟି ଟଙ୍କା ମିଳିପାରିଲା । ଏପରି ସ୍ଥଳେ ୭,୬୪୯.୭୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ଯାହାକି ମୋଟ ବ୍ୟୟ ଅଟକଳର ଶତକଡ଼ା ୯୮.୫୨ ଭାଗ ଅଟେ । ୨୦୦୫-୦୬ ବର୍ଷ ପାଇଁ ଯୋଜନା ଆୟୋଗଙ୍କ ଦ୍ୱାରା ୩୦୦୦ କୋଟି ଟଙ୍କାର ବ୍ୟୟଅଟକଳ ଅନୁମୋଦନ ହୋଇଥିଲା । ୨୦୦୬-୦୭ର ବାର୍ଷିକ ଯୋଜନା ୩୫୦୦ କୋଟି ଟଙ୍କାରେ ଧାର୍ଯ୍ୟ କରାଗଲା ଯାହାକି ୨୦୦୫-୦୬ ବର୍ଷଠାରୁ ୧୬.୬ ପ୍ରତିଶତ ଅଧିକ । ଆଞ୍ଚଳିକ ବୈଷମ୍ୟର ଲୋପ ଏବଂ ଉନ୍ନୟନ ଧାରାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମୋ' ସରକାର ବରଗଡ଼, ବଲାଙ୍ଗୀର, ବୌଦ, ଦେଓଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ ଏବଂ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ସବ୍‌ଡିଭିଜନକୁ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିଛନ୍ତି । ପ୍ରତିବର୍ଷ ମୋ' ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ୫୦ କୋଟି ଟଙ୍କା ଯୋଗାଇ ଦେଉଛନ୍ତି ।

ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଆର୍.ଆଇ.ଡି.ଏଫ୍.) ଅନୁଯାୟୀ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ନିର୍ମାଣ ଉଦ୍ଦେଶ୍ୟରେ ନାବାର୍ଡ଼ ଋଣ ମଂଜୁର କରେ । ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ବିଭିନ୍ନ ଭାବରେ କାର୍ଯ୍ୟକାରୀ ହେଉଛି । ମୋ' ସରକାର ଚଳିତ ଆର୍.ଆଇ.ଡି.ଏଫ୍. (ଏକାଦଶ) ଯୋଜନାରେ ୧୫୬୧ କୋଟି ଟଙ୍କା ବ୍ୟୟ ଅଟକଳରେ ୫୯୦ ଗୋଟି ପ୍ରକଳ୍ପ ହାତକୁ ନେବାକୁ ପ୍ରସ୍ତାବ ରଖିଛନ୍ତି । ଏତଦ୍‌ବ୍ୟତୀତ ବିଜୁ କୃଷକ ବିକାଶ ଯୋଜନାରେ ନାବାର୍ଡ଼ ୩୧୭ କୋଟି ଟଙ୍କାର ପ୍ରକଳ୍ପ ମଂଜୁର କରିଛନ୍ତି ।

ମରୁଡ଼ି ପ୍ରତିକାର, ସର୍ବାଙ୍ଗୀନ ବିକାଶ, ଦାରିଦ୍ର୍ୟ ଦୂରୀକରଣ ଓ ଲୋକମାନଙ୍କର ଜୀବନଧାରଣ ମାନର ଉନ୍ନତି ଲକ୍ଷ୍ୟରେ ମୋ' ସରକାର ଭାରତ ସରକାରଙ୍କ ପରାମର୍ଶରେ କେ.ବି.କେ. ଜିଲ୍ଲାଗୁଡ଼ିକ ପାଇଁ ପ୍ରସ୍ତୁତ କରିଥିବା ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା କାର୍ଯ୍ୟକାରୀ ହେଉଛି । ୨୦୦୫-୦୬ ବର୍ଷରେ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା ଅନ୍ତର୍ଗତ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନା ଆୟୋଗ ୨୫୦ କୋଟି ଟଙ୍କା ସ୍ୱତନ୍ତ୍ର ସହାୟତା ରୂପେ ଅନୁମୋଦନ କରିଛନ୍ତି । ୨୦୦୬-୦୭ ବର୍ଷ ପାଇଁ କେ.ବି.କେ. ଜିଲ୍ଲାଗୁଡ଼ିକରେ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ୨୭୫ କୋଟି ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଉପସ୍ଥାପନ କରାଯାଇଛି । ଚଳିତ ବର୍ଷ ଏହି ଯୋଜନାରେ ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ, ଯାହାଦ୍ୱାରା କି ସେସବୁକୁ ଯୋଜନାର କାର୍ଯ୍ୟକାରିତା ଏବଂ ସୁପରିଚାଳନା ଲକ୍ଷ୍ୟରେ ଅଧିକ କ୍ଷମତା ପ୍ରଦାନ କରାଯାଇପାରିବ । ରାଷ୍ଟ୍ରୀୟ ସମବିକାଶ ଯୋଜନାର (ଆର୍.ଏସ୍.ବି.ୱାଇ.) ପଛୁଆ ଜିଲ୍ଲା ବିକାଶ କାର୍ଯ୍ୟକ୍ରମ (ବି.ଡି.ଆଇ.) ଅଧୀନରେ ମୋ' ସରକାର ୬୭.୫୦ କୋଟି ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପାଇଛନ୍ତି, ୬୦ କୋଟି ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଏହି ଯୋଜନା ଅନ୍ତର୍ଗତ ୫ ଗୋଟି ଜିଲ୍ଲାକୁ ଅନୁମୋଦିତ ଜିଲ୍ଲା ଆଗୁଆ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ମଂଜୁର କରାଯାଇଛି । ଗଂଜାମ ଏବଂ ମୟୂରଭଞ୍ଜ ଜିଲ୍ଲାପାଇଁ ଯଥାକ୍ରମେ ୨୨.୫୦ କୋଟି ଏବଂ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଗଜପତି, କେଉଁଝର, ସୁନ୍ଦରଗଡ଼ ଜିଲ୍ଲାକୁ (ଜିଲ୍ଲା ପିଛା ୭.୫ କୋଟି ଟଙ୍କା ହିସାବରେ) ୨୨.୫୦ କୋଟି ଟଙ୍କା ମଂଜୁର କରାଯାଇଛି । ୩୦.୯.୦୫ ସୁଦ୍ଧା ଗଂଜାମ ଜିଲ୍ଲାରେ ୭୪ଟି ରାସ୍ତା ପ୍ରକଳ୍ପ, ୫୫ଟି ଜଳସେଚନ ପ୍ରକଳ୍ପ, ୬୪ଟି ଗୃହ ନିର୍ମାଣ କାର୍ଯ୍ୟ,

୨୮ଟି ମତ୍ସ୍ୟଚାଷ ପ୍ରକଳ୍ପ ଏବଂ ୬୫ଟି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାରେ ୪୬ଟି ଜଳଯୋଗାଣ ଏବଂ ପରିମଳ ପ୍ରକଳ୍ପ, ୨ଟି ରେଶମ ଚାଷ କାର୍ଯ୍ୟକ୍ରମ, ୯୨ଟି ଡି.ଡବ୍ଲ୍ୟୁ/ଡବ୍ଲ୍ୟୁ.ଏଚ୍.ଏସ୍. ପ୍ରକଳ୍ପ, ୨ଟି ରାସ୍ତା ନିର୍ମାଣ କାର୍ଯ୍ୟ, ୧୦୦ଟି ଗଭୀର କୂପ ଏବଂ ଗୋଟିଏ ପରିବେଶ ପର୍ଯ୍ୟଟନ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଗଜପତି, କେଉଁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି । ୨୦୦୬-୦୭ ବର୍ଷଠାରୁ ଅନୁସୂଚିତ ଜନଜାତିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଦିବାସୀ ଉପ-ଯୋଜନା ଏବଂ ଅନୁସୂଚିତ ଜାତି ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା କରିବା ପାଇଁ ନିଷ୍ପତ୍ତି କରାଯାଇଛି ଯଦ୍ଵାରାକି ମୋଟ ଜନସଂଖ୍ୟାର ତୁଳନାରେ ଏହି ଶ୍ରେଣୀ ଅନ୍ତର୍ଭୁକ୍ତ ଜନସଂଖ୍ୟାର ଅନୁପାତ ଅନୁଯାୟୀ କିମ୍ବା ତଦୁର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇପାରିବ ।

ଏମ୍.ପି. ଲ୍ୟାଡ ଓ ଏମ୍.ଏଲ୍.ଏ. ଲ୍ୟାଡ୍ ପାଣ୍ଠିରେ ବିକାଶ କାର୍ଯ୍ୟକୁ ମୋ' ସରକାର ନିୟମିତ ତଦାରଖ କରୁଛନ୍ତି । ୨୦୦୫-୦୬ ବର୍ଷରେ ସ୍ୱାସ୍ଥ୍ୟ, ରାଜସ୍ୱ, ତଫସିଲ ଜାତି ଓ ଜନଜାତିଙ୍କ କଲ୍ୟାଣ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଜଳସଂପଦ ନିମନ୍ତେ ଆରମ୍ଭ ହେବାକୁ ଯାଉଥିବା ୧୧ଟି ପ୍ରକଳ୍ପ ଏବଂ ୭ଟି ଚାଲୁ ରହିଥିବା ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ମୋ' ସରକାର ୩୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ବାର୍ଷିକ ଯୋଜନା ପ୍ରସ୍ତୁତ କରୁଛନ୍ତି । ୬ଟି ଚାଲୁ ରହିଥିବା ପ୍ରକଳ୍ପ ଏବଂ ୧୬ଟି ଆରମ୍ଭ ହେବାକୁ ଯାଉଥିବା ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ୨୦୦୬-୦୭ ବର୍ଷରେ ମୋ' ସରକାର ୮୩୬.୪୫ କୋଟି ଟଙ୍କାର ସମ୍ବଳ ଯୋଗାଡ଼ କରିବାର ଲକ୍ଷ୍ୟ ରଖିଛନ୍ତି ।

ବିଭିନ୍ନ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମରେ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ମୋ' ସରକାର ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ୨୦୦୫-୦୬ର ବାର୍ଷିକ ଯୋଜନାରେ ୩.୮୧ ଲକ୍ଷ ବ୍ୟକ୍ତିଙ୍କ ପାଇଁ ଆତ୍ମନିଯୁକ୍ତି ଏବଂ ଆନୁଷଙ୍ଗିକ ମଜୁରି ଭିତ୍ତିକ ନିଯୁକ୍ତି ସୁଯୋଗ ସୃଷ୍ଟିର ଉଦ୍ଦେଶ୍ୟ ରଖିଛନ୍ତି । ବିଭିନ୍ନ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମର ସଫଳତା ସ୍ୱରୂପ ଚଳିତ ବର୍ଷ (ଅକ୍ଟୋବର ୨୦୦୫ ସୁଦ୍ଧା) ୧.୦୬ ଲକ୍ଷ ବ୍ୟକ୍ତିଙ୍କ ପାଇଁ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇଛି । କ୍ରମବର୍ଦ୍ଧିଷ୍ଣୁ ବେକାରୀ ସମସ୍ୟାକୁ ଦୃଷ୍ଟିରେ ରଖି ମୋ' ସରକାର ଚଳିତ ଆର୍ଥିକ ବର୍ଷରେ ଏକ ରାଜ୍ୟ ନିଯୁକ୍ତି ନୀତି ପ୍ରଣୟନ କରିଛନ୍ତି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ନିଯୁକ୍ତି ମିଶନ ଗଠନ କରାଯାଇଛି ।

୫. ଆମ ରାଜ୍ୟର ଅର୍ଥନୀତି ମୁଖ୍ୟତଃ କୃଷିଭିତ୍ତିକ ଏବଂ ରାଜ୍ୟର ଶତକଡ଼ା ୭୦ ଭାଗରୁ ଅଧିକ ପରିବାର କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । କୃଷକ ପରିବାରର ଆୟବୃଦ୍ଧି ଉପରେ ଦାରିଦ୍ର୍ୟ ଦୂରୀକରଣ ତଥା ଜନସାଧାରଣଙ୍କ ଆର୍ଥିକ ଉନ୍ନତି ବହୁମାତ୍ରାରେ ନିର୍ଭରଶୀଳ । ମୋ' ସରକାର କୃଷିର ଉନ୍ନତି ପାଇଁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଅତଏବ କୃଷିର ଉନ୍ନତି ଏବଂ କୃଷି ଉତ୍ପାଦନ ତଥା ଉତ୍ପାଦିକା ଶକ୍ତିର ଅଭିବୃଦ୍ଧି ନିମନ୍ତେ ଆମର ସମସ୍ତ ପ୍ରୟାସ ଜାରି ରହିବ । ପାରମ୍ପରିକ କୃଷି ପରିବର୍ତ୍ତେ ବ୍ୟବସାୟିକ ଅର୍ଥକରୀ ଫସଲ ବିଶେଷ କରି ଉଦ୍ୟାନକୃଷିକୁ ଗୁରୁତ୍ୱ ଦେବାର ଆବଶ୍ୟକତା ଉପଲବ୍ଧ ହେଉଛି । ଏହି ପରିବର୍ତ୍ତନ ପାଇଁ ଆମର ସଂପ୍ରସାରଣର ପ୍ରୟାସଗୁଡ଼ିକୁ ଦ୍ୱିଗୁଣିତ ହେବା ସଂଗେସଂଗେ ଉପଯୁକ୍ତ କୌଶଳର ପ୍ରୟୋଗ କରାଯିବ । ଆମ କୃଷକମାନଙ୍କର ଉନ୍ନତ ଜ୍ଞାନକୌଶଳ ଏବଂ ସମନ୍ୱିତ ପୁଷ୍ଟି ସାଧନ ତଥା କୀଟନାଶକ ବ୍ୟବସ୍ଥାର ପରିଚାଳନାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି । କୃଷକମାନଙ୍କର ନିକଟରେ କୃଷି ଉତ୍ପାଦନ ନିମନ୍ତେ ଉନ୍ନତମାନର ଜ୍ଞାନକୌଶଳ ଏବଂ ବିଭିନ୍ନ ଧରଣର ଚାଷ ପ୍ରଣାଳୀର ସବିଶେଷ ତଥ୍ୟ ପହଞ୍ଚାଇବା ଲକ୍ଷ୍ୟରେ କୃଷିର ସାମଗ୍ରିକ ପରିଚାଳନା, ଆଇ.ଏସ୍.ଓ.ପି. ଓ ଏମ୍.ଆଇ.ସି.ଡି.ପି. (କପା) ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ କାର୍ଯ୍ୟ ଯୋଜନାରେ ସଂପ୍ରସାରଣ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରାଯାଇ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କୃଷକ କ୍ଷେତ୍ର ପ୍ରଶିକ୍ଷଣ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ଉପଯୁକ୍ତ ପରିଚାଳନା କରାଯିବ । ଆମ ରାଜ୍ୟରେ ଅନୁକୂଳ କୃଷି ଜଳବାୟୁ ରହିଥିବା ଦୃଷ୍ଟିରୁ ଉଦ୍ୟାନ କୃଷିକୁ ଗୁରୁତ୍ୱ ଦେବାର ପର୍ଯ୍ୟାପ୍ତ ସୁଯୋଗ ରହିଛି । ୨୦୦୫-୦୬ ବର୍ଷରେ ନୂତନ ଭାବେ ଆରମ୍ଭ କରାଯାଇଥିବା ଜାତୀୟ ଉଦ୍ୟାନ କୃଷି ମିଶନ (ଏନ୍.ଏଚ୍.ଏମ୍.) ଓ କେ.ବି.କେ. ଜିଲ୍ଲାଗୁଡ଼ିକ ପାଇଁ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା (ଆର୍.ଏଲ୍.ଟି.ଏ.ପି.) ଉଦ୍ୟାନକୃଷିର ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି । ନିଜ ଜମିରେ ଫଳ ଓ ପନିପରିବା ଉତ୍ପାଦନ ପାଇଁ କୃଷକମାନଙ୍କୁ ୧୨.୫ ଲକ୍ଷ ଆମ୍ବ, ପିଜୁଳି, ଲିଚୁ, ସପେଟା, କାଗେଜି ଲେମ୍ବୁ, କମଳା, ସପୁରୀ ଏବଂ ଅନ୍ୟାନ୍ୟ ଫଳଗଛର କଲମିଚାରା, ୧୦ ଲକ୍ଷ କାଜୁ କଲମି ଚାରା ଓ ୨.୫ ଲକ୍ଷ ପନିପରିବା ମଞ୍ଜି ପୁଡ଼ିଆ ଯୋଗାଇ ଦିଆଯାଇଛି । ପିଆଜ ଚାଷ ଯୋଜନାରେ ୭୫୦୦ ଏକର ଜମିରେ ପିଆଜ ଚାଷ ନିମନ୍ତେ ୩୦୦ କ୍ୱିଣ୍ଟାଲ ଉନ୍ନତମାନର ପିଆଜ ମଞ୍ଜି ଯୋଗାଇ ଦିଆଯାଇଛି । ଏହାବ୍ୟତୀତ କୃଷକମାନଙ୍କ ଜମିରୁ ୩୦ ଲକ୍ଷ କଦଳୀ ପୁଆ ସଂଗ୍ରହ କରିବା କାର୍ଯ୍ୟ ଚାଲୁ ରହିଛି । ୨୦୦୫-୦୬ ବର୍ଷରେ ୮୦୦୦ଟି କ୍ଷୁଦ୍ର ପିଆଜ ଗୋଦାମ ନିର୍ମାଣ ହେବାର କାର୍ଯ୍ୟକ୍ରମ ରହିଛି । ଆମ୍ବ, କମଳା ଲେମ୍ବୁ, ଲିଚୁ ଏବଂ ଅନ୍ୟାନ୍ୟ ଫଳଗଛ ତଥା କଦଳୀପୁଆ ଓ ଟିସୁ କଲ୍‌ଚର ପଦ୍ଧତିରେ ଉନ୍ନତମାନର ଚାଷକୁ ଲୋକପ୍ରିୟ କରାଇବା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି । ରାଜ୍ୟରେ ଫୁଲଚାଷକୁ ଉତ୍ସାହିତ କରିବା ଏବଂ ବାଣିଜ୍ୟିକ ଫୁଲର ଉତ୍ପାଦନ ଜ୍ଞାନକୌଶଳରେ ଚାଷୀମାନଙ୍କୁ ଶିକ୍ଷା ଦେବା ପାଇଁ ନୂତନ ଭାବେ ଆରମ୍ଭ ହୋଇଥିବା ଜାତୀୟ ଉଦ୍ୟାନ ମିଶନ ଅଧୀନରେ ଗୋଲାପ, ଗ୍ଲାଡ଼ିଓଲି ଏବଂ ଗେଣ୍ଡୁ ଫୁଲ ଉପରେ ୨୬୨୫ ଗୋଟି ପ୍ରଦର୍ଶନୀ ଏହିବର୍ଷ (୨୦୦୫ ଡିସେମ୍ବର ସୁଦ୍ଧା) ଆୟୋଜନ ହୋଇଥିଲା । ଏହି ପ୍ରଦର୍ଶନୀ ଆୟୋଜନ ପର୍ଯ୍ୟାୟକ୍ରମେ ବୃଦ୍ଧି ହେବ ଏବଂ ପରବର୍ଷ ୬୦,୦୦୦ରୁ ଅଧିକ ପ୍ରଦର୍ଶନୀ ଆୟୋଜନ ହେବ । ଉତ୍ତମ ମାନର ଚାରାରୋପଣ ସାମଗ୍ରୀ ନିମନ୍ତେ କୃଷକମାନଙ୍କର ଆବଶ୍ୟକତା ମେଣ୍ଟାଇବା

ପାଇଁ ଗେଣ୍ଡୁ, ଗୋଲାପ, ଗ୍ଲାଡିଓଲି ଇତ୍ୟାଦି ଫୁଲର ୧୬୮ ଲକ୍ଷରୁ ଅଧିକ ଚାରା ସହ ସେବତୀ ପାଇଁ ୨୫୦୦ କ୍ୱିଣ୍ଟାଲ୍‌ର ବଲ୍‌ବ ଯୋଗାଣ କରିବାକୁ ଯୋଜନା ହୋଇଛି । ନିଜସ୍ୱ ଜଳସେଚନ ସାମର୍ଥ୍ୟ ବୃଦ୍ଧି କରିବାକୁ ଅଗଭୀର, ମଧ୍ୟମ ଗଭୀର ନଳକୂପ ଏବଂ ଗଭୀର କୂପ ଖନନ ନିମନ୍ତେ କୃଷକମାନଙ୍କୁ ସହାୟତା ଦେବା ପାଇଁ ମୋ' ସରକାର ନାବାର୍ଡ଼ ଋଣ ସହାୟତାରେ ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୨୦୦୫ ଡିସେମ୍ବର ସୁଦ୍ଧା ୩୮,୦୦୦ରୁ ଅଧିକ କୂପ ଖନନ କରାଯାଇଛି ଏବଂ ୨୦୦୬-୦୭ ବର୍ଷରେ ପ୍ରାୟ ୧୨୦୦୦ କୂପ ଖନନ କରିବାର ଯୋଜନା ରହିଛି । ଏତଦ୍‌ବ୍ୟତୀତ, କୃଷକମାନଙ୍କୁ ସାହାଯ୍ୟ ଏବଂ ଉତ୍ତମ ବର୍ଷାଜଳ ପରିଚାଳନା ସହ ସେମାନଙ୍କ ଜମିରେ ଜଳସେଚନ ପାଇଁ ପୋଖରୀ ଖୋଳିବା ନିମନ୍ତେ ଏକ କାର୍ଯ୍ୟକ୍ରମ ୨୦୦୫-୦୬ରେ ଶୁଭାରମ୍ଭ ହୋଇଛି । ଏହିପରି ପ୍ରାୟ ୨୮୪୨ ସଂଖ୍ୟକ ଜଳସେଚନ ପୋଖରୀ ଖନନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । କୃଷି ଯାନ୍ତ୍ରିକୀକରଣ ରାଜ୍ୟରେ ଆଦର ଲାଭ କରିଛି । ଟ୍ରାକ୍ଟର, ପାୱାର ଟିଲର୍ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଉପରେ ରିହାତି ଦିଆଯିବା ସଂଗେସଂଗେ ସ୍ଥାନୀୟ କୃଷକମାନଙ୍କୁ କୃଷି ଉପକରଣ ଶୁଳ୍କ ସହ ଲିଜ୍ ଦେବା ପାଇଁ ଉଦ୍ୟୋଗୀମାନଙ୍କ ନିମନ୍ତେ କୃଷି ସେବାକେନ୍ଦ୍ର ମାନ ପ୍ରତିଷ୍ଠା କରାଯାଉଛି । ୨୦୦୫-୦୬ରେ ଏପର୍ଯ୍ୟନ୍ତ ୧୧୫୦ ଗୋଟି ପାୱାର ଟିଲର୍, ୫୫୦ଟି ଟ୍ରାକ୍ଟର, ୧୧୩ଟି ଅମଳଯନ୍ତ୍ର ଯୋଗାଇ ଦିଆଯାଇଛି । ମରୁଡ଼ି ପ୍ରବଣ ଅଞ୍ଚଳରେ ମରୁଡ଼ି ପ୍ରତିକାର ଏବଂ ଜମିର ଆର୍ଦ୍ରତା ବୃଦ୍ଧି ଉଦ୍ଦେଶ୍ୟରେ କ୍ଷୁଦ୍ର ଜଳ ବିଭାଜିକା ଉନ୍ନୟନକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ମରୁଡ଼ି ପ୍ରବଣ ଅଂଚଳ କାର୍ଯ୍ୟକ୍ରମ, ସ୍ୱଳ୍ପ ବୃଷ୍ଟି ଅଂଚଳରେ ଜାତୀୟ ଜଳବିଭାଜିକା ଉନ୍ନୟନ ପ୍ରକଳ୍ପ, ନଦୀ, ଉପତ୍ୟକା ପ୍ରକଳ୍ପ, କେ.ବି.କେ. ଅଞ୍ଚଳରେ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା ଏବଂ ଡି.ଏଫ୍.ଆଇ.ଡି. ସହାୟତାରେ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ କାର୍ଯ୍ୟକ୍ରମ ମାଧ୍ୟମରେ ସଂପ୍ରତି ୨୪୧୩ ଗୋଟି କ୍ଷୁଦ୍ର ଜଳବିଭାଜିକାର ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯଦ୍ୱାରା କି ୧୩ ଲକ୍ଷ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇପାରିବ । କୃଷକ ପରିବାର ହିତାଧିକାରୀଙ୍କ ସକ୍ରିୟ ସହଯୋଗ ସହ ଉପରୋକ୍ତ ସମସ୍ତ ଯୋଜନା ଅଧୀନରେ ୨୦୦୬-୦୭ ବର୍ଷରେ ୧.୫ ଲକ୍ଷ ହେକ୍ଟର ଜମିକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଗୋଟିଏ କାର୍ଯ୍ୟକ୍ରମ ରହିଛି । କୃଷକମାନଙ୍କୁ ସେମାନଙ୍କର ବଳକା ଧାନ ବିକ୍ରୀ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ନିଶ୍ଚିତ କରାଇବା ନିମନ୍ତେ ସରକାର ଚଳିତ ଖରିଫ ବଜାର ଋତୁ ୨୦୦୫-୦୬ରେ ୨୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ମଧ୍ୟରୁ ବିକେନ୍ଦ୍ରୀକୃତ ସଂଗ୍ରହ ଯୋଜନା ମାଧ୍ୟମରେ ରାଜ୍ୟ ଏଜେନ୍ସି ଯଥା- ଓଡ଼ିଶା ଷ୍ଟେଟ୍ ସିଭିଲ୍ ସପ୍ଲାଇଜ୍ କର୍‌ପୋରେସନ୍ ଲିମିଟେଡ୍, ପ୍ରାଥମିକ କୃଷି ସମବାୟ ସମିତି, ମାର୍କଫେଡ୍ ଏବଂ ଏନ୍.ଏ.ଏଫ୍.ଇ.ଡି. ଦ୍ୱାରା ଅତିକମ୍‌ରେ ୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ହେବାପରି ଧାନ ସଂଗ୍ରହ କରାଯିବ ଏବଂ ଲେଭିରୁଟ୍ ଦେଇ ଅବଶିଷ୍ଟ ଚାଉଳ ପାଇଁ ଧାନ ମିଲର୍‌ମାନଙ୍କ ଦ୍ୱାରା ସଂଗ୍ରହ କରାଯିବ । ଏଥିସହିତ ଭାରତୀୟ ଖାଦ୍ୟ ନିଗମକୁ ୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ହେଲାପରି ଧାନ ସଂଗ୍ରହ କରିବାକୁ ଅନୁରୋଧ କରାଯାଇଛି ।

୬. ନିର୍ମାଣାଧୀନ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସଂପୂର୍ଣ୍ଣ କରି ଏବଂ ନୂତନ ପ୍ରକଳ୍ପ ସବୁ ହାତକୁ ନେଇ ରାଜ୍ୟର ଜଳସେଚନ ସାମର୍ଥ୍ୟ ବୃଦ୍ଧି କରିବାକୁ ମୋ' ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ୨୦୦୫-୦୬ରେ ୧୨୬୮୫ ହେକ୍ଟର ଜମିର ଲକ୍ଷ୍ୟଭୁକ୍ତ ଜଳସେଚନ ସାମର୍ଥ୍ୟ ସହ ୬ ଗୋଟି ଜଳସେଚନ ପ୍ରକଳ୍ପ ସଂପୂର୍ଣ୍ଣ କରିବା ନିମନ୍ତେ ଚିହ୍ନଟ ହୋଇଥିଲା, ଯାହାମଧ୍ୟରୁ ୪ ଗୋଟି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଛି ଏବଂ ଅବଶିଷ୍ଟ ୨ ଗୋଟି ପ୍ରକଳ୍ପ ଚଳିତ ଜଳସେଚନ ବର୍ଷର ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବ । ସେହିପରି ୨୦୦୬-୦୭ରେ ୧୮୨୧୫ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି ଲକ୍ଷ୍ୟରେ ୩ ଗୋଟି ଜଳସେଚନ ପ୍ରକଳ୍ପକୁ ସଂପୂର୍ଣ୍ଣ କରିବା ନିମନ୍ତେ ଚିହ୍ନଟ ହୋଇଛି । ୨୦୦୫-୦୬ରେ କ୍ଷୁଦ୍ର ଜଳସେଚନ କ୍ଷେତ୍ରରେ ୧୦୫୮୯ ହେକ୍ଟର ଜମିର ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ମଧ୍ୟରେ ଟି.ଏସ୍.ପି. ଅଞ୍ଚଳରେ ୨୬୬୫ ହେକ୍ଟର ଜମିରେ ଜଳସେଚନ ସାମର୍ଥ୍ୟ ଅନ୍ତର୍ଭୁକ୍ତ । ୨୦୦୬-୦୭ ପାଇଁ ୧୨୦୫୦ ହେକ୍ଟର ଜମିର ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହାମଧ୍ୟରେ ଟି.ଏସ୍.ପି. ଅଞ୍ଚଳରେ ୬୮୦୦ ହେକ୍ଟର ଜମିର ଜଳସେଚନ ସାମର୍ଥ୍ୟ ଅନ୍ତର୍ଭୁକ୍ତ । ୨୦୦୫-୦୬ ଆର୍ଥିକ ବର୍ଷରେ ଓଡ଼ିଶା ଉଠାଜଳସେଚନ ନିଗମ ଉଭୟ କେ.ବି.କେ. ଏବଂ ଅଣ-କେ.ବି.କେ. ଜିଲ୍ଲାମାନଙ୍କରେ ୧୦,୦୦୦ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ବିଜୁ କୃଷକ ବିକାଶ ଯୋଜନା ମାଧ୍ୟମରେ ୫୦୦ଟି ନୂତନ ଉଠାଜଳସେଚନ ପଏଣ୍ଟର ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ୨୦୦୬-୦୭ ଆର୍ଥିକ ବର୍ଷରେ ୧୦୦୦ଟି ନୂତନ ଉଠାଜଳସେଚନ ପଏଣ୍ଟ ସ୍ଥାପନ କରାଯାଇ ଅତିରିକ୍ତ ୨୦,୦୦୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବା ପାଇଁ ପ୍ରସ୍ତାବ ରହିଛି । ରାଜ୍ୟରେ ଜାନୁଆରୀ ୨୦୦୬ ଶେଷ ସୁଦ୍ଧା ୧୦.୪୦ ଲକ୍ଷ ହେକ୍ଟର ଅଞ୍ଚଳରେ ୧୩୩୯୭ଟି ପାଣିପଞ୍ଚାୟତ ଗଠନ କରାଯାଇଛି । ତନ୍ମଧ୍ୟରୁ ୧୧,୫୮୩ଟି ପାଣିପଞ୍ଚାୟତ ୭.୮୧ ଲକ୍ଷ ହେକ୍ଟର ଅଞ୍ଚଳରେ କେନାଲ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛନ୍ତି । ବନ୍ୟା ନିୟନ୍ତ୍ରଣ ଏବଂ ସମୁଦ୍ର କୂଳକ୍ଷୟ ରୋକିବା କାର୍ଯ୍ୟକ୍ରମ, ନାଳ, ନର୍ଦ୍ଦମା ଉନ୍ନୟନ କାର୍ଯ୍ୟ, ଭୂତଳଜଳର ମାନ ନିର୍ଦ୍ଧାରଣ ଏବଂ ଛାତ ଉପର ବର୍ଷାଜଳ ଅମଳ ପ୍ରକଳ୍ପ ଆଦି କ୍ଷେତ୍ରରେ ଅନେକଗୁଡ଼ିଏ ପ୍ରକଳ୍ପ ହାତକୁ ନିଆଯାଇଛି ।

ମୋ' ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତ୍ୟେକ ବ୍ଲକ୍‌ରେ ଅନ୍ତତଃ ୩୫ ପ୍ରତିଶତ ଚାଷୋପଯୋଗୀ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି । ପୁନଶ୍ଚ, ଅଣଆଦିବାସୀ ଅଞ୍ଚଳରେ ୧୦୦୦ ଓ ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ବସତି ଏବଂ ଆଦିବାସୀ ଅଞ୍ଚଳରେ ୫୦୦ ଓ ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ବସତିଗୁଡ଼ିକୁ ସବୁଦିନିଆ ରାସ୍ତା ସଂଯୋଗ କରିବାକୁ ମଧ୍ୟ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି । ଏହିସବୁ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ହେଉଥିବା ସମ୍ବଳ କାର୍ଯ୍ୟକାରୀ ହେଉଥିବା ପରିକଳ୍ପନାଗୁଡ଼ିକରୁ ଯୋଗାଡ଼ କରାଯିବ ଏବଂ ଅବଶିଷ୍ଟ ଆବଶ୍ୟକ ଅର୍ଥ ରାଜ୍ୟର ନିଜସ୍ୱ ସମ୍ବଳରୁ ଯୋଗାଇ ଦିଆଯିବ ।

୭. ମୋ' ସରକାର ନୂତନ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗ କରି ରାଜ୍ୟରେ ପଶୁସମ୍ପଦ, କୁକୁଡ଼ା ପାଳନ ଏବଂ ମତ୍ସ୍ୟଚାଷର ଅଭିବୃଦ୍ଧି ନିମନ୍ତେ ନିରନ୍ତର ଉଦ୍ୟମ କରୁଛନ୍ତି । ରାଜ୍ୟ କୃଷିନୀତିରେ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ଦୁଗ୍ଧ, ମତ୍ସ୍ୟ ଓ ମାଂସ ଉତ୍ପାଦନ ବୃଦ୍ଧି କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି । ରାଜ୍ୟରେ ଦୈନିକ ସମୁଦାୟ ଦୁଗ୍ଧ ଉତ୍ପାଦନ ପ୍ରାୟ ୩୬ ଲକ୍ଷ ଲିଟର ଅଟେ, ଯାହାକି ଗତବର୍ଷର ଉତ୍ପାଦନ ତୁଳନାରେ ୩ ଲକ୍ଷ ଲିଟର ଅଧିକ । ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାକୁ ଓମ୍‌ଫେଡ୍ ଅନ୍ତର୍ଭୁକ୍ତ କରାଯାଇଛି । ଏହାଦ୍ୱାରା ଓମ୍‌ଫେଡ୍ ଏହାର ଦୈନିକ ଦୁଗ୍ଧ ସଂଗ୍ରହ ୨.୭୦ ଲକ୍ଷ ଲିଟରକୁ ବୃଦ୍ଧି କରିପାରିଛି । ମହିଳାମାନଙ୍କ ପାଇଁ ଷ୍ଟେପ୍ କାର୍ଯ୍ୟକ୍ରମ ଅଧୀନରେ ୧୭ ଗୋଟି ଜିଲ୍ଲାରେ ଓମ୍‌ଫେଡ୍ ଜରିଆରେ ''ମହିଳା ଗୋପାଳନ ପ୍ରକଳ୍ପ'' ହାତକୁ ନିଆଯାଇଛି । ରାଜ୍ୟରେ ସମବାୟ ଭିତ୍ତିରେ ପ୍ରାୟ ୨ ଲକ୍ଷ କୃଷକ ଦୁଗ୍ଧ ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ରାଜ୍ୟରେ ୬୦,୨୮୭ ଜଣ ମହିଳାଙ୍କୁ ନେଇ ୮୩୭ଟି ''ମହିଳା ଗୋପାଳନ ସମବାୟ ସମିତି'' ଏବଂ ୨,୬୦୪ଟି ସମବାୟ ସମିତି ଗଠନ ହୋଇଛି । କେ.ବି.କେ. ଜିଲ୍ଲାମାନଙ୍କରେ ଦୁଗ୍ଧ ଉତ୍ପାଦନ ଏବଂ ଆନୁଷଙ୍ଗିକ କାର୍ଯ୍ୟକ୍ରମ ନିମନ୍ତେ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନାରେ ଚଳିତବର୍ଷ ୩୫୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ମୋ' ସରକାର ୨୦୦୬-୦୭ ବର୍ଷ ମଧ୍ୟରେ ଓମ୍‌ଫେଡ୍ ଦ୍ୱାରା ଦୈନିକ ୩.୫୦ ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ ଏବଂ ୧୦,୦୦୦ ଗ୍ରାମ୍ୟ କୃଷକଙ୍କ ପାଇଁ ଆତ୍ମନିଯୁକ୍ତି ସୃଷ୍ଟି କରିବାକୁ ଆଶା ରଖିଛନ୍ତି । ମୋ' ସରକାର କୃଷକମାନଙ୍କ ରୋଜଗାର ବଢ଼ାଇବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଅଧିକ ପୁଷ୍ଟି ସାଧନ ପାଇଁ କୁକୁଡ଼ା ପାଳନ ଏବଂ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ପଦକ୍ଷେପ ନେଇଛନ୍ତି । ସରକାର ପଶୁଧନ ରୋଗ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ । ଆମ ରାଜ୍ୟ ମଧୁରଜଳ, ଲୁଣିଜଳ ଏବଂ ସାମୁଦ୍ରିକ କ୍ଷେତ୍ରରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାଗୁଡ଼ିକରେ ଆଶାତୀତ ସଫଳତା ହାସଲ କରିଛି । ସରକାର ଜଳାଶୟଗୁଡ଼ିକରେ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ ପାଇଁ 'ରାଜ୍ୟ ଜଳାଶୟ ମତ୍ସ୍ୟନୀତି' ଅନୁମୋଦନ କରିଛନ୍ତି ଏବଂ ନିଷ୍ପତ୍ତି ନେଇଛନ୍ତି ଯେ ସେମିଇଣ୍ଟେନ୍‌ସିଭ୍ ମତ୍ସ୍ୟଚାଷ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଦୀର୍ଘମିଆଦୀ ସୂତ୍ରରେ ଗ୍ରାମପଞ୍ଚାୟତର ପୋଖରୀଗୁଡ଼ିକ ଯୋଗାଇ ଦିଆଯିବ । ୨୦୦୩-୦୪ ବର୍ଷରେ ମତ୍ସ୍ୟ ଉତ୍ପାଦନ (ମଧୁର ଓ ଲୁଣି) ୩.୦୭ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ଏହା ୨୦୦୪-୦୫ରେ ୩.୧୫ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ୨୦୦୫-୦୬ରେ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା ଅଧୀନରେ କେ.ବି.କେ. ଜିଲ୍ଲାଗୁଡ଼ିକରେ ମତ୍ସ୍ୟଚାଷର ଉନ୍ନତି ପାଇଁ ୫୭୦୯ ହେକ୍ଟର ପରିବ୍ୟାପ୍ତ ଅଞ୍ଚଳରେ ୧୩ ଗୋଟି ଜଳାଶୟ ହାତକୁ ନିଆଯାଇଛି । ୨୦୦୫-୦୬ ବର୍ଷରେ ମତ୍ସ୍ୟଜୀବୀ ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମତ୍ସ୍ୟଚାଷ ପାଇଁ ୧୦୧ ଗୋଟି ଜଳାଶୟ ହାତକୁ ନିଆଯାଇଛି ।

୮. ବିଭିନ୍ନ ସ୍ତରରେ କେତେକ ସମବାୟ ସମିତିର ନିର୍ବାଚନ ସମ୍ପନ୍ନ କରିବାରେ ବିଳମ୍ବ ଘଟିଥିବାରୁ ମୋ' ସରକାର ଉଦ୍‌ବିଗ୍ନ । ଜୁଲାଇ ୨, ୨୦୦୬ ସୁଦ୍ଧା ଏଗୁଡ଼ିକ ସମ୍ପନ୍ନ କରାଇବାକୁ ପ୍ରଚେଷ୍ଟା କରାଯିବ । ମୋ' ସରକାର ୨୦୦୩-୦୪ ମସିହାରୁ ତିନିବର୍ଷ ମଧ୍ୟରେ କୃଷିଋଣ ଦ୍ୱିଗୁଣିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ସ୍ୱଳ୍ପ ମିଆଦୀ ସମବାୟ ଋଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟରେ ଶସ୍ୟ ଋଣ ବିନିଯୋଗ ୨୦୦୪-୦୫ରେ ୨୯ ପ୍ରତିଶତ ଏବଂ ଖରିଫ ଋତୁରେ ୩୪ ପ୍ରତିଶତ ବୃଦ୍ଧି ପାଇଛି, ଯାହାକି ଏକ ଉଲ୍ଲେଖନୀୟ ସଫଳତା । ପ୍ରାୟ ୨୪.୨୫ ଲକ୍ଷ କିଷାନ୍ କ୍ରେଡିଟ୍ କାର୍ଡ଼ କୃଷକମାନଙ୍କୁ ପ୍ରଦାନ କରାଯାଇଛି । ତନ୍ମଧ୍ୟରୁ ୨.୨୩ ଲକ୍ଷ କିଷାନ୍ କ୍ରେଡିଟ୍ କାର୍ଡ଼ ୨୦୦୫-୦୬ ବର୍ଷ ମଧ୍ୟରେ ୩୧.୧୨.୦୫ ସୁଦ୍ଧା ପ୍ରଦାନ କରାଯାଇଛି । ଯେଉଁ କିଷାନ୍ କ୍ରେଡିଟ୍ କାର୍ଡ଼ଧାରୀ ଦୁଇ ବର୍ଷ ପର୍ଯ୍ୟନ୍ତ ନିୟମିତ ତାଙ୍କର ଋଣ ପରିଶୋଧ କରିଚାଲୁଛନ୍ତି, ତାଙ୍କୁ କଳିଙ୍ଗ କିଷାନ୍ ଗୋଲ୍‌ଡ କାର୍ଡ଼ ଯୋଗାଇ ଦିଆଯାଉଛି । ଡିସେମ୍ବର ୨୦୦୫ ସୁଦ୍ଧା ପ୍ରାୟ ୧.୨୭ ଲକ୍ଷ କଳିଙ୍ଗ କିଷାନ୍ ଗୋଲ୍‌ଡ କାର୍ଡ଼ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ୨୦୦୫-୦୬ ଆର୍ଥିକ ବର୍ଷର ୩୧.୧୨.୦୫ ସୁଦ୍ଧା ୦.୩୨ ଲକ୍ଷ କାର୍ଡ଼ ଯୋଗାଇ ଦିଆଯାଇଛି । ଯେଉଁ କିଷାନ୍ କ୍ରେଡିଟ୍ କାର୍ଡ଼ଧାରୀମାନେ ୧ ବର୍ଷ ପାଇଁ ସେମାନଙ୍କ ଋଣ ନିର୍ଦ୍ଦିଷ୍ଟ ସମୟରେ ପରିଶୋଧ କରିଛନ୍ତି, ସେମାନଙ୍କୁ କଳିଙ୍ଗ କିଷାନ୍ ସିଲଭର୍ କାର୍ଡ଼ ଯୋଗାଇ ଦିଆଯାଉଛି । ଡିସେମ୍ବର ୨୦୦୫ ସୁଦ୍ଧା ୧.୨୧ ଲକ୍ଷ କଳିଙ୍ଗ କିଷାନ କାର୍ଡ଼ ଯୋଗାଇ ଦିଆଯାଇଛି । ୨୦୦୫-୦୬ ଆର୍ଥିକ ବର୍ଷର ଡିସେମ୍ବର ୨୦୦୫ ସୁଦ୍ଧା ଶସ୍ୟହାନୀ ବାବଦରେ ଚାଷୀମାନଙ୍କୁ ଶସ୍ୟବୀମା ଯୋଜନା ମାଧ୍ୟମରେ ୧୫.୦୪ କୋଟି ଟଙ୍କା କ୍ଷତିପୂରଣ ଦିଆଯାଇଛି । ୨୦୦୫-୦୬ ବର୍ଷରେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକ ଜରିଆରେ ୧,୫୦,୦୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବା ପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ସେଥିମଧ୍ୟରୁ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ୧,୦୦,୦୦୦ ମେଟ୍ରିକ୍ ଟନ୍ ଏବଂ ରାଜ୍ୟ ସମବାୟ ବାଣିଜ୍ୟ ସଂଘ (ମାର୍କଫେଡ୍) ଜରିଆରେ ୫୦,୦୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ ।

୯. ରାଜ୍ୟର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଜୀବିକା ନିର୍ବାହ କ୍ଷେତ୍ରରେ ଜଙ୍ଗଲ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜନସହଯୋଗରେ ଜଙ୍ଗଲ ସମ୍ପଦ ବୃଦ୍ଧି ଓ ସୁରକ୍ଷା ଏବଂ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଅଧିବାସୀମାନଙ୍କ ଜୀବିକା ନିର୍ବାହ ନିମନ୍ତେ ସହାୟତା ପ୍ରଦାନ ସହ ଲୋକମାନଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି ପାଇଁ ମୋ' ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି । ଜଙ୍ଗଲ ସୁରକ୍ଷା ଓ ଏହାର ଯୁଗ୍ମ ପରିଚାଳନା କ୍ଷେତ୍ରରେ ରାଜ୍ୟରେ ୯,୫୪୯ ବନ ସଂରକ୍ଷଣ ସମିତି ଗଠନ କରାଯାଇଛି, ଯଦ୍ୱାରାକି ୮,୪୩୧ ବର୍ଗ କିଲୋମିଟର ଉଜୁଡ଼ା ଜଙ୍ଗଲ ଅଞ୍ଚଳର ସୁରକ୍ଷା ସଂଗେସଂଗେ ଏହାର ସଂରକ୍ଷଣ ଓ ଉନ୍ନତି ସାଧନ କରାଯାଇପାରିଛି । ୬୬୧୧ ବର୍ଗ କିଲୋମିଟର ଅଞ୍ଚଳରେ ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ଏବଂ ସମୁଦ୍ର କୂଳବର୍ତ୍ତୀ ୨୦ କି.ମି. ପ୍ରସ୍ଥ ବିଶିଷ୍ଟ ୧,୪୦୮ ବର୍ଗ କିଲୋମିଟର ଅଞ୍ଚଳରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ସୁରକ୍ଷିତ କରାଯାଇଛି । ୨୦୦୫-୦୬ ବର୍ଷରେ ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ବିଭିନ୍ନ ଯୋଜନା ମାଧ୍ୟମରେ ରାଜ୍ୟରେ ମୋଟ ୧୯,୦୯୦ ହେକ୍ଟର ଅଞ୍ଚଳରେ ବନୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ଔଷଧୀୟ ବୃକ୍ଷ ଓ ଗୁଳ୍ମଲତାର ବିକାଶ ନିମନ୍ତେ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ଼ ଆବଶ୍ୟକୀୟ ଗୁରୁତ୍ୱ ଦେଉଛନ୍ତି । ବର୍ତ୍ତମାନ ସୁଦ୍ଧା ୧୦୦୦ ଏକର ବେସରକାରୀ ଜମିରେ ଔଷଧୀୟ ବୃକ୍ଷ ଓ ଗୁଳ୍ମଲତା ରୋପଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ପୁନଃ ଜଙ୍ଗଲ ସୃଷ୍ଟି ପ୍ରକଳ୍ପରେ ୩୨୦୦ ହେକ୍ଟର ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବନୀକରଣ କାର୍ଯ୍ୟ ହାତକୁ ନିଆଯାଇଛି । କେନ୍ଦୁପତ୍ର ବ୍ୟବସାୟ ପ୍ରତିବର୍ଷ ୧୫୦ ଲକ୍ଷ ଶ୍ରମଦିବସ ସୃଷ୍ଟି କରୁଛି । କେନ୍ଦୁପତ୍ର ସଂଗ୍ରହ ଋତୁରେ ୯ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଉପକୃତ ହୋଇଛନ୍ତି । ମୋ' ସରକାର ଚଳିତବର୍ଷ ସଂଶୋଧିତ ବିକ୍ରିନୀତି ଦ୍ୱାରା କେନ୍ଦୁପତ୍ର ବ୍ୟବସାୟରେ ଉନ୍ନତି ଆଣି ପାରିଛନ୍ତି । ବାଉଁଶ ଜଙ୍ଗଲ ଥିବା ସମସ୍ତ ଜିଲ୍ଲାରେ ଚଳିତ ଋତୁରେ ନିଯୁକ୍ତି ସୃଷ୍ଟି କରୁଥିବା ବାଉଁଶ କାମ ନିର୍ଦ୍ଦିଷ୍ଟ ସମୟରେ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗ ୫୫ ଲକ୍ଷରୁ ଅଧିକ ଶ୍ରମଦିବସ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି । ଚିଲିକା ହ୍ରଦର ଜୈବ ପରିବେଶର ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ମୋ' ସରକାର ବାୟୁ ଓ ଜଳ ପ୍ରଦୂଷଣ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ୨୦ ମାଇକ୍ରନ୍‌ରୁ କମ୍ ପଲିଥିନ୍‌ର ବ୍ୟବହାର ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ନିର୍ଦ୍ଦେଶ ବିରୁଦ୍ଧରେ ଅପିଲ୍ ଶୁଣିବା ପାଇଁ ଜଳ ଆଇନ୍, ବାୟୁ ଆଇନ୍ ଓ ବାୟୋମେଡିକାଲ ନିୟମ ଅନୁଯାୟୀ ୩ଟି ଆପେଲଟ୍ ଅଥରିଟି ଗଠନ କରାଯାଇଛି ଏବଂ ସେମାନେ କାର୍ଯ୍ୟାରମ୍ଭ କରିଛନ୍ତି ।

୧୦. ଆଗାମୀ ୫ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳର ସମସ୍ତ ଗୃହକୁ ବିଦ୍ୟୁତିକରଣ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରିଥିବା ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ମୋ' ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଯୋଜନାରେ ୯୦ ପ୍ରତିଶତ ଅନୁଦାନ ଓ ୧୦ ପ୍ରତିଶତ ଋଣର ବ୍ୟବସ୍ଥା ରହିଛି । ରାଜ୍ୟରେ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ମୋ' ସରକାର ୨୦୦୫ ଅକ୍ଟୋବର-୫ ତାରିଖରେ ଆର୍.ଇ.ସି. ଲିମିଟେଡ୍, ପାୱାରଗ୍ରୀଡ଼୍, ଏନ୍.ଟି.ପି.ସି., ଏନ୍.ଏଚ୍.ପି.ସି. ଏବଂ ରାଜ୍ୟ ବିଦ୍ୟୁତ୍ ବ୍ୟବହାରୀ (ସେସ୍କୋ, ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ)ଙ୍କ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି । ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଜରିଆରେ ୪୬୯୬ଟି ଗ୍ରାମ, ପଡ଼ା ଓ ଦଳିତବସ୍ତିକୁ ବିଦ୍ୟୁତିକରଣ କରାଯିବ । ସେଥିମଧ୍ୟରୁ ୨୦୦୫ ଡିସେମ୍ବର ସୁଦ୍ଧା ୨୯୬୫ ଗ୍ରାମ ଓ ପଡ଼ାକୁ ବିଦ୍ୟୁତିକରଣ କରାଯାଇଛି । ରାଜ୍ୟର ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ପରେ ଗ୍ରୀଡ୍‌କୋ ତା' ଅଧୀନରେ ବଳକା ବିଦ୍ୟୁତ୍‌ଶକ୍ତି ରଖିବା ପାଇଁ ସକ୍ଷମ ହୋଇପାରିଛି । ଚଳିତବର୍ଷ ୨୦୦୫ ଡିସେମ୍ବର ସୁଦ୍ଧା ଗ୍ରୀଡ୍‌କୋ ୪୨୦ କୋଟି ଟଙ୍କାର ବଳକା ବିଦ୍ୟୁତ୍‌କୁ ପାୱାର ଟ୍ରେଡିଂ କର୍ପୋରେସନ୍ ଓ ନ୍ୟାସନାଲ୍ ବିଦ୍ୟୁତ୍ ବ୍ୟାପାର ନିଗମକୁ ବିକ୍ରି କରିଛି ।  ଇବ୍ ଉପତ୍ୟକାରେ ୨ଟି ଥର୍ମାଲ୍ ୟୁନିଟ୍ ସହାୟତାରେ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଅତି ଦକ୍ଷତାର ସହ କାର୍ଯ୍ୟ କରୁଛି । ଚଳିତବର୍ଷ ଏହି ସଂସ୍ଥା ୮୫ ପ୍ରତିଶତ ପ୍ଲାଣ୍ଟ୍ ଲୋଡ଼୍ ଫ୍ୟାକଟ୍ର ସଫଳତା ହାସଲ କରିପାରିଛି । ଏହି ସଂସ୍ଥା ଚଳିତବର୍ଷ ରାଜ୍ୟ ସରକାରଙ୍କୁ ୩୧.୨୫ କୋଟି ଟଙ୍କା ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ପ୍ରଦାନ କରିଛି । ରାଜ୍ୟରେ ଦ୍ରୁତ ବିଦ୍ୟୁତ୍ ଉନ୍ନୟନ ଓ ସଂସ୍କାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ୫୯୨ କୋଟି ଟଙ୍କା ବ୍ୟୟ ଅଟକଳର ୭ଟି ପ୍ରକଳ୍ପ ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁର କରାଯାଇଛି । ଉପରୋକ୍ତ ବ୍ୟୟଅଟକଳର ୫୦ ଭାଗ କେନ୍ଦ୍ର ସରକାର ଉଭୟ ସମାନୁପାତିକ ଋଣ ଏବଂ ଅନୁଦାନ ଆକାରରେ ଯୋଗାଇ ଦେବେ । ବ୍ୟୟ ଅଟକଳର ଅନ୍ୟ ୫୦ ଭାଗ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥା ନିଜ ସୂତ୍ରରୁ ବା କୌଣସି ଆର୍ଥିକ ସଂସ୍ଥାରୁ ଋଣ ଆଣି ବିନିଯୋଗ କରିବେ । ନଭେମ୍ବର ୨୦୦୫ ସୁଦ୍ଧା ଏହି ଦ୍ରୁତ ବିଦ୍ୟୁତ୍ ଉନ୍ନୟନ ଓ ସଂସ୍କାର କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ୭୪ କୋଟି ଟଙ୍କାର ସହାୟତା ପ୍ରାୟତଃ ବିନିଯୋଗ ହୋଇସାରିଛି ।

୧୧. ଇସ୍ପାତ୍ ଓ ଆଲୁମିନିୟମ୍ ଉତ୍ପାଦନ କରୁଥିବା ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ସଂସ୍ଥାମାନେ ଆମ ରାଜ୍ୟରେ କାରଖାନା ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ମୋ' ସରକାର ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଇସ୍ପାତ ଉତ୍ପାଦନ ନିମନ୍ତେ ୪୩ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ପ୍ରାୟ ୧,୩୭,୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ ଏବଂ ବର୍ଷକୁ ପ୍ରାୟ ୫୮ ମିଲିଅନ ଟନ୍ ଇସ୍ପାତ ଉତ୍ପାଦନ ହେବ । ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଏକ ପ୍ରସିଦ୍ଧ ଇସ୍ପାତ କମ୍ପାନୀ ମେସର୍ସ ପୋସ୍କୋ ଇଣ୍ଡିଆ ପ୍ରୋଜେକ୍ଟ (ପ୍ରା.) ଲିମିଟେଡ୍ ଯାହାକି ବିଶ୍ୱର ସର୍ବାଧିକ

ଇସ୍ପାତ ଉତ୍ପାଦନକାରୀ ସଂସ୍ଥାମାନଙ୍କ ମଧ୍ୟରେ ଅନ୍ୟତମ, ରାଜ୍ୟରେ ପ୍ରାୟ ୧୨ ବିଲିଅନ ୟୁ.ଏସ୍. ଡଲାର ପୁଞ୍ଜି ବିନିଯୋଗ କରି ବାର୍ଷିକ ୧୨ ମିଲିଅନ୍ ଟନ୍ କ୍ଷମତା ବିଶିଷ୍ଟ ଏକ ବୃହତ୍ ଇସ୍ପାତ୍ କାରଖାନା ପ୍ରତିଷ୍ଠା କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ସମୁଦାୟ ସ୍ୱାକ୍ଷରିତ ୪୩ଟି ବୁଝାମଣାପତ୍ର ମଧ୍ୟରେ କେବଳ ଚଳିତ ଆର୍ଥିକ ବର୍ଷରେ ୧୯ଟି କମ୍ପାନୀ ୯୬ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ବର୍ଷକୁ ପ୍ରାୟ ୩୫ ମିଲିଅନ ଟନ୍ ଇସ୍ପାତ୍ ଉତ୍ପାଦନ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ପ୍ରଖ୍ୟାତ ଆଦିତ୍ୟ ବିର୍ଲାଗ୍ରୁପ୍ ସହିତ ରାଜ୍ୟରେ ବର୍ଷକୁ ୧ ମିଲିଅନ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନା ରିଫାଇନାରୀ ସହିତ ସ୍ମେଲଟର୍ ପ୍ରତିଷ୍ଠା କରିବା ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ୨୦୦୫-୦୬ ବର୍ଷ ପାଇଁ ଓଡ଼ିଶା ଖଣି ନିଗମ ୫୧.୨୦ ଲକ୍ଷ ଟନ୍ ପରିମାଣର ବିଭିନ୍ନ ଖଣିଜ ପଦାର୍ଥ ଉତ୍ତୋଳନ କରିବା ପାଇଁ ନିଜସ୍ୱ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏହା ଗତବର୍ଷର ଉତ୍ତୋଳନ ପରିମାଣ ତୁଳନାରେ ୩୩ ପ୍ରତିଶତ ଅଧିକ । ୨୦୦୫-୦୬ ଆର୍ଥିକ ବର୍ଷରେ ଲୁହାପଥର ଉତ୍ତୋଳନର ପରିମାଣ ସର୍ବାଧିକ ୪୩ ଲକ୍ଷ ଟନ୍‌ରେ ପହଞ୍ଚିବ, ଯାହାକି ୨୦୦୪-୦୫ ଆର୍ଥିକ ବର୍ଷର ଉତ୍ପାଦନ ପରିମାଣ ତୁଳନାରେ ୪୦ ପ୍ରତିଶତରୁ ଅଧିକ ।

ମୋ' ସରକାର ପୁରୀ ଉପକୂଳ ସମୁଦ୍ର ବାଲିରେ ଥିବା ଭାରୀ ଖଣିଜ ପଦାର୍ଥର ଆକଳନ କରିବା ପାଇଁ ଅନୁସନ୍ଧାନ, ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ ରତ୍ନପଥର, କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ବକ୍ସାଇଟ୍, ଟଙ୍ଗଷ୍ଟେନ୍, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଗ୍ରାଫାଇଟ୍ ଅନୁସନ୍ଧାନ, କେଉଁଝର ଜିଲ୍ଲାରେ ପ୍ରାକୃତିକ ସମ୍ପଦର ବିକାଶ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ସମ୍ଭାବ୍ୟ ଖଣିଜ ପଦାର୍ଥର ଅନୁସନ୍ଧାନ ଆଦି କାର୍ଯ୍ୟ ଜାରି ରଖିଛନ୍ତି । ବେଆଇନ ଖଣି ସମ୍ବନ୍ଧୀୟ କାର୍ଯ୍ୟକଳାପ ଓ ଲୁହାପଥର ଓ ଅନ୍ୟ ଖଣିଜ ପଦାର୍ଥର ଚୋରାଚାଲାଣ ଏବଂ ତଦ୍‌ଜନିତ ରାଜସ୍ୱ କ୍ଷତିକୁ ରୋକିବା ପାଇଁ ଓଡ଼ିଶା ଖଣିଜ ପଦାର୍ଥ ଆଇନ୍-୧୯୮୯ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ପଦକ୍ଷେପ ନିଆଯାଉଛି ।

୧୨. ମୋ' ସରକାର ଦ୍ରୁତ ଶିଳ୍ପ ବିକାଶ, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଆର୍ଥିକ ଅଭିବୃଦ୍ଧି ଉଦ୍ଦେଶ୍ୟରେ ରାଜ୍ୟରେ ଏକ ଶିଳ୍ପ ପ୍ରତିଷ୍ଠା ଏବଂ ପୁଞ୍ଜି ବିନିଯୋଗ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଉପରୋକ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମୋ' ସରକାର ଓଡ଼ିଶା ଶିଳ୍ପ (ସୁବିଧା) ଆଇନ୍-୨୦୦୪କୁ ପ୍ରଚଳିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୁଞ୍ଜି ନିବେଶ ପ୍ରସ୍ତାବର ନିଷ୍ପତ୍ତି ଏବଂ ନିରୀକ୍ଷଣ କାର୍ଯ୍ୟକୁ ସରଳୀକୃତ କରିବା ଲକ୍ଷ୍ୟରେ ସିଙ୍ଗିଲ୍ ଉଇଣ୍ଡୋ ମେକାନିଜିମ୍ ପ୍ରଚଳନ କରିଛନ୍ତି । ଏହି ବ୍ୟବସ୍ଥା ରାଜ୍ୟସ୍ତରରେ କାର୍ଯ୍ୟକାରୀ ହୋଇସାରିଛି ।

ଜାତୀୟ ଏବଂ ଆନ୍ତର୍ଜାତୀୟ ପୁଞ୍ଜିନିବେଶକାରୀଙ୍କ ପାଇଁ, ବିଶେଷତଃ ଖଣିଜପଦାର୍ଥ କ୍ଷେତ୍ରରେ, ଓଡ଼ିଶା ଏକ ଆଦୃତ ଲକ୍ଷ୍ୟସ୍ଥଳ ରୂପେ ପରିଗଣିତ ହୋଇଛି । ୨୦୦୩-୦୪ ବର୍ଷଠାରୁ ଏବେ ସୁଦ୍ଧା ୪୬ଟି କମ୍ପାନୀ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି । ତନ୍ମଧ୍ୟରୁ ୪୩ଟି କମ୍ପାନୀ ୧,୩୭,୧୫୬ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ବାର୍ଷିକ ୫୮.୧୪ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ୍ କାରଖାନା ଓ ୨ଟି କମ୍ପାନୀ ୨୫,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗରେ ଆଲୁମିନିୟମ୍ କାରଖାନା ପ୍ରତିଷ୍ଠା କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଭାରତୀୟ ତୈଳନିଗମ ମଧ୍ୟ ପାରାଦ୍ୱୀପଠାରେ ୨୫,୦୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ବାର୍ଷିକ ୧୨ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ବିଶୋଧନାଗାର ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରୁଛନ୍ତି । ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ୪୩ ଗୋଟି ଇସ୍ପାତ୍ କମ୍ପାନୀ ମଧ୍ୟରୁ ୧୪ଟି କମ୍ପାନୀ ୧୦୭୫୦ କୋଟି ଟଙ୍କା ବିନିଯୋଗରେ ଡିସେମ୍ବର-୨୦୦୫ ସୁଦ୍ଧା ସେମାନଙ୍କର ଆଂଶିକ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିଛନ୍ତି । ଏହି କମ୍ପାନୀଗୁଡ଼ିକ ପ୍ରାୟ ୧୦,୦୦୦ ଲୋକଙ୍କ ନିମନ୍ତେ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି । ଅନ୍ୟ ୨୨ଟି କମ୍ପାନୀର ନିର୍ମାଣ କାର୍ଯ୍ୟ ଯୋଜନା ମୁତାବକ ଚାଲୁରହିଛି ଏବଂ ୨୦୦୬ ମସିହାରେ ସେମାନେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବେ ବୋଲି ଆଶା କରାଯାଉଛି । ଏହି କମ୍ପାନୀଗୁଡ଼ିକରେ ନିଯୁକ୍ତି କାର୍ଯ୍ୟକ୍ରମକୁ ତଦାରଖ କରାଯାଉଛି । ମୋ' ସରକାର ବିଭିନ୍ନ ଶିଳ୍ପ ସଂସ୍ଥା ଆବଶ୍ୟକ କରୁଥିବା ଯୋଗ୍ୟ ଏବଂ ଦକ୍ଷତା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ଯୋଗାଇ ଦେବାକୁ ନିଶ୍ଚିତ କରିବା ପାଇଁ ବର୍ତ୍ତମାନ ରାଜ୍ୟରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନମାନଙ୍କ ସହାୟତାରେ ସ୍କିଲ୍ ଡେଭେଲପ୍‌ମେଣ୍ଟ ଟ୍ରେନିଂ ମାଧ୍ୟମରେ ବର୍ତ୍ତମାନ ରହିଥିବା ଲୋକଶକ୍ତିର କର୍ମକୁଶଳତା ବୃଦ୍ଧି ନିମନ୍ତେ ମୋ' ସରକାର ପ୍ରତିଶ୍ରୁତିବଦ୍ଧ । ମୋ' ସରକାର ମଧ୍ୟ ଇସ୍ପାତ୍, ଆଲୁମିନିୟମ୍ ଏବଂ ତୈଳ ବିଶୋଧନାଗାର ପ୍ରକଳ୍ପର ଆନୁଷଙ୍ଗିକ ତଥା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହନ ଦେବାକୁ ପ୍ରତିଶ୍ରୁତିବଦ୍ଧ । ବୈଷୟିକ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଆଇ.ଆଇ.ଟି. ଖଡ଼୍ଗପୁର ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି । ଏହାଦ୍ୱାରା ବିଭିନ୍ନ ଇଞ୍ଜିନିୟରିଂ ଓ ଆନୁଷଙ୍ଗିକ ବିଭାଗର ସ୍ନାତକୋତ୍ତର ଏବଂ ଗବେଷଣା କାର୍ଯ୍ୟରେ ଉନ୍ନତି ଓ ଅଭିବୃଦ୍ଧି ପାଇଁ ଆବଶ୍ୟକ ସୁବିଧା ସୁଯୋଗ ମିଳିପାରିବ । ବିପୁଳ ପୁଞ୍ଜି ନିବେଶ ନିମନ୍ତେ ଭିତ୍ତିଭୂମି ସୁବିଧା ସୁଯୋଗର ଉନ୍ନତିକରଣ ଆବଶ୍ୟକ । ବେସରକାରୀ କ୍ଷେତ୍ରରେ ପୁଞ୍ଜିନିବେଶକୁ ଆକର୍ଷିତ କରିବା ନିମନ୍ତେ ମୋ' ସରକାର ଭିତ୍ତିଭୂମି ଉନ୍ନୟନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକ ନୀତି ପ୍ରଣୟନ କରିବାକୁ ଯାଉଛନ୍ତି । ଓଡ଼ିଶାରେ ପ୍ରସ୍ତାବିତ ପୁଞ୍ଜିନିବେଶ ପାଇଁ ଭିତ୍ତିଭୂମିର ବିକାଶ ନିମନ୍ତେ ଆବଶ୍ୟକ ସମର୍ଥନ ଯୋଗାଇ ଦେବା ପାଇଁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି ।

ମୋ' ସରକାର କ୍ଷୁଦ୍ର ଶିଳ୍ପ, ମଧ୍ୟମ ଶିଳ୍ପ, ହସ୍ତକର୍ମ ଓ କୁଟୀର ଶିଳ୍ପର ପୁନରୁଦ୍ଧାର ଓ ବିକାଶ ପାଇଁ ଉଦ୍ୟମ କରୁଛନ୍ତି । ବିଭିନ୍ନ ହସ୍ତଶିଳ୍ପ କ୍ଲଷ୍ଟର୍ ଉନ୍ନୟନ ପାଇଁ ଉପଯୁକ୍ତ କୌଶଳ ଗ୍ରହଣ କରାଯାଇଛି । ରାଜ୍ୟର ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସାମର୍ଥ୍ୟକୁ ବିଚାର କରି ଖଦୀ ଏବଂ ଗ୍ରାମୋଦ୍ୟୋଗ ଉନ୍ନୟନ ଉପରେ ଗୁରୁତ୍ୱ ଆରୋପ କରାଯାଉଛି ।

ମୋ' ସରକାର ଓଡ଼ିଶାର ଉଚ୍ଚକୁଶଳୀ ବୁଣାକାର ଏବଂ ରେଶମ ଚାଷୀଙ୍କର ପରିପୋଷକ ଜୀବିକାର୍ଜନ ନିଶ୍ଚିତ କରାଇବା ପାଇଁ ପ୍ରତିଶ୍ରୁତିବଦ୍ଧ । ବୁଣାକାରମାନଙ୍କର ବୈଷୟିକ ଜ୍ଞାନକୌଶଳ ପ୍ରୟୋଗରେ ଉତ୍ପାଦନ ଏବଂ ମାନବୃଦ୍ଧି ଦ୍ୱାରା ଓଡ଼ିଶା ହସ୍ତତନ୍ତର ଉତ୍ପାଦନକୁ ଦେଶ ଓ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଆନ୍ତର୍ଜାତୀୟ ଆୟୋଜନରେ ଅଂଶ ଗ୍ରହଣ ଏବଂ ଇ-କମର୍ସର ପ୍ରଚଳନ ଦ୍ୱାରା ବଜାର ବ୍ୟବସ୍ଥା ସୁଦୃଢ଼ ହେବ । ୨୦୦୫-୦୬ ବର୍ଷରେ (ଡିସେମ୍ବର ୨୦୦୫ ପର୍ଯ୍ୟନ୍ତ) ୧,୧୫,୨୧୬ ଜଣ ବ୍ୟକ୍ତି ହସ୍ତତନ୍ତ ଓ ରେଶମଚାଷ କ୍ଷେତ୍ରରେ ସ୍ଥାୟୀ ନିଯୁକ୍ତି ପାଇଛନ୍ତି । ୨୦୦୬-୦୭ ବର୍ଷରେ ଏହି ସଂଖ୍ୟା ୧,୫୧,୭୫୦କୁ ବୃଦ୍ଧି ପାଇବ । ଏହି କ୍ଷେତ୍ରର ଅଧିକ ଅଞ୍ଚଳରେ ରେଶମଚାଷ କାର୍ଯ୍ୟକ୍ରମରେ ଅଧିକ ନିଯୁକ୍ତି ସୃଷ୍ଟି ଏବଂ ୨୦୦୬-୦୭ରେ ସେମାନଙ୍କର ଅର୍ଥନୈତିକ ଅବସ୍ଥାକୁ ଭିତ୍ତିକରି ସକ୍ରିୟ ଭାବେ ସଫଳ ବୁଣାକାର ସମବାୟ ସମିତିକୁ ସୁଦୃଢ଼ କରିବା ଏହାର ମୁଖ୍ୟଲକ୍ଷ୍ୟ ହେବ ।

୧୩. ମୋ' ସରକାର ସୂଚନା ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ବୁଝାମଣାପତ୍ର ସ୍ୱାକ୍ଷରିତ ପରେ ଟି.ସି.ଏସ୍. ଏବଂ ୱିପ୍ରୋ ଭୁବନେଶ୍ୱର ଇନ୍‌ଫୋସିଟିଠାରେ ଜମି ଅଧିଗ୍ରହଣ କରିଛନ୍ତି । ଟି.ସି.ଏସ୍. ଭୁବନେଶ୍ୱର ପାଇଁ କ୍ୟାମ୍ପସ୍ ଉନ୍ନୟନ ଯୋଜନା ଚୂଡ଼ାନ୍ତ କରିସାରିଛି ଏବଂ ଚଳିତବର୍ଷ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବ । ହେକ୍ସୱେର ଟେକ୍ନୋଲୋଜି ଇନ୍‌ଫୋସିଟିଠାରେ ଜମି ପାଇଁ ଆବେଦନ କରିଛି ଏବଂ ମାଇଣ୍ଡିଟ୍ରୀ କନ୍‌ସଲଟିଂ ମଧ୍ୟ ଜମି ଅଧିଗ୍ରହଣ ପାଇଁ ଆବେଦନ ପ୍ରକ୍ରିୟା ଜାରି ରଖିଛି । ଏହି କମ୍ପାନୀଗୁଡ଼ିକ ସେମାନଙ୍କ କାର୍ଯ୍ୟ ଆରମ୍ଭର ପ୍ରଥମ ୨ ବର୍ଷ (୨୦୦୭-୦୮) ମଧ୍ୟରେ ରାଜ୍ୟରେ ପ୍ରାୟ ୫୦୦୦ ସଫ୍ଟୱେର ବୃତ୍ତିଧାରୀଙ୍କୁ ପ୍ରତ୍ୟକ୍ଷ ଭାବରେ ନିଯୁକ୍ତି ଦେବେ । ଏହାବ୍ୟତୀତ ପରୋକ୍ଷ ଭାବରେ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ । ଏହି ବୃତ୍ତିଧାରୀମାନଙ୍କର ସ୍ଥାନୀୟ ଆର୍ଥିକ ଅଭିବୃଦ୍ଧି ଘଟାଇବାରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ରହିବ । ମୋ' ସରକାର ମଧ୍ୟ ଟେଣ୍ଡର ଏବଂ ସଂଗ୍ରହ ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ଦକ୍ଷ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଉଦ୍ୟମ ଜାରି ରଖିଛନ୍ତି । ଇ-ପ୍ରୋକ୍ୟରମେଣ୍ଟ ବ୍ୟବସ୍ଥାର କାର୍ଯ୍ୟକାରିତା ଓଡ଼ିଶା ସରକାର, ହାଇଦ୍ରାବାଦସ୍ଥିତ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ମାର୍ଟ ଗଭର୍ଣ୍ଣମେଣ୍ଟ ଏବଂ ନ୍ୟାସ୍‌ନାଲ ଇନ୍‌ଫରମେଟିକ୍ ସେଣ୍ଟର ମିଳିତ ଭାବେ ହାତକୁ ନେଇଛନ୍ତି । ଓଡ଼ିଶା ସରକାରଙ୍କ ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱାର୍କ ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କର ସୂଚନା ପ୍ରଯୁକ୍ତି ବିଭାଗରୁ ଅନୁମତି ମିଳିଛି, ଯଦ୍ୱାରା ୨ ଏମ୍.ବି.ପି.ଏସ୍. ଡେଡିକେଟେଡ୍ ଲାଇନ୍ ସହ ସମସ୍ତ ଜିଲ୍ଲା ସଦର ମହକୁମା, ଉପଖଣ୍ଡ ସଦର ମହକୁମା, ବ୍ଲକ୍ ଏବଂ ତହସିଲ୍ ସଦର ମହକୁମା ସହ ରାଜ୍ୟ ସଦରମହକୁମାକୁ ସଂଯୋଗ କରିହେବ । ଏହି ଷ୍ଟେଟ୍‌ୱାଇଡ୍ ଏରିଆ ନେଟ୍‌ୱାର୍କ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଇ-ପ୍ରଶାସନ ଭିତ୍ତିଭୂମି ଯାହାକି ଜନସାଧାରଣଙ୍କ ନିକଟରେ ବିଭିନ୍ନ ସେବା ଯୋଗାଇ ଦେବାରେ ମୋ' ସରକାରଙ୍କୁ ସାହାଯ୍ୟ କରିବ । ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ଓଡ଼ିଶା ପାଇଁ ଇ-ପ୍ରଶାସନ ନିମନ୍ତେ ଏକ 'ରୋଡ୍‌ମ୍ୟାପ୍' ସଂପୂର୍ଣ୍ଣ ହେବାର ସମ୍ଭାବନା ଅଛି । ''ଟେକ୍ନୋଲୋଜି ଡେଭେଲପ୍‌ମେଣ୍ଟ ଫର୍ ଇଣ୍ଡିଆନ୍ ଲାଙ୍ଗୁଏଜେସ୍'' କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସମ୍ମିଶ୍ରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହା ଏହିବର୍ଷ ଉତ୍କଳ ଦିବସ ଦିନ ପ୍ରକାଶ ପାଇବାର ସମ୍ଭାବନା ଅଛି । ଏହାଦ୍ୱାରା ଓଡ଼ିଆ ଭାଷା ଗଣନା ସମ୍ଭବ ହେବା ସହିତ ଓଡ଼ିଶାର ଜନସାଧାରଣଙ୍କ ପାଇଁ ସୁଯୋଗର ନୂତନ ଦ୍ୱାର ଉନ୍ମୋଚନ କରିବ । ଇ-ଶିଶୁ ପ୍ରକଳ୍ପ ଓପେପା ଦ୍ୱାରା କାର୍ଯ୍ୟକାରୀ ହୋଇଛି, ଯାହାକି ଶିକ୍ଷାର ୩ ଗୋଟି ସ୍ତମ୍ଭ : ବିଦ୍ୟାଳୟ, ଶିକ୍ଷକ ଏବଂ ଶିଶୁ ସଂପର୍କିତ ତଥ୍ୟାଧାର ରଖିବାକୁ ଲକ୍ଷ୍ୟରଖି ଓପେପା ଓ ଓକାକ୍ ମିଳିତ ଭାବେ କାର୍ଯ୍ୟକାରୀ କରୁଛନ୍ତି । ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ଉଦ୍ଦେଶ୍ୟ ସାଧନ ଓ କୌଣସି ଶିଶୁ ଅଧାରୁ ସ୍କୁଲ ନଛାଡ଼ିବାକୁ ସୁନିଶ୍ଚିତ କରାଇବା ଦିଗରେ ଏହା ସହାୟକ ହେବ ।

୧୪. ମୋ' ସରକାର ନୂତନ କ୍ଷେତ୍ରରେ ବିଜ୍ଞାନ ଓ କାରିଗରୀ କୌଶଳର ଉନ୍ନତି ପାଇଁ ଗୁରୁତ୍ୱ ଆରୋପ କରୁଛନ୍ତି । ରାଜ୍ୟର ଅଗମ୍ୟ ଅଞ୍ଚଳଗୁଡ଼ିକୁ ଉପଗ୍ରହ ମାଧ୍ୟମରେ ଯୋଗାଯୋଗ ସୁବିଧା ପାଇଁ ଗ୍ରାମସାଟ୍ ପାଇଲଟ୍ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ମାଧ୍ୟମରେ ରାଜ୍ୟ ରାଜଧାନୀ, ସମସ୍ତ ଜିଲ୍ଲା ସଦରମହକୁମା, ସମସ୍ତ ବ୍ଲକ୍ ସଦରମହକୁମା ଏବଂ କେ.ବି.କେ. ଜିଲ୍ଲାର ୧୧୭୯ ଗ୍ରାମପଞ୍ଚାୟତ ସଦରମହକୁମାରେ ଉପଗ୍ରହକୁ ସିଧାସଳଖ ଯୋଗାଯୋଗ ଯନ୍ତ୍ର ସ୍ଥାପନ କରାଯାଇଛି । ୧.୧୦.୨୦୦୫ ମସିହାରେ ରାଜ୍ୟରେ ଏଡୁସାଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ କୋରାପୁଟ ଜିଲ୍ଲାର ୪ଟି ବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଉଛି । ଜୈବ ପ୍ରଯୁକ୍ତି ଏପରି ଏକ ସଫଳ କାରିଗରୀ ବିଦ୍ୟା ଯାହା ସମାଜର ବହୁବିଧ କ୍ଷେତ୍ରରେ ଉପଯୋଗ ହୋଇପାରିବ । ରାଜ୍ୟର ବିବିଧ ସମ୍ବଳକୁ ଦୃଷ୍ଟିରେ ରଖି ଏହି ଅତ୍ୟାଧୁନିକ ବୈଷୟିକ ବିଦ୍ୟା ଦ୍ୱାରା ରାଜ୍ୟ ଆର୍ଥିକ ମାନଦଣ୍ଡର ଉଲ୍ଲେଖନୀୟ ବୃଦ୍ଧି ଘଟିବ । ୨୦୦୫ ମସିହା ଜୁଲାଇ ୪ ତାରିଖରେ ରାଜ୍ୟରେ ଜୈବ ପ୍ରଯୁକ୍ତି ଉଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ ଏକ ଜୈବ ପ୍ରଯୁକ୍ତି ବିନିଯୋଗକାରୀ ସମ୍ମିଳନୀ ଆୟୋଜନ କରାଯାଇଥିଲା । ମୋ' ସରକାର ଭୁବନେଶ୍ୱରଠାରେ ଏକ ଜୈବ-ଆଇ.ଟି. ପାର୍କ ସ୍ଥାପନ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ରାଜ୍ୟରେ ଜୈବ ପ୍ରଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି

ଘଟାଇବା ଉଦ୍ଦେଶ୍ୟରେ ଏକ ଜୈବ ପ୍ରଯୁକ୍ତି ନୀତି ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବାକୁ ଯାଉଛି । ଅଣପାରମ୍ପରିକ ଶକ୍ତି ଉତ୍ସର ନବୀକରଣ ତଥା ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ମୋ' ସରକାର ବିଶେଷ ଭାବେ ତତ୍ପର । ଅଣପାରମ୍ପରିକ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ୬୪୭୪ ଗୋଟି ଗ୍ରାମ ବିଦ୍ୟୁତିକରଣ ହୋଇନଥିବା ଚିହ୍ନଟ କରାଯାଇଛି । ୨୦୦୬-୦୭ ବର୍ଷରେ ୧୦୦୦ଟି ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳକୁ ବିଦ୍ୟୁତିକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦୦୫ ମସିହା ଡିସେମ୍ବର ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ତ୍ରୟୋଦଶ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରୀ ମନ୍ତ୍ରଣାଳୟ ଏବଂ ରାଜ୍ୟ ବିଜ୍ଞାନ ଓ କାରିଗରୀ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ୨୦୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଗଣିତ କ୍ଷେତ୍ରରେ ଅଧିକ ଗବେଷଣା ତଥା ଅଧିକ ଜ୍ଞାନ ବୃଦ୍ଧି ନିମନ୍ତେ ମୋ' ସରକାର ଭୁବନେଶ୍ୱରଠାରେ ଏକ ଶ୍ରେଷ୍ଠ ଗଣିତ ପ୍ରତିଷ୍ଠାନ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ।

୧୫. ସାଧାରଣ କ୍ଷେତ୍ରଗୁଡ଼ିକରେ କ୍ଷତିରେ ଚାଲୁଥିବା ସାଧାରଣ ଉଦ୍ୟୋଗ ଓ ସମବାୟ ଉଦ୍ୟୋଗଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କରାଯାଇ ତାହାକୁ ଘରୋଇକରଣ କରିବାକୁ ମୋ' ସରକାର ଏକ ନୀତି ପ୍ରଣୟନ କରି ପ୍ରୟାସ ଜାରି ରଖିଛନ୍ତି । ଏହି ନୀତି ଅନୁଯାୟୀ କ୍ଷତିରେ ଚାଲୁଥିବା ଉଦ୍ୟୋଗଗୁଡ଼ିକୁ ଭଲସ୍ଥିତିକୁ ଆଣିବା ମୋ' ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଏହି ନିର୍ଦ୍ଦିଷ୍ଟ ନୀତି ଅନୁଯାୟୀ, ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କୁ ପୁନଃ ନିଯୁକ୍ତି ଦେଇପାରୁଥିବା ସଫଳ ଉଦ୍ୟୋଗୀମାନଙ୍କୁ ଏହି ଘରୋଇକରଣ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ସଚେତନ ଅଛନ୍ତି । ରାଜ୍ୟ ସରକାର କିଛି ସଫଳ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରିଛନ୍ତି ଯେଉଁମାନେ ରାଜ୍ୟରେ ସାଧାରଣ ଉଦ୍ୟୋଗଗୁଡ଼ିକୁ ଚାଲୁ ରଖିବେ । ଏହି ଉଦ୍ୟୋଗୀମାନଙ୍କୁ ସବୁପ୍ରକାର ପରିଚାଳନାଗତ ସ୍ୱାଧୀନତା ଦିଆଯିବ, ଯଦ୍ଦ୍ୱାରାକି ସେମାନେ ବ୍ୟବସାୟିକ ନୀତି ଅନୁସାରେ ଏହାକୁ ସୂଚାରୁ ରୂପେ ଚାଲୁ ରଖିବେ । ଏଥିନିମନ୍ତେ ମୋ' ସରକାର ସମସ୍ତ ପ୍ରୟାସ ଜାରି ରଖିଛନ୍ତି । ଏହିସବୁ କୋର ଉଦ୍ୟୋଗଗୁଡ଼ିକରେ ସ୍ୱଚ୍ଛତା, ଦାୟିତ୍ୱବୋଧ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏକ ଉତ୍ତମ ବିଧିବଦ୍ଧ ପ୍ରଶାସନ ବ୍ୟବସ୍ଥା ପ୍ରଣୟନ ନିମନ୍ତେ ମୋ' ସରକାର ଚେଷ୍ଟାରତ । ଉପରୋକ୍ତ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ମୋ' ସରକାର ଲୋକମାନଙ୍କର କଲ୍ୟାଣ ପାଇଁ ବହୁବିଧ ସାଧାରଣ ଉଦ୍ୟୋଗ ସଂସ୍କାର କାର୍ଯ୍ୟକ୍ରମ କରିଛନ୍ତି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ସମ୍ବଳ ସଂଗ୍ରହ ନିମନ୍ତେ କାର୍ଯ୍ୟ ଦକ୍ଷତା ବୃଦ୍ଧି ସହିତ ଆର୍ଥିକ ବୋଝକୁ ଲାଘବ କରିବା । କ୍ଷତିରେ ଚାଲୁଥିବା ଉଦ୍ୟୋଗଗୁଡ଼ିକ ଏବଂ ଶ୍ରମିକମାନଙ୍କର ସ୍ୱାର୍ଥକୁ ଦୃଷ୍ଟି ଦେବା ହେଉଛି ମୋ' ସରକାରଙ୍କ ଲକ୍ଷ୍ୟ । ଏହି ବହୁବିଧ ସାଧାରଣ ଉଦ୍ୟୋଗର ସଂସ୍କାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ଡି.ଏଫ୍.ଆଇ.ଡି. ଏବଂ ୟୁ.କେ. (ବ୍ରିଟେନ) ସରକାର ୩୦ ମିଲିୟନ୍ ପାଉଣ୍ଡ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମୋ' ସରକାର ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂଗୁଡ଼ିକୁ ସେମାନଙ୍କର ସ୍ୱେଚ୍ଛାକୃତ ଅବସର ଯୋଜନା ଏବଂ ସ୍ୱେଚ୍ଛାକୃତ ପୃଥକୀକରଣ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆର୍ଥିକ ସହାୟତା ଦେଉଛନ୍ତି । ୨୦୦୫-୦୬ ବର୍ଷ ମଧ୍ୟରେ ସ୍ୱେଚ୍ଛାକୃତ ଅବସର ଯୋଜନା/ସ୍ୱେଚ୍ଛାକୃତ ପୃଥକୀକରଣ ଯୋଜନାରେ ରାଜ୍ୟ ସାଧାରଣ କ୍ଷେତ୍ର ଉଦ୍ୟୋଗଗୁଡ଼ିକର ୬୩୨୩ (ନୂତନ ୫୨୫ + ବକେୟା ଦରମା ୫୭୯୮) ସଂଖ୍ୟକ କର୍ମଚାରୀଙ୍କୁ ଅଦ୍ୟାବଧି ୨୧.୭୯ କୋଟି ଟଙ୍କା ବଣ୍ଟନ କରାଯାଇଛି ।

୧୬. ମୋ' ସରକାର ଗ୍ରାମ୍ୟ ସଂଯୋଗୀକରଣକୁ ଗ୍ରାମ୍ୟ ଉନ୍ନୟନର ଚାବିକାଠି ରୂପେ ବିବେଚନା କରନ୍ତି, ଯାହାରକି କୃଷିଭିତ୍ତିକ ରୋଜଗାର ଏବଂ ଉତ୍ପାଦନଭିତ୍ତିକ ନିଯୁକ୍ତି ସୁଯୋଗ ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ରହିଛି । ରାସ୍ତା ସଂଯୋଗ ନଥିବା ବସତିଗୁଡ଼ିକୁ ରାସ୍ତା ସୁବିଧା ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ୪୦୬୭.୧୫ କି.ମି.ର ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଛି । ୨୦୦୬ ମାର୍ଚ୍ଚ ମାସ ସୁଦ୍ଧା ଅଧିକ ୧୧୮୯ କି.ମି.ର ସବୁଦିନିଆ ରାସ୍ତା ନିର୍ମାଣ କରାଯିବାର ଲକ୍ଷ୍ୟ ରହିଛି । ନାବାର୍ଡ଼ ସହାୟତାରେ ୧୫୧ ଗୋଟି ସେତୁ ଏବଂ ୩୬୮ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଆଉ ୭୫ ଗୋଟି ସେତୁ ଏବଂ ୬୮୭ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ତନ୍ମଧ୍ୟରୁ ୩୧ ଗୋଟି ସେତୁ ଏବଂ ୧୬୮ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି । ୨୦୦୬-୦୭ ବର୍ଷରେ ୨୫ ଗୋଟି ସେତୁ ଏବଂ ୩୯୦ କି.ମି. ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ପ୍ରସ୍ତାବ ରହିଛି । ୨୦୦୫-୦୬ ବର୍ଷରେ କେ.ବି.କେ. ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା ଜରିଆରେ ୪ ଗୋଟି ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ଏବଂ ୨୦୦୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ଆଉ ଅଧିକ ୪ ଗୋଟି ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯିବ ।

ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ସୁବିଧା ଉପଲବ୍ଧ ପାଇଁ ମୋ' ସରକାର ବିଶେଷ ଅଗ୍ରାଧିକାର ଦେଉଛନ୍ତି । ବିଗତ ୫ ବର୍ଷ ମଧ୍ୟରେ ୬୩୦୧୧ ନଳକୂପ ଏବଂ ୨୬୪୦ ପରିମଳ କୂପ ଓଡ଼ିଶାର ଗ୍ରାମାଞ୍ଚଳରେ ଖନନ କରାଯାଇଛି, ୧୭୬୦୦ଟି (ନୂତନ ଓ ଛାଡ଼ି ଯାଇଥିବା) ପାନୀୟ ଜଳ ସୁବିଧା ନଥିବା ବସତି, ୪୫୯୮ଟି ଆଂଶିକ ପାନୀୟ ଜଳ ସୁବିଧା ଥିବା ବସତି ଏବଂ ୧୩୬୨୪ଟି ଗ୍ରାମାଞ୍ଚଳ ସ୍କୁଲକୁ ମଧ୍ୟ ସ୍ୱଚ୍ଛ

ପାନୀୟ ଜଳର ସୁବିଧା ଯୋଗାଇ ଦିଆଯାଇଛି । ଏତଦ୍‌ବ୍ୟତୀତ ଜଳଯୋଗାଣରେ ଥିବା ସ୍ୱଚ୍ଛତା ତଥା ପରିମାଣଗତ ସମସ୍ୟାକୁ ଦୂର କରିବା ପାଇଁ ୬୨୬ ଗୋଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି । ୨୦୦୫-୦୬ ବର୍ଷ ମଧ୍ୟରେ (ଡିସେମ୍ବର ପର୍ଯ୍ୟନ୍ତ) ୮୩୮୨ ହସ୍ତଚାଳିତ ନଳକୂପ, ୨୨୩ଟି ପରିମଳ କୂପ ଖନନ କରାଯାଇଛି ଏବଂ ୧୧୨ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୪୨୪୧ଟି ସୁବିଧା ନଥିବା ଅଞ୍ଚଳ, ୧୪୧୮ ଆଂଶିକ ସୁବିଧା ଥିବା ବସତି ସହିତ ୨୫୨୨ ଗ୍ରାମାଞ୍ଚଳ ବିଦ୍ୟାଳୟରେ ସ୍ୱଚ୍ଛ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି । ସହଯୋଗଭିତ୍ତିକ ତଥା ଗୋଷ୍ଠୀ ପରିଚାଳିତ ସ୍ୱଜଳଧାରା ଅଧୀନରେ ୨୮୮ ଗୋଟି ପାନୀୟଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ୨୦୦୬-୦୭ ବର୍ଷ ପାଇଁ ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟକ୍ରମରେ ସୁବିଧା ନଥିବା/ଆଂଶିକ ସୁବିଧାଥିବା ବସତି, ଗ୍ରାମାଞ୍ଚଳ ବିଦ୍ୟାଳୟ ଏବଂ କ୍ଷତିଗ୍ରସ୍ତ ଜନବସତିର ପାନୀୟ ଜଳ ସମସ୍ୟା ଦୂରୀକରଣ ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟକ୍ରମ ଚାଲୁ ରହିବ । ରାଜ୍ୟରେ ପରିମଳ ବ୍ୟବସ୍ଥାକୁ ଉନ୍ନତ କରିବାକୁ ପ୍ରାୟ ୪୪୦ କୋଟି ଟଙ୍କା ପ୍ରକଳ୍ପ ଅଟକଳରେ ସମସ୍ତ ୩୦ ଗୋଟି ଜିଲ୍ଲାରେ ସମ୍ପୂର୍ଣ୍ଣ ପରିମଳ ଅଭିଯାନ ଯୋଜନା କାର୍ଯ୍ୟକାରୀ ହେଉଛି । ଉତ୍ତମ ପରିବେଶ ସୃଷ୍ଟି ନିମନ୍ତେ ସମସ୍ତ ଗ୍ରାମାଞ୍ଚଳର ପରିବାର, ସ୍କୁଲ ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡ଼ି ପିଲାଙ୍କ ଦ୍ୱାରା ପାଇଖାନା ବ୍ୟବହାରର ଆଗ୍ରହ ସୃଷ୍ଟି ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ଏହି କାର୍ଯ୍ୟକ୍ରମ ଅଧୀନରେ ୮.୨୨ ଲକ୍ଷ ଘରୋଇ ପାଇଖାନା, ୭୯୯୪ ସ୍କୁଲରେ ଏବଂ ୨୯୬ ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟ ସ୍ଥାପନ କରାଯାଇଛି ।

୧୭. ରାଜ୍ୟ ଯୋଗାଯୋଗ କ୍ଷେତ୍ରରେ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ପାଇଁ ରାଜ୍ୟ ରାଜପଥ, ଜାତୀୟ ରାଜପଥ, ଜିଲ୍ଲା ମୁଖ୍ୟରାସ୍ତା ତଥା ସେତୁଗୁଡ଼ିକର ନିର୍ମାଣ, ଉନ୍ନତିକରଣ, ଆବଶ୍ୟକୀୟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ ପାଇଁ ମୋ' ସରକାର ପ୍ରତିଶ୍ରୁତିବଦ୍ଧ । ୨୦୦୫-୦୬ ବର୍ଷ ମଧ୍ୟରେ ମୋ' ସରକାର ନାବାର୍ଡ଼ ସହାୟତା ପ୍ରାପ୍ତ ଆର.ଆଇ.ଡି.ଏଫ୍. କେନ୍ଦ୍ର ସଡ଼କ ପାଣ୍ଠି, କେ.ବି.କେ. ଅଞ୍ଚଳ ପାଇଁ କାର୍ଯ୍ୟକାରୀ ହେଉଥିବା ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା ଏବଂ ରାଜ୍ୟ ଯୋଜନା ପରି ବିଭିନ୍ନ ଯୋଜନା ଅଧୀନରେ ୮୭୧୬ ଲକ୍ଷ ଟଙ୍କା (୨୦୦୫ ଡିସେମ୍ବର ସୁଦ୍ଧା) ବିନିଯୋଗ କରି ୮ ଗୋଟି ସେତୁ ଏବଂ ୨୨୧ କି.ମି.ର ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ପର୍ଯ୍ୟଟନ ଗୁରୁତ୍ୱ ରଖୁଥିବା ସ୍ଥାନ ଏବଂ ସାଂସ୍କୃତିକ ଐତିହ୍ୟ ସଂପନ୍ନ ସ୍ଥାନମାନଙ୍କୁ ଦେଶ ତଥା ଦେଶ ବାହାରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ସେସବୁ ସ୍ଥାନକୁ ଉନ୍ନତ ରାସ୍ତା ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଭାରତ ସରକାରଙ୍କ ଯୋଜନା କମିଶନ ଦ୍ୱାରା ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତା ବିନିଯୋଗରେ ରାସ୍ତା ସଂଯୋଗର ଉନ୍ନତିକରଣ ଏବଂ ସୁଦୃଢ଼ୀକରଣ ପାଇଁ ମୋ' ସରକାର ଅନେକ ପଦକ୍ଷେପ ନେଇଛନ୍ତି । ୨୦୦୩-୦୪ ବର୍ଷରେ ଯୋଗାଇ ଦିଆଯାଇଥିବା ଅତିରିକ୍ତ କେନ୍ଦ୍ରୀୟ ସହାୟତା ଅର୍ଥରୁ ୨୦୦୪-୦୫ ବର୍ଷରେ ୧୩୩ କି.ମି. ଦୈର୍ଘ୍ୟ ରାସ୍ତା ସହିତ ସମସ୍ତ ୭ ଗୋଟି ରାସ୍ତା ପ୍ରକଳ୍ପର ଉନ୍ନତିକରଣ କରାଯାଇଛି । ପୁନଶ୍ଚ ୬ ଗୋଟି ରାସ୍ତା ପ୍ରକଳ୍ପ ଏବଂ ୧୦୦ କି.ମି. ଦୈର୍ଘ୍ୟ ବିଶିଷ୍ଟ ୨ ଗୋଟି ଶିଳ୍ପାଞ୍ଚଳ ରାସ୍ତା ପ୍ରକଳ୍ପ ପାଇଁ ଭାରତ ସରକାର ୨୦୦୪-୦୫ ବର୍ଷରେ ୪୩.୫ କୋଟି ଟଙ୍କା ଓ ୨୦୦୫-୦୬ ବର୍ଷ ପାଇଁ ୧୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ମୋ' ସରକାର କେନ୍ଦ୍ର ସରକାରଙ୍କ ଅନୁଦାନ ସହାୟତାରେ ୨୧.୭୩ କୋଟି ଟଙ୍କା ବ୍ୟୟ ଅଟକଳରେ ୫ ଗୋଟି ରାସ୍ତା ପ୍ରକଳ୍ପ କାର୍ଯ୍ୟ ଯଥା- ବିଶୋଇ-ତିରିଙ୍ଗ-ଟାଟା ରାସ୍ତା, ଜୟପୁର-କୋରାପୁଟ-ମାଲକାନଗିରି-ମୋଟୁ ରାସ୍ତା ଏବଂ ନୟାଗଡ଼-ଖଣ୍ଡପଡ଼ା ରାସ୍ତା, ଅନୁଗୁଳ ସହର ବଳୟରାସ୍ତା ଓ ନୟାଗଡ଼-ଓଡ଼ଗାଁ-ଲହୁଖାଲ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ରାଜ୍ୟରେ ଗଢ଼ି ଉଠୁଥିବା ଶିଳ୍ପାଞ୍ଚଳଗୁଡ଼ିକୁ ଉନ୍ନତମାନର ରାସ୍ତା ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏବଂ ଯୋଜନା କମିଶନଙ୍କ ସହାୟତାରେ ମୋ' ସରକାର ୨୦୦୫-୦୬ ବର୍ଷଠାରୁ ୩ ବର୍ଷ ମଧ୍ୟରେ, ଅର୍ଥନୈତିକ ଗୁରୁତ୍ୱ ଯୋଜନା ମାଧ୍ୟମରେ ୨୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ନରଣପୁର-ପଣ୍ଡାପଡ଼ା-ହରିଚନ୍ଦନପୁର-ବ୍ରାହ୍ମଣୀପାଳ-ଡୁବୁରୀ ରାସ୍ତାର ଉନ୍ନତିକରଣ କରୁଛନ୍ତି । କଟକ-ପାରାଦ୍ୱୀପ ରାସ୍ତାକୁ ଉନ୍ନତିକରଣ କରାଯାଇ କଂକ୍ରିଟ ରାସ୍ତାରେ ପରିଣତ କରିବା ପାଇଁ ୧୩୨ କୋଟି ଟଙ୍କାର ବ୍ୟୟଅଟକଳ କରାଯାଇଛି । ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ, ଓଡ଼ିଶା ଖଣି ନିଗମ ଏବଂ ଭାରତୀୟ ତୈଳ ନିଗମଙ୍କୁ ଏଥିନିମନ୍ତେ ଅର୍ଥ ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି । ରାଜଧାନୀରେ ରାସ୍ତା ଭିତ୍ତିଭୂମିର ଉନ୍ନତିକରଣ, ବିମାନ ବନ୍ଦରଠାରୁ ଡମଣାଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ଚଳିତବର୍ଷରେ ଏକ ଭୂତଳ ରାସ୍ତା ଯାହାକି ୧ ନମ୍ବର ମାର୍କେଟ ସହିତ ମାର୍କେଟ ବିଲଡିଙ୍ଗକୁ ସଂଯୋଗ କରୁଛି, ତାହାକୁ ସମ୍ପୂର୍ଣ୍ଣ କରାଯାଇ ଜନସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ କରାଯାଇଛି । ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପ ଯୋଜନା ମାଧ୍ୟମରେ ବିଶ୍ୱବ୍ୟାଙ୍କ ସହାୟତାରେ ୧୨୦୦ କୋଟି ଟଙ୍କା ବ୍ୟୟଅଟକଳରେ ୮୨୫ କି.ମି. ଦୈର୍ଘ୍ୟ ବିଶିଷ୍ଟ ୭ ଗୋଟି ରାସ୍ତା ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯିବ । ମୋ' ସରକାର ମୋଟୁ-ମାଲକାନଗିରି-ଯଶିପୁର-ରାଇରଙ୍ଗପୁର (ବିଜୟୱାଡ଼ା-ରାଞ୍ଚିର ଆଂଶିକ) ରାସ୍ତାକୁ ଜାତୀୟ ରାଜପଥ ରାସ୍ତାର ମାନ୍ୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ଜାତୀୟ ରାଜପଥ-୪୩ର ୧୨୧୫ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ମାଲକାନଗିରି ଜିଲ୍ଲାର ମୋଟୁ ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ତାହା ଆଦିବାସୀ ସମ୍ପ୍ରଦାୟଙ୍କର ଜୀବିକା ନିର୍ବାହ ତଥା ଅର୍ଥନୈତିକ କ୍ଷେତ୍ରରେ ମୁଖ୍ୟ ଆଧାର ରୂପେ କାର୍ଯ୍ୟ କରିଥାଏ । ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ପାଖରେ ବିଚାରାଧୀନ ଅଛି । ୨୦୦୬-୦୭ ବର୍ଷରେ ୨୩୩ କୋଟି ଟଙ୍କା ବ୍ୟୟଅଟକଳରେ ବିଭିନ୍ନ ପରିକଳ୍ପନା ମାଧ୍ୟମରେ ୨୨ ଗୋଟି ସେତୁ ଏବଂ ୪୭୫ କି.ମି. ପୂର୍ତ୍ତ ରାସ୍ତାର ଉନ୍ନତିକରଣ ପାଇଁ ମୋ' ସରକାର ଯୋଜନା କରିଛନ୍ତି ।

୧୮. ମୋ’ ସରକାର ଘରୋଇ ସଂସ୍ଥା ମାଧ୍ୟମରେ ଗୋପାଳପୁର ବନ୍ଦରକୁ ଏକ ସବୁଦିନିଆ ବନ୍ଦରରେ ପରିଣତ କରିବା ପାଇଁ ନିଷ୍ପତ୍ତି କରିଛନ୍ତି । ଘରୋଇ ସଂସ୍ଥାଗୁଡ଼ିକର ମନୋନୟନ ପ୍ରକ୍ରିୟା ରାଇଟ୍ସ ଦ୍ୱାରା ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ଶେଷ ହେବ । ଧାମରାଠାରେ ଆନ୍ତର୍ଜାତୀୟମାନର ଏକ ବୃହତ୍ ବନ୍ଦର ପ୍ରତିଷ୍ଠା ନିମନ୍ତେ ଏଲ୍. ଆଣ୍ଡ ଟି. ଏବଂ ଟିସ୍କୋ ମିଳିତ ଭାବେ ଏହି କାର୍ଯ୍ୟ ହାତକୁ ନେଇ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରିବେ । ଓଡ଼ିଶାରେ ଆନ୍ତର୍ଦେଶୀୟ ଜଳ ପରିବହନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧୀନରେ ମଞ୍ଜୁର ହୋଇଥିବା ପାଣ୍ଠିରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରେଳବାଇ ନେଟ୍‌ୱାର୍କ ସମ୍ପ୍ରସାରଣ ଏବଂ ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ନୂତନ ରେଳ ଚଳାଚଳ ଏବଂ ରାଜ୍ୟରେ ଉତ୍ତମ ସୁବିଧା ସୁଯୋଗଗୁଡ଼ିକ ଉପଲବ୍ଧ କରାଇବାକୁ ଭାରତ ସରକାରଙ୍କ ସହିତ ମୋ’ ସରକାର ନିରନ୍ତର ଯୋଗାଯୋଗ କରୁଛନ୍ତି । ୨୦୦୫ ମସିହା ଡିସେମ୍ବର ମାସଠାରୁ ଖଡଗପୁରଠାରୁ ବିଶାଖାପାଟଣା ରେଳପଥର ବିଦ୍ୟୁତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରାଯାଇଛି । ୨୦୦୫-୦୬ ବର୍ଷରେ ୩ ଗୋଟି ନୂତନ ଟ୍ରେନ୍ ଯଥା- ସପ୍ତାହକୁ ଦୁଇଦିନ ଭୁବନେଶ୍ୱରଠାରୁ ନୂଆଦିଲ୍ଲୀ ମଧ୍ୟରେ ସଂପର୍କକ୍ରାନ୍ତି ଏକ୍ସପ୍ରେସ୍, ବ୍ରହ୍ମପୁରଠାରୁ କଟକ-ଯାଜପୁର କେନ୍ଦୁଝର ରୋଡ୍ ମଧ୍ୟରେ ନୂତନ ଡି.ଏମ୍.ୟୁ. ପାସେଞ୍ଜର ଟ୍ରେନ୍ ଏବଂ କଟକରୁ ପାରାଦୀପ ପାସେଞ୍ଜର ଟ୍ରେନ୍ ଚଳାଚଳ କରୁଛି । ଏହିବର୍ଷ ଦୁଇଟି ନୂତନ ଟ୍ରେନ୍ ଯଥା- ରୁପ୍ସା-ବାଙ୍ଗିରିପୋଷୀ ଡି.ଏମ୍.ୟୁ. (ପରିବର୍ତ୍ତନ ପରେ) ଏବଂ ଭୁବନେଶ୍ୱର-ସମ୍ବଲପୁର ଏକ୍ସପ୍ରେସ ଟ୍ରେନ୍ ପାଇଁ ଅନୁମୋଦନ ମିଳିଛି । କେତେକ ଗୁରୁତ୍ୱପୂର୍ଣ୍ଣ ଦୂରଗାମୀ ଏକ୍ସପ୍ରେସ୍ ଟ୍ରେନ୍‌ର ଯାତାୟାତ ଦିବସକୁ ବୃଦ୍ଧି କରାଯାଇଅଛି । ମୋ’ ସରକାର ପରିବହନ କ୍ଷେତ୍ରରେ ଏକ ଦକ୍ଷ ଏବଂ ସ୍ୱଚ୍ଛ ପ୍ରଶାସନ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ । ୧୦ ଗୋଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ୭ ଗୋଟି ତନଖି ଫାଟକ ସହିତ ରାଜ୍ୟ ପରିବହନ କର୍ତ୍ତୃପକ୍ଷ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ କରାଯାଇଛି । ସ୍ମାର୍ଟକାର୍ଡ଼ ଆଧାରିତ ଡ୍ରାଇଭିଂ ଲାଇସେନ୍ସ ଏବଂ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍‌ଗୁଡ଼ିକ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟମାନଙ୍କରେ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ । ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ବିଭିନ୍ନ ପଦକ୍ଷେପ ଜରିଆରେ ଆର୍ଥିକ ଏବଂ ପରିଚାଳନାଗତ ବ୍ୟବସ୍ଥାକୁ ସୁସଂଗଠିତ କରିବାକୁ ବିଭିନ୍ନ ପଦକ୍ଷେପ ଜାରି ରଖିଛି ।

୧୯. ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ପାଇଁ ରାଜ୍ୟରେ ପର୍ଯ୍ୟଟନର ବିକାଶ ଏବଂ ଉନ୍ନତି ପାଇଁ ମୋ’ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି । କାର୍ଯ୍ୟକ୍ରମ ପ୍ରଚାର ଓ ବୃତ୍ତିଗତ ଭାବେ ପର୍ଯ୍ୟଟନ ପ୍ରସଙ୍ଗର ପରୀକ୍ଷାନିରୀକ୍ଷା ଏବଂ ଏହାର ପ୍ରଚାର ପ୍ରସାର କାର୍ଯ୍ୟ ହାତକୁ ନେବାକୁ ଗଣମାଧ୍ୟମ ପରିଚାଳନା ଏଜେନ୍ସି ଏବଂ ଇଭେଣ୍ଟ ମ୍ୟାନେଜରମାନଙ୍କୁ ଚିହ୍ନଟ କରାଯାଇଛି । ସ୍ପନ୍ଦନଶୀଳ ପର୍ଯ୍ୟଟକ ଗନ୍ତବ୍ୟସ୍ଥଳି ଭାବେ ଓଡ଼ିଶାକୁ ପୁନଃ ଉପସ୍ଥାପନ ଏବଂ ପରିଚିତି ଦେବାକୁ ଏକ ନୂତନ ଲୋଗୋ ପ୍ରଚଳନ କରାଯାଇଛି । ଓଡ଼ିଶା ପର୍ଯ୍ୟଟନ ୱେବ୍‌ସାଇଟ୍ ଆଧୁନିକୀକରଣ ହୋଇଛି । ପର୍ଯ୍ୟଟନସ୍ଥଳି ବିକାଶ ଯୋଜନାରେ ଧଉଳିଠାରେ ଏକ ଶାନ୍ତି ଉଦ୍ୟାନ ପ୍ରତିଷ୍ଠା, ପର୍ଯ୍ୟଟନବଳୟ ଯୋଜନାରେ ରତ୍ନଗିରି, ଲଳିତଗିରି, ଉଦୟଗିରି ଏବଂ ଲାଙ୍ଗୁଡ଼ିକୁ ନେଇ ଗଠିତ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ଏବଂ ଗ୍ରାମ୍ୟ ବିକାଶ ପ୍ରକଳ୍ପ ଜରିଆରେ ପିପିଲିଠାରେ ପର୍ଯ୍ୟଟନ ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପର୍ଯ୍ୟଟନର ବିକାଶ ସହିତ ଏହାର ବଜାର ବୃଦ୍ଧି ନିମନ୍ତେ ଇଡ୍‌କୋ ଜରିଆରେ ପୁରୀ ଏବଂ ଚିଲିକା ମଧ୍ୟରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଅଞ୍ଚଳର ଉନ୍ନତିକରଣ କରାଯାଉଛି । ପର୍ଯ୍ୟଟନ ଗନ୍ତବ୍ୟସ୍ଥଳି ଯୋଜନାରେ ସାକ୍ଷୀଗୋପାଳ, ଗୋପାଳପୁର, ତପ୍ତପାଣି ଏବଂ ଭୁବନେଶ୍ୱରର ଏକାମ୍ରହାଟ ପରି ଭୁବନେଶ୍ୱର-ଧଉଳୀ-ପୁରୀ-କୋଣାର୍କଠାରେ ଅନୁରୂପ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାର ୪ ଗୋଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି । ଚିଲିକା ଏବଂ ଭିତରକନିକାଠାରେ ପରିବେଶ ପର୍ଯ୍ୟଟନର ବିକାଶ ପାଇଁ ଏବଂ ପର୍ଯ୍ୟଟନ ବଳୟ ଅଧୀନରେ ବାଳକାଟି, ନୂଆପାଟଣା, ମହେନ୍ଦ୍ରଗିରି, ମାଣିକପାଟଣା, ହୀରାପୁର, ସଦେଇବେରଣୀ, ଖିଚିଂ, ବରପାଲି ଏବଂ ପଦ୍ମନାଭପୁର ଓ ଦେଓମାଳି-ଯାଜପୁର-ଅପରକୋଲାବ୍-ଗୁପ୍ତେଶ୍ୱର-କୋରାପୁଟ-ନନ୍ଦପୁର-ସୁବେଇ ସହିତ ଚାନ୍ଦିପୁର-ତଳସାରୀ-ଉଦୟପୁର-ଚନ୍ଦନେଶ୍ୱର-ରେମୁଣା-ପଞ୍ଚଲିଙ୍ଗେଶ୍ୱର-ନୀଳଗିରିର ଗ୍ରାମାଞ୍ଚଳ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପ୍ରସ୍ତାବ ଭାରତ ସରକାରଙ୍କ ବିଚାର ପାଇଁ ଉପସ୍ଥାପନ କରାଯାଇଛି । ପର୍ଯ୍ୟଟନର ବିକାଶ ତଥା ବ୍ୟବସାୟୀକରଣ ଉଦ୍ଦେଶ୍ୟରେ ନିୟମିତ ଭାବେ ପର୍ଯ୍ୟଟନ ମେଳା ଓ ମହୋତ୍ସବର ଆୟୋଜନ କରାଯାଉଛି । ଚଳିତବର୍ଷର ପ୍ରମୁଖ ଉତ୍ସବମାନଙ୍କ ମଧ୍ୟରେ ପୁରୀର ଶ୍ରୀକ୍ଷେତ୍ର ଉତ୍ସବ, ଭୁବନେଶ୍ୱରର ଏକାମ୍ର ଉତ୍ସବ ଏବଂ କୋଣାର୍କର କୋଣାର୍କ ଉତ୍ସବ ପ୍ରଭୃତି ଯାହାକି ଓଡ଼ିଶାର ଅନ୍ତର୍ନିହିତ ପର୍ଯ୍ୟଟନ ଓ ସାଂସ୍କୃତିକ ପରମ୍ପରାର ପ୍ରଦର୍ଶନ ଥିଲା । ଜାତୀୟ ତଥା ଆନ୍ତର୍ଜାତିକ ବଜାରରେ ଓଡ଼ିଶାକୁ ପର୍ଯ୍ୟଟନର ଗନ୍ତବ୍ୟସ୍ଥଳି ଭାବେ ଆକର୍ଷିତ କରିବା ନିମନ୍ତେ ବ୍ୟାଙ୍କକ୍‌ର ବୌଦ୍ଧ ଉତ୍ସବ, ମସ୍କୋର ଅବକାଶ ମସ୍କୋ, ଲଣ୍ଡନର ଡବ୍ଲ୍ୟୁ.ଟି.ଏମ୍, କୁଆଲାଲୁମ୍ପୁର ପି.ଏ.ଟି.ଏ. ସଭା, କୋଚିର ଆଇ.ଏ.ଟି.ଓ. କଲିକତାର ଟି.ଟି.ଏଫ., ରାୟପୁରର ରୋଡ ପ୍ରଦର୍ଶନ ଇତ୍ୟାଦି ପ୍ରଭୃତିରେ ଓଡ଼ିଶା ପର୍ଯ୍ୟଟନ ଭାଗ ନେଇଥିଲା । ଗାଇଡ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଚାଲୁ ରହିଛି । ପର୍ଯ୍ୟଟନ ଭିତ୍ତିଭୂମି ବୃଦ୍ଧି ନିମନ୍ତେ ଘରୋଇ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରାଯାଇ ୩୭୩ ଜଣ ଗାଇଡ୍‌ଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏହି ନୀତିର ଏକ ଅଂଶ ସ୍ୱରୂପ ଓଡ଼ିଶାରେ ହୋଟେଲ ନିର୍ମାଣ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ମୁମ୍ବାଇର ମେସର୍ସ ରୁଟ୍ସ ନିଗମ ଲିମିଟେଡ୍ ଓ ଲକ୍ଷ୍ମୀ ଫ୍ରାଙ୍କ୍‌ଲିନ୍ ଗ୍ରୁପ୍ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ରୁଟ୍ସ୍ କରପୋରେସନ୍‌ର ଭୁବନେଶ୍ୱରରେ ଇଣ୍ଡିଓ୍ୱାନ୍ ହୋଟେଲ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା, ଦେଶରେ ଏକ ଆଗୁଆ ରାଜ୍ୟ ରୂପେ ପରିଗଣିତ ହେବାକୁ ଯାଉଛି ।

୨୦. ମୋ' ସରକାର ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ସୁରକ୍ଷା ତଥା ବିକାଶ ଲକ୍ଷ୍ୟ ରଖିଛନ୍ତି ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳର କଳା ଓ ସଂସ୍କୃତିର ବିକାଶରେ ମନୋନିବେଶ କରିଛନ୍ତି । ମୋ' ସରକାରଙ୍କ ପକ୍ଷରୁ ରାଜ୍ୟର ଅକ୍ଷମ କଳାକାରମାନଙ୍କନିମନ୍ତେ ପେନ୍‌ସନ୍ ସୁବିଧା, ଦୁଃସ୍ଥ କଳାକାରମାନଙ୍କୁ କଳାକାର କଲ୍ୟାଣପାଣ୍ଠି ମାଧ୍ୟମରେ ଆର୍ଥିକ ସହାୟତା, ପୁରାତନ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ତଥା ସୁରକ୍ଷା, କଳା ଓ କାରିଗରୀ, ସଙ୍ଗୀତ ଓ ବାଦ୍ୟ, ନୃତ୍ୟ ଓ ନାଟକ କ୍ଷେତ୍ର ପାଇଁ ତାଲିମ୍ କାର୍ଯ୍ୟକ୍ରମର ବ୍ୟବସ୍ଥା ଇତ୍ୟାଦି ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମୋ' ସରକାର ଓଡ଼ିଶାର ଲୋକନୃତ୍ୟ ସଂସ୍କୃତିକୁ ଅଧିକ ଜନପ୍ରିୟ ତଥା ବଳିଷ୍ଠ କରିବା ପାଇଁ ଗୁରୁତ୍ୱାରୋପ କରୁଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ଉତ୍ସବ ଆୟୋଜନ କରାଯିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ 'କଳାମଣ୍ଡଳ' ନାମରେ ଏକ ବହୁମୁଖୀ ସାଂସ୍କୃତିକ ମଣ୍ଡପ ଭୁବନେଶ୍ୱରଠାରେ ନିର୍ମାଣ କରାଯାଉଛି । ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ଯୋଜନାରେ ଗ୍ରାମାଞ୍ଚଳ ପାଠାଗାର ଏବଂ ଗାନ୍ଧୀ ପାଠାଗାରଗୁଡ଼ିକୁ ପୁସ୍ତକ ପ୍ରଦାନ ତଥା ସଂରକ୍ଷଣ ସୁବିଧା ଇତ୍ୟାଦି ଯୋଗାଇ ଦିଆଯାଉଛି । ଏହା ଦ୍ୱାରା ରାଜ୍ୟର ଛାତ୍ରଛାତ୍ରୀ, ଗବେଷକ ଏବଂ ଜନସାଧାରଣ ଉପକୃତ ହୋଇପାରୁଛନ୍ତି । ସଂସ୍କୃତିର ସମସାମୟିକ ଅନୁଭବ ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥଙ୍କ ଚେତନାର ପ୍ରଚାର ଓ ପ୍ରସାର ନିମନ୍ତେ ରାଜ୍ୟ ସରକାର 'ଶ୍ରୀଜଗନ୍ନାଥାୟନ' ନାମରେ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । ଜଗନ୍ନାଥ ଚେତନା ଉପରେ ଗଭୀର ଆଲୋକପାତ, ଜ୍ଞାନ ଓ ଭକ୍ତିମାର୍ଗର ସଠିକ୍ ବିଶ୍ଳେଷଣ କରିବା ସହିତ ପରମ୍ପରା ଆଧୁନିକତାର ସଂପର୍କକୁ ନିବିଡ଼ କରୁଥିବା କଳାତ୍ମକ ପରିପ୍ରକାଶ ଲାଗି ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଆଉ ମଧ୍ୟ ୨୦୦୬-୦୭ ପ୍ରାରମ୍ଭରୁ ୪ ବର୍ଷ ପାଇଁ ରାଜ୍ୟରେ ଐତିହ୍ୟ ସଂରକ୍ଷଣ ନିମନ୍ତେ ମୋ' ସରକାରଙ୍କ ଉଦ୍ୟମକ୍ରମେ ଦ୍ୱାଦଶ ଅର୍ଥ କମିଶନ ୫୦ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବା ପାଇଁ ସହମତି ପ୍ରକାଶ କରିଛନ୍ତି ।

୨୧. ମୌଳିକ ଶିକ୍ଷାର ସାର୍ବଜନୀନକରଣକୁ ମୋ' ସରକାର ଅଗ୍ରାଧିକାର ଦେଇଆସୁଛନ୍ତି । ମୌଳିକ ଶିକ୍ଷାସ୍ତରରେ ଥିବା ସ୍କୁଲମାନଙ୍କରେ ୭୦.୧୮ ଲକ୍ଷ ପିଲାଙ୍କ ନାମ ଲେଖାଯାଇଛି । ରାଜ୍ୟରେ ପିଲାମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ ଯୋଜନା ଓ ବିକାଶ ଉଦ୍ଦେଶ୍ୟରେ ୨୦୦୫ ମସିହା ଅକ୍ଟୋବର ମାସଠାରୁ ଓଡ଼ିଶା ଶିଶୁ ଗଣନା-୨୦୦୫ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ପ୍ରଦତ୍ତ ପାଣ୍ଠିର ବିନିଯୋଗ କରି ଜାତୀୟ ସ୍ତରରେ ଆମ ରାଜ୍ୟ ସୁନାମ ଅର୍ଜନ କରିପାରିଛି । ୨୦୦୫-୦୬ ବର୍ଷରେ 'ପୁସ୍ତକମେଳା' ମାଧ୍ୟମରେ ମୋ' ସରକାର ସରକାରୀ ବିଦ୍ୟାଳୟ, ଅନୁଦାନପ୍ରାପ୍ତ ସ୍କୁଲ ଏବଂ ନିଶ୍ଚିତ ଶିକ୍ଷା କେନ୍ଦ୍ରର ୬୦,୯୩,୦୦୦ ମୌଳିକ ଶିକ୍ଷାର ଛାତ୍ରଛାତ୍ରୀଙ୍କୁ ୩.୧୭ କୋଟି ପାଠ୍ୟପୁସ୍ତକ ମାଗଣାରେ ଯୋଗାଇ ଦେଇଛନ୍ତି । ଏହି ବର୍ଷ ମୋ' ସରକାର ଗ୍ରାମ୍ୟ ଶିକ୍ଷା କମିଟି ଜରିଆରେ ବିଭିନ୍ନ ସରକାରୀ ମୌଳିକ ଶିକ୍ଷାନୁଷ୍ଠାନଗୁଡ଼ିକରେ 'ସ୍କୁଲ ପୋଷାକ ବଣ୍ଟନ ମେଳା' ମାଧ୍ୟମରେ ୨୪.୮୪ ଲକ୍ଷ ଛାତ୍ରୀଙ୍କୁ ମାଗଣାରେ ପୋଷାକ ବଣ୍ଟନ କରିଛନ୍ତି । ରାଜ୍ୟରେ ଭାଷା ଏବଂ ସଂସ୍କୃତିର ଉନ୍ନତି ଏବଂ ସୁରକ୍ଷା ନିମନ୍ତେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇଛି । ଶିକ୍ଷା ପ୍ରଶିକ୍ଷଣକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୭ ଗୋଟି ସରକାରୀ ଜନଜାତି ସ୍କୁଲକୁ ଉନ୍ନୀତ କରାଯାଇ ଡି.ଆଇ.ଇ.ଟି.ରେ ପରିଣତ ଏବଂ ୬ ଗୋଟି ଜନଜାତି ସ୍କୁଲକୁ ଜିଲ୍ଲା ସାଧନ କେନ୍ଦ୍ରର ମାନ୍ୟତା ଦିଆଯାଇଛି । ରାଜ୍ୟର ୩ ଗୋଟି ଆଦିବାସୀ ଅଞ୍ଚଳରେ ଥିବା ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଯଥା- ଭବାନୀପାଟଣା, ବାରିପଦା ଓ ରାଉରକେଲାର ପ୍ରଶିକ୍ଷଣ ମହାବିଦ୍ୟାଳୟକୁ କେନ୍ଦ୍ର ସରକାରଙ୍କ ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଢାଞ୍ଚାରେ ଉନ୍ନୀତ କରାଯାଇଛି । ରାଜ୍ୟର ମୌଳିକ ଏବଂ ମାଧ୍ୟମିକ ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କର ବର୍ଦ୍ଧିତ ଶିକ୍ଷା ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ୨୦୦୫ ମସିହା ଅକ୍ଟୋବର ମାସଠାରୁ ରାଜ୍ୟରେ 'ଏଡୁସାଟ୍' ବା ଉପଗ୍ରହ ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକ୍ରମ ନୂତନ ଭାବେ ଆରମ୍ଭ କରାଯାଇଛି ।

୨୨. ମୋ' ସରକାର ଉଚ୍ଚଶିକ୍ଷା ଏବଂ କ୍ରୀଡ଼ାର ବିକାଶ ନିମନ୍ତେ ଉନ୍ନତମାନର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହି ଶିକ୍ଷାବର୍ଷରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରିବେଶ ଶାନ୍ତିପୂର୍ଣ୍ଣ ରହିଥିଲା । ସମ୍ବଳର ସ୍ୱଳ୍ପତା ସତ୍ତ୍ୱେ ମୋ' ସରକାର ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକୁ ଆର୍ଥିକ ଅନୁଦାନ ଯୋଗାଇବା କାର୍ଯ୍ୟ ଅବ୍ୟାହତ ରଖିଛନ୍ତି । ଶିକ୍ଷାର ଗୁଣବତ୍ତା ବୃଦ୍ଧି ଉଦ୍ଦେଶ୍ୟରେ ମୋ' ସରକାର +୨ ଶିକ୍ଷା ନିମନ୍ତେ ବାର୍ଷିକ କ୍ୟାଲେଣ୍ଡର ମାଧ୍ୟମରେ ନାମଲେଖା, କଲେଜ ନିର୍ବାଚନ, ପରୀକ୍ଷା, ପରୀକ୍ଷା ଫଳାଫଳ ଘୋଷଣା ଓ ଛୁଟି ପ୍ରଭୃତି ପ୍ରବର୍ତ୍ତନ କରିଛନ୍ତି । ସେହିପରି ସ୍ନାତକ ମହାବିଦ୍ୟାଳୟଗୁଡ଼ିକ ପାଇଁ ମଧ୍ୟ ଅନୁରୂପ କ୍ୟାଲେଣ୍ଡର ପ୍ରଚଳନ କରାଯିବ । ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକମାନଙ୍କର ଘରୋଇ ଟିଉସନ୍‌କୁ ରୋକିବା ଉଦ୍ଦେଶ୍ୟରେ ମୋ' ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାରୀ ମହାବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ କନିଷ୍ଠ ଅଧ୍ୟାପକମାନଙ୍କ ପଦୋନ୍ନତି ପାଇଁ ପଦକ୍ଷେପ ନିଆଯାଉଛି । ମହାବିଦ୍ୟାଳୟଗୁଡ଼ିକର ମାନ ନିର୍ଦ୍ଧାରଣ ନିମନ୍ତେ ଅଧିକରୁ ଅଧିକ ମହାବିଦ୍ୟାଳୟଗୁଡ଼ିକୁ ଜାତୀୟ ସଂଘ ଓ ସ୍ୱୀକୃତିପ୍ରାପ୍ତ ପରିଷଦରେ (ଏନ୍.ଏ.ସି.) ସାମିଲ କରାଯାଉଛି । ୫ ଗୋଟି ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ଘୋଷଣା କରାଯାଇଛି । ରେଭେନ୍‌ସା ମହାବିଦ୍ୟାଳୟକୁ ରେଭେନ୍‌ସା ବିଶ୍ୱବିଦ୍ୟାଳୟଭାବେ ଉନ୍ନୀତ କରାଯିବ । ଉଚ୍ଚ ମାଧ୍ୟମିକ ଧନ୍ଦାମୂଳକ ବିଦ୍ୟାଳୟ ଓ ସାଧାରଣ ମହାବିଦ୍ୟାଳୟଗୁଡ଼ିକରେ ନୂତନ ଧନ୍ଦାମୂଳକ ଜ୍ଞାନ କୌଶଳ ଓ ସେଲ୍‌ଫ୍ ଫାଇନାନ୍‌ସିଂ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି । ସାଧାରଣ ଓ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ଏକକ

ପୋଷାକ ସଂହିତା ପ୍ରଚଳନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଦୃତ ହେବା ସହିତ ଜାତୀୟ ସ୍ତରରେ ମଧ ଏହା ଦୃଷ୍ଟି ଆକର୍ଷଣ କରିପାରିଛି । ଜାତୀୟସ୍ତରରେ ଓଡ଼ିଶାର ସମରଶିକ୍ଷାର୍ଥୀ ବାହିନୀ ଉଲ୍ଲେଖନୀୟ ପ୍ରଦର୍ଶନ କରିପାରିଛନ୍ତି । ଏଚ.ଆଇ.ଭି./ଏଡ୍ସ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ରକ୍ତଦାନ ଶିବିର ପରିଚାଳନା କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରିବାରେ ଯୁବରେଡ଼କ୍ରସ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ବିଭିନ୍ନ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରାଯାଇଛି । ବିଭିନ୍ନ କ୍ରୀଡ଼ା ଓ ଯୁବ କାର୍ଯ୍ୟକ୍ରମର ଉନ୍ନତି ନିମନ୍ତେ ମୋ' ସରକାର ସମ୍ପୂର୍ଣ୍ଣ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ।

୨୩. ମୋ' ସରକାର ଭେଷଜ, ହୋମିଓପ୍ୟାଥିକ୍, ଆୟୁର୍ବେଦ ଓ ୟୁନାନୀ ଚିକିତ୍ସା ପଦ୍ଧତି ମାଧ୍ୟମରେ ରାଜ୍ୟର ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସଂକଳ୍ପବଦ୍ଧ । ଏତଦ୍‌ବ୍ୟତୀତ କୁଷ୍ଠ, ଯକ୍ଷ୍ମା, ଏଡ୍ସ ମ୍ୟାଲେରିଆ, ବାତଜ୍ୱର, ଦୃଷ୍ଟିହୀନତା ଓ ପୋଲିଓ ପ୍ରଭୃତି ମାରାତ୍ମକ ରୋଗ ସମ୍ପର୍କିତ ଜାତୀୟ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାର ପରିବାର କଲ୍ୟାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟର ସମସ୍ତ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୨୦୦୫ ମସିହା ଜୁନ୍ ୧୭ ତାରିଖଠାରୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଆରମ୍ଭ କରାଯାଇଛି । 'ଆଶା' ନାମକ ଏକ ନୂତନ ଯୋଜନା ମାଧ୍ୟମରେ ଗ୍ରାମପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟସେବା ପହଞ୍ଚିବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି (୧୦୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକରେ) । ପ୍ରତ୍ୟେକ ଗ୍ରାମରେ ସ୍ୱାସ୍ଥ୍ୟକର୍ମୀ ଯୋଗାଇ ଦେବା, ପଞ୍ଚାୟତ ପ୍ରତିନିଧିଙ୍କ ନେତୃତ୍ୱରେ ଏକ ସ୍ଥାନୀୟ ଲୋକଙ୍କୁ ନେଇ ଗଠିତ ଦଳଦ୍ୱାରା ଗ୍ରାମ୍ୟ ସ୍ୱାସ୍ଥ୍ୟ ଯୋଜନା, ଜନନୀ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବା, ଫଳପ୍ରଦ ଚିକିତ୍ସା ପାଇଁ ଗ୍ରାମ୍ୟ ଡାକ୍ତରଖାନାର ସୁଦୃଢ଼ୀକରଣ କରିବା ଏବଂ ପରିମଳ ଓ ସ୍ୱାସ୍ଥ୍ୟରକ୍ଷା, ପୁଷ୍ଟିକର ଖାଦ୍ୟ ଏବଂ ସ୍ୱଚ୍ଛ ପାନୀୟଜଳ ବ୍ୟବସ୍ଥା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍‌ର ମୂଳ ଉପାଦାନ । ରାଜ୍ୟର ୩୦ଟି ଜିଲ୍ଲାରେ ୧୨,୭୩୦ ଜଣ ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟକର୍ମୀ ମନୋନୀତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ୬,୮୬୧ ଜଣଙ୍କୁ ମନୋନୀତ କରାଯାଇଛି । ଖୁବ୍ ଶୀଘ୍ର ସମସ୍ତ ୧୨,୭୩୦ ଜଣ ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟକର୍ମୀଙ୍କୁ ମନୋନୀତ କରାଯିବ ବୋଲି ଆଶା କରାଯାଉଛି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ଅଧୀନରେ ପ୍ରତି ଜିଲ୍ଲାର ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ଜନସ୍ୱାସ୍ଥ୍ୟ ମାନ ଅନୁଯାୟୀ ଉନ୍ନୀତ କରାଯିବ । ତୃଣମୂଳ ସ୍ତରରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୧୦,୦୦୦ ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ ଏବଂ ଏହାର କାର୍ଯ୍ୟକାରିତାରେ ପଞ୍ଚାୟତିରାଜ ସଂସ୍ଥାକୁ ସକ୍ରିୟ ଭାବେ ସଂଶ୍ଳିଷ୍ଟ କରାଯିବ । ଡାକ୍ତରମାନଙ୍କର ଅଭାବ ଓ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବେସରକାରୀ ସ୍ତରରେ ଭେଷଜ ଓ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ୧୭ଟି ଅନୁଷ୍ଠାନକୁ ଅନୁମତି ପ୍ରଦାନ କରିଛନ୍ତି । ପଶ୍ଚିମ ଓଡ଼ିଶାରେ ଘରୋଇ ଉଦ୍ୟୋଗରେ ଭେଷଜ ମହାବିଦ୍ୟାଳୟ ସ୍ଥାପନ ନିମନ୍ତେ ମାଗଣାରେ ୨୫ ଏକର ଜମି ଏବଂ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ୩ ବର୍ଷରେ ୧୦ କୋଟି ଟଙ୍କା ପ୍ରତ୍ୟାର୍ପଣ ଭାବେ ଯୋଗାଇ ଦେବାକୁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ୨୦୦୫-୦୬ ଶିକ୍ଷା ବର୍ଷରେ ବେସରକାରୀ ସ୍ତରରେ ୧୦୦ ଆସନ ବିଶିଷ୍ଟ ଗୋଟିଏ ଭେଷଜ ମହାବିଦ୍ୟାଳୟ ଏବଂ ୬୦ ଆସନ ବିଶିଷ୍ଟ ଏକ ଦନ୍ତଚିକିତ୍ସା ମହାବିଦ୍ୟାଳୟ ଖୋଲାଯାଇଛି । ୨୦୦୬-୦୭ ବର୍ଷରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟରେ ଏମ.ବି.ବି.ଏସ୍. ସ୍ଥାନ ସଂଖ୍ୟା ୧୦୭ରୁ ୧୫୦କୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି ।

୨୪. ରାଜ୍ୟରେ ଗତ ଦଶନ୍ଧିରେ ସହରାଞ୍ଚଳ ଜନସଂଖ୍ୟା ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି । ସହରାଞ୍ଚଳରେ ଉନ୍ନତ ନାଗରିକ ସୁବିଧା ଓ ଭିତ୍ତିଭୂମିର ଚାହିଦା ବୃଦ୍ଧି ସରକାରଙ୍କ ପାଇଁ ଏକ ଆହ୍ୱାନ ହୋଇପଡ଼ିଛି । ମୋ' ସରକାର ଏହି ଆହ୍ୱାନକୁ ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ଲୋକମାନଙ୍କୁ ଉନ୍ନତ ସେବା ଯୋଗାଇ ଦେବା ପାଇଁ ସଂକଳ୍ପବଦ୍ଧ । ୧୦୩ଟି ସହରାଞ୍ଚଳରେ ପ୍ରତ୍ୟହ ୬୬୦ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି । ଫଳରେ ୪.୫ ନିୟୁତ ଲୋକ ଉପକୃତ ହେଉଛନ୍ତି । ଏତଦ୍‌ବ୍ୟତୀତ ସହରାଞ୍ଚଳରେ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ୧୬,୯୦୭ଟି ହ୍ୟାଣ୍ଡପମ୍ପ ସ୍ଥାପନ କରାଯାଇଛି । ରାଉରକେଲା, ଅନୁଗୁଳ ଓ ତାଳଚେରଠାରେ ୩ଟି ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାକୁ ଯାଉଛି । ଟିଟିଲାଗଡ଼ଠାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା (ଆର୍.ଏଲ୍.ଟି.ଏ.ପି.) ଅଧୀନରେ ବଲାଙ୍ଗୀର, ଖଡ଼ିଆଳରୋଡ଼, ନବରଙ୍ଗପୁର ଓ ଜୟପୁର ସହରରେ ପାନୀୟଜଳ ଯୋଗାଣ ବୃଦ୍ଧି ପାଇଁ ୪ଟି ପ୍ରକଳ୍ପ ପ୍ରତିଷ୍ଠା କରି ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ତ୍ୱରିତ ସହରାଞ୍ଚଳ ଜଳଯୋଗାଣ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୯ ଗୋଟି ଯୋଜନା କାର୍ଯ୍ୟକ୍ଷମ ହୋଇଛି, ୭ଟି ଯୋଜନା ଆଂଶିକ ଭାବେ କାର୍ଯ୍ୟକ୍ଷମ, ୩ଟି ଯୋଜନା ସମ୍ପୂର୍ଣ୍ଣ ଏବଂ ୧୫ଟି ଯୋଜନାର କାର୍ଯ୍ୟ ନିର୍ମାଣାଧୀନ ଅଛି । ରାଜ୍ୟରେ ଜାତୀୟ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କର ଜୀବନଶୈଳୀରେ ଉନ୍ନତି ଘଟିଛି । ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନାରେ ସହରାଞ୍ଚଳ ଗରିବ ବିଶେଷକରି ମହିଳା, ହରିଜନ, ଆଦିବାସୀ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନେ ଆତ୍ମନିଯୁକ୍ତିର ସୁଯୋଗ ପାଉଛନ୍ତି । ରାଜ୍ୟର ସହରାଞ୍ଚଳରେ ବାଲ୍ମିକୀ ଆମ୍ବେଦକର ଆବାସ ଯୋଜନା କାର୍ଯ୍ୟକାରୀ ହୋଇ ବସ୍ତିବାସିନ୍ଦାଙ୍କୁ ବାସଗୃହ ଯୋଗାଇ ଦିଆଯାଉଛି । ମୋ' ସରକାର ଆଇ.ଆଇ.ଟି. ଖଡ୍‌ଗପୁର ସହଯୋଗରେ କଟକ, ଭୁବନେଶ୍ୱର ସହରାଞ୍ଚଳ କମ୍ପ୍ଲେକ୍ସ ପାଇଁ ଉନ୍ନତ ଯୋଜନା ପ୍ରସ୍ତୁତ ପାଇଁ ପଦକ୍ଷେପ ନେଇଛନ୍ତି । ଏହି ଦ୍ୱୈତନଗରୀ

ଏବଂ ସୂଚିତ ଜମିର ସନ୍ତୁଳନ ଏବଂ ଯୋଜନାବଦ୍ଧ ଅଭିବୃଦ୍ଧି ଘଟାଇବ । ନିକଟରେ ଆରମ୍ଭ ହୋଇଥିବା ଜବାହରଲାଲ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ୍‌ରେ ଭୁବନେଶ୍ୱର ଓ ପୁରୀକୁ ସାମିଲ କରାଯାଇଛି । ଏହା ଆସନ୍ତା ୭ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ହାତକୁ ନେବାକୁ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ସମର୍ଥ କରିବ । କ୍ଷୁଦ୍ର ଏବଂ ମଧ୍ୟମ ସହରଗୁଡ଼ିକ ପାଇଁ ନୂତନ ଭାବେ ଆରମ୍ଭ ହୋଇଥିବା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ଯୋଜନା ଏବଂ ସମନ୍ୱିତ ଗୃହ ଏବଂ ବସ୍ତି ଉନ୍ନୟନ ଯୋଜନା ମଧ୍ୟ ଆମ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଛି । ମୋ’ ସରକାର ଉପଯୁକ୍ତ ସମ୍ପଳ ବିକାଶ ପାଇଁ ବିଭିନ୍ନ ସହରାଞ୍ଚଳ କ୍ଷେତ୍ର ସଂସ୍କାର, ସାମର୍ଥ୍ୟ ଗଠନ ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାରେ ହିସାବ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ । ମୋ’ ସରକାର ସର୍ବସାଧାରଣ-ବେସରକାରୀ ଭାଗୀଦାରୀରେ ବାସଗୃହ ଓ ବାଣିଜ୍ୟ କମ୍ପ୍ଲେକ୍ସ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି । ଦ୍ୱାଦଶ ଅର୍ଥ କମିଶନଙ୍କଠାରୁ ମିଳିଥିବା ଆର୍ଥିକ ସହାୟତାରେ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା କଠିନ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କାର୍ଯ୍ୟ ହାତକୁ ନେବାକୁ ଯାଉଛନ୍ତି । ଭୁବନେଶ୍ୱର ସହର ପାଇଁ ଏକ ସମନ୍ୱିତ ସ୍ୱେରେଜ୍ ପରିଚାଳନା ପ୍ରକଳ୍ପ ହାତକୁ ନିଆଯାଉଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ସହରାଞ୍ଚଳ ଗୃହନିର୍ମାଣ ଚାହିଦା ବୃଦ୍ଧିକୁ ପୂରଣ କରିବା ପାଇଁ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ବିଭିନ୍ନ ପ୍ରକାର ସାମାଜିକ ଗୃହ ନିର୍ମାଣ ପ୍ରକଳ୍ପ ହାତକୁ ନେବେ ।

୨୫. ମୋ’ ସରକାର ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ ସ୍ୱୟଂଶାସିତ ସଂସ୍ଥା ଭାବେ କାର୍ଯ୍ୟ କରିବାକୁ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ କ୍ଷମତା ଏବଂ ଦାୟିତ୍ୱ ଅର୍ପଣ କରିବାକୁ ଅତ୍ୟନ୍ତ ଆଗ୍ରହୀ । ସମସ୍ତ ୩୧୪ ଗୋଟି ବ୍ଲକ୍ ଓ ୩୦ଟି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକୁ ଭି-ସାଟ୍ ସଂଯୋଗ ଯୋଗାଇ ଦିଆଯାଇଛି । ହିସାବ ଏବଂ ଯୋଜନାର ତଦାରଖ ପାଇଁ ନୂତନ ସଫ୍ଟୱେଆର ଉପକରଣ ପ୍ରିୟା ସଫ୍ଟ ଏବଂ ରୁରାଲ୍ ସଫ୍ଟ୍ ବିକାଶ ହୋଇଛି । ମୋ’ ସରକାର ଦ୍ୱାଦଶ ଅର୍ଥ କମିଶନ୍‌ଙ୍କ ଅନୁଦାନ ପାଣ୍ଠି ସହାୟତାରେ ପ୍ରଥମ ପର୍ଯ୍ୟାୟରେ ୫୦୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୨୭୪୨ଟି ଗ୍ରାମପଞ୍ଚାୟତରେ କମ୍ପ୍ୟୁଟରୀକରଣ ପାଇଁ ପଦକ୍ଷେପ ନେଉଛନ୍ତି । ମୋ’ ସରକାର ୧୯୯୯ର ମହାବାତ୍ୟା ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ପ୍ରଳୟଙ୍କରୀ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମାଞ୍ଚଳ ଗରିବ ଲୋକମାନଙ୍କ ପାଇଁ ବ୍ୟାପକ ଗୃହ ନିର୍ମାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ମୋ’ ସରକାର ୨୦୦୫-୦୬ ବର୍ଷରେ ୭୩୮୧୫ଟି ଇନ୍ଦିରା ଆବାସ ଯୋଜନା ଗୃହ ନିର୍ମାଣ କରିବାକୁ ୧୧୫ କୋଟି ଟଙ୍କାର ପାଣ୍ଠି ପାଇଛନ୍ତି । ୨୦୦୫ ଡିସେମ୍ବର ସୁଦ୍ଧା ୩୦୫୦୧ଟି ଇନ୍ଦିରା ଆବାସଗୃହ ସମ୍ପୂର୍ଣ୍ଣ ହୋଇଛି । ୨୦୦୫-୦୬ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାରେ ପ୍ରାୟ ୨ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଏବଂ ୨୧୮ କୋଟି ଟଙ୍କା ବିନିଯୋଗ କରାଯାଇ ୩୭୪ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳରେ ଗ୍ରାମାଞ୍ଚଳ ଲୋକଙ୍କ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ ରୋଜଗାର ଭିତ୍ତିକ ନିଯୁକ୍ତି ଯୋଗାଇ ଦେବାକୁ ଏସ୍.ଜି.ଆର୍.ୱାଇର ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ୬୦,୦୦୦ ମେଟ୍ରିକ ଟନ୍ ଚାଉଳ ବିନିଯୋଗ କରାଯାଇ ୧୦୭ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇଛି । ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ୨୦୦୫-୦୬ (ଡିସେମ୍ବର ୨୦୦୫ ପର୍ଯ୍ୟନ୍ତ) ୩୩୬୫୫ ଜଣ ସ୍ୱରୋଜଗାରୀ ଉପକୃତ ହୋଇଛନ୍ତି । ଗ୍ରାମାଞ୍ଚଳରେ ଅତିରିକ୍ତ ରୋଜଗାରଭିତ୍ତିକ ନିଯୁକ୍ତି ସୃଷ୍ଟି କରିବାକୁ ରାଜ୍ୟରେ ୧୮ ଗୋଟି ଅତି ପଛୁଆ ଜିଲ୍ଲାର ୧୯୯ ଗୋଟି ବ୍ଲକ୍‌ରେ ଜାତୀୟ କାମ ପାଇଁ ଖାଦ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାରେ ୨୦୦୫-୦୬ (ଡିସେମ୍ବର ୨୦୦୫ ପର୍ଯ୍ୟନ୍ତ) ପ୍ରାୟ ୨୦୧ କୋଟି ଟଙ୍କା ଏବଂ ୧.୫ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ବିନିଯୋଗ କରି ପ୍ରାୟ ୩୩୩ ଲକ୍ଷ ଅତିରିକ୍ତ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ଗ୍ରାମାଞ୍ଚଳରେ ନିଶ୍ଚିତ ନିଯୁକ୍ତି ଯୋଗାଇ ଦେବା ପାଇଁ ୧୯ଟି ଜିଲ୍ଲାର ୨୦୫ ଗୋଟି ବ୍ଲକ୍ ୩୬୭୨ଟି ଗ୍ରାମ ପଞ୍ଚାୟତରେ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହା ୩୩୫୨୭ ଗୋଟି ଗ୍ରାମରେ ଥିବା ପ୍ରତ୍ୟେକ ପରିବାରକୁ ୧୦୦ ଦିନର ନିଶ୍ଚିତ ଅଣକୁଶଳୀଭିତ୍ତିକ ନିଯୁକ୍ତି ଯୋଗାଇ ଦେବ ଏବଂ ୪୦୭୮୯୮୨ ଗୋଟି ଗ୍ରାମୀଣ ପରିବାର ଏଥିରେ ଅନ୍ତର୍ଭୁକ୍ତ ହେବେ ।

୨୬. ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଗୁଡ଼ିକୁ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦେବାକୁ ରାଜ୍ୟରେ ଏକ ବ୍ୟାପକ ନେଟ୍‌ୱାର୍କ ଜରିଆରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସକ୍ରିୟ ଭାବେ କାର୍ଯ୍ୟ କରୁଛି । ଅନ୍ତ୍ୟୋଦୟ ଅନ୍ନ ଯୋଜନା ମାଧ୍ୟମରେ ପ୍ରାୟ ୧୦ ଲକ୍ଷ ଦରିଦ୍ରତମ ପରିବାରଙ୍କୁ କେ.ଜି. ପିଛା ୩ ଟଙ୍କା ଦରରେ ୩୫ କେ.ଜି ଚାଉଳ ଯୋଗାଇ ଦିଆଯାଉଛି । ଖୁବ୍ ଶୀଘ୍ର ଏହି ଯୋଜନାରେ ୨.୬୩ ଲକ୍ଷ ଅଧିକ ପରିବାର ଅନ୍ତର୍ଭୁକ୍ତ ହେବାକୁ ଯାଉଛନ୍ତି । ଜାତୀୟ ବାର୍ଦ୍ଧକ୍ୟଭତ୍ତା ଯୋଜନା କିମ୍ବା ରାଜ୍ୟ ବାର୍ଦ୍ଧକ୍ୟଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ୬୪,୮୦୦ ଜଣ ବରିଷ୍ଠ ନାଗରିକଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ମାସିକ ୧୦ କେ.ଜି. ଲେଖାଏଁ ଚାଉଳ ବିନାମୂଲ୍ୟରେ ଯୋଗାଇ ଦିଆଯାଉଛି । ଖାଉଟିମାନଙ୍କର ଅଧିକାର ସୁରକ୍ଷା ପାଇଁ ରାଜ୍ୟରେ କଟକଠାରେ ଗୋଟିଏ ଖାଉଟି ବିବାଦ ପ୍ରତିକାର କମିଶନ୍ ଏବଂ ୩୧ଟି ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଫୋରମ୍ କାର୍ଯ୍ୟ କରୁଅଛି । ଓଡ଼ିଶା ଖାଉଟି କଲ୍ୟାଣ ପାଣ୍ଠି ନିୟମାବଳୀ-୨୦୦୫ର ବ୍ୟବସ୍ଥା ଅନୁଯାୟୀ ଖାଉଟି ସଚେତନତା କାର୍ଯ୍ୟକ୍ରମକୁ ହାତକୁ ନେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅଂଶଧନରେ ୧ କୋଟି ଟଙ୍କାର ଏକ ରାଜ୍ୟ ଖାଉଟି କଲ୍ୟାଣ ପାଣ୍ଠି ଗଠନ କରାଯାଇଛି । ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଫୋରମ୍ ଓ ବିଦ୍ୟାଳୟମାନଙ୍କରେ ଖାଉଟି କ୍ଲବ୍ ପାଇଁ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।

୨୭. ମୋ ସରକାର ଅନୁସୂଚିତ ଜାତି ଓ ଜନଜାତି ଲୋକମାନଙ୍କୁ ସାମାଜିକ ସଶକ୍ତିକରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅର୍ଥନୈତିକ ବିକାଶ ଉପରେ ଅଗ୍ରାଧିକାର ଦେଉଛନ୍ତି । ସେମାନଙ୍କର ସର୍ବାଙ୍ଗୀନ ବିକାଶ ଘଟାଇବା ସଂଗେସଂଗେ ଶିକ୍ଷାର ବିକାଶ ଦିଗରେ ଆବଶ୍ୟକ ଗୁରୁତ୍ୱ ଦିଆଯାଉଛି । ୨୦୦୧ ସାକ୍ଷରତା ଜନଗଣନା ଅନୁଯାୟୀ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, ଗଜପତି ଏବଂ କନ୍ଧମାଳ ଜିଲ୍ଲାର ସାକ୍ଷରତା ହାର ବିଶେଷତଃ ମହିଳା ସାକ୍ଷରତା ହାର ପୂର୍ବବର୍ଷ ତୁଳନାରେ ବୃଦ୍ଧି ପାଇଛି । ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କୁ ଶିକ୍ଷାର ସୁବିଧା ଯୋଗାଇ ଦେବା ନିମନ୍ତେ ୫୫ଟି ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ୨୧୮ଟି ଉଚ୍ଚବିଦ୍ୟାଳୟ, ୩୭ ଗୋଟି କନ୍ୟାଶ୍ରମ ସମେତ ୧୪୯ଟି ଆଶ୍ରମ ସ୍କୁଲ, ୧୪୩ଟି ଆବାସିକ ବିଦ୍ୟାଳୟ, ୯୧୯ଟି ସେବାଶ୍ରମ, ୧୫୪୮ଟି ପ୍ରାଥମିକ ବିଦ୍ୟାଳୟ ଛାତ୍ର ନିବାସ ଏବଂ ୧୦ଟି ଆଦର୍ଶ ଆଦିବାସୀ ବିଦ୍ୟାଳୟ କାର୍ଯ୍ୟ କରୁଅଛି । ଏତଦ୍‌ବ୍ୟତୀତ ୪୦୦ ଗୋଟି ଅନୁସୂଚିତ ଜନଜାତି ଛାତ୍ରୀନିବାସ ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟ ଯୋଜନା ମାଧ୍ୟମରେ କେ.ବି.କେ. ଅଞ୍ଚଳଗୁଡ଼ିକରେ କାର୍ଯ୍ୟରତ । ବିନାମୂଲ୍ୟରେ ଜାତୀୟ ପାଠ୍ୟପୁସ୍ତକ ବଣ୍ଟନ, ପଠନ-ଲିଖନ ସାମଗ୍ରୀ, ପୋଷାକ ଏବଂ କୋଚିଙ୍ଗ୍ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ୨୦୦୫-୦୬ ବର୍ଷରେ ୪୭୨୫୭୨ ଅନୁସୂଚିତ ଜନଜାତି ଓ ୪୪୭୦୨୪ ଅନୁସୂଚିତ ଜାତିର ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି । ସ୍ୱତନ୍ତ୍ର କୋଚିଙ୍ଗ୍ ବ୍ୟବସ୍ଥା ଯୋଗୁଁ ୯ ଜଣ ବଣ୍ଡା ଜାତିର ପିଲା ୨୦୦୫ ମସିହା ୧୦ମ ଶ୍ରେଣୀ ପରୀକ୍ଷାରେ ଉନ୍ନୀତ ହୋଇଛନ୍ତି । ୨୦୦୪-୦୫ ମସିହାରେ ଆଇ.ଟି.ଆଇ. / ପଲିଟେକ୍‌ନିକ୍ ମାଧ୍ୟମରେ ୭୦୮ ଜଣ ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଇଛି ଏବଂ ଆତ୍ମନିଯୁକ୍ତି ଦିଗରେ ସେମାନଙ୍କୁ ସଫଳ ନିଯୁକ୍ତି ଦେବାପାଇଁ ଉଦ୍ୟମ କରାଯାଉଛି । ଅଧିକ ୧୨୦୦ ଜଣ ଅନୁସୂଚିତ ଜନଜାତି ଯୁବକଯୁବତୀ ୨୦୦୫-୦୬ ମସିହା ନିମନ୍ତେ ପ୍ରଶିକ୍ଷଣ ପାଉଛନ୍ତି । ବୀମାକରଣ ଏଜେଣ୍ଟ୍ ରୂପେ ୪୦ ଜଣ ଅନୁସୂଚିତ ଜାତି ଓ ଜନଜାତି ଯୁବକଯୁବତୀ ନିଯୁକ୍ତି ନିମନ୍ତେ ପ୍ରଶିକ୍ଷଣ ପାଉଛନ୍ତି । ୨୦୦୫-୦୬ ଆର୍ଥିକ ବର୍ଷରେ ମୋ' ସରକାର ୪୩୧ ଶିକ୍ଷାନୁଷ୍ଠାନର ଉନ୍ନତିକରଣ, ୧୪୯ଟି ପୋଲ ଏବଂ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ, ୧୨୪ଟି ପାନୀୟ ଜଳଯୋଗାଣ ପ୍ରକଳ୍ପ, ୩୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ୨୧ଟି ଜନବସତିର ବିଦ୍ୟୁତିକରଣ ଏବଂ ୩ଟି କର୍ମଶାଳା ତଥା ପ୍ରଶିକ୍ଷଣ ଅନୁଷ୍ଠାନ ନିର୍ମାଣର ଯୋଜନା କରିଛନ୍ତି । ୨୦୦୫-୦୬ ଆର୍ଥିକ ବର୍ଷରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ୨୬୭୩୦ଟି ଅନୁସୂଚିତ ଜନଜାତି ପରିବାରଙ୍କୁ ବିଭିନ୍ନ ରୋଜଗାରକ୍ଷମ ଯୋଜନାରେ ସହାୟତା ପ୍ରଦାନ କରାଯାଉଛି । ସେହିପରି ଓଡ଼ିଶା ରାଜ୍ୟ ଅର୍ଥ ଉନ୍ନୟନ ନିଗମ ମାଧ୍ୟମରେ ୪୧୫୮ଟି ଅନୁସୂଚିତ ଜାତି ପରିବାର, ୬୪୩ଟି ଅନୁସୂଚିତ ଜନଜାତି ପରିବାର ଏବଂ ୨୬ ଜଣ ମୁକ୍ତ ସଫେଇ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ଏହାବ୍ୟତୀତ ଓଡ଼ିଶା ରାଜ୍ୟ ଅର୍ଥ ଉନ୍ନୟନ ନିଗମ ଦ୍ୱାରା ୬ ଜଣ ସଫେଇ କର୍ମଚାରୀ ଏବଂ ୧୧୩ଟି ସଂଖ୍ୟାଲଘୁ ପରିବାରଙ୍କୁ ଉଚ୍ଚ ମୂଲ୍ୟଭିତ୍ତିକ ଯୋଜନା ମାଧ୍ୟମରେ ସହଜ ଋଣ ଉପଲବ୍ଧ କରାଯାଇଛି । ଅନୁସୂଚିତ ଜାତି/ଜନଜାତି (ଅତ୍ୟାଚାର ନିରୋଧୀ) ଅଧିନିୟମ, ୧୯୮୯ ଅନୁଯାୟୀ କ୍ଷତିଗ୍ରସ୍ତ ୧୮୦ ଜଣ ଅନୁସୂଚିତ ଜାତି ଏବଂ ୯୭ ଜଣ ଅନୁସୂଚିତ ଜନଜାତିର ଲୋକଙ୍କୁ ଆର୍ଥିକ ସହାୟତା ଦିଆଯାଇଛି । ଏହାବ୍ୟତୀତ ପ୍ରୟୋଜନସ୍ଥଳେ ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଆଇନ୍ ସହାୟତା ଯୋଗାଇ ଦିଆଯାଇଛି । ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳରେ ଆଦିମ ଅଧିବାସୀମାନଙ୍କ ଜୀବନଧାରଣ ମାନ ଉନ୍ନତି କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ବିଦ୍ୟାଳୟଗୁଡ଼ିକରେ ନାମଲେଖା ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ, ପକ୍‌କା ଅଗ୍ନି ନିରୋଧକ ବାସଗୃହ ନିର୍ମାଣ ତଥା ଏହାର ବିଦ୍ୟୁତିକରଣ କାର୍ଯ୍ୟକ୍ରମ ନିମନ୍ତେ ମୋ' ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଆଦିବାସୀ ପରିବାରର ରୋଜଗାର ବୃଦ୍ଧି ଏବଂ ସେମାନଙ୍କର ଚାଷଜମିର ଉତ୍ପାଦିକା ଶକ୍ତିକୁ ବୃଦ୍ଧି କରାଇ ଉନ୍ନତ ଜୀବନଯାପନ କରିବା ଲକ୍ଷ୍ୟରେ ମୋ' ସରକାର ବାହ୍ୟ ସହାୟତାରେ ୭ ଗୋଟି ଦକ୍ଷିଣାଞ୍ଚଳ ଜିଲ୍ଲାର ୩୦ଟି ଆଦିବାସୀ ଅଧ୍ୟୁଷିତ ବ୍ଲକ୍‌ଗୁଡ଼ିକରେ ୪୩୦.୭୩ କୋଟି ଟଙ୍କାର ପ୍ରସ୍ତାବିତ ବ୍ୟୟଅଟକଳରେ ୨୦୦୪ ମସିହା ଅକ୍ଟୋବର ୨ ତାରିଖରୁ 'ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ (ଓ.ଟି.ଇ.ଏଲ୍.ପି.)' ନାମକ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ଉପରେ ଅତ୍ୟାଚାରର ନିରୋଧ ଏବଂ ଓଡ଼ିଶା ଶୂନ୍ୟସ୍ଥାନ ସଂରକ୍ଷଣ ଅଧିନିୟମର କାର୍ଯ୍ୟକାରୀକୁ ମୋ' ସରକାର ନିଶ୍ଚିତ କରାଇବେ । ଅଧିସୂଚୀତ ଅଞ୍ଚଳଗୁଡ଼ିକରେ ଆଦିବାସୀମାନଙ୍କ ଜମିକୁ ଅଣଆଦିବାସୀମାନଙ୍କୁ ହସ୍ତାନ୍ତର ପ୍ରକ୍ରିୟାକୁ ନିଷେଧ କରାଯାଇଛି ।

୨୮. ମୋ' ସରକାର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ, ଗର୍ଭବତୀ ମହିଳା, ପ୍ରସୂତୀ ମହିଳା, କିଶୋରୀମାନଙ୍କର ସାମୂହିକ ଉନ୍ନତି ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି ଯୋଜନାରେ ପ୍ରାୟ ୩୧ ଲକ୍ଷ ଶିଶୁ, ଗର୍ଭବତୀ ମହିଳା ଏବଂ ପ୍ରସୂତୀମାନଙ୍କୁ ସାମିଲ୍ କରାଯାଇଛି । ରାଜ୍ୟରେ ଶିଶୁମାନଙ୍କର ପୁଷ୍ଟିହୀନତା ହ୍ରାସ କରିବା ନିମନ୍ତେ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲାରେ ପୁଷ୍ଟିହୀନତା ଶିଶୁମାନଙ୍କର ପୁଷ୍ଟି ସାଧନ ନିମନ୍ତେ 'ଆମେଭି ପାରିବୁ' ନାମକ ଏକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ୧୧ରୁ ୧୮ ବର୍ଷ ବୟସ କିଶୋରୀମାନଙ୍କର ସାମୂହିକ ଉନ୍ନତି ପାଇଁ ଉଦ୍ଦିଷ୍ଟ 'କିଶୋରୀ ଶକ୍ତି ଯୋଜନା'କୁ ରାଜ୍ୟର ସମସ୍ତ ୩୨୬ ଗୋଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ କାର୍ଯ୍ୟକାରୀ କରାଯାଉଛି । କେ.ବି.କେ. ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା ମାଧ୍ୟମରେ ପୁଷ୍ଟିହୀନତା, ଶିଶୁ

ମୃତ୍ୟୁହାର ହ୍ରାସ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରାଯିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ଜାତୀୟ ପୁଷ୍ଟିକର ମିଶନ କାର୍ଯ୍ୟକ୍ରମ ଜରିଆରେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ସମସ୍ତ ବି.ପି.ଏଲ୍. ବର୍ଗର ପୁଷ୍ଟିହୀନ ପ୍ରାପ୍ତ ବୟସ୍କ କିଶୋରୀ, ଗର୍ଭବତୀ ମହିଳାଙ୍କୁ ମାସିକ ୬ କିଲୋ ହିସାବରେ ମାଗଣା ଚାଉଳ ଯୋଗାଇ ଦିଆଯାଉଛି । ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଜରିଆରେ ୬୯,୭୦୦ ବିଦ୍ୟାଳୟର ପ୍ରାୟ ୫୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ପ୍ରତିଦିନ ରନ୍ଧାଖାଦ୍ୟ ସହିତ ସପ୍ତାହରେ ଥରେ ଗୋଟିଏ ଅଣ୍ଡା ମଧ୍ୟ ଯୋଗାଇ ଦିଆଯାଉଛି । ଜରୁରୀ ଖାଦ୍ୟଯୋଗାଣ କାର୍ଯ୍ୟକ୍ରମ ମାଧ୍ୟମରେ ମୋ' ସରକାର ବୃଦ୍ଧ, ଅକ୍ଷମ, ଅସହାୟ ଓ ଦୁଃସ୍ଥ ବ୍ୟକ୍ତିମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେଇ ଆସୁଛନ୍ତି । ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ମୋ' ସରକାର ପ୍ରାୟ ୬,୭୫,୦୦୦ ଜଣ ବୃଦ୍ଧ, ଅସହାୟ, କୁଷ୍ଠ ରୋଗାକ୍ରାନ୍ତ ବିକଳାଙ୍ଗ ବ୍ୟକ୍ତି ତଥା ଅସହାୟ ମହିଳାଙ୍କୁ ମାସିକ ୧୦୦ ଟଙ୍କା ହିସାବରେ ପେନ୍‌ସନ୍ ପ୍ରଦାନ କରୁଛନ୍ତି । ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଏବଂ ଓଡ଼ିଶା ଭିନ୍ନକ୍ଷମ ଭତ୍ତା ଯୋଜନା ମାଧ୍ୟମରେ ଯଥାକ୍ରମେ ୪,୯୩,୪୦୦ ଏବଂ ୧,୨୫,୦୦୦ ହିତାଧିକାରୀମାନଙ୍କୁ ସହାୟତା ଦିଆଯାଉଛି । ଏହି ବାର୍ଦ୍ଧକ୍ୟଭତ୍ତା ଯୋଜନା ଅନୁଯାୟୀ ସମସ୍ତ ହିତାଧିକାରୀଙ୍କୁ ଫଟୋ ପରିଚୟ ଯୋଗାଇ ଦିଆଯିବା ସହିତ ଗ୍ରାମପଞ୍ଚାୟତ ସଦରମହକୁମାରେ ପ୍ରତିମାସ ୧୫ ତାରିଖ 'ଜନସେବା ଦିବସ'ରେ ପେନ୍‌ସନ୍ ବଣ୍ଟନ କରାଯାଉଛି । ଅନ୍ୟାନ୍ୟ ଯୋଜନା ଯଥା- ଜାତୀୟ ପରିବାର କଲ୍ୟାଣ ଯୋଜନା, ବାଳିକା ସମୃଦ୍ଧି ଯୋଜନା ମାଧ୍ୟମରେ ନିର୍ଦ୍ଦିଷ୍ଟ ଗ୍ରୁପ୍‌ଙ୍କୁ ଏହି ସୁବିଧା ସବୁ ଯୋଗାଇ ଦିଆଯାଇ ଆସୁଛି । 'ମିଶନ ଶକ୍ତି' କାର୍ଯ୍ୟକ୍ରମ ମାଧ୍ୟମରେ ୧,୭୬,୦୦୦ ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟର ସମସ୍ତ ଜିଲ୍ଲାରେ ଗଠନ କରାଯାଇଛି ଏବଂ ଏହି ଗୋଷ୍ଠୀ ଦ୍ୱାରା ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମ ଯଥା- କିରୋସିନି ଡିଲରସିପ୍, ଶ୍ରମଭିତ୍ତିକ କାର୍ଯ୍ୟ, ମତ୍ସ୍ୟଚାଷ, କୁକୁଡ଼ା ପାଳନ ଇତ୍ୟାଦି କରାଯାଉଛି । ୧.୬ ଲକ୍ଷ ଗୋଷ୍ଠୀଙ୍କୁ ଅଗ୍ରୀମ ଋଣ ଆକାରରେ ୩୭୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ମୋ' ସରକାର ୮୫ ଗୋଟି ଅନାଥାଶ୍ରମର ୫୬୦୦ ଅନାଥ ଶିଶୁଙ୍କର ଯତ୍ନ ନେଉଛନ୍ତି ।

୨୯. ମୋ' ସରକାର ଶ୍ରମିକ ଶ୍ରେଣୀର ଲୋକମାନଙ୍କ ହିତ ସାଧନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଶିଳ୍ପ ଶ୍ରମିକ ଏବଂ ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ଇ.ଏସ୍.ଆଇ. ହସ୍‌ପିଟାଲ୍ ଓ ଡିସ୍‌ପେନ୍‌ସାରୀରେ ସଂପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ସାମାଜିକ ସୁରକ୍ଷା ବିଧାନ ଉପରେ ଅଗ୍ରାଧିକାର ଦିଆଯାଉଛି । ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଯୋଜନା ମାଧ୍ୟମରେ ବିପଜ୍ଜନକ କାର୍ଯ୍ୟରେ ନିଯୁକ୍ତ ଶିଶୁ ଶ୍ରମିକମାନଙ୍କୁ ମୁକ୍ତ କରାଯାଇ ସେମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ ଦିଆଯାଉଛି । ମୋ' ସରକାର ରାଜ୍ୟର ଯୁବଗୋଷ୍ଠୀଙ୍କୁ ପ୍ରତିରକ୍ଷା ଏବଂ ଅର୍ଦ୍ଧ-ସାମରିକ ବାହିନୀରେ ନିଯୁକ୍ତି ନିମନ୍ତେ ଉତ୍ସାହିତ କରୁଛନ୍ତି । ବିଦ୍ୟାଳୟ ଏବଂ ମହାବିଦ୍ୟାଳୟମାନଙ୍କରେ ଛାତ୍ର ସୂଚନା କେନ୍ଦ୍ର ଏବଂ ଆଦର୍ଶ ବୃତ୍ତିଗତ ପରାମର୍ଶ କେନ୍ଦ୍ର ସ୍ଥାପନ କରାଯାଇଛି । ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଏବଂ ପଛୁଆ ଜିଲ୍ଲାମାନଙ୍କର ମହିଳା ମହାବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୨ ଗୋଟି ଆଦର୍ଶ ବୃତ୍ତିଗତ ପରାମର୍ଶ କେନ୍ଦ୍ର ଏବଂ ୧୨ ଗୋଟି ଛାତ୍ର ସୂଚନା କେନ୍ଦ୍ର ଖୋଲାଯାଇଛି । ଏହା ମାଧ୍ୟମରେ ଛାତ୍ରୀମାନେ ଉପକୃତ ହେଉଛନ୍ତି ।

୩୦. ମୋ' ସରକାର ଏକ ଉତ୍ତରଦାୟୀ ତଥା ଲୋକାଭିମୁଖୀ ପ୍ରଶାସନ ଯୋଗାଇ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଏବଂ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଓ ପେନ୍‌ସନ୍ ମାମଲାର ଶୁଣାଣିଗୁଡ଼ିକର ତୁରନ୍ତ ଫଇସଲା ନିମନ୍ତେ ବ୍ୟବସ୍ଥା କରିଛନ୍ତି । ଏହି ବର୍ଷ ମଧ୍ୟରେ ୯୫୮୯ଟି ଅଭିଯୋଗ ମାମଲା ଗ୍ରହଣ କରି ସେଗୁଡ଼ିକରେ ଫଇସଲା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହିବର୍ଷ ମଧ୍ୟରେ ୨୧ଟି 'ଜନ ସଂପର୍କ ଶିବିର' ବିଭିନ୍ନ ଜିଲ୍ଲାରେ ଆୟୋଜନ କରାଯାଇ ୨୬୩୩୮ ଲୋକଙ୍କୁ ଉପକୃତ କରାଯାଇପାରିଛି । ୫୪୬ ଗୋଟି ପେନ୍‌ସନ୍ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଚାଲୁ ରହିଛି । ଉକ୍ତ ବର୍ଷରେ ୧୧୮ତମ ପେନ୍‌ସନ୍ ଅଦାଲତ କରାଯାଇ ୨୮୮ଟି ମାମଲାର ଫଇସଲା କରାଯାଇଛି । ଲୋକପାଳ କାର୍ଯ୍ୟାଳୟ ଫଳପ୍ରଦ ଭାବେ କାର୍ଯ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମାରାତ୍ମକ ରୋଗର ଚିକିତ୍ସା ନିମନ୍ତେ ଅସହାୟ ଆବେଦନକାରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ୨୦୦୫-୦୬ ବର୍ଷର ଡିସେମ୍ବର ୨୦୦୫ ସୁଦ୍ଧା ୧୫୭୬ ଆବେଦନକାରୀଙ୍କୁ ପ୍ରାୟ ୧.୪୮ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏତଦ୍‌ବ୍ୟତୀତ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ୨୨୬ ଜଣ ବ୍ୟକ୍ତିଙ୍କର ନିକଟ ସଂପର୍କୀୟଙ୍କୁ ୨୨.୬୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି । ଜାମ୍ମୁ-କାଶ୍ମୀର ରାଜ୍ୟର ଭୂକମ୍ପ ବିଧ୍ୱସ୍ତ ଅଞ୍ଚଳରେ ରିଲିଫ୍ ଏବଂ ପୁନରୁଦ୍ଧାର ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧ କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି ।

ପ୍ରଶାସନର ସବୁସ୍ତରରେ ଦୁର୍ନୀତି ରୋକିବା ପାଇଁ ମୋ' ସରକାର ପ୍ରତିଶ୍ରୁତିବଦ୍ଧ । ୨୦୦୫ ବର୍ଷରେ ପଞ୍ଜିକୃତ ହୋଇଥିବା ୨୯୧ଟି ଦୁର୍ନୀତି ମାମଲା ମଧ୍ୟରୁ ୨୩୬ ଗୋଟି ମାମଲାର ଫଇସଲା ହୋଇଛି । ଏହି ୨୩୬ ଗୋଟି ମାମଲା ମଧ୍ୟରୁ ୧୮୨ଟି ମାମଲାର ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି । ଅଧିକାଂଶ ମାମଲାରେ ବିଭିନ୍ନ ବିଭାଗ ଦ୍ୱାରା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି ।

ବିଭିନ୍ନ ବିଭାଗ ଏବଂ ଜିଲ୍ଲା ପ୍ରଶାସନରେ ପ୍ରଶାସନିକ ସଂସ୍କାର ଆଣିବା ପାଇଁ ମୋ' ସରକାର 'ଓଡ଼ିଶା ମର୍ଡନାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍' (ଓ.ଏମ୍.ଜି.ଆଇ.) ନାମରେ ଏକ ନୂତନ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛନ୍ତି ।

୩୧. ପ୍ରଶାସନକୁ ଅଧିକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ କରିବା ନିମନ୍ତେ ମୋ' ସରକାର ୨୦୦୫ ମସିହା ଅକ୍ଟୋବର ୧୨ ତାରିଖରୁ ରାଜ୍ୟରେ ସୂଚନା ଅଧିକାର ଅଧିନିୟମ-୨୦୦୫ ନିଷ୍ଠାପର ଭାବେ କାର୍ଯ୍ୟକାରୀ କରୁଛନ୍ତି । ସୂଚନା ଅଧିକାର ଅଧିନିୟମ-୨୦୦୫ ବ୍ୟବସ୍ଥା ଅନୁଯାୟୀ ସ୍ୱେଚ୍ଛାକୃତ ତଥ୍ୟ ପ୍ରଦାନ ନିମନ୍ତେ ସରକାରୀ ବିଭାଗଗୁଡ଼ିକ ସରକାରଙ୍କ ୱେବ୍‌ସାଇଟ୍ ଜରିଆରେ ସୂଚନା ଯୋଗାଇ ଦେଉଛନ୍ତି । ଓଡ଼ିଶା ସୂଚନା କମିଶନ ଗଠନ କରାଯାଇଛି ଏବଂ ଏହା କାର୍ଯ୍ୟାରମ୍ଭ କରିଛି ।

୩୨. ମୋ' ସରକାର ୨୦୦୬ ମସିହା ଜାନୁଆରୀ ୨୬ ତାରିଖରୁ ପ୍ରତ୍ୟେକ ଜମି ସ୍ୱତ୍ୱାଧିକାରୀ ପରିବାରମାନଙ୍କ ପାଇଁ ଜମି ପାସ୍‌ବୁକ୍ ଯୋଜନା ନାମରେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଜମି ପାସ୍‌ବୁକ୍ ଜାତି, ଆୟ, ଉତ୍ତରାଧିକାରୀ, ବାସିନ୍ଦା ଏବଂ ପରିଚୟପତ୍ର ଇତ୍ୟାଦିର ପ୍ରମାଣପତ୍ର ରୂପେ କାର୍ଯ୍ୟ କରିବ । ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ୨୦୦୫ ଶେଷ ସୁଦ୍ଧା ଉତ୍ତମ ଜମି ପରିଚାଳନା ପାଇଁ ମୋ' ସରକାର 'ବସୁନ୍ଧରା' ଯୋଜନା ମାଧ୍ୟମରେ ରାଜ୍ୟର ୧୪,୫୮୮ଟି ଭୂମିହୀନ ପରିବାରଙ୍କୁ ଜମି ଆବଣ୍ଟନ କରିଛନ୍ତି । ତନ୍ମଧ୍ୟରୁ ୭୮୨୭ ଜଣ ଅନୁସୂଚୀତ ଜନଜାତିର ପରିବାର ଏବଂ ୩୨୩୪ ଜଣ ଅନୁସୂଚୀତ ଜାତି ପରିବାରର ଅଟନ୍ତି । ୨୦୦୫-୦୬ ବର୍ଷଠାରୁ ୨୦୦୭-୦୮ ଏହି ୩ ବର୍ଷ ମଧ୍ୟରେ ଉକ୍ତ ଯୋଜନା ମାଧ୍ୟମରେ ୨,୪୯,୩୩୪ ଭୂମିହୀନ ପରିବାରଙ୍କୁ ଜମି ଯୋଗାଇ ଦେବାର ଲକ୍ଷ୍ୟ ରହିଛି । ମୋ' ସରକାର ୨୦୦୬-୦୭ ବର୍ଷରୁ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ୫୧୫ କୋଟି ଟଙ୍କା ବାହ୍ୟ ସହାୟତାରେ ଏକ ବ୍ୟାପକ ଯୋଜନା ହାତକୁ ନେଇଛନ୍ତି । ରାଜ୍ୟର ୧୭୧ଟି ତହସିଲ୍ ମଧ୍ୟରୁ ୧୫୭ଟି ତହସିଲ୍‌କୁ ସଂପୂର୍ଣ୍ଣ ଭାବେ କମ୍ପ୍ୟୁଟରୀକରଣ କରାଯାଇଛି । ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଆର୍ଥିକ ଉନ୍ନତି ଏବଂ କୃଷି ଉତ୍ପାଦନ ଅଭିବୃଦ୍ଧିକୁ ଲକ୍ଷ୍ୟରେ ରଖି ଭୂମିହୀନ ବ୍ୟକ୍ତିମାନଙ୍କୁ ୧ ଏକର ଲେଖାଏଁ ସରକାରୀ ଜମି ବିନା ସଲାମୀରେ ବଣ୍ଟନ କରାଯାଇଛି । ୨୦୦୪-୦୫ ଆର୍ଥିକ ବର୍ଷରେ ୧୦୫୩ ଅନୁସୂଚିତ ଜାତି ଓ ୨୯୫୪ ଅନୁସୂଚିତ ଜନଜାତି ପରିବାରଙ୍କୁ ମିଶାଇ ସମୁଦାୟ ୬୦୭୫ଟି ଭୂମିହୀନ ପରିବାରଙ୍କୁ ୫୦୩୩ ଏକର ସରକାରୀ ଜମି ଯୋଗାଇ ଦିଆଯାଇଛି । ୨୦୦୫-୦୬ ବର୍ଷର ୨୦୦୫ ମସିହା ଅକ୍ଟୋବର ମାସ ଶେଷ ସୁଦ୍ଧା ୭୦୦ ଅନୁସୂଚିତ ଜନଜାତି ଓ ୨୪୬ ଅନୁସୂଚିତ ଜାତି ଭୂମିହୀନ ପରିବାରଙ୍କୁ ମିଶାଇ ସମୁଦାୟ ୧୫୯୨ଟି ଭୂମିହୀନ ପରିବାରଙ୍କୁ ୧୫୫୩ ଏକର ସରକାରୀ ଜମି ଯୋଗାଇ ଦିଆଯାଇଛି । ଆଗାମୀ ବର୍ଷରେ ମୋ' ସରକାର ବଳକା ଭୂଦାନ ଜମିର ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖିଛନ୍ତି ।

ମୋ' ସରକାରଙ୍କ ପ୍ରଚଳିତ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ପ୍ରତ୍ୟେକ ବିସ୍ଥାପିତ ପରିବାରର ଜଣେ ସଦସ୍ୟଙ୍କୁ ଶିଳ୍ପ କିମ୍ବା ଏହାର ଆନୁଷଙ୍ଗିକ ସଂସ୍ଥାରେ ନିଯୁକ୍ତି ଦେବା ନିମନ୍ତେ ବ୍ୟବସ୍ଥା କରାଯାଉଛି । ବିସ୍ଥାପିତ ପରିବାରର ସଦସ୍ୟଙ୍କୁ ଚାକିରି ଯୋଗାଇ ଦେବା ସମ୍ଭବ ନହେଲେ କମ୍ପାନୀର ସହାବସ୍ଥାନରେ ଦୋକାନ, ସେବା ପ୍ରତିଷ୍ଠାନ ଅଥବା ଅନ୍ୟାନ୍ୟ ଧନ୍ଦା ମାଧ୍ୟମରେ ଆତ୍ମନିଯୁକ୍ତିର ସୁବିଧା ଯୋଗାଇ ଦିଆଯିବ । ପୁନର୍ବାସ ଓ ପୁନଃଥଇଥାନ କଲୋନୀରେ ରାସ୍ତା, ଗୋଷ୍ଠୀ କେନ୍ଦ୍ର, ସ୍କୁଲ ଗୃହ, ପାନୀୟ ଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା କରାଯିବ । ଯେଉଁ ବିସ୍ଥାପିତ ପରିବାରଗୁଡ଼ିକ ପୁନର୍ବାସ କଲୋନୀରେ ନରହି ନିଜ ଉଦ୍ୟମରେ ଅନ୍ୟତ୍ର ରହିବାକୁ ଚାହିଁବେ ସେମାନଙ୍କର ପୁନର୍ବାସ ପାଇଁ ୫୦,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯିବ । ପୁନଶ୍ଚ ବିସ୍ଥାପିତ ପରିବାରର ମନୋନୀତ ସଭ୍ୟଙ୍କୁ ନିଯୁକ୍ତି ନିମନ୍ତେ କୌଶଳ ଆହରଣ କରିବାକୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଉଛି । ମୁଁ ପ୍ରାରମ୍ଭରେ ସୂଚାଇ ଦେଇଛି ଯେ, ମୋ' ସରକାର ପ୍ରଚଳିତ ନୀତିର ଅନୁଧ୍ୟାନ କରି ବ୍ୟାପକ ପରାମର୍ଶକ୍ରମେ ଏକ ବିସ୍ତୃତ ନୀତି ପ୍ରସ୍ତୁତ କରିବା ନିମନ୍ତେ ସୁପାରିଶ କରିବା ପାଇଁ କେତେଜଣ ମନ୍ତ୍ରୀଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି ।

୩୩. ମୋ' ସରକାରଙ୍କର ଘୋଷିତ ନୀତି ଲୋକମାନଙ୍କୁ ମଦ୍ୟପାନରୁ ନିବର୍ତ୍ତାଇବା ପାଇଁ ଉଦ୍ଦିଷ୍ଟ । ବିଶିଷ୍ଟ ବ୍ୟକ୍ତିବିଶେଷ, ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ଓ ବିଭିନ୍ନ ବର୍ଗର ଜନସାଧାରଣଙ୍କ ଆପତ୍ତି ଅଭିଯୋଗକୁ ବିଚାର କରି ସରକାର ରାଜ୍ୟରେ ଆଉ ନୂତନ ମଦଦୋକାନ ଖୋଲିବା ଉପରେ ନିଷେଧାଜ୍ଞା ଜାରି କରିଛନ୍ତି । ଅବକାରୀ ପ୍ରବର୍ତ୍ତନ ପ୍ରକ୍ରିୟାକୁ ଦୃଢ଼ୀଭୂତ କରାଯାଇଛି । ଚଳିତବର୍ଷର ପ୍ରଥମ ୬ ମାସ ମଧ୍ୟରେ ୧୫,୩୭୬ଟି ମାମଲା ଚିହ୍ନଟ କରାଯାଇଛି ଏବଂ ୭,୭୬୭ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ସନ୍ଦେହପୂର୍ଣ୍ଣ ବେଆଇନ ମଦରନ୍ଧା ସ୍ଥାନଗୁଡ଼ିକ ଉପରେ ତୀକ୍ଷ୍ଣଦୃଷ୍ଟି ରଖିବା ଏବଂ ଅପମିଶ୍ରିତ ମଦ କାରବାରକୁ ଦମନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଅପରାଧକାରୀମାନଙ୍କ ନିମନ୍ତେ ଅବକାରୀ ଆଇନକୁ ଅଧିକ କଠୋର କରିବା ଉଦ୍ଦେଶ୍ୟରେ ଏକ ନୂତନ ଓଡ଼ିଶା ଅବକାରୀ ବିଲ୍-୨୦୦୫କୁ ଓଡ଼ିଶା ବିଧାନସଭାରେ ଉପସ୍ଥାପନ କରାଯାଇଛି ।

୩୪. ସମସ୍ତଙ୍କୁ ନ୍ୟାୟ ଉଦ୍ଦେଶ୍ୟରେ ମୋ' ସରକାର ରାଜ୍ୟରେ ପର୍ଯ୍ୟାୟକ୍ରମେ ୮ଟି ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । କଟକ ଏବଂ ବାଲେଶ୍ୱରରେ ୨ଟି କୋର୍ଟ ଖୁବ୍ ଶୀଘ୍ର ଖୋଲାଯିବ । ରାଜ୍ୟରେ ୪୪୬ଟି ଲୋକ ଅଦାଲତ ଆୟୋଜନ କରାଯାଇ ପ୍ରାୟ ୯୧,୦୦୦ଟି ମାମଲାର ଫଇସଲା କରାଯିବା ସଂଗେସଂଗେ ଲୋକମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଇଛି । ହରିଜନ, ଆଦିବାସୀ, ମହିଳା, ଶିଶୁ, ଅଟକଥିବା ବ୍ୟକ୍ତି ଓ ସମାଜର ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଆଇନ୍ ସହାୟତା ଯୋଗାଇ ଦିଆଯାଉଛି । ଗ୍ରାମାଞ୍ଚଳ


ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଆଇନ୍ ସଚେତନତା ସୃଷ୍ଟି କରିବା ପାଇଁ ଆଇନ୍ ସଚେତନତା ଶିବିରମାନ ଆୟୋଜନ କରାଯାଇଛି । ପୁରୀସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ମୋ' ସରକାର ପ୍ରାଧାନ୍ୟ ଦେଇଛନ୍ତି । ପ୍ରଶାସନର ଦୃଢ଼ୀକରଣ ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍‌କୁ ସଂଶୋଧନ କରାଯାଇଛି । କମିଶନର ପାହ୍ୟାର ଜଣେ ବରିଷ୍ଠ ଅଧିକାରୀଙ୍କୁ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି । ଓ୍ୱାକଫ ସହିତ ଅନ୍ୟାନ୍ୟ ଧର୍ମାନୁଷ୍ଠାନଗୁଡ଼ିକୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି ।

୩୫. ୨୦୦୫-୦୬ ବର୍ଷରେ ବାମପନ୍ଥୀଙ୍କ ଦ୍ୱାରା ଓଡ଼ିଶାର ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଏବଂ ଉତ୍ତରାଞ୍ଚଳରେ କେତେକ ଉଗ୍ରବାଦୀ କାର୍ଯ୍ୟକ୍ରମବ୍ୟତୀତ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା । କଳିଙ୍ଗନଗର ଘଟଣା ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛି ଏବଂ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ବାତାବରଣ ଫେରି ଆସୁଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଦଳର ନେତା, ଯୁବ ସଂଗଠନ, ଛାତ୍ର ସଂଗଠନ, ଶ୍ରମିକ ୟୁନିୟନ୍ ପ୍ରଭୃତିଙ୍କ ଦ୍ୱାରା ଧାରଣା, ରେଳରୋକୋ, ରାସ୍ତାରୋକୋ ଆଦି ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ କରାଯାଇଥିଲେ ମଧ୍ୟ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ । ଏହି ସମୟରେ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରହିଛି । ଆନନ୍ଦଉଲ୍ଲାସ ମଧ୍ୟରେ ପାରମ୍ପରିକ ପର୍ବପର୍ବାଣି ପାଳିତ ହୋଇଛି । ନରହତ୍ୟା ଏବଂ ଯୌତୁକ ସମ୍ପର୍କିତ ମାମଲାଗୁଡ଼ିକ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ଆଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଣ ଏବଂ ବହୁଳ ଭାବେ ଆବାସିକ ଓ ଅଣଆବାସିକ ଗୃହ ନିର୍ମାଣ ସହିତ ପୋଲିସ୍ ବାହିନୀର ଦ୍ରୁତ ଆଧୁନିକୀକରଣ କରାଯାଉଛି । ୨୦୦୦-୨୦୦୫ ବର୍ଷ ମଧ୍ୟରେ ୨୩୫.୬୨ କୋଟି ଟଙ୍କା ଅନୁଦାନ ବ୍ୟୟ କରାଯାଇଛି । ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ଲାବରଟୋରୀକୁ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଆଧୁନିକୀକରଣ କରାଯାଇଛି । ୨୦୦୫ ବର୍ଷରେ ୯ଟି ଫାଣ୍ଡି, ୯ଟି ଥାନା, ୪ଟି ରାଜ୍ୟ ପୋଲିସ୍ ଏକାଡେମୀ କାର୍ଯ୍ୟାଳୟ, ୨ଟି ରିଜର୍ଭ ପୋଲିସ୍ କାର୍ଯ୍ୟାଳୟ, ସ୍ୱତନ୍ତ୍ର ଗୋଇନ୍ଦା ବିଭାଗ, (ପ୍ରଥମ ଓ ଦ୍ୱିତୀୟ ମହଲା) ୧ଟି ଟ୍ରାଫିକ୍ ଟାୱାର୍, ୨ଟି ଏସ୍.ଏଫ୍.ଏସ୍.ଏଲ୍. ଓ ସନ୍ଧାନୀ କୁକୁର ପ୍ରଜନନ କେନ୍ଦ୍ର ଏବଂ ୨୮୬ଟି ସରକାରୀ ବାସଗୃହ ନିର୍ମାଣ କରାଯାଇଛି । ଉପଯୁକ୍ତ ନ୍ୟାୟ ପ୍ରଦାନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୦୫ ମସିହାରେ ୧୭ଟି ଫାଷ୍ଟଟ୍ରାକ୍ କୋର୍ଟ ଗୃହ ନିର୍ମାଣ କରିଛନ୍ତି । ସୁତରାଂ ତୃଣମୂଳ ସ୍ତରରେ ନ୍ୟାୟ ପହଞ୍ଚାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଓଡ଼ିଶା ଅଗ୍ନିଶମ ସେବା ଏକ ସାଧାରଣ ଉପଯୋଗୀ ସେବା, ଯିଏକି ଅଗ୍ନିବିପ୍ଳାତ ଓ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରୁ ଜନସାଧାରଣଙ୍କ ଧନଜୀବନ ରକ୍ଷା କରିବାରେ ଅଭୂତପୂର୍ବ ସେବା ଯୋଗାଇ ଦେଉଛି । ଚଳିତବର୍ଷ ୧୪ଟି ଅଗ୍ନିଶମ ସେବା କେନ୍ଦ୍ର ଗୃହ ଓ ଅଗ୍ନିଶମ ସେବାର କର୍ମଚାରୀମାନଙ୍କ ପାଇଁ ୧୧ଟି ବାସଗୃହ ନିର୍ମାଣ କରାଯାଇଛି । କାରାଗାର ଭିତ୍ତିଭୂମିର ଆଧୁନିକୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି ଏବଂ କାରାଗାର ଅନ୍ତେବାସୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥା କରାଯାଇଛି । ରାଜ୍ୟର ପୂର୍ବତନ ସୈନିକ, ଯୁଦ୍ଧରେ ମୃତ ସୈନିକଙ୍କ ବିଧବା ପତ୍ନୀ, ଅକ୍ଷମ ପୂର୍ବତନ ସୈନିକ ଏବଂ ମୃତ ସୈନିକମାନଙ୍କ ପରିବାରର କଲ୍ୟାଣ ଓ ପୁନଃଥଇଥାନ ପାଇଁ ରାଜ୍ୟ ସୈନିକ ବୋର୍ଡ଼ କାର୍ଯ୍ୟ କରୁଅଛି ।

୩୬. ପ୍ରତ୍ୟେକ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ନକରି ସାଧାରଣ କାର୍ଯ୍ୟକ୍ରମ ଭିତ୍ତିରେ ମୋ' ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେବା ପାଇଁ ଏହା ମୋତେ ସୁଯୋଗ ଆଣି ଦେଇଛି । ଯାହା ହେଉ ଏହା ମୁଁ ସୂଚାଇ ଦେବାକୁ ଚାହେଁ ଯେ ମୋ' ସରକାରଙ୍କ ପ୍ରତିଟି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଏବଂ ଏସବୁକୁ ସମାନ ଭାବେ ଅଗ୍ରାଧିକାର ଦିଆଯିବା ଉଚିତ । ମୋ' ସରକାର ରାଜ୍ୟର ଜନସାଧାରଣଙ୍କ କଲ୍ୟାଣ ସାଧନ ନିମନ୍ତେ ଉଦ୍ଦିଷ୍ଟ ଥିବା ସମସ୍ତ କାର୍ଯ୍ୟକ୍ରମ ଏବଂ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ନିମନ୍ତେ କଠିନ ପ୍ରୟାସ ଜାରି ରଖିଛନ୍ତି । ଏହିସବୁ କାର୍ଯ୍ୟକ୍ରମ ରାଜ୍ୟର ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ, କୃଷକ, ମହିଳା, ବେକାର ଯୁବଗୋଷ୍ଠୀ ତଥା ଛାତ୍ରଛାତ୍ରୀଙ୍କ କଲ୍ୟାଣ ସାଧନ ନିମନ୍ତେ ଉତ୍ସର୍ଗୀକୃତ । ମୋ' ସରକାର ସମାଜର ଦୁର୍ବଳ ଶ୍ରେଣୀର ଉନ୍ନତ ଜୀବନଯାପନ ପାଇଁ ଏହିସବୁ କାର୍ଯ୍ୟକ୍ରମକୁ ନିରନ୍ତର ଜାରି ରଖିବ । ମୋ' ସରକାରଙ୍କର ପ୍ରଗତିଶୀଳ ଓ ଅଗ୍ରଣୀନୀତି ଏବଂ କାର୍ଯ୍ୟକ୍ରମ ପାଇଁ ଏହି ପବିତ୍ର ଗୃହର ମାନ୍ୟବର ସଦସ୍ୟବୃନ୍ଦ ସେମାନଙ୍କର ପୂର୍ଣ୍ଣ ସହଯୋଗ ଏବଂ ସମର୍ଥନ ଯୋଗାଇ ଦେବେ ବୋଲି ମୁଁ ଆଶା କରୁଛି ।

ଆପଣମାନଙ୍କ ବିଚାର ଆଲୋଚନାର ମୁଁ ସଫଳତା କାମନା କରୁଛି ।

**ଜୟହିନ୍ଦ୍**



# ଓଡ଼ିଶା : ବିକାଶର ନବଦିଗନ୍ତ

## କୃଷି

- କୃଷି ସଂପ୍ରସାରଣ ଜରିଆରେ ଉତ୍କୃଷ୍ଟ ଶସ୍ୟ ଉତ୍ପାଦନ କୌଶଳ, ସମନ୍ୱିତ ପୁଷ୍ଟିସାଧନ ପ୍ରଣାଳୀର ପ୍ରୟୋଗ, ଉତ୍ତମ କୀଟନାଶକ ପରିଚାଳନା ବ୍ୟବସ୍ଥା ପ୍ରତି ଅଗ୍ରାଧିକାର ଦିଆଯାଇଛି ।
- କୃଷକ ତାଲିମ କାର୍ଯ୍ୟକ୍ରମ, କୃଷକମାନଙ୍କୁ କ୍ଷେତ୍ରଶିକ୍ଷା ଏବଂ ପ୍ରଦର୍ଶନୀ ଆୟୋଜନ କରାଯାଇଛି । ଏହା ଦ୍ୱାରା ଉନ୍ନତ ଶସ୍ୟ ଉତ୍ପାଦନର ବୈଷୟିକ ଜ୍ଞାନକୌଶଳ ଏବଂ ରକ୍ଷଣାବେକ୍ଷଣ ତଥା ସଂରକ୍ଷଣ ଇତ୍ୟାଦି ସଂପର୍କରେ ସବିଶେଷ ଜ୍ଞାନ କୃଷକମାନଙ୍କ ନିକଟରେ ପହଞ୍ଚିପାରିବ ।
- କୃଷକମାନଙ୍କୁ ବିଭିନ୍ନ ଫଳଗଛର ୧୨.୫ ଲକ୍ଷ ଚାରା, ୧୦ ଲକ୍ଷ କାଜୁଚାରା ଏବଂ ୨.୫ ଲକ୍ଷ ପନିପରିବା ମଞ୍ଜିର ପ୍ୟାକେଟ୍ ଯୋଗାଇ ଦିଆଯାଇଛି ।
- ରାଜ୍ୟରେ ପିଆଜ ଉତ୍ପାଦନ ବୃଦ୍ଧି ନିମନ୍ତେ ୭,୫୦୦ ଏକର ପରିମିତ ଜମି ପାଇଁ ୩୦୦ କ୍ୱିଣ୍ଟାଲ ଉନ୍ନତଧରଣର ପିଆଜ ବଣ୍ଟନ କରାଯାଇଛି ଏବଂ ୮,୦୦୦ ପିଆଜ ସଂରକ୍ଷଣ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି ।
- ଫୁଲଚାଷକୁ ଉତ୍ସାହିତ କରିବା ନିମନ୍ତେ ଜାତୀୟ ଉଦ୍ୟାନ ମିଶନ୍ ଅଧୀନରେ ୨,୬୨୫ ଗୋଟି ଗୋଲାପ, ଗ୍ଲାଡ଼ିଓଲି ଏବଂ ଗେଣ୍ଡୁଫୁଲ ପ୍ରଦର୍ଶନୀ ଆୟୋଜିତ ହୋଇଛି । ଆସନ୍ତାବର୍ଷ ପାଇଁ ୬୦,୦୦୦ ସଂଖ୍ୟକ କ୍ଷେତ୍ର ପ୍ରଦର୍ଶନ ଆୟୋଜନ ପାଇଁ ଲକ୍ଷ୍ୟ ରଖାଯାଇଛି ।
- କୃଷକମାନଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିଶ୍ଚିତ କରିବା ନିମନ୍ତେ ୨୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ, ପି.ଏ.ସି., ମାର୍କଫେଡ୍, ନାଫେଡ୍ ଏବଂ ଲେଭି ମାଧ୍ୟମରେ ମିଲ୍ ମାଲିକଙ୍କ ଦ୍ୱାରା ସଂଗ୍ରହ କରାଯିବ ।
- ମରୁଡ଼ି ପ୍ରବଣ ଅଞ୍ଚଳରେ କ୍ଷୁଦ୍ର ଜଳଛାୟା ପ୍ରକଳ୍ପଗୁଡ଼ିକର ବିକାଶ କରାଯାଇ ୧୩ ହେକ୍ଟର ପରିମିତ ଅଞ୍ଚଳକୁ ଜଳ ଯୋଗାଇ ଦେବାର କ୍ଷମତା ରଖିଥିବା ୨୪୧୩ ଗୋଟି କ୍ଷୁଦ୍ର ଜଳଛାୟା ପ୍ରକଳ୍ପର ଉନ୍ନତିକରଣ କରାଯାଇଛି ।

## ଜଳସଂପଦ

- ରାଜ୍ୟରେ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇ ରାଜ୍ୟର ଜଳସେଚନ ସାମର୍ଥ୍ୟକୁ ବୃଦ୍ଧି କରାଯିବା ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି । ୨୦୦୫-୦୬ ବର୍ଷ ୧୨୬୮୫ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦେବାର ଲକ୍ଷ୍ୟ ରଖି ୬ ଗୋଟି ଜଳସେଚନ ପ୍ରକଳ୍ପ ଚିହ୍ନଟ ହୋଇଛି । ତନ୍ମଧ୍ୟରୁ ୪ ଗୋଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି ।
- ୨୦୦୫-୦୬ ବର୍ଷରେ ବିଜୁ କୃଷକ ବିକାଶ ଯୋଜନା ମାଧ୍ୟମରେ ୫୦୦ଟି ନୂତନ ଉଠାଜଳସେଚନ ପଏଣ୍ଟ ନିର୍ମାଣ କରାଯାଇ ଅତିରିକ୍ତ ୧୦,୦୦୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି ।
- ୨୦୦୬ ମସିହା ଜାନୁଆରୀ ସୁଦ୍ଧା ରାଜ୍ୟରେ ୧୩,୩୯୭ଟି ପାଣିପଞ୍ଚାୟତ ଗଠନ କରାଯାଇ ୧୦.୪୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ୧୧,୫୮୩ଟି ପାଣିପଞ୍ଚାୟତ ୭.୮୧ ଲକ୍ଷ ହେକ୍ଟର ଅଞ୍ଚଳରେ କେନାଲ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଛନ୍ତି ।

- ଜଳସେଚନ ସଂପର୍କିତ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଉଛି, ଏହାଦ୍ୱାରା ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ପ୍ରତି ବ୍ଲକ୍‌ର ୩୫ ଭାଗ ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା ରହିଛି ।

**ଇସ୍ପାତ ଓ ଖଣି**

- ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ଇସ୍ପାତ ଏବଂ ଆଲୁମିନିୟମ ଶିଳ୍ପୋଦ୍ୟୋଗୀମାନଙ୍କ ପାଇଁ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ହୋଇଛି ।
- ରାଜ୍ୟରେ ଇସ୍ପାତ କାରଖାନା ପ୍ରତିଷ୍ଠା ନିମନ୍ତେ ସରକାର ୧,୩୭,୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ୪୩ ଗୋଟି ବୁଝାମଣାପତ୍ର ସ୍ୱାକ୍ଷର କରିସାରିଛନ୍ତି ।
- ଦକ୍ଷିଣ କୋରିଆର ଏକ ପ୍ରସିଦ୍ଧ ଇସ୍ପାତ କମ୍ପାନୀ ପସ୍କୋ, ରାଜ୍ୟରେ ପ୍ରାୟ ୧୨ ବିଲିୟନ ୟୁ.ଏସ୍. ଡଲାର ପୁଞ୍ଜି ବିନିଯୋଗରେ ବାର୍ଷିକ ୧୨ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ।
- ପ୍ରଖ୍ୟାତ ଆଦିତ୍ୟ ବିର୍ଲା ଗ୍ରୁପ୍ ବର୍ଷକୁ ୧ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନା ବିଶୋଧନାଗାର ସହିତ ସ୍ମେଲଟର୍ ପ୍ରତିଷ୍ଠା କରିବା ନିମନ୍ତେ ଯୋଜନା କରିଛନ୍ତି ।
- ୨୦୦୫-୦୬ରେ ଓଡ଼ିଶା ଖଣି ନିଗମ ୫୧.୨୦ ଲକ୍ଷ ଟନ୍ ପରିମାଣର ଖଣିଜ ପଦାର୍ଥ ଉତ୍ତୋଳନ କରିବା ପାଇଁ ନିଜସ୍ୱ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏହା ଗତ ବର୍ଷ ତୁଳନାରେ ୩୩ ପ୍ରତିଶତ ଅଧିକ ।
- ୨୦୦୫-୦୬ ଆର୍ଥିକ ବର୍ଷରେ ଲୁହାପଥର ଉତ୍ପାଦନର ପରିମାଣ ୪୩ ଲକ୍ଷ ଟନ୍‌ରେ ପହଞ୍ଚିବ, ଯାହାକି ଗତ ଆର୍ଥିକ ବର୍ଷର ଉତ୍ପାଦନ ପରିମାଣ ତୁଳନାରେ ୪୦ ପ୍ରତିଶତରୁ ଅଧିକ ।
- ପୁରୀ ସମୁଦ୍ର ଉପକୂଳ ବାଲିରେ ଥିବା ଭାରି ଖଣିଜ ପଦାର୍ଥର ଆକଳନ କରିବା ପାଇଁ ଅନୁସନ୍ଧାନ, ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ ରତ୍ନ ପଥର, କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ବକ୍ସାଇଟ୍, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଟଙ୍ଗଷ୍ଟେନ୍ ଓ ଗ୍ରାଫାଇଟ୍ ଅନୁସନ୍ଧାନ କାର୍ଯ୍ୟ ଆଗେଇ ଚାଲିଛି ।
- ବେଆଇନ ଖଣି ସମ୍ବନ୍ଧୀୟ କାର୍ଯ୍ୟକଳାପ, ଲୁହାପଥର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥର ଚୋରା କାରବାର ଏବଂ ତଦ୍‌ଜନିତ ରାଜସ୍ୱ କ୍ଷତି ରୋକିବା ପାଇଁ ଓଡ଼ିଶା ଖଣିଜ ପଦାର୍ଥ ଆଇନ୍-୧୯୮୯କୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଫଳପ୍ରଦ ପଦକ୍ଷେପ ନିଆଯାଇଛି ।

**ଶିଳ୍ପ**

- ଶିଳ୍ପ ବିକାଶ, ନିଯୁକ୍ତି ସୁଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ କରିବାକୁ ଓଡ଼ିଶା ଶିଳ୍ପ (ସୁବିଧା ସୁଯୋଗ) ଆଇନ-୨୦୦୪ କାର୍ଯ୍ୟକ୍ଷମ ହେବା ଦ୍ୱାରା ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ମେକାନିଜିମ୍ ପ୍ରଚଳନ କରାଯାଇଛି । ଏଥିରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୁଞ୍ଜିନିବେଶ ପ୍ରସ୍ତାବ ନିଷ୍ପତ୍ତି ଏବଂ ନିରୀକ୍ଷଣର ଯଥାଯଥ ବ୍ୟବସ୍ଥା ରଖାଯାଇଛି ।
- ବିଗତବର୍ଷରେ ଓଡ଼ିଶା ଖଣିଜ କ୍ଷେତ୍ରରେ ପୁଞ୍ଜି ବିନିଯୋଗକାରୀଙ୍କ ପାଇଁ ଏକ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ରୂପେ ପରିଚିତ ହୋଇଛି । ୨୦୦୩-୦୪ ବର୍ଷଠାରୁ ଏବେ ସୁଦ୍ଧା ୪୬ ଗୋଟି କମ୍ପାନୀ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ତନ୍ମଧ୍ୟରୁ ୪୩ଟି କମ୍ପାନୀ ୧,୩୭,୧୫୬ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୫୮.୧୪ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ଓ ୨ଟି କମ୍ପାନୀ ୨୫,୦୦୦ କୋଟି ଟଙ୍କା ବିନିଯୋଗରେ ଆଲୁମିନିୟମ କାରଖାନା ପ୍ରତିଷ୍ଠା କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ।
- ସମୁଦାୟ କମ୍ପାନୀ ମଧ୍ୟରୁ ୧୪ଟି କମ୍ପାନୀ ୧୦,୭୫୦ କୋଟି ଟଙ୍କା ବିନିଯୋଗରେ ଆଂଶିକ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିଛନ୍ତି ଏବଂ ପ୍ରାୟ ୧୦,୦୦୦ ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି ।
- ଭାରତୀୟ ତୈଳ ନିଗମ ୨୫,୦୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ବାର୍ଷିକ ୧୨ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ତୈଳ ବିଶୋଧନାଗାର ଏବଂ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ପାରାଦୀପଠାରେ ପ୍ରତିଷ୍ଠା କରୁଛନ୍ତି ।

- ନିଯୁକ୍ତି ସୃଷ୍ଟି ପାଇଁ ବୈଷୟିକ ଶିକ୍ଷା କ୍ଷେତ୍ରରେ ପ୍ରଗତି ହାସଲ ଉଦ୍ଦେଶ୍ୟରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଆଇ.ଆଇ.ଟି ଖଡ଼ଗପୁର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ବିଭିନ୍ନ ଇଞ୍ଜିନିୟରିଂ ଓ ଆନୁଷଙ୍ଗିକ ବିଭାଗର ସ୍ନାତକୋତ୍ତର ଏବଂ ଗବେଷଣା କାର୍ଯ୍ୟରେ ଉନ୍ନତି ଓ ଅଭିବୃଦ୍ଧି ପାଇଁ ଆବଶ୍ୟକ ସୁବିଧା ସୁଯୋଗ ମିଳିପାରିବ ।
- ବିପୁଳ ପୁଞ୍ଜି ନିବେଶ ନିମନ୍ତେ ଭିତ୍ତିଭୂମି ସୁବିଧା ସୁଯୋଗର ଉନ୍ନତିକରଣ ପ୍ରତି ଅଗ୍ରାଧିକାର ଦିଆଯାଇଛି । ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉନ୍ନତ ଭିତ୍ତିଭୂମି ବିକାଶ ନିମନ୍ତେ ଭୁବନେଶ୍ୱରଠାରେ ଗୋଟିଏ ରପ୍ତାନୀଭିତ୍ତିକ ଶିଳ୍ପ ପାର୍କ ପ୍ରତିଷ୍ଠା କରାଯାଇଛି ।
- ରାଜ୍ୟରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଉତ୍ସାହିତ କରିବା ଲକ୍ଷ୍ୟରେ ୨୦୦୫-୦୬ ବର୍ଷ ମଧ୍ୟରେ ୧୨୩.୨୩ କୋଟି ଟଙ୍କା ବିନିଯୋଗ କରାଯାଇ ୨୨୫୫ ଗୋଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଏହାଦ୍ୱାରା ପ୍ରାୟ ୧୦,୩୦୮ ଜଣଙ୍କୁ ନିଯୁକ୍ତି ସୁବିଧା ମିଳିଛି ।
- ଉନ୍ନତମାନର ଡିଜାଇନ୍, ଉତ୍ପାଦନର ଉନ୍ନତି ଏବଂ ପ୍ରଶିକ୍ଷଣ ନିମନ୍ତେ ରାଜ୍ୟ କଳା ଏବଂ ହସ୍ତଶିଳ୍ପ ବିକାଶ ପ୍ରତିଷ୍ଠାନ ସ୍ଥାପନ କରାଯାଇଛି । ବିଭିନ୍ନ ହସ୍ତଶିଳ୍ପର ଉନ୍ନୟନ ପାଇଁ ଉପଯୁକ୍ତ କୌଶଳ ଗ୍ରହଣ କରାଯାଇଛି ।

## ସୂଚନା ପ୍ରଯୁକ୍ତି ବିଦ୍ୟା

- ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ରାଜ୍ୟ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ଭୁବନେଶ୍ୱରସ୍ଥିତ ଇନ୍‌ଫୋସିଟିଠାରେ ଉନ୍ନୟନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଟି.ସି.ଏସ୍. ଏବଂ ୱିପ୍ରୋ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ହେକ୍ସାୱାୟାର୍ ଟେକ୍‌ନୋଲୋଜି ଏବଂ ମାଇଣ୍ଡ୍ ଫ୍ରି କନ୍‌ସଲଟିଂ ପରି ଅନ୍ୟ କମ୍ପାନୀମାନେ ରାଜ୍ୟରେ କାର୍ଯ୍ୟ କରିବାକୁ ଆଗ୍ରହୀ ଅଛନ୍ତି । ଏହି ସମସ୍ତ କମ୍ପାନୀଗୁଡ଼ିକ ୨୦୦୭-୦୮ ସୁଦ୍ଧା ପ୍ରତ୍ୟକ୍ଷ ଭାବେ ପ୍ରାୟ ୫୦୦୦ ସଫ୍ଟୱେୟାର୍ ବୃତ୍ତିଧାରୀଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ପରୋକ୍ଷ ଭାବେ ବିଭିନ୍ନ ନିଯୁକ୍ତି ସୁବିଧା ସୃଷ୍ଟି କରିପାରିବେ ।
- ଟେଣ୍ଡର୍ ଗ୍ରହଣ ଏବଂ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଓଡ଼ିଶା ସରକାର, ସ୍ମାର୍ଟ ଗଭର୍ଣ୍ଣାନ୍ସ ଜାତୀୟ ପ୍ରତିଷ୍ଠାନ (ଏନ୍.ଆଇ.ଏସ୍.ଜି.) ଏବଂ ଜାତୀୟ ସୂଚନା କେନ୍ଦ୍ର (ଏନ୍.ଆଇ.ସି.)ଙ୍କ ଦ୍ୱାରା ମିଳିତ ଉଦ୍ୟମରେ ରାଜ୍ୟରେ ଇ-ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହୋଇଛି ।
- ରାଜ୍ୟରେ ଏକ ପ୍ରମୁଖ ଇ-ପ୍ରଶାସନ ଭିତ୍ତିଭୂମି ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱାର୍କ (ଏସ୍.ଡବ୍ଲ୍ୟୁ.ଏ.ଏନ୍.) କାର୍ଯ୍ୟକାରୀ ହେଉଅଛି, ଯାହାକି ରାଜ୍ୟ ସଦର ମହକୁମା ସହିତ ୨ ଏମ୍.ବି.ପି.ଏସ୍. ଡେଡିକେଟେଡ୍ ଲାଇନ୍ ଦ୍ୱାରା ସମସ୍ତ ଜିଲ୍ଲା ସଦର ମହକୁମା, ଉପଖଣ୍ଡ ସଦର ମହକୁମା ଓ ବ୍ଲକ୍ ସଦର ମହକୁମାକୁ ସଂଯୋଗ କରିବ ।
- ''ଟେକ୍‌ନୋଲୋଜି ଡେଭେଲପମେଣ୍ଟ ଫର୍ ଇଣ୍ଡିଆନ୍ ଲାଙ୍ଗୁଏଜେସ୍'' (ଟି.ଡି.ଆଇ.ଏଲ୍.) କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଅନ୍ତର୍ଭୁକ୍ତ ହୋଇଛି ।
- ଓପେପା ଦ୍ୱାରା ଇ-ଶିଶୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ଏହାଦ୍ୱାରା ଶିକ୍ଷାର ୩ ଗୋଟି ସ୍ତମ୍ଭ, ଯଥା : ବିଦ୍ୟାଳୟ, ଶିକ୍ଷକ ଏବଂ ଶିଶୁ ସମ୍ପର୍କିତ ତଥ୍ୟାଧାର ଓପେପା ଓ ଓକାକ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ ହେଉଛି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଓ କୌଣସି ଶିଶୁ ଅଧାରୁ ସ୍କୁଲ ନଛାଡ଼ିବାକୁ ସୁନିଶ୍ଚିତ କରାଇବା ଦିଗରେ ଏହା ସହାୟକ ହେବ ।

## ବିଜ୍ଞାନ ଓ କାରିଗରୀ କୌଶଳ

- ବିକାଶ ପାଇଁ ବିଜ୍ଞାନ ଓ କାରିଗରୀ କୌଶଳର ଉନ୍ନତି ଏବଂ ପ୍ରୟୋଗ ଏକ ପ୍ରମୁଖ ଆବଶ୍ୟକତା । ରାଜ୍ୟର ଅଗମ୍ୟ ଅଞ୍ଚଳଗୁଡ଼ିକୁ ଉପଗ୍ରହ ମାଧ୍ୟମରେ ଯୋଗାଯୋଗ ସୁବିଧା ପାଇଁ ଗ୍ରାମ୍‌ସାଟ୍ ପାଇଲଟ୍ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ମାଧ୍ୟମରେ ରାଜ୍ୟ ରାଜଧାନୀ, ସମସ୍ତ ଜିଲ୍ଲା ସଦର ମହକୁମା, ସମସ୍ତ ବ୍ଲକ୍ ସଦର ମହକୁମା ଏବଂ କେ.ବି.କେ. ଜିଲ୍ଲାର ୧୧୭୯ ଗ୍ରାମପଞ୍ଚାୟତ ସଦର ମହକୁମାରେ ଉପଗ୍ରହ ମାଧ୍ୟମରେ ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା କରାଯାଇଛି ।
- ୨୦୦୫ ମସିହା ଅକ୍ଟୋବର ୧ ତାରିଖରେ ଆରମ୍ଭ କରାଯାଇଥିବା ଏଡୁସାଟ୍ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ୪ ଗୋଟି ସ୍କୁଲକୁ ଅନ୍ତର୍ଭୁକ୍ତ କରାଯାଇଛି ।
- ଜୈବ ପ୍ରଯୁକ୍ତି ବିଦ୍ୟାର ପ୍ରସାର ନିମନ୍ତେ ଭୁବନେଶ୍ୱରଠାରେ ଏକ ଜୈବ ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଉଛି ।

- ଅଣ ପାରମ୍ପରିକ ଶକ୍ତି ଉତ୍ସ ଜରିଆରେ ବିଦ୍ୟୁତ ସଂଯୋଗ ହୋଇନଥିବା ୧୦୦୦ ଗୋଟି ଆଭ୍ୟନ୍ତରୀଣ ଗ୍ରାମକୁ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।
- ଗଣିତରେ ମୌଳିକ ଗବେଷଣାକୁ ଉତ୍ସାହିତ କରିବା ପାଇଁ ଭୁବନେଶ୍ୱରଠାରେ ଏକ ଆନ୍ତର୍ଜାତିକମାନର ଗଣିତ ପ୍ରତିଷ୍ଠାନ କରାଯିବା ନିମନ୍ତେ ପଦକ୍ଷେପ ନିଆଯାଇଛି ।
- ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ ଜିଜ୍ଞାସା ଭାବ ସୃଷ୍ଟି କରିବା ପାଇଁ ୨୦୦୫ ମସିହା ଡିସେମ୍ବର ମାସରେ ଭୁବନେଶ୍ୱରଠାରେ ତ୍ରୟୋଦଶ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହା ଭାରତର ମହାମହିମ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

## ପର୍ଯ୍ୟଟନ

- ପର୍ଯ୍ୟଟନର ବିକାଶ ଦ୍ୱାରା ରାଜ୍ୟରେ ଆର୍ଥିକ ସ୍ଥିତିର ପରିବର୍ତ୍ତନ ସମ୍ଭବ ହେବା ଉପଲବ୍ଧି କରି ପେଶାଗତ ଉନ୍ନତି ଓ ପ୍ରଚାର ନିମନ୍ତେ ମିଡିଆ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ଓ ଇଭେଣ୍ଟ ମ୍ୟାନେଜରଙ୍କୁ ଚିହ୍ନଟ କରାଯାଇଛି ।
- ଓଡ଼ିଶାକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରୂପେ ପରିଚିତ କରିବା ପାଇଁ ଏକ ନୂତନ ଲୋଗୋ ଗ୍ରହଣ କରାଯାଇଛି ।
- ପର୍ଯ୍ୟଟନସ୍ଥଳୀ ବିକାଶ ଯୋଜନାରେ ଧଉଳିଠାରେ ଏକ ଶାନ୍ତି ଉଦ୍ୟାନ ପ୍ରତିଷ୍ଠା, ପର୍ଯ୍ୟଟନ ବଳୟ ଯୋଜନାରେ ରତ୍ନଗିରି, ଲଳିତଗିରି, ଉଦୟଗିରି ଏବଂ ଲାଙ୍ଗୁଡ଼ିକୁ ନେଇ ଗଠିତ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ଏବଂ ଗ୍ରାମ୍ୟ ବିକାଶ ପ୍ରକଳ୍ପ ଜରିଆରେ ପିପିଲିଠାରେ ପର୍ଯ୍ୟଟନ ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।
- ପର୍ଯ୍ୟଟନର ବିକାଶ ସହିତ ଏହାର ବଜାର ବୃଦ୍ଧି ନିମନ୍ତେ ଇଡ୍‌କୋ ଜରିଆରେ ପୁରୀ ଓ ଚିଲିକା ମଧ୍ୟରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଅଞ୍ଚଳର ଉନ୍ନତିକରଣ କରାଯାଉଛି ।
- ପର୍ଯ୍ୟଟନର ବିକାଶ ନିମନ୍ତେ ବହୁ ପର୍ଯ୍ୟଟନ ମେଳା ଓ ମହୋତ୍ସବ ଯଥା- ପୁରୀରେ ଶ୍ରୀକ୍ଷେତ୍ର ଉତ୍ସବ, ଭୁବନେଶ୍ୱରରେ ଏକାମ୍ର ଉତ୍ସବ, କୋଣାର୍କଠାରେ କୋଣାର୍କ ମହୋତ୍ସବ ଆୟୋଜନ କରାଯାଉଛି । ଏହା ରାଜ୍ୟର ସଂସ୍କୃତି ଓ ପର୍ଯ୍ୟଟନ ବିକାଶର ନିଦର୍ଶନ ଭାବେ ପରିଗଣିତ ହୋଇଛି ।
- ବ୍ୟାଙ୍କକ୍‌ଠାରେ ଆୟୋଜିତ ବୌଦ୍ଧ ମହୋତ୍ସବ, ମସ୍‌କୋଠାରେ ଲିଜର ମସ୍‌କୋ, ଲଣ୍ଡନଠାରେ ଡବ୍ଲୁ.ଟି.ଏମ୍, କୁଆଲମପୁରଠାରେ ପଟା କନ୍‌ଭେନ୍‌ସନ୍, କୋଚିଠାରେ ଆଇ.ଏ.ଟି.ଓ., କୋଲକତାଠାରେ ଟି.ଟି.ଏଫ୍., ରାୟପୁରରେ ପଥପ୍ରାନ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଅଂଶ ଗ୍ରହଣ କରିଛି ।
- ବେସରକାରୀ ସ୍ତରରେ ପର୍ଯ୍ୟଟନ କ୍ଷେତ୍ରରେ ଅଂଶ ଗ୍ରହଣ ଓ ଉତ୍ସାହ ସୃଷ୍ଟି ନିମନ୍ତେ ୩୭୩ ଜଣ ଗାଇଡ଼ଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

## ସଂସ୍କୃତି

- ଗୀତ, ବାଦ୍ୟ, ନୃତ୍ୟ ଓ ନାଟକର ବିକାଶ ନିମନ୍ତେ କଳାମଣ୍ଡଳ ନାମକ ଏକ ବହୁମୁଖୀ ସାଂସ୍କୃତିକ କମ୍ପ୍ଲେକ୍ସ ନିର୍ମାଣାଧୀନ ଅଛି ।
- ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନ୍ ଯୋଜନାରେ ଗ୍ରାମ୍ୟ ପାଠାଗାର ଓ ଗାନ୍ଧୀ ପାଠାଗାରଗୁଡ଼ିକୁ ପୁସ୍ତକ ଯୋଗାଇବା ଓ ଗଚ୍ଛିତ ନିମନ୍ତେ ବ୍ୟବସ୍ଥା ହୋଇଛି ।
- ସମକାଳୀନ ବିଷୟକୁ ଆଧାର କରି ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ 'ଶ୍ରୀଜଗନ୍ନାଥାୟନ' ନାମକ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।
- ରାଜ୍ୟରେ ପ୍ରାଚୀନ ଐତିହ୍ୟର ସଂରକ୍ଷଣ ନିମନ୍ତେ ଦ୍ୱାଦଶ ଅର୍ଥ କମିଶନ ୫୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି ।
- ଦୁଃସ୍ଥ ଓ ଅସହାୟ କଳାକାରମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ଏକ କଳାକାର କଲ୍ୟାଣ ପାଣ୍ଠି ଗଠନ କରାଯାଇଛି ।

## ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ

- ଅନୁସୂଚିତ ଜନଜାତି ପରିବାରଙ୍କ ରୋଜଗାର ବୃଦ୍ଧି ଏବଂ ଜମିରେ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ଆଇ.ଏଫ୍.ଏ.ଡି.-ଡି.ଏଫ୍.ଆଇ.ଡି. - ବିଶ୍ୱବ୍ୟାଙ୍କ ସହାୟତାରେ ୨୦୦୪ ମସିହା ଅକ୍ଟୋବର ୨ ତାରିଖଠାରୁ ୭ ଗୋଟି ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡ଼ିକର ୩୦ ଗୋଟି ଜନଜାତି ବ୍ଲକ୍‌ରେ ୪୩୦.୭୩ କୋଟି ଟଙ୍କା ବ୍ୟୟ ଅଟକଳରେ 'ଓଡ଼ିଶା ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ' (ଓ.ଟି.ଇ.ଏଲ୍.ପି.) ଆରମ୍ଭ କରାଯାଇଛି ।
- ଆଦିବାସୀ ପରିବାରର ରୋଜଗାର ବୃଦ୍ଧି ନିମନ୍ତେ ୬୦ଟି ଲଘୁ ବନଜାତ ଦ୍ରବ୍ୟ ଓ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟର ନିୟନ୍ତ୍ରଣ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ।
- ଆଦିବାସୀ ଜମିକୁ ପୁନରୁଦ୍ଧାର କରାଯାଇ ଏହାର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତରିତ କରାଯାଉଛି ।
- ୧୯୮୦ ପୂର୍ବରୁ ଥିବା ଜଙ୍ଗଲ ବସତିର ନିୟମିତକରଣ ।
- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ଶିକ୍ଷାର ଉନ୍ନତି ନିମନ୍ତେ ୪୦୦ ଗୋଟି ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଛି ।
- ସମ୍ବିଧାନର ନବମ ପରିଚ୍ଛେଦରେ ଅଲିଚିକ୍ ଭାଷାକୁ ଅନ୍ତର୍ଭୁକ୍ତ କରାଯାଇଛି ।
- ଆଦିବାସୀମାନଙ୍କ ନାମରେ ଥିବା ଜଙ୍ଗଲ ତଥା ଫୌଜଦାରୀ ସମ୍ପର୍କିତ କମ୍ ଗୁରୁତ୍ୱ ବିଶିଷ୍ଟ ମାମଲାଗୁଡ଼ିକୁ ପ୍ରତ୍ୟାହାର କରାଯାଇଛି ।
- ୫୦୦ ଜନସଂଖ୍ୟା ବିଶିଷ୍ଟ ଆଦିବାସୀ ବସତିକୁ ସବୁଦିନିଆ ରାସ୍ତା ଯୋଗାଇ ଦିଆଯାଇଛି ।
- ଜଙ୍ଗଲ ବିଭାଗ ଦ୍ୱାରା ସଂଗ୍ରହ କରାଯାଉଥିବା କେନ୍ଦୁପତ୍ର ବିଡ଼ାମୂଲ୍ୟ ୧୬ ପଇସାରୁ ୨୧ ପଇସାକୁ ବୃଦ୍ଧି କରାଯାଇଛି ଏବଂ ବହୁ ସଂଖ୍ୟକ ନୂତନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କର ରୋଜଗାର ବୃଦ୍ଧି ଉଦ୍ଦେଶ୍ୟରେ ଋଣ ସହାୟତା ପ୍ରଦାନ କରାଯାଉଛି ।
- ଆଦିବାସୀ ଗ୍ରାମଗୁଡ଼ିକୁ ଅଗ୍ରାଧିକାରଭିତ୍ତିରେ ବିଦ୍ୟୁତ୍‌କରଣ କରାଯାଉଛି ।
- ତହସିଲଦାରମାନେ ରାଜସ୍ୱ ମୁଖ୍ୟ ଦପ୍ତର ପରିବର୍ତ୍ତେ କ୍ୟାମ୍ପକୋର୍ଟ ମାଧ୍ୟମରେ ବିଭିନ୍ନ ମାମଲାର ଫଏସଲା କରୁଛନ୍ତି ।
- ସମସ୍ତ ଯୋଗ୍ୟ ବିବେଚିତ ବାସହୀନ ଆଦିବାସୀମାନଙ୍କୁ ବାସୋପଯୋଗୀ ଜମି ଯୋଗାଇ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।
- ଗ୍ରାମାଞ୍ଚଳକୁ ବ୍ୟାପକ ଗସ୍ତ ଏବଂ ସେଠାରେ ରାତ୍ରୀଯାପନ ତଥା ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଅଧିକ ଗସ୍ତ କରିବା ପାଇଁ ଆଦିବାସୀ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।
- ଆଦିବାସୀ ଯୁବକଯୁବତୀଙ୍କର ଜ୍ଞାନକୌଶଳ ବୃଦ୍ଧି ନିମନ୍ତେ ଆଇ.ଟି.ଆଇ. ଏବଂ ପଲିଟେକ୍‌ନିକ୍ ମାଧ୍ୟମରେ ତାଲିମ ପ୍ରଦାନ କରି ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ସୃଷ୍ଟି ଉଦ୍ଦେଶ୍ୟରେ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି ।
- ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ନିମନ୍ତେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି-ର୍‍ୟାଲି କରାଯାଉଛି ।
- ଓଡ଼ିଶା ରାଜ୍ୟ ଅର୍ଥ ଉନ୍ନୟନ ନିଗମ ଜରିଆରେ ୪୧୫୮ଟି ଅନୁସୂଚିତ ଜାତି ପରିବାର, ୬୪୩ଟି ଅନୁସୂଚିତ ଜନଜାତି ପରିବାର ଏବଂ ୨୬ ଜଣ ମୁକ୍ତ ସଫେଇ କର୍ମଚାରୀଙ୍କୁ ସହାୟତା ମଧ୍ୟ ପ୍ରଦାନ କରାଯାଇଛି ।
- ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିରୋଧୀ) ଅଧିନିୟମ-୧୯୮୯ ଅନୁଯାୟୀ କ୍ଷତିଗ୍ରସ୍ତ ୧୮୦ ଜଣ ଅନୁସୂଚିତ ଜାତି ଏବଂ ୯୭ ଜଣ ଅନୁସୂଚିତ ଜନଜାତି ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

## ମହିଳା ଓ ଶିଶୁ ବିକାଶ

- ଶିଶୁ, କିଶୋରୀ, ଗର୍ଭବତୀ ମହିଳା ଏବଂ ପ୍ରସୂତି ମାଆମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ପାଇଁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଜରିଆରେ ୩୧ ଲକ୍ଷ ମା' ଓ ଶିଶୁଙ୍କୁ ସାମିଲ କରାଯାଇ ଏକ ସାମୂହିକ ଉଦ୍ୟମ ରାଜ୍ୟରେ ଆରମ୍ଭ କରାଯାଇଛି ।

- ପୁଷ୍ଟିହୀନତାର ଶିକାର ହେଉଥିବା ଶିଶୁମାନଙ୍କର ପୁଷ୍ଟି ସାଧନ ନିମନ୍ତେ ରାଜ୍ୟରେ 'ଆମେ ବି ପାରିବୁ' ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।
- ୧୧ରୁ ୧୮ ବର୍ଷ ବୟସର କିଶୋରୀମାନଙ୍କର ସାମୂହିକ ଉନ୍ନତି ପାଇଁ ରାଜ୍ୟର ୩୨୬ ଗୋଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ମାଧ୍ୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।
- ମଧ୍ୟାହ୍ନ ଭୋଜନ ଯୋଜନାରେ ୬୯,୭୦୦ ବିଦ୍ୟାଳୟର ପ୍ରାୟ ୫୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ପ୍ରତିଦିନ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ।
- ମହିଳା ସଶକ୍ତିକରଣ ନିମନ୍ତେ ମିଶନ୍ ଶକ୍ତି ମାଧ୍ୟମରେ ରାଜ୍ୟରେ ପ୍ରାୟ ୧,୭୬,୦୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଏମାନଙ୍କ ମଧ୍ୟରୁ ପ୍ରାୟ ୧.୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୭୦ କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି ।
- ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା ରାଶି ମାସିକ ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ୬,୭୫,୦୦୦ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି ।

**ଶକ୍ତି**

- ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟର ସବୁ ଗ୍ରାମକୁ ବିଜୁଳି ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ।
- ୪୬୯୬ ଗୋଟି ଗ୍ରାମ, ପଡ଼ା ଓ ଦଳିତ ବସ୍ତିରେ ସର୍ବନିମ୍ନ ଆବଶ୍ୟକ ଯୋଜନାରେ ବିଦ୍ୟୁତ୍‌କରଣ କରାଯିବା ପାଇଁ ପ୍ରସ୍ତାବ ରହିଛି । ୨୦୦୫ ମସିହା ଡିସେମ୍ବର ମାସ ସୁଦ୍ଧା ୨,୯୬୫ ଗୋଟି ଗ୍ରାମ ଓ ପଡ଼ାରେ ବିଦ୍ୟୁତ୍‌କରଣ କାର୍ଯ୍ୟ ସଂପନ୍ନ ହୋଇଛି ।
- ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ବଳକା ହେଉଥିବାରୁ ଡିସେମ୍ବର ୨୦୦୫ ସୁଦ୍ଧା ଗ୍ରୀଡ୍‌କୋ ଜରିଆରେ ପାୱାର ଟ୍ରେଡିଙ୍ଗ କରପୋରେସନ୍ ଓ ଜାତୀୟ ବିଦ୍ୟୁତ୍ ବ୍ୟାପାର ନିଗମକୁ ୪୨୦ କୋଟି ଟଙ୍କାର ବିଦ୍ୟୁତ୍ ବିକ୍ରୟ କରାଯାଇଛି ।
- ଏ.ପି.ଡି.ଆର୍.ପି. ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ୫୯୨ କୋଟି ଟଙ୍କାର ବ୍ୟୟ ଅଟକଳରେ ୭ ଗୋଟି ପ୍ରକଳ୍ପ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି ।
- ୨୦୦୫-୦୬ ବର୍ଷରେ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ କରପୋରେସନ୍ ଲାଭାଂଶ ବାବଦକୁ ୩୧.୨୫ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି ।

**ପଞ୍ଚାୟତିରାଜ**

- ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ ପଞ୍ଚାୟତିରାଜ ସଂସ୍ଥାକୁ କ୍ଷମତା ଅର୍ପଣ ପ୍ରକ୍ରିୟା ଅବ୍ୟାହତ ରହିଛି । ବିଭିନ୍ନ ବିଭାଗର ଅଧୀନରେ ଥିବା ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ମଧ୍ୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରାଯାଇଛି ।
- ଗ୍ରାମାଞ୍ଚଳର ଲୋକମାନଙ୍କୁ ବର୍ଷକୁ ଅତିକମ୍‌ରେ ୧୦୦ ଦିନର ନିଶ୍ଚିତ ନିଯୁକ୍ତି ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟର ୧୯ଟି ଜିଲ୍ଲାର ୨୦୫ ଗୋଟି ବ୍ଲକ୍ ଏବଂ ୩,୬୭୨ ଗ୍ରାମ ପଞ୍ଚାୟତରେ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ମାଧ୍ୟମରେ ୩୩,୫୨୭ଟି ଗ୍ରାମରେ ଥିବା ପ୍ରତ୍ୟେକ ପରିବାରଙ୍କୁ ୧୦୦ ଦିନର ନିଶ୍ଚିତ ଅଣକୁଶଳୀଭିତ୍ତିକ ନିଯୁକ୍ତି ଯୋଗାଇ ଦିଆଯିବ ଏବଂ ଏଥିରେ ୪୦,୬୮,୯୮୨ ଗୋଟି ପରିବାର ଉପକୃତ ହେବେ ।
- ୨୦୦୫-୦୬ ଡିସେମ୍ବର ସୁଦ୍ଧା ୩୦,୫୦୧ଟି ଇନ୍ଦିରା ଆବାସ ଗୃହ ନିର୍ମାଣ ହୋଇଛି ।
- ୨୦୦୫-୦୬ ବର୍ଷରେ ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ମାଧ୍ୟମରେ ୨ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଏବଂ ୨୧୮ କୋଟି ଟଙ୍କା ବିନିଯୋଗରେ ୩୭୪ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି ।
- ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଅନ୍ତର୍ଗତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଅଞ୍ଚଳରେ ୬୦,୦୦୦ ମେଟ୍ରିକ୍ ଟନ୍ ଚାଉଳ ବିନିମୟରେ ୧୦୭ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇପାରିଛି ।
- ୨୦୦୫-୦୬ ବର୍ଷରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ୩୩,୬୫୫ ଜଣ ସ୍ୱରୋଜଗାରୀ ଉପକୃତ ହୋଇଛନ୍ତି ।
- ୫,୦୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୨,୭୪୨ଟି ଗ୍ରାମପଞ୍ଚାୟତ କମ୍ପ୍ୟୁଟରୀକରଣ ପାଇଁ ସରକାର ଉଦ୍ୟମ କରୁଛନ୍ତି ।

- ସମସ୍ତ ୩୧୪ ଗୋଟି ବ୍ଲକ୍ ଏବଂ ୩୦ଟି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକୁ ଭି-ସାଟ୍ ସଂଯୋଗ ଯୋଗାଇ ଦିଆଯାଇଛି ।
- ହିସାବ ଏବଂ ଯୋଜନାର ତଦାରଖ ପାଇଁ ନୂତନ ସଫ୍ଟୱେର ପ୍ରିୟା ସଫ୍ଟ ଏବଂ ରୁରାଲ ସଫ୍ଟ ବିକଶିତ ହୋଇଛି ।
- ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଅନୁଷ୍ଠାନ ୨୦୦୫-୦୬ ବର୍ଷରେ ୯୬ଟି ତାଲିମ କାର୍ଯ୍ୟକ୍ରମ ଆୟୋଜିତ କରି ୫,୩୬୭ ଜଣଙ୍କୁ ତାଲିମ ପ୍ରଦାନ କରିଛି ।

**ଗ୍ରାମ୍ୟ ଉନ୍ନୟନ**

- ରାଜ୍ୟରେ ଗ୍ରାମ୍ୟ ସଂଯୋଗୀକରଣ ପ୍ରତି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ୪୦୬୭.୧୫ କି.ମି. ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଛି ।
- ନାବାର୍ଡ଼ ସହାୟତାରେ ୧୫୧ ଗୋଟି ପୋଲ ଏବଂ ୩୬୮ କି.ମି. ରାସ୍ତା ସମ୍ପୂର୍ଣ୍ଣ ହୋଇଛି ।
- ସ୍ୱଜଳଧାରା ଯୋଜନା ଅଧୀନରେ ୨୯୦ ଗୋଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ୨୦୦୫-୦୬ ବର୍ଷର ଡିସେମ୍ବର ମାସ ସୁଦ୍ଧା ୮,୩୮୨ ଗୋଟି ନଳକୂପ, ୨୨୩ ଗୋଟି ପରିମଳ କୂପ ଏବଂ ୧୧୨ ଗୋଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି ।
- ସଂପୂର୍ଣ୍ଣ ପରିମଳ ଯୋଜନା କାର୍ଯ୍ୟକ୍ରମରେ ୪୪୦ କୋଟି ଟଙ୍କା ବ୍ୟୟରେ ୮.୨୨ ଲକ୍ଷ ଘରୋଇ ପାଇଖାନା, ୭,୯୯୪ଟି ସ୍କୁଲ ଶୌଚାଳୟ ଏବଂ ୨୯୬ ଗୋଟି ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟ ନିର୍ମାଣ କରାଯାଇଛି ।

**ନଗର ଉନ୍ନୟନ**

- ପୌରାଞ୍ଚଳରେ ବାସ କରୁଥିବା ସହରୀ ଜନତାଙ୍କର ଦାବୀ ମୁତାବକ ଦିନକୁ ଦିନ ବୃଦ୍ଧି ପାଉଥିବା ଉନ୍ନତ ମାନର ସୁବିଧା ସୁଯୋଗ ଏବଂ ଭିତ୍ତିଭୂମି ସୁବିଧା ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ।
- ୧୦୩ ଗୋଟି ପୌରାଞ୍ଚଳର ୪୫ ଲକ୍ଷ ଲୋକଙ୍କ ପାଇଁ ପ୍ରାୟ ୬୬୦୦ ଲକ୍ଷ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି ।
- ସହରାଞ୍ଚଳର ବସ୍ତିବାସିନ୍ଦାଙ୍କ ଚାହିଦା ମେଣ୍ଟାଇବା ପାଇଁ ୧୬,୯୦୭ ଗୋଟି ନଳକୂପ ସ୍ଥାପନ କରାଯାଇଛି ।
- ରାଉରକେଲା, ଅନୁଗୋଳ ଓ ତାଳଚେରଠାରେ ୩ ଗୋଟି ବୃହତ୍ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଅଛି ।
- ଟିଟିଲାଗଡ଼ ପାଇଁ ଗୋଟିଏ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ।
- ଜାତୀୟ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ (ଏନ୍.ଏସ୍.ଡି.ପି.) ମାଧ୍ୟମରେ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଜୀବନଧାରଣର ମାନ ଉନ୍ନତ ହେଉଛି ।
- ବସ୍ତିବାସିନ୍ଦାଙ୍କୁ ବାସଗୃହ ଯୋଗାଇ ଦେବାପାଇଁ ବାଲ୍ମୀକି ଆମ୍ବେଦକର ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି ।
- କଟକ ଓ ଭୁବନେଶ୍ୱର ଦ୍ୱୈତ ନଗରୀ ଏବଂ ଆଖପାଖ ଅଞ୍ଚଳର ଯୋଜନାବଦ୍ଧ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଆଇ.ଆଇ.ଟି., ଖଡ଼ଗପୁର ସହାୟତାରେ କଟକ / ଭୁବନେଶ୍ୱର ସହରାଞ୍ଚଳ କମ୍ପ୍ଲେକ୍ସ ନିମନ୍ତେ ଗୋଟିଏ ସୁବିସ୍ତୃତ ଯୋଜନା ଦିଗରେ ପଦକ୍ଷେପ ନିଆଯାଇଛି ।
- ଆସନ୍ତା ୭ ବର୍ଷ ମଧ୍ୟରେ ବୃହତ୍ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ଓ ପୁରୀକୁ ଜବାହରଲାଲ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ୍ (ଜେ.ଏନ୍.ଏନ୍.ଭି.ଆର୍.ଏମ୍.) ଦ୍ୱାରା ମନୋନୀତ କରାଯାଇଛି ।
- ଦ୍ୱାଦଶ ଅର୍ଥ କମିଶନ ପୁରସ୍କାର ରାଶିରୁ ମିଳୁଥିବା ଅର୍ଥ ସହାୟତାରେ ପୌର ପରିଷଦଗୁଡ଼ିକ କଠିନ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପରିଚାଳନାକୁ ହାତକୁ ନେବାକୁ ଯୋଜନା କରୁଛନ୍ତି ।

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ**

- ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ଅଧିକ ପ୍ରାଧାନ୍ୟ ଦେଉଛନ୍ତି । ରାଜ୍ୟର ସମସ୍ତ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୨୦୦୫ ମସିହା ଜୁନ୍ ୧୭ ତାରିଖଠାରୁ 'ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍' ଆରମ୍ଭ ହୋଇଛି ।

- ଗ୍ରାମପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ 'ଆଶା' ନାମକ ଏକ ନୂତନ ଯୋଜନାର ଶୁଭାରମ୍ଭ ହୋଇଛି । ୧୦୦୦ ବା ତଦୂର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପ୍ରତିଟି ଗ୍ରାମରେ 'ଆଶା' ହେବ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବା ପ୍ରଥମ ସଂସ୍ଥା । ଅଦ୍ୟାବଧି ରାଜ୍ୟରେ ୬,୮୬୧ ଜଣ ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) ମନୋନୀତ ହୋଇଛନ୍ତି ।
- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପ୍ରତ୍ୟେକ ଜିଲ୍ଲାର ଦୁଇଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ଜନସ୍ୱାସ୍ଥ୍ୟ ମାନ ଅନୁଯାୟୀ ଉନ୍ନୀତ କରାଯିବ । ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୧୦,୦୦୦ ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ ।
- ରାଜ୍ୟରେ ଡାକ୍ତରମାନଙ୍କ ଅଭାବକୁ ପୂରଣ କରିବା ଉଦ୍ଦେଶ୍ୟରେ ଭେଷଜ ଏବଂ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଖୋଲିବା ନିମନ୍ତେ ଘରୋଇ କ୍ଷେତ୍ରର ୧୭ ଗୋଟି ଅନୁଷ୍ଠାନକୁ ଅନୁମତି ପ୍ରଦାନ କରାଯାଇଛି ।
- ପଶ୍ଚିମ ଓଡ଼ିଶାରେ ଘରୋଇ ଉଦ୍ୟୋଗ ଦ୍ୱାରା ଭେଷଜ ମହାବିଦ୍ୟାଳୟଗୁଡ଼ିକର ବିକାଶ ତଥା ଭିତ୍ତିଭୂମି ସୃଷ୍ଟି ଉଦ୍ଦେଶ୍ୟରେ ବିନାମୂଲ୍ୟରେ ୨୫ ଏକର ଜମି ଏବଂ ୩ ବର୍ଷରେ ପ୍ରତ୍ୟାର୍ପଣ ଭିତ୍ତିରେ ୧୦ କୋଟି ଟଙ୍କା ଯୋଗାଇ ଦେବାକୁ ନୀତିଗତ ଭାବେ ସ୍ଥିର ହୋଇଛି ।
- ୨୦୦୫-୦୬ ବର୍ଷରେ ବେସରକାରୀ ସ୍ତରରେ ୧୦୦ ଆସନ ବିଶିଷ୍ଟ ଏକ ଭେଷଜ ମହାବିଦ୍ୟାଳୟ ଏବଂ ୬୦ ଆସନ ବିଶିଷ୍ଟ ଏକ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଖୋଲାଯାଇଛି ।
- କଟକସ୍ଥିତ ଏସ୍.ସି.ବି. ଭେଷଜ ମହାବିଦ୍ୟାଳୟର ଏମ୍.ବି.ବି.ଏସ୍. ସ୍ଥାନ ସଂଖ୍ୟା ୧୦୭ରୁ ୧୫୦କୁ ବୃଦ୍ଧି କରାଯାଇଛି ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ**

- ଅନ୍ତ୍ୟୋଦୟ ଅନ୍ନଯୋଜନା ମାଧ୍ୟମରେ ପ୍ରାୟ ୧୦ ଲକ୍ଷ ଦରିଦ୍ରତମ ପରିବାରଗୁଡ଼ିକୁ ଅଧିକ ରିହାତି ଦରରେ କେ.ଜି. ପିଛା ୩ ଟଙ୍କା ମୂଲ୍ୟରେ ମାସିକ ୩୫ କେ.ଜି. ଚାଉଳ ଯୋଗାଇ ଦିଆଯାଉଛି । ଏହି ଯୋଜନା ଅଧୀନରେ ଅଧିକ ୨.୬୩ ଲକ୍ଷ ଅତିରିକ୍ତ ପରିବାରଙ୍କୁ ସାମିଲ୍ କରାଯାଉଛି ।
- ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ୬୪,୮୦୦ ଜଣ ବରିଷ୍ଠ ନାଗରିକଙ୍କୁ ବିନାମୂଲ୍ୟରେ ମାସିକ ୧୦ କେ.ଜି. ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି ।
- ଖାଉଟିମାନଙ୍କର ଅଧିକାର ସୁରକ୍ଷା ନିମନ୍ତେ କଟକଠାରେ ଗୋଟିଏ ରାଜ୍ୟ ଖାଉଟି ବିବାଦ ପ୍ରତିକାର କମିଶନ ଓ ୩୧ ଗୋଟି ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଫୋରମ୍ କାର୍ଯ୍ୟ କରୁଛି ।
- ଖାଉଟି ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ୧ କୋଟି ଟଙ୍କାର ମିଳିତ ଅଂଶଧନକୁ ନେଇ ଗୋଟିଏ ରାଜ୍ୟ ଖାଉଟି କଲ୍ୟାଣ ପାଣ୍ଠି ଗଠନ କରାଯାଇଛି ।

**ସମବାୟ**

- ୨୦୦୩-୦୪ ବର୍ଷକୁ ମୂଳବର୍ଷ ଭାବେ ବିବେଚନା କରି ୩ ବର୍ଷ ମଧ୍ୟରେ କୃଷିଋଣ ଦ୍ୱିଗୁଣ କରିବା ଲକ୍ଷ୍ୟରେ ରାଜ୍ୟରେ ସ୍ୱଚ୍ଛମିଆଦୀ ସମବାୟ ଋଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।
- ଶସ୍ୟଋଣ ବିନିଯୋଗ ୨୦୦୪-୦୫ ବର୍ଷରେ ପ୍ରଶଂସନୀୟ ଭାବେ ୨୯ ପ୍ରତିଶତ ଏବଂ ସେହି ବର୍ଷ ଖରିଫ୍ ଋଣ ୩୪ ପ୍ରତିଶତକୁ ବୃଦ୍ଧି ପାଇଛି ।
- ରାଜ୍ୟରେ କୃଷକମାନଙ୍କୁ ପ୍ରାୟ ୨୪.୨୫ ଲକ୍ଷ କିଷାନ୍ କ୍ରେଡ଼ିଟ୍ କାର୍ଡ଼ ପ୍ରଦାନ କରାଯାଇଛି । ତନ୍ମଧ୍ୟରୁ ୨୦୦୫-୦୬ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ୨.୨୩ ଲକ୍ଷ କିଷାନ କ୍ରେଡ଼ିଟ୍ କାର୍ଡ଼ ପ୍ରଦାନ କରାଯାଇଛି ।
- ଯେଉଁ କିଷାନ କ୍ରେଡ଼ିଟ୍ କାର୍ଡ଼ଧାରୀମାନେ ଲଗାତର ଭାବେ ୨ ବର୍ଷ ନିୟମିତ ଋଣ ପରିଶୋଧ କରିଥିବେ, ସେମାନଙ୍କୁ କଳିଙ୍ଗ କିଷାନ୍ ଗୋଲଡ୍ କାର୍ଡ଼ ପ୍ରଦାନ କରାଯାଉଛି । ପ୍ରାୟ ୧.୨୭ ଲକ୍ଷ କଳିଙ୍ଗ କିଷାନ୍ ଗୋଲଡ୍ କାର୍ଡ଼ ପ୍ରଦାନ କରାଯାଇଛି, ତନ୍ମଧ୍ୟରୁ ୨୦୦୫-୦୬ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ୩୨,୦୦୦ କାର୍ଡ଼ ପ୍ରଦାନ କରାଯାଇଛି ।

- ୨୦୦୫ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ପ୍ରାୟ ୧.୨୧ ଲକ୍ଷ କଳିଙ୍ଗ କିଷାନ୍ ସିଲଭର୍ କାର୍ଡ଼ ପ୍ରଦାନ କରାଯାଇଛି ।
- ୨୦୦୫-୦୬ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ଶସ୍ୟବୀମା ଯୋଜନାରେ ଚାଷୀମାନଙ୍କୁ ଶସ୍ୟହାନୀ କ୍ଷତିପୂରଣ ବାବଦରେ ୧୫.୦୪ କୋଟି ଟଙ୍କା ପ୍ରଦାନ କରାଯାଇଛି ।
- ସମବାୟ ନେଟ୍‌ୱାର୍କ ଜରିଆରେ ୨୦୦୫-୦୬ ବର୍ଷ ପାଇଁ ୧,୫୦,୦୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହା ମଧ୍ୟରୁ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ୧ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ରାଜ୍ୟ ସମବାୟ ବିପଣନ ମହାସଂଘ ମାଧ୍ୟମରେ ୫୦,୦୦୦ ମେଟ୍ରିକ୍ ଟନ୍ ଧାନ ସଂଗୃହୀତ ହେବ ।

## ଜଙ୍ଗଲ ଓ ପରିବେଶ

- ଜଙ୍ଗଲ ସମ୍ପଦ ତଥା ପରିବେଶ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଅଧିବାସୀମାନଙ୍କ ଜୀବିକା ନିର୍ବାହ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ଅଗ୍ରାଧିକାର ଦିଆଯାଉଛି ।
- ୮୪୩୧ ବର୍ଗ କି.ମି. ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପାଇଁ ଯୁଗ୍ମ ଜଙ୍ଗଲ ପରିଚାଳନାରେ ୯,୫୪୯ ବନ ସଂରକ୍ଷଣ ସମିତିକୁ ସଂଶ୍ଳିଷ୍ଟ କରାଯାଇଛି ।
- ୬୬୧୧ ବର୍ଗ କି.ମି. ଅଞ୍ଚଳ ଏବଂ ୨୦ କି.ମି. ପ୍ରସ୍ଥ ବିଶିଷ୍ଟ ୧୪୦୮ ବର୍ଗ କି.ମି. ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ ସଂରକ୍ଷିତ ଅଞ୍ଚଳ ନେଟ୍‌ୱାର୍କର ପରିସରଭୁକ୍ତ କରାଯାଇଛି ।
- ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ୧୯,୦୯୦ ହେକ୍ଟର ପରିମିତ ଅଞ୍ଚଳରେ ବନୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ।
- ୧୦୦୦ ଏକର ଘରୋଇ ଜମିରେ ଔଷଧୀୟ ବୃକ୍ଷ ତଥା ଗୁଳ୍ମଲତା ରୋପଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହାର ବିକାଶ ନିମନ୍ତେ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ଼ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଛନ୍ତି ।
- ପ୍ରତ୍ୟେକ ବର୍ଷ କେନ୍ଦୁପତ୍ର ବ୍ୟବସାୟ ଦ୍ୱାରା ୧୫୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇପାରୁଛି ।
- ଚଳିତ ଋତୁରେ ୯ ଲକ୍ଷ ତୋଳାଳୀ କେନ୍ଦୁପତ୍ର ସଂଗ୍ରହ କରି ଉପକୃତ ହୋଇପାରିଛନ୍ତି ।
- ଚଳିତ ବର୍ଷ ବାଉଁଶ ଜଙ୍ଗଲ ଥିବା ସମସ୍ତ ଜିଲ୍ଲାରେ ବାଉଁଶ କାମ ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରାଯାଇଛି ।
- ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ବିଭାଗ ୫୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିପାରିଛି ।
- ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଅନ୍ୟାନ୍ୟ ସଂସ୍ଥାମାନଙ୍କ ସହଯୋଗରେ ଚିଲିକା ହ୍ରଦର ଜୈବ ପରିବେଶର ପୁନରୁଦ୍ଧାର ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ।
- ପ୍ରଦୂଷଣ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ୨୦ ମାଇକ୍ରନରୁ କମ୍ ପଲିଥିନ୍ ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।

## ରାଜସ୍ୱ

- ବିସ୍ଥାପିତ ପରିବାରର ବିଭିନ୍ନ ସମସ୍ୟାର ଅର୍ଥପୂର୍ଣ୍ଣ ସମାଧାନ ନିମନ୍ତେ ଗୋଟିଏ ଆଦର୍ଶ ପୁନର୍ବସତି ଓ ପୁନଃଥଇଥାନ ନୀତି ପ୍ରଣୟନ କରାଯାଇଛି । ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ରାଜ୍ୟ ସରକାରଙ୍କର ଥଇଥାନ ନୀତି ଯଥେଷ୍ଟ ଉନ୍ନତ ବିବେଚିତ ହୋଇଛି ।
- ନାଗରିକମାନଙ୍କୁ ନିଜସ୍ୱ ଜମିଜମା ସ୍ୱତ୍ତ୍ୱାଧିକାରୀ ରେକର୍ଡ଼ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୦୬ ମସିହା ଜାନୁଆରୀ ୨୬ ତାରିଖଠାରୁ ରାଜ୍ୟର ପ୍ରତ୍ୟେକ ଜମି ସ୍ୱତ୍ତ୍ୱାଧିକାରୀ ପରିବାରଙ୍କୁ ଜମି ପାସ୍‌ବୁକ୍ ପ୍ରଦାନ କରାଯାଉଛି । ଏଥିପାଇଁ ମାତ୍ର ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି ଏବଂ ବି.ପି.ଏଲ୍. ପରିବାରବର୍ଗଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ଏହି ପାସ୍‌ବୁକ୍ ଜାତି, ଆୟ, ଉତ୍ତରାଧିକାରୀ, ଆବାସିକ ଏବଂ ପରିଚୟ ଇତ୍ୟାଦିର ପ୍ରମାଣପତ୍ର ରୂପେ କାର୍ଯ୍ୟ କରିବ ।
- 'ବସୁନ୍ଧରା' ଯୋଜନା ମାଧ୍ୟମରେ ରାଜ୍ୟର ୧୪,୫୮୮ଟି ବାସହୀନ ପରିବାରଙ୍କୁ ଜମି ଯୋଗାଇ ଦିଆଯାଇଛି । ଏଥିରେ ୭୮୨୭ ଜଣ ଅନୁସୂଚିତ ଜନଜାତି ପରିବାର ଏବଂ ୩୨୩୪ ଜଣ ଅନୁସୂଚିତ ଜାତି ପରିବାର ଅନ୍ତର୍ଭୁକ୍ତ ।

- ୨୦୦୫-୦୬ରୁ ୨୦୦୭-୦୮ ଏହି ୩ ବର୍ଷ ମଧ୍ୟରେ ଉକ୍ତ ଯୋଜନା ମାଧ୍ୟମରେ ୨,୪୯,୩୩୪ ଭୂମିହୀନ ପରିବାରଙ୍କୁ ଘରଡିହ ଯୋଗାଇ ଦେବାର ଲକ୍ଷ୍ୟ ରହିଛି ।
- ରାଜ୍ୟର ସମୁଦାୟ ୧୭୧ଟି ତହସିଲ ମଧ୍ୟରୁ ୧୫୭ଟି ତହସିଲକୁ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟରୀକରଣ କରାଯାଇଛି ।
- ୨୦୦୪-୦୫ ବର୍ଷରେ ୬,୦୭୫ ଭୂମିହୀନ ପରିବାରଙ୍କ ମଧ୍ୟରେ ୫୦୩୩ ଏକର ସରକାରୀ ଜମି ବଣ୍ଟନ କରାଯାଇଛି । ତନ୍ମଧ୍ୟରେ ୧,୦୫୩ ଅନୁସୂଚିତ ଜାତି, ୨,୯୫୪ ଅନୁସୂଚିତ ଜନଜାତି ପରିବାର ଅନ୍ତର୍ଭୁକ୍ତ । ୨୦୦୫-୦୬ ମସିହା ଅକ୍ଟୋବର ମାସ ଶେଷ ସୁଦ୍ଧା ୭୦୦ ଅନୁସୂଚିତ ଜନଜାତି ଓ ୨୪୬ ଅନୁସୂଚିତ ଜାତି ଭୂମିହୀନ ପରିବାରଙ୍କୁ ମିଶାଇ ସମୁଦାୟ ୧,୫୯୨ଟି ଭୂମିହୀନ ପରିବାରଙ୍କ ମଧ୍ୟରେ ୧,୫୫୩ ଏକର ସରକାରୀ ଜମି ବଣ୍ଟନ କରାଯାଇଛି ।

### ଅର୍ଥ

- ଭାରତ ସରକାରଙ୍କ ବ୍ୟୟ ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ଏବଂ 'ଓଡ଼ିଶା ଆର୍ଥିକ ଦାୟିତ୍ୱ ଓ ବଜେଟ୍ ପରିଚାଳନା ଅଧିନିୟମ, ୨୦୦୫'ର କାର୍ଯ୍ୟକାରିତା ପରେ ରାଜ୍ୟର ଆର୍ଥିକ ବ୍ୟବସ୍ଥାକୁ ମଜବୁତ୍ କରିବା ପାଇଁ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି ।
- ଜି.ଏସ୍.ଡି.ପି. ଅନୁପାତରେ ରାଜ୍ୟର ନିଜସ୍ୱ କର ୧୯୯୯-୨୦୦୦ରେ ୪.୪%ରୁ ୨୦୦୫-୦୬ରେ ୭.୨%କୁ ବୃଦ୍ଧି ପାଇଛି ।
- ରାଜସ୍ୱ ନିଅଣ୍ଟ ୧୯୯୯-୨୦୦୦ରେ ପ୍ରାୟ ୨୫୭୪ କୋଟି ଟଙ୍କାରୁ ୨୦୦୪-୦୫ରେ ୫୨୨ କୋଟି ଟଙ୍କାକୁ ହ୍ରାସ ପାଇଛି । ଏହା ସୂଚାଏ ଯେ, ଜି.ଏସ୍.ଡି.ପି.ର ଶତକଡ଼ା ହିସାବ ଅନୁଯାୟୀ ରାଜସ୍ୱ ନିଅଣ୍ଟ ୬.୭%ରୁ ୦.୯୧%କୁ ହ୍ରାସ ହୋଇଛି ।
- ଆର୍ଥିକ ନିଅଣ୍ଟ ୧୯୯୯-୨୦୦୦ ମସିହାରେ ୩୮୩୬ କୋଟି ଟଙ୍କା (୯.୭%)ରୁ ୨୦୦୪-୦୫ରେ ୧୩୬୫ କୋଟି ଟଙ୍କା (୨.୩୭%)କୁ ହ୍ରାସ ପାଇଛି ।

### ବିଦ୍ୟାଳୟ ଓ ଗଣଶିକ୍ଷା

- ମୌଳିକ ଶିକ୍ଷାର ସାର୍ବଜନୀନକରଣ ଉଦ୍ଦେଶ୍ୟରେ ୭୦.୧୮ ଲକ୍ଷ ଶିଶୁଙ୍କୁ ମୌଳିକ ଶିକ୍ଷାସ୍ତରରେ ଥିବା ସ୍କୁଲମାନଙ୍କରେ ନାମ ଲେଖାଯାଇଛି ।
- ପିଲାମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ ଯୋଜନା ଓ ବିକାଶ ଉଦ୍ଦେଶ୍ୟରେ ଓଡ଼ିଶା ଶିଶୁ ଗଣନା ୨୦୦୫ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।
- ଜାତୀୟ ସ୍ତରରେ ପାଣ୍ଠି ବିନିଯୋଗ କ୍ଷେତ୍ରରେ ରାଜ୍ୟରେ ସର୍ବଶିକ୍ଷା ଅଭିଯାନ ଯୋଜନା ଉଲ୍ଲେଖନୀୟ ସଫଳତା ହାସଲ କରିଛି ।
- ୨୦୦୫-୦୬ ଆର୍ଥିକ ବର୍ଷରେ ୩.୧୭ କୋଟି ପାଠ୍ୟ ପୁସ୍ତକ ମୌଳିକ ଶିକ୍ଷାସ୍ତରର ୬୦,୯୩,୦୦୦ ଜଣ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଇଛି ।
- ଗ୍ରାମ୍ୟ କମିଟି ଜରିଆରେ ମୌଳିକ ଶିକ୍ଷାସ୍ତରର ୨୪.୮୪ ଲକ୍ଷ ଛାତ୍ରୀଙ୍କୁ ମାଗଣାରେ ସ୍କୁଲ ପୋଷାକ ଯୋଗାଇ ଦିଆଯାଇଛି ।
- ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଓ ଗବେଷଣା ନିମନ୍ତେ 'ଓଡ଼ିଆ ଭାଷା ପ୍ରତିଷ୍ଠାନ' ସ୍ଥାପନ କରାଯାଇଛି ।
- ରାଜ୍ୟରେ ମୌଳିକ ଓ ମାଧ୍ୟମିକ ଶିକ୍ଷାର ସହଯୋଗ ନିମନ୍ତେ ଏଡୁସାଟ୍ ନାମକ ଏକ ନୂତନ କାର୍ଯ୍ୟକ୍ରମ ଅକ୍ଟୋବର ୨୦୦୫ରୁ ଶୁଭାରମ୍ଭ ହୋଇଛି ।

### ଉଚ୍ଚଶିକ୍ଷା

- ସମସ୍ତ ଡିଗ୍ରୀ ମହାବିଦ୍ୟାଳୟ ପାଇଁ ଗୋଟିଏ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି ।
- ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନର ମାନ ସଂପର୍କରେ ତଦାରଖ କରିବାକୁ ନ୍ୟାସନାଲ୍ ଆସୋସିଏସନ୍ ଓ ଆକ୍ରେଡିଟେସନ୍ କାଉନ୍‌ସିଲ୍ (ଏନ୍.ଏ.ସି.)ର ଅନୁଧ୍ୟାନ ଅନୁଯାୟୀ ଅଧିକ ସଂଖ୍ୟକ ମହାବିଦ୍ୟାଳୟକୁ ପରିସରଭୁକ୍ତ କରାଯାଉଛି ।

- ପୂର୍ବରୁ ଥିବା ୧୮ ଗୋଟି ସ୍ୱୟଂଶାସିତ ମହାବିଦ୍ୟାଳୟ ବ୍ୟତୀତ ପାଞ୍ଚଗୋଟି ସାହାଯ୍ୟପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ଘୋଷଣା କରାଯାଇଛି ।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୦୫ ଓଡ଼ିଶା ବିଧାନସଭାରେ ଅନୁମୋଦିତ ହୋଇଛି ।
- ରାଜ୍ୟରେ ଏକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ବିଚାରାଧୀନ ରହିଛି ।
- ଧନ୍ଦାମୂଳକ ଶିକ୍ଷାନୁଷ୍ଠାନମାନଙ୍କରେ ୧୫ ଗୋଟି ବିଭିନ୍ନ ବିଭାଗରେ ନାମଲେଖା ପାଇଁ ଅନୁମତି ମିଳିଛି ।
- ୨୦୦୬-୦୭ ଆର୍ଥିକ ବର୍ଷରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ହାତକୁ ନେବାକୁ ଥିବା ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ୩୫ କୋଟି ଟଙ୍କା ବ୍ୟବସ୍ଥା ହୋଇଛି ।
- ୨୦୦୫-୦୬ ଶିକ୍ଷା ବର୍ଷଠାରୁ ସମସ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକରେ ଏକାପ୍ରକାର ପୋଷାକ ପ୍ରଚଳନ କରାଯାଇଛି ।

## ବାଣିଜ୍ୟ ଓ ପରିବହନ

- ୨୦୦୬ ମାର୍ଚ୍ଚ ସୁଦ୍ଧା ଏମ୍.ଭି. ଟ୍ୟାକ୍ସ ବାବଦକୁ ୪୦୦ କୋଟି ଟଙ୍କା ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୪୦୪.୮୦୭ କୋଟି ଟଙ୍କା ଆଦାୟ କରାଯାଇଛି ।
- ଗୋପାଳପୁର ବନ୍ଦରର ଉନ୍ନତିକରଣ କରାଯାଇ ଏକ ସବୁଦିନିଆ ବନ୍ଦରରେ ପରିଣତ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ।
- ଧାମରାଠାରେ ଏଲ୍.ଆଣ୍ଡ.ଟି ଓ ଟିସ୍କୋର ମିଳିତ ସହଯୋଗରେ ଏକ ଆନ୍ତର୍ଜାତୀୟ ମାନର ବଡ଼ ବନ୍ଦର କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି ।
- ପ୍ରତ୍ୟେକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ମାର୍ଟ କାର୍ଡ଼ଭିତ୍ତିକ ଡ୍ରାଇଭିଙ୍ଗ୍ ଲାଇସେନ୍ସ ଓ ପଞ୍ଜିକରଣ ସାର୍ଟିଫିକେଟ୍ ଦେବା କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ।
- ୧୦ ଗୋଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ୭ ଗୋଟି ଚେକ୍‌ଗେଟ ସହିତ ରାଜ୍ୟ ପରିବହନ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ କରାଯାଇଛି ।

## ଶ୍ରମ ଓ ନିୟୋଜନ

- ଶିଳ୍ପ ଶ୍ରମିକ ଏବଂ ସେମାନଙ୍କର ପରିବାର ସଦସ୍ୟଙ୍କୁ ଇ.ଏସ୍.ଆଇ. ଡାକ୍ତରଖାନା ଓ ଡିସ୍‌ପେନ୍ସାରୀ ମାଧ୍ୟମରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ୨୦୦୫-୦୬ ଆର୍ଥିକ ବର୍ଷରେ ରିଭଲଭିଙ୍ଗ୍ କର୍ପସ୍ ପାଣ୍ଠିରୁ ଇ.ଏସ୍.ଆଇ. ହିତାଧିକାରୀମାନଙ୍କୁ ଚିକିତ୍ସା ବାବଦରେ ୧,୦୨,୬୬,୦୦୦ ଟଙ୍କା ମଂଜୁର ହୋଇଛି ।
- ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଥିବା ଶିଶୁ ଶ୍ରମିକମାନଙ୍କୁ ମୁକ୍ତ କରାଯାଇ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅଧୀନରେ ପାରମ୍ପରିକ ଶିକ୍ଷା ତଥା ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି ।
- ପଛୁଆ ତଥା ଜନଜାତି ଅଧ୍ୟୁଷିତ ଜିଲ୍ଲାଗୁଡ଼ିକର ମହିଳା ମହାବିଦ୍ୟାଳୟ ତଥା ବାଳିକା ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ୨୨ ଗୋଟି ଆଦର୍ଶ ବୃତ୍ତିଗତ ପରାମର୍ଶ କେନ୍ଦ୍ର ଏବଂ ଛାତ୍ରୀମାନଙ୍କ ସଦୁପଯୋଗ ନିମନ୍ତେ ୧୨ ଗୋଟି ଛାତ୍ରୀ ସୂଚନା କେନ୍ଦ୍ର ଖୋଲାଯାଇଛି ।
- ରାଜ୍ୟର ୧୮ ଗୋଟି ଜିଲ୍ଲାରେ ୧୮ ଗୋଟି ଶିଶୁ ଶ୍ରମିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନ ସୁଦ୍ଧା ୩୩,୮୪୩ ଜଣ ଶିଶୁ ଶ୍ରମିକ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଛନ୍ତି ଓ ୬୪,୮୮୫ ଜଣ ଶିଶୁ ଶ୍ରମିକ ଆନୁଷ୍ଠାନିକ ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ସାମିଲ ହୋଇଛନ୍ତି ।
- ୨୦୦୬ ମସିହା ଜାନୁଆରୀ ୧ ତାରିଖଠାରୁ ସଂଶୋଧିତ ହାରରେ ଅଣକୁଶଳୀଙ୍କୁ ୫୫ ଟଙ୍କା, ଅର୍ଦ୍ଧକୁଶଳୀଙ୍କୁ ୬୫ ଟଙ୍କା, କୁଶଳୀଙ୍କୁ ୭୫ ଟଙ୍କା ଓ ଉଚ୍ଚ କୁଶଳୀ ଶ୍ରମିକଙ୍କୁ ୮୫ ଟଙ୍କା ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ସହଯୋଗ ସହ ରାଜ୍ୟ ନିଯୁକ୍ତ ମିଶନ ଉଭୟ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ବେକାର ଯୁବକଯୁବତୀଙ୍କ ପାଇଁ ଧନ୍ଦାମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ୪୨୨୫ ଜଣ ପ୍ରାର୍ଥୀଙ୍କୁ କୁଶଳୀ ଓ ପୁନଃ କୁଶଳୀ କରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଛି ।

## ମତ୍ସ୍ୟ ଓ ପଶୁସଂପଦ ବିକାଶ

- ରାଜ୍ୟ କୃଷି ନୀତି ଓ ନୂତନ ବୈଜ୍ଞାନିକ ଜ୍ଞାନ କୌଶଳକୁ ଆଧାର କରି ଅଧିକ ଦୁଗ୍ଧ, ମାଛ ଓ ମାଂସ ଉତ୍ପାଦନ ପାଇଁ ଗୁରୁତ୍ୱାରୋପ କରାଯାଇଛି ।
- ଦୈନିକ ଦୁଗ୍ଧ ଉତ୍ପାଦନ ୩ ଲକ୍ଷ ଲିଟରରୁ ୩୬ ଲକ୍ଷ ଲିଟରକୁ ବୃଦ୍ଧି ପାଇଛି ।
- ଓମ୍‌ଫେଡ୍ ରାଜ୍ୟର ୩୦ ଗୋଟି ଜିଲ୍ଲାରେ ପଶୁପାଳନ କାର୍ଯ୍ୟକୁ ଉତ୍ସାହିତ କରିବା ସହିତ ଦୈନିକ ଦୁଗ୍ଧ ଉତ୍ପାଦନ ୨.୭୦ ଲକ୍ଷ ଲିଟରକୁ ବୃଦ୍ଧି କରିଛି ।
- 'ଷ୍ଟେପ୍' କାର୍ଯ୍ୟକ୍ରମ ମାଧ୍ୟମରେ ୧୭ ଗୋଟି ଜିଲ୍ଲାରେ ଓମ୍‌ଫେଡ୍ ଦ୍ୱାରା ମହିଳା ଗୋପାଳନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।
- ରାଜ୍ୟରେ ୬୦,୨୮୭ ଜଣ ମହିଳାଙ୍କୁ ନେଇ ୮୩୭ ଗୋଟି ମହିଳା ଗୋପାଳନ ସମବାୟ ସମିତି ଗଠନ କରାଯାଇଛି ।
- ୨୦୦୫-୦୬ ବର୍ଷରେ କେ.ବି.କେ. ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ନିମନ୍ତେ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନାରେ ୩୫୦ ଲକ୍ଷ ଟଙ୍କା ଆବଣ୍ଟନ କରାଯାଇଛି ।
- ଓମ୍‌ଫେଡ୍ ଦୈନିକ ୩.୫୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି ଓ ୨୦୦୬-୦୭ ଆର୍ଥିକ ବର୍ଷରେ ୧୦,୦୦୦ ଗ୍ରାମ୍ୟ କୃଷକଙ୍କୁ ଆତ୍ମନିଯୁକ୍ତି ଯୋଗାଇ ଦେବା ପାଇଁ ପ୍ରଚେଷ୍ଟା ଜାରି ରଖିଛି ।
- ବୈଜ୍ଞାନିକ ପଦ୍ଧତିରେ ଜଳାଶୟରେ ମତ୍ସ୍ୟଚାଷ କରିବା ନିମନ୍ତେ 'ରାଜ୍ୟ ଜଳାଶୟ ମତ୍ସ୍ୟ ନୀତି' ଅନୁମୋଦିତ ହୋଇଛି ।
- କେ.ବି.କେ. ଜିଲ୍ଲାମାନଙ୍କରେ ୫,୭୦୯ ହେକ୍ଟର ପରିମିତ ଅଞ୍ଚଳକୁ ଜଳସେଚିତ କରିପାରୁଥିବା ୧୩ ଗୋଟି ଜଳାଶୟକୁ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା ମାଧ୍ୟମରେ ମତ୍ସ୍ୟଚାଷର ବିକାଶ ନିମନ୍ତେ ହାତକୁ ନିଆଯାଇଛି ।
- ମତ୍ସ୍ୟ ସମବାୟ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୨୦୦୫-୦୬ ଆର୍ଥିକ ବର୍ଷରେ ମତ୍ସ୍ୟ ଚାଷ ପାଇଁ ୧୦୧ ଗୋଟି ଜଳାଶୟ ହାତକୁ ନିଆଯାଇଛି ।

## ସୂଚନା ଓ ଲୋକ ସଂପର୍କ

- ପ୍ରଶାସନକୁ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ୨୦୦୫ ମସିହା ଅକ୍ଟୋବର ୧୨ ତାରିଖଠାରୁ 'ସୂଚନା ଅଧିକାର ଅଧିନିୟମ-୨୦୦୫' କାର୍ଯ୍ୟକାରୀ କରାଯାଇଛି । ଏଥିପାଇଁ ସୂଚନା ଓ ଲୋକ ସଂପର୍କ ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରୁଛି ।
- ଏହି ନିୟମର ବିଭିନ୍ନ ବ୍ୟବସ୍ଥାରେ ଆବଶ୍ୟକମତେ ସୂଚନା ବିତରଣ ପାଇଁ ସମସ୍ତ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ରେ ସୂଚନା ଉପଲବ୍ଧ ହେଉଛି ।
- ରାଜ୍ୟ ସୂଚନା କମିଶନ ଗଠିତ ହୋଇଛି ଏବଂ ଏହା କାର୍ଯ୍ୟାରମ୍ଭ କରିଛି ।
- ଆନ୍ତଃରାଜ୍ୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ୨୦୦୬ ମସିହା ଜାନୁଆରୀ ମାସରେ ଓଡ଼ିଆ ଚଳଚ୍ଚିତ୍ର ଓ ସାଂସ୍କୃତିକ ଉତ୍ସବ ମୁମ୍ବାଇଠାରେ ସଫଳତାର ସହ ଆୟୋଜିତ ହୋଇଛି ।
- ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ମାଧ୍ୟମରେ ପ୍ରତ୍ୟେକ ଶନିବାର ଦିନ 'ଆମ କଥା : ଓଡ଼ିଶା କଥା' ନାମକ ଏକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରସାରିତ କରାଯାଉଛି ।
- ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ସମ୍ବାଦ ସଂଗ୍ରହ କରିବାକୁ ଉପଯୁକ୍ତ କୌଶଳ ଅବଲମ୍ବନ କରାଯାଇଛି ।

## କ୍ରୀଡ଼ା ଓ ଯୁବସେବା

- କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୦୬ ମସିହା ଜାନୁଆରୀ ୧ ତାରିଖଠାରୁ ସେମାନଙ୍କର ମାସିକ ଷ୍ଟାଇପେଣ୍ଡକୁ ୧୨୦୦ ଟଙ୍କାରୁ ୨୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି ।
- ୨୦୦୬ ମସିହା ଜାନୁଆରୀ ୭ ତାରିଖଠାରୁ କ୍ରୀଡ଼ା ଛାତ୍ରାବାସର ବାଳିକା ଅନ୍ତେବାସିନୀମାନଙ୍କ ନିମନ୍ତେ ମାସିକ ୧୦୦ ଟଙ୍କା ଶୌଚ ସାମଗ୍ରୀ ଭତ୍ତା ବ୍ୟବସ୍ଥା ଆରମ୍ଭ କରାଯାଇଛି ।
- କ୍ରୀଡ଼ାର ବିକାଶ ନିମନ୍ତେ ୨.୭୨ କୋଟି ଟଙ୍କା ବିନିଯୋଗରେ କଳିଙ୍ଗ ଷ୍ଟାଡ଼ିୟମ ଭିତରେ ଏକ ଆନ୍ତର୍ଜାତୀୟ ମାନର ସନ୍ତରଣାଗାର ନିର୍ମିତ ହୋଇଛି । ଏହା ଖୁବ୍‌ଶୀଘ୍ର ଲମ୍ଫ ଏବଂ ସନ୍ତରଣ ଅଭ୍ୟାସର ସୁବିଧା ଥିବା ଏକ ମିଶ୍ରିତ ଜଳ କ୍ରୀଡ଼ା କମ୍ପ୍ଲେକ୍ସ ରୂପେ ପରିବର୍ତ୍ତିତ ହେବ ।
- ୨୦୦୬ ମସିହା ଫେବୃଆରୀ ୧୩ରୁ ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମରେ ୩୬ ଜଣିଆ ସଦସ୍ୟ ବିଶିଷ୍ଟ ଓଡ଼ିଶା ପ୍ରତିନିଧିଦଳ ପୋର୍ଟବ୍ଲେୟାର ପରିଦର୍ଶନ କରିଛନ୍ତି ।
- ପାନ୍‌ପୋଷ କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ସିନ୍ଥେଟିକ୍ ଆଷ୍ଟ୍ରୋଟର୍ଫର ପୁନଃ ବିସ୍ତରଣ କାର୍ଯ୍ୟ ଚାଲୁ ରହିଛି ।
- ୨୦୦୬-୦୭ ବର୍ଷ ପାଇଁ ରାଜ୍ୟ ବଜେଟ୍‌ରେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ୪୬୫.୭୯ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ଭାରତୀୟ ମହିଳା ଫୁଟବଲ ଦଳର ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ସମେତ ବିଶିଷ୍ଟ କ୍ରୀଡ଼ାବିତ୍‌ମାନଙ୍କୁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ଏବଂ ସାହସିକ ପୁରସ୍କାର-୨୦୦୬' ପ୍ରଦାନ କରାଯାଇଛି ।
- ୨୦୦୪-୦୫ ଏବଂ ୨୦୦୫-୦୬ ବର୍ଷ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୨୨୧ ଜଣ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି ।
- ୨୦୦୬ ମସିହା ମାର୍ଚ୍ଚ ୫ ତାରିଖ ଦିନ ଭୁବନେଶ୍ୱରଠାରେ ଏକ ମିନିମାରାଥନର ଆୟୋଜନ କରାଯାଇଛି ।
- ସର୍ବଭାରତୀୟ କଳିଙ୍ଗ୍ କପ୍ ଟୁର୍ଣ୍ଣାମେଣ୍ଟ ପୁନଃ ଚାଲୁ କରାଯାଇଛି ।
- ୨୦ କୋଟି ଟଙ୍କା ବ୍ୟୟଅଟକଳରେ କଳିଙ୍ଗ ଷ୍ଟାଡିଅମ ଭିତରେ ହକି ଓ ବିଭିନ୍ନ ଖେଳକୁଦ ପାଇଁ ରାଜ୍ୟ କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା ପ୍ରସ୍ତାବ ନୀତିଗତ ଭାବେ ଅନୁମୋଦିତ ହୋଇଛି ।

## ସ୍ୱରାଷ୍ଟ୍ର

- ୨୦୦୫-୦୬ ମସିହାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା ଏବଂ ଏହି ସମୟ ମଧ୍ୟରେ ସାମ୍ପ୍ରଦାୟିକ ସଂପ୍ରୀତି ବଜାୟ ରହିଥିଲା ।
- ଓଡ଼ିଶା ପୋଲିସ୍‌ର ଆଧୁନିକୀକରଣ ଦ୍ରୁତ ଗତିରେ ଆଗେଇ ଚାଲିଛି । ୨୦୦୦ରୁ ୨୦୦୫ ବର୍ଷ ମଧ୍ୟରେ ମଂଜୁର ହୋଇଥିବା ୨୩୫.୬୨ କୋଟି ଟଙ୍କା ବ୍ୟୟ ହୋଇଛି ।
- ରାଜ୍ୟ ଫୋରେନ୍‌ସିକ ବିଜ୍ଞାନାଗାରକୁ ଆଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି ।
- ତୃଣମୂଳ ସ୍ତରରେ ନ୍ୟାୟ ପ୍ରଦାନ ପାଇଁ ୨୦୦୫ ମସିହାରେ ୧୭ ଗୋଟି ଫାଷ୍ଟ ଟ୍ରାକ୍ କୋର୍ଟ ଗୃହ ନିର୍ମାଣ କରାଯାଇଛି ।
- କାରାଗାର ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଜେଲ୍ ଅନ୍ତେବାସୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଚାଲୁ ରହିଛି ।
- ନକ୍ସଲ ସମସ୍ୟାର ସମାଧାନ ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି ।

## ଆଇନ

- ସମସ୍ତଙ୍କୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ପର୍ଯ୍ୟାୟକ୍ରମେ ୮ ଗୋଟି ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା କରାଯିବ ।
- ୪୪୬ଟି ଲୋକ ଅଦାଲତ ଆୟୋଜନ କରାଯାଇ ୯୧,୦୦୦ ମାମଲାର ଫଇସଲା ହୋଇଛି ।

- ଗ୍ରାମାଞ୍ଚଳ ଓ ଜନଜାତି ଲୋକଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଇନ୍ ସଚେତନତା ଶିବିର ଆୟୋଜନ କରାଯାଇଛି ।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନକୁ ସଂଶୋଧନ କରାଯାଇ କମିଶନର ପାହ୍ୟାର ଜଣେ ବରିଷ୍ଠ ପଦାଧିକାରୀଙ୍କୁ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି ।

**ସାଧାରଣ ଉଦ୍ୟୋଗ**

- କ୍ଷତିରେ ଚାଲୁଥିବା ସାଧାରଣ ଉଦ୍ୟୋଗଗୁଡ଼ିକୁ ସାମର୍ଥ୍ୟ ମୁତାବକ ପୁନଃକ୍ଷମ କରିବା ନିମନ୍ତେ 'ନନ୍-କୋର' କ୍ଷେତ୍ରରେ ଗୋଟିଏ ଗ୍ରହଣଯୋଗ୍ୟ ଘରୋଇକରଣ ଓ ପୁଞ୍ଜିପ୍ରତ୍ୟାହାର ନୀତି ପ୍ରଣୟନ କରାଯାଇଛି ।
- ଶ୍ରମିକମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଏବଂ ଘରୋଇ କ୍ଷେତ୍ରର ଉତ୍ପାଦନ ଶକ୍ତିକୁ ବିଚାର କରି ପୁନଃ କାମଧନ୍ଦା ସୁଯୋଗ ସୃଷ୍ଟି କରିବା ନିମନ୍ତେ ମାନ ନିର୍ଦ୍ଧାରଣ ପାଇଁ ନୀତି କାର୍ଯ୍ୟକାରୀ ହୋଇଛି ।
- ସରକାରୀ କ୍ଷେତ୍ର ପରିସରଭୁକ୍ତ ହୋଇ ପୂର୍ବବତ୍ କାର୍ଯ୍ୟକ୍ଷମ ହେବାଭଳି ସାଧାରଣ ଉଦ୍ୟୋଗଗୁଡ଼ିକୁ ଚିହ୍ନଟ କରାଯାଇଛି ।
- ରାଜ୍ୟ ସରକାରଙ୍କ ସାଧାରଣ ଉଦ୍ୟୋଗ ସଂସ୍କାର କାର୍ଯ୍ୟକ୍ରମକୁ ସହାୟତା ଦେବା ପାଇଁ ବିଲାତ ସରକାରଙ୍କ ଡି.ଏଫ୍.ଆଇ.ଡି. ୩୦ ମିଲିୟନ୍ ପାଉଣ୍ଡ ମଂଜୁର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

**ବୟନ ଓ ହସ୍ତତନ୍ତ**

- ଗତବର୍ଷ ଜାତୀୟ, ରାଜ୍ୟ ଏବଂ ଜିଲ୍ଲାସ୍ତରରେ ପ୍ରଦର୍ଶନୀମାନ ଆୟୋଜନ କରାଯାଇ ପ୍ରାଥମିକ ସମବାୟ ସମିତି ଏବଂ ଶୀର୍ଷ ସମବାୟ ସମିତିଗୁଡ଼ିକ ମାଧ୍ୟମରେ ପ୍ରତ୍ୟକ୍ଷ ଭାବେ ପାଖାପାଖି ୨ କୋଟି ଟଙ୍କା ମୂଲ୍ୟର ହସ୍ତତନ୍ତ ବସ୍ତ୍ର ବିକ୍ରୀ କରାଯାଇଛି ।
- ବୁଣାକାର ଏବଂ ରେଶମ ଚାଷୀମାନଙ୍କ ଜୀବିକାର୍ଜନ ନିଶ୍ଚିତ କରାଇବା ପାଇଁ ବିଶ୍ୱବ୍ୟାଙ୍କ ସହାୟତାରେ ଗଠନ କରାଯାଇଥିବା ଓଡ଼ିଶା ପାଣ୍ଠିରୁ ୨୦୦୬ ମସିହା ଏପ୍ରିଲ ମାସରୁ ୫ କୋଟି ଟଙ୍କାର ପ୍ରକଳ୍ପ ବ୍ୟୟରେ ଏକ ପାଇଲଟ୍ ପ୍ରୋଜେକ୍ଟ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।
- ରାଜ୍ୟର ହସ୍ତତନ୍ତ ସାମଗ୍ରୀ ସମଗ୍ର ବିଶ୍ୱରେ ପରିଚିତ କରାଇବା ପାଇଁ ଓଡ଼ିଶା ପ୍ରଥମ ଥର ପାଇଁ ମୁମ୍ବାଇର ଗିଫ୍ଟ ଫେୟାର, ଦିଲ୍ଲୀର ଇପ୍‌ଟେକ୍ସ ଏବଂ ଫ୍ରାଙ୍କଟର୍ଟ୍ ହେମ୍ ଟେକ୍ସଟାଇଲ ପ୍ରମୁଖ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଅଂଶଗ୍ରହଣ କରିଛି ।
- ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଓଡ଼ିଶା ସମବାୟ ଟସର ଏବଂ ସିଲ୍କ ମହାସଂଘ (ସେରିଫେଡ୍)କୁ ରାଜ୍ୟ ଟି.ଡି.ସି.ସି.ର ମାନ୍ୟତା ପ୍ରଦାନ କରିଛନ୍ତି ।
- ଦଶମ ଯୋଜନା କାଳରେ ରେଶମ ଚାଷ ପ୍ରାୟ ୧୮,୦୦୦ ପରିବାରଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ସଙ୍ଗେ ସଙ୍ଗେ ପରିବାର ପିଛା ଅତିରିକ୍ତ ବାର୍ଷିକ ଆୟ ୯,୦୦୦ ଟଙ୍କାକୁ ବୃଦ୍ଧି କରିପାରିଛି । ଏଥିମଧ୍ୟରୁ ୧୦,୦୦୦ ହରିଜନ ଓ ଆଦିବାସୀ ଚାଷୀ ଟସର, ଏରି ଏବଂ ମଲବେରୀ ଚାଷ କରୁଛନ୍ତି ।

**ପୂର୍ତ୍ତ**

- ରାଜ୍ୟରେ ଗମନାଗମନର ଉନ୍ନତି ନିମନ୍ତେ ରାଜ୍ୟ ରାଜପଥ, ଜାତୀୟ ରାଜପଥ ଓ ଜିଲ୍ଲାମୁଖ୍ୟ ରାସ୍ତା ଏବଂ ସେତୁଗୁଡ଼ିକର ନିର୍ମାଣ, ଉନ୍ନତିକରଣ, ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।
- ୨୦୦୫-୦୬ ଆର୍ଥିକ ବର୍ଷର ଡିସେମ୍ବର ମାସ ସୁଦ୍ଧା ୮ ଗୋଟି ସେତୁ ଓ ୨୨୧ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।
- ୧୦୦ କି.ମି. ଦୈର୍ଘ୍ୟ ବିଶିଷ୍ଟ ୬ ଗୋଟି ରାସ୍ତା ପ୍ରକଳ୍ପ ଓ ୨ ଗୋଟି ଶିଳ୍ପାଞ୍ଚଳ ରାସ୍ତାର ପ୍ରକଳ୍ପ ନିର୍ମାଣ ପାଇଁ ଭାରତ ସରକାର ୨୦୦୪-୦୫ ଆର୍ଥିକ ବର୍ଷରେ ୪୩.୫ କୋଟି ଓ ୨୦୦୫-୦୬ରେ ୧୭ କୋଟି ଟଙ୍କା ମଂଜୁର କରିଛନ୍ତି ।
- ରାଜ୍ୟରେ ଶିଳ୍ପାୟନର ଦ୍ରୁତ ବିକାଶ ପରିପ୍ରେକ୍ଷୀରେ ଉନ୍ନତ ମାନର ରାସ୍ତା ଯୋଗାଇ ଦେବା ଲକ୍ଷ୍ୟରେ ୨୦୦୫-୦୬ ଆର୍ଥିକ ବର୍ଷରୁ ୩ ବର୍ଷ ମଧ୍ୟରେ ଅର୍ଥନୈତିକ ଗୁରୁତ୍ୱ ଯୋଜନାରେ ୨୧୦ କୋଟି ଟଙ୍କା ବ୍ୟୟଅଟକଳରେ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯାଉଛି ।



- ରାଜ୍ୟରେ୨୦୦୬-୦୭ ମସିହାରେ ୨୨୩ କୋଟି ଟଙ୍କା ବିନିଯୋଗରେ ୨୨ଟି ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବା ଓ ୪୭୫ କି.ମି. ରାସ୍ତାର ଉନ୍ନତିକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ।

## ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ

- ୨୦୦୫-୦୬ ବର୍ଷରେ ୯,୫୮୯ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇ ଏହାର ଫଏସଲା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।
- ବିଭିନ୍ନ ଜିଲ୍ଲାରେ ୨୧ ଗୋଟି ଜନସଂପର୍କ ଶିବିର ଆୟୋଜନ କରାଯାଇ ୨୬,୩୩୮ ଜଣ ବ୍ୟକ୍ତିଙ୍କୁ ସାହାଯ୍ୟ କରାଯାଇଛି ।
- ୧୧୮ ତମ ପେନ୍‌ସନ୍ ଅଦାଲତ ଜରିଆରେ ୨୮୮ ଗୋଟି ମାମଲାର ଫଏସଲା କରାଯାଇଛି ।

## ସାଧାରଣ ପ୍ରଶାସନ

- ୨୦୦୪-୦୫ ଏବଂ ୨୦୦୫-୦୬ ବର୍ଷ ମଧ୍ୟରେ ଜଟିଳ ରୋଗ ଚିକିତ୍ସା ପାଇଁ ୧୮୮୫ ଜଣ ଏବଂ ୨୧୦୫ ଜଣ ଦୁଃସ୍ଥ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧,୮୩,୨୨,୯୬୬ ଟଙ୍କା ଏବଂ ୨,୦୮,୩୪,୭୬୩ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି ।
- ୨୦୦୪-୦୫ ଏବଂ ୨୦୦୫-୦୬ ବର୍ଷ ମଧ୍ୟରେ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ୪୩ ଏବଂ ୨୩୩ ଜଣଙ୍କ ନିକଟ ସଂପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪,୩୦,୦୦୦ ଟଙ୍କା ଏବଂ ୨୩,୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।
- ୨୦୦୫-୦୬ ବର୍ଷରେ ଭୂମିକମ୍ପ ପ୍ରପୀଡ଼ିତ ଜାମ୍ମୁ-କାଶ୍ମୀରର ସହାୟତା ଓ ପୁନର୍ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏକ କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି ।
- ୱେବ୍‌ସାଇଟ୍ ଜରିଆରେ ନାଗରିକମାନଙ୍କୁ ଆବଶ୍ୟକ ସୂଚନା ଉପଲବ୍ଧ କରାଇ ସ୍ୱଚ୍ଛତା ଓ ଉତ୍ତରଦାୟବଦ୍ଧତାର ଉନ୍ନତି ପାଇଁ ଗୋଟିଏ କାର୍ଯ୍ୟକ୍ରମ ପଥପ୍ରଦର୍ଶକ ଆଧାରରେ ନଅଗୋଟି ବିଭାଗ ଓ ନଅଟି ଜିଲ୍ଲାରେ ଆରମ୍ଭ କରାଯାଇଛି ।
- ଜାତୀୟ ଇ-ପ୍ରଶାସନ ଯୋଜନା, ଯାହାକି ଗୋଟିଏ ସ୍ଥାନରେ ନାଗରିକମାନଙ୍କ ସେବା ସାକାର କରାଇବାରେ ସକ୍ଷମ ହେବ, ତାହା କାର୍ଯ୍ୟକାରୀ ହେବାକୁ ଯାଉଛି ।

## ଯୋଜନା ଓ ସମନ୍ୱୟ

- କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବଲାଙ୍ଗୀର, ସୋନପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାଗୁଡ଼ିକର ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ଏକ ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି ।
- ଅନଗ୍ରସର ଅଞ୍ଚଳଗୁଡ଼ିକର ବୈଷମ୍ୟ ଦୂରୀକରଣ ଓ ଦ୍ରୁତ ବିକାଶ ନିମନ୍ତେ ଗଞ୍ଜାମ, ମୟୂରଭଞ୍ଜ, ଗଜପତି, କେଉଁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ରାଷ୍ଟ୍ରୀୟ ସମବିକାଶ ଯୋଜନାର 'ଅନଗ୍ରସର ଜିଲ୍ଲା ପଦକ୍ଷେପ' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି ।
- କେ.ବି.କେ. ଜିଲ୍ଲାଗୁଡ଼ିକର ଗମନାଗମନର ସୁବିଧା ନିମନ୍ତେ ରାଜ୍ୟ ସରକାର 'ସ୍ୱତନ୍ତ୍ର ସଂଯୋଗୀକରଣ କାର୍ଯ୍ୟକ୍ରମ' ପ୍ରସ୍ତୁତ କରିଛନ୍ତି ।
- ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି ।

■ ■ ■



# ଓଡ଼ିଶା ବିଧାନସଭାରେ ମାନ୍ୟବର ଅର୍ଥ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କ ଅଭିଭାଷଣ

ମାନ୍ୟବର ବାଚସ୍ପତି ମହୋଦୟ,

ଏହି ପବିତ୍ର ଗୃହରେ ୨୦୦୬-୦୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବା ପାଇଁ ମୋତେ ସୁଯୋଗ ମିଳିଥିବାରୁ ସର୍ବପ୍ରଥମେ ମୁଁ ଆପଣଙ୍କୁ ଏବଂ ଗୃହର ମାନ୍ୟବର ନେତା, ମାନ୍ୟବର ବିରୋଧୀ ଦଳର ନେତା, ଉପନେତା, ଗୃହର ସମସ୍ତ ମାନ୍ୟବର ସଦସ୍ୟ ଓ ସଦସ୍ୟାମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ଅର୍ଥମନ୍ତ୍ରୀ ଭାବେ କ୍ରମାଗତ ତୃତୀୟଥର ପାଇଁ ବଜେଟ୍ ଉପସ୍ଥାପନା କରିବା ମୋ ପକ୍ଷରେ ଏକ ପରମ ସୌଭାଗ୍ୟ କି ଦୁର୍ଭାଗ୍ୟ ମୁଁ ଜାଣେନା । ତାହା ଭବିଷ୍ୟତ ହିଁ କହିବ । କିନ୍ତୁ ସେ ଯାହା ହେଉନା କାହିଁକି, ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ପରିସ୍ଥିତିକୁ ସୁଧାରିବା ଓ ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ମୋ ପକ୍ଷରେ ଏକ ବିରାଟ ଆହ୍ୱାନ (Challenge) ଅଟେ ଏବଂ ସେହି ଆହ୍ୱାନକୁ ମୁଁ ନମ୍ରତାର ସହ ଗ୍ରହଣ କରିଛି । ଏହି କଣ୍ଟକିତ ଦୁର୍ବିସହ ସୁଦୀର୍ଘ ଚଲାପଥରେ ଆଗେଇ ଯିବାକୁ ଆପଣମାନଙ୍କର ଅକୁଣ୍ଠିତ ସାହାଯ୍ୟ, ସହଯୋଗ, ଗଠନମୂଳକ ସମାଲୋଚନା ଓ ପରାମର୍ଶ ମିଳିବ, ଏଥିରେ ମୋର ଦୃଢ଼ ବିଶ୍ୱାସ ରହିଛି ।

୨. ୨୦୦୫-୦୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କଲାବେଳେ କେଉଁ କେଉଁ କାରଣରୁ ରାଜ୍ୟର ଆର୍ଥିକ ଅବସ୍ଥାରେ ବିଗତ ବର୍ଷଗୁଡ଼ିକରେ ଅବନତି ଘଟିଥିଲା ଏବଂ ତାକୁ ସଜାଡ଼ିବା ପାଇଁ କି କି ପଦକ୍ଷେପ ଲୋଡ଼ା ଏବଂ ଏ ଦିଗରେ କି କି କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାର ନେଇଛନ୍ତି ଓ କି କି କାର୍ଯ୍ୟପନ୍ଥା ଅବଲମ୍ବନ କରିବାକୁ ଚିନ୍ତା କରୁଛନ୍ତି, ତାହା ମୁଁ ସମ୍ୟକ୍ ଭାବେ ମୋର ଗତ ସୁଦୀର୍ଘ ବଜେଟ୍ ଭାଷଣରେ ଉପସ୍ଥାପନ କରିଥିଲି ।

୩. ବିଗତ ବର୍ଷଗୁଡ଼ିକରେ ରାଜ୍ୟର ଆର୍ଥିକ ପରିଚାଳନାରେ ଯେଉଁ ଉନ୍ନତି ସାଧିତ ହୋଇଛି, ଦାରିଦ୍ର୍ୟ ଦୂରୀକରଣ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ସରକାର ଯେଉଁ ପଦକ୍ଷେପମାନ ନେଇଛନ୍ତି ଏବଂ ଆଗାମୀ ଦିନଗୁଡ଼ିକରେ ସେ ଦିଗରେ କ'ଣ ଯୋଜନା କରୁଛନ୍ତି, ତାହା ମାନ୍ୟବର ରାଜ୍ୟପାଳଙ୍କ ଅଭିଭାଷଣରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି । କେଉଁ ବିଭାଗରେ କେତେ ବ୍ୟୟ କରାଗଲା ଓ ବିଭାଗଗୁଡ଼ିକ ସେମାନଙ୍କର କାର୍ଯ୍ୟକ୍ରମ ରୂପାୟନରେ କେତେଦୂର ସଫଳତା ହାସଲ କରିଛନ୍ତି ଓ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି ମୁଁ ମୋର ବଜେଟ୍ ଅଭିଭାଷଣରେ କହି ଆପଣମାନଙ୍କୁ ଭାରାକ୍ରାନ୍ତ କରିବାକୁ ଚାହୁଁନାହିଁ । ସେ ବିଷୟରେ ବିଭାଗଓ୍ୱାରୀ ବଜେଟ୍ ଆଲୋଚନା ବେଳେ ସଂପୃକ୍ତ ମନ୍ତ୍ରୀମାନେ ଆପଣଙ୍କ ନିକଟରେ ଉପସ୍ଥାପନ କରିବେ ।

୪. ରାଜ୍ୟର ଆର୍ଥିକ ଅବସ୍ଥାରେ କିପରି ଦ୍ରୁତ ଉନ୍ନତି ଅଣାଯାଇ ପାରିବ ଏବଂ ଆର୍ଥିକ ଅବସ୍ଥାକୁ କିପରି ଆସ୍ତେ ଆସ୍ତେ ସୁଦୃଢ଼ କରାଯାଇପାରିବ ଏବଂ ସେଥିନିମିତ୍ତ କି କି କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଆବଶ୍ୟକ ସେ ସମ୍ବନ୍ଧରେ ମୁଁ ଆପଣମାନଙ୍କୁ ଏହି ଅବସରରେ ସଂକ୍ଷେପରେ କିଛି କହିବାକୁ ଚାହୁଁଛି । ଆପଣମାନେ ଜାଣନ୍ତି ଅତ୍ୟଧିକ ରାଜସ୍ୱ ନିଅଣ୍ଟ ଓ ବିତ୍ତୀୟ ନିଅଣ୍ଟ ଯୋଗୁଁ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପାଇଁ ଦରକାର ମୁତାବକ ସମ୍ବଳ ଆଗରୁ ଯୋଗାଡ଼ କରିପାରୁନଥିଲେ, କିନ୍ତୁ ଏହି ଅବସ୍ଥାରେ ଇତିମଧ୍ୟରେ ସାମାନ୍ୟ କିଛି ଉନ୍ନତି ଘଟିଛି । ବିଭିନ୍ନ ରାଜ୍ୟର ଆର୍ଥିକ ପରିସ୍ଥିତିର କ୍ରମ ଅବନତିର କାରଣକୁ ସମୀକ୍ଷା କଲାପରେ ଦ୍ୱାଦଶ ଅର୍ଥ କମିଶନ 'ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା ଅଧିନିୟମ' (FRBM Act) ସବୁ ରାଜ୍ୟ ପ୍ରଣୟନ କରିବା ପାଇଁ ସୁପାରିଶ କରିଛନ୍ତି । ଏହି ସୁପାରିଶ ଅନୁସାରେ ରାଜ୍ୟମାନେ ଏକ ଆର୍ଥିକ ସଂଶୋଧନ ପନ୍ଥା (Fiscal Correction Path) ପ୍ରସ୍ତୁତି କରିବା ଆବଶ୍ୟକ ବୋଲି ଦର୍ଶାଇ ଅଛନ୍ତି ଏବଂ ଏଥିରେ ରାଜ୍ୟ ତା'ର ରାଜସ୍ୱ ନିଅଣ୍ଟକୁ ସଂପୂର୍ଣ୍ଣ ଭାବେ ୨୦୦୮-୦୯ ସୁଦ୍ଧା ବିଲୋପ କରି ଶୂନ୍ୟସ୍ତରକୁ ଆଣିବ ଏବଂ ଏହି ସମୟ ମଧ୍ୟରେ ବିତ୍ତୀୟ ନିଅଣ୍ଟକୁ ସୀମିତ ରଖିବାପାଇଁ ଦ୍ୱାଦଶ ଅର୍ଥ କମିଶନ ସୁପାରିଶ କରିଛନ୍ତି । ଏତଦ୍‌ବ୍ୟତୀତ ଦ୍ୱାଦଶ ଅର୍ଥ କମିଶନ ରାଜ୍ୟମାନଙ୍କର ଆର୍ଥିକ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଯେଉଁ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରିଛନ୍ତି, ତାହା ଆମେ ସମସ୍ତେ ଅବଗତ ହେବା ଆବଶ୍ୟକ ଅଟେ । ମାନ୍ୟବର ସଭ୍ୟ ଓ ସଭ୍ୟାଙ୍କ ଅବଗତି ନିମନ୍ତେ ସେଥିମଧ୍ୟରୁ ମୁଖ୍ୟ ସୁପାରିଶଗୁଡ଼ିକ ଏ ଗୃହରେ ଉପସ୍ଥାପନା କରିବାକୁ ମୁଁ ଉଚିତ୍ ମନେ କରୁଅଛି ।

The important recommendations of the 12th Finance Commission having a direct bearing on restructuring the State Finances among others include the following :

i. The 12th Finance Commission in para-2.32 (page-20) of their report have observed that "the financing of the plan, apart from a small contribution of plan grants from the Centre, depends entirely on borrowing by the States. A large plan effectively also means larger borrowing. It becomes, therefore, necessary that plan size of every State is linked to the sustainable level of the debt."

ii. In para-2.42 (page-24) of the Report, the 12th Finance Commission have concluded that "to determine the right size of the fiscal deficit and the debt in relation to the GDP is important for prudent fiscal management.

iii. "Plan grants should be given as genuine grants and states may be encouraged to borrow from the market directly. Such a change would require de-linking of grants from loans in plan assistance. This would facilitate determination of grants according to needs and loans according to capacities. The plan size of each state needs to take into account the sustainable level of debt and the capacity to borrow from the market." (para 4.68 of the report, page-82).

iv. Debt GSDP ratio should be brought down to 28% of GSDP (para 4.45, page-70-71 of the report). In case of Orissa it was 62.92% as on 31.3.2003 compared to all States' average of 34.21% as indicated by the 12th Finance Commission. As on 31.3.2005 this GSDP ratio for Orissa is 59.08%.

v. The ratio of interest payment to revenue receipt should be brought down to 15% (para 4.54, page-75). In case of Orissa this ratio in 2002-03 was 35.85% compared to all states' average of 24.57% as reported by 12th Finance Commission. In 2004-05 this ratio for Orissa has been reduced to 28.1%.

vi. States should follow a Recruitment and Wage Policy, in a manner such that the total salary bill relative to revenue expenditure, net of interest and pension payment does not exceed 35% (para 4.63, page- 80-81). At present, this ratio is as high as 54% for the year 2004-05. This has to be brought down to 35% by 2009-10 as per the recommendation of the 12th Finance Commission (in 2002-03 this ratio was 65.5% for Orissa compared to all States' average of 37.3% as indicated by 12th Finance Commission).

vii. "Getting the right size and the right composition of Government expenditure with a view to facilitating achievement of highest attainable growth rates, and meeting governments' social obligations including poverty reduction and provision of health and education should be considered integral to any plan for restructuring public finances. This requires increasing public expenditure in social and economic infrastructure for accelerating growth while reducing the over-all fiscal imbalance." (para 4.6 of the report, page-78-79)

୫. ଅଷ୍ଟମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଓଡ଼ିଶା ୧୯୫.୬୨ କୋଟି ଟଙ୍କାର ଋଣ ଛାଡ଼ ପାଇଥିବା ବେଳେ ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୨୮.୬୯ କୋଟି ଟଙ୍କା ଏବଂ ଦଶମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୨୨.୮୭ କୋଟି ଟଙ୍କାର ଋଣ ଛାଡ଼

ପାଇଥିଲା । ମାତ୍ର ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଓଡ଼ିଶା କୌଣସି ଋଣ ଛାଡ଼ ବା ରିହାତି ପାଇନାହିଁ । ଦ୍ୱାଦଶ ଅର୍ଥ କମିଶନ ଏକ ସର୍ତ୍ତମୂଳକ ଋଣ ଛାଡ଼ ବା ରିହାତି ସୁପାରିଶ କରିଛନ୍ତି । ଏହି ଯୋଜନା ଅନୁସାରେ ଓଡ଼ିଶାକୁ ପ୍ରାୟ ୩୬୩୩.୦୦ କୋଟି ଟଙ୍କାର ଋଣ ଓ ସୁଧ ରିହାତି ମିଳିବ । କିନ୍ତୁ ଏଥିପାଇଁ ରାଜ୍ୟ ସରକାରଙ୍କୁ ଦ୍ୱାଦଶ ଅର୍ଥ କମିଶନ ସୁପାରିଶ କରିଥିବା ଆର୍ଥିକ ଶୃଙ୍ଖଳାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଏହି ସୁପାରିଶ ମଧ୍ୟରେ ରାଜସ୍ୱ ନିଅଣ୍ଟକୁ ୨୦୦୮-୦୯ ଆର୍ଥିକ ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ବିଲୋପ କରିବା, ବିତ୍ତୀୟ ନିଅଣ୍ଟକୁ ରାଜ୍ୟର ସାମଗ୍ରିକ ଆୟର ୩ ଶତାଂଶ ମଧ୍ୟରେ ସୀମାବଦ୍ଧ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ । ଆଉ ଏକ ଉଲ୍ଲେଖନୀୟ ସର୍ତ୍ତ ହେଲା ଯେ ୨୦୦୫-୦୬ ଆର୍ଥିକ ବର୍ଷରୁ ୨୦୦୯-୧୦ ଆର୍ଥିକ ବର୍ଷ ମଧ୍ୟରେ ବିତ୍ତୀୟ ନିଅଣ୍ଟର ପରିମାଣ ସାମଗ୍ରିକ ଆୟର ଅନୁପାତ ଅନୁସାରେ ଏହା ୨୦୦୪-୦୫ ଆର୍ଥିକ ବର୍ଷର ବିତ୍ତୀୟ ନିଅଣ୍ଟ ସେହି ବର୍ଷର ସାମଗ୍ରିକ ଆୟର ଅନୁପାତଠାରୁ ଅଧିକ ହେବା ବାଞ୍ଛନୀୟ ନୁହେଁ । ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ରାଜ୍ୟ ସରକାର ଯଦି ରାଜସ୍ୱ ନିଅଣ୍ଟ ହ୍ରାସ କରନ୍ତି କିନ୍ତୁ ବିତ୍ତୀୟ ନିଅଣ୍ଟର ଅନୁପାତ କୌଣସି ବର୍ଷ ୨୦୦୪-୦୫ ଆର୍ଥିକ ବର୍ଷଠାରୁ ଅଧିକା ହୁଏ, ତେବେ ଋଣ ରିହାତି ବା ଋଣ ଛାଡ଼ ସୁବିଧା ରାଜ୍ୟ ସରକାରଙ୍କୁ ମିଳିବ ନାହିଁ । ବର୍ଷକୁ ବର୍ଷ ଋଣ କଲାବେଳେ ଦ୍ୱାଦଶ ଅର୍ଥ କମିଶନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସୁପାରିଶଗୁଡ଼ିକୁ ଆଖି ଆଗରେ ରଖିବାକୁ ପଡ଼ିବ ।

୬. ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ ୨୦୦୫-୦୬ ଆର୍ଥିକ ବର୍ଷ ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟ ଯୋଜନା ପାଇଁ ଯେଉଁ କେନ୍ଦ୍ରୀୟ ସହାୟତା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦେଉଥିଲେ, ତାହା ଅଧିକାଂଶ କ୍ଷେତ୍ରରେ ୭୦ ଭାଗ ଋଣ ଓ ୩୦ ଭାଗ ଅନୁଦାନ ଆକାରରେ ମିଳୁଥିଲା । ଏହି ଋଣ ଓ ଅନୁଦାନକୁ ମିଶାଇ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ମାସିକ ବା ତ୍ରୈମାସିକ କିସ୍ତିରେ ଦେଉଥିଲେ । କିନ୍ତୁ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୨୦୦୫-୦୬ ଆର୍ଥିକ ବର୍ଷରୁ ରାଜ୍ୟ ଯୋଜନା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଯେଉଁ କେନ୍ଦ୍ରୀୟ ସହାୟତା ମିଳୁଛି ବା ମିଳିବ ତାହା ଭାରତ ସରକାର କେବଳ ଏହି ସହାୟତାର ଅନୁଦାନ ବାବଦକୁ ଯାହା ହେବ ସେହି ପରିମାଣର ଅନୁଦାନ ଦେବେ । ଆଗରୁ ଅନୁଦାନ ସହିତ ଯେଉଁ ଋଣ ଦେଉଥିଲେ ତାହା ଆଉ ରାଜ୍ୟ ସରକାରଙ୍କୁ ଦେଉନାହାନ୍ତି ବା ଦେବେ ନାହିଁ । ଉଦାହରଣସ୍ୱରୂପ, ଆଗରୁ ୧୦୦୦.୦୦ କୋଟି ଟଙ୍କା ରାଜ୍ୟ ଯୋଜନା ସହାୟତା ବାବଦକୁ କେନ୍ଦ୍ର ସରକାର ଯାହା ଦେଉଥିଲେ ତନ୍ମଧ୍ୟରୁ ୭୦୦.୦୦ କୋଟି ଟଙ୍କା ଋଣ ଆକାରରେ ଓ ୩୦୦.୦୦ କୋଟି ଟଙ୍କା ଅନୁଦାନ ଆକାରରେ ଦେଉଥିଲେ । ବର୍ତ୍ତମାନ ୨୦୦୫-୦୬ ଆର୍ଥିକ ବର୍ଷଠାରୁ କେନ୍ଦ୍ର ସରକାର କେବଳ ୩୦୦.୦୦ କୋଟି ଟଙ୍କାର ଅନୁଦାନ ଦେବେ ଏବଂ ଏହି ୭୦୦.୦୦ କୋଟି ଟଙ୍କାର ଋଣ ରାଜ୍ୟ ସରକାର ଖୋଲା ବଜାରରୁ ବା ଅନ୍ୟାନ୍ୟ ଆର୍ଥିକ ବା ବିତ୍ତୀୟ ସଂସ୍ଥାରୁ ନିଜର ଆର୍ଥିକ ସାମର୍ଥ୍ୟ ଉପରେ ନିର୍ଭର କରି ସେହି ଋଣ କରିବେ । ଖୋଲା ବଜାରରୁ ବା କୌଣସି ବିତ୍ତୀୟ ସଂସ୍ଥାଠାରୁ ଋଣ କଲାବେଳେ ଋଣ ଗ୍ରହୀତାଙ୍କର ଆର୍ଥିକ ସ୍ଥିତି କଣ, ଋଣ କଲେ ଋଣ ଓ ସୁଧ ପରିଶୋଧ କରିପାରିବେ କି ନାହିଁ ଏବଂ ଏହି ଋଣ କିପରି ଭାବେ ବ୍ୟବହୃତ ହେବାକୁ ଯାଉଛି ତାହା ସେମାନେ ସମୀକ୍ଷା କଲାପରେ ଓ ସେମାନଙ୍କର ଯଦି ହୃଦବୋଧ ହୁଏ ତେବେ ସେମାନେ ରାଜ୍ୟ ସରକାରଙ୍କୁ ଋଣ ଦେବେ । ଏଥିନିମିତ୍ତ ଆମକୁ ରାଜ୍ୟ ଯୋଜନା ବାବଦକୁ ବ୍ୟୟବରାଦ କଲାବେଳେ ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବିଷୟଟିକୁ ଦୃଷ୍ଟିରେ ରଖିବାକୁ ପଡ଼ିବ ।

୭. ଆପଣମାନେ ସମସ୍ତେ ଜାଣନ୍ତି ଏହି ମହାନ୍ ଗୃହରେ ଓଡ଼ିଶା ''ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା ଅଧିନିୟମ (FRBM Act, 2005)'' ଅନୁମୋଦନ ହେଲା ପରେ ଏହା ୧୪.୬.୨୦୦୫ ତାରିଖଠାରୁ କାର୍ଯ୍ୟକାରୀ ହୋଇଛି । ଏହି ବିଧେୟକ (Act) ମୁତାବକ ଓଡ଼ିଶାରେ ଯେଉଁ ରାଜସ୍ୱ ନିଅଣ୍ଟ ଓ ବିତ୍ତୀୟ ନିଅଣ୍ଟ ହ୍ରାସର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ତାକୁ ପୂରଣ କରିବା ସଙ୍ଗେସଙ୍ଗେ ଋଣ ବୋଝ ଓ guarantee liabilities prudent levelରେ ରଖିବାକୁ ପଡ଼ିବ । ଏତଦ୍‌ବ୍ୟତୀତ ଯେଉଁ ଋଣ କରାଯାଉଛି ତାହା ଉତ୍ପାଦନମୂଳକ କାର୍ଯ୍ୟରେ ବ୍ୟବହୃତ ହେବା ଆବଶ୍ୟକ ଏବଂ ସେଥିରେ ପୁଞ୍ଜି ବା ସମ୍ପତ୍ତି ସୃଷ୍ଟି ହେବା ଦରକାର ବୋଲି ଉଲ୍ଲେଖ ରହିଅଛି । ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ (ଖର୍ଚ୍ଚ ବିଭାଗ) ଦ୍ୱାଦଶ ଅର୍ଥ କମିଶନ ସୁପାରିଶ କରିଥିବା ସର୍ତ୍ତମୂଳକ ଋଣ ଛାଡ଼ କିପରି କାର୍ଯ୍ୟକାରୀ ହେବ ସେଥିନିମିତ୍ତ ଏକ Guidelines ଦେଇଛନ୍ତି । ଏହି Guidelines ମଧ୍ୟରେ ମୁଖ୍ୟତଃ ରାଜ୍ୟ ସରକାର ଏକ Fiscal Correction Path ବା ବିତ୍ତୀୟ ସଂଶୋଧନ ମାର୍ଗ ସଂଯୋଜନା କରିବାକୁ କୁହାଯାଇଛି । ଏହି Fiscal Correction Path ବା ବିତ୍ତୀୟ ସଂଶୋଧନ ମାର୍ଗ ମାଧ୍ୟମରେ ରାଜ୍ୟ ସରକାର ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା ଅଧିନିୟମ (FRBM Act, 2005)ରେ ଲିପିବଦ୍ଧ ବିତ୍ତୀୟ ଲକ୍ଷ୍ୟ କିପରି ହାସଲ କରିବାକୁ ଚିନ୍ତା କରୁଛନ୍ତି (Fiscal Target Achievement) ତାହା ଦର୍ଶାଇବା ଆବଶ୍ୟକ ଅଟେ । ଏହି Guidelines ଅନୁସାରେ ରାଜ୍ୟ ସରକାର ୧୯.୧୨.୨୦୦୫ ତାରିଖରେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିତ୍ତ ମନ୍ତ୍ରଣାଳୟ (ଖର୍ଚ୍ଚ ବିଭାଗ)କୁ Fiscal Correction Path ଦାଖଲ କରିଛନ୍ତି ।

୮. ରାଜ୍ୟର ସାମଗ୍ରିକ ଆୟ current priceରେ ୧୯୯୯-୨୦୦୦ ଆର୍ଥିକ ବର୍ଷରେ ୩୮୬୨୯ କୋଟି ଟଙ୍କା ଥିଲାବେଳେ, ୨୦୦୨-୦୩ ଆର୍ଥିକ ବର୍ଷରେ ୪୪୩୭୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୦୩-୦୪ ଆର୍ଥିକ ବର୍ଷର Quick Estimate ଅନୁସାରେ ଏହା ୫୩୮୩୦ କୋଟି ଟଙ୍କା ହେବ ବୋଲି ହିସାବ କରାଯାଇଥିଲା ବେଳେ Advance Estimate ମୁତାବକ ୨୦୦୪-୦୫ ଆର୍ଥିକ

ବର୍ଷରେ ରାଜ୍ୟର ସାମଗ୍ରିକ ଆୟ ୫୭୬୩୮ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଅଛି । ୧୯୯୯-୨୦୦୦ ଆର୍ଥିକ ବର୍ଷରୁ ୨୦୦୪-୦୫ ଆର୍ଥିକ ବର୍ଷ ମଧ୍ୟରେ GSDPର ବାର୍ଷିକ ହାରାହାରି ବୃଦ୍ଧିର ହାର ୮.୫୭ ଶତାଂଶ ହୋଇଛି । ଦ୍ୱାଦଶ ଅର୍ଥ କମିଶନ ଓଡ଼ିଶା ପାଇଁ GSDPର ବୃଦ୍ଧି Current priceରେ ୧୧ ଶତାଂଶ ହେବ ବୋଲି ଆକଳନ କରିଛନ୍ତି । କିନ୍ତୁ ୧୯୯୯-୨୦୦୦ ଆର୍ଥିକ ବର୍ଷରୁ ୨୦୦୪-୦୫ ଆର୍ଥିକ ବର୍ଷ ମଧ୍ୟରେ ବାର୍ଷିକ ହାରାହାରି ବୃଦ୍ଧିର ହାର ୮.୫୭ ଶତାଂଶ ଓ ୨୦୦୪-୦୫ ଆର୍ଥିକ ବର୍ଷରେ ୭.୧୦ ଶତାଂଶ ହୋଇଥିବାରୁ ୨୦୦୫-୦୬ ଏବଂ ୨୦୦୬-୦୭ ଆର୍ଥିକ ବର୍ଷରେ ଏହି ବୃଦ୍ଧିର ହାର ୧୦ ଶତାଂଶ ହେବ ବୋଲି ଆକଳନ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦଶମ ପଞ୍ଚବାର୍ଷିକ ଯୋଜନାରେ ୧୯୯୩-୯୪ ଆର୍ଥିକ ବର୍ଷର Price ଅନୁସାରେ GSDP ବୃଦ୍ଧିହାର ୬.୨ ଶତାଂଶ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲାବେଳେ ୨୦୦୨-୦୩ ଆର୍ଥିକ ବର୍ଷରୁ ୨୦୦୪-୦୫ ଆର୍ଥିକ ବର୍ଷ ମଧ୍ୟରେ ଏହାର ବାର୍ଷିକ ବୃଦ୍ଧି ୫.୭ ଶତାଂଶ ହୋଇଛି । ଦଶମ ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ ଧାର୍ଯ୍ୟ ହାସଲ କରିବା ପାଇଁ ସବୁ ସ୍ତରରେ କଠିନ ପରିଶ୍ରମ ଓ ସମୟଭିତ୍ତିକ କାର୍ଯ୍ୟକ୍ରମ ରୂପାୟନ ଏକାନ୍ତ ଆବଶ୍ୟକ ।

୯. ଆମେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଯେଉଁ ଋଣ କରୁଛେ ତାହା ସେହି କାର୍ଯ୍ୟ ପାଇଁ ବ୍ୟବହୃତ ନହୋଇ ଏହାର ଅଧିକାଂଶ ଭାଗ ରାଜସ୍ୱ ନିଅଣ୍ଟ ଭରଣା ବାବଦକୁ ବ୍ୟବହୃତ ହେଉଛି । ଉଦାହରଣ ସ୍ୱରୂପ, ୧୯୯୮-୯୯ ଆର୍ଥିକ ବର୍ଷରେ ଯେତେ ପରିମାଣରେ ଋଣ କରାଯାଇଥିଲା ତା'ର ପ୍ରାୟ ୭୭ ଶତାଂଶ ରାଜସ୍ୱ ନିଅଣ୍ଟ ଭରଣା ବାବଦକୁ ବ୍ୟବହୃତ ହୋଇଥିଲା । ଯାହା ହେଉ କେନ୍ଦ୍ର ସରକାରଙ୍କ ସହ ୧୫.୪.୧୯୯୯ ତାରିଖରେ ଓ ପରବର୍ତ୍ତୀ ସମୟରେ ୧୧.୧୦.୨୦୦୧ ତାରିଖରେ ବୁଝାମଣାପତ୍ର ସ୍ୱାକ୍ଷର ପରେ ରାଜ୍ୟ ସରକାର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି, ଯାହା ଫଳରେ ବର୍ଷକୁ ବର୍ଷ କରାଯାଉଥିବା ଋଣରୁ ଯେତେ ଅଂଶ ରାଜସ୍ୱ ନିଅଣ୍ଟ ବାବଦକୁ ଭରଣା କରାଯାଉଥିଲା ତାହା କମିବାରେ ଲାଗିଛି ଏବଂ ୨୦୦୪-୦୫ ଆର୍ଥିକ ବର୍ଷରେ ଏହା ପ୍ରାୟ ୧୫ ଶତାଂଶକୁ କମି ଆସିଛି । ସାଧାରଣତଃ ଯେଉଁ ଋଣ କରାଯାଉଛି ତାହା ସମ୍ପୂର୍ଣ୍ଣ ପୁଞ୍ଜି ବିନିଯୋଗ ପାଇଁ ଖର୍ଚ୍ଚ ହେବା ଆବଶ୍ୟକ । କିନ୍ତୁ ରାଜ୍ୟର ସାମଗ୍ରିକ ଆୟର ଏହି ପୁଞ୍ଜି ବିନିଯୋଗର ଅନୁପାତ ପ୍ରାୟ ୨ ଶତାଂଶ ମଧ୍ୟରେ ସୀମାବଦ୍ଧ ରହିଛି । ଆମେ ବର୍ଷକୁ ବର୍ଷ ଯେଉଁ ଋଣ କରୁଛେ ତାହା ଯେପରି ଅଧିକରୁ ଅଧିକ ପୁଞ୍ଜି ବିନିଯୋଗରେ ବ୍ୟବହୃତ ହେବ ସେଥିପାଇଁ ଆମକୁ ଚେଷ୍ଟା କରିବାକୁ ପଡ଼ିବ, ନଚେତ୍ ରାଜ୍ୟ ଋଣଯନ୍ତା ଭିତରୁ ମୁକ୍ତି ପାଇପାରିବ ନାହିଁ । ଏହା Fiscal strategyର ଏକ ମୁଖ୍ୟ ଦିଗ ।

୧୦. ରାଜ୍ୟର ଆର୍ଥିକ ଅବସ୍ଥାକୁ ପୁନର୍ବିନ୍ୟାସ କରିବା ପାଇଁ ଦ୍ୱାଦଶ ଅର୍ଥ କମିଶନ କରିଥିବା ବିଭିନ୍ନ ସୁପାରିଶ, ସର୍ତ୍ତମୂଳକ ଋଣ ଛାଡ଼, କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିତ୍ତ ମନ୍ତ୍ରଣାଳୟ (ଖର୍ଚ୍ଚ ବିଭାଗ) ଦେଇଥିବା Guidelines, ଓଡ଼ିଶା ବିତ୍ତୀୟ ଉତ୍ତରଦାୟୀ ଓ ବିଜେଟ୍ ପରିଚାଳନା ବିଧେୟକ ଓ ରାଜ୍ୟର ସାମଗ୍ରିକ ଉତ୍ପାଦନ ବୃଦ୍ଧିର ହାର ଇତ୍ୟାଦିକୁ ଆଖି ଆଗରେ ରଖି ୨୦୦୫-୦୬ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଓ ୨୦୦୬-୦୭ ଆର୍ଥିକ ବର୍ଷର ବଜେଟ୍ ଅଟକଳ କରାଯାଇଛି ।

୧୧. ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ୨୦୦୫-୦୬ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ପାଇଁ ମୂଳ ବଜେଟ୍‌ରେ ବ୍ୟୟ ବରାଦ ୩୦୦୦.୦୦ କୋଟି ଟଙ୍କା ଥିଲା ବେଳେ ସଂଶୋଧିତ ଅଟକଳ ସେହି ୩୦୦୦.୦୦ କୋଟି ଟଙ୍କାରେ ସୀମିତ ଅଛି । ମୂଳ ବ୍ୟୟବରାଦ ୩୦୦୦.୦୦ କୋଟି ଟଙ୍କା ମଧ୍ୟରୁ ରାଜ୍ୟ ବଜେଟ୍ ମାଧ୍ୟମରେ ୨୨୬୪.୫୧ କୋଟି ଟଙ୍କା ଥିଲାବେଳେ ସରକାରୀ ଉଦ୍ୟୋଗ (GRIDCO, OHPC, OPGC, OSRTC) ବଜେଟ୍‌ରେ ସେମାନଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୭୩୫.୪୯ କୋଟି ଟଙ୍କାର ବ୍ୟୟ ଆକଳନ କରାଯାଇଥିଲା । କିନ୍ତୁ ସଂଶୋଧିତ ଅଟକଳରେ ସେହି ୩୦୦୦.୦୦ କୋଟି ଟଙ୍କା ମଧ୍ୟରେ ରାଜ୍ୟ ବଜେଟ୍‌ରେ ୨୭୨୫.୨୭ କୋଟି ଟଙ୍କା ଓ ସଂପୃକ୍ତ ସରକାରୀ ଉଦ୍ୟୋଗ ବଜେଟ୍‌ରେ ୨୭୪.୭୩ କୋଟି ଟଙ୍କା ରଖାଯାଇଛି । ଅର୍ଥାତ୍ ରାଜ୍ୟ ଯୋଜନା ପାଇଁ ୪୬୦.୭୬ କୋଟି ଟଙ୍କା ରାଜ୍ୟ ବଜେଟ୍‌ରେ ଅଧିକା ରଖାଯାଇଥିଲା ବେଳେ ସରକାରୀ ଉଦ୍ୟୋଗ ବଜେଟ୍‌ରେ ଏହାକୁ ୪୬୦.୭୬ କୋଟି ଟଙ୍କା କମାଇ ଦିଆଯାଇଛି ।

୧୨. ୨୦୦୫-୦୬ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ବ୍ୟୟ ବରାଦ ୩୦୦୦.୦୦ ଟଙ୍କା ଥିଲାବେଳେ ୨୦୦୬-୦୭ ଆର୍ଥିକ ବର୍ଷ ପାଇଁ ଏହାକୁ ୩୫୦୦.୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଅର୍ଥାତ୍ ବଜେଟ୍ ଅଟକଳ ୨୦୦୬-୦୭ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ପାଇଁ ବ୍ୟୟ ଭାର ପ୍ରାୟ ୧୬.୬୬ ଶତାଂଶ ବୃଦ୍ଧି ପାଇଛି । ଏହି ୩୫୦୦.୦୦ କୋଟି ଟଙ୍କା ମଧ୍ୟରେ ରାଜ୍ୟ ବଜେଟ୍ ଜରିଆରେ ୩୧୦୪.୭୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା ବେଳେ ସରକାରୀ ଉଦ୍ୟୋଗ (GRIDCO, OHPC, OPGC, OSRTC) ବଜେଟ୍ ଜରିଆରେ ୩୯୫.୨୬ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି । ଅର୍ଥାତ୍ ଆସନ୍ତା ବର୍ଷ ପାଇଁ ରାଜ୍ୟ ବଜେଟ୍ ଜରିଆରେ ୨୦୦୫-୦୬ ମୂଳ ବଜେଟ୍ ତୁଳନାରେ ୮୪୦.୨୩ କୋଟି ଟଙ୍କା ଓ ସଂଶୋଧିତ ଅଟକଳ ତୁଳନାରେ ୩୭୯.୪୭ କୋଟି ଟଙ୍କା ଅଧିକ ବରାଦ କରାଯାଇଛି । ୩୫୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ ମଧ୍ୟରୁ ରାଜ୍ୟ ବଜେଟ୍‌ରେ ଯେଉଁ ବ୍ୟୟବରାଦ କରାଯାଇଛି ସେଥି ନିମିତ୍ତ ପୂର୍ବ ପ୍ରଚଳିତ କେନ୍ଦ୍ରୀୟ ସହାୟତାର

formula ହିସାବକୁ ନେଲେ ଆମକୁ ପ୍ରାୟ ୪୦୫୪.୦୦ କୋଟି ଟଙ୍କା ଋଣ କରିବାକୁ ଦରକାର ହେଉଥିଲା ଏବଂ ପ୍ରାୟ ୮୩୮.୦୦ କୋଟି ଟଙ୍କାର ଋଣ ପରିଶୋଧ ହିସାବକୁ ବାଦ୍ ଦେଲେ ନିଟ୍ ଋଣ କରିବାକୁ ଆବଶ୍ୟକ ପଡୁଥିଲା ପ୍ରାୟ ୩୨୧୬.୦୦ କୋଟି ଟଙ୍କା । କିନ୍ତୁ ଯେହେତୁ ଆମକୁ ବର୍ଷକୁ ଯେଉଁ ନିଟ୍ ଋଣ କରିବାକୁ ପଡ଼ିବ ଏହା ରାଜ୍ୟର ସାମଗ୍ରିକ ଆୟର ୩ ଶତାଂଶ ମଧ୍ୟରେ ସୀମିତ ରଖିବାକୁ ହେବ, ସେଥିନିମିତ୍ତ ଏହି ନିଟ୍ ଋଣ ପରିମାଣକୁ ବର୍ତ୍ତମାନ ପାଇଁ ୨୦୦୬-୦୭ ଆର୍ଥିକ ବର୍ଷରେ ପ୍ରାୟ ୨୨୦୦.୦୦ କୋଟି ଟଙ୍କାରେ ସୀମିତ ରଖିବାକୁ ଆକଳନ କରାଯାଇଛି । ଏଥିପାଇଁ ପ୍ରାୟ ୧୦୦୦.୦୦ କୋଟି ଟଙ୍କାର ଯେଉଁ ନିଟ୍ ଋଣ କମାଇ ଦିଆଯାଇଛି ତାହା ମୁଖ୍ୟତଃ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୨୦୦୫-୦୬ ଆର୍ଥିକ ବର୍ଷ ପାଇଁ ୩୫୦.୨୬ କୋଟି ଟଙ୍କା ଋଣ ଛାଡ଼ ଓ ଅବଶିଷ୍ଟ ରାଜ୍ୟର ଟିକସ, ଅଣ-ଟିକସ, ଅଗ୍ରିମ ଆଦାୟ ଏବଂ କେନ୍ଦ୍ରୀୟ ଟିକସର ଅଂଶ ଅଧିକ ମିଳିବ ବୋଲି ଆକଳନ କରାଯାଇଅଛି । ମୁଁ ଏଠାରେ ମାନ୍ୟବର ସଦସ୍ୟ ଓ ସଦସ୍ୟାମାନଙ୍କର ଅବଗତି ନିମନ୍ତେ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଅଧିକ ଋଣ କରି ରାଜ୍ୟ ଯୋଜନାର ବ୍ୟୟବରାଦ ଅଧିକ କରିବା ରାଜ୍ୟ ସରକାରଙ୍କ ଦ୍ୱାରା ଆଉ ସମ୍ଭବପର ନୁହେଁ । କାରଣ ଅଧିକ ଋଣ କଲେ ଆମକୁ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଋଣ ଛାଡ଼ ରିହାତି ମିଳିବା ସମ୍ଭବପର ନୁହେଁ ଏବଂ ଆର୍ଥିକ ଶୃଙ୍ଖଳା ବଜାୟ ରଖିଲେ ଆର୍ଥିକ ବା ବିତ୍ତୀୟ ସଂସ୍ଥାମାନେ ମଧ୍ୟ ଆମକୁ ଶସ୍ତା ସୁଧ ହାରରେ ଋଣ ଦେବେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯେଉଁ ରାଜ୍ୟମାନଙ୍କର ଆର୍ଥିକ ଅବସ୍ଥା ଭଲ ଅଛି ସେମାନେ auction methodରେ ଖୋଲା ବଜାରରୁ କମ୍ ସୁଧ ହାରରେ ଋଣ ଉଠାଉଛନ୍ତି । ଯେଉଁମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ ବା ସେମାନେ ଆର୍ଥିକ ଶୃଙ୍ଖଳା ବଜାୟ ରଖିବାକୁ ବଳିଷ୍ଠ ପଦକ୍ଷେପ ନେଇ ନାହାନ୍ତି ସେମାନଙ୍କୁ ଖୋଲା ବଜାରରୁ ଋଣ ଉଠାଇବା କଷ୍ଟକର ହେଉଛି ଏବଂ ଯଦିଓ ଋଣ ମିଳୁଛି ତାହା ଅଧିକ ସୁଧ ହାରରେ ପ୍ରାପ୍ତ ହେଉଛି । ମୋର ଏଠାରେ କହିବା କଥା ଯେ ଆମେ ଯଦି ଅଣଉତ୍ପାଦନ ରାଜସ୍ୱ ଖର୍ଚ୍ଚ କମାଇ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ବୃଦ୍ଧି କରିବା ଏବଂ ଋଣ ପରିମାଣ ବର୍ଷକୁ ବର୍ଷ ହ୍ରାସ କରିବା ତେବେ ଆମେ ଦ୍ୱାଦଶ ଅର୍ଥ କମିଶନ ସୁପାରିଶ କରିଥିବା ଋଣ ଛାଡ଼ ସୁବିଧା ପାଇବା ସଙ୍ଗେସଙ୍ଗେ ଖୋଲା ବଜାରରୁ ଓ ଅନ୍ୟାନ୍ୟ ଆର୍ଥିକ ବା ବିତ୍ତୀୟ ସଂସ୍ଥାରୁ କମ୍ ସୁଧ ହାରରେ ଦରକାର ମୁତାବକ ଋଣ ଆଣିବାକୁ ସକ୍ଷମ ହୋଇପାରିବା ।

୧୩. ଆର୍ଥିକ ପୁନର୍ବିନ୍ୟାସର ମୂଳ ଲକ୍ଷ୍ୟ ହେଲା ଆମକୁ ଯେଉଁ ସୀମିତ ସମ୍ବଳ ଉପଲବ୍ଧ ହେଉଛି ତନ୍ମଧ୍ୟରୁ କିପରି ଅଧିକରୁ ଅଧିକ ବିଭିନ୍ନ ସାମାଜିକ ସୁରକ୍ଷା ଓ ରାଜ୍ୟର ଭିତ୍ତିଭୂମି ଉନ୍ନୟନ ନିମିତ୍ତ ଉପଯୋଗ କରିବା, ଅଣ ଉତ୍ପାଦନ ରାଜସ୍ୱ ଖର୍ଚ୍ଚ କମିଲେ, ରାଜ୍ୟର ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇଲେ ଓ କେନ୍ଦ୍ର ସରକାରଙ୍କଠାରୁ ଅଧିକରୁ ଅଧିକ ଅନୁଦାନ ମିଳିଲେ ଏହା ସମ୍ଭବପର ହୋଇପାରିବ । ଏ ଦିଗରେ ରାଜ୍ୟ ସରକାର ବିଗତ ୬ ବର୍ଷ ମଧ୍ୟରେ ଚେଷ୍ଟା କରି ଆସୁଛନ୍ତି । ଏ ଦିଗରେ ଆମକୁ କିଛି ସୁଫଳ ମିଳିବାକୁ ଆରମ୍ଭ କଲାଣି, କିନ୍ତୁ ଏହାକୁ ଅଧିକ ଗତିରେ ଆଗେଇ ନେବା ଆବଶ୍ୟକ ଏବଂ ଏହାକୁ ଅଧିକ ପ୍ରସାରିତ କରିବା ଦରକାର । ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ବିତ୍ତୀୟ ଏକତ୍ରୀକରଣ (fiscal consolidation) ଏବଂ ଦକ୍ଷ ରାଜସ୍ୱ ପରିଚାଳନା (efficient fiscal management) ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ । ଏ ଦିଗରେ ପ୍ରାଥମିକ ସ୍ତରରେ ଆମେ କିଛି ଆଗେଇ ପାରିଛୁ, କିନ୍ତୁ ଆଗକୁ ଅନେକ ବାଧାବିଘ୍ନ ରହିଛି, ସେଥିମଧ୍ୟରୁ ରାଜ୍ୟର ଅତ୍ୟଧିକ ଋଣ ଭାର ଏକ ମୁଖ୍ୟ ସମସ୍ୟା । ଏହା ରାଜ୍ୟର ସାମଗ୍ରିକ ଆୟର ପ୍ରାୟ ୫୯ ଶତାଂଶରେ ପହଞ୍ଚିଛି ଏବଂ ଏହାକୁ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୨୮ ଶତାଂଶକୁ ହ୍ରାସ କରିବା ଦରକାର । ସେହିପରି ମୋଟ ରାଜସ୍ୱ ଖର୍ଚ୍ଚରୁ ସୁଧ ଓ ପେନସନ୍ ବାବଦ ଦେୟ ବାଦ୍ ଦେଲେ ଯାହା ରହିଲା ତାହାର ପ୍ରାୟ ୫୪ ଶତାଂଶ ଦରମା ଓ ଭତ୍ତା ବାବଦକୁ ବ୍ୟୟ ହେଉଅଛି । ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏହା ୩୫ ଶତାଂଶରେ ସୀମିତ ରହିବା ଦରକାର ଅଟେ । ସୁଧ ବାବଦକୁ ଦେୟ ରାଜ୍ୟର ମୋଟ ରାଜସ୍ୱ ଆୟର ୨୮.୧ ଶତାଂଶ ଥିବାବେଳେ, ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏହାର ଅନୁପାତ ୧୫ ଶତାଂଶକୁ ହ୍ରାସ କରିବା ଦରକାର ଅଟେ, ତେଣୁ ଋଣ ଭାର ଓ ସୁଧ ବାବଦ ଦେୟ ହ୍ରାସ, ଅଣଉତ୍ପାଦନ ରାଜସ୍ୱ ଖର୍ଚ୍ଚର ହ୍ରାସ ଓ ରାଜ୍ୟର ଟିକସ ଓ ଅଣଟିକସ ବୃଦ୍ଧି ଦ୍ୱାରା ହିଁ ରାଜ୍ୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବର୍ଷକୁ ବର୍ଷ ଅଧିକରୁ ଅଧିକ ବ୍ୟୟ ବରାଦ ହୋଇପାରିବ ।

୧୪. ଯେଉଁ ସୀମିତ ସମ୍ବଳ ଉପଲବ୍ଧ ତାକୁ ମଧ୍ୟ ଆମକୁ ସୁଚିନ୍ତିତ ଓ ଦକ୍ଷତାର ସହ ବିନିଯୋଗ କରିବାକୁ ପଡ଼ିବ, ଏଥିପାଇଁ ଆମକୁ ବ୍ୟୟବରାଦ କଲାବେଳେ ଅଗ୍ରାଧିକାର ସ୍ଥିର କରିବା ଆବଶ୍ୟକ । ଏହାକୁ ଆଖିରେ ରଖି ୨୦୦୬-୦୭ ଆର୍ଥିକ ବର୍ଷର ବ୍ୟୟବରାଦ ନିମ୍ନଲିଖିତ ଭାବେ ଅଗ୍ରାଧିକାର ଭିତ୍ତିରେ କରାଯାଇଅଛି ।

- ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ରାଜ୍ୟର ଅଂଶଧନ ବାବଦକୁ ବ୍ୟୟବରାଦ ବୃଦ୍ଧି କରାଗଲେ କେନ୍ଦ୍ରୀୟ ଅନୁଦାନ ରାଜ୍ୟକୁ ଅଧିକରୁ ଅଧିକ ପରିମାଣରେ ମିଳିବ । ତେଣୁ ୨୦୦୫-୦୬ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ରାଜ୍ୟର ଅଂଶ ବାବଦକୁ ରାଜ୍ୟ ଯୋଜନାରେ ମୂଳ ବଜେଟ୍‌ରେ ୨୮୪.୬୫ କୋଟି ଟଙ୍କା ଥିବାବେଳେ ୨୦୦୬-୦୭ ଆର୍ଥିକ ବର୍ଷ ପାଇଁ ରାଜ୍ୟର ଅଂଶଧନ ବାବଦକୁ ୫୦୧.୮୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏଥିରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ପାଇଁ ରାଜ୍ୟର ଅଂଶଧନ ବାବଦକୁ ୧୬୭.୪୨ କୋଟି ଟଙ୍କା ଅନ୍ତର୍ଭୁକ୍ତ ନୁହେଁ ଓ ଏହାକୁ ରାଜ୍ୟ ଅଣଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

- କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଅସଂପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ ବେଗରେ ସଂପୂର୍ଣ୍ଣ କରିବା,
- କୃଷିର ଉନ୍ନତି ପାଇଁ ଜଳସେଚନ ସୁବିଧାର ସଂପ୍ରସାରଣ ଓ କୃଷି କାର୍ଯ୍ୟକ୍ରମଗୁଡ଼ିକର ପରିବର୍ତ୍ତନ (diversification),
- ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅଧିକରୁ ଅଧିକ ବ୍ୟୟବରାଦ, ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ସୁବିଧା ସୁଯୋଗ ପ୍ରଦାନ,
- କେନ୍ଦ୍ରୀୟ ଅନୁଦାନକୁ ଠିକ୍ ସମୟରେ ଖର୍ଚ୍ଚ କରି ବିନିଯୋଗ ପତ୍ର (Utilisation Certificate) ଦାଖଲ,
- ପର୍ଯ୍ୟଟନ କ୍ଷେତ୍ରରେ ଭିତ୍ତିଭୂମି ସ୍ଥାପନ ଓ ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା,
- କୋଠାବାଡ଼ି, ରାସ୍ତାଘାଟ ଇତ୍ୟାଦି ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣକୁ ଅଗ୍ରାଧିକାର ଦିଆଯାଇ ରାଜ୍ୟ ବଜେଟ୍‌ରେ ବ୍ୟୟବରାଦ କରାଯାଇଛି ।

୧୫. ବର୍ତ୍ତମାନ ଆପଣମାନଙ୍କ ଅବଗତି ନିମନ୍ତେ ରାଜ୍ୟର ଯୋଜନା ଓ ଅଣଯୋଜନାରେ ବ୍ୟୟବରାଦର କେତୋଟି ମୁଖ୍ୟାଂଶ ମୁଁ ଗୃହରେ ଉପସ୍ଥାପନ କରୁଅଛି ।

- ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକର କୋଠାବାଡ଼ି ଓ ହଷ୍ଟେଲ ଇତ୍ୟାଦି ବର୍ଷ ବର୍ଷ ଧରି ମରାମତି ହୋଇପାରୁନାହିଁ, ସେହିପରି ଅନେକ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ନାହିଁ ଏବଂ Bio-Technology, Computer Science ଓ ଅନ୍ୟାନ୍ୟ ନୂତନ ବିଭାଗ ଖୋଲିଥିଲେ ମଧ ସେଥିପାଇଁ Laboratory ବ୍ୟବସ୍ଥା ନାହିଁ । ଏହି ସମସ୍ତ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ ୨୦୦୬-୦୭ ଆର୍ଥିକ ବର୍ଷରେ ରାଜ୍ୟର ଅଣଯୋଜନା ରାଜସ୍ୱ ବ୍ୟୟବରାଦ ମଧ୍ୟରେ ୩୫.୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଅଛି, ସେଥିମଧ୍ୟରୁ : ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ - ୮.୦୦ କୋଟି ଟଙ୍କା, ଫକୀରମୋହନ ବିଶ୍ୱବିଦ୍ୟାଳୟ - ୮.୦୦ କୋଟି ଟଙ୍କା, ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ - ୨.୫୦ କୋଟି ଟଙ୍କା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ - ୩.୦୦ କୋଟି ଟଙ୍କା, ଉତ୍କଳ ବିଶ୍ୱବିଦ୍ୟାଳୟ - ୪.୫୦ କୋଟି ଟଙ୍କା, ସମ୍ବଲପୁର ବିଶ୍ୱବିଦ୍ୟାଳୟ - ୪.୫୦ କୋଟି ଟଙ୍କା ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ - ୪.୫୦ କୋଟି ଟଙ୍କା ।

  ଏତଦ୍‌ବ୍ୟତୀତ କୃଷି ବିଭାଗ ବଜେଟ୍‌ରେ କୃଷି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନତି ପାଇଁ ୧.୫୦ କୋଟି ଟଙ୍କା ଓ ଭେଟରନାରୀ କଲେଜର ଭିତ୍ତିଭୂମି ମାନ ଉନ୍ନତି କରିବା ପାଇଁ ସ୍ୱତନ୍ତ୍ର ଭାବେ ୫.୭୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରେ ରାଜ୍ୟ ଯୋଜନା ବାବଦକୁ ୧.୫୦ କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ ।

- ୨୦୦୫-୦୬ ଆର୍ଥିକ ବର୍ଷରେ ରାସ୍ତାଘାଟର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ରାଜ୍ୟ ଅଣଯୋଜନା ରାଜସ୍ୱରେ ୧୭୦.୫୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ, ୨୦୦୬-୦୭ ଆର୍ଥିକ ବର୍ଷରେ ଏହାକୁ ୫୪୭.୮୯ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏଥିରେ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୩୬୮.୭୭ କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ । ରାସ୍ତାଘାଟର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବ୍ୟୟବରାଦ ହୋଇଥିବା ୫୪୭.୮୯ କୋଟି ଟଙ୍କା ମଧ୍ୟରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ୨୨୧.୩୮ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ପୂର୍ତ୍ତ ବିଭାଗ ଜରିଆରେ ୨୪୦.୨୬ କୋଟି ଟଙ୍କା ଖର୍ଚ୍ଚ ହେବାର ବ୍ୟବସ୍ଥା କରାଯାଇଅଛି ।
- ସରକାରୀ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ୨୦୦୫-୦୬ ଆର୍ଥିକ ବର୍ଷରେ ୧୬୨.୮୬ କୋଟି ଟଙ୍କା ଥିବାବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ଏହି ବାବଦକୁ ୨୬୮.୨୮ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିରେ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୯୮.୨୭ କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ । ୨୬୮.୨୮ କୋଟି ଟଙ୍କା ବ୍ୟୟବରାଦ ମଧ୍ୟରୁ ପୂର୍ତ୍ତ ବିଭାଗ ଜରିଆରେ ୧୪୪.୭୧ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ୮୦.୦୫ କୋଟି ଟଙ୍କା ଖର୍ଚ୍ଚ ହେବାର ବ୍ୟବସ୍ଥା କରାଯାଇଛି ।
- ବୃହତ୍ ଓ ମଧ୍ୟମ ଜଳସେଚନ ରକ୍ଷଣାବେକ୍ଷଣ ପାଇଁ ଅଣଯୋଜନାରେ ୨୦୦୫-୦୬ ଆର୍ଥିକ ବର୍ଷରେ ୯୮.୮୨ କୋଟି ଟଙ୍କା ଥିବା ବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ୯୮.୮୨ କୋଟି ଟଙ୍କା ଥିବାବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ଏ ବାବଦକୁ ୧୧୪.୦୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି ।
- ସହରାଞ୍ଚଳ ଜଳଯୋଗାଣ କାର୍ଯ୍ୟକ୍ରମର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ୨୦୦୫-୦୬ ଆର୍ଥିକ ବର୍ଷରେ ୯୨.୦୭ କୋଟି ଟଙ୍କା ଥିଲାବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ଏ ବାବଦକୁ ୧୨୦.୧୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ କାର୍ଯ୍ୟକ୍ରମ ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଅଣଯୋଜନା ରାଜସ୍ୱ ଖର୍ଚ୍ଚରେ ୨୦୦୫-୦୬ ଆର୍ଥିକ ବର୍ଷରେ ୪୬୪.୭୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲାବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ଏହାକୁ ୫୦୭.୨୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏଥିରେ ମୁଖ୍ୟତଃ ମେଡ଼ିକାଲ କଲେଜ ହସପିଟାଲ୍ ଓ ଅନ୍ୟାନ୍ୟ ହସପିଟାଲ୍ ପାଇଁ Equipment, Medicine, BCL ଇତ୍ୟାଦି ବାବଦକୁ ଅଗ୍ରାଧିକାର ଦିଆଯାଇଛି । Equipment ପାଇଁ ୩୪.୨୯ କୋଟି ଟଙ୍କା, Medicine ପାଇଁ ୧୪.୫୮ କୋଟି ଟଙ୍କା, BCL ପାଇଁ ୧.୫୦ କୋଟି ଟଙ୍କା ରଖାଯାଇଛି । ଏତଦ୍‌ବ୍ୟତୀତ କ୍ୟାନ୍‌ସର ଇନଷ୍ଟିଚ୍ୟୁଟକୁ ସ୍ୱତନ୍ତ୍ର ଭାବେ ଭିତ୍ତିଭୂମି ଉନ୍ନୟନ ପାଇଁ ୪ କୋଟି ଟଙ୍କା, କଟକ ମେଡ଼ିକାଲ କଲେଜରେ MBBS Courseରେ Seat ସଂଖ୍ୟା ୧୦୭ରୁ ୧୫୦କୁ ବୃଦ୍ଧି କରିବା ପାଇଁ ୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ରାଜ୍ୟ ଯୋଜନାରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ୪୧.୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଅଛି, ସେଥିମଧ୍ୟରୁ ୧୪.୧୩ କୋଟି ଟଙ୍କା ମେଡ଼ିକାଲ କଲେଜ ହସପିଟାଲ୍‌ର ଭିତ୍ତିଭୂମି ଉନ୍ନୟନ ଓ ୦.୪୫ କୋଟି ଟଙ୍କା ଶିଶୁ ମୃତ୍ୟୁ ହ୍ରାସ ମିଶନ ଜରିଆରେ 'ନବଜ୍ୟୋତି' ନାମରେ ଏକ ନୂଆ ଯୋଜନା ପାଇଁ ବ୍ୟୟବରାଦ କରାଯାଇଛି ।
- ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ଗ୍ରାମାଞ୍ଚଳରେ ଥିବା ଡାକ୍ତର ଓ ପାରା ମେଡିକାଲ୍ କର୍ମଚାରୀଙ୍କ କ୍ୱାର୍ଟରଗୁଡ଼ିକର ମରାମତି ଓ ପୁନରୁଦ୍ଧାର ପାଇଁ ୫ କୋଟି ଟଙ୍କା ଅଣଯୋଜନାରେ ସ୍ୱତନ୍ତ୍ର ଭାବେ ବ୍ୟୟବରାଦ କରାଯାଇଅଛି ।
- ସ୍କୁଲ ଓ ଗଣଶିକ୍ଷା ବାବଦକୁ ୨୦୦୫-୦୬ ଆର୍ଥିକ ବର୍ଷରେ ୧୭୧୫.୮୪ କୋଟି ଟଙ୍କା ଅଣଯୋଜନାରେ ବ୍ୟୟବରାଦ କରାଯାଇଥିବାବେଳେ, ୨୦୦୬-୦୭ ଆର୍ଥିକ ବର୍ଷରେ ଏ ବାବଦକୁ ୧୮୫୧.୨୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏଥିରେ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଲାଇବ୍ରେରିକୁ ଓଡ଼ିଆ ଭାଷାର ବିଭିନ୍ନ ବହି ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ଭାବେ ୧.୪୦ କୋଟି ଟଙ୍କା ବ୍ୟୟବରାଦ ଅନ୍ତର୍ଭୁକ୍ତ ।

  ସ୍କୁଲ ଓ ଗଣ ଶିକ୍ଷା ପାଇଁ ରାଜ୍ୟ ୨୦୦୫-୦୬ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ୧୦୬.୫୪ କୋଟି ଟଙ୍କା ରଖାଯାଇ ଥିଲା କିନ୍ତୁ ଏଥିମଧ୍ୟରୁ ୨୦୦୬-୦୭ ଆର୍ଥିକ ବର୍ଷରେ ୫୯.୩୧ କୋଟି ଟଙ୍କା ଅଣଯୋଜନାରେ ନେଲାପରେ ମଧ ରାଜ୍ୟ ଯୋଜନାରେ ୧୦୧.୫୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଉଚ୍ଚ ଶିକ୍ଷା ବାବଦକୁ ୨୦୦୫-୦୬ ଆର୍ଥିକ ବର୍ଷରେ ରାଜ୍ୟ ଅଣଯୋଜନାରେ ୨୨୪.୬୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ, ୨୦୦୬-୦୭ରେ ଏ ବାବଦକୁ ୨୭୩.୬୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏତଦ୍‌ବ୍ୟତୀତ ସମସ୍ତ ମହାବିଦ୍ୟାଳୟର ଲାଇବ୍ରେରିକୁ ଓଡ଼ିଆ ଭାଷାର ବିଭିନ୍ନ ବହି ଓ ବିଜ୍ଞାନ କାରିଗରୀ ଶିକ୍ଷା ଉପରେ ବହି ଯୋଗାଇଦେବା ପାଇଁ ସ୍ୱତନ୍ତ୍ର ଭାବେ ୧.୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଅଛି ।

  ଉଚ୍ଚ ଶିକ୍ଷା ବାବଦକୁ ୨୦୦୫-୦୬ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ମୂଳ ବଜେଟ୍‌ର ୭୩.୧୦ କୋଟି ଟଙ୍କା ରଖାଯାଇଥିଲା ବେଳେ ଏହାକୁ ୨୦୦୬-୦୭ ଆର୍ଥିକ ବର୍ଷରେ ୮୯.୩୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି ।
- ଆଦିବାସୀ ଓ ହରିଜନ କଲ୍ୟାଣ ପାଇଁ ୨୦୦୫-୦୬ ଆର୍ଥିକ ବର୍ଷରେ ୧୯୦.୦୮ କୋଟି ଟଙ୍କା ରଖାଯାଇଥିଲାବେଳେ ୨୦୦୬-୦୭ ଆର୍ଥିକ ବର୍ଷ ବଜେଟ୍‌ରେ ରାଜ୍ୟ ଯୋଜନାରେ ମୋଟ ୨୩୩.୭୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ୨୦୦୫-୦୬ ଆର୍ଥିକ ବର୍ଷରେ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀମାନଙ୍କ ବୃତ୍ତି ବାବଦକୁ ମୂଳ ବଜେଟ୍‌ରେ ୬୪.୭୯ କୋଟି ଟଙ୍କା ରଖାଯାଇଥିଲା ବେଳେ ଆସନ୍ତା ବର୍ଷ ପାଇଁ ଏହାକୁ ୭୮.୮୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏହା ଦ୍ୱାରା ପୂରା ବର୍ଷକ ପାଇଁ ବୃତ୍ତି ଦେବାରେ କୌଣସି ଅସୁବିଧା ହେବ ନାହିଁ । ଆଦିବାସୀ ହଷ୍ଟେଲଗୁଡ଼ିକରେ ନିୟୋଜିତ Cook-cum-Attendantଙ୍କ ପାରିଶ୍ରମିକ ମାସକୁ ୧୦୨୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଓ ଏଥିପାଇଁ ମୋଟ ୪.୯୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଅଛି ।
- କୃଷି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଯୋଜନାରେ ୪୮.୦୮ କୋଟି ଟଙ୍କା ରଖାଯାଇଥିଲା ବେଳେ ଜଳସେଚନ କାର୍ଯ୍ୟକ୍ରମ ପାଇଁ ମୋଟ ୫୫୩.୫୦ କୋଟି ଟଙ୍କା ରାଜ୍ୟ ଯୋଜନାରେ ରଖାଯାଇଛି । କୃଷି ବିଭାଗ ଅଧୀନରେ ୧.୪୦ କୋଟି ଟଙ୍କା Non-Horticulture Mission District ପାଇଁ ସ୍ୱତନ୍ତ୍ର ଭାବେ ବ୍ୟୟବରାଦ କରାଯାଇଅଛି । ତ୍ୱରାନ୍ୱିତ ଜଳସେଚନ ପାଇଁ ୩୬୩.୦୦ କୋଟି ଟଙ୍କା ରଖାଯାଇଛି ଓ ଏଥିମଧ୍ୟରୁ କେ.ବି.କେ. ପାଇଁ ୨୫୩.୦୦ କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ରଖାଯାଇଅଛି ।

- ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପାଇଁ ରାଜ୍ୟ ଯୋଜନାରେ ୧୬.୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଅଛି ଏବଂ ଏଥିରେ Marine and Inland Fishing Development ପାଇଁ ୩ କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ରଖାଯାଇଛି ।
- ମହିଳା ଓ ଶିଶୁ ବିକାଶ ପାଇଁ ୧୯୦.୦୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଅଛି, ଏଥିରେ ମଧ୍ୟାହ୍ନ ଭୋଜନ ପାଇଁ ରାଜ୍ୟର ଅଂଶ ବାବଦକୁ ୬୭.୧୯ କୋଟି ଟଙ୍କା, ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ ଯୋଜନା ପାଇଁ ୩୨.୮୧ କୋଟି ଟଙ୍କା ଓ ମିଶନ ଶକ୍ତି ପାଇଁ ୧ କୋଟି ଟଙ୍କା ଅନ୍ତର୍ଭୁକ୍ତ ।
- ୨୦୦୫-୦୬ ଆର୍ଥିକ ବର୍ଷରେ ତ୍ୱରାନ୍ୱିତ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ପାଇଁ ରାଜ୍ୟର ଅଂଶ ବାବଦକୁ ୫୪.୪୦ କୋଟି ଟଙ୍କା ଥିଲାବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ଏହାକୁ ୮୮ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।
- ବିଭିନ୍ନ ଷ୍ଟାଡିୟମ ଓ କ୍ରୀଡ଼ା ହଷ୍ଟେଲଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି କରିବା ପାଇଁ ସ୍ୱତନ୍ତ୍ର ଭାବେ ୨ କୋଟି ଟଙ୍କା ପୂର୍ତ୍ତ ବିଭାଗ ଜରିଆରେ ଅଣଯୋଜନାରେ ବ୍ୟୟବରାଦ କରାଯାଇଅଛି ।
- କ୍ରୀଡ଼ା ହଷ୍ଟେଲଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ପାଇଁ ଷ୍ଟାଇପେଣ୍ଡ ମାସିକ ୧୨୦୦ ଟଙ୍କାରୁ ୨୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବାବଦକୁ ରାଜ୍ୟର ଅଣଯୋଜନାରେ ୧୧୨.୪୩ ଲକ୍ଷ ଟଙ୍କା ଓ ରାଜ୍ୟ ଯୋଜନାରେ ୬୧.୬୨ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଅଛି ।

  କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ ପାଇଁ ମୋଟ ୪.୫୦ କୋଟି ଟଙ୍କା ରାଜ୍ୟ ଯୋଜନାରେ ବ୍ୟୟବରାଦ କରାଯାଇଛି ।
- ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ, ସଂସ୍କୃତି ଭବନ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଅଡିଟୋରିୟମ୍ ଇତ୍ୟାଦିର ରକ୍ଷଣାବେକ୍ଷଣ ଓ ମରାମତି ଇତ୍ୟାଦି ବାବଦକୁ ୫.୦୦ କୋଟି ଟଙ୍କା ପୂର୍ତ୍ତ ବିଭାଗ ଜରିଆରେ ଅଣଯୋଜନାରେ ବ୍ୟୟ ବରାଦ କରାଯାଇଅଛି ।
- ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର Stipend ମାସିକ ୭୦ ଟଙ୍କାରୁ ୨୦୦ ଟଙ୍କାରୁ ବୃଦ୍ଧି କରାଯାଇଛି ।
- ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପାଇଁ ମୋଟ ୨୯.୩୬ କୋଟି ଟଙ୍କା ରାଜ୍ୟ ଯୋଜନାରେ ବ୍ୟୟବରାଦ କରାଯାଇଛି । ଏଥିରେ ପ୍ରାଚୀନ କୀର୍ତ୍ତିର ରକ୍ଷଣାବେକ୍ଷଣ ପାଇଁ ୧୨.୫୦ କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ ।
- କାରାଗାରଗୁଡ଼ିକର ଆଧୁନିକୀକରଣ ପାଇଁ ୨୧.୫୨ କୋଟି ଟଙ୍କା ବ୍ୟୟବରାଦ ଅଣଯୋଜନାରେ ରଖାଯାଇଛି । ଏତଦ୍‌ବ୍ୟତୀତ କାରାଗାରଗୁଡ଼ିକରେ ଜଳଯୋଗାଣ, ପରିମଳ ବ୍ୟବସ୍ଥା ଇତ୍ୟାଦି ପାଇଁ ୨ କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ବ୍ୟୟ ଅଣଯୋଜନାରେ ବରାଦ କରାଯାଇଅଛି । ପୁନଶ୍ଚ ରାଜ୍ୟ ଯୋଜନାରେ ନକ୍ସଲ ପ୍ରବଣ ଅଞ୍ଚଳରେ ଥିବା କାରାଗାର ଗୃହର ସୁରକ୍ଷା ଓ ସୁଦୃଢ଼ୀକରଣ ପାଇଁ ୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଅଛି । ଏହି ଅଞ୍ଚଳରେ ଥିବା ଥାନାଗୁଡ଼ିକର ସୁଦୃଢ଼ୀକରଣ ପାଇଁ ୩.୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଅଛି ।
- ଅସମ୍ପୂର୍ଣ୍ଣ ଅଗ୍ନିଶମ ସେବା କାର୍ଯ୍ୟାଳୟ ଗୃହଗୁଡ଼ିକ ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ଅଣଯୋଜନାରେ ୧.୮୦ କୋଟି ଟଙ୍କା ଓ ରାଜ୍ୟ ଯୋଜନାରେ ୧୦ଟି ଅଗ୍ନିଶମ ସେବାଗୃହ ନିର୍ମାଣ ପାଇଁ ୨.୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଅଛି ।
- ଉଚ୍ଚ ନ୍ୟାୟାଳୟ କାର୍ଯ୍ୟାଳୟ ଗୃହର ସମ୍ପ୍ରସାରଣ ପାଇଁ ୩ କୋଟି ଟଙ୍କା ଓ ଅନ୍ୟାନ୍ୟ ଜୁଡିସିଆଲ୍ କୋର୍ଟ କାର୍ଯ୍ୟାଳୟ ଗୃହ ପାଇଁ ୨ କୋଟି ଟଙ୍କାର ରାଜ୍ୟ ଯୋଜନାରେ ବ୍ୟୟବରାଦ କରାଯାଇଅଛି ।
- New Mumbaiରେ ଓଡ଼ିଶା କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ କରିବା ପାଇଁ ୩.୦୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ କୋରାପୁଟଠାରେ 1st I.R. Battalion ଘର ତିଆରି ପାଇଁ ୨ କୋଟି ଟଙ୍କା, ରିଜର୍ଭ ପୋଲିସ ଓ ଜିଲ୍ଲା ପୋଲିସ ଘର ପାଇଁ ୫.୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଅଛି । ଏତଦ୍‌ବ୍ୟତୀତ ପୋଲିସ୍‌ଙ୍କ ପାଇଁ ୩ଟି ୧୦୦ men ବାରାକ୍ ତିଆରି କରିବା ପାଇଁ ୨.୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଅଛି ।
- ପଞ୍ଚାୟତିରାଜ ସଂସ୍ଥାମାନଙ୍କ ପାଇଁ ରାଜ୍ୟ ଅଣଯୋଜନାରେ ରାଜ୍ୟର ନିଜସ୍ୱ ସମ୍ବଳରୁ ବିଭିନ୍ନ ବାବଦକୁ ବର୍ଷକୁ ପ୍ରାୟ ୧୨୦ କୋଟି ଟଙ୍କାରୁ ୧୩୦ କୋଟି ଟଙ୍କା ବ୍ୟୟବରାଦ ଥିବାବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ୧୭୬.୨୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏହାଫଳରେ ପଞ୍ଚାୟତ ସଂସ୍ଥାଗୁଡ଼ିକ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ଷମ କରିବାକୁ ସକ୍ଷମ ହୋଇପାରିବେ । ଏତଦ୍‌ବ୍ୟତୀତ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ପଞ୍ଚାୟତିରାଜ ସଂସ୍ଥା ପାଇଁ ୧୬୦.୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ସେହିପରି ପୌର ସଂସ୍ଥାଗୁଡ଼ିକ ପାଇଁ ଆଗରୁ ୨୦ କୋଟି ଟଙ୍କାରୁ ୨୫ କୋଟି ଟଙ୍କା ରାଜ୍ୟ ଅଣଯୋଜନାରେ ବିଭିନ୍ନ ବାବଦକୁ ବ୍ୟୟବରାଦ କରାଯାଉଥିବାବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ଏହାକୁ ୪୪.୦୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏଥିରେ ପୂର୍ବରୁ ୧୫ କୋଟି ଟଙ୍କା ରାସ୍ତାଘାଟ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଥିବାବେଳେ ଏହାକୁ ୨୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ପ୍ରାୟ ୧୦ କୋଟି ଟଙ୍କା ପୌରସଂସ୍ଥାମାନେ ବ୍ୟୟ କରିବେ । ଏତଦ୍‌ବ୍ୟତୀତ ଆଦାୟ ହେଉଥିବା ପ୍ରବେଶ ଟିକସରୁ ଅକ୍‌ଟ୍ରାଇ ଟିକସ କ୍ଷତିପୂରଣ ବାବଦକୁ ବର୍ଷକୁ ୧୦ ଶତାଂଶ ବୃଦ୍ଧି ଭିତ୍ତିରେ ପୌରସଂସ୍ଥାମାନଙ୍କୁ ଦିଆଯାଉଥିବାବେଳେ ଏହାକୁ ୨୦୦୬-୦୭ ଆର୍ଥିକ ବର୍ଷରେ ୨୦ ଶତାଂକୁ ବୃଦ୍ଧି କରାଯାଇଅଛି । ଯେଉଁ ୧୦ ଶତାଂଶ ବୃଦ୍ଧି ହେଲା ଏହା ମୁଖ୍ୟତଃ ପୌରସଂସ୍ଥାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ବିନିଯୋଗ ହେବ ଏବଂ ଏହା Performance Linked Incentive ଭିତ୍ତିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ସଂପୃକ୍ତ ପୌରସଂସ୍ଥାକୁ ଦିଆଯିବ ।
- ଏତଦ୍‌ବ୍ୟତୀତ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ପୌରସଂସ୍ଥାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୨୦୦୬-୦୭ ଆର୍ଥିକ ବର୍ଷ ବଜେଟ୍‌ରେ ୨୦.୮୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭତ୍ତା ମାସିକ ୭୦୦ ଟଙ୍କାରୁ ୯୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ସରକାରଙ୍କ ବିଚାରାଧୀନ ଅଛି ଓ ସେଥିନିମିତ୍ତ ଦରକାର ମୁତାବକ ଏହି ବଜେଟ୍‌ରେ ବ୍ୟୟବରାଦ କରାଯାଇଅଛି ।

**ରାଜ୍ୟ ଯୋଜନାର ଅନ୍ୟାନ୍ୟ ମୁଖ୍ୟ ବ୍ୟୟବରାଦ ମଧ୍ୟରେ ନିମ୍ନଲିଖିତ ବ୍ୟୟବରାଦ ଉଲ୍ଲେଖନୀୟ ଅଟେ ।**

(କୋଟି ଟଙ୍କାରେ ହିସାବ)

| | |
|---|---|
| ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ (NABARD) ସାହାଯ୍ୟପ୍ରାପ୍ତ ବିଭିନ୍ନ ଆର୍.ଆଇ.ଡି.ଏଫ୍. ପ୍ରକଳ୍ପ ପାଇଁ | ୨୯୦.୦୦ (Works- Rs.115.00 cr R.D. Rs.60.00 cr. W.R.- Rs.105.00 cr Agriculture-Rs.10.00 cr) |
| ଜବାହରଲାଲ ନେହେରୁ ଜାତୀୟ ନଗରାଞ୍ଚଳ ନବୀକରଣ ମିଶନ (Jawaharlal Nehru National Urban Renewal Mission) | ୫୬.୨୫ (Including State share Rs.6.25 crore) |
| କେନ୍ଦ୍ରୀୟ ରାସ୍ତା ସହାୟତା ପାଣ୍ଠିରୁ ସାହାଯ୍ୟ ପ୍ରାପ୍ତ ବିଭିନ୍ନ ରାସ୍ତାର ଉନ୍ନତି | ୫୫.୦୦ |
| ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ଅନୁଦାନ | ୩୦.୦୦ |
| ନିର୍ବାଚନ ମଣ୍ଡଳୀଓ୍ୱାରୀ ଗ୍ରାମ୍ୟ ରାସ୍ତା ପାଇଁ ବ୍ୟୟବରାଦ | ୧୪.୫୦ |
| ରାଷ୍ଟ୍ରୀୟ ଶ୍ରମ ବିକାଶ ଯୋଜନା ଅନ୍ତର୍ଗତ ପଛୁଆ ଜିଲ୍ଲା ସୂତ୍ରପାତ (Backward Districts Initiative RSVY under) | ୩୫୦.୦୦ |
| ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବାବଦକୁ | ୭୩.୫୦ |
| ଜଗନ୍ନାଥ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟପାଇଁ | ୫.୦୦ |

୧୬. ରାଜ୍ୟ ସରକାର ରାଜ୍ୟ ଯୋଜନା ବ୍ୟତୀତ ଅଣଯୋଜନା, କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଜରିଆରେ ବିଭିନ୍ନ ଉନ୍ନୟନମୂଳକ, ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ପାଇଁ ରାଜ୍ୟ ବଜେଟ୍ ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି । ଏତଦ୍‌ବ୍ୟତୀତ ରାଜ୍ୟ ବଜେଟ୍ ବାହାରେ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଓ ବିଭିନ୍ନ ବୈଦେଶିକ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ପାଇଁ ସଂପୃକ୍ତ Implementing Agencyମାନେ ସିଧାସଳଖ କେନ୍ଦ୍ର ସରକାରଙ୍କଠାରୁ ସାହାଯ୍ୟ ପାଉଛନ୍ତି । ଏହାର ପରିମାଣ ୨୦୦୪-୦୫ରେ ୧୩୩୬.୩୬ କୋଟି ଟଙ୍କା ଥିଲାବେଳେ ୨୦୦୫-୦୬ ଓ ୨୦୦୬-୦୭ରେ ପ୍ରାୟ ୧୫୦୦.୦୦ କୋଟି ଟଙ୍କା ହେବ । ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ

ଅଣଯୋଜନାରେ ୨୦୦୬-୦୭ରେ ୧୦୫୧.୦୭ କୋଟି ଟଙ୍କା ବିଭିନ୍ନ ବାବଦରେ ଖର୍ଚ୍ଚ ହେବାର ବ୍ୟବସ୍ଥା କରାଯାଇଛି । ତାହା ନିମ୍ନ ପ୍ରକାରରେ ଅଟେ - ଶିକ୍ଷା - ୫୮.୫୭ କୋଟି ଟଙ୍କା, ସ୍ୱାସ୍ଥ୍ୟ - ୩୪.୮୧ କୋଟି ଟଙ୍କା, ରାସ୍ତାଘାଟ ଓ ପୋଲ ରକ୍ଷଣାବେକ୍ଷଣ - ୩୬୮.୭୭ କୋଟି ଟଙ୍କା, ସରକାରୀ କୋଠାବାଡ଼ି ରକ୍ଷଣାବେକ୍ଷଣ - ୯୭.୨୮ କୋଟି ଟଙ୍କା, ପଞ୍ଚାୟତ ଓ ପୌରସଂସ୍ଥା ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ - ୧୮୧.୪୦ କୋଟି ଟଙ୍କା, ରିଲିଫ୍ - ୩୧୦.୨୪ କୋଟି ଟଙ୍କା ଏବଂ ସର୍ବମୋଟ - ୧୦୫୧.୦୭ କୋଟି ଟଙ୍କା ।

୧୭. ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଖାଲି ଅର୍ଥ ବ୍ୟବସ୍ଥା କରିଦେଇ ଓ ସେହି ଅର୍ଥ Implementing Agencyକୁ ବ୍ୟବସ୍ଥା କରିଦେଇ ଓ ସେହି ଅର୍ଥକୁ ପ୍ରଦାନ କରିଦେଲେ କାର୍ଯ୍ୟ ସଂପୂର୍ଣ୍ଣ ହୋଇଗଲା ବୋଲି ଭାବିବା ଠିକ୍ ହେବ ନାହିଁ । ସେହି ଅର୍ଥ କିପରି ସଦୁପଯୋଗ ହେଉଛି ଏବଂ ଆମେ ଯେଉଁ ଅର୍ଥ ଖର୍ଚ୍ଚ କରୁଛେ ସେଥିରୁ ପ୍ରକୃତ ମୂଲ୍ୟ ବା ଉପକାର ପାଉଛେ ତାହା ଦେଖିବା ଅତୀବ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ଅଟେ । ଏ ସମ୍ବନ୍ଧରେ ମାନ୍ୟବର କେନ୍ଦ୍ର ଅର୍ଥ ମନ୍ତ୍ରୀ ଶ୍ରୀଯୁକ୍ତ ଚିଦାମ୍ବରଙ୍କ ୨୦୦୫-୦୬ ଆର୍ଥିକ ବର୍ଷ ବଜେଟ୍ ଭାଷଣର ଉଦ୍ଧୃତାଂଶ ମୁଁ ଏଠାରେ ମାନ୍ୟବର ସଦସ୍ୟ, ସଦସ୍ୟାମାନଙ୍କର ଅବଗତି ନିମନ୍ତେ ରଖିବାକୁ ଚାହୁଁଛି । ତାହା ନିମ୍ନପ୍ରକାରେ ଅଟେ -

'At the same time, I must caution that outlays do not necessarily mean outcomes. The people of the country are concerned with outcomes. The Prime Minister has repeatedly emphasized the need to improve the quality of implementation and enhance the efficiency and accountability of the delivery mechanism. During the course of the year, together with the Planning Commission, we shall put in place a mechanism to measure the development outcomes of all major programmes. We shall also ensure that programmes and schemes are not allowed to continued indefinitely from one Plan period to the next without an independent and in-depth evaluation. Civil society should also engage Government in a healthy debate on the efficiency of the delivery mechanism.'

Outcome Budget ଉପରେ ଦ୍ୱାଦଶ ଅର୍ଥ କମିଶନ ସୁପାରିଶ ମଧ୍ୟ ଆମ୍ଭମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶକ ହେବା ଦରକାର । ଦ୍ୱାଦଶ ଅର୍ଥ କମିଶନ ଏ ସମ୍ବନ୍ଧରେ ନିମ୍ନପ୍ରକାରେ ସୁପାରିଶ କରିଛନ୍ତି -

'The conventional budget exercises have focused on allocation of resources to different heads, without taking into account how these government expenditures get translated into outputs and outcomes. Outputs are the direct result of government expenditure and outcomes are the final result. Thus, in the context of education, opening a new school or appointing a new teacher is an output and reduction in the rate of illiteracy is an outcome. Issues of efficiency require consideration whether the same outcome can be achieved at lower costs and whether the same costs can produce better outcomes. A critical part of budgetary reforms must include information on the relationship between expenditures and the corresponding performance in producing real results as in determining the size of the budget and its allocation among different heads. Although in the past there have been attempts at introducing performance budgeting, such endeavours have receded in importance. There is need to bring back performance budgeting as an integral part of the preparation and evaluation of budgets, both for the center and the states. Thus, the management of public expenditures should be guided by economy, efficiency, and effectiveness. (para-4.61, page-79).'

୧୮. ତେଣୁ କେବଳ ଅଧିକ ବ୍ୟୟବରାଦ କରିଦେଲେ ବା ସେହି ବ୍ୟୟବରାଦକୁ ଖର୍ଚ୍ଚ ଯେନତେନ ପ୍ରକାରରେ ଖର୍ଚ୍ଚ କରିଦେବା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତାହା କିପରି ଖର୍ଚ୍ଚ ହେଉଛି ଓ ସେଥିରୁ ଉପଯୁକ୍ତ ମୂଲ୍ୟ ବା value ମିଳୁଛି ତାହା ଦେଖିବା ଅତୀବ ଜରୁରୀ ଅଟେ । ଷ୍ଟାଣ୍ଡିଙ୍ଗ କମିଟି ବିଭିନ୍ନ ବିଭାଗଗୁଡ଼ିକର ବଜେଟ୍ ଓ କାର୍ଯ୍ୟକଳାପ ସମୀକ୍ଷା କଲାବେଳେ ମାନ୍ୟବର କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ବଜେଟ୍ ଭାଷଣ ଓ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ବିଚାରକୁ ନେବେ ବୋଲି ମୋର ଆଶା ଓ ବିଶ୍ୱାସ ଏବଂ ଏ ଦିଗରେ ବିଭିନ୍ନ ବିଭାଗ ନେଇଥିବା କାର୍ଯ୍ୟାନୁଷ୍ଠାନ ସେମାନଙ୍କ ସମୀକ୍ଷା ପରିସରଭୁକ୍ତ ହେବ ବୋଲି ମୁଁ ଭାବୁଛି ।

୧୯. ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା କେନ୍ଦ୍ରୀୟ ସହାୟତାର ଠିକ୍ ସମୟରେ ଓ ଠିକ୍ ଭାବରେ ଖର୍ଚ୍ଚ ହେବା । ଏ ସମ୍ବନ୍ଧରେ ରାଜ୍ୟ ସରକାର ସଜାଗ ଅଛନ୍ତି ଓ ବାରମ୍ବାର ସମୀକ୍ଷା କରିବା ଫଳରେ ବିନିଯୋଗ ପତ୍ର ଦାଖଲରେ ଉଲ୍ଲେଖନୀୟ ଉନ୍ନତି ଘଟିଛି । ୨୦୦୦-୦୧ ଆର୍ଥିକ ବର୍ଷରେ ୫୩୪.୦୦ କୋଟି ଟଙ୍କାର ବିନିଯୋଗ ପତ୍ର ଦିଆଯାଇଥିଲା ବେଳେ ୨୦୦୪-୦୫ ଆର୍ଥିକ ବର୍ଷରେ ୨୮୦୭.୦୮ କୋଟି ଟଙ୍କାର ବିନିଯୋଗ ପତ୍ର ଦିଆ ହୋଇଥିଲା ଏବଂ ୨୦୦୫-୦୬ ଆର୍ଥିକ ବର୍ଷରେ ଡିସେମ୍ବର ୨୦୦୫ ସୁଦ୍ଧା ୧୮୦୮.୬୪ କୋଟି ଟଙ୍କାର ବିନିଯୋଗପତ୍ର ଦିଆସରିଲାଣି । କିନ୍ତୁ ଏଥିରେ ଆମେ ଆତ୍ମସନ୍ତୋଷ ଲାଭ କରି ରହିଗଲେ ଚଳିବ ନାହିଁ । ଆମକୁ ନିରନ୍ତର ଉଦ୍ୟମ ଜାରି ରଖିବାକୁ ପଡ଼ିବ । ଏ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ଖର୍ଚ୍ଚ ବିଭାଗ ସେମାନଙ୍କ ୩୦.୧୧.୦୫ ତାରିଖ ଜ୍ଞାପକରେ ନିମ୍ନମତେ ଆଦେଶ ଦେଇଛନ୍ତି -

'No amount will be released to any entity (including State Governments), which has defaulted in furnishing Utilisation Certificates for grants-in-aid released by Central Government in the past without clearance from the Ministry of Finance. In respect of all grants released prior to April 1, 2004, two months' notice may be given to the concerned entities to furnish the required Utilisation Certificates, failing which the amount will be deducted from future releases and credited to Government revenue as refund of unused grants.'

୨୦. ମୁଁ ଏଠାରେ ମାନ୍ୟବର ସଦସ୍ୟ, ସଦସ୍ୟାମାନଙ୍କର ଅବଗତି ନିମନ୍ତେ ଦର୍ଶାଇବାକୁ ଚାହେଁ ଯେ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାକୁ ସମୀକ୍ଷା କରି ମାନ୍ୟବର କେନ୍ଦ୍ର ଯୋଜନା ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ଏମ୍.ଭି. ରାଜଶେଖରନ୍ ସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ତାଙ୍କର ସ୍ପଷ୍ଟ ମତାମତ ଉଲ୍ଲେଖ କରି ତା.୯.୬.୦୫ରିଖ ଚିଠିରେ ମୋତେ ନିମ୍ନମତେ ଦର୍ଶାଇଛନ୍ତି -

'Thank you very much for your kind letter No.2749B/MF Plan (FHP)-12/2005 dated 7th June 2005. I am indeed very happy to know that there has been substantial improvement in utilisation in respect of central assistance received by your state. I am also happy to note that you are gearing up the administrative machinery to ensure timely utilisation of central assistance. It shall be my pleasure to extend my cooperation in accelerating the pace of progress and development in your state.'

୨୧. ଯେଉଁ ରାଜ୍ୟ କେନ୍ଦ୍ର ସାହାଯ୍ୟ ଠିକ୍ ଭାବରେ ଓ ଠିକ୍ ସମୟରେ ଖର୍ଚ୍ଚ କରି ପାରିବେ କେନ୍ଦ୍ର ସରକାର ସେହି ରାଜ୍ୟକୁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ପାଇଁ ଅଧିକରୁ ଅଧିକ ଅନୁଦାନ ପ୍ରଦାନ କରିବେ । ଏହି ସୁଯୋଗ ଆମେ ହାତଛଡ଼ା କରିବା ଉଚିତ୍ ନୁହେଁ । ସମସ୍ତ ବିଭାଗମାନେ ଏ ଦିଗରେ ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ମୁଁ ବ୍ୟକ୍ତିଗତ ଭାବେ ତା.୧୬.୧.୨୦୦୬ରିଖରେ ସମୀକ୍ଷା କରିଅଛି ।

୨୨. ତା.୧୫.୦୪.୧୯୯୯ରିଖ ଓ ତା.୧୧.୧୦.୨୦୦୧ରିଖରେ କେନ୍ଦ୍ର ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ସହ ବୁଝାମଣାପତ୍ରର ସର୍ତ୍ତ ଅନୁସାରେ ତଥା ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଓଡ଼ିଶା ସରକାର ବିଗିଡ଼ି ଯାଇଥିବା ଅର୍ଥନୀତିକୁ ସଜାଡ଼ିବା ପାଇଁ ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ଫଳସ୍ୱରୂପ ରାଜ୍ୟ ଅର୍ଥନୀତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇ ରାଜସ୍ୱ ନିଅଣ୍ଟ ଓ ଆର୍ଥିକ ନିଅଣ୍ଟକୁ ବହୁପରିମାଣରେ କମା ଯାଇପାରିଛି ।

(i) ୧୯୯୯-୨୦୦୦ ମସିହାରେ ରାଜସ୍ୱ ନିଅଣ୍ଟ ୨୫୭୪.୧୯ କୋଟି ଟଙ୍କା ଥିବାବେଳେ ୨୦୦୪-୦୫ ମସିହା ବେଳକୁ ଏହା କମି ୫୨୨.୩୦ କୋଟି ଟଙ୍କାକୁ ହ୍ରାସ ପାଇଛି । ୨୦୦୫-୦୬ ମସିହାର ସଂଶୋଧିତ ଅଟକଳ ଅନୁସାରେ ରାଜସ୍ୱ ନିଅଣ୍ଟ ୫୧୬.୧୧ କୋଟି ଟଙ୍କା ହେବ ବୋଲି ହିସାବ କରାଯାଇଥିଲାବେଳେ ୨୦୦୬-୦୭ ମସିହାରେ ବଜେଟ୍ ଆକଳନ ହିସାବ ଅନୁଯାୟୀ ଏହା ୪୭୪.୮୦ କୋଟି ଟଙ୍କାକୁ କମିବ ବୋଲି ଆକଳନ କରାଯାଇଛି ।

(ii) ୧୯୯୯-୨୦୦୦ ମସିହାରେ ଆର୍ଥିକ ନିଅଣ୍ଟ ୩୮୩୬.୪୩ କୋଟି ଟଙ୍କା ଥିବାବେଳେ ୨୦୦୪-୦୫ ମସିହାବେଳକୁ ଏହା ୧୩୬୫.୯୯ କୋଟି ଟଙ୍କାକୁ ହ୍ରାସ ପାଇଛି । ୧୯୯୯-୨୦୦୦ ମସିହାରେ ଆର୍ଥିକ ନିଅଣ୍ଟ ସାମଗ୍ରିକ ଘରୋଇ ଉତ୍ପାଦନ (GSDP)ର ୯.୯୩ ପ୍ରତିଶତ ଥିବାବେଳେ ୨୦୦୪-୦୫ ମସିହାବେଳକୁ ଏହା କମି ୨.୩୭ ପ୍ରତିଶତରେ ପହଞ୍ଚିଲାଣି । ୨୦୦୫-୦୬ ମସିହାର ସଂଶୋଧିତ ଅଟକଳ ଅନୁଯାୟୀ ବିତ୍ତୀୟ ନିଅଣ୍ଟ ୧୪୧୩.୬୩ କୋଟି ଟଙ୍କା ଓ ୨୦୦୬-୦୭ ମସିହାର ବଜେଟ୍ ଅଟକଳ ଅନୁସାରେ ୧୬୭୫.୮୮ କୋଟି ଟଙ୍କା ହେବ ବୋଲି ହିସାବ କରାଯାଇଛି । ରାଜ୍ୟର ସାମଗ୍ରିକ ଆୟର ଅନୁପାତ ହିସାବରେ ବିତ୍ତୀୟ ନିଅଣ୍ଟ ୨୦୦୪-୦୫ ମସିହାରେ ୨.୩୭ ଶତାଂଶ

ହୋଇଥିବାବେଳେ ଏହା କମି ୨୦୦୫-୦୬ ମସିହାରେ ୨.୨୩ ଶତାଂଶ ଓ ୨୦୦୬-୦୭ ମସିହାରେ ୨.୪୦ ଶତାଂଶ ହେବ । ମଧ୍ୟମକାଳୀନ ଆର୍ଥିକ ଯୋଜନା ଅନୁସାରେ ଆମକୁ ୩ ଶତାଂଶ ମଧ୍ୟରେ ସୀମିତ ରଖିବାକୁ ପଡ଼ିବ ।

(iii) ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ ଏକାଦଶ ଅର୍ଥ କମିଶନ ରାଜ୍ୟର ଟିକସ ଓ ଅଣଟିକସ ବାବଦରେ ୨୦୦୦-୦୧ ଆର୍ଥିକ ବର୍ଷରୁ ୨୦୦୪-୦୫ ଆର୍ଥିକ ବର୍ଷ ମଧ୍ୟରେ ମୋଟ ୧୭୯୫୧.୯୩ କୋଟି ଟଙ୍କା ଆକଳନ କରିଥିଲାବେଳେ ଆମ ରାଜ୍ୟ ସରକାର ଏ ବାବଦରେ ୧୯୭୭୯.୮୩ କୋଟି ଟଙ୍କା ଆଦାୟ କରିପାରିଛନ୍ତି । ଅର୍ଥାତ୍ ଏକାଦଶ ଅର୍ଥ କମିଶନଙ୍କ ଆକଳନ ତୁଳନାରେ ୧୮୨୭.୯୦ କୋଟି ଟଙ୍କା ଅଧିକ ରାଜସ୍ୱ ଆଦାୟ ହୋଇପାରିଛି । ପରନ୍ତୁ, ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦକୁ ୨୦୦୦-୨୦୦୧ ଆର୍ଥିକ ବର୍ଷରୁ ୨୦୦୪-୦୫ ଆର୍ଥିକ ବର୍ଷ ମଧ୍ୟରେ ୧୯୦୨୬.୬୪ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିଲା ବେଳେ ପ୍ରକୃତ ପକ୍ଷେ ରାଜ୍ୟ ସରକାର ୧୫୩୬୩.୬୧ କୋଟି ଟଙ୍କା ପାଇଥିଲେ, ଅର୍ଥାତ୍ ଏକାଦଶ ଅର୍ଥ କମିଶନଙ୍କ ଆକଳନ ତୁଳନାରେ ଆମ ରାଜ୍ୟ ୩୬୬୩.୦୩ କୋଟି ଟଙ୍କା କମ୍ ପାଇଥିଲା । ଯଦି ଏକାଦଶ ଅର୍ଥ କମିଶନଙ୍କ ଆକଳନ ଅନୁଯାୟୀ ରାଜ୍ୟ ସରକାର କେନ୍ଦ୍ରୀୟ ଟିକସରୁ ଅଂଶ ପାଇଥାଆନ୍ତେ, ତେବେ ହୁଏତ ଆମର ଋଣ ପ୍ରାୟ ୩୬୬୩ କୋଟି ଟଙ୍କା କମିଥାନ୍ତା । କିନ୍ତୁ ଯାହାହେଉ ରାଜ୍ୟର ଉନ୍ନତି କରିବାକୁ ହେଲେ ଆମକୁ ଆମ ଗୋଡ଼ରେ ଠିଆ ହେବାକୁ ପଡ଼ିବ । ଏଥିନିମିତ୍ତ ସେହି ଅନୁସାରେ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ । ଏ ଦିଗରେ ଆମେ କିଛି ପଦକ୍ଷେପ ନେଇଛୁ ।

(iv) ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଯେଉଁ ରାଜ୍ୟମାନେ ରାଜସ୍ୱ ନିଅଣ୍ଟ - ରାଜସ୍ୱ ଆଦାୟର ଅନୁପାତକୁ ବର୍ଷକୁ ହାରାହାରି ୫ ଶତାଂଶ କମାଇପାରିବେ ସେହି ରାଜ୍ୟମାନେ ଆର୍ଥିକ ପ୍ରୋତ୍ସାହନ ଅନୁଦାନ ପାଇବାକୁ ହକ୍‌ଦାର ହେବେ । ଆମ ରାଜ୍ୟ ୨୦୦୦-୦୧ ଆର୍ଥିକ ବର୍ଷରୁ ୨୦୦୪-୦୫ ଆର୍ଥିକ ବର୍ଷ ମଧ୍ୟରେ ରାଜସ୍ୱ ନିଅଣ୍ଟ - ରାଜସ୍ୱ ଆଦାୟର ଅନୁପାତକୁ ବର୍ଷକୁ ହାରାହାରି ୭.୮୬ ଶତାଂଶ କମାଇ ଥିବାରୁ କେନ୍ଦ୍ର ସରକାରଙ୍କଠାରୁ ଆର୍ଥିକ ପ୍ରୋତ୍ସାହନ ବାବଦକୁ ୩୧୫.୧୫ କୋଟି ଟଙ୍କା ଅନୁଦାନ ପାଇଛନ୍ତି ଓ ଯେଉଁ ରାଜ୍ୟମାନେ ଏହି ଆର୍ଥିକ ପ୍ରୋତ୍ସାହନ ପାଇବାକୁ ବିବେଚିତ ହେଲେ ନାହିଁ, ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ସେହି ଅଣଆବଣ୍ଟିତ ପାଣ୍ଠିରୁ ଆମର ପ୍ରାପ୍ୟ ଅନୁଯାୟୀ ଅତିରିକ୍ତ ଅନୁଦାନ ଦେବା ପାଇଁ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

(v) ଚଳିତ ଆର୍ଥିକ ବର୍ଷରେ ମଧ୍ୟ ଟିକସ ଆଦାୟ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି । ବିକ୍ରୀକର ରାଜ୍ୟ ନିଜ ଟିକସ ରାଜସ୍ୱର ଏକ ପ୍ରଧାନ ଉତ୍ସ ଅଟେ । ବିକ୍ରିକର କ୍ଷେତ୍ରରେ ତା.୩୧.୧୨.୨୦୦୫ରିଖ ସୁଦ୍ଧା ଆଦାୟ ପରିମାଣ ୧୯୧୮.୬୯ କୋଟି ଟଙ୍କା । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ, ଗତ ଆର୍ଥିକ ବର୍ଷରେ ତା.୩୧.୧୨.୨୦୦୪ରିଖ ସୁଦ୍ଧା ଏହି ଆଦାୟ ପରିମାଣ ୧୫୫୯.୭୪ କୋଟି ଟଙ୍କା ଥିଲା । ସୁତରାଂ ଗତବର୍ଷ ତୁଳନାରେ ଆମେ ଚଳିତ ବର୍ଷ ୨୩.୦୧ ପ୍ରତିଶତ ଏ କ୍ଷେତ୍ରରେ ଅଧିକ ଟିକସ ଆଦାୟ କରିପାରିଛୁ ।

୨୦୦୪ ମସିହା ଡିସେମ୍ବର ମାସ ଶେଷସୁଦ୍ଧା ରାଜ୍ୟର ମୋଟ ନିଜସ୍ୱ ଟିକସ ଆଦାୟ ପରିମାଣ ୨୬୫୨.୬୪ କୋଟି ଟଙ୍କା ଥିବାବେଳେ ଚଳିତ ବର୍ଷ ଅର୍ଥାତ୍ ୨୦୦୫ ମସିହା ଡିସେମ୍ବର ମାସ ଶେଷସୁଦ୍ଧା ଏହି ପରିମାଣ ୩୨୫୭.୧୧ କୋଟି ଟଙ୍କା ଅଟେ । ରାଜସ୍ୱ ଟିକସର ମୋଟାମୋଟି ବୃଦ୍ଧିର ହାର ଡିସେମ୍ବର ସୁଦ୍ଧା ପ୍ରାୟ ୨୩ ଶତାଂଶ ହୋଇଛି ।

(vi) ଅଣଟିକସ ରାଜସ୍ୱ କ୍ଷେତ୍ରରେ ୨୦୦୪ ମସିହା ଡିସେମ୍ବର ମାସ ଶେଷସୁଦ୍ଧା ମୋଟ ନିଜସ୍ୱ ଅଣଟିକସ ରାଜସ୍ୱ ପରିମାଣ ୮୩୦.୯୩ କୋଟି ଟଙ୍କା ହୋଇଥିବା ବେଳେ ୨୦୦୫ ମସିହା ଡିସେମ୍ବର ମାସ ଶେଷସୁଦ୍ଧା ଏହି ପରିମାଣ ୧୦୨୫.୫୨ କୋଟି ଟଙ୍କା ଅଟେ । ଏହି ସମୟ ମଧ୍ୟରେ ଅଣଟିକସ ରାଜସ୍ୱ ଆଦାୟର ବୃଦ୍ଧି ୨୩.୪୨ ଶତାଂଶ ହୋଇଛି ।

(vii) ୨୦୦୨-୦୩ ଆର୍ଥିକ ବର୍ଷରେ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ବାବଦକୁ ୩୮୩୩.୦୧ କୋଟି ଟଙ୍କା ଆଦାୟ ହୋଇଥିଲାବେଳେ ଏହା ୨୦୦୩-୦୪ ଆର୍ଥିକ ବର୍ଷରେ ୪୩୯୬.୨୮ କୋଟି ଟଙ୍କାକୁ ଓ ୨୦୦୪-୦୫ ଆର୍ଥିକ ବର୍ଷରେ ୫୫୨୨.୧୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏ ବାବଦକୁ ବୃଦ୍ଧିର ହାର ୨୦୦୨-୦୩ ମସିହାରେ ୨୧.୩୩ ଶତାଂଶ ଥିଲାବେଳେ ତାହା ୨୦୦୩-୦୪ ଆର୍ଥିକ ବର୍ଷରେ ୧୪.୭୦ ଶତାଂଶ ହୋଇଥିଲା, କିନ୍ତୁ ୨୦୦୪-୦୫ ଆର୍ଥିକ ବର୍ଷରେ ତାହା ୨୫.୬୧ ଶତାଂଶକୁ ବୃଦ୍ଧି ପାଇଛି ।

୨୦୦୫-୦୬ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁସାରେ ରାଜ୍ୟର ଟିକସ ଓ ଅଣଟିକସରୁ ମୋଟ ୫୯୧୦.୭୫ କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ କରାଯାଇଥିଲାବେଳେ ୨୦୦୬-୦୭ ଆର୍ଥିକ ବର୍ଷରେ ରାଜ୍ୟର ଟିକସ ଓ ଅଣଟିକସ ରାଜସ୍ୱରୁ ପ୍ରାୟ ୬୪୫୩ କୋଟି ଟଙ୍କା ଆଦାୟ ହେବ ବୋଲି ହିସାବ କରାଯାଇଛି । ଆଗାମୀ ଦିନଗୁଡ଼ିକରେ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱ କିପରି ଅଧିକରୁ ଅଧିକ ଆଦାୟ ହୋଇପାରିବ ସେଥିପାଇଁ ସମସ୍ତ ବିଭାଗମାନଙ୍କୁ ତ୍ୱରାନ୍ୱିତ ପଦକ୍ଷେପ ନେବାକୁ ପଡ଼ିବ । କାରଣ ଅଧିକ ରାଜସ୍ୱ ଆଦାୟ ନହେଲେ

ଋଣ କରି ଦରକାର ମୁତାବକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ପୁଞ୍ଜି ବିନିଯୋଗ ସମ୍ଭବପର ହୋଇପାରିବ ନାହିଁ ।

୨୩. ଆପଣମାନେ ସମସ୍ତେ ଜାଣନ୍ତି 'ଓଡ଼ିଶା ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା ଅଧିନିୟମ (FRBM Act, 2005)' ତା୧୪.୬.୨୦୦୫ରିଖରୁ କାର୍ଯ୍ୟକାରୀ ହୋଇଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାଜ୍ୟର ଆର୍ଥିକ ପରିଚାଳନାରେ ଉନ୍ନତି ଆଣି ସୀମିତ ସମ୍ବଳକୁ ଠିକ୍ ଭାବରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ପଦକ୍ଷେପ ନେବା । ଋଣଭାରକୁ Sustainable Levelରେ ରଖିବା, ଯେଉଁ guarantee ଦିଆଯାଇଛି ସଂପୃକ୍ତ ସଂସ୍ଥା ଯେପରି ଏହି guaranteed loan ଓ ତାହା ଉପରେ ସୁଧ ଠିକ୍ ସମୟରେ ପୈଠ କରନ୍ତି ଓ ରାଜ୍ୟ ସରକାରଙ୍କ ଉପରେ ଯେପରି guaranteed liability ନ ଆସେ ସେଥିପାଇଁ ସଜାଗ ଦୃଷ୍ଟି ଦେବା ଆବଶ୍ୟକ । ଏହାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ସମ୍ବଳ ଯୋଗାଡ଼ ନ କରି କୌଣସି ନୂଆ liability ସୃଷ୍ଟି ନକରିବା ।

'ଓଡ଼ିଶା ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା ଅଧିନିୟମ (FRBM Act, 2005)' ଅନୁଯାୟୀ ରାଜ୍ୟ ସରକାର ବଜେଟ୍ ସାଙ୍ଗରେ ମଧ ଏକ ରିପୋର୍ଟ ଉପସ୍ଥାପନ କରିଛନ୍ତି । ମୁଁ ଏଠାରେ ବିନମ୍ରତାର ସହ ଉଲ୍ଲେଖ କରିବାକୁ ଚାହୁଁଛି ଯେ ଋଣବୋଝ ପୂର୍ବ ବର୍ଷ ତୁଳନାରେ ୧୯୯୯-୨୦୦୦ ଆର୍ଥିକ ବର୍ଷରେ ୨୨.୭ ଶତାଂଶ, ୨୦୦୧-୦୨ ଆର୍ଥିକ ବର୍ଷରେ ୧୪.୪ ଶତାଂଶ, ୨୦୦୨-୦୩ ଆର୍ଥିକ ବର୍ଷରେ ୧୫.୭ ଶତାଂଶ, ୨୦୦୩-୦୪ ଆର୍ଥିକ ବର୍ଷରେ ୧୩.୮ ଶତାଂଶ ଥିଲାବେଳେ ୨୦୦୪-୦୫ ଆର୍ଥିକ ବର୍ଷରେ ମାତ୍ର ୭.୬ ଶତାଂଶକୁ ବୃଦ୍ଧି ପାଇଛି । ୨୦୦୫-୦୬ ଓ ୨୦୦୬-୦୭ ଆର୍ଥିକ ବର୍ଷରେ ଏହି ବୃଦ୍ଧିର ହାର ଆହୁରି କମିବ ବୋଲି ମୋର ଦୃଢ଼ ଆଶା । ଋଣଭାର ରାଜ୍ୟର ସାମଗ୍ରିକ ଆୟର ୨୦୦୪-୦୫ ଆର୍ଥିକ ବର୍ଷରେ ଥିବା ୫୯.୦୮ ଶତାଂଶରୁ ଆମକୁ ହ୍ରାସ କରିବାକୁ ପଡ଼ିବ ଓ ୨୦୦୮-୦୯ ସୁଦ୍ଧା ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୨୮ ଶତାଂଶରେ ସୀମିତ ରଖିବାକୁ ପଡ଼ିବ । ସେହିପରି ସୁଧଦେୟ ରାଜ୍ୟର ମୋଟ ରାଜସ୍ୱର ୨୦୦୪-୦୫ ଆର୍ଥିକ ବର୍ଷରେ ୨୮.୧ ଶତାଂଶ ଥିଲା ବେଳେ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏହାକୁ ୧୫ ଶତାଂଶକୁ କମାଇବାକୁ ପଡ଼ିବ । ମୋଟ ରାଜସ୍ୱ ଖର୍ଚ୍ଚରୁ ପେନସନ ଓ ସୁଧ ବାବଦକୁ ଖର୍ଚ୍ଚ ବାଦ୍ ଦେଲେ ଯାହା ରହିଲା ଦରମା ଓ ଭତ୍ତା ବାବଦକୁ ଖର୍ଚ୍ଚ ୨୦୦୪-୦୫ ଆର୍ଥିକ ବର୍ଷରେ ତା'ର ୫୪ ଶତାଂଶ ରହିଛି । ଦ୍ୱାଦଶ ଅର୍ଥ କମିଶନଙ୍କ ହିସାବ ଅନୁଯାୟୀ ୨୦୦୨-୦୩ ଆର୍ଥିକ ବର୍ଷରେ ଅନ୍ୟାନ୍ୟ ସମସ୍ତ ରାଜ୍ୟଗୁଡ଼ିକର ଏହି ହାରାହାରି ଅନୁପାତ ୩୭.୩ ଶତାଂଶ ଥିଲାବେଳେ ଓଡ଼ିଶା କ୍ଷେତ୍ରରେ ଏହା ୬୫.୫ ଶତାଂଶ ଥିଲା ଏବଂ ଏହି ଅନୁପାତ ୩୫ ଶତାଂଶ ମଧରେ ସୀମିତ ରହିବା ଉଚିତ ବୋଲି ଦ୍ୱାଦଶ କମିଶନ ସୁପାରିଶ କରିଛନ୍ତି ।

୨୪. ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ରାଜ୍ୟର ଆର୍ଥିକ ସ୍ଥିତିକୁ ପୁନର୍ବିନ୍ୟାସ କରିବା ଦରକାର । ଏହା ଦ୍ୱାରା ଅଣଉତ୍ପାଦନ ଖର୍ଚ୍ଚ କମାଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସମ୍ବଳ ଉପଯୋଗ କରିବାକୁ ପଡ଼ିବ । ତେଣୁ ଯୋଜନାରେ ଯେଉଁ ଅର୍ଥ ବ୍ୟୟ ହେଉଛି ତାହାକୁ କେବଳ ସମୀକ୍ଷା ନକରି ଅଣଯୋଜନାରେ ବିଭିନ୍ନ ବିଭାଗ ପାଇଁ ଯେଉଁ ବ୍ୟୟବରାଦ କରାଯାଉଛି, ତାହା କିପରି efficient ଭାବରେ ବିନିଯୋଗ ହେଉଛି ଦେଖିବା ମଧ ଆବଶ୍ୟକ । The thrust should be on outcome rather than the outlays, whether it is plan or non-plan. We should aim at a system which is responsive and responsible for improving the efficiency and effectiveness of spending measured in terms of improvement in delivery of services ensuring intended benefit to the targetted groups, completion of on-going projects as per the time schedule and plugging the leakages in the spending processes.

- Thrust of our budget for 2006-07 is on growth, development, efficiency and social equity.
- ଅର୍ଥ ବିଭାଗ ବା ରାଜ୍ୟ ସରକାର ଏକାକୀ systemରେ ଉନ୍ନତି ଆଣିପାରିବେ ନାହିଁ । ଏଥିପାଇଁ ସମସ୍ତ ଲୋକ ପ୍ରତିନିଧି, ସମସ୍ତ ରାଜନୈତିକ ଦଳର ନେତା, ଜନସାଧାରଣ, ସରକାରୀ କର୍ମଚାରୀ ଓ ବୁଦ୍ଧିଜୀବି ଏକାଠି ବିଚାର ବିମର୍ଷ କରି ଓ ମିଳିମିଶି କାର୍ଯ୍ୟ କରିବାକୁ ପଡ଼ିବ । ଏ ରାଜ୍ୟ ଆମ ସମସ୍ତଙ୍କର ଓ ଏହାର ସର୍ବାଙ୍ଗୀନ ଉନ୍ନତି କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଆସନ୍ତୁ ସମସ୍ତେ ମିଳିମିଶି ଓଡ଼ିଶାକୁ ଏକ ସମୃଦ୍ଧ ଓ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବାକୁ ଏକମନ ଓ ଏକ ପ୍ରାଣରେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହେବା । ସେହି ଚକାଡୋଳା ଆମ୍ଭମାନଙ୍କର ସମସ୍ତ କାର୍ଯ୍ୟକଳାପ ଦେଖୁଛି ଓ ଆମ୍ଭମାନଙ୍କୁ ସଠିକ୍ ମାର୍ଗରେ ଆଗେଇ ଯିବାକୁ ନିଶ୍ଚୟ ସାହାଯ୍ୟ ଓ ଆଶୀର୍ବାଦ କରିବେ ବୋଲି ମୋର ବିଶ୍ୱାସ ।

॥ ଜୟ ଜଗନ୍ନାଥ ॥

॥ ବନ୍ଦେ ଉତ୍କଳ ଜନନୀ ॥

# ଶ୍ରୀଜୟଦେବ, ଶ୍ରୀଗୀତଗୋବିନ୍ଦ ଓ ଉତ୍କଳୀୟ ସଂସ୍କୃତି

ଅଜିତ କୁମାର ତ୍ରିପାଠୀ



**ଶ୍ରୀ**ଗୀତଗୋବିନ୍ଦ ଗୋଟିଏ ଗୀତିକାବ୍ୟ ବା ସଂଗୀତ ଧର୍ମୀ ମହାକାବ୍ୟ ଯେଉଁଥିରେ ସାହିତ୍ୟ, ନାଟକ, ସଂଗୀତ ଓ ନୃତ୍ୟର ଏକ ଅପୂର୍ବ ଯୌଗିକ ସମ୍ମିଶ୍ରଣ ହୋଇଛି । ଡ: ଭଗବାନ ଚନ୍ଦ୍ର ପଣ୍ଡାଙ୍କ ଭାଷାରେ ଏହା ଏପରି ଏକ କାବ୍ୟ ଯାହା ମାନବ ହୃଦୟର ଗଭୀରତମ ତନ୍ତ୍ରୀକୁ ସ୍ପର୍ଶ କରେ ଏବଂ ଜୀବନଦର୍ଶନର ସୂକ୍ଷ୍ମତମ ନିୟମକୁ ବ୍ୟାଖ୍ୟା ଓ ବୟାନ କରେ । ଏହି କାବ୍ୟର ସାହିତ୍ୟ ରଚନା ଶୈଳୀ, ସାଂଗୀତିକତା ଓ ମାଧୁର୍ଯ୍ୟ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ରସମୟ କରିପାରେ । କାବ୍ୟ ରଚନାର ଯଦି କୌଣସି ବିଜ୍ଞାନ ଥାଏ ତେବେ ତା'ର ପ୍ରତ୍ୟେକଟି ନୀତି ନିୟମ ପାଳନ କରି ଲେଖାଯାଇଛି ଗୀତଗୋବିନ୍ଦ ମହାକାବ୍ୟ ।

ଭାରତରେ ସଂସ୍କୃତରେ ରଚିତ ହୋଇଥିବା ଗୀତିକାବ୍ୟମାନଙ୍କ ମଧ୍ୟରେ ଶ୍ରୀଗୀତଗୋବିନ୍ଦ ସର୍ବଶ୍ରେଷ୍ଠ । ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ଏହାକୁ ସଂସ୍କୃତ ସାହିତ୍ୟର ସର୍ବୋତ୍ତମ ସଂଗୀତ ରଚନା କୁହାଯାଇପାରେ । ପବିତ୍ର ପ୍ରାଚୀନଦୀ ତୀରରେ ଆଜିର ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ବ୍ଲକ୍‌ର କେନ୍ଦୁବିଲ୍ୱ ନାମକ ବ୍ରାହ୍ମଣ ଶାସନରେ ଭୋଜଦେବ ଓ ବାମାଦେବୀଙ୍କ ପରିବାରରେ ପବିତ୍ର ଅକ୍ଷୟ ତୃତୀୟା ଦିନ ଜନ୍ମ ହୋଇଥିଲେ ଜୟଦେବ । ସେ ଥିଲେ ଚୋଳଗଙ୍ଗ ଦେବଙ୍କ ଦୁଇପୁତ୍ର କାମାର୍ଣ୍ଣବ ଦେବ (ଖ୍ରୀ:୧୧୪୭ - ଖ୍ରୀ:୧୧୫୬) ଓ ରାଘବ ଦେବ (ଖ୍ରୀ:୧୧୫୬ରୁ ଖ୍ରୀ:୧୧୭୦)ଙ୍କ ସମସାମୟିକ । ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ବାସ କରି ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସେ ରଚନା କରିଥିଲେ ଗୀତଗୋବିନ୍ଦ ।

ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ସ୍ୱର୍ଗୀୟ ପ୍ରେମ ଉପରେ ଆଧାରିତ ହୋଇଥିବା ଏହି ମଧୁର ସଙ୍ଗୀତ ସମ୍ବଳିତ କାବ୍ୟଟି କେବଳ ସାରା ଭାରତରେ କାହିଁକି ସାରା ବିଶ୍ୱରେ ଏବେ ସାହିତ୍ୟ ସଂଗୀତ ଓ ବୈଷ୍ଣବଧର୍ମ ପ୍ରେମୀଙ୍କ ମହଲରେ ସୁପରିଚିତ । କିନ୍ତୁ ଓଡ଼ିଶାର ଏହି କାବ୍ୟଟି ଗାଁଗହଳିରେ ମଧ୍ୟ ବିଖ୍ୟାତ । ଓଡ଼ିଶାର ଅଶିକ୍ଷିତ ଲୋକମାନେ ମଧ୍ୟ ଗୀତଗୋବିନ୍ଦ କାବ୍ୟ ଓ ତା'ର ରଚୟିତା ଜୟଦେବଙ୍କ ନାମ ଶୁଣିଛନ୍ତି ଏବଂ କେବଳ ଓଡ଼ିଶାରେ ମଙ୍ଗଳା ଠାକୁରାଣୀଙ୍କ ମନ୍ଦିରରେ ଓ ଶିବ ମନ୍ଦିରରେ ମଧ୍ୟ ଗୀତଗୋବିନ୍ଦ ପ୍ରାର୍ଥନା ବୋଲାଯାଏ ।

କେବଳ ଗୋଟିଏ କ୍ଷୁଦ୍ର କାବ୍ୟ ଲେଖି ପୃଥିବୀର ଆଉ କୌଣସି କବି ଏତେ ଖ୍ୟାତି ଓ ଅମରତ୍ୱ ପାଇନାହାନ୍ତି । ପ୍ରାଚୀନ ଓଡ଼ିଶାର ଯାତ୍ରା ପରମ୍ପରାର ଶୈଳୀ ଓ ଓଡ଼ିଶୀ ସଂଗୀତ ଶୈଳୀକୁ ଭାରତ ସମକ୍ଷରେ ସଂସ୍କୃତ କାବ୍ୟ ମାଧ୍ୟମରେ ପ୍ରକାଶ କରି ଜୟଦେବ ଯେଉଁ ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଛନ୍ତି, ତାହା ବିଶ୍ୱରେ ବିରଳ । ଓଡ଼ିଶାର ସାହିତ୍ୟ, କଳା, ସଂଗୀତ, ସ୍ଥାପତ୍ୟ, ବୟନ ଶିଳ୍ପ, ନୃତ୍ୟକୁ ଗୀତଗୋବିନ୍ଦ କାବ୍ୟ ଏତେ ଗଭୀର ଭାବେ ପ୍ରଭାବିତ କରିଛି ଯେ ଏହା ଓଡ଼ିଶାର ଜୀବନ ଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଛି ।

ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଂଗୀତର ମୂଳ ଆଧାର ହେଲା ଗୀତଗୋବିନ୍ଦ । ଓଡ଼ିଶୀ ନୃତ୍ୟ ମୁଖ୍ୟତଃ : ଗୀତଗୋବିନ୍ଦ ବର୍ଣ୍ଣିତ ରାଧାକୃଷ୍ଣ ପ୍ରେମଲୀଳା ଉପରେ ନିର୍ମିତ । ଦଶାବତାର ନୃତ୍ୟ ଭାରତରେ ସର୍ବତ୍ର ଓଡ଼ିଶୀ ନୃତ୍ୟ ଭାବେ ପରିଚିତ ଯଦିବା ଏହା ସଂସ୍କୃତରେ ରଚିତ । ଶ୍ରୀଗୀତଗୋବିନ୍ଦର ପରମ୍ପରା ଗୋଟିପୁଅ ଓ ମାହାରୀ ନୃତ୍ୟର ପରମ୍ପରା ଓତଃପ୍ରୋତଃ ଭାବରେ ଜଡ଼ିତ । ଅର୍ଥ ନବୁଝିଲେ ମଧ୍ୟ ଗୀତଗୋବିନ୍ଦ ଗାନ ଓଡ଼ିଶାରେ ଏକ ପ୍ରାର୍ଥନା ଓ ଧର୍ମ କାର୍ଯ୍ୟ ଭାବେ ପରିଗଣିତ ହୁଏ । ଶ୍ରୀଜଗନ୍ନାଥଙ୍କର ସବୁଠାରୁ ପ୍ରିୟ ସେବା ହେଲା ଗୀତଗୋବିନ୍ଦ ସେବା ।

ଓଡ଼ିଶାର ତାଳପତ୍ର, ହସ୍ତ ନିର୍ମିତ କାଗଜ ଏବଂ ରେଶମ କନା ଉପରେ ଅଙ୍କିତ କ୍ଷୁଦ୍ର ଚିତ୍ରକଳା ଶ୍ରୀଗୀତଗୋବିନ୍ଦ ଦ୍ୱାରା ବହୁଳ ଭାବେ ପ୍ରଭାବିତ । ସାରା ଭାରତରେ ଏବେ ମଧ୍ୟ ଗୀତଗୋବିନ୍ଦ କାବ୍ୟରେ ବର୍ଣ୍ଣିତ ଅନେକ ଦୃଶ୍ୟ ଏହି ପଟ୍ଟଚିତ୍ରର ବିଷୟବସ୍ତୁ ।

ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ତିରିଶିଟି ତାଳପତ୍ରରେ ଲିଖିତ ଗୀତଗୋବିନ୍ଦ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅଛି । ଗୀତଗୋବିନ୍ଦର ସଂପୂର୍ଣ୍ଣ କାବ୍ୟ, ଦଶାବତାରର ସଚିତ୍ର ଉପସ୍ଥାପନ ଏସବୁ ପୋଥିରେ ଅନ୍ତର୍ଭୁକ୍ତ । ଭାରତର ଓ ବିଶ୍ୱର ବିଭିନ୍ନ ମିଉଜିୟମ ଓ ଲାଇବ୍ରେରୀରେ ସଂରକ୍ଷିତ ଅନେକ ଗୀତଗୋବିନ୍ଦ ପୋଥି ଏ କଥାର ସାକ୍ଷୀ ଯେ ରଚନା ହେବା ପରଠାରୁ ଏହି କାବ୍ୟର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି ।

ଏଲ୍.ଡି. ଇନ୍‌ଷ୍ଟିଚ୍ୟୁଟ୍ ଅହମ୍ମଦାବାଦ, ଚଣ୍ଡୀଗଡ଼ ମିଉଜିୟମ, ହାଇଦରାବାଦର ସାଲାରଜଙ୍ଗ ମିଉଜିୟମ, କମାଲ ଓ ଜଗଦୀଶ ମିତଲ ମିଉଜିୟମ୍ ଅଫ୍ ଇଣ୍ଡିଆନ୍ ଆର୍ଟ, କଲିକତାର ଆଶୁତୋଷ ମିଉଜିୟମ ଅଫ୍ ଇଣ୍ଡିଆନ୍ ଆର୍ଟ, ନ୍ୟାସନାଲ ମିଉଜିୟମ କଲିକତା, ସୁଇଜରଲାଣ୍ଡର ଜୁରିଚ୍‌ର ରିଟ୍‌ବର୍ଗ ମିଉଜିୟମ, ଲଣ୍ଡନର ବ୍ରିଟିଶ୍ ମିଉଜିୟମ ଓ ଇଣ୍ଡିଆ ଅଫିସ୍ ଲାଇବ୍ରେରୀ, ଲଣ୍ଡନରେ ଶ୍ରୀଗୀତଗୋବିନ୍ଦ ପୋଥିର ଅନେକ ପ୍ରକାରର ସଂସ୍କରଣ ସଂରକ୍ଷିତ ହୋଇଛି ।

ନେପାଳ, ବଙ୍ଗ, ହିମାଚଳପ୍ରଦେଶ, ରାଜସ୍ଥାନ ଓ ଗୁଜରାଟର ଚିତ୍ରକଳା ଆନ୍ଧ୍ର, ତାମିଲନାଡୁ, କେରଳ, କର୍ଣ୍ଣାଟକ, ମଣିପୁର ଓ ଉତ୍ତରପ୍ରଦେଶର ସଂଗୀତ ଓ ନୃତ୍ୟକଳା ଗୀତଗୋବିନ୍ଦ ଦ୍ୱାରା ବହୁଳ ଭାବେ ପ୍ରଭାବିତ । ଗତ ଦୁଇବର୍ଷ ହେଲା କେନ୍ଦ୍ରୀୟ ସାହିତ୍ୟ ଓ ସଂଗୀତ ଏକାଡେମୀ ଆନୁକୂଲ୍ୟରେ ଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ଜୟଦେବ ଉତ୍ସବରେ ପ୍ରମାଣିତ କରାଯାଇଛି ଯେ ଗୀତଗୋବିନ୍ଦ ଏପରି ଏକ ଗୀତିକାବ୍ୟ ଯାହାର ସଂଗୀତରେ ମଣିପୁରୀ, ଓଡ଼ିଶୀ, କଥକ, କୁଚିପୁଡ଼ି ଓ ଭାରତ ନାଟ୍ୟମ୍ ଏ ପାଞ୍ଚଟି କ୍ଳାସିକାଲ୍ ନୃତ୍ୟ ଅନାୟାସରେ ଉପସ୍ଥାପନ କରାଯାଇପାରୁଛି ।

ଶ୍ରୀଗୀତଗୋବିନ୍ଦ ପାଇଁ ହିଁ ଦଶାବତାରତତ୍ତ୍ୱ ସାରା ଭାରତରେ ପ୍ରିୟ ହୋଇଥିଲା । ରାଧାମାଧବ ଉପାସନା ଓଡ଼ିଶାରୁ ଆରମ୍ଭ ହୋଇ ଦେଶର ଅନ୍ୟାନ୍ୟ ପ୍ରାନ୍ତକୁ ଯାଇଥିଲା । ବିଷ୍ଣୁଙ୍କ ଷୋଳକଳାର ପ୍ରତିନିଧିତ୍ୱ କରୁଥିବା କୃଷ୍ଣଙ୍କୁ ମାଧବ ନାମରେ ପୂଜା, ରାଧାଙ୍କୁ ଦେବୀ ଭାବେ ଉପାସନା କରିବା ଇତ୍ୟାଦି ଓଡ଼ିଶାର ସୃଷ୍ଟି । ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱର ଆରୋପ ଜୟଦେବଙ୍କଠାରୁ ଆରମ୍ଭ ।

କେନ୍ଦୁଲୀର ସନ୍ଥକବି ଜୟଦେବ ନିଆଳୀର ସଂସ୍କୃତ କବି ଗୋବର୍ଦ୍ଧନାଚାର୍ଯ୍ୟ ଓ ତାଙ୍କ ସାନଭାଇ ଉଦୟନଙ୍କଠାରୁ ବୟୋଜ୍ୟେଷ୍ଠ ଥିଲେ । କିନ୍ତୁ ସେ କାଳିଦାସଙ୍କ ପରବର୍ତ୍ତୀ ସମୟର କବି । ଉଇଲିୟମ୍ ଜୋନ୍‌ସଙ୍କର ଏକ ଭ୍ରାନ୍ତ ଧାରଣା ଥିଲା ଯେ ଜୟଦେବ କାଳିଦାସଙ୍କ ପୂର୍ବର କବି । ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ଗବେଷଣାରୁ ଜଣାଯାଏ ଯେ ସେ ଓଡ଼ିଶାର ଗଙ୍ଗସମ୍ରାଟ କାମାର୍ଣ୍ଣବ ଦେବ ଓ ତାଙ୍କ ସାନଭାଇ ସମ୍ରାଟ ରାଘବ ଦେବଙ୍କ ସମସାମୟିକ ଥିଲେ । ଲିଙ୍ଗରାଜ ମନ୍ଦିରରେ ଥିବା ଶିଳାଲେଖରୁ ଏହା ପ୍ରମାଣିତ ହୁଏ । ରାଜା ଲକ୍ଷ୍ମଣସେନଙ୍କ ସମୟରେ ଥିବା ପଞ୍ଚରତ୍ନ ବିକ୍ରମାଦିତ୍ୟଙ୍କ ସମୟର ନବରତ୍ନ ପରି ଏକ କାଳ୍ପନିକ ଆଖ୍ୟାନ । ଗୀତଗୋବିନ୍ଦରେ ବାଚପଲ୍ଲବୟିତୁ୍ୟମାପତିଧର ଶ୍ଳୋକଟି ଏକ ପ୍ରକ୍ଷିପ୍ତ ଶ୍ଳୋକ । ପ୍ରାଚୀନ କବି ରାଣା କୁମ୍ଭଙ୍କର ରଚିତ ରସିକପ୍ରିୟ ଟୀକାରେ ଏହି ଅଂଶଟି ନାହିଁ ଏବଂ ସେ ଏହାକୁ ପ୍ରକ୍ଷେପ ବୋଲି ଆଖ୍ୟା ଦେଇଛନ୍ତି ।

ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ ଲିଖିତ ବୀରଭୂମ ବିବରଣୀରେ ଲିଖିତ ଲକ୍ଷ୍ମଣସ୍ୟ ପଞ୍ଚରତ୍ନ ଶ୍ଳୋକର ମଧ୍ୟ କୌଣସି ଐତିହାସିକ ସତ୍ୟତା ନାହିଁ । ରୂପ ଓ ସନାତନ ଗୋସ୍ୱାମୀଙ୍କ ରଚନା କିମ୍ବା ଷୋଡ଼ଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ବୈଷ୍ଣବ ସାହିତ୍ୟରେ ଏହି ଦୁଇ ଗୋସ୍ୱାମୀ ଏଭଳି ଏକ ଶ୍ଳୋକ ଦେଖିଥିଲେ ବୋଲି କୌଣସିଠାରେ ଉଲ୍ଲେଖ ନାହିଁ ।

ବନମାଳୀ ଦାସଙ୍କ 'ଜୟଦେବ ଚରିତ' ପୁସ୍ତକଟି ବିଂଶ ଶତାବ୍ଦୀର ପ୍ରଥମ ଦଶକ ବା ଊନବିଂଶ ଶତାବ୍ଦୀର ଲେଖା । ଯେହେତୁ ଏହି ପୁସ୍ତକଟି କେବଳ ଗୋଟିଏ ମାତ୍ର ମୂଳଲେଖାକୁ ଆଧାର କରି ଲେଖାଯାଇଛି ଏବଂ ଶହେ ତେର ବର୍ଷ ପର୍ଯ୍ୟନ୍ତ ଏ ପୁସ୍ତକର ପତା କେହି ଜାଣି ନଥିଲେ । ଏହାର ଐତିହାସିକ ମୂଲ୍ୟ କିଛି ନାହିଁ କହିଲେ ଚଳେ । ଦ୍ୱାଦଶ ଶତାବ୍ଦୀରେ ବର୍ଦ୍ଧମାନ ରାଜ ପରିବାରର କୌଣସି ଅସ୍ତିତ୍ୱ ନଥିଲା । ତେଣୁ ବର୍ଦ୍ଧମାନ ରାଜା ଜୟଦେବ ଓ ପଦ୍ମାବତୀଙ୍କର ବିବାହ କରାଇଥିବା କିମ୍ବଦନ୍ତୀ ନିତାନ୍ତ କପୋଳକଳ୍ପିତ ।

ଡଃ ବଂଶୀଧର ମହାନ୍ତି ଏବଂ ଡଃ ନଗେନ୍ଦ୍ର ନାଥ ପ୍ରଧାନଙ୍କ ଦ୍ୱାରା ଜୟଦେବଙ୍କ ରଚିତ ପାଞ୍ଚଗୋଟି ଓଡ଼ିଆ ଗୀତିକବିତା ଆବିଷ୍କୃତ ହୋଇଛି । ଜୟଦେବଙ୍କର ସଂସ୍କୃତ ଭାଷାରେ ରଚିତ କବିତାମାନଙ୍କରୁ ଜଣାଯାଏ ଯେ ତାହା ମୂଳତଃ ପ୍ରଚଳିତ ଅଧୋବଂଶରେ ରଚିତ ହୋଇ ପରବର୍ତ୍ତୀ ସମୟରେ ଜୟଦେବଙ୍କ ଦ୍ୱାରା ଅନୂଦିତ ହୋଇଥିଲା ।

ଜୟଦେବଙ୍କ ପୂର୍ବରୁ ତାନ୍ତ୍ରିକ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କର ଦୋହା ଜୟଦେବଙ୍କ ପ୍ରାୟ ଚାରିଶହ ବର୍ଷ ପୂର୍ବରୁ ରଚନା ଆରମ୍ଭ ହୋଇଥିଲା । ସେଗୁଡ଼ିକ ପୂର୍ବମାଗଧି ଅପଭ୍ରଂଶର ଶେଷ ସ୍ତମ୍ଭ ଏବଂ ଆଧୁନିକ ପୂର୍ବାଞ୍ଚଳୀୟ ଭାଷାମାନଙ୍କର ଉନ୍ମେଷକାଳୀନ ଭାଷାରେ ରଚିତ । ଡଃ ନଗେନ୍ଦ୍ର ନାଥ ପ୍ରଧାନଙ୍କ ମତରେ ପ୍ରାନ୍ତୀୟ ଭାଷାରେ ଦୁଇଗୋଟି ଧାରା । ଗୋଟିଏ ସଂସ୍କୃତ ପ୍ରଭାବିତ ଏବଂ ଅନ୍ୟଟି ମୌଖିକ । ଜୟଦେବଙ୍କ ଭାଷା ସଂସ୍କୃତ ପ୍ରଭାବିତ ଭାଷାର ପ୍ରତିନିଧି ଯାହା ତାଙ୍କର ଅଣସଂସ୍କୃତ କବିତାଗୁଡ଼ିକରୁ ଜଣାପଡ଼େ ।

ଓଡ଼ିଆ ଗୀତି କବିତାର ପରମ୍ପରା ଅତି ପ୍ରାଚୀନ । ଚଉତିଷା, କୋଇଲି, ଚର୍ଚ୍ଚା ପ୍ରଭୃତି ଲୋକ କବିତାର ପରମ୍ପରାରୁ ସୃଷ୍ଟ । ଓଡ଼ିଆ ଛନ୍ଦ ଓ ରାଗରାଗିଣୀର ପରମ୍ପରା ମଧ୍ୟ ଲୋକ କବିତାମାନଙ୍କ ପରି ପ୍ରାଚୀନ । ତେଣୁ ଦେଶୀୟ ଲୋକଭାଷା ଓ ଲୌକିକ ବୃତ୍ତିରେ ଜୟଦେବ ଅନେକ କବିତା ରଚନା କରିଥିଲେ । ସେଥିରୁ ଏବେ ପାଞ୍ଚଟି ମାତ୍ର

ମିଳିପାରିଛି । ଡଃ ନଗେନ୍ଦ୍ର ନାଥ ପ୍ରଧାନଙ୍କ ଭାଷାରେ - ''ଜୟଦେବଙ୍କ ପୂର୍ବେ ଗୀତିକବିତାର ଧାରା ଅକ୍ଷୁଣ୍ଣ ଥିଲା ଏବଂ ଜୟଦେବ ଦେଶୀୟ ଭାଷାମାନଙ୍କରେ ତାଙ୍କର ନୂତନ ପ୍ରେମ ଭକ୍ତିମୂଳକ କବିତାମାନ ରଚନା ଆରମ୍ଭ କଲେ । ଓଡ଼ିଆ ଭାଷାରେ ତାଙ୍କର କବିତା ଯୁଗ ଯୁଗ ଧରି ଲୋକପ୍ରିୟ ହୋଇ ଆସିଅଛି ଏବଂ ପରବର୍ତ୍ତୀ ଷୋଡ଼ଶ ଶତାବ୍ଦୀ ସୁଦ୍ଧା ଅନ୍ୟାନ୍ୟ ବୈଷ୍ଣବ ଗୀତିକବିତାମାନଙ୍କର ପୁଷ୍କଳ ବିକାଶ ଘଟିବାରେ ତାହା ଲୋକସ୍ମୃତିରେ କ୍ରମେ ବିସ୍ମୃତ ହୋଇ ଇତସ୍ତତଃ ପାଣ୍ଡୁଲିପିମାନଙ୍କରେ ଲିପିବଦ୍ଧ ହୋଇ ପଡ଼ି ରହିଛି ।''

ଜୟଦେବଙ୍କ କବିତାରେ ବ୍ୟବହୃତ ଭାଷା ତାଙ୍କ ପୂର୍ବେ ଦୋହାମାନଙ୍କରେ ବ୍ୟବହୃତ ହେଉଥିଲା । ଦୋହାର ପଦରଚନା ଶୈଳୀ ଓ ଭାଷା ନିର୍ମିତ ମାର୍ଜିତ ଏବଂ ବିକଶିତ ହୋଇ ଜୟଦେବଙ୍କ କୃତିରେ ପୂର୍ଣ୍ଣତା ହାସଲ କରିଥିଲା । ଓଡ଼ିଆ ଗୀତିକବିତା ଏବଂ ରାଗରାଗିଣୀମାନଙ୍କର ପରମ୍ପରା ଅତି ପ୍ରାଚୀନ ଏବଂ ଜୟଦେବ ଏହି ପରମ୍ପରାର ଜଣେ ପ୍ରମୁଖ ପ୍ରତିନିଧି ।

ଜୟଦେବଙ୍କ ପୂର୍ବେ, ପରେ ସମସାମୟିକ ଉତ୍ତୀର୍ଣ୍ଣ ଅଭିଲେଖମାନଙ୍କରେ ଓଡ଼ିଆ ଭାଷା ବିକାଶର ଏକ କ୍ରମବର୍ଦ୍ଧିଷ୍ଣୁ ବଳିଷ୍ଠ ପରମ୍ପରା ପରିଲକ୍ଷିତ ହୋଇଥାଏ । ଗଙ୍ଗ ରାଜତ୍ୱ କାଳରେ ସର୍ବପ୍ରଥମେ ଓଡ଼ିଆ ଭାଷା ରାଜ୍ୟର ସର୍ବପ୍ରଥମେ ସରକାରୀ ଭାଷା ହିସାବରେ ସମ୍ମାନିତ ହେଲା ।

ଅତଏବ ଦ୍ୱାଦଶ ଶତାବ୍ଦୀରେ ଜୟଦେବ ଓଡ଼ିଆ ଭାଷାରେ ଗୀତିକବିତା ରଚନା କରିଥିବା କଦାପି ଅସମ୍ଭବ ହୋଇନପାରେ ।

''ଆଜିକାଲିର ଆଲୋଚକମାନଙ୍କ ମଧ୍ୟରେ ଡକ୍ଟର ସୁକୁମାର ସେନ, ଡକ୍ଟର ଆଶୁତୋଷ ଭଟ୍ଟାଚାର୍ଯ୍ୟ ଓ ଡକ୍ଟର ପରଶୁରାମ ଚତୁର୍ବେଦୀ ପ୍ରମୁଖ ବିଦ୍ୱାନମାନେ ମଧ୍ୟ ଜୟଦେବ ଓଡ଼ିଶାରେ ଜନ୍ମଗ୍ରହଣ କରିଥିବାର ଯୁକ୍ତିମାନ ଉପସ୍ଥାପିତ କରିଛନ୍ତି । ପ୍ରାଚୀନ ଓ ଅର୍ବାଚୀନ ଯୁକ୍ତିଗୁଡ଼ିକ ପ୍ରତି ଦୃଷ୍ଟି ନଦେଇ ଜଣେ ଅଧେ ତଥାକଥିତ ସମାଲୋଚକ ଜୟଦେବଙ୍କ ଜନ୍ମ 'ଅଜୟ' ନଦୀତଟସ୍ଥ କେନ୍ଦୁଲୀ ବୋଲି ଯୁକ୍ତି କରନ୍ତି । କିନ୍ତୁ ପ୍ରକୃତରେ ଯେଉଁ ବ୍ୟକ୍ତି ଥରେ ମାତ୍ର ବୀରଭୂମ ଜିଲ୍ଲାର ତଥାକଥିତ କେନ୍ଦୁଲୀ ଦେଖିଛି, ସେ କେବେ ହେଲେ କହିବ ନାହିଁ ଯେ ଜୟଦେବଙ୍କ ପରି ଜଣେ ପରମ ବୈଷ୍ଣବ ଓ 'ରାଧାମାଧବ'ଙ୍କ ଉପାସକ ସେପରି ଏକ ଅଖ୍ୟାତନାମା ଗ୍ରାମରେ ଜନ୍ମଗ୍ରହଣ କରିଥିବେ । କିନ୍ତୁ ପଶ୍ଚିମବଙ୍ଗର ସରକାରୀ ତଥା ବେସରକାରୀ କ୍ଷେତ୍ରରେ ଯେପରି ବହୁଳ ପ୍ରଚାର ଚାଲିଛି, ତା'ରି ଫଳରେ 'ବୀରଭୂମର କେନ୍ଦୁଲୀ' ଆଜି ସର୍ବଭାରତୀୟ ସ୍ତରରେ ଏତେ ପ୍ରଖ୍ୟାତ ହୋଇପାରିଛି ।

ବୋଲପୁର ରେଲୱେ ଷ୍ଟେସନଠାରୁ ଅଜୟତଟର କେନ୍ଦୁଲୀ ହେଉଛି ପଚିଶ ମାଇଲ ଦୂର । ବୋଲପୁର ଷ୍ଟେସନର ବାହାରକୁ ବାହାରି ଆସିବା ମାତ୍ରେ ହଠାତ୍ ଦର୍ଶକର ଦୃଷ୍ଟିପଡ଼େ ଲମ୍ବ ଲମ୍ବ ମୋଟରଗାଡ଼ି ଉପରେ । ମୋଟରଗୁଡ଼ିକର ନାମ ହେଉଛି 'ଜୟଦେବ ମୋଟର ସର୍ଭିସ' ଅର୍ଥାତ୍ ସେହି ମୋଟରଗୁଡ଼ିକ ଅଜୟତଟରେ ଥିବା 'ରାଧାବିନୋଦ' ମନ୍ଦିର ପର୍ଯ୍ୟନ୍ତ ଦିନରେ ଦୁଇଥର ଯାତାୟାତ କରେ ଏବଂ ବହୁ ସଂଖ୍ୟକ ଯାତ୍ରୀ 'ରାଧାବିନୋଦ'ଙ୍କ ଦର୍ଶନ ନିମିତ୍ତ ସେଠାକୁ ଯାଆନ୍ତି ।

ବୋଲପୁରଠାରୁ ରାଧାବିନୋଦ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ବହୁଦିନରୁ ସବୁଦିନିଆ ରାସ୍ତାରେ ପରିଣତ ହୋଇଛି ଏବଂ ପଶ୍ଚିମବଙ୍ଗ ସରକାର ସେଠାରେ ଏକ ସୂଚନାକେନ୍ଦ୍ର ଖୋଲିଛନ୍ତି । ପକ୍କା ରାସ୍ତାର ମାଇଲଖୁଣ୍ଟିଗୁଡ଼ିକରେ ମଧ୍ୟ 'ଜୟଦେବ କେନ୍ଦୁଲୀ' ବୋଲି ଲେଖାଯାଇଛି ।

ତଥାକଥିତ 'କେନ୍ଦୁଲୀ' ଗ୍ରାମଟିର ଅବସ୍ଥିତିରୁ ତାହା ଗୋଟିଏ ଦୀର୍ଘ ଆଠଶହ ବର୍ଷର ପ୍ରାଚୀନ ଗ୍ରାମ ବୋଲି ସାହସ କରି କହିହେବ ନାହିଁ । ବିଶେଷତଃ ଗ୍ରାମ ମଧ୍ୟରେ ଥିବା ଘରଗୁଡ଼ିକର ଅବସ୍ଥିତି ଓ ଅନ୍ୟାନ୍ୟ ପରିବେଶ ପ୍ରତି ଲକ୍ଷ୍ୟ କଲେ ତାହା ଯେ ଏକ ନିତାନ୍ତ ଅର୍ବାଚୀନ ଗ୍ରାମ ଏଥିରେ ସନ୍ଦେହର ଅବକାଶ ରହେ ନାହିଁ ।

ଗ୍ରାମର ଅଧିବାସୀଙ୍କ ମଧ୍ୟରେ ବ୍ରାହ୍ମଣେତର ଜାତିର ଅଧିକାଂଶ ଲୋକ ବାସ କରନ୍ତି ଏବଂ ବ୍ରାହ୍ମଣମାନଙ୍କର ସଂଖ୍ୟା ମାତ୍ର କୋଡ଼ିଏ, ଅର୍ଥାତ୍ ପ୍ରାଚୀନ କାଳର ଗୋଟିଏ ଦୁଇଟି ଘର ଆଜି କୋଡ଼ିଏଟି ପରିବାରରେ ବିଭକ୍ତ ହୋଇଛନ୍ତି । ବ୍ରାହ୍ମଣମାନେ ପ୍ରାୟ ସମସ୍ତେ ଗୌଡୀୟମାନଙ୍କ ପରି ତୁଳସୀ କାଠମାଳା କଣ୍ଠରେ ଧାରଣ କରିଥିବାରୁ ସେମାନେ ଶ୍ରୀଚୈତନ୍ୟ ଦେବଙ୍କ ପରବର୍ତ୍ତୀ କାଳରେ ଆସି ସେଠାରେ ବାସ କରିଥିବାପରି ମନେହୁଏ ।

ଗ୍ରାମଠାରୁ ପ୍ରାୟ ଏକ ଫର୍ଲଙ୍ଗ ଦୂର 'ଅଜୟ' ନଦୀତଟରେ 'କୁଶେଶ୍ୱର' ନାମକ ମହାଦେବ ମନ୍ଦିର ବିଦ୍ୟମାନ । ମନ୍ଦିରଟି ସଂପୂର୍ଣ୍ଣ ଆଧୁନିକ ଏବଂ ସେଠାରେ କୌଣସି ପ୍ରାଚୀନ ମନ୍ଦିର ଥିବାର ଭଗ୍ନାବଶେଷ କୁତ୍ରାପି ପରିଦୃଷ୍ଟ ହୁଏ ନାହିଁ ।

ସନ ୧୩୫୧ ସାଲ ଅର୍ଥାତ୍ ୧୯୪୪ ମସିହାରେ ନିର୍ମିତ ମନ୍ଦିରଟିର ଉଚ୍ଚତା ପ୍ରାୟ କୋଡ଼ିଏ ଫୁଟ । ମନ୍ଦିରର ଗର୍ଭଗୃହର ଲମ୍ବ ସାତ ଫୁଟ ଏବଂ ଓସାର ସାତ ଫୁଟ । ଠିକ୍ ମଧ୍ୟଭାଗରେ ମୁଗୁନି ପଥରରେ ନିର୍ମିତ ଶକ୍ତି ପରିବେଷ୍ଟିତ ଲିଙ୍ଗ । ଶକ୍ତିପୀଠର ଦକ୍ଷିଣ ପାର୍ଶ୍ୱରେ ଏକଫୁଟ ଲମ୍ବ ଓ ଏକଫୁଟ ଓସାରର ଖଣ୍ଡିଏ ପଥର ପଡ଼ିଛି । ସେହି ପଥର ଉପରେ 'ଆଲକାତରା'ରେ ଲେଖାଯାଇଛି :

ଜୟଦେବ ପଦ୍ମାସନ -
ସୁରଗରଳଖଣ୍ଡନ
ଦେହି ପଦପଲ୍ଲବମୁଦାରମ୍ ।

'ଅଜୟ' ନଦୀର କୂଳରେ ଥିବା 'ରାଧାବିନୋଦ' ମନ୍ଦିରଟି ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ନିର୍ମିତ ହୋଇଛି । ଉକ୍ତ ମନ୍ଦିରକୁ

ଆଜିକାଲିର ବଙ୍ଗୀୟ ଆଲୋଚକମାନେ 'ରାଧାମାଧବ'ଙ୍କ ମନ୍ଦିର ବୋଲି ସାଧାରଣ ଲୋକମାନଙ୍କ ମଧ୍ୟରେ ପ୍ରଚାର କରନ୍ତି । ଉକ୍ତ ମନ୍ଦିରଟିକୁ ବର୍ଦ୍ଧମାନର 'ନଈରାଣୀ' ଖ୍ରୀ:ଅ:୧୬୯୪ ମସିହାରେ ନିର୍ମାଣ କରି ସେଥିରେ 'ରାଧାବିନୋଦ'ଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ।

ସବୁଠାରୁ ଅଧିକ କୌତୁହଳର ବିଷୟ ହେଉଛି - ଉକ୍ତ ମନ୍ଦିରରେ ଖଣ୍ଡିଏ ହାତ ତିଆରି କାଗଜର ପୋଥି ରହିଛି । ପୋଥିଟିରେ ଶ୍ରୀମଦ୍ ଭାଗବତ (ସଂସ୍କୃତ) ପଞ୍ଚମ ସ୍କନ୍ଧଠାରୁ ନବମ ସ୍କନ୍ଧ ପର୍ଯ୍ୟନ୍ତ କେବଳ ମୂଳପାଠ ରହିଛି । ସେଠାରେ ଅପପ୍ରଚାରର କୌଶଳ ଏତେଦୂର ବୃଦ୍ଧି ପାଇଛି ଯେ ମନ୍ଦିରର ପୂଜକ ସେହି ପୋଥିଟିକୁ ଜୟଦେବଙ୍କ 'ସ୍ୱହସ୍ତ ଲିଖିତ ଗୀତଗୋବିନ୍ଦ' ପୋଥି ବୋଲି ଧାରଣା ଦେଉଛନ୍ତି ।

ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ 'ବୀରଭୂମ ବିବରଣୀ'ରୁ ଜଣାଯାଏ ଯେ, ରାଧାବିନୋଦ ମନ୍ଦିର ପାର୍ଶ୍ୱରେ ଥିବା ମଠର ପ୍ରତିଷ୍ଠାତା ହେଉଛନ୍ତି ରାଧାରମଣ ବ୍ରଜବାସୀ । ବର୍ତ୍ତମାନ ଉକ୍ତ ମଠର ଉତ୍ତରାଧିକାରୀ ରାସବିହାରୀ ବ୍ରଜବାସୀ ନିଜ ଗୁରୁପରମ୍ପରାର ଦଶମ ପୁରୁଷର ବ୍ୟକ୍ତି । ସେହି ଦୃଷ୍ଟିରୁ ବିଚାର କଲେ, ମଠଟି ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଅର୍ଥାତ୍ 'ରାଧାବିନୋଦ' ମନ୍ଦିର ନିର୍ମାଣର ଅବ୍ୟବହିତ ପରେ ନିର୍ମିତ ହୋଇଥିଲା ।

ମୈଥିଳୀ କବି ଚନ୍ଦ୍ରଦତ୍ତଙ୍କ ବର୍ଣ୍ଣନାନୁସାରେ କବି ଜୟଦେବଙ୍କ ଜନ୍ମସ୍ଥାନ ହେଉଛି - ''ଗ୍ରାମଃ ବ୍ରାହ୍ମଣସଙ୍କୁଳଃ'', ଅର୍ଥାତ୍ ଗୋଟିଏ ବ୍ରାହ୍ମଣ ଶାସନ । ଆଜକୁ ଆଠ ନଅ ଶହ ବର୍ଷ ପୂର୍ବେ କେବଳ ବ୍ରାହ୍ମଣ ଶାସନଗୁଡ଼ିକରେ ହିଁ ବିଦ୍ୟା ଚର୍ଚ୍ଚା ବିଶେଷତଃ ସଂସ୍କୃତ ଶାସ୍ତ୍ରଚର୍ଚ୍ଚା ସମ୍ଭବ ହେଉଥିଲା । ଶାସନଗୁଡ଼ିକର ଚତୁଷ୍ପାଠୀ ବା ଆଜିକାଲିର ଟଉପାଠୀରୁ ଶାସ୍ତ୍ରଚର୍ଚ୍ଚାରେ ଉତ୍ତୀର୍ଣ୍ଣ ହୋଇଥିବା ପଣ୍ଡିତମାନେ ରାଜଦରବାରରେ ସମ୍ମାନାସ୍ପଦ ସ୍ଥାନ ଅଧିକାର କରୁଥିଲେ । ସେହି ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ଅଜୟ ତୀରବର୍ତ୍ତୀ ତଥାକଥିତ କେନ୍ଦୁଲୀ ଗ୍ରାମଟି ଆଦୌ ବ୍ରାହ୍ମଣ ଶାସନ ନୁହେଁ କିମ୍ବା ସେହି ଗ୍ରାମର ଚତୁର୍ଦ୍ଦିଗରେ ଜାନୁବଜାର, ପରାନ୍‌ଚକ୍, ଭରାଙ୍ଗି, ରାମପୁର, ସୁଗର, ଟିକରବେତା, ବୈଦିପୁର, ସାହାପୁର, ଭବାନୀପୁର, ରଙ୍ଗପୁର ଏବଂ ଅଜୟ ନଦୀର ଅପରପାର୍ଶ୍ୱରେ ଥିବା ବର୍ଦ୍ଧମାନ ଜିଲ୍ଲାର ନବଗ୍ରାମ, କାଟଲାଦିହି, ରାଉତଦିହି, ଶିବପୁର, ବିଷ୍ଣୁପୁର ଓ ରାଧାନଗର ପ୍ରଭୃତି ଗ୍ରାମଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ହେଲେ ବ୍ରାହ୍ମଣ ଶାସନ ନୁହେଁ ଏବଂ କେବଳ ଶିବପୁର, ବିଷ୍ଣୁପୁର ଓ ତଥାକଥିତ କେନ୍ଦୁଲୀକୁ ଛାଡ଼ି ଦେଲେ ଅନ୍ୟ ଗ୍ରାମଗୁଡ଼ିକରେ ଆଦୌ ବ୍ରାହ୍ମଣ ବସତି ନାହିଁ ।

ଏଣୁ ନିଃସନ୍ଦେହରେ କୁହାଯାଇପାରେ ଯେ, ତଥାକଥିତ କେନ୍ଦୁଲୀ ଗ୍ରାମଟି ଏକ ଅର୍ବାଚୀନ ଗ୍ରାମ ସେଠାରେ 'କେନ୍ଦୁଲୀ' ବୋଲି କୌଣସି ଗ୍ରାମ ନଥିଲା । ଯଥାର୍ଥରେ ଡକ୍ଟର ସୁକୁମାର ସେନ ତାଙ୍କ 'ବଙ୍ଗଳା ସାହିତ୍ୟେର ଇତିହାସ'ରେ ଯାହା ଲେଖିଛନ୍ତି ତାହା ଅକ୍ଷରତଃ ସତ୍ୟ :

''ଅଜୟେର୍ ଧାରେ ବାଲୁତଟେ ପୌଷସଂକ୍ରାନ୍ତି ସ୍ଥାନେର୍ ମେଲା
ନିକଟେ ଯେ ଗ୍ରାମ ଆଛେ ତାହାର୍ ନାମଓ କେନ୍ଦୁଲୀ ନୟ ।
ଏଖାନେ କେନ୍ଦୁଲୀ ଗ୍ରାମ ଛିଲ ବଲିୟା କୋନ୍ ପ୍ରମାଣଓ ନାଇ ।''

ତେଣୁ ଆନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରାଚୀ ନଦୀକୂଳର କେନ୍ଦୁଲୀ ବା କେନ୍ଦୁବିଲ୍ୱ ଜୟଦେବଙ୍କ ଜନ୍ମସ୍ଥାନ ରୂପେ ସ୍ୱୀକୃତ ହେଉଥିବାବେଳେ ଜଣେ ଅଧେ ଓଡ଼ିଆ କବିଙ୍କ ଭ୍ରମାତ୍ମକ ପ୍ରଚାର ଉପରେ ଗୁରୁତ୍ୱ ଆରୋପ କରିବା ଆଦୌ ବିଜ୍ଞତାର ପରିଚାୟକ ନୁହେଁ ।''

ଚୈତନ୍ୟଙ୍କ ସମସାମୟିକ ବା ତାଙ୍କର ସାଢ଼େ ତିନିଶହ ବର୍ଷ ପର ପର୍ଯ୍ୟନ୍ତ କୌଣସି କାବ୍ୟ, ଗ୍ରନ୍ଥ, ସାହିତ୍ୟ ବା ବୈଷ୍ଣବ ଧର୍ମଗ୍ରନ୍ଥରେ ଏହି କେନ୍ଦୁଲୀର ନାମ ଉଲ୍ଲେଖ ନାହିଁ କିମ୍ବା ମେଳା କଥା କୁହାଯାଇନାହିଁ । ଜୟଦେବଙ୍କ ଏହି ତଥାକଥିତ ଜନ୍ମସ୍ଥାନର ନିକଟବର୍ତ୍ତୀ ଗ୍ରାମର ପ୍ରଭୁ ନିତ୍ୟାନନ୍ଦ ବା ଶ୍ରୀଚୈତନ୍ୟ ତାଙ୍କ ଜୀବନ କାଳରେ ଏ ଗାଁକୁ ଥରେ ବୁଲି ଆସିଛନ୍ତି ବୋଲି କେଉଁଠାରେ ଉଲ୍ଲେଖ କରି ନାହାନ୍ତି । ପରବର୍ତ୍ତୀ ବୈଷ୍ଣବ ସନ୍ଥମାନେ ଅର୍ଥାତ୍ ରୂପ ଗୋସ୍ୱାମୀ, ସନାତନ ଗୋସ୍ୱାମୀ, ଚୈତନ୍ୟ ଚରିତାମୃତର ଲେଖକ କୃଷ୍ଣଦାସ କବିରାଜ କେହି ହେଲେ ଏ ଗ୍ରାମକୁ ଜୟଦେବଙ୍କ ଜନ୍ମସ୍ଥଳୀ ଭାବେ ବୁଲି ଆସିଛନ୍ତି, ଏ କଥା କେଉଁଠାରେ ଲେଖା ନାହିଁ । ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ପ୍ରକାଶିତ କୌଣସି ସାହିତ୍ୟ, ଇତିହାସ, କାବ୍ୟ ବା ପୁରାଣରେ ଏହି ଅଜୟ ତୀରବର୍ତ୍ତୀ କେନ୍ଦୁଲୀ କଥା ଉଲ୍ଲେଖ ନାହିଁ କିମ୍ବା ଜୟଦେବ ବଙ୍ଗୀୟ ବୋଲି କୁହାଯାଇନାହିଁ ।

ଅପରପକ୍ଷେ ଡଃ ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କ ମତାମତ ଦେଖନ୍ତୁ -

''ଜୟଦେବ ଛିଲେନ୍ ଉଡ଼ିୟା ଏବଂ ବୀରଭୂମେର୍ କେନ୍ଦୁଲୀତେ ଅନୁଷ୍ଠିତ ବାତ୍ସରିକ ମେଲା ଆସଲେ ବାଉଲ୍ ମେଲା ଏବଂ ଜୟଦେବେର୍ ଜନ୍ମେର୍ ସଙ୍ଗେ ଏର୍ କୋନ୍ ସମ୍ପର୍କ ନେଇ । ଜୟଦେବ ଲକ୍ଷ୍ମଣ ସେନେର୍ ସଭାକବି ଛିଲେନ୍ ବଲେ ଏଯାବତ୍ ଯେ ସିଦ୍ଧାନ୍ତ ବିଦଗ୍ଧ ସମାଜେ ଗୃହୀତ ହୟେ ଛିଲ, ତା' ଗ୍ରହଣଯୋଗ୍ୟ ନୟ । ଲକ୍ଷ୍ମଣ ସେନେର୍ ଅନ୍ୟାନ୍ୟ କବିଦେର୍ ସଙ୍ଗେ କବି ଜୟଦେବ ନିଜେର୍ ନାମକେ ଯୁକ୍ତ କର୍‌ଲେ ଓ ତିନି ଲକ୍ଷ୍ମଣ ସେନେର୍ ସଭାକବି ଛିଲେନ୍, ତା' ପ୍ରମାଣିତ ହୟନା । ପ୍ରାଚୀନ ଯଶସ୍ୱୀ ସଂସ୍କୃତ କବିଦେର୍ ନାମେର୍ ସଙ୍ଗେ ନିଜେର୍ ନାମ ଯୁକ୍ତ କରାର୍ ରୀତି ଏଖନୋ ଓ ଉଡିଷ୍ୟାୟ ପ୍ରଚଳିତ ହୟେଛେ ।

ଓଡ଼ିଶାର ପ୍ରାଚୀନଦୀ ତୀରବର୍ତ୍ତୀ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲୀର ପ୍ରାଚୀନତା ଓ ଐତିହାସିକତା ସର୍ବଜନବିଦିତ । ଷୋଡଶ ଶତାବ୍ଦୀର ପ୍ରଥମ ଓ ଦ୍ୱିତୀୟ ଦଶକରେ ଶ୍ରୀଚୈତନ୍ୟ, ପଞ୍ଚସଖା ଓ ବୈଷ୍ଣବ ଭକ୍ତମଣ୍ଡଳୀ ପ୍ରତିବର୍ଷ ଏହି କେନ୍ଦୁଲୀକୁ ସଂକୀର୍ତ୍ତନ ପଦ ଯାତ୍ରାରେ ଆସି ଜୟଦେବଙ୍କ ଗୀତଗୋବିନ୍ଦ ପଦାବଳୀ ଗାଇ, ସେହି ତାଳରେ

କେନ୍ଦୁଲୀର ରାସ୍ତାରେ ନୃତ୍ୟ କରୁଥିଲେ ଏବଂ ପ୍ରାଚୀର ତ୍ରିବେଣୀ ସଙ୍ଗମରେ ମକରମେଳାରେ ସ୍ନାନ କରୁଥିଲେ । ଜୟଦେବଙ୍କ ସ୍ମୃତିଚାରଣ କରି ତାଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ବୈଷ୍ଣବ କବି ମାଧବ ପଟ୍ଟନାୟକଙ୍କ ରଚିତ ବୈଷ୍ଣବ ଲୀଳାମୃତ (ରଚନା କାଳ ଖ୍ରୀ:୧୫୩୫)ରେ ଏ କଥା ସ୍ପଷ୍ଟ ଭାବେ ଉଲ୍ଲିଖିତ ଅଛି ।

ସ୍ୱନାମଧନ୍ୟ ଜୟଦେବ - ଗବେଷକ ଅଧ୍ୟାପକ ଡଃ ବନମାଳୀ ରଥ ଏ ବିଷୟରେ ଅନେକ ଗବେଷଣା ପରେ ଲେଖିଛନ୍ତି -

ପୁନଶ୍ଚ ଏହି ସିଦ୍ଧାନ୍ତର ସମର୍ଥନ ନିମନ୍ତେ କେନ୍ଦୁଲୀ ଗ୍ରାମର ରାଧାବିନୋଦ ମନ୍ଦିର ଓ ଗୋଟିଏ ବୈଷ୍ଣବ ମଠ ସହିତ କବି ଜୟଦେବଙ୍କ ସମ୍ପର୍କ ଥିବା କଥା କୁହାଯାଇଥାଏ । କଥିତ ଅଛି ଯେ, କବି ଜୟଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଠାରେ ମାଘ ପୂର୍ଣ୍ଣମୀ ଦିନ ଏକ ବାର୍ଷିକ ମେଳା ମଧ୍ୟ ଅନୁଷ୍ଠିତ ହୁଏ । ସେ ଯାହା ହେଉ ଏପରି ଯୁକ୍ତିର କୌଣସି ବଳିଷ୍ଠ ଭିତ୍ତି ନାହିଁ । କାରଣ ଯେଉଁ ରାଧାବିନୋଦ ମନ୍ଦିରରେ ଜୟଦେବ ପ୍ରତ୍ୟେକ ଦିନ ପୂଜା କରୁଥିବାର ପ୍ରବାଦ ଅଛି, ତାହା ବର୍ଦ୍ଧମାନର ମହାରାଜା କୀର୍ତ୍ତିଚନ୍ଦ୍ରଙ୍କ ମାତା ୧୬୧୪ ଶକାବ୍ଦ ବା ୧୬୯୨ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରିଥିଲେ । ବୈଷ୍ଣବ ମଠଟି ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ବ୍ରଜବାସୀ ରାଧାମୋହନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ତାଙ୍କର ନବମ ଉତ୍ତରାଧିକାରୀ ବର୍ତ୍ତମାନ ସେହି ମଠର ମହନ୍ତ ଅଛନ୍ତି । ଯଦି ଏହି କେନ୍ଦୁଲୀ ଗ୍ରାମ ଜୟଦେବଙ୍କ ଜନ୍ମସ୍ଥାନ ହୋଇଥାନ୍ତା, ତେବେ ଚୈତନ୍ୟ ଦେବ ସେହି ସ୍ଥାନ ନିଶ୍ଚିତ ଭାବରେ ପରିଦର୍ଶନ କରିଥାନ୍ତେ । ଚୈତନ୍ୟ ପରବର୍ତ୍ତୀ ବଙ୍ଗଳାର ବିପୁଳ ପଦାବଳୀ ସାହିତ୍ୟରେ ସେହି ପୁଣ୍ୟପୀଠ ବା ମନ୍ଦିରର ଖ୍ୟାତି ବହୁଭାବରେ ଉଦ୍‌ଘୋଷିତ ହୋଇଥାନ୍ତା । ବିଶିଷ୍ଟ ବୈଷ୍ଣବ ଗୋସ୍ୱାମୀମାନଙ୍କର ନିରବଚ୍ଛିନ୍ନ ନୀରବତା ଦୃଷ୍ଟିରୁ ଏହା ନିର୍ବିବାଦରେ ଗ୍ରହଣ କରାଯାଇପାରେ ଯେ, ବୀରଭୂମ ଜିଲ୍ଲାର କେନ୍ଦୁଲୀ ଗ୍ରାମ ଜୟଦେବଙ୍କ ଜନ୍ମସ୍ଥାନ ଭାବରେ ସପ୍ତଦଶ ଶତାବ୍ଦୀର ଶେଷଭାଗରେ ରାଧାବିନୋଦ ମନ୍ଦିରର ନିର୍ମାଣ ପରେ ଉଦ୍ଦେଶ୍ୟମୂଳକ ଭାବରେ ପ୍ରଚାରିତ ହୋଇଅଛି । କପୋଳକଳ୍ପିତ 'ଜୟଦେବ ଚରିତ' ଉପରେ ଆଧାରିତ ତଥ୍ୟଟି ସମ୍ପୂର୍ଣ୍ଣ ଅନୈତିହାସିକ ଓ ଅନ୍ୟ କୌଣସି ସାହିତ୍ୟିକ ପ୍ରମାଣ ଦ୍ୱାରା ମଧ୍ୟ ସମର୍ଥିତ ନୁହେଁ ।''

ଯେଉଁ ଉଦାରଚେତା ବ୍ୟକ୍ତିମାନେ କୁହନ୍ତି ଯେ ଜୟଦେବ ଭାରତୀୟ ଥିଲେ ଏବଂ ସେ ବଙ୍ଗରେ ବା ଓଡ଼ିଶାରେ ଯେଉଁଠାରେ ଜନ୍ମ ହୋଇଥାନ୍ତୁ, ସେଥିରେ ଯାଏ ଆସେ ନାହିଁ ସେମାନେ କ'ଣ ଆଦୌ ପ୍ରତିବାଦ କରିବେ ନାହିଁ ଯଦି କିଏ ତାଙ୍କୁ କହେ ଯେ ଜୟଦେବ ଶ୍ରୀଚୈତନ୍ୟଙ୍କଠାରୁ ଶିକ୍ଷି ଓଡ଼ିଶାକୁ ଶ୍ରୀରାଧାଙ୍କୁ ଆଣିଥିଲେ । ଅଜୟ ନଦୀ ତୀରବର୍ତ୍ତୀ କେନ୍ଦୁଲୀ ଗ୍ରାମର ଖ୍ରୀ:୧୬୯୨ରେ ନିର୍ମିତ ରାଧାବିନୋଦ ମନ୍ଦିର ହିଁ ଦେଶର ପ୍ରଥମ ରାଧାମାଧବ ମନ୍ଦିର । ସଂଗୀତ ଓ ନୃତ୍ୟକଳା ବଙ୍ଗରୁ ଜୟଦେବ ଓଡ଼ିଶାକୁ ଆଣିଥିଲେ ଯାହା ପରବର୍ତ୍ତୀ ସମୟରେ ଓଡ଼ିଶୀ ଭାବେ ପରିଚିତ ହେଲା । ଯେଉଁ ଗୀତଗୋବିନ୍ଦର ଟୀକା ଓ ଅନୁକୃତି ଯାହା ଭାରତରେ ସବୁଠାରୁ ବେଶୀ ସଂଖ୍ୟାରେ ଓଡ଼ିଶାରେ ହିଁ ଦେଖାଯାଏ ତାହାର ମୂଳଲେଖା ବଙ୍ଗରୁ ଆସିଥିଲା । ଏଭଳି ମହାଭାରତୀୟ ପ୍ରେମରେ କ୍ଷୁଦ୍ରତାର ସ୍ଥାନ କେବେ ନଥିବ । ତେଣୁ ଓଡ଼ିଶା ଯେଉଁ ସାହିତ୍ୟ, ନୃତ୍ୟ, ସଂଗୀତ, ଚିତ୍ରକଳା, ବୟନଶିଳ୍ପ ଓ ମନ୍ଦିର ସ୍ଥାପତ୍ୟ ନେଇ ଗର୍ବ କରେ ସବୁ ଓଡ଼ିଶା ବାହାରୁ ଆସିଛି ବୋଲି ମାନିବା ଯାହା, ଜୟଦେବ ବଙ୍ଗରେ ଜନ୍ମ ଗ୍ରହଣ କରିଥିଲେ କହିବା ଠିକ୍ ତାହା । କାରଣ ଜୟଦେବଙ୍କ ଗୀତଗୋବିନ୍ଦ ବିନା ଓଡ଼ିଶା ସଂସ୍କୃତିର ପୃଥକ୍ ଅସ୍ତିତ୍ୱର କଳ୍ପନା କରାଯାଇନପାରେ ।

ଉନ୍ନୟନ କମିଶନର
ରାଜ୍ୟ ସଚିବାଳୟ, ଭୁବନେଶ୍ୱର

## ୨୦୦୫-୦୬ ଆର୍ଥିକ ବର୍ଷରେ ସର୍ବମୋଟ ୧୫୦୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପିତ

ଗତ ଆର୍ଥିକ ବର୍ଷ, ଅର୍ଥାତ୍ ୨୦୦୫-୦୬ ଆର୍ଥିକ ବର୍ଷରେ ରାଜ୍ୟରେ ୧୫୦୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ଗତ ମାର୍ଚ୍ଚ ମାସ ଶେଷସୁଦ୍ଧା ସର୍ବମୋଟ ୧୫୦୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇ ଏହି ଲକ୍ଷ୍ୟ ହାସଲ କରାଯାଇପାରିଛି ବୋଲି ବିଜ୍ଞାନ ଓ କାରିଗରୀ ବିଭାଗର ମାସିକ ଅଗ୍ରଗତି ବିବରଣୀରୁ ଜଣାଯାଇଛି । ମାର୍ଚ୍ଚ ମାସ ସୁଦ୍ଧା କେଉଁ ଜିଲ୍ଲାରେ କେତୋଟି ପ୍ଲାଣ୍ଟ ସ୍ଥାପିତ ହୋଇଛି, ତାହା ନିମ୍ନରେ ପ୍ରଦତ୍ତ ହେଲା -

କଟକ - ୧୯୦ଟି, କୋରାପୁଟ - ୧୪୦ଟି, ଜଗତ୍‌ସିଂହପୁର - ୧୨୦ଟି, ଗଂଜାମ - ୧୦୦ଟି, ସୁନ୍ଦରଗଡ଼ - ୧୦୦ଟି, କେନ୍ଦ୍ରାପଡ଼ା - ୮୦ଟି, କେନ୍ଦୁଝର - ୭୦ଟି, ଢେଙ୍କାନାଳ - ୬୦ଟି, ପୁରୀ - ୫୫ଟି, ଅନୁଗୋଳ - ୫୦ଟି, ରାୟଗଡ଼ା - ୫୦ଟି, ସମ୍ବଲପୁର - ୫୦ଟି, ବାଲେଶ୍ୱର - ୪୦ଟି, ଗଜପତି - ୪୦ଟି, କଳାହାଣ୍ଡି - ୪୦ଟି, ଖୋର୍ଦ୍ଧା - ୪୦ଟି, ଭଦ୍ରକ - ୩୫ଟି, ବରଗଡ଼ - ୩୦ଟି, ଝାରସୁଗୁଡ଼ା - ୩୦ଟି, ନୟାଗଡ଼ - ୩୦ଟି, ବଲାଙ୍ଗୀର - ୨୦ଟି, ଯାଜପୁର - ୨୦ଟି, ଦେଓଗଡ଼ - ୨୦ଟି, ମୟୂରଭଞ୍ଜ - ୨୦ଟି, ନବରଂଗପୁର - ୨୦ଟି, ଫୁଲବାଣୀ - ୨୦ଟି, ସୋନପୁର - ୨୦ଟି ଏବଂ ବୌଦ୍ଧ - ୧୦ଟି ।

# ଗୀତଗୋବିନ୍ଦରେ ପ୍ରୀତି ପ୍ରଣୟର ଛବି

ଡକ୍ଟର ତ୍ରିନାଥ ପଟ୍ଟନାୟକ

ମହାକବି ଜୟଦେବ 'ଗୀତଗୋବିନ୍ଦ' କାବ୍ୟରେ ଶୃଙ୍ଗାର ରସକୁ ସର୍ବଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଛନ୍ତି । ଶ୍ରୀରାଧା ମାଧବଙ୍କର ପ୍ରଣୟନର ମନୋଜ୍ଞ ବର୍ଣ୍ଣନା ଛତ୍ରେଛତ୍ରେ ପରିସ୍ଫୁଟ ହୋଇଅଛି । ଶୃଙ୍ଗାର ରସର ବିପ୍ରଲମ୍ଭ ତଥା ସମ୍ଭୋଗ ଦୁଇପକ୍ଷର ଚରମ ଉତ୍କର୍ଷ ଗୀତଗୋବିନ୍ଦ କାବ୍ୟରେ ଦେଖିବାକୁ ମିଳେ । ଶ୍ରୀଜୟଦେବ ମଧ୍ୟ ଉଲ୍ଲେଖ କରିଛନ୍ତି ବିପ୍ରଲମ୍ଭ ପରିପୁଷ୍ଟ ସମ୍ଭୋଗ ଶୃଙ୍ଗାର ସହୃଦୟଙ୍କୁ ଅଧିକ ସୁଖପ୍ରଦ ପ୍ରତୀତ ହେବ ।

ଭଗବାନ ଶ୍ରୀକୃଷ୍ଣଙ୍କର ଅନନ୍ୟ ପ୍ରେୟସୀ ଶ୍ରୀରାଧାଙ୍କର ଅନ୍ୟ ପ୍ରତି ଭଲ ପାଇବାଟାକୁ ସ୍ୱେଚ୍ଛାଚାରିତା ମନେ କରି ବିରାହାଗ୍ନିରେ ପୀଡ଼ିତ ହୋଇଛନ୍ତି । ସଖୀ ପାଖରେ ସେ ବ୍ୟାକୁଳରେ ବିଳପୀ ଉଠିଛନ୍ତି । ମନରେ ସନ୍ଦେହ ଜାତ ହୋଇଛି । କଳ୍ପନାରେ ବହୁତ କିଛି ଦୃଶ୍ୟ ମଧ୍ୟ ଦେଖି ନେଇଛନ୍ତି ତଥାପି ଶ୍ରୀକୃଷ୍ଣଙ୍କଠାରୁ ତାଙ୍କ ମନ ଦୂରେଇ ଯାଇନାହିଁ । ଶ୍ରୀକୃଷ୍ଣଙ୍କର ଦୋଷ ଦେଖିବାକୁ ତାଙ୍କ ମନରେ କୌଣସି ସ୍ଥାନ ନାହିଁ । ଅଛି ଅଭିମାନ । ନିଧୂବନରେ ପ୍ରତୀକ୍ଷାରତା ରାଧା ବ୍ୟାକୁଳ ହୋଇ ଉଠିଛନ୍ତି ।

ଶ୍ରୀରାଧା ସଖୀକୁ କହିଛନ୍ତି - ସଖି ! ମୁଁ ଜାଣୁଛି କାମକ୍ରୀଡ଼ା ନିମନ୍ତେ ଅନୁକୂଳ ବେଶଧାରୀ ମୋ'ଠାରୁ ଅଧିକ ସୁନ୍ଦରୀ କୌଣସି ଯୁବତୀ ଭଗବାନଙ୍କ ସହିତ ରମଣ କରୁଛି । ଭଗବାନଙ୍କ ସହିତ ବିପରୀତ ରତି କରୁଥିବା ସେହି ସୁନ୍ଦରୀର ହାର ଚଞ୍ଚଳ ହୋଇ ଯାଉଥିବ । ମୁଖ ଉପରେ ଚୂର୍ଣ୍ଣ ଅଳକାବଳି ଲୋଟି ଯାଉଥିବ । କର୍ଣ୍ଣ ଉପରେ ଚଞ୍ଚଳ କୁଣ୍ଡଳ ଶୋଭା ପାଉଥିବ । ଶ୍ରୀକୃଷ୍ଣଙ୍କୁ ଦେଖି ସେ ଲଜ୍ୟା ବଶତଃ ସ୍ମିତହାସ୍ୟ ପ୍ରକାଶ କରୁଥିବ । ସେମାନଙ୍କର କାମର ଗତି ତୀବ୍ର ହେଉଥିବା ଯୋଗୁଁ ଦେହ ସ୍ୱେଦକଣ ଭରିଯାଇଥିବ ଓ ଶ୍ୱାସର ଗତି ବଢ଼ି ଯାଇଥିବ । ଏବେ ସେ ନାୟିକା ଶ୍ରୀକୃଷ୍ଣଙ୍କ ବକ୍ଷସ୍ଥଳରେ ବିଶ୍ରାମ ନେଉଥିବ ।

କାମ କେଳିର ନିଚ୍ଛକ ବର୍ଣ୍ଣନା କବି ରାଧାଙ୍କ ମୁଖରେ ବର୍ଣ୍ଣନା କରିଛନ୍ତି । ରାଧାଙ୍କ ଅନୁମାନ ସତ୍ୟ ହୋଇପାରେ ମାତ୍ର ଅନନ୍ୟ ପ୍ରେମିକ ଶ୍ରୀକୃଷ୍ଣଙ୍କଠାରୁ ଶ୍ରୀରାଧାଙ୍କର ପ୍ରେମ ଊଣା ହୋଇନାହିଁ । ସେ କହିଛନ୍ତି,




ବରଂ ମୋତେ ଶ୍ରୀକୃଷ୍ଣ ଉପେକ୍ଷା କରନ୍ତୁ, ମୋ ପାଖକୁ ନ ଆସନ୍ତୁ କିନ୍ତୁ ମୋର ପ୍ରାଣ ତାଙ୍କୁ କଦାପି ଉପେକ୍ଷା କରିପାରିବ ନାହିଁ । ମୋ ପ୍ରାଣ ମୋ ଶରୀରରୁ ବାହାରି ତାଙ୍କ ପାଖକୁ ଯିବ । ମନକୁ ଯେତେ ବୁଝାଇଲେ ସୁଦ୍ଧା ମନ ବୁଝୁ ନାହିଁ । ସେହି ଭାଗ୍ୟଶାଳିନୀ ରମଣୀ ବିଷୟରେ ରାଧା ଚିନ୍ତା କରୁଛନ୍ତି । ବସନ୍ତ ଋତୁରେ ସେହି ପୀତାମ୍ବରଧାରୀ ଶ୍ରୀକୃଷ୍ଣ ସହିତ ସେହି ଯୁବତୀକୁ ଦେଖି, ସେହି ଯୁବତୀକୁ କେହି ହେଲେ ଉପହାସ କରିବେ ନାହିଁ । କାହିଁକି ନା ସଂସାରର ସର୍ବଶ୍ରେଷ୍ଠ ପୁରୁଷ ଶ୍ରୀକୃଷ୍ଣଙ୍କ ସହିତ ସେ ସୁଶୋଭିତ ହୋଇଥିବ । ରାଧା କରୁଣ ବିଳାପ କରି ଉଠିଛନ୍ତି ଓ କାମଦେବଙ୍କୁ ପ୍ରାର୍ଥନା କରିଛନ୍ତି - 'ମୋ ପ୍ରାଣକୁ ତୁ ହରଣ କରିନିଏ ।' ଆଉ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଲକ୍ଷ୍ୟ କରି କହିଛନ୍ତି - ଆପଣ ଅବଳାମାନଙ୍କୁ ବଧ କରିବା ନିମନ୍ତେ ବଣରେ ବୁଲୁଛନ୍ତି । ଆପଣଙ୍କ ଶରୀର କେବଳ କଳା ନୁହେଁ, ମନ ମଧ୍ୟ କଳା । ଆପଣଙ୍କ ବ୍ୟବହାର ମୋତେ କଷ୍ଟ ଦେଉଛି । ମୋର ପ୍ରଖ୍ୟାତ ପ୍ରେମକୁ ଆପଣ ଅପମାନିତ କରିଛନ୍ତି ।

ଶ୍ରୀରାଧାଙ୍କର ମାନଭଞ୍ଜନ କରି ସଖୀମାନେ ରାଧାଙ୍କୁ କେଳି ନିକୁଞ୍ଜର ଦ୍ୱାରପାଖକୁ ନେଇଛନ୍ତି । ଶ୍ରୀକୃଷ୍ଣଙ୍କୁ ଦେଖି ଶ୍ରୀରାଧା ଲଜ୍ଜିତା

ହୋଇ ଉଠିଛନ୍ତି । ଲଜ୍ଜିତା ରାଧାଙ୍କୁ ଦେଖି ସଖୀ କହିଛନ୍ତି - ଶ୍ରୀରାଧେ ! ଏହି ମନୋରମ ନିକୁଞ୍ଜକୁ ପ୍ରବେଶ କର । ନବୀନ ପଲ୍ଲବ ଶଯ୍ୟା ଉପରେ ତୁମେ ଶ୍ରୀକୃଷ୍ଣଙ୍କ ସହିତ ବିପରୀତ ରତି କର । ତୁମ ସ୍ତନର ହାର ଚଞ୍ଚଳ ହୋଇଯାଉ । ରତିଜନିତ ଶ୍ରମ ଅପହରଣ ନିମନ୍ତେ ମନ୍ଦ ସୁଗନ୍ଧ ପବନ ବହୁଛି । ଏଣୁ ତୁମେ ଦୀର୍ଘ ସମୟ ପର୍ଯ୍ୟନ୍ତ ମାଧବ ସହିତ ବିଳାସ କର । ଏହି ସମୟରେ ଶ୍ରୀକୃଷ୍ଣ ତୁମର କ୍ରୀତଦାସ । ସେ ତୁମ ପୟର ସେବା କରିବେ । ଶ୍ରୀ ଜୟଦେବଙ୍କ ଭାଷାରେ -

ତ୍ୱାଂ ଚିତ୍ତେନ ଚିରଂ ବହନ୍ନୟମତିଶ୍ରାନ୍ତୋ ଭୃଶନ୍ତାପିତଃ
କନ୍ଦର୍ପେଣ ଚ ପାତୁ ମିଚ୍ଛତି ସୁଧା-ସଂବାଧ-ବିଂବାଧରମ୍
ଅସ୍ୟାଂକଂ ତଦଳଂକୁରୁ କ୍ଷଣମିହ ଭ୍ରୂକ୍ଷେପ ଲକ୍ଷ୍ମୀଲବ-
କ୍ରୀତେ ଦାସ ଇବୋପସେବିତ-ପଦାଂଭୋଜେ କୁତଃ ସଂଭ୍ରମଃ ॥
(ଗୀ.ଗୋ.-୨୨/୧୧)

ରାଧାମାଧବଙ୍କର ସ୍ୱଚ୍ଛନ୍ଦ ମିଳନ ସୁଯୋଗ ଦେବା ନିମନ୍ତେ ସଖୀମାନେ ନାନା ବାହାନା ଦେଖାଇ ଲତା ନିକୁଞ୍ଜର ବାହାରକୁ ଚାଲି ଯାଇଛନ୍ତି । କାମ ପରତନ୍ତ୍ର ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ଦେଖି କରି ସ୍ମିତହାସ୍ୟ ପ୍ରକାଶ କରି ବାରମ୍ବାର କିଶଳୟ ଶଯ୍ୟା ଆଡ଼କୁ ଚାହିଁ ରହିଛନ୍ତି । ତାଙ୍କ ମନର ଭାବକୁ ଦେଖି କରି ଶ୍ରୀକୃଷ୍ଣ କହିଛନ୍ତି - ହେ ସୁନ୍ଦରି ! ଏହି କିଶଳୟ ଶଯ୍ୟା ଉପରେ ତୁମେ ତୁମର ଚରଣ କମଳ ରଖ । ତୁମେ ଦୂରରୁ ଆସି ଥକି ପଡ଼ିବଣି, ମୁଁ ତୁମର ଚରଣ ସେବା କରି ଦିଏ । ତୁମ ମୁଖ ଚନ୍ଦ୍ରରୁ ବଚନାମୃତ ଉଚ୍ଚାରଣ କର । ମୋର ଓ ତୁମର ମିଳନର ବାଧକ ତୁମର ଉନ୍ନତ ଉରଜ ଉପରୁ ସୁଶୋଭିତ ବସ୍ତ୍ରକୁ ହଟାଇ ଦିଅ । ଏବେ ତୁମେ ତୁମର ସେହି ମଙ୍ଗଳମୟ ସ୍ତନକଳସକୁ ମୋର ବକ୍ଷସ୍ଥଳ ଉପରେ ସ୍ଥାପନ କର । ଫଳରେ ମୋର କାମ ସନ୍ତାପ ଦୂର ହେବ । ମୁଁ ତୁମର ଅଧରାମୃତକୁ ପାନ କରି ପୁନର୍ଜୀବିତ ହେବା ପାଇଁ ଚାହୁଁଛି । ମୁଁ ଚାହୁଁଛି ତୁମର ସେହି ମଣିମୟ କଟି ମେଖଳା ଧ୍ୱନିତ ହେଉ ଓ ରତିକାଳୀନ କର୍ଣ୍ଣଧ୍ୱନୀ ମୋ କର୍ଣ୍ଣକୁ ଆପ୍ୟାୟିତ କରୁ । ତୁମେ ବୃଥାରେ ମୋ ଉପରେ କ୍ରୋଧ ପ୍ରକାଶ କରୁଥିଲ, ଏବେ ମୋତେ ସ୍ନେହ ପୂର୍ବକ ଦେଖ ।

ଏହାପରେ ରାଧାମାଧବଙ୍କର ମନୋହର କାମକ୍ରୀଡ଼ା ପ୍ରାରମ୍ଭ ହୋଇଥିଲା ।

ଦୋର୍ଭ୍ୟାଂ ସଂଯମିତଃ ପୟୋଧରଭରେଣାପୀଡ଼ିତଃ ପାଣିଜୈ-
ରାବିଦ୍ଧୋ ଦଶନୈଃ କ୍ଷତାଧରପୁଟଃ ଶ୍ରୋଣୀତଟେନାହତଃ
ହସ୍ତେନାନମିତଃ କଚେଽଧିର ସୁଧାପାନେନ ସମ୍ମୋହିତଃ
କାନ୍ତଃ କାମପି ତୃପ୍ତିମାପ ତଦହୋ କାମସ୍ୟ ବାମାଗତିଃ ।
(ଗୀ.ଗୋ.-୧୧/୧୨)

ପୁରୁଷାୟିତ ରତି ବ୍ୟାପୃତ ଶ୍ରୀରାଧା ନିଜ ସ୍ତନ ଭାରକୁ ଶ୍ରୀକୃଷ୍ଣଙ୍କ ବକ୍ଷସ୍ଥଳ ଉପରେ ରଖି ଦେଇଥିଲେ । ସେ ନିଜର ଭୁଜପାଶରେ ବାନ୍ଧି ନେଲେ । ଶ୍ରୀକୃଷ୍ଣଙ୍କ ବକ୍ଷସ୍ଥଳ ଉପରେ ନଖକ୍ଷତ କଲେ ଓ ଓଷ୍ଠରେ ଦନ୍ତକ୍ଷତ କଲେ । ନିଜର ଜଙ୍ଘ ଦ୍ୱାରା ଶ୍ରୀକୃଷ୍ଣଙ୍କୁ ପ୍ରତାଡ଼ିତ କରି ହାତରେ ତାଙ୍କର କେଶ କଳାପକୁ ଆକର୍ଷଣ କଲେ । ତାଙ୍କର ଅଧର ପାନକରି ମୋହିତ ହୋଇଗଲେ । ରାଧାଙ୍କର ଏହି କ୍ରୀଡ଼ାରେ ଶ୍ରୀକୃଷ୍ଣ ଅତ୍ୟଧିକ ତୃପ୍ତ ହେଲେ । ଜଣାପଡୁଥିଲା ଶ୍ରୀକୃଷ୍ଣଙ୍କୁ ପରାସ୍ତ କରିବା ପାଇଁ ହିଁ ଶ୍ରୀରାଧା ଜୋରଦାର ପୁରୁଷାୟିତ ରତିକ୍ରୀଡ଼ା ଆରମ୍ଭ କରିଥିଲେ । ଦୀର୍ଘଶ୍ୱାସ ଯୋଗୁଁ ହୃଦୟ କମ୍ପି ଉଠୁଥିଲା । ଶେଷରେ ଶ୍ରୀରାଧା ଚକ୍ଷୁ ବନ୍ଦକରି ଶ୍ରୀକୃଷ୍ଣଙ୍କ ବକ୍ଷସ୍ଥଳରେ ଶୋଇ ଗଲେ ।

ରାତି ପାହି ସକାଳ ହେଲା । ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର ବିବଶତାକୁ ଦେଖୁଛନ୍ତି ।

ବ୍ୟାକୋଳଃ କେଶପାଶ ସ୍ତରଳିତମଳକୈ ସ୍ୱେଦଲୋଲୌକପାଳୌ
କ୍ଲିଷ୍ଟା ଦଷ୍ଟାଧରଶ୍ରୀ କୁଚକଳସରୁଚା ହାରିତା ହାରୟଷ୍ଟିଃ
କାଂଚୀ କାଂଚିଦ୍‌ଗତାଶାଂ ସ୍ତନଜଘନପଦଂ ପାଣିନାଚ୍ଛାଦ୍ୟ ସଦ୍ୟଃ
ପଶ୍ୟନ୍ତୀ ଚାତ୍ମରୂପଂ ତଦପି ବିଲୁଳିତସ୍ରଗ୍‌ଧରେୟଂ ଧିନୋତି ॥
(ଗୀ.ଗୋ.-୧୫/୧୨)

ରାଧାଙ୍କର ବକ୍ଷସ୍ଥଳରେ ନଖକ୍ଷତ । ତନ୍ଦ୍ରାଳସା ରକ୍ତିମ ନୟନ ଯୁଗଳ । ଫିକା ଅଧର ଓ କବରୀ ଉନ୍ମୁକ୍ତ ହୋଇ ଅସ୍ତବ୍ୟସ୍ତ ହୋଇ ଉଠିଛି । କିଛି ଚୂର୍ଣ୍ଣ କୁନ୍ତଳ ଶ୍ରୀରାଧାଙ୍କର ମୁଖ ଘୋଡ଼ାଇ ରଖିଛି । ଫଳରେ ମୁଖ ଆହୁରି ସୁନ୍ଦର ଦେଖା ଯାଉଛି । ଗାଲରେ ଶ୍ରମଝାଳ ଶୁଖି ରହିଛି । ମଉଳିବାସ ଅଙ୍ଗରୁ ଦୂରେଇ ଯାଇଛି । ସ୍ତନର କାନ୍ତି ହାରର ଶୋଭାକୁ ତିରସ୍କୃତ କରୁଥିଲା । କଟିମେଖଳା ଶିଥିଳ ହୋଇଯାଇଛି । ଶ୍ରୀରାଧା ଜାଗ୍ରତ ହେବା ପରେ ନିଜକୁ ବସ୍ତ୍ର ରହିତ ଦେଖି ନିଜ ହାତରେ ନିଜ କୁଚ ଓ ଜଘନକୁ ଢାଙ୍କି ଧରିଲେ । ଶ୍ରୀରାଧାଙ୍କର ଏହି ସୌନ୍ଦର୍ଯ୍ୟ ଶ୍ରୀକୃଷ୍ଣଙ୍କର ମନକୁ ମୋହିତ କରି ଦେଲା । ରାଧାଙ୍କର ତତ୍କାଳୀନ ମନୋହର ରୂପଶ୍ରୀ ଦେଖିବାର ସୌଭାଗ୍ୟତ କେବଳ ଭାଗ୍ୟବାନ ପୁରୁଷକୁ ପ୍ରାପ୍ତ ହୋଇଥାଏ ।

କାମକ୍ରୀଡ଼ା ଶେଷରେ ଶ୍ରୀରାଧା ଦେଖିଲେ ଶ୍ରୀକୃଷ୍ଣ ପ୍ରସନ୍ନ ଅଛନ୍ତି । ସେ ସ୍ମିତହାସ୍ୟ ପ୍ରକାଶ କରି ଶ୍ରୀକୃଷ୍ଣଙ୍କୁ ଅନୁରୋଧ କଲେ -

କୁରୁ ଯଦୁନନ୍ଦନ ଚନ୍ଦନ ଶିଶିରତରେଣ କରେଣ ପୟୋଧରେ
ମୃଗମଦ ପତ୍ରକ ମତ୍ରମନୋଭବ ମଙ୍ଗଳ କଳସ ସହୋଦରେ
ନିଜଗାଦ ସା ଯଦୁ ନନ୍ଦନେ କ୍ରୀଡ଼ତି ହୃଦୟାନନ୍ଦନେ ।
ଅଳି କୁଳଗଂଜନସଂଜନଙ୍କ ରତିନାୟକ ଶାୟକ ମୋଚନେ
ତଦଧର ଚୁମ୍ବନ ଲମ୍ବିତ କଜ୍ଜ୍ୱଳମୁଜ୍ଜ୍ୱଳୟ ପ୍ରିୟ ଲୋଚନେ ।
ସରସଘନେ ଜଘନେ ମମ ଶଂବରଦାରଣବାରଣ କନ୍ଦରେ
ମଣିରସନାବସନା ଭରଣାନି ଶୁଭାଶୟ ବାସୟ ସୁନ୍ଦରେ ॥
(ଗୀ.ଗୋ.-୧୭,୧୮/୧୨)

ହେ ପ୍ରିୟତମ ! ମୋ ମନୋହର ସ୍ତନ ଉପରେ ଆପଣ କସ୍ତୁରୀ ରସରେ ପତ୍ରକ ରଚନା କର । ମୋ ନୟନର କଜ୍ଜଳ ସଜାଡ଼ି ଦିଅନ୍ତୁ । ମୋ କାନର କୁଣ୍ଡଳ ପିନ୍ଧାଇ ଦିଅନ୍ତୁ । ମୋ ମୁଖରେ ଘୋଡ଼ାଇ ହୋଇଥିବା ଚୂର୍ଣ୍ଣ କୁନ୍ତଳକୁ ହଟାଇ ସଜାଡ଼ି ଦିଅନ୍ତୁ । ଅଷ୍ଟମୀର ଚନ୍ଦ୍ର ଭଳି ମନୋହର ମୋ' ଲଲାଟ ପଟରେ କସ୍ତୁରୀ ତିଳକ ଲଗାଇ ଦିଅନ୍ତୁ । ମୋ' କାକ କୃଷ୍ଣ କବରୀରେ ପୁଷ୍ପମାଳା ପିନ୍ଧାଇ ଦିଅନ୍ତୁ । ନିଜ ହାତରେ ଆନନ୍ଦପୂର୍ବକ କଟିମେଖଳାକୁ ସଜାଡ଼ି ଦିଅନ୍ତୁ । ଶ୍ରୀରାଧାଙ୍କ ଅନୁରୋଧ ଅନୁସାରେ ଶ୍ରୀକୃଷ୍ଣ ସମସ୍ତ କାର୍ଯ୍ୟ ସମାପନ କଲେ ।

ଗୀତଗୋବିନ୍ଦ କାବ୍ୟରେ କବି ଜୟଦେବ ଗାନ୍ଧର୍ବ ବିଦ୍ୟା କୌଶଳ, ପରମାତ୍ମା ଚିନ୍ତନ ରହସ୍ୟ ସଂଭୋଗ ତଥା ବିପ୍ରଲମ୍ଭ ଦୁଇ ପ୍ରକାର ଶୃଙ୍ଗାର ରସର ବିସ୍ତୃତ ବିବେଚନା ତଥା କାବ୍ୟ ପ୍ରଣୟର ପଦ୍ଧତିରେ ମଣିକାଞ୍ଚନ ସନ୍ନିବେଶ କରିଛନ୍ତି । ସେ ସ୍ୱୟଂ କହିଛନ୍ତି -

ଯଦ୍ ଗାନ୍ଧର୍ବକଳାସୁ କୌଶଳମନୁଧ୍ୟାନଂଚ ଯଦ୍‌ବୈଷ୍ଣବଂ
ଯଚ୍ଛୃଙ୍ଗାର ବିବେକତତ୍ତ୍ୱମପି ଯଦ୍ କାବ୍ୟେଷୁ ଲୀଳାୟିତମ୍
ତତସର୍ବଂ ଜୟଦେବ ପଣ୍ଡିତକବେଃ କୃଷ୍ଣୈକତା ନାମ୍ନଃ
ସାନନ୍ଦାଃ ପରିଶୋଧୟନ୍ତୁ ସୁଧିୟଃ ଶ୍ରୀଗୀତଗୋବିନ୍ଦତଃ ॥

କବି କହିବାର ଅଭିପ୍ରାୟ ହେଉଛି, ସମସ୍ତ ବସ୍ତୁ ପୂର୍ଣ୍ଣତଃ ଶୁଦ୍ଧ ରୂପରେ ଏହି ଗୀତଗୋବିନ୍ଦ କାବ୍ୟରେ ଏକତ୍ର ସମୁପଲବ୍ଧ ହୋଇଅଛି । ଏଣୁ ବିଦ୍ୱାନମାନେ ଭଲ ରୂପେ ଏହି କାବ୍ୟକୁ ଅନୁଶୀଳନ କରିବା ଉଚିତ । ଜୟଦେବ କବିଙ୍କର ଦୃଢ଼ ବିଶ୍ୱାସ ଯେ -

ସାଧ୍ୱୀ ମାଧ୍ୱୀକ ଚିନ୍ତା ନ ଭବତି ଭବତଃ ଶର୍କରେ କର୍କରାସି
ଦ୍ରାକ୍ଷେ ଦ୍ରକ୍ଷ୍ୟନ୍ତ କେ ତ୍ୱାମମୃତ ମୃତମସି କ୍ଷୀର ନୀରଂରସସ୍ତେ
ମାକନ୍ଦ କନ୍ଦ କାନ୍ତାଧର ଧରଣିତଳଂ ଗଚ୍ଛ ଯଚ୍ଛନ୍ତି ଭାବଂ
ଯାବଦ୍ ଶୃଙ୍ଗାରସାରସ୍ୱତମିହ ଜୟଦେବସ୍ୟ ବିଶ୍ୱଗ୍‌ବଚାଂସି ॥

ଗୀତଗୋବିନ୍ଦ କାବ୍ୟର ମାଧୁର୍ଯ୍ୟ ଆଗରେ ଅଙ୍ଗୁରମଦିରା, ଚିନି, ଦ୍ରାକ୍ଷା, ଅମୃତ, ପାଚିଲା ଆମ୍ବ ତଥା କାମିନୀଙ୍କ ଅଧର ରସ- ଏସବୁ ଉପେକ୍ଷଣୀୟ । କାହିଁକି ନା ଏହି କାବ୍ୟରେ ଶୃଙ୍ଗାର ରସର ସଂପୂର୍ଣ୍ଣ ସାର ସମାବିଷ୍ଟ ହୋଇଛି ।

ଶ୍ରୀରାଧାମାଧବ ବିଳାସର ମଧୁର ଗାୟନ ହିଁ କବିଙ୍କର ପ୍ରମୁଖ ଧ୍ୟେୟ ଅଟେ । କବି ରାଧାମାଧବଙ୍କର ସଂଯୋଗ ବିଯୋଗର ସମାଧିସ୍ଥ ସ୍ଥିତିରେ ଥାଇ କୃଷ୍ଣୈକାନ୍ତମନା ହୋଇ ସାକ୍ଷାତକାର ଲାଭ କରିଛନ୍ତି ।

ସଂପାଦକ
ପୁରାଣପତ୍ରିକା, ନିଆଳୀ, କଟକ

---

# ୨୦୦୫-୦୬ ଆର୍ଥିକ ବର୍ଷ ପାଇଁ ସ୍ୱର୍ଣ୍ଣ ଜୟନ୍ତୀ ସ୍ୱରୋଜଗାର ଯୋଜନାରେ ଜିଲ୍ଲାମାନଙ୍କୁ ୮୦୯୬.୭୮ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି ।

ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା । ଏହାର ମୂଳଲକ୍ଷ୍ୟ ହେଲା ଗ୍ରାମାଞ୍ଚଳର ଦରିଦ୍ର ଜନତାଙ୍କ ସମନ୍ୱିତ ପ୍ରଚେଷ୍ଟାରେ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା । ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ୨୦୦୫-୦୬ ବର୍ଷରେ କେନ୍ଦ୍ରୀୟ ଅନୁଦାନ ଏବଂ ରାଜ୍ୟର ଅନୁଦାନକୁ ମିଶାଇ ଅନୁଗୋଳ ଜିଲ୍ଲାକୁ ୨୧୪.୮୭ ଲକ୍ଷ ଟଙ୍କା, ବଲାଙ୍ଗୀର ଜିଲ୍ଲାକୁ ୩୫୬.୩୭ ଲକ୍ଷ, ବାଲେଶ୍ୱର ଜିଲ୍ଲାକୁ ୪୮୯.୯୧ ଲକ୍ଷ ଟଙ୍କା, ବରଗଡ଼ ଜିଲ୍ଲାକୁ ୩୨୦.୭୯ ଲକ୍ଷ ଟଙ୍କା, ଭଦ୍ରକ ଜିଲ୍ଲାକୁ ୨୦୯.୯୦ ଲକ୍ଷ ଟଙ୍କା, ବୌଦ୍ଧ ଜିଲ୍ଲାକୁ ୧୩୦.୮୧ ଲକ୍ଷ ଟଙ୍କା, କଟକ ଜିଲ୍ଲାକୁ ୩୦୯.୩୧ ଲକ୍ଷ ଟଙ୍କା, ଦେଓଗଡ଼ ଜିଲ୍ଲାକୁ ୭୮.୩୭ ଲକ୍ଷ ଟଙ୍କା, ଢେଙ୍କାନାଳ ଜିଲ୍ଲାକୁ ୨୪୪.୯୭ ଲକ୍ଷ ଟଙ୍କା, ଗଜପତି ଜିଲ୍ଲାକୁ ୧୨୨.୭୫ ଲକ୍ଷ ଟଙ୍କା, ଗଂଜାମ ଜିଲ୍ଲାକୁ ୫୩୪.୨୦ ଲକ୍ଷ ଟଙ୍କା, ଜଗତ୍‌ସିଂହପୁର ଜିଲ୍ଲାକୁ ୧୬୪.୬୩ ଲକ୍ଷ ଟଙ୍କା, ଯାଜପୁର ଜିଲ୍ଲାକୁ ୩୦୮.୬୯ ଲକ୍ଷ ଟଙ୍କା, ଝାରସୁଗୁଡ଼ା ଜିଲ୍ଲାକୁ ୫୫.୦୦ ଲକ୍ଷ ଟଙ୍କା, କଳାହାଣ୍ଡି ଜିଲ୍ଲାକୁ ୩୫୩.୩୬ ଲକ୍ଷ ଟଙ୍କା, କେନ୍ଦ୍ରାପଡ଼ା ଜିଲ୍ଲାକୁ ୨୦୪.୪୬ ଲକ୍ଷ ଟଙ୍କା, କେନ୍ଦୁଝର ଜିଲ୍ଲାକୁ ୩୯୧.୭୬ ଲକ୍ଷ ଟଙ୍କା, ଖୋର୍ଦ୍ଧା ଜିଲ୍ଲାକୁ ୨୪୦.୪୯ ଲକ୍ଷ ଟଙ୍କା, କୋରାପୁଟ ଜିଲ୍ଲାକୁ ୪୦୭.୮୪ ଲକ୍ଷ ଟଙ୍କା, ମାଲକାନଗିରି ଜିଲ୍ଲାକୁ ୧୬୨.୨୪ ଲକ୍ଷ ଟଙ୍କା, ମୟୂରଭଞ୍ଜ ଜିଲ୍ଲାକୁ ୬୮୩.୧୩ ଲକ୍ଷ ଟଙ୍କା, ନବରଙ୍ଗପୁର ଜିଲ୍ଲାକୁ ୨୮୮.୮୨ ଲକ୍ଷ ଟଙ୍କା, ନୂଆପଡ଼ା ଜିଲ୍ଲାକୁ ୧୯୦.୫୯ ଲକ୍ଷ ଟଙ୍କା, ନୟାଗଡ଼ ଜିଲ୍ଲାକୁ ୨୧୨.୮୧ ଲକ୍ଷ ଟଙ୍କା, ଫୁଲବାଣୀ ଜିଲ୍ଲାକୁ ୨୦୭.୪୪ ଲକ୍ଷ ଟଙ୍କା, ପୁରୀ ଜିଲ୍ଲାକୁ ୩୦୬.୮୪ ଲକ୍ଷ ଟଙ୍କା, ରାୟଗଡ଼ା ଜିଲ୍ଲାକୁ ୨୫୯.୫୦ ଲକ୍ଷ ଟଙ୍କା, ସମ୍ବଲପୁର ଜିଲ୍ଲାକୁ ୧୬୬.୬୫ ଲକ୍ଷ ଟଙ୍କା, ସୋନପୁର ଜିଲ୍ଲାକୁ ୧୪୧.୭୯ ଲକ୍ଷ ଟଙ୍କା ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ୩୩୮.୪୯ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଇ ଦିଆଯାଇଛି ବୋଲି ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ହୋଇଥିବା ଦାରିଦ୍ର୍ୟ ଦୂରୀକରଣ ଯୋଜନା କର୍ମଶାଳାରୁ ଜଣାଯାଇଛି ।

# ଶୋଷକ, ଶୋଷଣ ଓ ଶୋଷିତ

ତାରାକାନ୍ତ ମହାନ୍ତି

**ବୀ**ରଭୋଗ୍ୟା ବସୁନ୍ଧରା (Might is Right) ଜୋର୍ ଯାହାର ମୂଳକ ତା'ର । ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ ଯେ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଆବହମାନ କାଳରୁ ପ୍ରଜାମାନଙ୍କୁ ବେଠି ଖଟାଇବା ଓ ପରେ ଦୁଇଟି ଧନୀକ ତନ୍ତ୍ର ଯଥା - Plutocracy, Timocracy ଯାହା ଆଧୁନିକ ପୁଞ୍ଜିବାଦକୁ ପ୍ରଭାବିତ କରିଥିଲା, ତାହା ଶ୍ରମିକ ଶ୍ରେଣୀକୁ ଶୋଷଣ କରିବାରେ ଲାଗିଥିଲା । ଶ୍ରମିକମାନେ ଶୋଷଣର ଶିକାର ହେଉଥିଲେ ଓ ତାଙ୍କୁ ପରିତ୍ରାଣ କରିବା ପାଇଁ କେଉଁ କର୍ତ୍ତା ତାଙ୍କର ପୁଞ୍ଜିଭୂତ ଲାଘବ କରିବା ସକାଶେ ଚିନ୍ତା ବା ଶୋଚନା କରିଥିଲେ । ସେମାନେ ସବୁବେଳେ ସବୁ ଯୁଗରେ ନିର୍ଯ୍ୟାତିତ, ପଦଦଳିତ, ଅବହେଳିତ, ନିଷ୍ପେସିତ ଓ ପଦଲାଞ୍ଛିତ ହୋଇ ଦିନ କାଟିବାରେ ବ୍ୟସ୍ତ ଥିଲେ । ଶ୍ରମିକ-ମାଲିକ ମଧ୍ୟରେ ଅସନ୍ତୋଷ କୁହୁଳି ରହିଥିଲା । ବିଶ୍ୱ ଶ୍ରମିକ ଶ୍ରେଣୀର ମହାନ୍ ଦାର୍ଶନିକ, ପଥପ୍ରଦର୍ଶକ ମହାନ୍ ନେତା 'କାର୍ଲମାର୍କ୍ସ' ଓ ଫେଡରିକ ଆଙ୍ଗେଲ୍ସ ଆଧୁନିକ ବିଶ୍ୱର ସାମାଜିକ ବିପ୍ଳବର ସବୁଠୁ ଆଗୁଆ ଶ୍ରେଣୀ ବୋଲି ଅନୁଭବ କଲେ । ପୁଞ୍ଜିବାଦୀ, ଶୋଷଣ ଓ ମଜୁରୀ ଦାସତ୍ୱରୁ ମୁକ୍ତ କରି ସାମାଜିକ ବିପ୍ଳବର ଧାରାକୁ କ୍ଷିପ୍ର ଓ ତ୍ୱରାନ୍ୱିତ କରିବାରେ ଐତିହାସିକ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେଲେ ଏକ ବିଜ୍ଞାନ ସମ୍ମତ ଦର୍ଶନ ଓ ଏକ ବିଶ୍ୱବ୍ୟାପୀ ସଂଗଠନର ଆବଶ୍ୟକତା ପାଇଁ Communist & Manifestoର ସଂରଚନା କରାଗଲା । ୧୮୫୦ ମସିହା ପୂର୍ବରୁ ୟୁରୋପର ବିଭିନ୍ନ ଦେଶମାନଙ୍କରେ କୌଣସି ସାମାଜିକ ଆଇନକାନୁନ୍ ଓ ଯଥୋଚିତ ନ୍ୟାୟ ଉପସ୍ଥାପନ ଲାଗି ସଂଗଠନ ବ୍ୟବସ୍ଥା ନଥିଲା । ଶ୍ରମ ନିର୍ଘଣ୍ଟ ସ୍ଥିର ନ ହୋଇଥିବା ଯୋଗୁଁ ଶ୍ରମିକମାନଙ୍କୁ ୨୦ ଘଣ୍ଟା ମଧ୍ୟ ଅବିଶ୍ରାନ୍ତ ପରିଶ୍ରମ କରିବାକୁ ପଡୁଥିଲା । ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଦଳଦଳ ମଣିଷ, ଅସଂଖ୍ୟ କିଶୋର, କିଶୋରୀ, ଶିଶୁଶ୍ରମିକ ଅକାଳ ବାର୍ଦ୍ଧକ୍ୟ ଓ ଅପମୃତ୍ୟୁ ଲଭୁ ଥିଲେ । ଶ୍ରମ କାଳରେ କେତେକ ଅନ୍ଧ, ଛୋଟା, ବିକଳାଙ୍ଗ ତଥା ଅପାଙ୍ଗ ହୋଇଗଲେ । ସେମାନଙ୍କ ପାଇଁ କୌଣସି ଆନୁଷ୍ଠାନିକ ସୁବିଧା ନଥିବାରୁ କ୍ଷତିପୂରଣ ପାଇଁ ମାଲିକମାନେ କୌଣସି କର୍ଣ୍ଣପାତ କରୁନଥିଲେ ।

୧୮୮୬ ମସିହାର ଠିକ୍ ମଇ ପହିଲା । ଶ୍ରମିକମାନଙ୍କୁ ପଶୁପରି ଦିନ ରାତି ପରିଶ୍ରମ କରିବାକୁ ବାଧବାଧକତା ବିରୁଦ୍ଧରେ ସେଦିନ ଆମେରିକାର ଚିକାଗୋ ସହରରେ ଶ୍ରମିକ ଆନ୍ଦୋଳନ ସୂତ୍ରପାତ ହୋଇଥାଏ । ଅନେକ ଦାବି ମଧ୍ୟରେ ୮ ଘଣ୍ଟା ଶ୍ରମ ସମୟ ଧାର୍ଯ୍ୟ ଥିଲା ମୁଖ୍ୟ ଦାବି । ଆଠ ଜଣ ବିଶିଷ୍ଟ ଶ୍ରମିକ ନେତାଙ୍କ ଆହ୍ୱାନରେ ସେ ଦେଶର ଶ୍ରମିକମାନେ ହଜାର ହଜାର ସଂଖ୍ୟାରେ ଏକତ୍ରିତ ହୋଇଥାନ୍ତି । ହଠାତ୍ ସେମାନଙ୍କ ଉପରେ ସରକାରୀ ମେସିନ୍‌ଗନ୍‌ରୁ ନିରୀହ ଶ୍ରମିକମାନଙ୍କୁ ଛୁଟି ଚାଲିଲା ଅଜସ୍ର ଗୁଳି । ଜଣକ ପରେ ଜଣେ ଶ୍ରମିକ ଟଳି ପଡୁଥାନ୍ତି । ସେମାନଙ୍କ ଛାତିର ରକ୍ତରେ ରାଜପଥ ଲାଲେଲାଲ୍ ହୋଇଗଲା । ନିଜ ଦେହରୁ ଲୁଗାକାଢ଼ି ଛାତିପାତି ଦେଲେ । ଶ୍ରମିକ ଏକତା ଜିନ୍ଦାବାଦ୍ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଲା । ସେଇ ଶ୍ରମିକମାନଙ୍କ ଉପରେ ସେ ଦିନର ଏହି ଅତ୍ୟାଚାର ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କଲା ଏବଂ ସମଗ୍ର ବିଶ୍ୱରେ ଚହଳ ପଡ଼ିଗଲା । ପ୍ରତିକ୍ରିୟାଶୀଳ ବିଶ୍ୱବାସୀ ଶ୍ରମିକଙ୍କ ସପକ୍ଷରେ ରାୟ ଦେଲେ । ଆମେରିକା ସରକାର ସରକାରୀ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ତୀବ୍ର ଜନମତ ତିକ୍ତତାର ରୂପ ନେଲା । ଶେଷରେ ଗଣତାନ୍ତ୍ରିକ ଜନମତର ବିଜୟ ହେଲା ଏବଂ ଶ୍ରମ ସମୟ ୮ ଘଣ୍ଟା ଧାର୍ଯ୍ୟ ହେଲା । ଏହାଫଳରେ ଶ୍ରମିକଙ୍କର ଅନେକ ଦିନର ଆଶା ପୂରଣ ହେଲା । ସେହିଦିନଠାରୁ ଏ ଯାବତ୍ ସେହି ଦିବସର ସ୍ମୃତିରେ ପ୍ରତି ବର୍ଷ ମଇ ପହିଲାରୁ ଶ୍ରମିକ ଦିବସ ବା ମଇ ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଇ ଆସୁଛି । ଏ ଦିବସ ପାଳନରେ ଶ୍ରମିକମାନଙ୍କର ଏକତା ଓ ସଂହତି ଦୃଢ଼ୀଭୂତ କରିଛି ।

୧୮୮୦ ମସିହା 'ହେ' ମାର୍କେଟରେ ରକ୍ତରଞ୍ଜିତ ମାଟିରୁ ପ୍ରତିଭାତ ବିଜୟର ରଶ୍ମି କୋଟି କୋଟି ଜନମାନସକୁ ସ୍ପନ୍ଦିତ କରିଛି । ଆଜି ବିଶ୍ୱର ସମଗ୍ର ଶ୍ରମିକ ଶ୍ରେଣୀ ଏହି ଦିବସକୁ ଐତିହାସିକ ଦିବସ ମନେକରି ଆନ୍ତର୍ଜାତିକ ଶ୍ରମିକ (May day) ଭାବେ ପାଳନ କରୁଛନ୍ତି ।

ଯୁଗେ ଯୁଗେ ଶ୍ରମର ମର୍ଯ୍ୟାଦା ରହିଆସିଛି । (Dignity of Labour) ପବିତ୍ର ବାଇବେଲ୍‌ରେ ଅଛି 'When Adam

Delved Span Who was then the Gentleman' ଅର୍ଥ ଆଦାମ ଯେତେବେଳେ ତୂଳା ବଳିଲା ଏବଂ ଇଭ୍ ସୂତା କାଟିଲା ସେତେବେଳେ ଆଉ ତୃତୀୟ ବ୍ୟକ୍ତି କିଏ ଥିଲା ? ତେଣୁ ଯୁଗେ ଯୁଗେ ଶ୍ରମିକପତିଙ୍କ ସହିତ ହାତକୁ ହାତ ଓ କାନ୍ଧକୁ କାନ୍ଧ ମିଳାଇଛନ୍ତି ମହିଳା ଶ୍ରମିକ ମଧ୍ୟ । କିନ୍ତୁ ଏହା ଏକ ପରିତାପର ବିଷୟ ଯେ ପୁରୁଷ ଶ୍ରମିକଙ୍କୁ ଅଧିକ ରାଶି ମିଳୁଥିବା ବେଳେ ମହିଳା ଶ୍ରମିକଙ୍କୁ ମାଲିକ କମ୍ ଅର୍ଥ ରାଶି ପ୍ରଦାନ କରୁଛନ୍ତି । ଯାହାକି ମଜୁରୀ ପ୍ରଦାନ ନୀତିରେ ଏକ ବୈଷମ୍ୟ । କ୍ରସର୍ ଶିଳ୍ପରେ ବା ପଥର ବଡ଼ ପଥରକୁ ବାଡ଼େଇ ସାନ ପଥରଖଣ୍ଡ ପରିଣତ କରିବାରେ ପୁରୁଷ କ୍ରସ୍‌ର ଶ୍ରମିକ ଯେତିକି ଘଣ୍ଟା ପରିଶ୍ରମ କରୁଛି, ମହିଳା କ୍ରସର୍ ଶ୍ରମିକ ମଧ୍ୟ ସେତିକି ଘଣ୍ଟା କାର୍ଯ୍ୟ କରୁଛି । ଅଥଚ ମଜୁରୀ ପ୍ରଦାନ ରାଶି ସମାନୁପାତିକ ହେଉନାହିଁ । ଏହା ଏକ ଦୁଃଖଦ ଘଟଣା । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କ୍ରସର୍ ଶିଳ୍ପରେ ନିୟୋଜିତ ଶ୍ରମିକ ଏବେ ବେକାର ହୋଇ ପଡ଼ିଛନ୍ତି ଅଧିକାଂଶ ଶ୍ରମିକଙ୍କର ଚୂଲି ନିଆଁ ଧରୁ ନାହିଁ । ଥୋକେ ଦାଦନ ଶ୍ରମିକ ଖଟିବାକୁ ପଡ଼ୋଶୀ ରାଜ୍ୟକୁ ଗଲେଣି । କ୍ରସର୍ ମାଲିକମାନେ ପ୍ରଦୂଷଣକୁ ରୋକିବାରେ ଅସମର୍ଥ ହେଉଥିବା ହେତୁ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ସେମାନଙ୍କୁ ସରକାରୀ ନୋଟିସ୍ ଦିଆଯିବାରେ ପ୍ରାୟତଃ ରାଜ୍ୟର ଅର୍ଦ୍ଧାଧିକ କ୍ରସର୍ ଯାହାକି ଆମ ରାଜ୍ୟର ସୁନ୍ଦରଗଡ଼, କେଉଁଝର, ଯାଜପୁର ଓ ଖୋର୍ଦ୍ଧାଭଳି ଶିଳ୍ପ ବହୁଳ ଜିଲ୍ଲାଗୁଡ଼ିକରେ ଅଧିକ ସଂଖ୍ୟାରେ ପ୍ରତିଷ୍ଠା ହୋଇଛି, ଏବେ ତାହା ଅଚଳାବସ୍ଥାରେ ପହଞ୍ଚିଲାଣି । ଏଥିରେ ନିଯୁକ୍ତି ପାଇଛନ୍ତି ଲକ୍ଷ ଲକ୍ଷ ଶ୍ରମିକ । ବର୍ତ୍ତମାନ ଅନ୍ୟୁନ ୧୦ ଲକ୍ଷ କ୍ରସର୍ ଶ୍ରମିକ ପେଟରେ ଓଦାକନା ଦେଇ ଶୋଇବାକୁ ବାଧ୍ୟ ଦେଉଛନ୍ତି ।

ଆମ ସଭ୍ୟତା ଓ ସମୃଦ୍ଧି ଯେଉଁମାନଙ୍କର ଶ୍ରମଦାନରେ ପରିପୁଷ୍ଟ, ସେହି ଶ୍ରମିକମାନଙ୍କ ନାମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୁଏ ନାହିଁ । କୋଣାର୍କ, ପୁରୀ, ଲିଙ୍ଗରାଜଠାରେ ଥିବା ପ୍ରସ୍ତର ଗାତ୍ରରେ ପ୍ରାଣ ସଞ୍ଚାର କରିଥିବା ଶିଳ୍ପୀମାନଙ୍କୁ ଆମେ ମନେ ରଖିନାହୁଁ । ସେହିମାନଙ୍କ ଉଦ୍ଦେଶ୍ୟରେ କବି ସ୍ୱର୍ଗତଃ ମାୟାଧର ମାନସିଂହ ଲେଖିଛନ୍ତି -

'ବନ୍ଦେ ବାରଶତ ଶିଳ୍ପୀ ନାମହୀନ ଧାମହୀନ ପ୍ରାଣୀ,
ଇତିହାସେ ନାହିଁ ତବ ଲାଗି ମୂକ କାଳ ବାଣୀ ।'

କଳକାରଖାନା, ଅଟ୍ଟାଳିକା, ରାସ୍ତାଘାଟ ଉପରେ ଖଟିଖିଆ ଶ୍ରମିକଙ୍କ ନାମ ଉଲ୍ଲେଖ କରାଯାଏ ନାହିଁ । କିନ୍ତୁ ଶ୍ରମଶକ୍ତି ବିନିଯୋଗରେ ହିଁ ଦେଶର ପ୍ରଗତି ସମ୍ଭବ । ଏହି ଉକ୍ତି କେହି ଅସ୍ୱୀକାର କରିପାରିବେ ନାହିଁ । ଜାତିର ଜନକ ମହାତ୍ମା ଗାନ୍ଧୀ କହିଛନ୍ତି - 'ଶ୍ରମଶକ୍ତି ଏକ ଅମୂଲ୍ୟ ଶକ୍ତି, ଏହା ସଞ୍ଚିତ ସ୍ୱର୍ଣ୍ଣ ମୂଲ୍ୟକୁ ମଧ୍ୟ ତୁଳନା କରାଯାଇପାରେନାହିଁ ।'

ଶ୍ରମ ବଳରେ ସୃଷ୍ଟି ହୁଏ ପୁଞ୍ଜି । ପୁଞ୍ଜିର ଉପଯୁକ୍ତ ବିନିଯୋଗରେ ଦାୟିତ୍ୱ ନ୍ୟସ୍ତ ହୁଏ ପୁଞ୍ଜିପତିମାନଙ୍କ ହାତରେ । ସମୟକ୍ରମେ ପୁଞ୍ଜିପତିମାନେ ହୁଅନ୍ତି ମାଲିକ । ବଂଶାନୁକ୍ରମେ ସେମାନେ ହୁଅନ୍ତି ସମାଜର ବିତ୍ତଶାଳୀ ବ୍ୟକ୍ତି । ମାଲିକ ଓ ଶ୍ରମିକ ମଧ୍ୟରେ ସୃଷ୍ଟି ହୁଏ ବିଦ୍ରୋହର ପ୍ରାଚୀର । ସେଇଠୁ ଆରମ୍ଭ ହୁଏ ଶ୍ରେଣୀ ସଂଘର୍ଷ । ବିଶ୍ୱ ଶ୍ରମ ଆନ୍ଦୋଳନର ଭିତ୍ତିଭୂମି ହେଉଛି ଇଂଲଣ୍ଡ । କାରଣ ଶିଳ୍ପ ବିପ୍ଳବ ପ୍ରଥମେ ବ୍ରିଟେନ୍‌ରେ ଆରମ୍ଭ ହୋଇଥିଲା । ଶ୍ରମ ଆନ୍ଦୋଳନ ଆରମ୍ଭ ହେବା ପରଠାରୁ ପୃଥିବୀରେ ଅନେକ ପରିବର୍ତ୍ତନ ଘଟିଲାଣି । ବିଶ୍ୱର ଶ୍ରମିକ ଶ୍ରେଣୀ ଏହି ସମୟ ମଧ୍ୟରେ ବହୁ ଘାତପ୍ରତିଘାତର ସମ୍ମୁଖୀନ ହୋଇ ନିଜର ସାଂଗଠନିକ ଶକ୍ତି ସୁଦୃଢ଼ କରିପାରିଛନ୍ତି । ଶ୍ରମ ଆନ୍ଦୋଳନ ଇତିହାସର ସଂଘର୍ଷମୟ ଅଧ୍ୟାୟ । ସମସ୍ତ ଶ୍ରମିକ ଗୋଷ୍ଠୀ ଏକ ହୋଇ ପୁଞ୍ଜିବାଦର ବେଡ଼ିକୁ ଛିନ୍ନ କରିବାକୁ ପଡ଼ିବ । ସେଥିପାଇଁ ପ୍ରଖ୍ୟାତ ଦାର୍ଶନିକ କାର୍ଲମାର୍କ୍ସ ଯେ କି କମ୍ୟୁନିଷ୍ଟ ଆନ୍ଦୋଳନର ଜନ୍ମଦାତା ସେ ବିଶ୍ୱର ସମସ୍ତ ଶ୍ରମିକମାନଙ୍କୁ ଏକଜୁଟ୍ ହୋଇ ପୁଞ୍ଜିବାଦର ଶୃଙ୍ଖଳକୁ ଛିନ୍ନ କରିବା ପାଇଁ ଆହ୍ୱାନ ଦେଇଥିଲେ, ତାଙ୍କର Communist Manifesto ବା କମ୍ୟୁନିଷ୍ଟ ଇସ୍ତାହାରରେ 'Workers of world you have to write you are nothing to loose only the chains of slavery.' ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି - ପୁଞ୍ଜିପତିମାନେ ଶ୍ରମିକମାନଙ୍କୁ ଶୋଷଣ କରିପାରିବେ ନାହିଁ ଯଦି ଶ୍ରମିକମାନେ ନିଜେ ଶୋଷଣ ହେବାର ସୁଯୋଗ ନଦିଅନ୍ତି । ତେଣୁ ଶ୍ରମିକମାନେ ସେଥିପାଇଁ ସଚେତନ ହେବା ଆବଶ୍ୟକ । ପୁଞ୍ଜିପତିମାନଙ୍କର ବୁଝିବା ଉଚିତ ଯେ ଶ୍ରମିକମାନଙ୍କୁ ଶୋଷଣ କରିବାର ମନୋବୃତ୍ତି ରହିଲେ ମାଲିକ ଓ ଶ୍ରମିକ ମଧ୍ୟରେ ସୁସମ୍ପର୍କ ରହିବ ନାହିଁ । ପରସ୍ପର ମଧ୍ୟରେ ବିଶ୍ୱାସ ଏବଂ ନିଃସ୍ୱାର୍ଥପରତାର ଭାବ ରହିଲେ ସୁସମ୍ପର୍କ ପ୍ରତିଷ୍ଠା ହୋଇପାରିବ ଓ ବୁଝାମଣା ଭିତ୍ତିରେ ଶିଳ୍ପ ବିବାଦର ସମାଧାନ ହୋଇପାରିବ ।

ଇତିମଧ୍ୟରେ ରାଜ୍ୟ ସରକାର ଶ୍ରମିକମାନଙ୍କର ଦିନ ମଜୁରୀ ବୃଦ୍ଧି କରିଛନ୍ତି ମାତ୍ର ଶ୍ରମିକମାନଙ୍କୁ ବିଭିନ୍ନ ଶ୍ରେଣୀଭୁକ୍ତ କରିବା ହେତୁ ମଜୁରୀ ପ୍ରଦାନରେ ସମାନୁପାତିକ ମଜୁରୀ ପ୍ରଦାନ କ୍ଷେତ୍ରରେ ବୈଷମ୍ୟ ସୃଷ୍ଟି ହେଉଛି । ସେମାନଙ୍କୁ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତିକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରୀ ପୃଥକ୍ ଭାବେ ନିର୍ଦ୍ଧାରଣ କରାଯାଇଛି । ମଜୁରୀ ପ୍ରଦାନରେ ତାରତମ୍ୟ ଶ୍ରମିକମାନଙ୍କୁ ଘୋର ଅସନ୍ତୋଷ ମୁହଁକୁ ଠେଲି ଦେଇଛି ।

ସଂପ୍ରତି କେନ୍ଦ୍ର ସରକାର ୨୦୦୬ ମସିହା ଫେବୃଆରୀ-୨ ତାରିଖରୁ ଜାତୀୟ ଗ୍ରାମ୍ୟ ନିଶ୍ଚିତ ନିଯୁକ୍ତି ଆଇନ (National Rural Employment Guarantee Act - NREGA) ଦେଶର ୧୦୦ଟି ଜିଲ୍ଲାରେ କାର୍ଯ୍ୟକାରୀ କରିଛନ୍ତି । ଓଡ଼ିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୦୦୬ ଫେବୃଆରୀ ୨ ତାରିଖ ଦିନ ରାଜ୍ୟର ୧୯ଟି ଜିଲ୍ଲାରେ ଏହା କାର୍ଯ୍ୟକାରୀ କରିବାକୁ ବିଧିବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି । ଏହାର ଶୁଭ ଉଦ୍‌ଘାଟନ ୨୦୦୬

ଫେବୃଆରୀ ୨ ତାରିଖ ଦିନ ଢେଙ୍କାନାଳ ସଦର ବ୍ଲକ୍‌ରେ ଶୁଭାରମ୍ଭ କରିଛନ୍ତି । ଏହା ଯେ ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ବର୍ଷ ମଧ୍ୟରେ ଅନ୍ୟୂନ ୧୦୦ ଦିନର କାମ ଯୋଗାଇ ଦେବେ । ବର୍ତ୍ତମାନ ଏହା ପ୍ରତ୍ୟେକ ଶ୍ରମିକଙ୍କୁ ପ୍ରଦାନ କରାଯାଉଛି ଏବଂ ଏହି ଯୋଜନା ଅନ୍ତର୍ଭୁକ୍ତ ସର୍ବନିମ୍ନ ମଜୁରୀ ହେଉଛି ୫୨ ଟଙ୍କା । ଆଗରୁ ଗ୍ରାମାଞ୍ଚଳ ନିଶ୍ଚିତ ନିଯୁକ୍ତି ଆଇନ୍‌ରେ ସର୍ବନିମ୍ନ ମଜୁରୀ ୬୦ ଟଙ୍କା ପ୍ରଦାନ କରିବାକୁ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । ମାତ୍ର ୟୁପିଏ ସରକାର ଏହାକୁ ୫୨ ଟଙ୍କାରେ ରଖିଛନ୍ତି । ଆମ ରାଜ୍ୟରେ ମଧ୍ୟ ଏହି ଆଇନ୍ ବଳରେ ଗ୍ରାମାଞ୍ଚଳରେ ସର୍ବନିମ୍ନ ମଜୁରୀ ଦୈନିକ ୫୨ ଟଙ୍କା ପ୍ରଦାନ କରାଯାଉଛି । ଏହି ଗ୍ରାମାଞ୍ଚଳ ନିଶ୍ଚିତ ନିଯୁକ୍ତି ଯୋଜନା ରାଜସ୍ଥାନରେ ସଫଳ ହୋଇଛି ଓ ଏଥିରେ ଏହା ଦୁର୍ନୀତିମୁକ୍ତ ବୋଲି ୨୯.୪.୨୦୦୬ - The New Indian Express, ଭୁବନେଶ୍ୱର ସଂସ୍କରଣର ନବମ ପୃଷ୍ଠାରେ ଏହା ପ୍ରକାଶିତ ହୋଇଛି । ତାହାର ଶିରୋନାମା ହେଉଛି 'ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟ ଆକ୍ଟ' । ଯାହା ହେଉନା କାହିଁକି ୨୦୦୬ ମେ' ପହିଲା ଆନ୍ତର୍ଜାତିକ ଶ୍ରମ ଦିବସର ଅନୁଚିନ୍ତା ହେଉ । ଲିଙ୍ଗ ତଥା ବୟସର ତାରତମ୍ୟ ଥିବା ପୁରୁଷ ଶ୍ରମିକ, ମହିଳା ଶ୍ରମିକ ଓ ଶିଶୁ ଶ୍ରମିକ ଯେ କି ପୁଞ୍ଜିବାଦୀଙ୍କ ଦ୍ୱାରା ଶିକାର ହୋଇ ଶୋଷିତ ଓ ନିର୍ଯ୍ୟାତିତ ହେଉଛନ୍ତି । ସେମାନଙ୍କୁ ଏହି ଶୋଷଣ ଓ ଅତ୍ୟାଚାର କବଳରୁ ମୁକ୍ତି ଦେବାକୁ ଓ ଲିଙ୍ଗ ତଥା ବୟସ ବିଚାରକୁ ନନେଇ ସମସ୍ତଙ୍କ ପାଇଁ ଗୋଟିଏ ସୁସ୍ଥ ଓ ତାରତମ୍ୟ ବିହୀନ ମଜୁରୀ ପ୍ରଦାନ କରିବା ପାଇଁ ମାଲିକମାନଙ୍କ ନିକଟରେ ଦୃଢ଼ ଚାପ ପ୍ରୟୋଗ କରନ୍ତୁ । କାରଣ ଅଧିକାଂଶ ଦିନ ମଜୁରିଆ ତଥା ପୁରୁଷ, ମହିଳା, ବାଳକ, ବାଳିକା ଓ ଶିଶୁ ଶ୍ରମିକ ଅଶିକ୍ଷିତ । ସେମାନଙ୍କର ନ୍ୟାଯ୍ୟ ଅଧିକାର ସମ୍ପର୍କରେ ଖାଲି ସରକାର କାହିଁକି ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ନିଃସ୍ୱାର୍ଥପର ଲୋକସେବା କରିବାକୁ ଆଗେଇ ଆସନ୍ତୁ ।

ଉପନିର୍ଦ୍ଦେଶକ (ବିଜ୍ଞାପନ ଓ ପ୍ରିଣ୍ଟ ମିଡିଆ)
ତଥା ଉପଶାସନ ସଚିବ, ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର

---

# ଶ୍ରମିକ ଭାଇ

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

କୋଣାର୍କର ଶିଳା ଯେ ବୋହିଛି
'ତାଜମହଲ' ଯା'ହାତ ଗଢ଼ିଛି
କଳକାରଖାନା ଚଳାଉଛି ଯିଏ
କେଦାରରେ ସୁନାର ଫସଲ ଫଳାଉଛି ଯିଏ
ତାକୁ କରରେ ଜୁହାର
ସେ ଅଟେ ଶ୍ରମିକ ଭାଇ ପୂଜ୍ୟ ଆମ ସଭିଁଙ୍କର ।

ମୁଣ୍ଡଝାଳ ତୁଣ୍ଡେ ମାରି
ଖରା ବରଷା ନମାନି
ରକତକୁ ପାଣି କରି ତା'ର
ଶ୍ରମ ସେହି କରିଥାଏ ହୋଇ ନିର୍ବିକାର ।

ବିକାଶର ମୂଳ ଚାବି ଶ୍ରମିକ ହାତରେ
ଯାଦୁକରି ସ୍ୱରସେ ତାହାର
ଗଢ଼ି ଉଠିଅଛି ସବୁ ସୁନ୍ଦର ସହର
ଅନୁପମ ସଉଧ ମାଳିକା
ଗଢ଼ିଅଛି ତା'ର ହାତ ଏକା ।

ବିଶ୍ୱ ଶ୍ରମିକ ଦିବସେ କରୁଛି ଆହ୍ୱାନ
ଶ୍ରମିକ ଭାଇକୁ ଦିଅରେ ସମ୍ମାନ
ସେ ହସିଲେ ଜଗତ ହସିବ
ସେ କାନ୍ଦିଲେ ଜଗତ କାନ୍ଦିବ
ଶ୍ରମିକ ଉନ୍ନତି ପାଇଁ ସଦାବେଳେ ରହୁ ଆମ ଧ୍ୟାନ ।

ବିଧାୟକ, ମାହାଙ୍ଗା
ୟୁନିଟ୍-୪, ଭୁବନେଶ୍ୱର

# ଆନ୍ତର୍ଜାତିକ ଶ୍ରମିକ ଦିବସର ଅନୁଚିନ୍ତା

ବିମଳା ସିଂହ

ହଜାର ହଜାର ବର୍ଷ ତଳେ ଏଇ ପୃଥିବୀରେ ଜୀବଜୀଗତର ସୃଷ୍ଟି କ୍ରମବିବର୍ତ୍ତନ ଫଳରେ ବାନର ଜାତୀୟ ପଶୁ ଶେଷରେ ପ୍ରକୃତିର କୋଳରେ ଅନେକ ଅବସ୍ଥା ଭିତର ଦେଇ ଗତି କରି ମନୁଷ୍ୟରେ ପରିଣତ ହେବାର ଆମେ ଜାଣୁ ଇତିହାସ ପୃଷ୍ଠାରୁ । ନଦ, ନଦୀ, ବଣ, ପାହାଡ଼ ଘେରା ପରିବେଶ ହିଁ ସେଇ ମଣିଷର ବାସସ୍ଥଳୀ ଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବଣର ହିଂସ୍ରଜନ୍ତୁମାନଙ୍କଠାରୁ ନିଜକୁ ରକ୍ଷା କରିବାର ଉପାୟ ଖୋଜି ଖୋଜି ଶେଷରେ ପାହାଡ଼ ଗୁମ୍ଫାକୁ ସେ ଶ୍ରେଷ୍ଠ ଆଶ୍ରୟସ୍ଥଳୀ ଭାବେ ଧରି ନେଇଥିଲା । ବଣର ଫଳମୂଳ, ପଶୁପକ୍ଷୀଙ୍କର କଞ୍ଚାମାଂସ ଖାଇ ବଢୁଥିବା ମଣିଷ ଦିନକୁ ଦିନ ଅନ୍ୱେଷୀ ହେବାକୁ ଲାଗିଲା । ଏଇ ଅନ୍ୱେଷୀ ମନୋଭାବ ହିଁ ତାକୁ ନିଆଁର ଆବିଷ୍କାର କରିବାରେ ସାହାଯ୍ୟ କରିଥିଲା । ଯଦ୍ଦ୍ୱାରା ସେ ଆଉ କଞ୍ଚା ମାଂସ ନଖାଇ ପୋଡ଼ି ଖାଇଲା, ହିଂସ୍ରଜନ୍ତୁମାନଙ୍କଠାରୁ ଏବଂ ଶୀତ ଦାଉରୁ ନିଜକୁ ରକ୍ଷା କରିପାରିଲା । ଏହି ଅନିସନ୍ଧିତ୍ସୁ ମନ ତା'ର ସେତିକିରେ ସନ୍ତୁଷ୍ଟ ନହୋଇ ଉଲଗ୍ନ ଶରୀରର ଲଜ୍ଜ୍ୟା ନିବାରଣ ପାଇଁ ଗଛର ବକ୍‌କଳ ପିନ୍ଧିବା ଜାଣିଲା । ନିଜକୁ ଏକା ନରଖି ଗୋଷ୍ଠୀରେ ରଖିବାକୁ ପସନ୍ଦ କଲା । ନିଜର ଭାବକୁ ଠାର ଦ୍ୱାରା ପ୍ରକାଶ କଲା । ପ୍ରକୃତିର ବିଭିନ୍ନ ରହସ୍ୟକୁ ଭେଦ କରିବା ଶିଖିଲା । ପଥର ନିର୍ମିତ ଅସ୍ତ୍ରଶସ୍ତ୍ରର ବ୍ୟବହାର ପରେ ତାକୁ ସମୟକ୍ରମେ ମସୃଣରୁ ମସୃଣ କରିବା ଜାଣିଲା । ଯାଯାବର ଜୀବନ ଛାଡ଼ି ଏକ ସ୍ଥାନରେ ରହି କୃଷି କାର୍ଯ୍ୟ, ପଶୁପାଳନ କରି ଜୀବନ ନିର୍ବାହ କରିବା ପ୍ରଣାଳୀକୁ ଆଦରି ନେଲା ଏବଂ ଏଥିପାଇଁ ସେ ନଦୀକୂଳକୁ ଉପଯୁକ୍ତ କ୍ଷେତ୍ର ବୋଲି ଧରି ନେଇଥିଲା । ସମୟର ପ୍ରବାହରେ ସେ ପ୍ରତିକ୍ଷେତ୍ରରେ ନିଜକୁ ନିୟୋଗ ପୂର୍ବକ କ୍ରମେ କ୍ରମେ ଏକ ଉନ୍ନତମାନର ଜୀବନଯାପନ କରିବା ପାଇଁ ଆଗ୍ରହୀ ହୋଇ ଉଠିଲା । ଏହି ଆଗ୍ରହ ତାକୁ ନଦୀକୂଳମାନଙ୍କରେ ପଡ଼ିଥିବା ଧାତୁଗୁଡ଼ିକର ଆବିଷ୍କାର କରିବା ପୂର୍ବକ ପ୍ରସ୍ତର ଯୁଗ ପରେ ପରେ ଧାତୁ ଯୁଗରେ ପ୍ରବେଶ କରାଇଲା ଏବଂ ସେହି ଧାତୁ ଯୁଗର ସମସ୍ତ ସଭ୍ୟ ପୃଥିବୀର ଚାରୋଟି ନଦୀକୂଳରେ ହିଁ ଗଢ଼ି ଉଠିଥିଲା । ଯେଉଁ ସଭ୍ୟତାକୁ ଆଧୁନିକ ଯୁଗର ସଭ୍ୟତାର ମାର୍ଗ ଦର୍ଶକ ବୋଲି ଧରି ନିଆଯାଇଛି ।

ଏହି ନଦୀକୂଳ ସଭ୍ୟତାଗୁଡ଼ିକ ଭାରତର ସିନ୍ଧୁ ନଦୀ, ମିଶର ନୀଳନଦୀ, ଚୀନର ହୋୟାଂ ହୋ ନଦୀ ଏବଂ ମେସୋପଟାମିଆର ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀକୂଳରେ ଗଢ଼ି ଉଠିଥିଲା । ଇତିହାସରୁ ଜଣାଯାଏ ଏହି ସଭ୍ୟତାଗୁଡ଼ିକର ଲୋକମାନଙ୍କ ସାମାଜିକ ଚଳଣି ଖୁବ୍ ଉନ୍ନତ ଥିଲା । ଅତି ଶାନ୍ତ, ସରଳ ପ୍ରକୃତି ଲୋକ ଚରିତ୍ର ଥିଲା । ଅହଂ ବା ଈର୍ଷା, ଉଚ୍ଚନୀଚ ଭେଦଭାବ ସେମାନଙ୍କ ହୃଦୟକୁ ସ୍ପର୍ଶ କରିନଥିଲା । ତେଣୁ ସେମାନଙ୍କ ଦ୍ୱାରା ଏକ ଉଚ୍ଚ ସଂସ୍କୃତିସଂପନ୍ନ ସଭ୍ୟତା ଗଢ଼ି ଉଠିଥିଲା । ପ୍ରକୃତିର ଅନୁକୂଳ ଏବଂ ପ୍ରତିକୂଳ ପରିବେଶରେ ହିଁ ସେମାନେ ନିଜକୁ ଖାପ୍ ଖୁଆଇ ନେଇ ପାରିଥିଲେ । ଯଦ୍ଦ୍ୱାରାକି ଉନ୍ନତ ଶୈଳୀର ସଂସ୍କୃତି ସେମାନେ ଗଠନ କରିପାରିଥିଲେ । ନିଜର ଭାବକୁ ଆଉ ଠାରଦ୍ୱାରା ପ୍ରକାଶ ନକରି ନିଜର ଇତିହାସକୁ ଲେଖି ରଖିବାର କଳା ସେମାନେ ଜାଣିପାରିଥିଲେ । ଯାହାକୁ ଆମେ ଐତିହାସିକ ଯୁଗ ଭାବରେ ଜାଣୁ । ଏହି ଯୁଗରେ ସେମାନେ ଲିପିର ଆବିଷ୍କାର କଲେ ଏବଂ ଏହିସବୁ ଲିପିକୁ ବିଭିନ୍ନ ସାଙ୍କେତିକ ଚିହ୍ନ ମାଧ୍ୟମରେ ପ୍ରକାଶ କଲେ ଯାହା ପରବର୍ତ୍ତୀ ସମୟରେ ଛବିଲିପି, କ୍ୟୁନିଫର୍ମ ଲିପି ବା କୀଚକ ଲିପି ଭାବରେ ଆମେ ଇତିହାସ ଅଧ୍ୟୟନରୁ ଜାଣିଥାଉ । ଏଥିପାଇଁ ସେମାନେ ନିଜର ସୂକ୍ଷ୍ମ ବୁଦ୍ଧିରୁ ଗଛର ପତ୍ର, ବକ୍‌କଳ, ଫୁଲର ରସ ଏବଂ ମାଟିକୁ ବ୍ୟବହାର କରିଥିଲେ ଏବଂ ସେହି ସଭ୍ୟତାରୁ 'ପାପିରସ' ନାମକ ଶବ୍ଦରୁ ଆମେ ପେପର୍ ଶବ୍ଦକୁ ପାଇଛୁ ।

ପ୍ରକୃତିର ବିଭିନ୍ନ ଶକ୍ତିକୁ ସେମାନେ ବିଭିନ୍ନ ଭାବରେ ନିୟୋଗ କରିବାକୁ ଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ପ୍ରକାର କଳାର ଆବିଷ୍କାର କରିଥିଲେ ଓ ଚିତ୍ରାଙ୍କନ କରୁଥିଲେ । ଭାସ୍କର୍ଯ୍ୟ କାମରେ ନିଜକୁ ନିପୁଣ କରାଇପାରିଥିଲେ, ଯାହାର ନିଦର୍ଶନ ବିଭିନ୍ନ ମନ୍ଦିର ଗାତ୍ର ଦେହରୁ, ସମାଧି ମନ୍ଦିରମାନଙ୍କରୁ, ଗିରିଗୁହାମାନଙ୍କରୁ ଆବିଷ୍କୃତ ହୋଇଛି । ଉଲଗ୍ନ ମାନବ ତା'ର ଏଇ ଅନିସନ୍ଧିତ୍ସୁ ମନଦ୍ୱାରା ଶେଷରେ ଏକ ସଭ୍ୟ ଜାତିରେ ନିଜକୁ ପରିଣତ କରିବା ପାଇଁ ହଜାର ହଜାର ବର୍ଷ ଧରି ସାଧନା କରିବାକୁ ପଡ଼ିଛି । ପ୍ରକୃତି କୋଳରେ ଏଇଥିରୁ ଜନ୍ମ ନେଇଥିଲା ତା' ଦ୍ୱାରା ଭାଷା, ସାହିତ୍ୟ, ବିଜ୍ଞାନ କ୍ଷେତ୍ରରେ ଆଗକୁ ଆଗକୁ ଆଗେଇ ଯିବାର କଳା । ସୃଷ୍ଟିର ପ୍ରତ୍ୟେକ ଜିନିଷର ସ୍ଥିତି ଉପରେ ସେ କାଳକ୍ରମେ ନିଜକୁ ଆବିଷ୍କାର, ପର୍ଯ୍ୟବେକ୍ଷଣ ଓ ନିରୀକ୍ଷଣ

କରିବାର ଆଗ୍ରହ ଦ୍ୱାରା ଆଜି ଏଇ ଅତ୍ୟାଧୁନିକ ଯୁଗରେ ପହଞ୍ଚି ପାରିଛି । ଜ୍ଞାନର ପରିସୀମା ବୃଦ୍ଧି ଦ୍ୱାରା ସେଇ ମଣିଷ ନିଜର ସାମାଜିକ ଚଳଣି ଭିତରେ ଅନେକ ପରିବର୍ତ୍ତନର ମାର୍ଗ ଖୋଜୁ ଖୋଜୁ ପରସ୍ପର ଭିତରେ ଥିବା ସ୍ନେହ ଭାବର ଦୃଢ଼ତା ପାଇଁ ନିଜକୁ ଗୋଷ୍ଠୀ ଭିତରେ ଆବିଷ୍କାର ପୂର୍ବକ ଏକ ଶାସନକଳର ଆବଶ୍ୟକତା ଅନୁଭବ କରିଥିଲା । ଯାହାକୁ ଯେଉଁ ବୃତ୍ତି ଭଲ ଲାଗୁଥିଲା, ଯେଉଁ ସ୍ଥାନ ଭଲ ଲାଗୁଥିଲା ସେ ତା'ର ଇଚ୍ଛାନୁସାରେ ସେପରି ଚଳୁଥିଲା । ତେଣୁ ଗୋଷ୍ଠୀ ଭିତରେ ଶୃଙ୍ଖଳା ଆଣିବା ପାଇଁ ସେ ଜଣଙ୍କୁ ଶାସନକର୍ତ୍ତା ଭାବରେ ଅଭିହିତ କରିଥିଲା । ପରବର୍ତ୍ତୀ କାଳରେ ସେହି ପଦ କେଉଁଠି ସମ୍ରାଟ, କେଉଁଠି ରାଜନ ବା ରାଜା ବା ଚକ୍ରବର୍ତ୍ତୀ ନାମରେ ନାମିତ ଥିଲା ଏବଂ ଉକ୍ତ ପଦାଧିକାରୀମାନେ ନିଜର ପ୍ରଜାଙ୍କୁ ପିତୃତୁଲ୍ୟ ପାଳନ କରୁଥିଲେ । ପ୍ରଜାଙ୍କ ସୁଖରେ ସେମାନେ ସୁଖୀ ଥିଲେ । ତଥାପି ରାଜ୍ୟ ଶାସନର ସୁବିଧା ପାଇଁ ଗୋଟିଏ ଗୋଟିଏ ଅଞ୍ଚଳରେ ଦଳପତି ପଦ ସୃଷ୍ଟି କରାଯାଇ 'ସଭା ଓ ସମିତି' ନାମକ ଦୁଇଟି ଅନୁଷ୍ଠାନ ମାଧ୍ୟମରେ ସେମାନେ ଶାସନ କଥା ବୁଝାବୁଝି କରୁଥିଲେ । ଉକ୍ତ ପଦାଧିକାରୀମାନେ ବଂଶାନୁକ୍ରମିକ ବା ଲୋକମାନଙ୍କ ଦ୍ୱାରା ମନୋନୀତ ହେଉଥିଲେ । ତେଣୁ ରାଜା-ପ୍ରଜା ଭାବ ବା ମୁଖିଆ-ସାଧାରଣ ପ୍ରଜା ଭାବ ସେହି ସଭ୍ୟତାରେ ଦୃଷ୍ଟିଗୋଚର ହେଉନଥିଲା । ଅର୍ଥାତ୍ ଉଚ୍ଚ ନୀଚ୍ଚ ଭେଦଭାବ ହିଂସା, ପରଶ୍ରୀକାତରତା ଆଦି ଦୁର୍ଗୁଣ ତତ୍‌କାଳୀନ ସଭ୍ୟତାର ଲୋକମାନଙ୍କ ହୃଦୟକୁ ଛୁଇଁ ନଥିଲା । ତେଣୁ ସଭ୍ୟତାର ବିକାଶ ସହ ଲୋକମାନଙ୍କର ଆଚାର ବ୍ୟବହାରରେ ଉଚ୍ଚ ସଂସ୍କୃତି ସମ୍ପନ୍ନତା ସ୍ପର୍ଶ କରିଥିଲା । ସମୟର ରଥଚକ୍ର ପରେ ଏହିପରି ଭାବରେ ସଭ୍ୟତା ପରେ ସଭ୍ୟତା ଗଡ଼ି ଚାଲିଲା ବିଭିନ୍ନ ଦେଶକୁ ଜଳପଥ ଆବିଷ୍କାର ପର୍ଯ୍ୟନ୍ତ । ତା' ପରବର୍ତ୍ତୀ ସମାଜରେ ଆରମ୍ଭ ହେଲା ଶୋଷଣ ମାନବ ସମାଜରେ । ଶିଳ୍ପ ବିପ୍ଳବ ଫଳରେ ମାନବ ପୁରାତନ ସଭ୍ୟତା ଛାଡ଼ି ନୂତନ ସଭ୍ୟତାରେ ପହଞ୍ଚିବା ଦ୍ୱାରା ଇଟାଲୀ ପ୍ରଭୃତି ଦେଶରେ ପୁନର୍ଜାଗରଣ ଦ୍ୱାରା ଏଇ ଶୋଷଣ ମନୋବୃତ୍ତିରେ କିଛିଟା ପରିବର୍ତ୍ତନ ଦେଖା ଦେଇଥିଲା ଆମ ସମାଜରେ । ବୈଜ୍ଞାନିକ ଉଦ୍ଭାବନ, ସାହିତ୍ୟ, ବିଜ୍ଞାନ ଓ କଳା କ୍ଷେତ୍ରରେ ଉନ୍ନତି ଏବଂ ଆବିଷ୍କାର ଦ୍ୱାରା ମନୁଷ୍ୟ ମନରେ ଅଧିକା ପାଇବାର ଆଶା ଜାଗ୍ରତ ହେଲା । ଏଣୁ ମନୁଷ୍ୟ ବିଭିନ୍ନ ଉପାୟରେ ଅନ୍ୟକୁ ଶୋଷଣ କରିବାକୁ ଲାଗିଲା । ଏଇଠି ସୃଷ୍ଟି ହେଲା ଶୋଷିତ ଏବଂ ଶୋଷକ ଦୁଇଟି ଗୋଷ୍ଠୀ ସମାଜରେ ।

ସଭ୍ୟତାର ବିକାଶ ଯେତେ ପରିମାଣରେ ଘଟିଥିଲେ ମଧ୍ୟ ପୃଥିବୀର ଅଧିକାଂଶ ରାଷ୍ଟ୍ର ବିଶେଷ କରି ଏସିଆ ଏବଂ ଆଫ୍ରିକା ମହାଦେଶରେ ଅନେକ ଅଞ୍ଚଳର ଲୋକମାନେ ଅନୁନ୍ନତ ଥିଲେ । ତେଣୁ ଏହି ଶୋଷଣ ଉକ୍ତ ଦୁଇ ମହାଦେଶରେ ଅଧିକ ପରିମାଣରେ ଦୃଷ୍ଟିଗୋଚର ହୋଇଥିଲା । ଆମେରିକାର ସ୍ୱାଧୀନତା ସଂଗ୍ରାମ, ଫରାସୀ ରାଷ୍ଟ୍ର ବିପ୍ଳବ, ଇଟାଲୀ ଏବଂ ଜର୍ମାନୀ ଏକତ୍ରୀକରଣ ପରେ ଏଇ ଶୋଷକ ଏବଂ ଶୋଷିତ ଗୋଷ୍ଠୀର ପତନ ଦେଖାଦେଇଥିଲା । ପୃଥିବୀ ପୃଷ୍ଠରେ ଇଂଲଣ୍ଡ ପ୍ରାୟ ସବୁରାଷ୍ଟ୍ରରେ ଉପନିବେଶମାନ ପ୍ରତିଷ୍ଠା କରି ଶୋଷଣ ଚଳାଇବାର ନଜିର ଆମେ ଇତିହାସରୁ ପାଉ ଏବଂ ଆଫ୍ରିକାର 'ଲିସ୍‌ବନ' ସହର ଶୋଷିତମାନଙ୍କୁ ବିଭିନ୍ନ ଦେଶକୁ ପଠାଇବାର ମୁଖ୍ୟ କେନ୍ଦ୍ର ଥିଲା । 'ପୁଞ୍ଜିବାଦ'ର ସୃଷ୍ଟି ପରେ ପୁଞ୍ଜିପତିମାନେ ନିଜର କଳକାରଖାନାରେ ଅଧିକ ସମୟ ଖଟାଇ ଅଳ୍ପ ମଜୁରୀ ଦେଇ ଏଇ ଅନୁନ୍ନତ ଅଞ୍ଚଳର ଲୋକମାନଙ୍କୁ ଶୋଷଣ କରୁଥିଲେ । ଆମେରିକାର ସ୍ୱାଧୀନତା ସଂଗ୍ରାମ ପରେ ତତ୍‌କାଳୀନ ରାଷ୍ଟ୍ରପତି ଆବ୍ରାହିମ୍ ଲିଙ୍କନ ଏଇ ଘୃଣିତ ଦାସ ବ୍ୟବସାୟର ପତନ ଘଟାଇଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ରୁଷିଆର ଜାର୍ ଦ୍ୱିତୀୟ ଆଲେକ୍‌ଜାଣ୍ଡର ୧୮୬୧ ଖ୍ରୀଷ୍ଟାବ୍ଦରେ ମଧ୍ୟ ଏହି ଶୋଷିତ 'କୃଷିଭୃତ୍ୟ' ପ୍ରଥା ଉଠାଇ ଦେଇ ଏକ ଆଦର୍ଶ ପ୍ରତିଷ୍ଠା କରିଥିଲେ । ରାଜା ବା ଶାସକମାନଙ୍କର ଚେଷ୍ଟା ସତ୍ତ୍ୱେ ତତ୍କାଳୀନ ସମାଜରେ ଥିବା ସାମନ୍ତ ଏବଂ ଧର୍ମଯାଜକ ଗୋଷ୍ଠୀ, ବାଘ ପାଟିରେ ମାଉଁସ ଲାଗିଲେ ଯେପରି ସେ ପ୍ରକୃତି ଛାଡ଼ିବା କଷ୍ଟ, ଠିକ୍ ସେହିପରି ଭାବରେ ସେମାନେ ଶୋଷଣ କରିବା ମନୋବୃତ୍ତିରୁ ନିବୃତ୍ତ ହେବା ବହୁ କଷ୍ଟରେ ଥିଲା ସେମାନଙ୍କ ପକ୍ଷରେ ।

ପୃଥିବୀରେ ବିଭିନ୍ନ ସମୟରେ ଉତ୍ଥାନ ହୋଇଥିବା ଧର୍ମ ସଂସ୍କାରକମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଧର୍ମ ଆନ୍ଦୋଳନ ଦ୍ୱାରା ଏହି ଶୋଷକ ଗୋଷ୍ଠୀଙ୍କର ଏକପ୍ରକାର ବିଲୟ ଘଟିଥିଲା । ଧର୍ମକ୍ଷେତ୍ରରେ କିନ୍ତୁ ସମାଜ ଶାସନ କ୍ଷେତ୍ରରେ ଶୋଷଣ ପ୍ରାୟ ଲାଗି ରହିଥିଲା । ଅତି ଦୟନୀୟ ଭାବରେ ବସବାସ କରୁଥିବା ଉପଯୁକ୍ତ ଖାଦ୍ୟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ଅତି ସାଧାରଣ ଭାବରେ ଆବଶ୍ୟକ କରୁଥିବା ଉପାଦାନ ପାଇବା ପାଇଁ ସେମାନେ ସ୍ୱର ଉତ୍ତୋଳନ କଲେ ଅତ୍ୟାଚାରିତ ହେଉଥିଲେ । ଏହି ଅତ୍ୟାଚାରର ନଜିର ଆମେ ବିଶ୍ୱପ୍ରସିଦ୍ଧ 'ରୁଷ ବିପ୍ଳବ' ଘଟଣାରୁ ଜାଣିଛେ । ବିଳାସବ୍ୟସନରେ ବୁଡ଼ି ରହୁଥିବା ବ୍ୟକ୍ତି କେବେହେଲେ ଅନ୍ୟର ଦୁଃଖରେ ନିଜକୁ ସାମିଲ କରିପାରେନା । ଏଣୁ ଉପଯୁକ୍ତ ମଜୁରୀ, ଖାଦ୍ୟ ପାଇଁ ଏଇ ପୃଥିବୀ ପୃଷ୍ଠରେ ଅନେକ ବିଦ୍ରୋହ ଘଟିଯାଇଛି ଏବଂ ଶାସକ, ରାଜ୍ୟ ବା ଜାର୍ ବା ସମ୍ରାଟ ଯିଏ ହେଉନା କାହିଁକି ସମସ୍ତଙ୍କୁ ଉପଯୁକ୍ତ ଶିକ୍ଷା ଦେଇପାରିଛି ଶୋଷିତ ଗୋଷ୍ଠୀ । 'ଫେବୃଆରୀ ବିପ୍ଳବ' ଏବଂ 'ଅକ୍ଟୋବର ବିପ୍ଳବ' ଯାହା ଘଟି ଯାଇଥିଲା ୧୯୧୭ ମସିହାରେ ରୁଷିଆର ଜାର୍ ବା ସମ୍ରାଟମାନଙ୍କ ବିରୁଦ୍ଧରେ ଏହାର ଜ୍ୱଳନ୍ତ ଉଦାହରଣ । ସହିବାର ସୀମା ପାର ହୋଇଗଲେ ମନୁଷ୍ୟ କ୍ରୁର ବା ହିଂସ୍ର ହୋଇଉଠେ । ସେ ପ୍ରତିଶୋଧ ନେବା ପାଇଁ ମଉକା ଖୋଜୁଥାଏ । ଏଇଭଳି ଦୁର୍ଗତିରୁ ମନୁଷ୍ୟକୁ ଉଦ୍ଧାର କରିବାରେ ଦାର୍ଶନିକମାନଙ୍କର ଭୂମିକା ଏବଂ ମୁଦ୍ରଣ ଯନ୍ତ୍ର ଉଦ୍ଭାବନ ଦ୍ୱାରା ପୁସ୍ତକ ପ୍ରକାଶନର ସୁବିଧା ମୁଖ୍ୟସ୍ଥାନ ଅଧିକାର କରିଛି । ବିଶ୍ୱପ୍ରସିଦ୍ଧ ଦାର୍ଶନିକ ରଷୋ, ଭଲ୍‌ତୋୟାର, ମଣ୍ଟେସ୍କୁ ଫ୍ରେଡେରିକ୍ ଏଙ୍ଗଲସ୍ ଏବଂ କାଲ୍‌ମାର୍କସ ଏହି ଶୋଷିତ ସମାଜକୁ ଶୋଷକ ଗୋଷ୍ଠୀଙ୍କ କବଳରୁ ରକ୍ଷାକରିବା ପାଇଁ ବହୁ ଗ୍ରନ୍ଥମାନ ରଚନା ପୂର୍ବକ ସେଗୁଡ଼ିକ ସାଧାରଣ ମାନବ ପାଖରେ ପହଞ୍ଚି ପାରିବା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପମାନ ନେଇଥିଲେ ଏବଂ ସେହିମାନଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ୧୯୧୭ ମସିହାରେ ଘଟି ଯାଇଥିଲା ପ୍ରସିଦ୍ଧ 'ରୁଷ

ବିପ୍ଳବ' । ଫଳସ୍ୱରୂପ ସେଠାରେ ଦୀର୍ଘ ୩୦୦ ବର୍ଷର ରାଜତନ୍ତ୍ର ଲୋପ ପାଇ ଗଣତନ୍ତ୍ର ପ୍ରତିଷ୍ଠା ପୂର୍ବକ ଏକ 'ସାମ୍ୟବାଦୀ' ରାଷ୍ଟ୍ର ଭାବରେ ପୃଥିବୀ ପୃଷ୍ଠରେ ଛିଡ଼ା ହୋଇଥିଲା । ଶାସନଭାର ଶୋଷିତ ଶ୍ରମିକ ଏବଂ କୃଷକମାନଙ୍କ ହାତରେ ନ୍ୟସ୍ତ ହୋଇଥିଲା ।

ଏହି ପ୍ରସିଦ୍ଧ 'ରୁଷ ବିପ୍ଳବ' ପରବର୍ତ୍ତୀ ପର୍ଯ୍ୟାୟରେ ଶୋଷିତ ଶ୍ରମିକମାନଙ୍କ ଅବସ୍ଥାର ପରିବର୍ତ୍ତନ ସମଗ୍ର ବିଶ୍ୱରେ ଆଣିବା ପାଇଁ ପ୍ରମୁଖ ରାଷ୍ଟ୍ରର ଶ୍ରମିକ ଏବଂ କୃଷକମାନଙ୍କର ପ୍ରତିନିଧିମାନେ ଏକତ୍ରିତ ହୋଇ ପ୍ରଥମ 'ଆନ୍ତର୍ଜାତିକ ଶ୍ରମିକ ସଂଗଠନ' ଗଠନ କରିଥିଲେ । ପୁନଶ୍ଚ କିଛି ବର୍ଷ ପରେ ବିଶ୍ୱବାସୀଙ୍କୁ ଶ୍ରମିକ ଶ୍ରେଣୀକୁ ଉପଯୁକ୍ତ ମର୍ଯ୍ୟାଦା, ନ୍ୟାୟ ପ୍ରଦାନ ପୂର୍ବକ ଦ୍ୱିତୀୟ ଆନ୍ତର୍ଜାତିକ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଏକତ୍ର ହୋଇଥିଲେ । ଏହି ଆନ୍ତର୍ଜାତିକ ଶ୍ରମିକ ସଂଗଠନର ଡାକରା ଅନୁଯାୟୀ ମେ' ମାସ ଏକ ତାରିଖ ଶ୍ରମିକ ଦିବସ ଭାବେ ପାଳନ ହୋଇଆସୁଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ଗଠିତ ହୋଇଥିଲା 'ମିଳିତ ଜାତିସଂଘ' । ଏହି ଆନ୍ତର୍ଜାତିକ ଅନୁଷ୍ଠାନ ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରର ପ୍ରତିନିଧିତ୍ୱ କରୁଅଛି ଏବଂ ଆଜି ପର୍ଯ୍ୟନ୍ତ ସେଥିରେ କାର୍ଯ୍ୟ କରୁଥିବା ୬ଟି ସଂସ୍ଥା ଭିତରୁ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ବା International Labour Organisationକୁ ସ୍ୱୀକୃତି ପ୍ରଦାନ ପୂର୍ବକ ମେ-୧ ତାରିଖକୁ 'ଶ୍ରମିକ ଦିବସ' ରୂପେ ପାଳନ କରିଆସୁଛି । ଏହି ବିଶ୍ୱ ଅନୁଷ୍ଠାନ ଆଜି ଶୋଷିତ ଶ୍ରମିକମାନଙ୍କୁ ନୂତନ ଜୀବନ ଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ବିଭିନ୍ନ ଦାବୀ ସଂପର୍କରେ ମଧ୍ୟ ସଚେତନ ଅଛି । ଏଣୁ ଆଜି ଆନ୍ତର୍ଜାତିକ ସ୍ତରରୁ ଆରମ୍ଭ କରି ଗ୍ରାମ ପର୍ଯ୍ୟନ୍ତ ସମସ୍ତ ଶ୍ରମିକଗୋଷ୍ଠୀ ଜରିଆରେ ଶ୍ରମିକମାନଙ୍କର ବିଭିନ୍ନ ଦାବୀ ହାସଲ କରାଯାଇପାରୁଛି । ନାରୀ ଶ୍ରମିକ ଏବଂ ପୁରୁଷ ଶ୍ରମିକମାନଙ୍କର ପାରିଶ୍ରମିକ ସମୟକ୍ରମେ ଧାର୍ଯ୍ୟ କରାଯାଉଛି । ଏଥିପାଇଁ ଦେଶସ୍ତରରେ, ରାଜ୍ୟସ୍ତରରେ ଏବଂ ଜିଲ୍ଲା, ସବ୍‌ଡିଭିଜନ ସ୍ତରରେ ପ୍ରତ୍ୟେକ ଅନୁଷ୍ଠାନ ଏବଂ ବ୍ୟକ୍ତି ଖୁବ୍ ସଚେତନ ହୋଇପାରିଛନ୍ତି । ବିଭିନ୍ନ ସ୍ତରରେ କାର୍ଯ୍ୟରତ ଶ୍ରମିକମାନେ ନିଜର ଦାବୀ ହାସଲ ପାଇଁ ଆବଶ୍ୟକ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇ ଆସୁଛନ୍ତି ସେମାନଙ୍କର ନେତୃବୃନ୍ଦଙ୍କ ଆହ୍ୱାନ କ୍ରମେ ।

ସ୍ୱାଧୀନ ଭାରତରେ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଦେଶର ପ୍ରଗତି ପାଇଁ ଏହି କୃଷକ, ଶ୍ରମିକ ବା କର୍ମଚାରୀ ଗୋଷ୍ଠୀ ବିଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ ପୂର୍ବକ ନିଜର ଦାବୀ ହାସଲ କରିପାରିଛନ୍ତି । କିପରି ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ପାଇପାରିବେ, ଶ୍ରମ ବିନିଯୋଗ ପୂର୍ବକ ଉପଯୁକ୍ତ ମଜୁରୀ ପାଇପାରିବେ, ସେଥିପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରିଆସୁଛନ୍ତି ।

୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା । ସ୍ୱାଧୀନତା ଲାଭ ପରେ ସ୍ୱାଧୀନ ସରକାର ଗଠନ କରାଯାଇ ସମାଜର ଉନ୍ନତି, କୃଷକ, ଶ୍ରମିକ, ଖଟିଖିଆଙ୍କର ଉନ୍ନତି ଉପରେ ନିର୍ଭର କରେ ବୋଲି ଧରି ନେଇ ଓଡ଼ିଶା ଶାସନ କ୍ଷେତ୍ରରେ ଅଧିଷ୍ଠିତ ବିଭିନ୍ନ ଦଳର ଶାସନକର୍ତ୍ତାମାନେ ସମୟକୁ ସମୟ (time to time) ବିଭିନ୍ନ ଯୋଜନାମାନ ପ୍ରଣୟନ କରିଛନ୍ତି । ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଶ୍ରମିକ ଖଟିଖିଆମାନଙ୍କର ଭାଗ୍ୟ ନିର୍ଦ୍ଧାରଣ ପୂର୍ବକ ମଜୁରୀ ବୃଦ୍ଧି କରାଯାଇ ନାରୀ ଓ ପୁରୁଷ ଶ୍ରମିକ ଭିତରେ ଥିବା ଭେଦଭାବକୁ କିଛିମାତ୍ରାରେ ସଙ୍କୁଚିତ କରାଯାଇପାରିଥିଲା । ସେମାନେ ଉପଯୁକ୍ତ ସ୍ଥାନରେ ରହି ସର୍ବନିମ୍ନ ସୁବିଧା ପାଇବାରୁ ବଞ୍ଚିତ କିପରି ନହେବେ ସେଥିପାଇଁ ବିଭିନ୍ନ ପଦକ୍ଷେପମାନ ତାଙ୍କ ସରକାର ନେଇଥିଲା । ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେ ସାଧାରଣ ଜୀବନ ବିତାଉଥିବା ସମାଜର ମୁଖ୍ୟଭାଗର ଉନ୍ନତି କିପରି ହୋଇପାରିବ, ସେଥିପାଇଁ ବିଭିନ୍ନ ପଦକ୍ଷେପମାନ ନେଇଥିଲେ । ଜମି, ଜଳ, ଜଙ୍ଗଲ କିପରି ଶୋଷକ ଗୋଷ୍ଠୀଙ୍କ ହାତରୁ ରକ୍ଷା କରାଯାଇ ସାଧାରଣ ଶ୍ରମିକ, କୃଷକ ଏବଂ ଅନୁନ୍ନତ ସମାଜ ହାତରେ ଦିଆଯାଇ ସେମାନଙ୍କର ମୁହଁରେ ହସ ଫୁଟାଯାଇପାରିବ, ସେଥିପାଇଁ ସେ ଆହ୍ୱାନ ଦେଇଥିଲେ - 'ନିଜର ନ୍ୟାଯ୍ୟ ଦାବୀ ହାସଲ ପାଇଁ ଆବଶ୍ୟକ ପଡ଼ିଲେ ପଥର ଫୋପାଡ଼ି ହାସଲ କର' । ଏଥିରୁ ତାଙ୍କର ମହାନୁଭବତାର ପରିଚୟ ମିଳେ ଶୋଷିତମାନଙ୍କ ପାଇଁ ।

ବର୍ତ୍ତମାନ ସରକାରରେ ଥିବା ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ଶ୍ରୀ ନବୀନ ପଟ୍ଟନାୟକ ସରକାର ମୁଖ୍ୟ ବା ରାଜ୍ୟ ମୁଖ୍ୟମନ୍ତ୍ରୀ ଭାବରେ ପ୍ରତି ବେକାର ଯୁବକଯୁବତୀମାନେ କିପରି ନିଜକୁ ଅନ୍ୟର ବୋଝ ନକରାଇ ନିଜକୁ ସମାଜର ସ୍ରୋତରେ ସାମିଲ କରାଇପାରିବେ, ନିଜର ଭରଣପୋଷଣ କରିପାରିବେ, ସେଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନା ମାଧ୍ୟମରେ ପ୍ରତ୍ୟେକଙ୍କୁ ସ୍ୱାବଲମ୍ବୀ କରାଇପାରିବା ପାଇଁ ପଦକ୍ଷେପ ନେଇଛନ୍ତି । ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଉପଯୁକ୍ତ ମଜୁରୀ ପ୍ରଦାନ ପାଇଁ ସର୍ବନିମ୍ନ ଦେୟ ଧାର୍ଯ୍ୟ କରିଛନ୍ତି । ପୁରୁଷ ଏବଂ ମହିଳା ଶ୍ରମିକମାନଙ୍କର ଉପଯୁକ୍ତ ଥଇଥାନ ବ୍ୟବସ୍ଥାପୂର୍ବକ ସେମାନଙ୍କର ସନ୍ତାନମାନେ କିପରି ମାଗଣାରେ ଶିକ୍ଷା, ସ୍ୱାସ୍ଥ୍ୟ ସହାୟତା ପାଇପାରିବେ ଏବଂ ଉପଯୁକ୍ତ ବାସଗୃହ ପାଇପାରିବେ ସେଥିପାଇଁ ମଧ୍ୟ ବିଭିନ୍ନ ଆଇନ ପ୍ରଣୟନ କରିବା ସହ ଯୋଜନାମାନ ପ୍ରଣୟନ କରିଛନ୍ତି । କାରଣ ଆମ ରାଜ୍ୟ ଏକ କୃଷିଭିତ୍ତିକ ରାଜ୍ୟ । ଏଠି କୃଷକ, ଶ୍ରମିକ, ଖଟିଖିଆ ଦିନ ମଜୁରିଆ କର୍ମଚାରୀମାନଙ୍କର ଉନ୍ନତି ନହେଲେ ତାଙ୍କ ରାଜ୍ୟ ସମଗ୍ର ଭାରତବର୍ଷରେ ଆହୁରି ପଛରେ ପଡ଼ିଯିବ, ଏକଥା ସେ ଉପଲବ୍ଧି କରିଛନ୍ତି । ଜଳ, ଜମି, ଜଙ୍ଗଲ ସୁରକ୍ଷା କେବଳ ସେହିମାନଙ୍କ ଦ୍ୱାରା ସମ୍ଭବ ଶୋଷକ ଗୋଷ୍ଠୀ ଦ୍ୱାରା ନୁହଁ, ଏହା ସେ ଅନୁଭବ କରିଛନ୍ତି । ପ୍ରତିବର୍ଷ 'ଶ୍ରମିକ ଦିବସ' ଉପଲକ୍ଷେ ଶ୍ରମିକମାନଙ୍କ ପାଇଁ ନୂଆ ନୂଆ ଯୋଜନାର ରୂପାୟନ କରିଚାଲିଛନ୍ତି ।


ଏଣୁ ଆଜିର 'ଶ୍ରମିକ ଦିବସ'ରେ ନିଜ ରାଜ୍ୟ, ଦେଶ ତଥା ବିଶ୍ୱର ସମସ୍ତ ଶ୍ରେଣୀର ଶ୍ରମିକମାନଙ୍କର ମଙ୍ଗଳ ନିମନ୍ତେ ଆସନ୍ତୁ ହାତରେ ହାତ ମିଶାଇ ଆଗେଇଯିବା ।

୧୫୨୪, ଗଣ୍ଡମୁଣ୍ଡା
ଖଣ୍ଡଗିରି, ଭୁବନେଶ୍ୱର-୩୦

# ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱର (୧୯୪୮ ମସିହାର ସଂକ୍ଷିପ୍ତ ଇତିହାସ)

ସୁରେନ୍ଦ୍ର ସାହୁ

**ଭୁ**ବନେଶ୍ୱର ପୀଠ ବାରାଣସୀ, କାଶୀପୀଠଠାରୁ ଆହୁରି ପୁରାତନ । ଉତ୍କଳର କେଶରୀ ବଂଶୀୟ ରାଜାମାନେ ଭୁବନେଶ୍ୱରକୁ ଦ୍ୱିତୀୟ ବାରାଣସୀ ରୂପେ ପ୍ରତିଷ୍ଠିତ କରିଥିଲେ । ବହୁ ପୁରାଣରେ ଏହା ବାରାଣସୀ ସମପ୍ରତିଭା ବୋଲି ବର୍ଣ୍ଣିତ ହୋଇଅଛି । ଭୁବନେଶ୍ୱର ନିକଟସ୍ଥ କପିଳେଶ୍ୱର ମନ୍ଦିର ସାମନାରେ ଯେଉଁ ସ୍ନାନଘାଟ ଅଛି ତାହା ମଣିକର୍ଣ୍ଣିକା ଘାଟ ନାମରେ ଅଭିହିତ । ପୂର୍ବେ ଖଣ୍ଡିଗିରି ଦେହରୁ ଗନ୍ଧବତୀ ନାମରେ ଗୋଟିଏ ଅତି କ୍ଷୁଦ୍ର ନଦୀ ଭୁବନେଶ୍ୱର ଗ୍ରାମର ପୂର୍ବ-ପଶ୍ଚିମ ଓ ଉତ୍ତରପଟ ଦେଇ ପ୍ରବାହିତ ହେଉଥିଲା । ସେତେବେଳେ ଏହା ଗଙ୍ଗା ନାମରେ ପରିଚିତ ହେଉଥିଲା । ବର୍ତ୍ତମାନ ଏହାର ଚିତ୍ତାବଷତଃ ସ୍ଥାନେ ସ୍ଥାନେ ନାଳୀ ଆକାରରେ ଅଛି । ପଦ୍ମପୁରାଣରେ ଏହି ଏକାମ୍ର ବନ କଥା ଉଲ୍ଲେଖ ଅଛି । ଏକାମ୍ରପୁରାଣ, ଶିବ ପୁରାଣ, କପିଳ ସଂହିତି ପ୍ରଭୃତିରେ ଭୁବନେଶ୍ୱରର ଅନ୍ୟନାମ ଏକାମ୍ର ବନ ବୋଲି କଥିତ ଅଛି । ପଦ୍ମପୁରାଣରେ ଏହି ଏକାମ୍ର ପୁରାଣ, ଶିବ ପୁରାଣ, କପିଳ ସଂହତି ପ୍ରଭୃତିରେ ଭୁବନେଶ୍ୱରରେ ମହାତ୍ମ୍ୟ ବର୍ଣ୍ଣିତ ଅଛି । ପଦ୍ମପୁରାଣରେ ଲିଖିତ ଅଛି ଯେ, ବିନ୍ଦୁ ସରବରରେ ସ୍ନାନ କଲେ ଏବଂ ଭୁବନେଶ୍ୱରୀଙ୍କୁ ଦର୍ଶନ କଲେ ମନୁଷ୍ୟ ଜ୍ୟୋତିଲୋକଙ୍କୁ ଚାଲିଯାଏ । ବିନ୍ଦୁ ସାଗରର ଚାରିପଟେ ଅନ୍ୟୂନ ୭ ହଜାର ଦେଉଳ ତିଆରି ହୋଇଥିଲା । କେଶରୀ ବଂଶର ରାଜାମାନେ ଏଠାରେ ଏକଲକ୍ଷ ଶିବ ଲିଙ୍ଗ ସ୍ଥାପନ କରିଥିଲେ । କପିଳ ସଭାକାର୍ଯ୍ୟରେ ଏକାମ୍ର କାନନଟି କୋଟି ଲିଙ୍ଗାଭି ପୁରକ କୋଟି ତୀର୍ଥ ସମାଯୁକ୍ତ ବୋଲି ଉଲ୍ଲେଖିତ ଅଛି । ଭୁବନେଶ୍ୱର ଓ ତା'ର ନିକଟବର୍ତ୍ତୀ ପୁରାତନ ଏପରିକି ୨୩ ଶହ ବର୍ଷ ପୂର୍ବରୁ ଏ ସ୍ଥାନ ଖ୍ୟାତ ଲାଭ କରିଥିଲା । ଇତିହାସରେ ବର୍ଣ୍ଣିତ ଅଛି ଯେ, ଖ୍ରୀଷ୍ଟାବ୍ଦ ୪୭୪ ମସିହାରେ କେଶରୀ ବଂଶର ପ୍ରତିଷ୍ଠାତା ଗଜପତି କେଶରୀ ରାଜତ୍ୱ ଆରମ୍ଭ କଲେ ଏବଂ ୧୧୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କେଶରୀ ବଂଶର ୪୩ଟି ବଂଶ ରାଜତ୍ୱ କରିଥିଲେ । କଥିତ ଅଛି ଯେ, ବୌଦ୍ଧ ଶୈବମାନଙ୍କ ଭିତରେ ଦେଢ଼ଶହ ବର୍ଷ ପର୍ଯ୍ୟନ୍ତ ଭିଡ଼ାଓଟରା ଚାଲିଥିଲା । କେଶରୀ ବଂଶୀୟ ଦଳପତି ନିଜେ ଶୈବ ଥିବାରୁ ତାଙ୍କ ପ୍ରାଧାନ୍ୟ ପ୍ରତିଷ୍ଠିତ ହେଲା । ସେ ଭୁବନେଶ୍ୱରକୁ ତାଙ୍କର ରାଜଧାନୀ କରି ବିରାଟ ଭୁବନେଶ୍ୱର ମନ୍ଦିର ସେଠାରେ ପ୍ରତିଷ୍ଠା କଲେ ଏବଂ ବୌଦ୍ଧ ଶ୍ରବଣମାନେ ନିକଟବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରିରେ ଆଶ୍ରୟ ନେଇ ତାଙ୍କ ଧର୍ମ ଚର୍ଚ୍ଚାରେ ଲାଗିଥିଲେ । ଐତିହାସିକ ମି. ହଣ୍ଟର ଉଲ୍ଲେଖ କରିଛନ୍ତି । As Bhubaneswar was the political capital of the Sivait Dynasty of Orissa so Jajpur was the Metropois of its priests (ଭୁବନେଶ୍ୱର ଓଡ଼ିଶାର ଶୈବ ରାଜବଂଶର ରାଜନୈତିକ ରାଜଧାନୀ ଯେପରି ଥିଲା ଯାଜପୁର ଶୈବ ଧର୍ମାବଲମ୍ବୀ ପୂଜକ ପଣ୍ଡିତମାନଙ୍କର ସେହିପରି ପୀଠସ୍ଥଳୀ ଥିଲା) । ଭୁବନେଶ୍ୱର ପୀଠ ଖ୍ରୀଷ୍ଟାବ୍ଦ ୪୫୭ରୁ ପ୍ରତିଷ୍ଠିତ ହୋଇ ଏବଂ ବିରାଟ ଭୁବନେଶ୍ୱର ମନ୍ଦିର ୧୦୯୯ ଖ୍ରୀଷ୍ଟାବ୍ଦରୁ ୧୧୦୪ ଖ୍ରୀଷ୍ଟାବ୍ଦ ଭିତରେ ନିର୍ମିତ ହୋଇ ପୂର୍ଣ୍ଣାଙ୍ଗ ଲାଭ କରିଥିଲା । ଐତିହାସିକ ଆର.ବି. ବାନାର୍ଜୀ ଖଣ୍ଡଗିରି, ଉଦୟଗିରି ବିଷୟରେ କହିଛନ୍ତି ଯେ, ଲଲାଟେନ୍ଦୁ କେଶରୀ ଗୁମ୍ଫାଠାରୁ ଯେଉଁ ଶିଳାଲିପି ମିଳିଛି ସେଥିରେ ଖଣ୍ଡଗିରିକୁ କୁମାର ଓ ଉଦୟଗିରିକୁ କୁମାରତ୍ୱ ବୋଲି ବର୍ଣ୍ଣନା କରାଯାଇଛି । ମୋଟ ଉପରେ ବୌଦ୍ଧ ଯୁଗରୁ ଆରମ୍ଭ କରି ଗଙ୍ଗ ବଂଶର ରାଜତ୍ୱ ପର୍ଯ୍ୟନ୍ତ ଏକାମ୍ର ବନ ବା ଭୁବନେଶ୍ୱରକୁ ବା ତା'ର ନିକଟବର୍ତ୍ତୀ ଅଞ୍ଚଳ ଓଡ଼ିଆ ସଭ୍ୟତା ଓ ସଂସ୍କୃତିର ସର୍ବଶ୍ରେଷ୍ଠ କ୍ଷେତ୍ର ଥିଲା । ଧର୍ମ, ସାହିତ୍ୟ, ଶିଳ୍ପ, କାରୁକାର୍ଯ୍ୟ, ଶିକ୍ଷାସବୁର କେନ୍ଦ୍ରସ୍ଥଳୀ ଥିଲା ଏବଂ ସବୁଥିରେ ପରାକାଷ୍ଠା ଲଭିଥିଲା । ଭୁବନେଶ୍ୱରର ଅନତି ଦୂରରେ ପୁଷ୍ପଗିରି ନାମକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ଥିଲା । ଏ ବିଶ୍ୱବିଦ୍ୟାଳୟରେ ଯୋଗ ଦର୍ଶନ ଚର୍ଚ୍ଚା ଶିର୍ଷସ୍ଥାନ ଲାଭ କରିଥିଲା । ସେଥିପାଇଁ ସୁଦୂର ସୁମାତ୍ରା ଦ୍ୱୀପର ଶ୍ରୀବିଜୟ



ବିଶ୍ୱବିଦ୍ୟାଳୟକୁ (ବର୍ତ୍ତମାନର ସୁଭା ବାୟା) ଏଠାରୁ ଦୁଇଜଣ ପଣ୍ଡିତ ଯାଇ ଚୀନ, ଜାପାନ ବିଦ୍ୟାର୍ଥୀମାନଙ୍କୁ ଯୋଗ ଦର୍ଶନ ବିଷୟରେ ଶିକ୍ଷା ଦେଉଥିଲେ ।

ଯେଉଁ ଭୁବନେଶ୍ୱରରେ କାରୁକାର୍ଯ୍ୟ ଓ ସ୍ଥାପତ୍ୟ ଅଦ୍ୱିତୀୟ ଓ ପୃଥିବୀ ବିଖ୍ୟାତ ଏବଂ ଉତ୍କଳ ସଭ୍ୟତା ଓ ସଂସ୍କୃତିର ବହୁ ଶତାବ୍ଦୀ ଧରି କେନ୍ଦ୍ର ଥିଲା ଏବେ କାଳକ୍ରମେ ଭଗ୍ନାବଶେଷରେ ପରିଣତ ହୋଇଛି । ଆଜି ସେଇ ଭୁବନେଶ୍ୱର ପୀଠରେ ସ୍ୱାଧୀନ ଭାରତର ଅଙ୍ଗ ସ୍ୱାଧୀନ ଉତ୍କଳର ରାଜଧାନୀ ପ୍ରତିଷ୍ଠିତ ହୋଇଛି ତାହା ଦୀର୍ଘରେ ୧୨/୧୪ ମାଇଲ ଓ ଓସାରରେ ୮/୧୦ ମାଇଲ ହେବ । ଭୁବନେଶ୍ୱର ଗୋଡ଼ି ଭୂଇଁ ଓ ପାହାଡ଼ିଆ ଅଞ୍ଚଳ । ବିଖ୍ୟାତ ଗୌରୀକୁଣ୍ଡ ପ୍ରସ୍ରବଣ ଏଠାରେ ରହିଛି । ଦୟାନଦୀଠାରୁ ଏହା ଦୁଇ ମାଇଲ୍ ଦୂରରେ ଅବସ୍ଥିତ । ଭୁବନେଶ୍ୱର ସ୍ୱାସ୍ଥ୍ୟ ନିବାସ ନାମରେ ସୁଖ୍ୟାତି ଲଭିଛି । ୧୯୪୬ରେ ଗୋଖେଲ ଓଡ଼ିଶା ସରକାରଙ୍କ ପରାମର୍ଶଦାତା ଥିବାବେଳେ ବୃହତ୍ତର କଟକ ନାମରେ ଗୋଟିଏ ଯୋଜନା ପ୍ରକାଶ କରିଥିଲେ ଏବଂ ଓଡ଼ିଶାର ରାଜଧାନୀ ଏହି ଭୁବନେଶ୍ୱରଠାରେ ପ୍ରତିଷ୍ଠିତ ହେବ । ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟ ସେଠାରେ ପ୍ରତିଷ୍ଠିତ ହେବ । ହାଇକୋର୍ଟ ଆଦି ବିଚାର ବିଭାଗ କଟକରେ ରହିବ ଏବଂ କଟକ ଓ ଚୌଦ୍ୱାର ବାଣିଜ୍ୟ ବ୍ୟବସାୟ ଓ ଶିଳ୍ପକେନ୍ଦ୍ର ଏବଂ କଟକ ସହର କ୍ରମେ ଭୁବନେଶ୍ୱର ପର୍ଯ୍ୟନ୍ତ ବଢ଼ି ବଢ଼ି ଲାଗିଯିବ ବୋଲି ସେ ତାଙ୍କ ଯୋଜନାରେ କଳ୍ପନା କରିଥିଲେ । ଏହି ଭୁବନେଶ୍ୱର ପୀଠର ବୃହତ୍ତର ଉତ୍କଳ ଶାସନ କିପରି ନିୟନ୍ତ୍ରିତ ହେବ ଏବଂ ଭାରତୀୟ ଓ ପ୍ରାଦେଶିକ ରାଜପଥମାନ କିପରି କଟକ-ଭୁବନେଶ୍ୱର ସହିତ ସଂଶ୍ଳିଷ୍ଟ ରହି ନିର୍ମିତ ହେବ ସେସବୁ ମାନଚିତ୍ର ସହିତ ସେ ପ୍ରତିନିଧି ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ । ତାଙ୍କରି ଅମଳରେ ଦୟାନଦୀ ଉପରେ ପୋଲ ତିଆରି ଶୁଭ ଦିଆଯାଇଥିଲା ଏବଂ ୧୯୪୬ ମାର୍ଚ୍ଚ ୧୫ ତାରିଖରେ ଶ୍ରୀଯୁକ୍ତ ଗୋଖେଲ ଓ ଶ୍ରୀଯୁକ୍ତ ଖୋସଲାଙ୍କ ଉଦ୍ୟମ ପରେ ପରେ ଭୁବନେଶ୍ୱରଠାରେ ନୂତନ ପ୍ରସ୍ତାବିତ ରାଜପଥ ଶୁଭ ମଧ୍ୟ ଦିଆଯାଇଥିଲା ।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଓଡ଼ିଶାର ରାଜଧାନୀ କେଉଁଠାରେ ହେବ ସେ ବିଷୟରେ ନାନାପ୍ରକାର ବାଦାନୁବାଦ ଚାଲିଥିଲା । କଟକ, ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଓ ରଙ୍ଗେଇଲୁଣ୍ଡା ପ୍ରଭୃତି ବିଭିନ୍ନ ସ୍ଥାନ ପ୍ରସ୍ତାବିତ ହୋଇ ଶେଷରେ କମିଟି ବସି କଟକ ଚୌଦ୍ୱାର ରାଜଧାନୀ ହେଉ ବୋଲି ଉକ୍ତ କମିଟି ସୁପାରିଶ କରିଥିଲେ । ପ୍ରଥମେ କଂଗ୍ରେସ ମନ୍ତ୍ରିମଣ୍ଡଳ ବେଳେ ଏ ରିପୋର୍ଟ ଆଲୋଚିତ ହୋଇ କଟକ ଚୌଦ୍ୱାର ରାଜଧାନୀ ହେବ ବୋଲି ଓଡ଼ିଶା ଆସେମ୍ବ୍ଲିରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ପରେ ପରେ ଯୁଦ୍ଧ ଆସିଲା । ଚୌଦ୍ୱାରରେ ଉଡ଼ାଜାହାଜ ଘାଟି ତିଆରି ହେଲା । ଯୁଦ୍ଧ ପରେ ଚୌଦ୍ୱାର ଅଂଚଳ ଶିଳ୍ପ କାରଖାନା ପାଇଁ ପ୍ରଶସ୍ତ ଏବଂ ଭୁବନେଶ୍ୱର ରାଜନୈତିକ ରାଜଧାନୀ ପାଇଁ ପ୍ରଶସ୍ତ ହେବ ବୋଲି ଗୋଖେଲ ଯୋଜନା ପ୍ରକାଶ ପାଇବା ପରେ କ୍ରମେ ସେ ବିଷୟରେ ଯୁଦ୍ଧ ପରି ପୁନର୍ଗଠନ ସଂକ୍ରାନ୍ତରେ ଆଲୋଚନା ହୋଇ ଭୁବନେଶ୍ୱରକୁ ରାଜଧାନୀ କରିବାର ପ୍ରସ୍ତାବ ଲୋକ ପ୍ରତିନିଧି କଂଗ୍ରେସ ସରକାର ଅନୁମୋଦନ କଲେ । ଭାରତ ସରକାର ଏ ରାଜଧାନୀ ନିର୍ମାଣ ପାଇଁ ୧ କୋଟି ୮୫ ଲକ୍ଷ ଟଙ୍କା ସାହାଯ୍ୟ ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ତଦନୁସାରେ ଭୁବନେଶ୍ୱର ରାଜଧାନୀ ନିର୍ମାଣ ପାଇଁ ଗୋଟିଏ ସ୍ୱତନ୍ତ୍ର ସର୍କଲ ଗଢ଼ାଗଲା । ଜଣେ ସୁପରିଟେଣ୍ଡିଂ ଇଞ୍ଜିନିୟର ନିଯୁକ୍ତି ହୋଇ ତାଙ୍କ ତଳେ ଗୋଟିଏ ପୂର୍ଣ୍ଣାଙ୍ଗ ପି.ଡବ୍ଲୁ.ଡି. ଗଠନ ରଖାଗଲା । ମହୀଶୂର ରାଜ୍ୟରୁ ଆସିଥିବା ନଗର ନିର୍ମାଣ ବିଶେଷଜ୍ଞ ରାଜଧାନୀ ନିର୍ମାଣ ସ୍ଥାନ ବା ଯୋଜନା ତିଆରି କଲେ । ଭୁବନେଶ୍ୱର ତଥା ଉତ୍କଳର ପୁରାତନ କାରୁକାର୍ଯ୍ୟ ଓ ସ୍ଥାପତ୍ୟକୁ ସ୍ଥାନ ଦେବା ସଂଗେସଂଗେ ଆଧୁନିକ ନିର୍ମାଣ ପରିପାଟୀ ଏଥିରେ ଯେପରି ସ୍ଥାନ ପାଇବ ସେପରି ରାଜଧାନୀ ନକ୍ସାରେ ତା'ର ବ୍ୟବସ୍ଥା କରାଯାଇଥିଲା ।

କିନ୍ତୁ ଶାସନଗତ ଅପାରଗତା ଯୋଗୁଁ କିମ୍ବା ସ୍ଥପତିମାନଙ୍କର ଅଭିଜ୍ଞତାର ଅଭାବ ଯୋଗୁଁ ହେଉ ପରବର୍ତ୍ତୀ କାଳରେ ରାଜଧାନୀ ଭୁବନେଶ୍ୱର ସହରର ନକ୍ସା ବଦଳିଗଲା । ଯାହାଫଳରେ ଭୁବନେଶ୍ୱର ସହର ଚଣ୍ଡୀଗଡ଼ ବା ବାଙ୍ଗାଲୋର ସହର ଭଳି ନହୋଇ ଏକ ଭିନ୍ନ ଗାଁରେ ପରିଣତ ହୋଇଗଲା । ବହୁ କୋଠାଘର ସାଙ୍ଗକୁ ବହୁ ସଂଖ୍ୟକ ମହାବିଦ୍ୟାଳୟ, ପାର୍କ ପ୍ରଶସ୍ତ ରାସ୍ତାଦ୍ୱାରା ବିମଣ୍ଡିତ ହୋଇ ଏବେ ଭୁବନେଶ୍ୱର ଏକ ଭୂସାଗରୀୟ ରୂପ ନେଇଛି । ଜନସଂଖ୍ୟା ମଧ୍ୟ ବହୁସଂଖ୍ୟାରେ ବୃଦ୍ଧି ପ୍ରାପ୍ତ ହୋଇଛି । ସରକାର ଏହି ଐତିହାସିକ ସ୍ଥାନର ଉନ୍ନତି ପ୍ରତି ଅଧିକ ଦୃଷ୍ଟି ଦେଇ ଏହା ଭାରତର ଅନ୍ୟତମ ପ୍ରଖ୍ୟାତ ସହରର ରୂପ ଦିଅନ୍ତୁ ଏହା ହିଁ ଆଜିର ଏହି ରାଜଧାନୀ ପ୍ରତିଷ୍ଠା ଦିବସରେ କାମନା ।

**ଓଡ଼ିଶାର ରାଜଧାନୀ ଓ ଡକ୍ଟର ହରେକୃଷ୍ଣ ମହତାବ**

୧୯୩୬ରୁ ୧୯୪୬ ମସିହା ଭିତରେ ଓଡ଼ିଶାର ରାଜଧାନୀ ନିର୍ମାଣ ଲାଗି ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ ନିମନ୍ତେ ବିଭିନ୍ନ କମିଟି ବସି ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ଭିନ୍ନ ଭିନ୍ନ ସ୍ଥାନର ପ୍ରସ୍ତାବମାନ ଆଗତ ହୋଇଥିଲେ ସୁଦ୍ଧା ୧୯୪୬ ମସିହା ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ମତାମତ ଗୃହୀତ ହୋଇ ପାରିନଥିଲା । କିନ୍ତୁ ହରେକୃଷ୍ଣ ମହତାବ ସର୍ବସମ୍ମତି କ୍ରମେ କଂଗ୍ରେସ ଦଳର ନେତା ନିର୍ବାଚିତ ହେବା ପରେ ସେ ଆଗତ ହୋଇଥିବା ବିଭିନ୍ନ ପ୍ରସ୍ତାବମାନଙ୍କୁ ସହାନୁଭୂତିର ସହିତ ବିଚାର କରି ସିଦ୍ଧାନ୍ତ ନେଇଥିଲେ ଯେ, ବିଭିନ୍ନ ଦୃଷ୍ଟିକୋଣରୁ ଭୁବନେଶ୍ୱର ହିଁ ଓଡ଼ିଶାର ରାଜଧାନୀ ପାଇଁ ଏକ ଉପଯୁକ୍ତ ସ୍ଥାନ । ତା'ପରେ ୧୯୪୬ ମସିହା ସେପ୍ଟେମ୍ବର ୩୦ ତାରିଖରେ ବିଧାନସଭାରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଯେହେତୁ ଭୁବନେଶ୍ୱରରେ ହିଁ ଓଡ଼ିଶାର ରାଜଧାନୀ ରହିବ, ତେଣୁ ଯେତେ ଶୀଘ୍ର ସମ୍ଭବ ରାଜଧାନୀ ନିମିତ୍ତ ଆବଶ୍ୟକୀୟ ଗୃହମାନ ନିର୍ମାଣ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନିଆଯାଉ ।

ସରକାରଙ୍କ ଏହି ନିଷ୍ପତ୍ତି ଉପରେ ମହତାବ ତାଙ୍କର ଏକ ଦୀର୍ଘ ବକ୍ତବ୍ୟ ମାଧ୍ୟମରେ ଉଲ୍ଲେଖ କରିଥିଲେ ଯେ, 'ସରକାର ଭୁବନେଶ୍ୱରକୁ ହିଁ ଓଡ଼ିଶାର ରାଜଧାନୀ ପାଇଁ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦେବାର କାରଣ ହେଉଛି, ଏଠାରେ ପୃଥିବୀ ଯୁଦ୍ଧ ସମୟର ନିର୍ମାଣ ହୋଇଥିବା ବିଭିନ୍ନ କୋଠା ଶସ୍ତା ଏବଂ ସୁଲଭ ଦରରେ ମିଳିବାର ସମ୍ଭାବନା ଥିବା ସଂଗେସଂଗେ ଭୁବନେଶ୍ୱରର ଖାସ ମହାଲ ଅଞ୍ଚଳରେ ବହୁତ ଅଦରକାରୀ ଏବଂ କୃଷି ଅନୁପଯୋଗୀ ଜମି ରହିଛି ଏବଂ ଭୁବନେଶ୍ୱରକୁ ଓଡ଼ିଶାର ବିଭିନ୍ନ ସହର ସହିତ ଯୋଗାଯୋଗ ନିମନ୍ତେ ସଂପୂର୍ଣ୍ଣ ରାଜପଥ ଏବଂ ପୋଲର ସୁବିଧା ଅଛି ।

ଏତଦ୍‌ବ୍ୟତୀତ ଓଡ଼ିଶାର ଅନ୍ୟ ଅଞ୍ଚଳ ଅପେକ୍ଷା ଯେହେତୁ ଭୁବନେଶ୍ୱର ଆଖପାଖରେ ବହୁଳ ଭାବେ ପଥର ଏବଂ ଅନ୍ୟାନ୍ୟ ଉପକରଣ ସୁବିଧା ରହିଛି, କୋଠାବାଡ଼ି ନିର୍ମାଣ ନିମନ୍ତେ ଏହା ଶସ୍ତା ଏବଂ ସୁଲଭ ଦରରେ ମିଳିପାରେ । ଆମେ ଆମର ଅର୍ଥନୈତିକ ଦିଗକୁ ଅଧିକ ଦୃଷ୍ଟିଦେବା ଦରକାର । କାରଣ, କେନ୍ଦ୍ରରୁ ଆର୍ଥିକ ସାହାଯ୍ୟ ପାଇବା ଦିଗରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ନାହିଁ । ତା'ଛଡ଼ା ସ୍ୱାସ୍ଥ୍ୟକର ଜଳବାୟୁ ତଥା କଳା ଏବଂ ସଂସ୍କୃତିର ସହର ମନ୍ଦିରମାଳିନୀ ଭୁବନେଶ୍ୱର ଯେହେତୁ କଳିଙ୍ଗର ଅତୀତ ଇତିହାସର ମୂକସାକ୍ଷୀ । ତେଣୁ ଏହା ଯେ, ଭବିଷ୍ୟତରେ କଳିଙ୍ଗର ଦାୟାଦମାନଙ୍କୁ ଆଗ୍ରହ, ଉତ୍ସାହ ତଥା ନୂତନ ଉନ୍ମାଦନା ପ୍ରଦାନ କରି ଓଡ଼ିଶାକୁ ପ୍ରଗତିପଥରେ ଆଗେଇ ନ ନେବ, ଏକଥା କିଏ କହିପାରିବ ? ଏହା ଥିଲା ମହତାବଙ୍କର ଦୂରଦୃଷ୍ଟି ।

ତାଙ୍କର ଭାଷା ଶୈଳୀରେ କି ଯାଦୁଥିଲା କେଜାଣି । ସେଦିନ ତାଙ୍କର ବକ୍ତବ୍ୟରେ ସମସ୍ତ ସଭ୍ୟ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ ଏବଂ ରାୟବାହାଦୂର ଲୋକନାଥ ମିଶ୍ର କହିଥିଲେ, 'ସେ ମହତାବଙ୍କ ମତରେ ଏକଶତ, ବର୍ତ୍ତମାନ ପରିସ୍ଥିତିରେ ଭୁବନେଶ୍ୱର ହିଁ ଓଡ଼ିଶା ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ । ଏହା ଗୃହରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇ ନୂତନ ରାଜଧାନୀ ନିର୍ମାଣ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବା ନିମନ୍ତେ କେନ୍ଦ୍ରକୁ ସୁପାରିଶ କରାହୋଇ ଏକ ବିରାଟ ସମସ୍ୟାର ସମାଧାନ କରାଯାଇପାରିଥିଲା ।

୨ଆର୍‌ଏ -୯/୬
ୟୁନିଟ୍‌-୯, ଫ୍ଲାଟ, ଭୁବନେଶ୍ୱର

# ଓଡ଼ିଶାରେ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା

## ମୃତ୍ୟୁହାର ୭୭କୁ ହ୍ରାସ

ଓଡ଼ିଶାରେ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ ପାଉଛି । ଭାରତର ମହାନିବନ୍ଧକଙ୍କ ସାମ୍ପୁଲ୍ ରେଜିଷ୍ଟ୍ରେସନ୍ ବ୍ୟବସ୍ଥାରେ ୨୦୦୪ ପାଇଁ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ଓଡ଼ିଶାରେ ଶିଶୁ ମୃତ୍ୟୁହାର ପ୍ରତି ଏକ ହଜାର ଜନ୍ମିତ ଶିଶୁଙ୍କ ମଧ୍ୟରେ ୭୭କୁ ହ୍ରାସ ପାଇଛି । ୨୦୦୨ରେ ଏହି ମୃତ୍ୟୁହାର ୮୭ ଥିବାବେଳେ ୨୦୦୩ରେ ୮୩କୁ ହ୍ରାସ ପାଇଥିଲା । ସର୍ବଭାରତୀୟ ସ୍ତରରେ ୨୦୦୪ରେ ଶିଶୁ ମୃତ୍ୟୁହାର ୨ ହ୍ରାସ ହୋଇଥିବା ବେଳେ ଓଡ଼ିଶାରେ ୬ ହ୍ରାସ ଏକ ଉଲ୍ଲେଖନୀୟ ସଫଳତା । ଫଳରେ ଓଡ଼ିଶା ଦେଶର ସର୍ବାଧିକ ଶିଶୁ ମୃତ୍ୟୁ ଘଟୁଥିବା ରାଜ୍ୟ ଭାବେ ଯେଉଁ ପରିଗଣିତ ହେଉଥିଲା, ସେଥିରେ ଅବସାନ ଘଟିଛି ।

ନବଜାତ ଶିଶୁ ମାତୃ ମୃତ୍ୟୁହାର ହ୍ରାସ ପାଇଁ ବର୍ତ୍ତମାନ ରାଜ୍ୟ ସରକାର ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ଏଥିପାଇଁ ୨୦୦୧ ଅଗଷ୍ଟ ମାସରୁ ଶିଶୁ ମୃତ୍ୟୁହାର ହ୍ରାସ ମିଶନ୍ କାର୍ଯ୍ୟକାରୀ କରି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ଏବଂ ତା'ର ସୁଫଳ ବର୍ତ୍ତମାନ ମିଳିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି । ମନ୍ତ୍ରୀ ଶ୍ରୀ ରାଉତରାୟ ସଚିବାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ଶିଶୁ ମୃତ୍ୟୁହାର ହ୍ରାସ ମିଶନ୍ ସାଙ୍ଗକୁ ବର୍ତ୍ତମାନ ନବଜ୍ୟୋତି ଓ ଜନନୀ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରାଯାଉଛି ଏବଂ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ଅଧୀନରେ ୧୨,୭୩୦ ଜଣ ସ୍ୱୀକୃତିପ୍ରାପ୍ତ 'ଆଶା'ଙ୍କୁ ଚିହ୍ନଟ କରାଯାଇଛି । ଏହିସବୁ କାର୍ଯ୍ୟକ୍ରମ ମାଧ୍ୟମରେ ଆନୁଷ୍ଠାନିକ ପ୍ରସବକୁ ପ୍ରୋତ୍ସାହିତ କରାଯିବା ସହ ନବଜାତ ଶିଶୁ ଓ ପ୍ରସୂତିମାନଙ୍କର ଯତ୍ନ ନିଆଯିବାର ବ୍ୟବସ୍ଥା କରାଯାଇଛି । ଖୁବ୍‌ଶୀଘ୍ର ଆମେ ଏହାର ସୁଫଳ ପାଇପାରିବା । ଆସନ୍ତା ୨୦୧୦ ମସିହା ସୁଦ୍ଧା ଶିଶୁ ମୃତ୍ୟୁହାର ୬୦ରୁ କମ୍ କରିବା ନିମନ୍ତେ ଯେଉଁ ଲକ୍ଷ୍ୟ ରଖାଯାଇଛି, ଏହି ଲକ୍ଷ୍ୟ ନିଶ୍ଚିତ ହାସଲ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ରାଉତରାୟ କହିଥିଲେ । ସେହିପରି ସର୍ବଭାରତୀୟ ସ୍ତରରେ ଜନ୍ମହାର ୨୪ ପ୍ରତିଶତ ହୋଇଥିବାବେଳେ ଓଡ଼ିଶାରେ ଏହା ୨୨ ପ୍ରତିଶତ । ବର୍ତ୍ତମାନ ୩୦ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ଏବଂ ୭୦ ପ୍ରତିଶତ ନିଜ ନିଜ ଘରେ ହେଉଛି । ଏହି ଅବସ୍ଥାରେ ପରିବର୍ତ୍ତନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ରବି ନାରାୟଣ ସେନାପତି ଉପସ୍ଥିତ ଥିଲେ ଏବଂ ରାଜ୍ୟରେ ମାତୃ ଓ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ ଦିଗରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।



# ପ୍ରବାଦ ପୁରୁଷ

ବରଦା ପ୍ରସନ୍ନ ଦାସ

**ସଂ**ଗ୍ରାମୀ ଛାତ୍ର ଜୀବନରୁ ପାଇଲଟ ପରେ ବନ୍ଦୀ ଓ ନଜର ବନ୍ଦୀରୁ ରାଜନେତା । ବିଜୁବାବୁଙ୍କ ପରିବାରରୁ ଧର୍ମ ନିରପେକ୍ଷତାର ପରିଚୟ ମିଳେ । ସେମାନେ ତିନି ଭାଇ ଥିଲେ ଓ ଭିନ୍ନ ଭିନ୍ନ ତିନି ଜାତିର କନ୍ୟାଙ୍କୁ ବିବାହ କରିଥିଲେ । ତାଙ୍କ ପରି ସାହସୀ ପାଇଲଟ ଭାରତ କାହିଁକି ସାରା ପୃଥିବୀରେ କମ୍ ଅଛନ୍ତି । ଛାତ୍ର ଜୀବନରେ ଗାନ୍ଧୀ ଓ ଗୋପବନ୍ଧୁଙ୍କ ସାନ୍ନିଧ୍ୟ ଲାଭ ପରେ ପାଇଲଟ ଜୀବନରେ ପଣ୍ଡିତ ଜବାହରଲାଲ ନେହେରୁ ଓ ବିପ୍ଳବୀ ସମାଜବାଦୀ ନେତା ଜୟପ୍ରକାଶ ନାରାୟଣଙ୍କ ସହ ବିଜୁବାବୁଙ୍କ ଘନିଷ୍ଠ ସଂପର୍କ ଗଢ଼ି ଉଠିଥିଲା । ଯାହାଫଳରେ ଓଡ଼ିଶାରେ ବହୁ ଆଖିଦୃଶିଆ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ଭବ ହୋଇପାରିଥିଲା ।

୧୯୪୫ ମସିହାରେ ବିଜୁବାବୁ ଜେଲ୍‌ରୁ ଖଲାସ ହେଲେ । କିନ୍ତୁ ସେ ଜେଲ୍‌ରୁ ଛାଡ଼ ପାଇଲା ପରେ ମଧ୍ୟ ତାଙ୍କ ଉପରେ କଟକଣା ଜାରି ହୋଇଥିଲା । ସେ ନିଜ ବାସସ୍ଥାନଠାରୁ ୩୦ ମାଇଲରୁ ଅଧିକ ଦୂର ଅନ୍ୟ କେଉଁଠିକି ଯାଇ ପାରିବେ ନାହିଁ ବୋଲି ବାରଣ ଥିଲା । ସେଥିପାଇଁ ସେ ମନେ ମନେ କଟକ ଓ ଚୌଦ୍ୱାରକୁ ନିଜର କର୍ମସ୍ଥଳୀ ଭାବେ ବାଛି ନେଇଥିଲେ । ସେତେବେଳେ ଚୌଦ୍ୱାର ଥିଲା ଗୋଟେ ରୁକ୍ଷ ଟାଙ୍ଗରା ଭୂଇଁ । ରାସ୍ତାଘାଟ କିଛି ନାହିଁ । ଚୌଦ୍ୱାରର ଲୁଗାକଳ ଥିଲା ଓଡ଼ିଶାବାସୀଙ୍କୁ ବିଜୁବାବୁଙ୍କ ପ୍ରଥମ ଭେଟି । ତା'ପରେ କଳିଙ୍ଗ ଟ୍ୟୁବସ୍, କଳିଙ୍ଗ ରେଫ୍ରିଜେରେଟରସ୍, କଳିଙ୍ଗ ଇଣ୍ଡଷ୍ଟ୍ରିଜ୍ ଆଦି ଚୌଦ୍ୱାରରେ ଗଢ଼ି ଉଠିଥିଲା । ଶହ ଶହ ଓଡ଼ିଆ ଯୁବକ ଚାକିରି ପାଇଲେ । ଦେଶ ସ୍ୱାଧୀନତା ଆଗରୁ ୧୯୪୬ ମସିହାରେ ବିଜୁବାବୁ ଚୌଦ୍ୱାରରୁ ବିଧାୟକ ହୋଇ ନିର୍ବାଚିତ ହେଲେ । ସେଇ ବର୍ଷଠାରୁ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ ପର୍ଯ୍ୟନ୍ତ ବହୁ ଉତ୍ଥାନ, ପତନ, ସଂଘର୍ଷ ଜୀବନ ମଧ୍ୟରେ ବିଜୁ ପଟ୍ଟନାୟକଙ୍କ ଜୀବନ ଗତି କରିଛି । ବିଜୁବାବୁ ମୁଖ୍ୟମନ୍ତ୍ରୀ ହେଲାବେଳକୁ ତାଙ୍କ ବୟସ ଥିଲା ମାତ୍ର ୪୫ ବର୍ଷ । ଏତେ କମ୍ ବୟସରେ ଓଡ଼ିଶାର କୌଣସି ନେତା ମୁଖ୍ୟମନ୍ତ୍ରୀ ହୋଇନଥିଲେ । ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ଜବାହରଲାଲ ନେହେରୁ । ତାଙ୍କ ସହ ବିଜୁବାବୁଙ୍କର ଖୁବ୍ ଭଲ ସଂପର୍କ ଥିଲା । ଏହାର ସୁଯୋଗ ନେଇ ବିଜୁବାବୁ ଓଡ଼ିଶାର ବହୁତ ଲୋକହିତକର କାମ କରିଥିଲେ । ବିଜୁବାବୁ ଗ୍ରାମପଞ୍ଚାୟତ ଆଇନକୁ ସଂଶୋଧନ କରି ପଞ୍ଚାୟତିରାଜ ଶାସନରେ ମହିଳାମାନଙ୍କ ପାଇଁ ଶତକଡ଼ା ତିରିଶ ଭାଗ ଆସନ ସଂରକ୍ଷଣ କରାଇଲେ । ମାର୍ଚ୍ଚ ୫ ତାରିଖ ଜନ୍ମ ଦିବସକୁ ବିଜୁ ଜୟନ୍ତୀ ଭାବେ ପାଳନ ନକରି ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ପାଇଁ ସେ ସରକାରୀ ନିର୍ଦ୍ଦେଶ ଦେଇଥିଲେ ।

୧୯୯୬ ମସିହାରେ ଲୋକସଭା ନିର୍ବାଚନ ହୋଇଥିଲା । ବିଜୁବାବୁ ଆସିକା ଓ କଟକ ଲୋକସଭା ଆସନରୁ ଦୁଇଟିରେ ଜିଣିଲେ । ଚାଲିଗଲେ ଜାତୀୟ ରାଜନୀତିକୁ । ପ୍ରଧାନମନ୍ତ୍ରୀ ନିର୍ବାଚନରେ ତାଙ୍କର ଭୂମିକା ଥିଲା ସବୁଠାରୁ ବେଶୀ । କେନ୍ଦ୍ରରେ ଏକ ଅଣ କଂଗ୍ରେସ ଓ ଧର୍ମ ନିରପେକ୍ଷ ସରକାର ପ୍ରତିଷ୍ଠାରେ ବିଜୁବାବୁଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ସରକାରରେ କୌଣସି ସଂକଟ ହେଲେ ତାଙ୍କୁ ଡାକ ପଡୁଥିଲା । ସେ କେବଳ ଜନତା ଦଳର ନେତା ନଥିଲେ, ସେ ଥିଲେ ଭାରତୀୟ ରାଜନୀତିର କେନ୍ଦ୍ର ବିନ୍ଦୁ । ଜାତୀୟ ନେତା । କିଙ୍ଗ ମେକର ବିଜୁ ପଟ୍ଟନାୟକ ତାଙ୍କଦ୍ୱାରା ଆନ୍ତର୍ଜାତିକ ବିଜ୍ଞାନ କ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିଙ୍କୁ କଳିଙ୍ଗ ପୁରସ୍କାର ପ୍ରଦାନ ପ୍ରଚଳନ ହୋଇଅଛି ।

ଗୋଟିଏ କାର୍ଯ୍ୟ ତାଙ୍କ ଅଧୁରା ରହିଗଲା । କଳିଙ୍ଗ ଖବରକାଗଜକୁ ଚାଲୁ ରଖିବା । ୧୯୬୦ ମସିହା ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀରେ କଳିଙ୍ଗ ଟ୍ରଷ୍ଟ ତରଫରୁ 'କଳିଙ୍ଗ' ନାମରେ ଏକ ଦୈନିକ ଖବରକାଗଜ ପ୍ରକାଶିତ ହୋଇଥିଲା । ମାତ୍ର ତାହାକୁ ସେ ବଞ୍ଚାଇ ରଖିପାରିଲେନି । ଯଦି ଆଜି ମୁଖ୍ୟମନ୍ତ୍ରୀ ଆସନରେ ଥାଇ ତାଙ୍କ ସୁପୁତ୍ର ଶ୍ରୀଯୁକ୍ତ ନବୀନ ବାବୁ ଓଡ଼ିଶାର ସମସ୍ୟାକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଏକ ଦୈନିକ ଇଂରାଜୀ ଖବରକାଗଜ ପ୍ରକାଶ କରାଇପାରନ୍ତେ ତେବେ ତାହା ତାଙ୍କର ସେଇ ଶୂନ୍ୟସ୍ଥାନଟିକୁ ଯଥାର୍ଥ ଭାବେ ପୂରଣ କରିପାରନ୍ତେ ଓ ତାହା ହିଁ ହୁଅନ୍ତା ବିଜୁବାବୁଙ୍କ ଅମର ଆତ୍ମାପ୍ରତି ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ।


ଡି.ଆଇ.ପି.ଆର୍.ଓ.
ଅନୁଗୋଳ



# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା

ଛବି ମହାନ୍ତି

୭୧ତମ ସ୍ୱତନ୍ତ୍ର ଉତ୍କଳ ଦିବସ ଗଠନରେ ଯେଉଁ କେତେଜଣ ଓଡ଼ିଆ ଭାଷାପ୍ରେମୀ ଜନନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ଏମାନଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ମଧ୍ୟ ଏହି ଦିବସରେ ପ୍ରାତଃ ସ୍ମରଣୀୟ, ସେମାନେ ହେଲେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ରୀ ଗୋଦାବରୀଶ ମହାପାତ୍ର, 'ଦୈନିକ ଆଶା'ର ପ୍ରାକ୍ତନ ସଂପାଦକ ଶଶିଭୂଷଣ ରଥ, ଉତ୍କଳ ଦୀପିକାର ପ୍ରାକ୍ତନ ସଂପାଦକ କର୍ମବୀର ଗୌରୀଶଙ୍କର ରାୟ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ବାମଣ୍ଡା ମହାରାଜା ଶ୍ରୀ ସୁଢ଼ଳ ଦେବ, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଖଲିକୋଟ ମହାରାଜା ଶ୍ରୀ ହରିହର ସିଂ ମର୍ଦ୍ଦରାଜ ଓ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ।



ଏମାନଙ୍କର ସାମୂହିକ ଓ ସାମଗ୍ରିକ ଓଡ଼ିଆ ଭାଷା ପ୍ରେମ ତତ୍କାଳୀନ ବିଚ୍ଛିନ୍ନତାବାଦୀ ଓଡ଼ିଆଙ୍କୁ ଏକ ଭାଷା ସୂତ୍ରରେ ବାନ୍ଧି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାରେ ସେମାନଙ୍କର ଓଡ଼ିଆ ପ୍ରେମ ଓ ଓଡ଼ିଆତ୍ୱର ପଟ୍ଟାନ୍ତର ନାହିଁ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ବିହାରର ଚକ୍ରଧରପୁର, ଚାଇଁବସା, ଷଢ଼େଇକଳା-ଖରସୁଆଁ ଗସ୍ତ ଓଡ଼ିଶାର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇଥିବା ଓଡ଼ିଆଙ୍କୁ ଏକ ଭାଷା ସୂତ୍ରରେ ବାନ୍ଧି ରଖିବା ଦୃଷ୍ଟାନ୍ତ ବିରଳ । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ଓ ୧୯୩୪ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଯେଉଁ ଶ୍ରମ ସ୍ୱୀକାର କରିଛନ୍ତି ଓ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଏବଂ ତା'ର ଯେଉଁ ନଜିର ଛାଡ଼ି ଦେଇଛନ୍ତି, ତାହା ବିରଳ କୁତ୍ରାପି ପରିଦୃଷ୍ଟ ହୁଏ ନାହିଁ ।

ସିଂହାବଲୋକନ କଲେ ଜଣାଯାଏ, ଦୁର୍ବଳ ସୂର୍ଯ୍ୟବଂଶୀ ରାଜାମାନଙ୍କ ପାଇଁ ଏ ରାଜ୍ୟ, ଯାହାର ଅତୀତ ଗୌରବ ଓ ପରମ୍ପରା ମହାନ୍ ଏବଂ ଖ୍ରୀଷ୍ଟପୂର୍ବ ୨୬୧ରେ ଏହାର କଳିଙ୍ଗଯୁଦ୍ଧ ମଗଧ ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା । ସେହି ରାଜ୍ୟ ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫ୍‌ଗାନମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ଫଳରେ ଏ ଜାତିର ସ୍ୱାଧୀନତା ପରାହତ ହୋଇ ଯଥାକ୍ରମେ ମୋଗଲ ମରହଟ୍ଟାମାନଙ୍କ ହାତକୁ ତା'ର ଶାସନଡୋରୀ ଚାଲିଯାଇଥିଲା । ଉତ୍‌ଥାନ ପତନ ଜଗତର ଚିରନ୍ତନ ରୀତି । ଜଗତର ନାଥ ଜଗନ୍ନାଥଙ୍କର ପତିତପାବନ ବାନା ଓଡ଼ିଶାର ରକ୍ଷା କବଚ । ଓଡ଼ିଆ ଜାତିର ବୀରତ୍ୱ ଓ ସ୍ୱାଭିମାନ ନିକଟରେ ତତ୍କାଳୀନ ଇଂରେଜ ଶାସନ ଅନେକବାର ମୁଣ୍ଡ ନୁଆଁଇଛି । ମାଟି ମା'ର ପୂଜାରେ ଆହୂତି ସାଜି ବୀର ଓଡ଼ିଆ ନିଜ ପ୍ରାଣକୁ ଉତ୍ସର୍ଗ କରି ଶହୀଦ ହୋଇଯାଇଛନ୍ତି । ୧୮୦୩ ମସିହାରେ ଏ ରାଜ୍ୟ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ପରେ ଓଡ଼ିଆ ଜାତିର ସ୍ୱାଧୀନତା ସୂର୍ଯ୍ୟ ଅସ୍ତମିତ ହୋଇଥିଲା ।

୧୮୭୮ ମସିହାରେ ଖଣ୍ଡବିଖଣ୍ଡିତ ଉତ୍କଳର ସୁରକ୍ଷା ଓ ଉନ୍ନତି କଳ୍ପେ 'ଉତ୍କଳ ସଭା' ନାମରେ ଏକ ଅନୁଷ୍ଠାନ ଗଠିତ ହୋଇଥିଲା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ନବଜାଗରଣ ସୃଷ୍ଟି କରିବା ଏହାର ମୂଳଲକ୍ଷ୍ୟ ଥିଲା । ୧୯୦୩ ମସିହାରେ ଉତ୍କଳର ଭାଷା ଓ ସଂସ୍କୃତିର

ସୁରକ୍ଷା ନିମନ୍ତେ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରଚେଷ୍ଟାରେ କଟକଠାରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରାଯାଇଥିଲା । ଏହାର ପରିସର ଉତ୍କଳସଭାଠାରୁ ବ୍ୟାପକ ଥିଲା । ଶତାବ୍ଦୀର ସୂର୍ଯ୍ୟ ଉତ୍କଳଗୌରବ ମଧୁସୂଦନ ବୀର ଓଡ଼ିଆଙ୍କୁ ତାଙ୍କର ଓଜସ୍ୱିନୀ ଭାଷାରେ ବାଣୀ ଶୁଣାଇଥିଲେ ।

'ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ତୁହି ଭୀରୁ
ତୋହର ଜନନୀ ରୋଦନ କରିଲେ
ହାକିମ ପାଖରେ କହିବାକୁ କିଆଁ ଡରୁ
ତୋ ପୂର୍ବପୁରୁଷ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ
ତାଙ୍କରି ଔରଷୁ ଜାତ ହୋଇ ତୁହି କେଉଁ ଗୁଣେ ତୁହି ସରି ।'

x x x x x x x

'ତୁ ମନେ ଭାବିଛୁ ତୋଷାମଦ କରି ବଢ଼ାଇବୁ ଜାତି ମାନ
ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ଧ୍ୟାନ ।'

x x x x x x x

'ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ କୋଟି ପ୍ରାଣବିନ୍ଦୁ ଭରେ
ମିଶାଇ ଦେ ଭାଇ ତୋ'ର ପ୍ରାଣବିନ୍ଦୁ ଡେଇଁପଡ଼ି ସିନ୍ଧୁନୀରେ ।'

x x x x x x x

'ଜାତିର ଉନ୍ନତି ସେ କାହୁଁ କରିବ ସ୍ୱାର୍ଥେ ଯା'ର ବ୍ୟସ୍ତ ମନ
ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ ।
ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦେଇ ଆହୂତି
ସ୍ୱାର୍ଥମେଧ ଯଜ୍ଞ ଚାରିଆଡ଼େ ନାଚୁ ଛାତିକୁ ମିଶାଇ ଛାତି ।'

x x x x x x x

'ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧା ଥିଲେ ।'
(ସନ୍ତାନର ଉକ୍ତି)

ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର ଏକ ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ । 'କହ କହ କେଉଁ ଜାତି ପାଇଛି ମୁକତି କରି ହାରିହୁରି ଗୁହାରୀ' ଏ ଜାତି ହେଉଛି ଖାରବେଳର ଜାତି, କପିଳେନ୍ଦ୍ର ଦେବଙ୍କ ଜାତି, ଶହୀଦ ରାଜଗୁରୁଙ୍କ ଜାତି, ବକ୍ସି ଜଗବନ୍ଧୁଙ୍କ ଜାତି ଓ ସର୍ବୋପରି ବୀର ସୁରେନ୍ଦ୍ର ସାଏଙ୍କ ଜାତି । ଏ ଜାତି କେବେ ମଥାନତ କରି ଅନ୍ୟାୟକୁ ସ୍ୱୀକାର କରି ନାହିଁ । ସେହିପରି ଓଡ଼ିଶାର ଏହି ଦୁଇ ବରେଣ୍ୟ ନେତା ଉତ୍କଳଗୌରବ ମଧୁସୂଦନ ଦାସ ଓ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ବଳରେ ବିଚ୍ଛିନ୍ନ ଓଡ଼ିଆକୁ ଏକ ଭାଷାଭାଷୀ ସୂତ୍ରରେ ବାନ୍ଧି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ସ୍ୱପ୍ନ ସାକାର କରିଛନ୍ତି । ଏହି ଦୁଇ ଜଣ ଯୋଗଜନ୍ମା ଜନନାୟକଙ୍କର ଏପ୍ରିଲ ମାସରେ ଆବିର୍ଭାବ ହୋଇଥିଲା । କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ୧୮୯୨ ଏପ୍ରିଲ-୨୬ରେ ଆବିର୍ଭାବ ହୋଇଥିଲାବେଳେ ଉତ୍କଳଗୌରବ ମଧୁସୂଦନଙ୍କର ୧୮୪୮ ଏପ୍ରିଲ-୨୮ରେ ଆବିର୍ଭାବ ହୋଇଥିଲା ।

ବିହାର-ଓଡ଼ିଶା ପ୍ରଦେଶର ମଧୁବାବୁ ମନ୍ତ୍ରୀ ଥିବାବେଳେ ବିହାର-ଓଡ଼ିଶା ପ୍ରାଦେଶିକ କାଉନ୍‌ସିଲ୍‌ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶାଧୀନ କରାଯିବା ସପକ୍ଷରେ ୧୯୨୨ ମସିହାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ୧୯୨୪ ମସିହାରେ ଭାରତ ସରକାରଙ୍କ ତତ୍କାଳୀନ ପଲିଟିକାଲ୍ ଏଜେଣ୍ଟ ସି.ଆଇ. ଫିଲିପ୍ ଏବଂ ବିଶାଖାପାଟଣା ଜିଲ୍ଲାର ତତ୍କାଳୀନ କଲେକ୍ଟର ଏ.ବି. ଡଫ୍‌ଙ୍କୁ ନେଇ ଫିଲିପ୍‌ଡଫ୍ କମିଟି ଗଠନ କରିଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶାଧୀନ ଗଠନ କରାଯିବା ତଥା ଏହାର ସମୀକ୍ଷା ଏହି କମିଟି ଉପରେ ନ୍ୟସ୍ତ ଥିଲା ।

**ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା**

୧୯୩୦ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ପ୍ରଥମ ଗୋଲଟେବୁଲ ବୈଠକରେ ଓଡ଼ିଆମାନଙ୍କ ପ୍ରତିନିଧିତ୍ୱ କରିବା ପାଇଁ ବିହାର-ଓଡ଼ିଶା ସରକାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ମନୋନୀତ କରିଥିଲେ । ଉକ୍ତ ବୈଠକରେ ସେ ଓଡ଼ିଆମାନଙ୍କ ନ୍ୟାଯ୍ୟ ଦାବୀକୁ ଉପସ୍ଥାପିତ କରିଥିଲେ । ଫଳରେ ୧୯୩୧ ମସିହାରେ ଅନୁଷ୍ଠିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାର ପ୍ରସ୍ତାବ ଗୃହୀତ ହୋଇଥିଲା । ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ କରିବା ପାଇଁ ଓଡନେଲ୍ କମିଟି ଗଠନ କଲେ । କଟକ, ପୁରୀ, ସମ୍ବଲପୁର, ଅନୁଗୋଳ, ଖଡ଼ିଆଳ, ଗଞ୍ଜାମ ଓ ବିଶାଖାପାଟଣା ଜିଲ୍ଲାର ସମ୍ମିଶ୍ରଣରେ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ କମିଟି ମତପୋଷଣ କରିଥିଲେ । କିନ୍ତୁ ଜୟପୁର ଓ ପାରଳାଖେମୁଣ୍ଡି ଜମିଦାରୀକୁ ଓଡ଼ିଶା ପ୍ରଦେଶରୁ ବାଦ୍ ଦିଆଯାଇଥିଲା କମିଟିଙ୍କ ମତପୋଷଣ ଦ୍ୱାରା । ଏଥିପାଇଁ ଇଣ୍ଡିଆ ଅଫିସ୍ ତରଫରୁ ଶ୍ୱେତପତ୍ର ପ୍ରକାଶ ପାଇଥିଲା । ମାତ୍ର ପାରଳା ମହାରାଜାଙ୍କ ଅନବରତ ନିଷ୍ଠାପର ଉଦ୍ୟମ ଫଳରେ ବିଭାଗର ଗୃହମନ୍ତ୍ରୀ ସାମୁଏଲ ହୋରେ ଓଡ଼ିଆମାନଙ୍କ ଆନ୍ଦୋଳନର ଯଥାର୍ଥତାକୁ ହୃଦୟଙ୍ଗମ କରି ଜଏଣ୍ଟ ପାର୍ଲାମେଣ୍ଟ କମିଟି ଗଠନ କରିଥିଲେ ଓ ପରିକଳ୍ପିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁନର୍ବିଚାର କରାଇଥିଲେ । ଜୟପୁର, ପାରଳାଖେମୁଣ୍ଡି ଓ ଜଳନ୍ତରା ଜମିଦାରୀ ଅଞ୍ଚଳ ଓ ପାରଳାଖେମୁଣ୍ଡି ସହର ସମେତ କିଛି ଅଂଶର ମିଶ୍ରଣରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁନର୍ବିଚାର କରାଇଥିଲେ । ଜୟପୁର, ପାରଳାଖେମୁଣ୍ଡି ଓ ଜଳନ୍ତରାର ଜମିଦାରୀ ଅଞ୍ଚଳ, ପାରଳାଖେମୁଣ୍ଡି ସହର ସମେତ କିଛି ଅଂଶର

ମିଶ୍ରଣରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି କମିଟି ମତପୋଷଣ କଲେ । ଫଳରେ ନୂତନ ଭାବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବାସ୍ତବ ରୂପ ନେଇଥିଲା ।

୧୯୩୬ ଜାନୁଆରୀ-୨୧ ତାରିଖରେ ଭାରତ ସରକାରଙ୍କ ଆଦେଶ ବ୍ରିଟିଶ୍ ପାର୍ଲାମେଣ୍ଟରେ ଉପସ୍ଥାପିତ ଏବଂ ଗୃହୀତ ହେଲା । ବ୍ରିଟିଶ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଗୃହୀତ ହେଲାପରେ ୧୯୩୬ ମାର୍ଚ୍ଚ ୭ ତାରିଖରେ ବିଲାତ ସମ୍ରାଟଙ୍କର ଅନୁମୋଦନ ନିମନ୍ତେ ପେଶ୍ କରାଗଲା । ଏହା ଅନୁମୋଦନ ଲାଭ କଲାପରେ ୧୯୩୬ ମସିହା ଏପ୍ରିଲ-୧ ତାରିଖରେ କାର୍ଯ୍ୟକାରୀ ହେଲା ଏବଂ ସେହି ଦିନଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆତ୍ମପ୍ରକାଶ କଲା । ମାନ୍ଦ୍ରାଜ ପ୍ରେସିଡେନ୍ସି, ସେଣ୍ଟ୍ରାଲ ପ୍ରୋଭିନ୍ସ ଓ ଅନ୍ୟାନ୍ୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ମୂଳ ଓଡ଼ିଶା ଭୂଖଣ୍ଡ ସହ ମିଶ୍ରଣ କରାଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଜିଲ୍ଲାଗୁଡ଼ିକ ଏଥିରେ ସାମିଲ ହେଲା ।

୧୯୪୮ ମସିହା ଜାନୁଆରୀ ପହିଲା ଦିନ ତତ୍କାଳୀନ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଗଡ଼ଜାତ ମିଶ୍ରଣ କାର୍ଯ୍ୟ କଟକରେ ସମ୍ପନ୍ନ ହେଲା । ତାଙ୍କ ଉଦ୍ୟମ ଫଳରେ ହରେକୃଷ୍ଣ ମହତାବ ଓ ରାଧାନାଥଙ୍କ ସହଯୋଗ ଓ ଅବଦାନ ଫଳରେ ଷଢେଇକଳା-ଖରସୁଆଁ ସମେତ ୨୫ଟି ଗଡ଼ଜାତ ଅଞ୍ଚଳ ଓଡ଼ିଶା ସହ ମିଶିଥିଲା । ଘଟଣାକ୍ରମେ ୧୯୪୯ ମସିହା ଜାନୁଆରୀ ପହିଲା ଦିନ ମୟୂରଭଞ୍ଜ ରାଜ୍ୟ ମଧ୍ୟ ଓଡ଼ିଶାରେ ମିଶିଗଲା । ମାତ୍ର ଇତିହାସର ବିଡ଼ମ୍ବନା ଯୋଗୁଁ ଷଢେଇକଳା ଓ ଖରସୁଆଁ ଓଡ଼ିଶାରେ ମିଶିପାରିଲା ନାହିଁ। ସେ ଯାହାହେଉ ଓଡ଼ିଶାର ଜିଲ୍ଲା ସଂଖ୍ୟା ୬ରୁ ୧୩କୁ ବୃଦ୍ଧି ପାଇଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଠିକ୍ ବର୍ଷକ ପରେ ଅର୍ଥାତ୍ ୧୯୩୭ ମସିହା ଏପ୍ରିଲ ମାସ-୧ ତାରିଖରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ଜନ୍ ଅଷ୍ଟିନ୍ ହବାକ୍ ଗଜପତି କୃଷ୍ଣଚନ୍ଦ୍ରଙ୍କୁ ନେତା ରୂପେ ନିର୍ବାଚିତ କରି ପ୍ରଥମ ମନ୍ତ୍ରିମଣ୍ଡଳ ଗଠନ କରିବା ପାଇଁ ନିମନ୍ତ୍ରଣ କଲେ । ତେଣୁ ଗୋରାଚାନ୍ଦ ପଟ୍ଟନାୟକ ଓ ଲତିଫୁର ରହେମନ୍‌ଙ୍କୁ ସଦସ୍ୟ ଭାବରେ ନେଇ ମନ୍ତ୍ରିମଣ୍ଡଳ ଗଠନ କରି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୧୯୩୭ ମସିହା ଏପ୍ରିଲ ପହିଲାରୁ ଜୁଲାଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କଲେ ଏବଂ ପରେ ୧୯୪୧ ମସିହା ନଭେମ୍ବର ୨୪ ତାରିଖଠାରୁ ୧୯୪୪ ମସିହା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ଭାବେ ଯୋଗ ଦେଇ ଦକ୍ଷତାର ସହ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ଓଡ଼ିଆ ଜାତି ତଥା ଭାଷା ସାହିତ୍ୟର ଅଭିବୃଦ୍ଧି ପାଇଁ ନିଷ୍ଠାପର ଭାବରେ ବହୁ ଜନହିତକର ଓ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ସେ ପ୍ରତ୍ୟକ୍ଷ ବିବଦମାନ ରାଜନୀତିରୁ ଅପସରି ଯାଇ କୃଷି ଓ ଶିଳ୍ପର ଉନ୍ନତି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

୧୯୭୪ ମସିହା ମଇ ମାସ ୨୫ ତାରିଖରେ ଉତ୍କଳ ଜନନୀଙ୍କ କୋଳରୁ ସବୁଦିନ ପାଇଁ ବିଦାୟ ନିଅନ୍ତି ଯୋଗଜନ୍ମା ମହାପୁରୁଷ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ଦେଶ ମାତୃକା ତଥା ଓଡ଼ିଶାକୁ ସ୍ୱତନ୍ତ୍ର ଭାବେ ପ୍ରତିଷ୍ଠା କରିବା ପାଇଁ ଅଦମ୍ୟ ପ୍ରଚେଷ୍ଟା ଓ ଅଧ୍ୟବସାୟ ଅତୁଳନୀୟ । ସେଥିପାଇଁ ଚିରଦିନ ତାଙ୍କର ନାମ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ଜାଜ୍ଜ୍ୱଲ୍ୟମାନ ହୋଇ ରହିଥିବ ।

ରାଜନୀତି, ଶିଳ୍ପ, ଶିକ୍ଷା, ଗମନାଗମନ ଓ କୃଷି ବ୍ୟତୀତ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ । କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚଶିକ୍ଷାର ସୁବିଧା ପାଇଁ କଲେଜ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଗରିବ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା ମଧ୍ୟ କରିଥିଲେ । ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ'ର ମୁଦ୍ରଣ ଖର୍ଚ୍ଚ, ଗୋପାଳକୃଷ୍ଣ ପଦ୍ୟାବଳୀର ପ୍ରକାଶନ, ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ପ୍ରକାଶନ, ସିଂହଭୂମି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ଓ ପ୍ରଚାର, 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପଞ୍ଚମ ଖଣ୍ଡ'ର ମୁଦ୍ରଣ ଓ ବହୁକାବ୍ୟର ପ୍ରକାଶନ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦେଇ ଗଜପତି ନିଜକୁ ଜଣେ ସାହିତ୍ୟାନୁରାଗୀ ଭାବରେ ପରିଚୟ ଦେଇଥିଲେ । ସେ ତତ୍କାଳୀନ ଓଡ଼ିଶାର କୃଷକମାନଙ୍କ ଉନ୍ନତି ପାଇଁ ପାରଳାଖେମୁଣ୍ଡିଠାରେ ଆଦର୍ଶ କୃଷି ଫାର୍ମ ଓ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାର ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା । ସେ ପାରଳାଖେମୁଣ୍ଡିଠାରେ ମଧ୍ୟ ଏକ ଛୋଟ ଇସ୍ପାତ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରି ତାହାକୁ ଟାଟା କମ୍ପାନୀ ସହିତ ସଂଯୁକ୍ତ କରିଥିଲେ । ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ତାଙ୍କର ଅବଦାନ ଅତୁଳନୀୟ ।

ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବା ପାଇଁ ଏବଂ ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ସମୟରେ ପ୍ରଥମ ଓଡ଼ିଆ ଟାଇପ୍ ମେସିନ୍‌ର ପ୍ରଚଳନ ହୋଇଥିଲା । ଓଡ଼ିଶାର ପ୍ରବାଦପୁରୁଷ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଫଳରେ ଏବଂ ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରିବା ପାଇଁ ୧୯୯୪ ମସିହାରେ ତାଙ୍କରି ପ୍ରଚେଷ୍ଟା ଫଳରେ ଓଡ଼ିଶାର ଜିଲ୍ଲା ସଂଖ୍ୟା ୧୩ରୁ ୩୦କୁ ବୃଦ୍ଧି ପାଇଥିଲା ।

ଡି-୧୧, ବ୍ଲକ୍ ନଂ-୨
ଜୟଦେବ ବିହାର, ନୟାପଲ୍ଲୀ
ଭୁବନେଶ୍ୱର-୧୩

# ଶକ୍ତିମୟୀ, ସଂକଟହାରିଣୀ ମା' ତାରିଣୀ

ପଣ୍ଡିତ ଚାରଣ ନରହରି ଦାଶ

ପରମ ହ୍ଲାଦିନୀମୟୀ, ପରମ ଶକ୍ତିମୟୀ, ପରମ ଜ୍ଞାନମୟୀ, ପରମ ତତ୍ତ୍ୱମୟୀ, ସିଦ୍ଧିବୁଦ୍ଧି ଜ୍ଞାନ ପ୍ରଦାୟିନୀ, ଶୋକ ହାରିଣୀ, ଦୁଃଖନାଶିନୀ, ଆର୍ତ୍ତନାଶିନୀ, କ୍ଷମାଦାୟିନୀ, ବିଜୟ ପ୍ରଦାୟନୀ, ସ୍ୱହାସ୍ୱଧାମୟୀ ଜୟ, ଆରୋଗ୍ୟ, ବିଜୟ, ରୂପଯଶ, ଧର୍ମ, ଅର୍ଥ, କାମ, ମୋକ୍ଷ, ଭକ୍ତି ମୁକ୍ତି ପ୍ରଦାୟିନୀ ଘଟଗାଁ ବାସିନୀ 'ମା' ତାରିଣୀ' - ସାରା ଓଡ଼ିଶା ତଥା ସାରା ଭାରତରେ ପ୍ରସିଦ୍ଧ ।



ତାଙ୍କର ଆବିର୍ଭାବ ବିଜେସ୍ଥଳୀ ପୀଠ ଘଟଗାଁ। ପାଞ୍ଚ ନମ୍ବର ଜାତୀୟ ରାଜପଥ ପାଣିକୋଇଲିଠାରୁ ୮୦ କି.ମି. ଦୂର ଓ କେନ୍ଦୁଝରଗଡ଼ଠାରୁ ୪୦ କି.ମି. ଦୂର ପୁଣ୍ୟସ୍ରୋତା ବୈତରଣୀ ନଦୀକୂଳରେ ଅବସ୍ଥିତ । ଏହି ପୀଠ ପ୍ରାଚୀନତମ ଶକ୍ତିପୀଠ ଓ ତନ୍ତ୍ରପୀଠ ରୂପେ ଓଡ଼ିଶା ତଥା ବାହାରେ ସୁପରିଚିତ । ଘଟଗାଁର ମା' ତାରିଣୀ କରୁଣାମୟୀ, ସନ୍ତାନବତ୍ସଳା ଦୁଃଖରେ, ଦୁର୍ଦ୍ଦିନରେ ଯେ ଯେଉଁଠାରେ ମାଆଙ୍କୁ ଭକ୍ତି ଭାବରେ ସ୍ମରଣ କରେ, ଆହ୍ୱାନ କରେ ତତ୍‌କ୍ଷଣାତ୍ ମାଆ ତାକୁ ମନୋବାଞ୍ଛା ଫଳ ପ୍ରଦାନ କରନ୍ତି । କଳିଯୁଗରେ ମାଆ ହେଉଛନ୍ତି ସାକ୍ଷାତ୍ ଭକ୍ତମାନଙ୍କର ମାଆ । ଏଣୁ ସପ୍ତସତୀ ଚଣ୍ଡୀରେ ଉଲ୍ଲିଖିତ ଅଛି -

'ଯା' ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା,
ନମୋସ୍ତସୈ, ନମୋସ୍ତସୈ, ନମୋସ୍ତସୈ ନମୋ ନମଃ ।'

ଭକ୍ତି, ଅଭକ୍ତି, ହେଳା, ଅଣହେଳା, ସକାଳ, ଅକାଳ, ଦିବା, ରାତ୍ର ଯେକୌଣସି ପରିସ୍ଥିତିରେ, ଯେକୌଣସି ରୋଗ, ଯୋଗ ଯେକୌଣସି ଭୋଗରେ ମାଆଙ୍କୁ ସ୍ମରଣ କଲେ ଆଶୁ ଫଳ ଓ ସିଦ୍ଧି ମିଳିଥାଏ ।

ଏଣୁ ଶ୍ରଦ୍ଧାଳୁ ଭକ୍ତ ଗାଇ ଉଠିଥାଏ -

'ଯିଏ ଯେଉଁଠି ଡାକେ ମାଆ,
ତୁ ତ ହେଉ ତାହାକୁ ସାହା ।'

ବିପଦ ପରିସ୍ଥିତିରେ ମାଆ ତା'ର ସନ୍ତାନକୁ ପଣତ କାନିରେ ଘୋଡାଇଲା ଭଳି ମାଆଙ୍କୁ ଭକ୍ତ ବିପଦ, ସମ୍ପଦ, ଦୁଃଖ ଦୁର୍ଦ୍ଦିନରେ ଡାକିଲେ ସେ ତାଙ୍କର ସ୍ନେହ ପଣତରେ ଭକ୍ତକୁ ଘୋଡାଇ ରଖି ଉଦ୍ଧାର କରିଥାନ୍ତି । ପାଣିକୋଇଲିଠାରୁ କେନ୍ଦୁଝର, ଚମ୍ପୁଆ, ଯୋଡ଼ା, ବଡ଼ବିଲ, ବଲାଣୀକୁ ଯାତାୟାତ କରୁଥିବା ସମସ୍ତ ଗାଡ଼ି, ଯାନବାହନର ସାହା ହୁଅନ୍ତି ମାଆ । ଅଦ୍ୟାପି ମାଆଙ୍କର କରୁଣା ବାରିରେ ଘଟଗାଁଠାରେ କୌଣସି ଯାନବାହନ ଦୁର୍ଘଟଣା ଘଟିନାହିଁ । ପ୍ରତି ଟ୍ରକ ଚାଳକମାନେ, ନିର୍ବିଘ୍ନରେ ଯାତାୟାତ କରିବା ପାଇଁ ପ୍ରତ୍ୟେକ ଦିନ ମାଆଙ୍କ ନାମରେ ନଡ଼ିଆ ଉତ୍ସର୍ଗ କରିଥାନ୍ତି ।

ଓଡ଼ିଶା ତଥା ଓଡ଼ିଶା ବାହାରେ ବହୁଭକ୍ତ ତାଙ୍କର ମନୋବାଞ୍ଛା ପୂର୍ଣ୍ଣ ହୋଇଥିବାରୁ ଦୈନିକ ହଜାର ହଜାର ନଡ଼ିଆ ମା'ଙ୍କ ବିଜେସ୍ଥଳୀ ଘଟଗାଁକୁ ପଠାଇଥାନ୍ତି । ଓଡ଼ିଶା ତଥା ଓଡ଼ିଶା ବାହାରୁ ଯେକୌଣସି ଟ୍ରକ୍ କିମ୍ବା ବସ୍‌ରେ 'ମା' ତାରିଣୀ'ଙ୍କ ନାମରେ ମାନସିକ ନଡ଼ିଆ ପଠାଇଥିଲେ ତାହା ତାଙ୍କର ବିଜେସ୍ଥଳୀରେ ପହଞ୍ଚିଥାଏ । କୌଣସି ଗାଡ଼ି ଚାଳକ ମାଆଙ୍କର ନଡ଼ିଆ ନେବା ପାଇଁ ଅରାଜି ହୁଅନ୍ତି ନାହିଁ । ଏଣୁ ଭକ୍ତ ଶ୍ରଦ୍ଧାରେ ଗାଇ ଉଠେ -

'ବିବାଦେ ବିଷାଦେ ପ୍ରମାଦେ ପ୍ରବାସେ ଜଳେ ଚାନଳେ ପର୍ବତେ ଶତ୍ରୁମଧ୍ୟେ

ଅରଣ୍ୟେ ଶରଣ୍ୟେ ସଦାମାଂ ପ୍ରପାହିଁ - ଗତିସ୍ତ୍ୱ, ଗତିସ୍ତ୍ୱଂ ତ୍ୱମେକାଂ ଭବାନୀ, ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକାଂ ତାରିଣୀ ।'

### ତାରିଣୀଙ୍କ ସ୍ୱରୂପ

ମା' ତାରିଣୀ ଆବିର୍ଭାବ, ସମ୍ବନ୍ଧରେ ବହୁ କିମ୍ବଦନ୍ତୀ, ତତ୍ତ୍ୱ, ପୁରାଣମାନଙ୍କରେ ବର୍ଣ୍ଣନା ଅଛି । ମା' ତାରିଣୀ ଏକାଧାରରେ ଦୁର୍ଗା,

ଲକ୍ଷ୍ମୀ, ସରସ୍ୱତୀ, ତ୍ରିଶକ୍ତିର ଆଧାର ଅଟନ୍ତି । ମା' ତାରିଣୀ ଦୁର୍ଗାଙ୍କ ମଧ୍ୟରେ ପାର୍ଥକ୍ୟ ନାହିଁ ।

ସତ୍ୟଯୁଗରେ ଦେବତାମାନେ ଦୁର୍ଗ ନାମକ ଅସୁର ଅତ୍ୟାଚାରରେ ଅତିଷ୍ଠ ହୋଇ ମାତୃଶକ୍ତି ଆରାଧନା କରିଥିଲେ । ମାଆ ଦୁର୍ଗା ରୂପେ ଆବିର୍ଭାବ ହୋଇ ସେହି ଅସୁରକୁ ନିଧନ କରିଥିଲେ । ପୁନଶ୍ଚ ସେହିପରି ମହିଷାସୁର, ଶୁମ୍ଭ, ନିଶୁମ୍ଭ ଆଦି ଦୈତ୍ୟମାନଙ୍କୁ ଅନ୍ୟ ଏକ କଳ୍ପରେ ମାତା ଦୁର୍ଗା ରୂପରେ ନିଧନ କରିଥିଲେ । ଦେବତାମାନଙ୍କ ଦୁର୍ଗତି କାଳରେ ତାଙ୍କର ଆବିର୍ଭାବ ଘଟୁଥିବାରୁ ସେ ହେଉଛନ୍ତି 'ଦୁର୍ଗା' । ମା' ଦୁର୍ଗା ତାରିଣୀ ରୂପରେ ସଂସାର ସାଗରରୁ ଜୀବମାନଙ୍କୁ ଉଦ୍ଧାର କରୁଥିବାରୁ ତାଙ୍କ ନାମ ତାରିଣୀ । ଏଣୁ ଭକ୍ତ ସ୍ତୁତିକରି ଗାଇ ଉଠେ - 'ତାରିଣୀ ଦୁର୍ଗ ସଂସାରସ୍ୟ ଚଳୋଭବ - ରୂପଂଦେହି, ଜୟଂ ଦେହି, ଯଶଦେହି ଦ୍ୱିଷୋଦହି ।'

ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମ ଶକ୍ତି ରୂପିଣୀ ଦୁର୍ଗା ତାରିଣୀଙ୍କୁ ଆରାଧନା କରି ରାବଣ ବଧ କରି ଲଙ୍କା ଜୟ କରିଥିଲେ । ଆଶ୍ୱିନ ମାସ ଶୁକ୍ଳପକ୍ଷ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମାତୃଶକ୍ତି ଦୁର୍ଗାଙ୍କୁ ଆବାହନ କରିଥିବାରୁ ଅଦ୍ୟାପି ଏହି କଳିଯୁଗରେ ଆଶ୍ୱିନ ମାସରେ ଦୁର୍ଗା ପୂଜା ପାଳିତ ହେଉଛି । ଏହା ଶାରଦୀୟ ଦୁର୍ଗା ପୂଜା ନାମରେ ଖ୍ୟାତ ।

ପୁନଶ୍ଚ ଅନ୍ୟ କଳ୍ପରେ ସୁରଥ ରାଜା ଓ ସୁମେଧ ବୈଶ୍ୟ ଚୈତ୍ର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ଦଶମୀ ପର୍ଯ୍ୟନ୍ତ ମାତୃଶକ୍ତି ଆବାହନ ପୂଜନ କରି ଯଶଗୌରବ, ରାଜ୍ୟ, ଧନ ଲାଭ କରିଥିବାରୁ ଏହି କଳିଯୁଗରେ ଚୈତ୍ର ମାସରେ ଦୁର୍ଗାପୂଜା ପାଳିତ ହେଉଛି । ଏହି ପର୍ବ ବାସନ୍ତି ଦୁର୍ଗା ପୂଜା ନାମରେ ଖ୍ୟାତ ।

ଦ୍ୱାପର ଯୁଗ ଅୟମାରମ୍ଭରେ ଭଗବାନ ଶ୍ରୀକୃଷ୍ଣ ଯୋଗମାୟାଙ୍କୁ ନିର୍ଦ୍ଦେଶ ଦେଇଥିଲେ, 'ଦେବୀ, ଦେବକୀଙ୍କ ସପ୍ତମ ଗର୍ଭ ସନ୍ତାନକୁ ରୋହିଣୀଙ୍କ ଗର୍ଭରେ ସଂସ୍ଥାପନ କରିବେ । ଏଥିପାଇଁ ତୁମେ ମର୍ତ୍ତ୍ୟରେ ବହୁ ନାମରେ ଧାମରେ ଗ୍ରାମ ଦେବତୀ, ନାରାୟଣୀ, ସ୍ଥାନେଶ୍ୱରୀ, କୁମଦା, ଚଣ୍ଡୀକା, ତାରିଣୀ, କାଳୀ, ଭଦ୍ରକାଳୀ ଆଦି ବହୁ ନାମରେ ପରିଚିତା ଓ ପୂଜିତା ହେବେ । କୁମାରୀ କନ୍ୟାମାନେ ତୁମକୁ ପୂଜା କରି ତାଙ୍କର ଇପସ୍ପିତ ବର ଲାଭ କରିବେ ।'

ମାତା ରୁକ୍ମିଣୀ ଓ ମାତା ସୀତା ମଧ୍ୟ ବିବାହ ପୂର୍ବରୁ ଗୌରୀ, କାତ୍ୟାୟନୀ ପୂଜା କରିଥିଲେ । ହିନ୍ଦୁମାନଙ୍କର ବିବାହ ସମୟରେ ଗ୍ରାମ ଦେବତୀଙ୍କୁ ସର୍ବାଗ୍ରେ ପୂଜା ସ୍ନାନ କରାଯାଇ ସେ ପାଣିରେ ମଙ୍ଗୁଳା ଝିଅକୁ ସ୍ନାନ କରାଯାଏ । ଏହାକୁ ଦିଅ ମଙ୍ଗଳା ମଧ କହନ୍ତି । ଯେକୌଣସି ପୁଣ୍ୟ କାମ ଯଥା- ହୋମ, ଯଜ୍ଞ, ବିବାହ, ବ୍ରତ, ଗୃହ ପ୍ରତିଷ୍ଠା, ଦେବାଳୟ, ମନ୍ଦିର ବିଗ୍ରହ ପ୍ରତିଷ୍ଠାରେ ମାତାଙ୍କୁ ସ୍ଥାନେଶ୍ୱରୀ ଭାବେ ପୂଜା କରାଯାଏ । ସେ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ମାୟାଶକ୍ତି ।

'ଯା ଦେବୀ ସର୍ବ ଭୂତେଷ୍ଣୁ ବିଷ୍ଣୁ ମାୟେତି ଶବ୍ଦିତା - ନମସ୍ତସୈ, ନମସ୍ତସୈ ନମସ୍ତସୈ ନମୋ ନମଃ । ସପ୍ତସତୀ ଚଣ୍ଡୀ ମାତା ଶକ୍ତି ରୂପରେ ପୃଥିବୀ ପୃଷ୍ଠରେ ଭିନ୍ନ ରୂପରେ ପୂଜା ପାଆନ୍ତି । ଶ୍ରୀମଦ୍ ଭାଗବତ ମହାପୁରାଣରେ ଓଡ଼ିଶାର ସନ୍ଥ ଶିରୋମଣି ପରମ ବୈଷ୍ଣବ ଶ୍ରୀଜଗନ୍ନାଥ ଦାସ ଲେଖିଛନ୍ତି -

ଦୁର୍ଗାଙ୍କୁ ନିକଟେ ବସାଇ-କହନ୍ତି ପ୍ରଭୁ ଭାବଗ୍ରାହୀ
ଦେବକୀ ଦେବୀ ନିଦ୍ରାକାଳେ - ଗର୍ଭ ହରିବୁ ଯୋଗ ବଳେ ।
ମିଳିବୁ ନନ୍ଦ ଘରେ ଯାଇ-ରୋହିଣୀ ଗର୍ଭେ ତାହା ଥୋଇ
ଜନ୍ମିବୁ ଯଶୋଦା ଉଦରେ - ମୁଁ ପୁଣି ଯିବି ମଞ୍ଚପୁରେ
ଭାଗବତ - ୧୦ମ ସ୍କନ୍ଦ ୪ ଅଧ୍ୟାୟ

କୁମୁଦା ଚଣ୍ଡୀକା କାଙ୍କେଳୀ - ଜୟ ଅମ୍ବିକା ଭଦ୍ରକାଳୀ
ଦୁର୍ଗା ଅମ୍ବିକା ନାରାୟଣୀ ଏଥୁ ଅନେକ ନାମଭଣି
ଭକ୍ତକୁ ହୋଇବୁ ପ୍ରସନ୍ନ - ଅନେକ ହେବ ତୋର ନାମ
ଲୋକେ କରିବେ ତୋତେ ପୂଜା - ଅଶେଷ ଦେବେ ବଳି ଭୋଜା ।

ତାରିଣୀ ମାତା ମଧ ସପ୍ତମାତୃକା, ଅଷ୍ଟଶକ୍ତି, ନବପତ୍ରିକା (ଶସ୍ୟଦେବୀ), ଦଶ ମହାବିଦ୍ୟା, ନବକୁମାରୀ, ନବଦୁର୍ଗା ଭାବେ ପୂଜିତା ହୁଅନ୍ତି । ଗ୍ରାମଦେବୀ ଭାବେ ପୁରୋହିତମାନେ ତାଙ୍କର ସ୍ତବ ପାଠ କରିଥାନ୍ତି ।

'ସଦା ଗ୍ରାମପ୍ରିୟେ ଦେବୀ ସର୍ବଲୋକ ହିତୈଷିଣୀ
ଚିରଣଂତ୍ୱାଂ ପ୍ରପ୍ରନୋସ୍ମି ଗ୍ରାମଦେବ୍ୟୈ ନମସ୍ତୁତେ ।'

ଦେବୀଙ୍କର ସପ୍ତମାତୃକା ରୂପ ରହିଛି । ଏହି ସପ୍ତମାତୃକା ପ୍ରତୀକ ଦେବୀମାନଙ୍କୁ ପୂଜା କଲେ ଜୀବ ସପ୍ତରିପୁରୁ ରକ୍ଷା ପାଏ । ସପ୍ତରିପୁମାନେ ହେଲେ - କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଓ ଅସୂୟା ।

'ବ୍ରାହ୍ମିତ ବୈଷ୍ଣବୀ ଐନ୍ଦ୍ରୀ ରୌଦ୍ରୀ, ବାରା ହିତଥା
କୌବେରୀ ଚୈବ କୌମାରୀ ମାତରଃ ସପ୍ତ କୀର୍ତ୍ତିତଃ ।'

ମାତାଙ୍କର ଦଶ ମହାବିଦ୍ୟା ରୂପ ରହିଛି । ମାତାଙ୍କର ଏହି ଦଶ ମହାବିଦ୍ୟା ରୂପରୁ କୌଣସି ଗୋଟିଏ ରୂପ ଆରାଧନା କରି ସାଧକ ସିଦ୍ଧି ଲାଭ କରେ ।

'କାଳୀତାରା ମହାବିଦ୍ୟା ଷୋଡ଼ଶୀ ଭୁବନେଶ୍ୱରୀ
ଭୈରବୀ ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା
ବଗଳା ସିଦ୍ଧ ବିଦ୍ୟା ଚ ମାତଙ୍ଗୀ କଳାମ୍ବିକା
ଏତାଦୃଶ ମହାବିଦ୍ୟା ପ୍ରକୀର୍ତ୍ତିତାଃ ।

ଦକ୍ଷ ପ୍ରଜାପତି ଯଜ୍ଞରେ ଭାଗ ନେବା ପାଇଁ ସତୀଙ୍କୁ ଶିବ ଅନୁମତି ଦେଲେ ନାହିଁ । ସତୀ ଏଥିରେ କୁପିତ ହୋଇ ଉପରୋକ୍ତ

ଦଶ ମହାରୂପ ଧାରଣ କରିଥିଲେ । ଏହି ରୂପ ଦର୍ଶନ କରି ଶିବ ଭୟାତୁର ହୋଇ ଦେବୀଙ୍କ ଦଶ ରୂପକୁ ଧ୍ୟାନ କରିଥିଲେ ଓ ଦଣ୍ଡାୟମାନ ହେଲେ ।

ସତୀ ଶିବଙ୍କର ନୟନମୁଦ୍ରିତ ରୂପ ଦେଖି କହିଥିଲେ, 'ଅହଂ ତୁ ଭୈରବୀ ଭୀମାଶମ୍ଭୋ ମାଂ ତ୍ୱଂ ଭୟଂ କରୁ ।'

ମା' ତାରିଣୀଙ୍କ ଦ୍ୱାଦଶ ନାମ ମଧ୍ୟ ଏହିପରି ବର୍ଣ୍ଣିତ ଅଛି - ମହାଦେବୀ ମାହେଶ୍ୱରୀ, ଶଙ୍କରୀ, ସିଂହବାହିନୀ, ଜଗଦ୍ଧାତ୍ରୀ, ଦୈତବିନାଶିନୀ, ଦେବେଶଂ ଶୂଳଧାରିଣୀ, ଅମ୍ବିକା, ଶିବମୋହିନୀ, ସର୍ବମଙ୍ଗେ, ଦୁର୍ଗା । ମାତାଙ୍କର ନବବଧ ରୂପ ମଧ୍ୟ ରହିଛି - ପ୍ରଥମ ଶୈଳପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ର ଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍ ପଞ୍ଚମ ସ୍କନ୍ଦମାତେତି ଷଷ୍ଠ କାତ୍ୟାୟନୀ ତଥା-ସପ୍ତମ କାଳ ରାତ୍ରିତୀ ମହାଗୌରୀ ତିତାଷଷ୍ଟମ୍ ନବମଂ ସିଦ୍ଧି ଦାତ୍ରୀଚ ନବଦୁର୍ଗା ପ୍ରକର୍ତ୍ତିତା - ଭକ୍ତାନ୍ୟେତାନି ନାମାନୀ ବ୍ରହ୍ମଣୈବ ମହାତ୍ମନା ।

ତାରିଣୀଙ୍କର ନବଟି ନାମ ରହିଛି, ଯଥା- ନବ ତାରିଣୀ, ମହା ତାରିଣୀ, ଗିରି ତାରିଣୀ, ପରମଜୟ ତାରିଣୀ, ଶୂଳୀ ତାରିଣୀ, ମହିଷମର୍ଦ୍ଦିନୀ ତାରିଣୀ, ଶକ୍ତି ତାରିଣୀ, ଘୋର ତାରିଣୀ, ଚଣ୍ଡ ତାରିଣୀ ।

ମାତା ମଧ୍ୟ ଶସ୍ୟ ଦେବୀ ରୂପେ ପୂଜିତା ହେଉଥିବାରୁ ବିଲ୍ୱବୃକ୍ଷ, ଧାନବୃକ୍ଷ, ରମ୍ଭା ବୃକ୍ଷ ଆଦି ବୃକ୍ଷ ପୂଜା ଉପକରଣରେ ବ୍ୟବହୃତ ହୁଏ । ଏ କଳ୍ପରେ ବିଶ୍ୱରେ ଅନାଟନ ଶସ୍ୟ ହାନୀ ହେଲା । ସେହି କଳ୍ପରେ ଦେବୀ ନିଜ ଦେହରୁ ଶାଗ ଜାତ କଲେ ଓ ସେହି ଶାମାନ ଭକ୍ଷଣ କରି ଜୀବମାନେ ପ୍ରାଣଧାରଣ କଲେ । ଏଣୁ ଦେବୀଙ୍କର ନାମ ଶାକମ୍ଭରୀ ହେଲା । ଏହି ସମୟରେ ଏହି କଳ୍ପରେ ମାତା 'ଦୁର୍ଗମ' ନାମକ ଅସୁରକୁ ବଧ କରିଥିଲେ ।

'ଶାକମ୍ଭରୀ ବିଖ୍ୟାତିଂ ତଦା ଯାସ୍ୟାମ୍ୟହଂ ଭୁବି
ତତ୍ରୈବ ଚ ବଧିଷ୍ୟାମି ଦୁର୍ଗମାଖ୍ୟଂ ମହାସୁରମ୍ ।'
ସପ୍ତସତୀ ଚଣ୍ଡୀ- ୧୧/୪୯

ଅର୍ଗଳ ସ୍ତୋତ୍ରରେ ବର୍ଣ୍ଣିତ ଅଛି -

'ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ
ଶିବାଦୁର୍ଗା କ୍ଷମାଦାତ୍ରୀ ସ୍ୱାହାସ୍ୱାଧା ନମୋସ୍ତୁତେ ।'

ଶ୍ରୀ ମାର୍କଣ୍ଡେୟ ଋଷି କହିଲେ ହେ ଦେବୀ ! ଭବାନୀ ତୁମେ ଜୟନ୍ତୀ, ମଙ୍ଗଳା, କାଳୀ, ଭଦ୍ରକାଳୀ, କପାଳିନୀ, ଦୁର୍ଗା କ୍ଷମା, ଶିବା, ଧାତ୍ରୀ, ସ୍ୱାହା ଏବଂ ସ୍ୱାଧା ନାମରେ ପ୍ରସିଦ୍ଧି ଅଟ, ତୁମକୁ ନମସ୍କାର ।

ଦେବୀ ସବୁଠାରୁ ଉତ୍କୃଷ୍ଟ ହେତୁ ଜୟନ୍ତୀ ଓ ବିଜୟ ଶାଳିନୀ । ଭକ୍ତମାନଙ୍କୁ ମୋକ୍ଷଦାନ କରୁଥିବାରୁ ମଙ୍ଗଳା, ପ୍ରଳୟ କାଳରେ ସୃଷ୍ଟିକୁ ଗ୍ରାସ କରୁଥିବାରୁ କାଳୀ, ମଙ୍ଗଳସୁଖ ପ୍ରଦାନ କରୁଥିବାରୁ ଭଦ୍ରକାଳୀ, ହସ୍ତରେ କପାଳ, ମୁଣ୍ଡମାଳ ଧାରଣ କରିଥିବାରୁ କପାଳିନୀ, ଦୁର୍ଗତି ନାଶନ କରୁଥିବାରୁ ଦୁର୍ଗା, ପାପ କ୍ଷମା କରୁ ଥିବାରୁ କ୍ଷମା, କଲ୍ୟାଣ କରୁଥିବାରୁ ଓ ଶିବ ପତ୍ନୀ ହୋଇଥିବାରୁ ଶିବା, ଜଗତର ମାୟା ପ୍ରପଞ୍ଚ ଧାରଣ କରିଥିବାରୁ ଧାତ୍ରୀ, ସ୍ୱାହା ରୂପେ ଯଜ୍ଞ ଭାଗ ଗ୍ରହଣ କରି ଦେବତା ଦେବତାମାନଙ୍କୁ ପ୍ରଦାନ କରୁଥିବାରୁ ତାଙ୍କ ନାମ ସ୍ୱାହା, ପିଣ୍ଡ ତର୍ପଣ ଶ୍ରାଦ୍ଧ ଗ୍ରହଣ କରି ପିତୃ ଲୋକମାନଙ୍କୁ ମୋକ୍ଷ କରୁଥିବାରୁ ତାଙ୍କର ନାମ ସ୍ୱାଧା । ଦେବୀଙ୍କ ବହୁ ନାମ ସଂପର୍କରେ ଓଡ଼ିଶାର ବରେଣ୍ୟ କବି ଶୁଦ୍ରମୁନୀ ସାରଳା ଦାସ ଏହିପରି ଲେଖିଛନ୍ତି -

ଝଙ୍କଡ଼େ ରହିଲୁ ମାତା ଶାରଳା ବୋଲାଇ
କାକଟପୁରେ ରହିଲୁ ମଙ୍ଗଳା ଯେ ତୁହି
କୋଣାରକେ ରହିଲୁ ଅଭୟା ରାମଚଣ୍ଡୀ
ଲହ ଲହ ଜିହ୍ୱା ତୋର ସିନ୍ଦୁରମା ମୁଣ୍ଡି
ଘଟଗାଁରେ ରହିଲୁ ତାରିଣୀ ବୋଲାଇ
ଭଦ୍ରକରେ ଭଦ୍ରକାଳୀ ନାମ ରୂପେ ତୁହି ।

ମା' ତାରିଣୀଙ୍କ ରୂପ ଯେପରି ରହସ୍ୟମୟ ତାଙ୍କର ନାନା ଗ୍ରାମେ ନାଧାମେ ହେଲା ତୋର ଖ୍ୟାତ ସକଳ ଅମରଗଣେ କରନ୍ତି ମା' ସ୍ତୁତି । ଆବିର୍ଭାବ ମଧ୍ୟ ସେହିପରି ରହସ୍ୟମୟ ।

ଭଗବାନ ଶ୍ରୀରାମ ରାବଣଙ୍କୁ ବଧ କରି ତ୍ରେତୟା ଯୁଗରେ ମାତା ଶକ୍ତି (ତାରିଣୀ)ଙ୍କୁ ଆରାଧନା କରି ଥିଲେ ବୋଲି କିମ୍ବଦନ୍ତୀ ରହିଛି । ତାଙ୍କ ପୂଜା ପାଇଁ ଏକଶହ ଆଠ ପଦ୍ମଫୁଲ ଆଣିଥିଲେ । ମାଆ ଭକ୍ତି ପରୀକ୍ଷା ପାଇଁ ଏକଟି ପଦ୍ମ ଫୁଲ ହରଣ କରିଥିଲେ । ଭଗବାନ ଶ୍ରୀରାମଙ୍କ ନାମ ରାଜୀବଲୋଚନ । ସେ ନିଜର ଚକ୍ଷୁ ଉତ୍ପାଟନ କରିବାକୁ ବସିଲେ । ମାଆ ତତ୍‌କ୍ଷଣାତ୍ ଆବିର୍ଭାବ ହୋଇ ତାଙ୍କର ସଙ୍କଟ ଦୁଃଖ ହରଣ କରିଥିବାରୁ ତାଙ୍କର ନାମ 'ସଙ୍କଟ ତାରିଣୀ' ହେଲା । ତା'ପରେ ମା' ଶିଳା ରୂପରେ ପରିଣତ ହେଲେ । ଶ୍ରୀରାମ ଏହି ଦେବୀଙ୍କୁ ପୂଜା କରିବା ପାଇଁ ବନବାସୀ, ଗିରିଜନ ଆଦିଙ୍କୁ କହିଥିଲେ ।

କାଞ୍ଚି ରାଜା ଶାଲ୍ୱ ନରସିଂହ ମାତୃ ଭକ୍ତ ଓ ସେବକ ଥିଲେ । ସେ ମାଆଙ୍କ ଆଦେଶ ପାଇ କାଳକ୍ରମେ ମାତାଙ୍କର ଏହି ମୂର୍ତ୍ତିକୁ ଶ୍ରୀରାମ ପୂଜା କରିଥିବା ସ୍ଥାନରୁ ଆଣି ନିଜ ରାଜ୍ୟ କାଞ୍ଚିରେ ସ୍ଥାପନ କରାଇଲେ । ମାତାଙ୍କ ସେବା ପୂଜା ଯଥାବିଧି ଶାସ୍ତ୍ରୋକ୍ତ ମତେ କରାଇଥିଲେ । ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜୁତି ସମୟରେ କାଞ୍ଚି ରାଜା ଶାଲ୍ୱ ନରସିଂହ ଦେବ ପୁରୀ ରଥଯାତ୍ରା ଦର୍ଶନ କରି ପ୍ରୀତ ହୋଇଥିଲେ । ନିଜର କନ୍ୟା 'ନାଦମ୍ବିକା' ବା 'ପଦ୍ମାବତୀ'ଙ୍କୁ ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବଙ୍କୁ ସମର୍ପଣ ପାଇଁ ଶ୍ରୀଜୀଉଙ୍କ ସମ୍ମୁଖରେ ପ୍ରତିଜ୍ଞା କରିଥିଲେ । ଗଜପତି ପୁରୁଷୋତ୍ତମ ଦେବ ଶ୍ରୀଜୀଉ ପୁରୁଷୋତ୍ତମ ଜଗନ୍ନାଥଙ୍କ ଛେରାପହଁରା କାର୍ଯ୍ୟ ଖଡ଼ିକା ଧରି କରୁଥିବାରୁ ପୁରୁଷୋତ୍ତମ

ଦେବଙ୍କୁ ଚଣ୍ଡାଳ ରୂପେ ସେ ଅବହିତ କଲେ । ଏଥିରେ କ୍ଷୁବ୍ଧ ହୋଇ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଯୁଦ୍ଧ କଲେ ଓ ଯୁଦ୍ଧରେ ପରାସ୍ତ ହେଲେ । ଶେଷରେ ବିଶ୍ୱର ପରମ ଆରାଧ୍ୟ ପରମ ବନ୍ଦ୍ୟ ଜଗଦୀଶ୍ୱର ଜଗନ୍ନାଥଙ୍କ ଶରଣାପନ୍ନ ହେଲେ । ଏହି ସମୟରେ କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜ ନିଜ ରାଜ୍ୟରୁ ବିତାଡ଼ିତ ହୋଇ ପୁରୀରେ ଅବସ୍ଥାନ କରୁଥାନ୍ତି । ରାତ୍ରିରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହେଲା ପୁରୁଷୋତ୍ତମ ମୋର ମନ୍ଦିର ପଛରେ ଏକ କ୍ଷୁଦ୍ର କୁଡ଼ିଆରେ ମୋର ପରମ ଭକ୍ତ ଗୋବିନ୍ଦ ଅବସ୍ଥାନ କରୁଛନ୍ତି । ତାଙ୍କୁ ପ୍ରଧାନ ସେନାପତି ପଦରେ ବରଣ କର, ତୁମେ ଜୟଯୁକ୍ତ ହେବ । ମୁଁ ମଧ୍ୟ ତୁମ ସହିତ ଯୁଦ୍ଧରେ ଯୋଗଦାନ କରିବି ।

ଗୋବିନ୍ଦ ଭଞ୍ଜ ମାତା ତାରିଣୀଙ୍କ ପରମ ଭକ୍ତ ଥିଲେ । ସେ ମାତାଙ୍କ ସ୍ତବ, ସ୍ତୁତି, ପୂଜନ ନକଲେ ଜଳ ସ୍ପର୍ଶ କରନ୍ତି ନାହିଁ । କାଞ୍ଚି ଯୁଦ୍ଧ କ୍ଷେତ୍ରରେ ମା' ତାରିଣୀ ଗୋବିନ୍ଦ ଭଞ୍ଜଙ୍କ ଉପରେ ପ୍ରୀତ ହେଲେ ଏବଂ ଆଶୀର୍ବାଦ ଦେଲେ । ଏ ଯୁଦ୍ଧରେ ଗଜପତି ଜୟଯୁକ୍ତ ହେବେ । ଗୋବିନ୍ଦ ଭଞ୍ଜ ମାତାଙ୍କୁ କହିଲେ ମାତା ତୁମେ ମୋ ସହିତ ଶ୍ରୀକ୍ଷେତ୍ର ଗମନ କର । ମାତା ତଥାସ୍ତୁ କହିଲେ । ଏହା ପରେ ମାତାଙ୍କ କୃପାରେ ଗୋବିନ୍ଦ ଭଞ୍ଜ ତାଙ୍କ ହୃତ ରାଜ କେନ୍ଦୁଝରକୁ ଫେରି ଆସିବାପାଇଁ ମନସ୍ଥ କଲେ । ମାତା ତାରିଣୀଙ୍କୁ ସେ ପ୍ରାର୍ଥନା କଲେ କେନ୍ଦୁଝର ଯିବା ପାଇଁ । ମାଆ ରାଜି ହେଲେ । କେତେକଙ୍କ ମତରେ ମାଆ ଏକ ହାନ୍ଦୋଳାରେ ରହିଲେ । ଏହି ହାନ୍ଦୋଳା ହାତୀ ଉପରେ ରହିଲା । ମାଆଙ୍କର ସର୍ତ୍ତ (ବୋଲି) ରହିଲା ହାନ୍ଦୋଳା କୌଣସି ମତେ ଭୂମିସ୍ପର୍ଶ କରିବ ନାହିଁ । ଯେଉଁଠାରେ ହାନ୍ଦୋଳା ଭୂମିସ୍ପର୍ଶ କରିବ, ସେହିଠାରେ ମାଆ ସେଠାରେ ଅବସ୍ଥାନ କରିବେ । ପାଣିକୋଇଲି ପାର ହୋଇ ପାଟହାତୀ ପଶ୍ଚିମାଭିମୁଖୀ ହୋଇ ପାଣିକୋଇଲିଠାରୁ ୮୦ କି.ମି. ଦୂରରେ ଏକ ବାଲି ଥିବା ସ୍ଥାନରେ ଶୋଇ ପଡ଼ିଲା । ଆଉ ଉଠି ଠିଆ ହେଲା ନାହିଁ । ଏହି ସମୟରେ ସ୍ୱର୍ଗବାଣୀ ହେଲା । ଗୋବିନ୍ଦ ମୁଁ ଏହିଠାରେ ଅବସ୍ଥାନ କରିବି । ମାଆ ଘଟ ରୂପରେ ହାନ୍ଦୋଳାରେ ଆସିଥିବାରୁ ଏହି ସ୍ଥାନର ନାମ ଘଟଗାଁ ହେଲା ।

କେତେକଙ୍କ ମତରେ ମାଆ ଏକ ଘୋଡ଼ାରେ ଚଢ଼ି ଆସୁଥିଲେ । ଗୋବିନ୍ଦ ଭଞ୍ଜ ଆଗରେ ଚାଲୁଥିଲେ । ଘଟଗାଁ ନିକଟରେ ବାଲିରେ ଘୋଡ଼ାର ଟାପୁ ବାଲିରେ ଗଳି ଗଲା । ମାଆଙ୍କ ପାଦର ପାଉଁଜି ରୁଣ ଝୁଣ ଶୁଭିଲା ନାହିଁ । ମାଆଙ୍କର ସର୍ତ୍ତ ଥିଲା, 'ଗୋବିନ୍ଦ ତୁମେ ପଛକୁ ଚାହିଁବ ନାହିଁ । ଘଟଗାଁରେ ମାଆଙ୍କ ପାଦର ନୂପର ନ ଶୁଭିବାରୁ ଗୋବିନ୍ଦ ଭଞ୍ଜ ପଛକୁ ଚାହିଁ ଦେଲେ । ମା' ତତ୍‌କ୍ଷଣାତ୍ ସେହିଠାରେ ପଥର ହୋଇଗଲେ ଓ ଶିଳାଖଣ୍ଡରେ ପରିଣତ ହେଲେ । ଏହା ଷୋଡ଼ଶ ଶତାବ୍ଦୀର କଥା । ଗୋବିନ୍ଦ ଭଞ୍ଜ ଘଟଗାଁ ମନ୍ଦିର ନିର୍ମାଣ କରି ଦେବୀଙ୍କ ପୂଜାପାଇଁ ପୂଜକ ନିଯୁକ୍ତି କରିଥିଲେ ।

କାଳକ୍ରମେ ମନ୍ଦିର ଧ୍ୱଂସ ହୋଇଗଲା । ମାଆଙ୍କ ମୂର୍ତ୍ତି ଏକ ଶାଳଗଛ ମୂଳେ ପଡ଼ି ରହିଲା । ଏହି ଗଛକୁ ଲାଗି ଏକ ପାଚିଲା କୋଳି ଗଛ ଥିଲା । ଦିନକର କଥା ଏକ ଦେହୁରୀ ତାର ଦୁଇ ପୁଅ ନେଇ ପାଚିଲା କୋଳି ଖାଇ ମାଆଙ୍କ ମସ୍ତକ ଉପରେ ପକାଇଲେ । ମାଆ ରାଗିଲେ । ସାପ ରୂପ ହୋଇ ଦେହୁରୀ ବଡ଼ ପୁଅକୁ ବଳି ଦେଲେ । ସାନପୁଅ ପାଦକୁ ଗିଳିବାକୁ ଆରମ୍ଭ କଲେ । ଦେହୁରୀ (ଶବର) ଏକଥା ଦେଖି ମାତାରୂପୀ ସାପ ମୁଣ୍ଡକୁ ହାଣି ଦେଲା । ମୁଣ୍ଡ ଦୁଇଫାଳ ହୋଇଗଲା । ମାତା ନିଜ ରୂପରେ ପ୍ରକଟ ହୋଇ ଦେହୁରୀଙ୍କୁ ଦେଖା ଦେଲେ । ମା'ଙ୍କ ନିକଟରେ ଦେହୁରୀ କ୍ଷମା ପ୍ରାର୍ଥନା ମାଗିଲା । ମାଆ କରୁଣାମୟୀ, ଦେହୁରୀଙ୍କୁ ନିଜର ଅଂଗ ସେବକ ବା ପାର୍ଷଦ କରାଇଲେ । ମାତା ନିର୍ଦ୍ଦେଶ ଦେଲେ ଯାବତ୍ ଚନ୍ଦ୍ରାର୍କେ ଦେହୁରୀମାନେ ତାଙ୍କର ପୂଜକ ହେବେ । ଅଦ୍ୟାପି ମାଆଙ୍କର ପ୍ରଧାନ ପୂଜକ ହେଉଛନ୍ତି ଦେହୁରୀ ବା ଶବରମାନେ । ଭାଗବତରେ ଶରମାରି ପ୍ରଭୁ ଶ୍ରୀକୃଷ୍ଣଙ୍କ ପାଦକୁ ଆଘାତ ଦେଇ ଜାରା ଶବରକୁ ମହାପ୍ରଭୁ ବୈକୁଣ୍ଠ ପ୍ରଦାନ କରିଥିଲେ ।

### ମା' ତାରିଣୀଙ୍କ ସେବା ପୂଜା ଓ ବ୍ରତ

ମାଆ ତାରିଣୀ ସରଳ ଭକ୍ତିରେ ସନ୍ତୁଷ୍ଟ । ମାଆ ବନ ଫୁଲ ଓ ବନ ଫଳର ବଡ଼ ଆଦର କରନ୍ତି । ଶ୍ରଦ୍ଧାରେ ଭକ୍ତ ନଡ଼ିଆ ମନ୍ଦାର ଫୁଲ ପଠାଇଲେ ମାଆ ଗ୍ରହଣ କରନ୍ତି । ନଡ଼ିଆ କଦଳୀ ଓ ବଜାରରେ ମିଳୁଥିବା ଫଳ, ଉଖୁଡ଼ା, କୋରା, ଦହି, ଦୁଗ୍ଧ, ବସାଦହି, ଘିଅ, ଛେନା, ଲହୁଣୀ ଆଦି ମାଆଙ୍କ ପୂଜାରେ ଲାଗେ ।

ମାଆଙ୍କର ବହୁପର୍ବ ରହିଛି, ସେଥିମଧ୍ୟରୁ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରୁ ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଶେଷ ହେଉଥିବା ପର୍ବ ଶ୍ରେଷ୍ଠ ପର୍ବ । ଏହା ଚଇତି ପର୍ବ ନାମରେ ଖ୍ୟାତ ।

ଆଷାଢ଼ ମାସରେ ଆଷାଢ଼ୀ ପର୍ବ ତାରିଣୀ ବ୍ରତ, ଦୁର୍ଗାପୂଜା, କାଳୀପୂଜା ମାଆଙ୍କର ପ୍ରଧାନପର୍ବ । ଏହା ବ୍ୟତୀତ ପ୍ରତି ମଙ୍ଗଳବାରରେ ମନ୍ଦିରରେ ଭିଡ଼ ଲାଗେ । ପ୍ରତ୍ୟେକ ଦିନ ବହୁ ନୂତନ ଯାନବାହନ ଏଠାରେ ପୂଜା ହୁଏ । ପ୍ରତ୍ୟହ ମଙ୍ଗଳ ଆରତୀ ପରେ ବାଲ୍ୟଭୋଗ, ମଧ୍ୟାହ୍ନ ଅନ୍ନପ୍ରସାଦ ଓ ସନ୍ଧ୍ୟାରେ କୁସୁମ କୋଳି ଚକୁଳିପିଠା ଏଠାରେ ଭୋଗ ଲାଗେ । ପ୍ରଧାନ ଚଇତି ପର୍ବ, କାଳୀପୂଜା, ଦୁର୍ଗା ପୂଜାରେ ମାଆଙ୍କର ବିଜେସ୍ଥଳୀରେ ଚଣ୍ଡୀପାଠ, ହୋମ, ଗୀତାପାଠ ହୁଏ । ଚଇତି ପର୍ବ ସାତ ଦିନ ଧରି ଚାଲେ । ଏହି ସାଂସ୍କୃତିକ ବିଚିତ୍ରା ଏଠାରେ ସମାପନ କରାଯାଏ, ତନ୍ମଧ୍ୟରୁ ପାଲା ଓ ପ୍ରବଚନ ପ୍ରଧାନ ।

ଆଷାଢ଼ୀ ପର୍ବ ଆଷାଢ଼ ମାସ ଶେଷ ଗୁରୁବାର ପୂର୍ବରୁ ନଅ ଦିନ ଧରି ଘଟଗାଁ ପୀଠରେ ପାଳନ କରାଯାଏ । ଥରେ ଘଟଗାଁ ଥାନାବାବୁ କୌଣସି ମକଦ୍ଦମାରେ ଦେହୁରୀମାନଙ୍କୁ (ପୂଜକ) ଥାନାରେ ଅଟକ ରଖିଲେ । ମାଆଙ୍କ ପୂଜାରେ ବ୍ୟାଘାତ ହେଲା । ମାଆ ତାଙ୍କ

ସେବକ ଦେହୁରୀ ଡାକ ଶୁଣିଲେ । ରାତିରେ ଦୁଇଟି ମହାବାଳ ବାଘ ଥାନା ବାବୁଙ୍କ ଥାନା ଦୁଆରେ ହେଣ୍ଟାଳ ଛାଡ଼ିଲେ । ଥାନା ବାବୁ ପୂଜକ ଦେହୁରୀମାନଙ୍କୁ ଛାଡ଼ି ଦେଇ ମାଆଙ୍କଠାରେ ଅଧିଆ ପଡ଼ିଲେ ଓ ମାଆଙ୍କୁ ଭୁଲ ମାଗିଲେ ।

ଏହି ପର୍ବରେ ସଧବା ସ୍ତ୍ରୀଲୋକମାନେ ସ୍ୱାମୀ ଓ ପରିବାର ମଙ୍ଗଳ ପାଇଁ ୧୩ ଗଣ୍ଠି ମାତାଙ୍କର ନାମରେ ଦିଅନ୍ତି । ୧୩ ହାତ ସୂତାରେ ୧୩ ଗଣ୍ଠି ପକାନ୍ତି । ୧୩ ମୁଠା ଅରୁଆ ଚାଉଳ ଉପରେ ୧୩ଟି ଗୁଆ ରଖି ମାଆଙ୍କ ନାମରେ ପ୍ରାର୍ଥନା ଓ ନଡ଼ିଆ କଦଳୀ, ଛେନା, ଫଳ ଆଦି ଭୋଗ ଅର୍ପଣ କରନ୍ତି । ୧୩ଟି ଗଣ୍ଠିରେ ମାଆଙ୍କର ୧୩ ନାମରେ ନାମିତ କରାଯାଏ, ଯଥା- ଦୁର୍ଗା, କାତ୍ୟାୟନୀ, ଗିରିଜା, ବିମଳା, ଚଣ୍ଡୀ, ଯାଜ୍ଞସେନୀ, କାଳୀ, ହିଙ୍ଗୁଳା, ମଙ୍ଗଳା, ଚାଚକାଇ, ଯୋଗମାୟା, ବିରଜା, ଦୟାମୟୀ ପାର୍ବତୀ ।

ମାଆଙ୍କର ବିଜେସ୍ଥଳୀ ପୀଠରେ ଦ୍ୱାରଦେଶରେ ଦୁଇ ଦ୍ୱାରପାଳ ଦେବୀ ବିଦ୍ୟାମାନ । ସେମାନେ ହେଉଛନ୍ତି ଦ୍ୱାର ପାଳଶୁଣି ଦେବୀ । ମାଆଙ୍କୁ ସମର୍ପିତ ଦୂରରୁ ଆସିଥିବା ଭୋଗ ନଡ଼ିଆ ଏହିଠାରେ ଭଙ୍ଗା ଯାଇଥାଏ । ଅଧୁନା ମାଆଙ୍କ ପୀଠରେ ଘଟକେଶ୍ୱର ମହାଦେବ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇ ପୂଜାବିଧି ଚାଲିଅଛି । ମାଆଙ୍କର ମହିମା ଅବର୍ଣ୍ଣନୀୟ । ତାଙ୍କର ଚାଳିଶା, ସ୍ତୁତିସ୍ତବ, ଭକ୍ତି ଶ୍ରଦ୍ଧାର ଭକ୍ତ ପାଠ କଲେ ଧର୍ମ, ଅର୍ଥ କାମ, ମୋକ୍ଷ, ଚତୁର୍ବର୍ଗଫଳ ସହିତ ପାପତାପରୁ ମୁକ୍ତି ମିଳିବା ସଂଗେସଂଗେ ଭକ୍ତ ଆଶୁ ବିପଦ ଘଟଣା, ଦୁର୍ଘଟଣାରୁ ମୁକ୍ତି ପାଇଥାଏ ।

ଆଜି ପୁଣ୍ୟ ୭୦ତମ ଚୈତ୍ରପର୍ବ ଉପଲକ୍ଷେ ମାଆ ତାରିଣୀ ତାଙ୍କର କରୁଣା ରେଣୁ ସିଞ୍ଚନ କରି ଏ ବିଶ୍ୱରୁ ଅଶାନ୍ତି, ଅଘଟନ, ଦୁର୍ଘଟଣ, ଆଧିଭୌତିକ, ଆଧିଦୈବୀକ ଆଧାତ୍ମିକ ତ୍ରିତାପ ନାଶ କରି ବିଶ୍ୱକୁ ଭଦ୍ର ମଙ୍ଗଳମୟ, ଆନନ୍ଦଦାୟକ କରନ୍ତୁ, ଏହା ହିଁ ତାହାଙ୍କ ନିକଟରେ ମୋର ପ୍ରାର୍ଥନା । ଶ୍ରୀ ତାରିଣୀ ସମର୍ପଣାସ୍ତୁ ।

ଜୟ ଜଗନ୍ନାଥ

ଗବେଷକ, ଜଗନ୍ନାଥ ତତ୍ତ୍ୱ ଓ ସଂସ୍କୃତି
ଦୂରସଞ୍ଚାର କେନ୍ଦ୍ର, ଭଦ୍ରକ-୭୫୬୧୦୦

# ମନ୍ଦିର ମାଳିନୀ ଭୁବନେଶ୍ୱର

ଶ୍ରୀମତୀ କାଞ୍ଚନ ମିଶ୍ର

ମନ୍ଦିର ମାଳିନୀ ପ୍ରସିଦ୍ଧ ସହର
ନାଆଁ ତା' ଭୁବନେଶ୍ୱର,
ଓଡ଼ିଶା ଶାସନ ରଖିବାକୁ ଏଠି
ସ୍ଥିର କଲେ ସରକାର ।

ଊନବିଂଶ ଅଠଚାଳିଶ ମସିହା
ବିଷୁବ ସଂକ୍ରାନ୍ତି ଦିନ,
ନୂଆ ରାଜଧାନୀ ଶୁଭ ଦିଆଗଲା
ଅତୀତରେ ସେହି ଦିନ ।

ସେକ୍ରେଟାରୀଏଟ୍ ଆସେମ୍ବ୍ଲି ପାଖରେ
ତୋଳା ହେଲା କେତେ ଘର,
କଟକରୁ ମୁଖ୍ୟ ଅନେକ ଅଫିସ୍
ଆସିଲା ଏହି ସହର ।

ବୁଦ୍ଧିମାନ୍ ଲୋକେ ଚାକିରି ବଣିଜ
ସହରୀ ସଭ୍ୟତା ପାଇଁ,
ରାଜଧାନୀ ଆସି ଜାଗା, ବାଡ଼ି କିଣି
ରହିଲେ ବାସିନ୍ଦା ହୋଇ ।

କିଣା ବିକା ପାଇଁ ଏକ ନମ୍ବରରେ
ବସିଲା ଦୈନିକ ହାଟ,
ସୁବିଧା ଦରରେ ମିଳିଲା ଜିନିଷ
ନାଆଁ ହେଲା ବଡ଼ ହାଟ ।

ପୁରୁଣା ସହର ଭୁବନେଶ୍ୱରରେ
ଲିଙ୍ଗରାଜ ବିଦ୍ୟମାନ,
ଅତୀତ କାଳରୁ ପୁରାଣେ ବର୍ଣ୍ଣିତ
ଦର୍ଶନୀୟ ଏହି ସ୍ଥାନ ।

ଲକ୍ଷେ ଶିବଲିଙ୍ଗ ମନ୍ଦିର ମାଳିନୀ
ସହର ଭୁବନେଶ୍ୱର,
ରହିଅଛି ଖ୍ୟାତି ପ୍ରାଚୀନ କୀରତି
ନାହିଁ ତା'ର ପଟାନ୍ତର ।

ନିତିଦିନ ଲୋକ ସହସ୍ର ସଂଖ୍ୟାରେ
ଭୁବନେଶ୍ୱରକୁ ଆସି,
ପ୍ଲାନେଟୋରିୟମ୍, ମ୍ୟୁଜିୟମ୍ ଦେଖି
ହୋଇଥାନ୍ତି ଭାରି ଖୁସି ।

ଖଣ୍ଡଗିରି ଗୁମ୍ଫା, ନନ୍ଦନକାନନ
ଦେଖି ଲାଖିଯାଏ ମନ,
ଫେରିବାକୁ ଘର ମନ ହୁଏ ନାହିଁ
ଲଭନ୍ତି ଅଶେଷ ଜ୍ଞାନ ।

ସବୁଜ ସୁନ୍ଦର ଆମ ରାଜଧାନୀ
ସବୁଠୁଁ ବଡ଼ ସହର,
ଜଳବାୟୁ ତା'ର ଅତି ସ୍ୱାସ୍ଥ୍ୟକର
ରାଇଜ ମଧରେ ସାର ।

ୟୁନିଟ୍-୯, ଭୁବନେଶ୍ୱର-୨୨

# ରୁକୁଣା ରଥଯାତ୍ରା ଓ ଅଶୋକାଷ୍ଟମୀ

ସୁଶାନ୍ତ କୁମାର ସ୍ୱାଇଁ

ପ୍ରାଚୀନ ଶୈବକ୍ଷେତ୍ରମାନଙ୍କ ମଧ୍ୟରେ ଏକାମ୍ରକ୍ଷେତ୍ର ଭୁବନେଶ୍ୱର ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର ପୂର୍ବକ ପରମଯୋଗୀ ଶ୍ରୀଲିଙ୍ଗରାଜ ମହାପ୍ରଭୁ ସତତ୍ ବିଦ୍ୟମାନ । ଏହି କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀଲିଙ୍ଗରାଜ ଓ କ୍ଷେତ୍ରରକ୍ଷକ ବାସୁଦେବ ପରମ ଆରାଧ୍ୟ ଦେବତା ରୂପେ ଉପାସନା ହେବା ସଂଗେସଂଗେ ବିଭିନ୍ନ ଯାନିଯାତ୍ରାରେ ମାନବୀୟ ଲୀଳାରେ ଅବତୀର୍ଣ୍ଣ ହୁଅନ୍ତି । ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରରେ ବାରମାସରେ ତେର ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଏକାମ୍ରକ୍ଷେତ୍ର ଭୁବନେଶ୍ୱରରେ ଅଧିକ ପର୍ବ ଅନୁଷ୍ଠିତ ପୂର୍ବକ ବାରମାସରେ ଚତୁର୍ଦ୍ଦଶ ଯାତ୍ରା ପାଳିତ ହୋଇଥାଏ । ସେହି ଯାତ୍ରାମାନଙ୍କ ମଧ୍ୟରୁ ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ହେଉଥିବା ଶୈବ ଗୁଣ୍ଡିଚା ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ପ୍ରମୁଖ ଯାତ୍ରା । ଏହି ରଥଯାତ୍ରା ସମ୍ପର୍କରେ ବହୁ ପଣ୍ଡିତମାନଙ୍କ ମତରେ ଏହା ଜୈନ ରଥଯାତ୍ରା । ଆଉ କେତେକଙ୍କ ମତରେ ବୌଦ୍ଧମାନଙ୍କ ଦ୍ୱାରା ଏହି ରଥଯାତ୍ରା ଆରମ୍ଭ ହୋଇଥିଲା । କିନ୍ତୁ ବର୍ତ୍ତମାନ ଭୁବନେଶ୍ୱରର ଏହି ରଥଯାତ୍ରା ଶୈବ ସଂସ୍କୃତି ଓ ବୈଷ୍ଣବ ସଂସ୍କୃତି ସମ୍ମିଶ୍ରଣରେ, ଯାହାକି 'ରୁକୁଣା ରଥ' ନାମରେ ଅଭିହିତ । ଏହି ଉତ୍ସବର ମୌଳିକ ପ୍ରାମାଣିକ ତଥ୍ୟ ଏପର୍ଯ୍ୟନ୍ତ କୌଣସି ଅଭିଲେଖ ବା ଇତିହାସ ପୃଷ୍ଠାରେ ପରିଦୃଷ୍ଟ ହୁଏନାହିଁ । ତଥାପି ପୌରାଣିକ ଘଟଣା, କିମ୍ବଦନ୍ତୀ ଓ ପ୍ରାଚୀନ ଐତିହାସିକ ଘଟଣା ଉପରେ ପ୍ରତିଷ୍ଠିତ ଅଶୋକାଷ୍ଟମୀ ରଥଯାତ୍ରା ।

ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳ ଅଷ୍ଟମୀ ତିଥିରେ ପାଞ୍ଚଦିନ ପାଇଁ ରାମେଶ୍ୱର ମନ୍ଦିର ବା ମାଉସୀମା' ଘରକୁ ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା/ବିଜେ ପ୍ରତିମା/ଅର୍ଚ୍ଚା ବିଗ୍ରହ ଚନ୍ଦ୍ରଶେଖର, ଭଗ୍ନୀ ରୁକୁଣା ବା ରୁକ୍ମିଣୀ ଓ ବାସୁଦେବ ରଥାରୂଢ଼ ହୋଇ ବହିର୍ଯାତ୍ରା କରନ୍ତି । ଲୋକାଚାର ମତରେ ଏହି ଯାତ୍ରାକୁ ରୁକୁଣା ରଥଯାତ୍ରା କୁହାଯାଏ । ପ୍ରକୃତରେ ଏହି ଯାତ୍ରା ଯେପରି ବିସ୍ମୟ, ଠିକ୍ ସେହିପରି ଯାତ୍ରା ଅନୁଷ୍ଠିତ ହେଉଥିବା ଅଶୋକାଷ୍ଟମୀ ତିଥି ରହସ୍ୟମୟ । ପୁରାଣ ବର୍ଣ୍ଣନା ଅନୁସାରେ ଏହି ରଥଯାତ୍ରା ସହିତ ଶ୍ରୀରାମଚନ୍ଦ୍ରଙ୍କ ସମ୍ପର୍କ ନିହିତ । ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ବହୁ ଚେଷ୍ଟା କରି ରାବଣକୁ ଯୁଦ୍ଧରେ ପରାସ୍ତ କରିପାରୁନଥିଲେ । ବିଭୀଷଣର ଉପଦେଶ ଅନୁସାରେ



ରାମଚନ୍ଦ୍ର ଦେବୀ ଦୁର୍ଗାଙ୍କୁ ସାତ ଦିନ ଧରି ବେଲ, ତୁଳସୀ, ପଳାଶ, ଅତସୀ, ପ୍ରିୟଙ୍ଗୁ, ମାରୁତିକା, ଶମୀ, ତମାଳ ଓ ଜମ୍ବିଳ ଆଦି ନବପତ୍ର ସହ ସହସ୍ର ଦଳ ପଦ୍ମରେ ପୂଜା ନୈବେଦ୍ୟ ଦ୍ୱାରା ସନ୍ତୁଷ୍ଟ କରାଇଥିଲେ । ପ୍ରଭୁ ଶ୍ରୀରାମଚନ୍ଦ୍ର ଦେବୀଙ୍କଠାରୁ ବିଜୟୀ ହେବାର ଆଶୀର୍ବାଦ ଲାଭ କରି ରାମଚନ୍ଦ୍ର ବ୍ରହ୍ମାସ୍ତ୍ର ଦ୍ୱାରା ଚୈତ୍ରମାସ ଶୁକ୍ଳ ଅଷ୍ଟମୀ ଦିନ ଲଙ୍କାର ସମ୍ରାଟ ରାବଣଙ୍କୁ ନିହତ କରିଥିଲେ । ବିଜୟପ୍ରାପ୍ତିର ଉତ୍ସାହରେ ରାମଚନ୍ଦ୍ର ଶିବ ଓ ଶିବଦୁର୍ଗାଙ୍କୁ ରଥରେ ବସାଇ ସେହିଦିନ ବିଜୟ ଉତ୍ସବ ପାଳନ କରିଥିଲେ । ସେହି ବିଜୟ ଯାତ୍ରାର ସ୍ମାରକ ବହନ ପୂର୍ବକ ପବିତ୍ର ଅଶୋକାଷ୍ଟମୀ ତିଥିରେ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଶ୍ରୀଚନ୍ଦ୍ରଶେଖର ଓ ପାର୍ବତୀ ରଥରେ ବସି ରାମଙ୍କ ଦ୍ୱାରା ନିର୍ମିତ ରାମେଶ୍ୱର ମନ୍ଦିରକୁ ଯାତ୍ରା କରିଥାନ୍ତି । ଏଠାରେ କହି ରଖେ ତାହାହେଲେ ବାସୁଦେବ ତୃତୀୟ ଦେବତା ରୂପେ ଯିବାର କାରଣ କ'ଣ ? ଦ୍ୱିତୀୟ କଥା ହେଉଛି ଏହି ରଥର ନାମ ରୁକୁଣା ରଥ ଏବଂ ଲୋକମତରେ ଦୁଇ ଦେବତାଙ୍କ ମଧ୍ୟରେ ଦେବୀ ହେଉଛନ୍ତି ଶ୍ରୀଲିଙ୍ଗରାଜଙ୍କ ଭଗ୍ନୀ ରୁକ୍ମଣୀ ବା ରୁକୁଣା । ଶ୍ରୀଲିଙ୍ଗରାଜଙ୍କର ଆଉ ଏକ ଭଉଣୀ ଭାରତୀ ମଠରେ କାମାକ୍ଷୀ ଠାକୁରାଣୀ ରୂପେ ପୂଜା ପାଉଛନ୍ତି । ସେଠାକୁ ଶ୍ରୀଲିଙ୍ଗରାଜ ଯମ ଦ୍ୱିତୀୟା ଏବଂ ନିଜର ବିବାହ

ଅବସର ତଥା ଚତୁର୍ଥୀ ଦିନ ବାସୁଦେବ ମନ୍ଦିର ଓ ଭଉଣୀ ଘରକୁ ପରିଭ୍ରମଣରେ ଯା'ନ୍ତି । ବୋଧହୁଏ ବୌଦ୍ଧଧର୍ମର ପତନରେ ଶୈବଧର୍ମ ଉତ୍ଥାନରେ ନୂତନ ମୋଡ଼ସୃଷ୍ଟି ହୋଇଥିଲା । ତାହାର ପ୍ରତିଫଳନ ପୂର୍ବକ ଏହି ଶୈବ ରଥଯାତ୍ରାରେ ଶ୍ରୀଜଗନ୍ନାଥ ସଂସ୍କୃତିର ସ୍ପର୍ଶ ବାଜି ଥିବାରୁ ଚନ୍ଦ୍ରଶେଖର ଓ ପାର୍ବତୀଙ୍କ ବଦଳରେ, ପ୍ରଭୁ ଚନ୍ଦ୍ରଶେଖର, ଶ୍ରୀକୃଷ୍ଣଙ୍କ ପତ୍ନୀ ରୁକ୍ମଣୀ ଏବଂ ବାସୁଦେବ ଏହି ଯାତ୍ରାରେ ବିଜେ କରୁଛନ୍ତି ।

ସଂପ୍ରତି ଅନୁଷ୍ଠିତ ହେଉଥିବା ରୁକୁଣା ରଥଯାତ୍ରା ଅୟମାରମ୍ଭ ଶ୍ରୀପଞ୍ଚମୀ ଦିନଠାରୁ । ଶ୍ରୀପଞ୍ଚମୀ ଦିନ ଲିଙ୍ଗରାଜଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ଶ୍ରୀରାମନଗରରେ ଅବସ୍ଥିତ ସୂକ୍ଷ୍ମେଶ୍ୱର ମନ୍ଦିରଠାରୁ । ଏହି ସୂକ୍ଷ୍ମେଶ୍ୱର ମନ୍ଦିର ନିକଟସ୍ଥ ଆମ୍ବତୋଟାର ଏକ ଆମ୍ରବୃକ୍ଷକୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ହେଲାପରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ପକ୍ଷରୁ ଏକ କୁରାଢ଼ୀ ସାହାଯ୍ୟରେ ଆମ୍ବଗଛକୁ ଚୋଟ ମାରି ଏକ କ୍ଷୁଦ୍ର ଆମ୍ବ କାଠ ଆଣିଥାନ୍ତି । ସେହି କାଠ ସର୍ବପ୍ରଥମେ ରଥ ନିର୍ମାଣ କାର୍ଯ୍ୟରେ ଲାଗିଥାଏ । ଏଠାର କାଷ୍ଠ ଓ ଆଜ୍ଞାମାଳ ଆଣିଲାପରେ ଶ୍ରୀଚନ୍ଦ୍ରଶେଖର, ଭୁବନେଶ୍ୱରୀଙ୍କ ସହିତ ଦୁଇଟି ବିମାନରେ ମାଘ ସପ୍ତମୀ ଦିନ ରାତ୍ର ଦ୍ୱିତୀୟ ପ୍ରହରରେ ବ୍ରହ୍ମେଶ୍ୱର ପାଟଣାସ୍ଥ ଭାସ୍କରେଶ୍ୱର ମନ୍ଦିରରୁ ରଥମାପ ଓ ଭାସ୍କରେଶ୍ୱର ମନ୍ଦିର ପ୍ରାଙ୍ଗଣ ବାହ୍ୟପାର୍ଶ୍ୱ ଉତ୍ତର ଦିଗରେ ଥିବା ରଥ ଚକୋଡ଼ାରୁ ରଥଚକର ମାପ ଆଣିଲାପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ଅନ୍ୟାନ୍ୟ କାଠ ଜଙ୍ଗଲର ସଂଗ୍ରହ କରାଯାଇ ରଥ ନିର୍ମାଣ କାର୍ଯ୍ୟରେ ଲାଗିଥାଏ । ପ୍ରାୟ ୪୦ରୁ ୫୦ ଜଣ ବଢ଼େଇ ଏହି ରଥ ନିର୍ମାଣରେ ନିୟୋଜିତ ହୋଇଥାନ୍ତି । ରୁକୁଣା ରଥରେ ସଂପୂର୍ଣ୍ଣ ନୂଆକାଠ ଲାଗି ନଥାଏ, ଏଥିରେ ଅନେକ କାଷ୍ଠ ପୂର୍ବ ବର୍ଷର । କିନ୍ତୁ ରଥର ଚକଗୁଡ଼ିକ ସଂପୂର୍ଣ୍ଣ ନବ ନିର୍ମିତ ହୋଇଥାଏ । ମାଘ ସପ୍ତମୀରୁ ଚୈତ୍ର ସପ୍ତମୀ ପର୍ଯ୍ୟନ୍ତ ଅର୍ଥାତ୍ ଦୁଇ ମାସ ରଥ ପ୍ରସ୍ତୁତି ପାଇଁ ସମୟ ଲାଗେ ।

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ରୁକୁଣା ରଥର ମାପ ୩୮ ଫୁଟ ଓ ଚଉଡ଼ା ୨୮ ଫୁଟ, ରଥରେ ଚାରୋଟି ଚକ ଓ ଦୁଇଟି ଅଖ ଲାଗିଥାଏ । ଚକ ଚାରୋଟି ଶଗଡ଼ ଚକ ଆକାର-ଆକୃତିରେ ନିର୍ମିତ ନହୋଇ ନିଦା ଓ ଅତି ମଜ୍ଜବୁତ ଭାବେ ନିର୍ମିତ ହୋଇଥାଏ । ରଥ ଚାରୋଟିର ପରସ୍ପରଠାରୁ ବ୍ୟବଧାନ ୯ ଫୁଟ । ପାର୍ଶ୍ୱଦେବତା ରୂପେ ସୂର୍ଯ୍ୟ, ବରୁଣ, ଇନ୍ଦ୍ର, ଅଗ୍ନି, ଦୁର୍ଗା, ଶିବ, ଯମ ଓ କାର୍ତ୍ତିକେୟ । ରଥର ସାରଥି ବ୍ରହ୍ମା । ଏଥିରେ ଚାରୋଟି ଚକରେ ଦୁଇଯି ଅଖ ଲାଗିଥାଏ । ଚାରୋଟି ଅଶ୍ୱ ଏକ ପ୍ରକାର ରଙ୍ଗରେ ରଙ୍ଗାୟିତ ହୋଇଥାଏ । ରଥକୁ ନୀଳ, ହଳଦିଆ, ନାଲି ଓ ଧଳା ରଙ୍ଗର କପଡ଼ାରେ ଆଚ୍ଛାଦିତ କରାଯାଏ । ରଥର ଉପର ପାର୍ଶ୍ୱରେ କଳସ, ଓଲଟଶୁଆ ଓ ଧ୍ୱଜା ଲାଗିଥାଏ ।

ରୁକୁଣା ରଥଯାତ୍ରାର ପୂର୍ବଦିନ ତଥା ଚୈତ୍ର ସପ୍ତମୀ ତିଥି ରାତ୍ରର ଶେଷ ପ୍ରହରରେ ଶ୍ରୀଲିଙ୍ଗରାଜ ମନ୍ଦିରର ଅନତି ଦୂରରେ ଥିବା କେଦାର ଗୌରୀସ୍ଥ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମରିଚିକୁଣ୍ଡର ପାଣି ନିଲାମ କରାଯାଇଥାଏ । ଯେଉଁ ସ୍ତ୍ରୀଲୋକମାନଙ୍କର କୌରସି ପିଲାପିଲି ହେଉନଥାନ୍ତି ବା ସନ୍ତାନ ଜନ୍ମ ହୋଇ ମରିଯା'ନ୍ତି, ସେମାନେ ଏହି ଦିନ ଅଧିବାସ ପୂର୍ବକ ମରିଚିକୁଣ୍ଡର ଜଳରେ ସ୍ନାନ କରନ୍ତି । ଏହା କରିବା ଦ୍ୱାରା ତା'ର ସନ୍ତାନ ଜନ୍ମଲାଭ ହୋଇ ବଂଚି ରହିଥାଏ । ଓଡ଼ିଆମାନଙ୍କର ଏହା ଉପରେ ବହୁତ ବିଶ୍ୱାସ ଥିବାରୁ ବନ୍ଧ୍ୟାନାରୀମାନେ ପୁରପଲ୍ଲୀରୁ ଏଠାକୁ ଆସି ସ୍ନାନ କରିଥାନ୍ତି । ଓଡ଼ିଆ ଶବ୍ଦ ବାଂଝ ମଡ଼ିଛିର ଅପଭ୍ରଂଶ ପୂର୍ବକ ମରିଚି ହୋଇଥିବାର ବିଶ୍ୱାସ କରାଯାଇପାରେ । ମରିଚି ମଧ୍ୟ ସପ୍ତର୍ଷିର ଅନ୍ୟତମ ଋଷି । ମରିଚି ତନ୍ତ୍ରର ସିଦ୍ଧଭୈରବ ଥିବାର କେତେକ ତନ୍ତ୍ରରୁ ଜଣାପଡ଼େ । ଏହି ପବିତ୍ର ତିଥିରେ ବନ୍ଧ୍ୟାନାରୀ ଏକ ଅଶୋକ ବୃକ୍ଷ ମୂଳରେ ସ୍ନାନ ସମାପନ କରି ଆଠଗୋଟି କଢ଼ି ସହ ଆଠବୁନ୍ଦା ଜଳ ନିଷ୍ଠାର ସହିତ ସେବନ କଲେ ସନ୍ତାନପ୍ରାପ୍ତି ହୁଏ । ଅଶୋକାଷ୍ଟମୀ ତିଥିରେ ପୁନର୍ବସୁ ନକ୍ଷତ୍ରଯୁକ୍ତ ହେଉଥିବାରୁ ଅଶୋକ କଳିକା ସେବନ କରିବା ଦ୍ୱାରା ଅଧିକ ଫଳପ୍ରଦ ବୋଲି ଭେଷଜ ଶାସ୍ତ୍ରରୁ ଜଣାଯାଏ । ସେ ଯାହାହେଉନା ଅଶୋକାଷ୍ଟମୀ ତିଥି ଦେବ, ମନୁଷ୍ୟ, ଦାନବମାନଙ୍କ ପାଇଁ ଅଧିକ ଶୁଭଦାୟକ । ମରିଚିକୁଣ୍ଡର ପ୍ରଥମ ପାଣି ରଥ ପ୍ରତିଷ୍ଠା ପାଇଁ ଦ୍ୱିତୀୟ କଳସ ଗଜପତି ମହାରାଜାଙ୍କ ଧର୍ମପତ୍ନୀ ମହାରାଣୀଙ୍କ ସ୍ନାନ ଉଦ୍ଦେଶ୍ୟରେ ପୁରୀକୁ ପଠାଗଲା ପରେ ତୃତୀୟ କଳସ ପାଣିଠାରୁ ନିଲାମ କରାଯାଇଥାଏ । ରଥ ପ୍ରତିଷ୍ଠା ପାଇଁ ଆସିଥିବା ମରିଚିକୁଣ୍ଡ ପାଣିରେ ରଥଶୋଧ କରାଯିବା ସଂଗେସଂଗେ ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ରଥ ପ୍ରତିଷ୍ଠା ଉଦ୍ଦେଶ୍ୟରେ ହୋମପାଠ କରାଗଲା ପରେ ରଥରେ ଚାରମାଳ ଯୋଚାଯାଏ ମହାପ୍ରଭୁଙ୍କ ବିଜେ କରିବା ଉଦ୍ଦେଶ୍ୟରେ ।

ରୁକୁଣା ରଥ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯିବାକୁ ପ୍ରାୟ ଦୁଇ କିଲୋମିଟର ଅଙ୍କାବଙ୍କା ରାସ୍ତାରେ ଅତିକ୍ରମ କରିବାକୁ ପଡ଼ିଥାଏ । ରଥକୁ ଅଙ୍କାବଙ୍କା ରାସ୍ତାରେ ମୋଡ଼ିବା ପାଇଁ ଚକରେ ଖରଡ଼ା ବ୍ୟବହାର ଏକ ଆଶ୍ଚର୍ଯ୍ୟଜନକ ଏବଂ ବିପଦପୂର୍ଣ୍ଣ କାର୍ଯ୍ୟ । ଏହି ଖରଡ଼ା ବେଲ କିମ୍ବା ତେନ୍ତୁଳି କାଠରେ ନିର୍ମିତ ହୋଇଥାଏ । ଏହାର ଲମ୍ବ ୫ ଫୁଟ ଓ ମୋଟେଇ ୨ ଫୁଟ ମଧ୍ୟରେ । ଉପର ଅଂଶଟି ଦୁଇପାର୍ଶ୍ୱକୁ ଗଡ଼ାଣିଆ । ଏହା ଉପରେ ଜଡ଼ାତେଲ ଓ ପାଣି ପକାଇ ଖସଡ଼ା କରାଯାଇଥାଏ । ବାଉରି ସେବକମାନେ ଏହାକୁ ଦୁଇ ପଟରେ ଦୁଇ ଜଣ ଲେଖାଏଁ ଧରି ରଥ ସହିତ ଚାଲୁଥାନ୍ତି । ରଥର ଆଗଚକ ଦୁଇଟିରେ ଖରଡ଼ା ମୁଖ୍ୟତଃ ବ୍ୟବହାର କରାଯାଇଥାଏ । ଏହା ରଥର ଗତିରୋଧ କରିବା ସଙ୍ଗେସଙ୍ଗେ ଚକ ଗଡ଼ିବା ସମୟରେ ଖରଡ଼ା ପକାଇବା ମାତ୍ରେ ଏଥିରେ ଦିଆଯାଇଥିବା ତେଲ ଓ ପାଣିର ପିଚ୍ଛିଳତା ଯୋଗୁଁ ଚକ ଏହା ଉପରକୁ ଚଢ଼ିବା ମାତ୍ରେ ଆବଶ୍ୟକ ଦିଗକୁ ମୋଡ଼ି ହୋଇଯାଏ । ପ୍ରତ୍ୟେକ ଥର ଖରଡ଼ା ବ୍ୟବହାର କରାଯିବା ପରେ ତେଲ ଓ ପାଣି ଦିଆଯାଏ । ରଥର ଉପର ପାର୍ଶ୍ୱ ଖରଡ଼ା ବ୍ୟବହାରବେଳେ ଦୋହଲି ଦୋହଲି

ସୁନ୍ଦର ପରିଦୃଶ ହେଉଥାଏ । ଡାହୁକଙ୍କ ନିର୍ଦ୍ଦେଶରେ ରଥ ରଥଦାଣ୍ଡରେ ଗଡ଼ିଚାଲେ । ରଥରେ ଯେଉଁ ଦଉଡ଼ିଗୁଡ଼ିକ ବ୍ୟବହାର କରାଯାଏ ତାହା ସୁଭଦ୍ରାଙ୍କ ରଥ ଦଉଡ଼ି । ପୂର୍ବ ପ୍ରଥା ଅନୁସାରେ ପ୍ରତିବର୍ଷ ଏହି ଦଉଡ଼ିଗୁଡ଼ିକ ପୁରୀରୁ ଅଣାଯାଏ । ରଥଯାତ୍ରା ସମାପନ ହେବା ପରେ ଦଉଡ଼ିଗୁଡ଼ିକ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଫେରସ୍ତ କରାଯାଏ ।

ପୂର୍ବେ ରୁକୁଣା ରଥଯିବା ପାଇଁ ରଥଦାଣ୍ଡ ସମ୍ପୂର୍ଣ୍ଣ ପକ୍କାରାସ୍ତା କରାଯାଇନଥିଲା । ଗୋସାଗରେଶ୍ୱର ମନ୍ଦିର ପାର ହେଲା ପରେ ରଥ ଧାନ ବିଲରେ ଯିବାକୁ ହେଉଥିଲା । ଏହାକୁ ଅସୁର କିଆରି କୁହାଯାଏ । ରଥ ଧାନବିଲରେ ଯିବା ସମୟରେ ବିଲକାଦୁଅ ମାଟିରେ ଗଳି ପଡୁଥିଲା । ରଥର ଚକକୁ କାଦୁଅରୁ ଉଠାଇବାକୁ ଅତି କଠିନ ପରିଶ୍ରମ କରିବାକୁ ହେଉଥିଲା । ତଥାପି ରଥ କାଦୁଅରୁ ଉଠି ପାରୁନଥିଲା । ପୂର୍ବ ପ୍ରଥାନୁଯାୟୀ ବାଲିଅନ୍ତା ସାଆନ୍ତ ସେମାନଙ୍କର ଲୋକ ବା ବେଠିଆ ଏବଂ ପୁରୀ ଗଜପତିଙ୍କ ହାତୀ ଆସି ରଥ ଉଠାଇବା କାର୍ଯ୍ୟରେ ସାହାଯ୍ୟ କରନ୍ତି । ଗୁଣ୍ଡିଚା ଓ ବାହୁଡ଼ା ଦିନକୁ ମିଶାଇ ସର୍ବମୋଟ ୫ ଦିନ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୁଏ । ମଝିରେ ମାତ୍ର ତିନିଦିନ ତିନି ଠାକୁର ମାଉସୀ ମା' ମନ୍ଦିରରେ ରୁହନ୍ତି । ବାହୁଡ଼ା ଦିନ ପ୍ରତ୍ୟୁଷରୁ ରାମେଶ୍ୱର ମନ୍ଦିରସ୍ଥ ବିଜୟ ପଡ଼ିଆରେ ଚାରିଦିନ ଅଟକି ରହିଥିବା ରୁକୁଣାରଥ ଅଣଲେଉଟା ଦୃଷ୍ଟିରୁ ରଥକୁ ବୁଲାଇବା ପରିବର୍ତ୍ତେ ରଥର ଘୋଡ଼ା, ଦଉଡ଼ି ବିପରୀତ ପାର୍ଶ୍ୱରେ ଲଗାଯିବା ସଂଗେ ସଂଗେ ରଥ ଦ୍ୱାରକୁ ବନ୍ଦ କରାଯାଇ ସେଠାରେ ସିଂହାସନ ନିର୍ମାଣ କରାଯାଏ ଏବଂ ପୂର୍ବ ସିଂହାସନ ସ୍ଥାନକୁ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦ୍ୱାର ଖୋଲାଯାଏ । ଏହି ପାଞ୍ଚଦିନ ରାମେଶ୍ୱର ମନ୍ଦିରରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ପ୍ରଭୃତି ଆୟୋଜନ କରାଯାଏ । ଏତଦ୍‌ବ୍ୟତୀତ ରଥ ଅଟକି ଥିବା ସ୍ଥାନରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଏ । ଏହି ସମୟରେ ରଥଦାଣ୍ଡରେ ବହୁ ଅସ୍ଥାୟୀ ଦୋକାନ ବସିଥାଏ । ନିକଟସ୍ଥ ଗ୍ରାମବାସୀ ଓ ଭୁବନେଶ୍ୱର ସହରବାସୀ ଏହି ଉଠା ଦୋକାନରୁ ଅନେକ ଜିନିଷ କିଣିଥାନ୍ତି ।

ବାହୁଡ଼ା ଦିନ ମାଉସୀମା' ମନ୍ଦିରରୁ ଠାକୁରଙ୍କୁ ପହଣ୍ଡିବିଜେ ପୂର୍ବକ ଚନ୍ଦ୍ରଶେଖର ମହାପ୍ରଭୁ, ରୁକୁଣାଦେବୀ ଓ ବାସୁଦେବ ଜୀଉ ସିଂହାସନରେ ଉପବିଷ୍ଟ ହୋଇ ଲିଙ୍ଗରାଜ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ ଯାତ୍ରା କରିଥାନ୍ତି । ସେବକମାନେ ଠାକୁରଙ୍କୁ ଘଣ୍ଟଘଣ୍ଟା, କାହାଳୀ ବଜାଇ ଛତାତ୍ରାସ ଚାମର ଇତ୍ୟାଦି ଧରି ରଥଟାଣି ଟାଣି ଆଣିଥାନ୍ତି । ବାହୁଡ଼ା, ଦିନ ମଧ୍ୟ ଭକ୍ତଙ୍କ ସମାବେଶ ହୋଇଥାଏ । ଠାକୁରଙ୍କ ରଥ ଅସୁରକିଆରୀଠାରେ ପରମ୍ପରା ମୁତାବକ ପହଞ୍ଚିଲାମାତ୍ରେ ତିନିଦିଅଁଙ୍କ ଉଦ୍ଦେଶ୍ୟରେ ପଣା ଲାଗି କରାଯାଏ । ଏହି ଭୋଗ ବଡୁ ନିଯୋଗ ପକ୍ଷର ମାଟିହାଣ୍ଡିରେ ପ୍ରସ୍ତୁତ କରାଯାଇଥାଏ । ଲୋକାଚାର ମତରେ ଯାହାକୁ ଅଧରପଣା ଭୋଗ କୁହାଯାଏ । ଅଧରପଣା ନବାତ, କଦଳୀ, ଛେନା, ନଡ଼ିଆ, ବେଲ ଇତ୍ୟାଦି ପ୍ରସ୍ତୁତ କରାଯାଏ । ଏହି ପଣାଭୋଗ ରଥ ପରିଚାଳନା ଦାୟିତ୍ୱରେ ଥିବା ପଦାଧିକାରୀ ଓ ଭକ୍ତମାନଙ୍କ ମଧ୍ୟରେ ବିତରଣ କରାଯାଇଥାଏ ।

ବାହୁଡ଼ାଦିନ ରଥ ମହାଖଳାଠାରେ ପହଞ୍ଚିଲା ପରେ ପୂର୍ବରୁ ମନ୍ଦିରର ପାର୍ବତୀ ଠାକୁରାଣୀ ପାଲିଙ୍କିରେ ଆସି ରଥରୁ କାଠ ଚୋରୀ କରନ୍ତି । ଏହାକୁ ଦୟାଣ ଚୋରୀ କୁହାଯାଏ । କଥିତ ଅଛି, ଲିଙ୍ଗରାଜ ମହାପ୍ରଭୁ ଅଶୋକାଷ୍ଟମୀ ରଥଯାତ୍ରାରେ ଭଗ୍ନୀ ରୁକୁଣାଙ୍କୁ ନେଇ ଯାତ୍ରା ବୁଲିବାକୁ ଯାଇଥିବାରୁ ଅଭିମାନିନୀ ପାର୍ବତୀ ରାଗରେ ତିନିଠାକୁରଙ୍କୁ ମନ୍ଦିର ପ୍ରବେଶ ନିଷେଧ କରି ମନ୍ଦିରର ସିଂହଦ୍ୱାର ବା ମୁଖ୍ୟଦ୍ୱାର କବାଟକୁ ବନ୍ଦ ରଖନ୍ତି । ଶ୍ରୀଲିଙ୍ଗରାଜ ନିଜର ଭୁଲ ସ୍ୱୀକାର କରି ଦେବୀପାର୍ବତୀଙ୍କୁ ଚନ୍ଦନଯାତ୍ରାରେ ବାଇଶି ଦିନ ସଂଗରେ ନେବା ପାଇଁ ପ୍ରତିଶ୍ରୁତି ଦେବାପରେ ମନ୍ଦିର ପ୍ରବେଶ ପାଇଁ ଅନୁମତି ପାର୍ବତୀଙ୍କ ପକ୍ଷରୁ ମିଳିଥାଏ । ରଥଯାତ୍ରା ସରିଲା ପରେ ରଥ ଦଉଡ଼ି ମନ୍ଦିର ଅଫିସକୁ ଫେରସ୍ତ ହେବା ସଂଗେ ରଥକାଠ ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ରଖାଯାଏ ଓ ପରବର୍ତ୍ତୀ ରଥଯାତ୍ରା ପାଇଁ କିନ୍ତୁ ରଥଚକ ନିଲାମ୍ ହୋଇଥାଏ ।

ଉପାଦାନ ଉତ୍ସ


୧. ବଟୁ ଚିତ୍ରସେନ, ଶ୍ରୀଲିଙ୍ଗରାଜ ଓ ବଡୁ ନିଯୋଗ : ପ୍ରଥମ ସଂସ୍କରଣ, ୨୬.୦୧.୦୪, ପୃ. ୩୩-୩୬ ।

୨. ସାହୁ ମୁକୁନ୍ଦ କିଶୋର, ଭୁବନେଶ୍ୱର ଅଶୋକାଷ୍ଟମୀ ଯାତ୍ରା, ଉତ୍କଳ ପାଠକ ସଂସଦ, ପ୍ରଥମ ସଂସ୍କରଣ, ୧୯୯୫ ।

୩. ଓଡ଼ିଶାର ପର୍ବପର୍ବାଣି ଓଷା-ବ୍ରତ ଯାନିଯାତ୍ରା, ଉତ୍କଳ ପାଠକ ସଂସଦ, ତୃତୀୟ ସଂସ୍କରଣ, ୧୯୯୪ ।

୪. ଏକାମ୍ର କ୍ଷେତ୍ର, ଉତ୍କଳ ପାଠକ ସଂସଦ, ପ୍ରଥମ ସଂସ୍କରଣ, ୧୯୯୩ ।

୫. ସ୍ୱାଇଁ ସୁଶାନ୍ତ କୁମାର, ଆମ ସଂସ୍କୃତିର କେତେ ଗାଥା, ପୃ. ୭୬-୭୭, ପ୍ରଥମ ସଂସ୍କରଣ, ୨୦୦୫ ।



ଗୌରୀନଗର, ପ୍ଲଟ ନଂ-୪୫୮୬
ପୁରୁଣା ଭୁବନେଶ୍ୱର-୭୫୧୦୦୨

# ଭଞ୍ଜ ସାହିତ୍ୟର ପ୍ରାସଙ୍ଗିକତା

ରବୀନ୍ଦ୍ର କୁମାର ବେହୁରିଆ

**କ**ବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟଯୁଗୀୟ ଓଡ଼ିଆ ରୀତି ସାହିତ୍ୟର ସର୍ବଶ୍ରେଷ୍ଠ କବି । ସେ ସଂସ୍କୃତ କବି କାଳିଦାସ, ଶ୍ରୀହର୍ଷ, ମାଘ, ଭାରବୀ ପ୍ରଭୃତିଙ୍କ ଦ୍ୱାରା ସମଧିକ ଭାବରେ ପ୍ରଭାବିତ ହେଲେ ମଧ ସେ ଯେ ବାତ୍ସାୟନଙ୍କ କାମସୂତ୍ର ବିଶେଷ ଭାବେ ଅନୁଧ୍ୟାନ କରି ଶୃଙ୍ଗାର ରସ ବର୍ଣ୍ଣନା କରିଛନ୍ତି, ତାହା ନିଷ୍କପଟ ଭାବରେ ସ୍ୱୀୟ କାବ୍ୟକୃତି ମଧ୍ୟରେ ସ୍ୱୀକାର କରିଛନ୍ତି । ଉପେନ୍ଦ୍ର ଭଞ୍ଜ ଥିଲେ ଓଡ଼ିଆ ସାହିତ୍ୟର ଇତିହାସରେ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା । ଓଡ଼ିଆ ଜାତିର ଭାଷା, ସଂସ୍କୃତି, କଳା, ସଂଗୀତ ତଥା ଆଧ୍ୟାତ୍ମିକ ଚେତନାର ଯଥାର୍ଥ ପ୍ରତିଫଳନ ହୋଇଥିଲା ଭଞ୍ଜ ରଚନାବଳୀରେ । ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟି ସମ୍ଭାରରେ କଳ୍ପନା, ଅନ୍ତଃପ୍ରେରଣା ଓ କବି ଚେତନାର ଅପୂର୍ବ ସମନ୍ୱୟ ସଂଗଠିତ । ଭଞ୍ଜଙ୍କଠାରେ ବହୁଗୁଣର ସମାହାର ଘଟିଥିଲା, ଯଥା- ଶିକ୍ଷା, ଅଧ୍ୟବସାୟ, ପ୍ରତିଭା ଓ ବହୁ ଶାସ୍ତ୍ର ଦର୍ଶିତା । ସେ ବ୍ୟକ୍ତିଗତ ଭାବରେ ଥିଲେ ଜିତେନ୍ଦ୍ରିୟ ତଥା ବୈଷ୍ଣବ । କିନ୍ତୁ ତାଙ୍କ କାବ୍ୟମାନଙ୍କରେ ଭରି ରହିଥିଲା ନାନା ରସ, ଅଳଙ୍କାର, ତତ୍ତ୍ୱ ଓ ଦର୍ଶନ । ସେ ଉତ୍କଳୀୟ ସାଂସ୍କୃତିକ ପରମ୍ପରା, ସମସାମୟିକ ସାମାଜିକ ଜୀବନଧାରା ତଥା ଭବିଷ୍ୟତର ଆହ୍ୱାନ ସଂପର୍କରେ ଯଥେଷ୍ଟ ସଚେତନ ଥିଲେ । ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଚରିତ୍ର ଚିତ୍ରଣ, ପରିବେଶ ନିର୍ମାଣ, ପ୍ରକୃତି ବର୍ଣ୍ଣନା, ବଂଶାବଳୀ ଦର୍ଶନ, ନୈତିକ ସମ୍ଭାଷଣ, ଲୋକୋପଦେଶ, ଭକ୍ତି ପ୍ରଦର୍ଶନ ତଥା ରସ ପରିବେଷଣର ଶୈଳୀ ଅନନ୍ୟ ଏବଂ ଅଦ୍ୱିତୀୟ ।



ଭଞ୍ଜ ସାହିତ୍ୟରେ ଦୁଇଟିଧାରା ଦୃଷ୍ଟିଗୋଚର ହୁଏ । ଗୋଟିଏ ହେଉଛି ଶୃଙ୍ଗାର ରସର ଧାରା ବା ମାନବ ପ୍ରେମର ଧାରା । ଆଉ ଗୋଟିଏ ହେଉଛି ଉଜ୍ଜ୍ୱଳ ରସର ଧାରା ବା ଭକ୍ତିରସର ପ୍ରବାହ । ତାଙ୍କର ବୈଦେହୀଶ ବିଳାସ, ଅବନା ରସ ତରଙ୍ଗ, ଷୋଳ ପୋଇ, କଳା କୌତୁକ କାବ୍ୟମାନଙ୍କରେ ରାମଭକ୍ତି ଓ କୃଷ୍ଣଭକ୍ତିର ଉତ୍ତରଳ ପ୍ରବାହ ଦେଖିବାକୁ ମିଳେ । ସେହିପରି ତାଙ୍କର ଅବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମ ସୁଧାନିଧି, ସୁଭଦ୍ରା ପରିଣୟ ପ୍ରଭୃତି କାବ୍ୟରେ ଶୃଙ୍ଗାର ରସର ବହୁଳ ଚିତ୍ରଣ ପରିଦୃଷ୍ଟ ହୁଏ । କିନ୍ତୁ ସବୁଠାରୁ ବଡ଼କଥା ହେଉଛି ଏଇ ଦୁଇ ରସ ପ୍ରବାହ ଆଧାର ଉପରେ ନିର୍ମିତ ହୋଇଥିଲା ଉତ୍କଳୀୟ ସମାଜର ମନୋରମ କୋଣାର୍କ । ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ - 'ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ, ପଥେ ପାନ୍ଥ ହୃଷ୍ଟମନା / ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା, ନୃତ୍ୟରଙ୍ଗେ ବାରାଙ୍ଗନା ।'

ରସ ପଞ୍ଚକର ରସ ବର୍ଣ୍ଣନାରେ ଉଦ୍ଦୀପନା ଭାବ, ନବାନୁରାଗ, ଚାଟୁକ୍ତି, ପଶ୍ଚାତାପ, ଦୂତୀପ୍ରକରଣ, ଭାବଗର୍ଭ ବିଚାର, ବୟଃସନ୍ଧି, ସୁରତଗୋପନା, ନାୟକ ଓ ନାୟିକା ଭେଦ, କାମର ପଞ୍ଚ ଦଶଦଶା, ଅଷ୍ଟନାୟିକା ଭେଦ ଓ ଭାବାନୁରାଗର ବିଶେଷ ବର୍ଣ୍ଣନା ଓ ସଂଜ୍ଞା ନିରୂପିତ ହୋଇଛି । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଓ ବୈଦେହୀଶ ବିଳାସରେ ସେ ସ୍ୱାଧୀନ ଭର୍ତ୍ତୃକା, ବିରହୋତ୍କଣ୍ଠତା, ବାସକସଜ୍ଜା, ବିପ୍ରଲବ୍ଧା, ଅଭିସାରିକା, ପ୍ରୋଷିତ ଭର୍ତ୍ତୃକା, କଳହନ୍ତରିଣ ନାୟିକାମାନଙ୍କର ବର୍ଣ୍ଣନା କରିଛନ୍ତି । ପୁଣି ଲାବଣ୍ୟବତୀରେ ମୁଗ୍ଧା, ମଧ୍ୟା, ପ୍ରଗଳ୍ଭା ଓ ପଦ୍ମିନୀ, ଚିତ୍ରିଣୀ, ଶଂଖିନୀ, ହସ୍ତିନୀ ନାୟିକାମାନଙ୍କର ବର୍ଣ୍ଣନା ଅଛି । ପଦ୍ମିନୀ ନାୟିକାର ଲକ୍ଷଣରେ ଭଞ୍ଜ ଲେଖିଛନ୍ତି -

'ସଂପୂର୍ଣ୍ଣ ଚନ୍ଦ୍ରବଦନା କନକ ବରନା
ଶ୍ୟାମ ଶିରୀଷ କୋମଳ ଗାତ୍ରୀ ପିକବଚନା
ବକ୍ର ବିସ୍ଥିତ ସୁକେଶୀ ରାଜହଂସ ଗତି
କମ୍ବୁ କଣ୍ଠୀ ଆବର୍ତ୍ତନୟନା ସ୍ଥିରମତି
ସୁଶ୍ରେଣୀ ପଙ୍କଜ ଗନ୍ଧା ସୁଚୀନ ବସନା
ସମକର୍ଣ୍ଣ ଦନ୍ତନାସା ସସ୍ମିତ ବଦନା

ଅଳପ ଆହାରୀ ଲଜ୍ଜାତୁରା ମାନବତୀ
ଅଙ୍ଗରସେ ତୋଷ ଏହୁ ପଦ୍ମିନୀ ଯୁବତୀ ।'
ପଞ୍ଚସାୟକ

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବୈଦେହୀଶ ବିଳାସ କାବ୍ୟ ସୃଷ୍ଟି କରିବା ଦିଗରେ 'ବାଲ୍ମିକୀ ରାମାୟଣ'ରୁ ଯଥେଷ୍ଟ ପ୍ରେରଣା ଲାଭ କରିଛନ୍ତି । ମୋଟ ଉପରେ କହିବାକୁ ଗଲେ ଉପେନ୍ଦ୍ର ଭଞ୍ଜ କେବଳ ପ୍ରଥମ ଛାନ୍ଦରେ ବାଲ୍ମିକୀଙ୍କ ପ୍ରଭାବ ସ୍ୱୀକାର କରିନାହାନ୍ତି, ବରଂ ଅନ୍ୟତ୍ର ବୈଦେହୀଶ ବିଳାସର ପଚାଶ ଛାନ୍ଦର ଦଶପଦରେ ସ୍ୱୀକାର କରିଛନ୍ତି -

'ବାଲମୀକି ଭକ୍ତିସାର, ଗଗନ ଗଗନାକାର
ସାଗର ତୁଲ୍ୟ ସାଗର ଯେଉଁ ପ୍ରକାର
ବିଶ୍ରୁତ ଲୋକନ କର, ରାମ ରାବଣ ସମର
ରାମ ରାବଣ ସମର ଖ୍ୟାତ ସଂସାର ।'

ବାଲ୍ମୀକି ରାମାୟଣର ଅନ୍ଧମୁନିଙ୍କର ପୁତ୍ରକୁ ବଧକାଳୀନ ବର୍ଣ୍ଣନା ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରୂପାୟିତ -

'ବ୍ୟାଧପ୍ରାୟ ହୋଇ ମୁହିଁ ଜଳଘାଟ ଜଗିଥାଇ
ଅନ୍ଧତପିସୁତ ଯେଉଁ ନୀରଯେ
ବୁଡ଼ାଉ କୁମ୍ଭ ସେ କୁମ୍ଭୀ ଶବଦ ଭ୍ରମେ ଆରମ୍ଭି
ତାକୁ ନିଶିଳି ପ୍ରହାରି ଶରଯେ ।'
ବୈଦେହୀଶ ବିଳାସ - ୧୮/୮

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବାଲ୍ମୀକି ରାମାୟଣର ମୂଳ କଥାବସ୍ତୁ ଅବଲମ୍ବନରେ ବୈଦେହୀଶ ବିଳାସ କାବ୍ୟ ରଚନା କରିଥିଲେ ହେଁ ସେଥିରେ ତାଙ୍କର ସ୍ୱକୀୟତା ଦର୍ଶାଇଛନ୍ତି । ନିଜ ମୌଳିକତ୍ୱ ପାଟବଜନିତ କୁଶଳତା ମଧରେ କାବ୍ୟକୁ ନିତ୍ୟ ନୂତନ କରି ଗଢ଼ି ତୋଳିଛନ୍ତି । ସେ ଥିଲେ ଜଣେ ସାର୍ଥକ ବିନ୍ଧାଣି । ବିଭିନ୍ନ ସଂସ୍କୃତ ମହାକାବ୍ୟ, ପୁରାଣ, ଉପପୁରାଣ, ଚମ୍ପୂ, କାବ୍ୟ, ଖଣ୍ଡକାବ୍ୟରୁ ଅଳଙ୍କାର ବର୍ଣ୍ଣନା, ଭାଷା, ଶବ୍ଦ, ଭାବ ଗ୍ରହଣ କରି ତାଙ୍କର ସମଗ୍ର କାବ୍ୟକୃତିକୁ ରସ, ରୀତି ଓ ଅଳଙ୍କାର ମଣ୍ଡନ କରି ସଂସ୍କୃତ କାବ୍ୟର ସମକକ୍ଷ କରିବା ଥିଲା ତାଙ୍କର ମହତ୍ ଉଦ୍ଦେଶ୍ୟ । ମନେହୁଏ ସେଇ ମହତ୍ ଉଦ୍ଦେଶ୍ୟ ସାଧନରେ ବ୍ରତୀ ହୋଇ ଉପେନ୍ଦ୍ର ରୀତିଯୁଗୀୟ ପ୍ରତିଯୋଗିତାରେ ସଂସ୍କୃତ କାବ୍ୟକାରମାନଙ୍କୁ ଟପି ଯାଇଛନ୍ତି ।

ଉପେନ୍ଦ୍ର ଭଞ୍ଜ ଏକାଧାରରେ ମହାଭାରତୀୟ, ବିଶ୍ୱପ୍ରେମୀ ଓ ମାନବବାଦୀ । ତାଙ୍କର ସର୍ବଶ୍ରେଷ୍ଠ କାବ୍ୟ 'ବୈଦେହୀଶ ବିଳାସ'ରେ ପୂର୍ବ ଭାରତର ବର୍ଣ୍ଣନା ରହିଥିବାବେଳେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ଉତ୍ତର ଭାରତ, ହିମାଳୟ ଓ ବଦ୍ରିନାଥର ଚିତ୍ର ସମାହିତ । 'ସୁଭଦ୍ରା ପରିଣୟ'ରେ ପଶ୍ଚିମ ଭାରତ, ଗୁଜରାଟ ଓ ଦ୍ୱାରକାପୀଠର ଉଲ୍ଲେଖ ରହିଥିବା ସମୟରେ 'ଲାବଣ୍ୟବତୀ'ରେ ଦକ୍ଷିଣ ଭାରତ ଓ ରାମେଶ୍ୱରର ଅନୁପମ ବର୍ଣ୍ଣନାରେ ଉପେନ୍ଦ୍ର ଭଞ୍ଜ ଭାରତୀୟତା ଓ ଜାତୀୟବାଦୀ ଚିନ୍ତାଧାରାର ମହାନ୍ ପ୍ରବକ୍ତା ହୋଇ ପାରିଛନ୍ତି । ଶାରଳା, ବଳରାମ ଓ ଫକୀରମୋହନଙ୍କ ଗଳ୍ପ ଉପନ୍ୟାସରେ ଯେପରିକି ସମସାମୟିକ ସାମାଜିକ ଚିତ୍ର ଫୁଟି ଉଠିଛି, ଭଞ୍ଜଙ୍କ ଲେଖନୀରେ ମଧ ସେ କାଳର ଉତ୍କଳୀୟ ସାମାଜିକ ଓ ସଂସ୍କୃତି ଜୀବନର ଅନେକ ଚିତ୍ର ରୀତିଯୁଗୀୟ ବର୍ଣ୍ଣ ବିଳାସରେ ଅଙ୍କିତ ହୋଇଛି ।

ବଳରାମ ଦାସ, ତୁଳସୀ ଦାସ ଓ ଉପେନ୍ଦ୍ର ଭଞ୍ଜ ନିଜ ରାମକଥାକାର ଆଧାରଶୀଳା ରୂପେ ବିଶ୍ୱରେ ଆଜି ମହାକବି ବାଲ୍ମୀକିଙ୍କ ସଂସ୍କୃତ ରାମାୟଣକୁ ଗ୍ରହଣ କରିଛନ୍ତି । ତା' ସହିତ ବ୍ୟାସଦେବଙ୍କ ରଚିତ ଗ୍ରନ୍ଥ ଭାବରେ ପ୍ରସିଦ୍ଧି ଅର୍ଜ୍ଜନ କରିଥିବା 'ଆଧ୍ୟାତ୍ମ ରାମାୟଣ'କୁ ସମଭାବରେ ତିନି କାବ୍ୟକାର ମଧରେ ଗ୍ରହଣ କରିଛନ୍ତି । ହନୁମାନ ରଚନା ନାମରେ ପ୍ରସିଦ୍ଧ 'ଶ୍ରୀମଦ୍ ହନୁମଦ୍ ନାଟକ' ବା 'ମହାନାଟକ' ଭଞ୍ଜଙ୍କ ପଥପ୍ରଦର୍ଶକ ଗ୍ରନ୍ଥ ହୋଇଅଛି । ମହାକବି କାଳିଦାସଙ୍କ 'ରଘୁବଂଶ' ଏବଂ ଭୋଜରାଜଙ୍କ 'ଚମ୍ପୂ'କୁ ଉପେନ୍ଦ୍ର ଭଞ୍ଜ ଦିଗଦର୍ଶକ ଗ୍ରନ୍ଥ ରୂପେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଉପେନ୍ଦ୍ର ଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ପ୍ରାୟ ପ୍ରତ୍ୟେକ ଛାନ୍ଦର ଶେଷାଂଶରେ ଇଷ୍ଟ ଦେବରୂପେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କୁ ସ୍ମରଣ କରି ନିଜର ଭକ୍ତିମତ୍ତା ତଥା ଜୀବନାଦର୍ଶର ପରିଚୟ ଦେଇଛନ୍ତି । ପ୍ରଶ୍ନ ଉଠେ, ଭଞ୍ଜ ନାୟକ ନାୟିକାଙ୍କର ମଧୁଶଯ୍ୟା ଗୃହରେ ଗୋପୀକୃଷ୍ଣ ଲୀଳାର ବସ୍ତ୍ରହରଣ, ନାବକେଳି ଓ ଭୂତକେଳି ପ୍ରଭୃତି ଚିତ୍ରକୁ ଗୁରୁତ୍ୱ ନଦେଇ ସୀତାରାମ ପ୍ରଦୀପ ନିୟମ ବା ଲେଖିଲେ କାହିଁକି ? ଯେତେ ଦୂର ମନେହୁଏ କବି ସମ୍ରାଟ ଥିଲେ ରାମ ସୀତାଙ୍କର ପରମଭକ୍ତ । ସେ ଥିଲେ ରାମ ତାରକ ମନ୍ତ୍ରସିଦ୍ଧ ଏକ ପତ୍ନୀବ୍ରତର ଶ୍ରେଷ୍ଠ ସାଧକ । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ଭଞ୍ଜ ନୈଷଧ କାବ୍ୟର ନାମୋଲ୍ଲେଖ କରି କହିଛନ୍ତି - 'ଘେନ ନୈଷଧ ପରାୟ' ଭଞ୍ଜୀୟ ପ୍ରତିଭା ବିସ୍ତୃତ ଶାସ୍ତ୍ର ଜ୍ଞାନ ଉପରେ ଆଧାରିତ ।

ବର୍ତ୍ତମାନ ବୈଦେହୀଶ ବିଳାସ ଓ ମହାନାଟକ କଥା ବିଚାର କରାଯାଉ । ଅଦ୍ୟାବଧି ନାଟକର ଦୁଇଟି ସଂସ୍କରଣ ଦେଖିବାକୁ ମିଳେ । ପ୍ରଥମଟି ଦାମୋଦର ମିଶ୍ରଙ୍କ ରଚିତ ଯେଉଁଥିରେ ୧୪ଟି ଅଙ୍କ ଏବଂ ୫୭୯ଟି ଶ୍ଳୋକ ଦେଖିବାକୁ ମିଳେ । ଏହାର ନାମ ହନୁମାନ୍ନାଟକ । ଦ୍ୱିତୀୟଟି ମଧୁସୂଦନ ମିଶ୍ରଙ୍କ ରଚିତ 'ମହାନାଟକ' ନାମରେ ପରିଚିତ । ଏଥିରେ ଅଙ୍କ ସଂଖ୍ୟା ୯ ଏବଂ ଶ୍ଳୋକ ସଂଖ୍ୟା ୭୯୧ । ଦାମୋଦର ମିଶ୍ରଙ୍କ ରଚିତ 'ହନୁମାନ୍ନାଟକ' ପଶ୍ଚିମ ଭାରତରେ ବିଶେଷତଃ ମହାରାଷ୍ଟ୍ର ଅଞ୍ଚଳରେ ପ୍ରଚଳିତ । କିନ୍ତୁ ମଧୁସୂଦନ ମିଶ୍ରଙ୍କ 'ମହାନାଟକ' ବଙ୍ଗଳା ତଥା ପୂର୍ବ ଭାରତରେ ଆଦୃତ । ମଧୁସୂଦନ ମିଶ୍ରଙ୍କ 'ମହାନାଟକ'ରେ 'ରାମାୟଣ' ଓ ରାମ ସାହିତ୍ୟରୁ ଅନେକ ଶ୍ଳୋକ ଗ୍ରହଣ କରାଯାଇଛି । 'ଆଧ୍ୟାତ୍ମ ରାମାୟଣ'ରୁ ଗୋଟିଏ ଶ୍ଳୋକ ଉଦ୍ଧାର କରି ଏହାର ସତ୍ୟତା ଦେଖାଯାଇପାରେ ।

'କ୍ଷାଳୟାମି ତବ ପାଦ ପଙ୍କଜଂ ନାଥ
ଦାରୁଦୃଷଦୋଃ କିମନ୍ତରମ୍
ମାନୁଷୀକରଣରେଣୁ ରସ୍ତିତେ
ପାଦୋୟୋରିତି କଥା ପ୍ରଥୀୟସୀ ।'
(ମହାନାଟକ ୧/୫୨)

କ୍ଷାଳୟାମି ତବ ପଙ୍କଜଂ ନାଥ
ଦାରୁଦୃଷଦୋଃ କିମନ୍ତରମ
ମାନୁଷୀକରଣ ଚୂର୍ଣ୍ଣମସ୍ତିତେ
ପଦୋୟୋରିତି କଥା ପ୍ରଥୀୟସୀ ।'
(ଅ.ର. ବାଳକାଣ୍ଡ ୬/୩)

ଏଥିରୁ ସ୍ପଷ୍ଟ ହୁଏ ଯେ ମଧୁସୂଦନ ମିଶ୍ର 'ଆଧାତ୍ମ ରାମାୟଣ'ରୁ ଉକ୍ତ ଶ୍ଳୋକଟି ଗ୍ରହଣ କରିଛନ୍ତି । ମାତ୍ର 'ଚୂର୍ଣ୍ଣ' ସ୍ଥଳରେ ତା'ରି ପ୍ରତିଶବ୍ଦ 'ରେଣୁ' ଶବ୍ଦ ବ୍ୟବହାର କରିଛନ୍ତି । ମହାନାଟକରେ ଏ ଶ୍ଳୋକଟି ଦାମୋଦରଙ୍କ 'ହନୁମାନ୍ନାଟକ'ରେ ମିଳେ ନାହିଁ । ଏଣୁ ନିମ୍ନୋକ୍ତ ପଦରୁ ଜଣାଯାଏ ଉପେନ୍ଦ୍ର ଭଞ୍ଜ ହୁଏତ ଆଧାତ୍ମ ରାମାୟଣ ବା ମହାନାଟକ ଦ୍ୱାରା ପ୍ରଭାବିତ ହୋଇପାରିଥାନ୍ତି ।

'ବଧିର ନୁହଁଇ ବୀର ବୋଇଲା ତହିଁ ଧୀବର
ଶୁଣିଲିଣି ପଥରେ ପଥର ଅବଳା
ବାଲିପଡ଼ି ତୋ ଚରଣୁ ଆଶଙ୍କା ଉପୁଜେ ଏଣୁ
ନଉକା ନାୟିକା ହେଲେ ବୁଡ଼ିବ ଭେଳା
ବୃତ୍ତି ଏ ମୋ ପୋଷେ କୁଟୁମ୍ବ
ବସାଇ ନଦେବି ପାଦ ନଧୋଇ ନାବ ।'
(ବୈଦେହୀଶ ବିଳାସ ୯/୩)

ଏହିପରି 'ବୈଦେହୀଶ ବିଳାସ' ଓ 'ମହାନାଟକ'ର ଏକ ତୁଳନାତ୍ମକ ବିଚାରକଲେ ଜଣାଯାଏ ଯେ ଉପେନ୍ଦ୍ରଙ୍କ ବୈଦେହୀଶ ବିଳାସ ରଚନା ମୂଳରେ ତାଙ୍କର ପାଣ୍ଡିତ୍ୟ ସମ୍ୟକ୍ ଭାବରେ ଦୃଷ୍ଟିଗୋଚର ହୁଏ । କୋଣାର୍କ ଯେପରି ଓଡ଼ିଆ ଶିଳ୍ପୀ ମାନସର ଚିନ୍ତା ଓ ଚିନ୍ତନରେ ରସାଳ ବିଶାଳ ଉପେନ୍ଦ୍ରଙ୍କ କାବ୍ୟ କୋଣାର୍କ ସେହିପରି ସ୍ୱୟ ମାନସର ଏକ ଅପୂର୍ବ ମଣ୍ଡନ । ଆଦୃତ କାବ୍ୟ-ବସ୍ତୁ ମଧରେ ତାଙ୍କର ବ୍ୟକ୍ତିତ୍ୱ, ସ୍ୱାତନ୍ତ୍ର୍ୟ ବା ମୌଳିକତାଯୁକ୍ତ ପ୍ରତିଭା ବିଦ୍ୟମାନ । 'ଫୁଲ ଏକ', ମାତ୍ର ଯେ ଦିଆରା ଗୁନ୍ଥି ପାରିଲା, ସେ ହେଲା କଳାକୁଶଳୀ । ଏକ ରାମ ସମ୍ବନ୍ଧୀୟ ଫୁଲକୁ ସେ ଯେ ଦିଆରା ଭାବରେ ଗୁନ୍ଥି 'ବୈଦେହୀଶ ବିଳାସ' କାବ୍ୟକୁ ଓଡ଼ିଆ ପାଠକ ଆଗରେ ଅନ୍ୟ ରୂପରେ ଉପସ୍ଥାପନ କରିପାରିଛନ୍ତି, ଏହା ତାଙ୍କର ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞାର ଦ୍ୟୋତକ ନୁହେଁ କି ?

ପ୍ରଶ୍ନ ଉଠେ, ସାମ୍ପ୍ରତିକ ପରିସ୍ଥିତିରେ ପୁଣି ଭଞ୍ଜ ଓ ଭଞ୍ଜ ସାହିତ୍ୟର ଆଲୋଚନା କାହିଁକି ? ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭାଷାରେ - 'ଆମ ସାହିତ୍ୟରେ ଆଗ ଦେଖିବାକୁ ହେବ ପରମ୍ପରା କ'ଣ ? ତା'ପରେ ପୁରୋଦୃଷ୍ଟି । ସେହି ପୁରୋଦୃଷ୍ଟିକୁ ଧରି ଆମର ବର୍ତ୍ତମାନର ପରିସ୍ଥିତିକୁ ଦେଖିବାକୁ ହେବ ।' ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ଲେଖିଛନ୍ତି - 'ଉପେନ୍ଦ୍ର ଭଞ୍ଜ ବାଲ୍ମୀକି ଓ କାଳିଦାସ ପ୍ରଭୃତିଙ୍କ ସମକକ୍ଷ ଥାଇ କେତେକ ସ୍ଥଳରେ ଶବ୍ଦାଳଙ୍କାରରେ ସେମାନଙ୍କୁ ବଳିଯାଇ ଏକାଧାରରେ ସୁଧା ସାହିତ୍ୟ ଓ ଗଣ ସାହିତ୍ୟ ସୃଷ୍ଟି କରି ଅଲୌକିକ ପ୍ରତିଭାର ପରିଚୟ ଦେଇଛନ୍ତି । ସେ ବିଶ୍ୱର ଜଣେ ଶ୍ରେଷ୍ଠ କବି । ସାହିତ୍ୟ କ୍ଷେତ୍ରରେ ଆମ୍ଭମାନଙ୍କର ଆଭିଜାତ୍ୟ ଓ ଗର୍ବ ପାଇଁ ପ୍ରାଚୀନ କାବ୍ୟକଳା, ବିଶେଷ ଭାବରେ ଭଞ୍ଜୀୟ ସାହିତ୍ୟ ଅନୁଶୀଳନ ହେବା ଉଚିତ ।' ତେବେ ଆଜିର ଓଡ଼ିଆମାନେ କେତେଦୂର ପରମ୍ପରା ସଚେତନ ତଥା ପ୍ରାଚୀନ କାବ୍ୟ ଓ ଭଞ୍ଜ ସାହିତ୍ୟ ସଂପର୍କରେ ଅବଗତ ତାହା ଆଲୋଚନା ସାପେକ୍ଷ ।

ପ୍ରଥମଥର ପାଇଁ ଉପେନ୍ଦ୍ର ଭଞ୍ଜ ବାଳସୂର୍ଯ୍ୟ ଭଳି ଉଦିତ ହୋଇ ଓଡ଼ିଆ କବିମାନଙ୍କର ନୈରାଶ୍ୟ ଅନ୍ଧକାର ଦୂର କରିଥିଲେ । ସେ ଥିଲେ ଦେଶପ୍ରେମୀ, ଭାଷାପ୍ରେମୀ, ସଂସ୍କୃତି ପ୍ରେମୀ, ମାନବପ୍ରେମୀ, ଜଗନ୍ନାଥ ପ୍ରେମୀ ଏବଂ ସର୍ବୋପରି ଓଡ଼ିଆ ଜାତିର ସ୍ୱାଭିମାନର ଚଳନ୍ତି ପ୍ରତିମା । ସେ ଥିଲେ ଦାରିଦ୍ର୍ୟ ବିରୋଧୀ, ବାଲ୍ୟ ବିବାହ ବିରୋଧୀ, ଧାର୍ମିକ ସଂକୀର୍ଣ୍ଣତା ବିରୋଧୀ, ନାରୀ ନିର୍ଯ୍ୟାତନା ବିରୋଧୀ ଏବଂ ସର୍ବୋପରି, ବିଭିନ୍ନ କ୍ଷେତ୍ରରେ ସେ ଥିଲେ ସଂସ୍କାରକ । ମହାତ୍ମା ଗାନ୍ଧୀଙ୍କ ସମୟରୁ ଭାରତର ବଡ଼ ବଡ଼ ଜନନାୟକମାନେ ଯାହାସବୁ କହୁଛନ୍ତି ବା କରିବାକୁ ଚେଷ୍ଟା କରୁଛନ୍ତି, ତା' ମଧରୁ ଅନେକ କଥା ଭଞ୍ଜ ସାହିତ୍ୟରେ ଲିପିବଦ୍ଧ ହୋଇ ରହିଛି । ତେଣୁ ଭଞ୍ଜ ଜଣେ ମହାନ୍ ମାନବବାଦୀ, ବିଶ୍ୱ ମଙ୍ଗଳ ବିଧାୟକ ଓ ସାରସ୍ୱତ ସାଧକ । ଏ ଦୃଷ୍ଟିରୁ ଖାଲି ବର୍ତ୍ତମାନ ପାଇଁ ନୁହେଁ, ଆଗାମୀ ବହୁ ଶତାବ୍ଦୀ ଧରି ଭଞ୍ଜଙ୍କର ନାମ ସ୍ମରଣ ଏବଂ ତତ୍ତ୍ୱ ଚିନ୍ତନ ଚିନ୍ତାଶୀଳ ଲୋକମାନଙ୍କର ଧ୍ୟେୟ ହେବା ଉଚିତ୍ ।

ସହାୟକ ଗ୍ରନ୍ଥସୂଚୀ :


୧. ପଟ୍ଟନାୟକ ପଠାଣି, ଚିର ସନ୍ଧାନ, ଭି-୩, ନ-୩, ଭୁବନେଶ୍ୱର, ୧୯୯୮, ପୃ.୧-୨

୨. ବାରିକ୍ ପାର୍ଥସାରଥୀ, ଅତ୍ରୈବ, ପୃ.୩

୩. ପାଠୀ ଶ୍ରୀନିବାସ, ଅତ୍ରୈବ, ପୃ.୪

୪. ରାୟ ହୃଦାନନ୍ଦ, ଅତ୍ରୈବ, ପୃ.୭

୫. ପରିଡ଼ା ଲକ୍ଷ୍ମଣ କୁମାର, ଭଞ୍ଜ ସାହିତ୍ୟର ନବଦିଗନ୍ତ, ପୁରୀ, ନିଶାମଣି ପ୍ରକାଶନୀ, ୧୯୯୨


ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ
ଚାନ୍ଦବାଲି କଲେଜ, ଜି- ଭଦ୍ରକ-୭୫୬୧୩୩

# ପରବ :
# ଆଦିବାସୀ ସଂସ୍କୃତିର ପୁନରୁତ୍ଥାନ ପାଇଁ ଏକ ବିପ୍ଲବ

ପ୍ରଭୁକଲ୍ୟାଣ ମହାପାତ୍ର

'ପରବ' କୌଣସି ଗୋଷ୍ଠୀ, ଜାତି, ଧର୍ମର ଏକ ନିର୍ଦ୍ଦିଷ୍ଟ ପର୍ବ ନୁହେଁ । ଏହା ହେଉଛି ଅବିଭକ୍ତ କୋରାପୁଟ ଜିଲ୍ଲାର ମୁଖ୍ୟ ଲୋକ ମହୋତ୍ସବ । ଆଦିବାସୀ କୋରାପୁଟ ଅଞ୍ଚଳର ପ୍ରାଚୀନ ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓ ଐତିହ୍ୟକୁ ଆଧୁନିକ ସମାଜ ସମ୍ମୁଖରେ ଉଦ୍‌ଭାସିତ କରିବାର ସଫଳ ପ୍ରୟାସ ହେଉଛି 'ପରବ' । ଏହା ମଧ୍ୟ ସଂପୃକ୍ତ ଅଞ୍ଚଳର ଜନଜୀବନ ପାଇଁ ଏକ ସାଂସ୍କୃତିକ ଜାଗରଣ । ଏହି ଉତ୍ସବରେ କେବଳ କୋରାପୁଟ ଅଞ୍ଚଳର ହଜାର ହଜାର ଜନସାଧାରଣ ଅଂଶଗ୍ରହଣ କରନ୍ତି ନାହିଁ । ପରନ୍ତୁ ପ୍ରକୃତି ରାଣୀର ଅପରୂପ ସୁଷମାର ଗନ୍ତାଘର କୋରାପୁଟର ବଣ, ବିଲ, ପାହାଡ଼, ପର୍ବତ ମଧ୍ୟ 'ପରବ' ପାଳନ ଅବସରରେ ଆଦିବାସୀ ନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଉନ୍ମାଦିତ ହୋଇଉଠନ୍ତି ।

'ପରବ' ବାସ୍ତବରେ ହେଉଛି କୋରାପୁଟ ଜିଲ୍ଲା ସଂସ୍କୃତି ପରିଷଦ ବାର୍ଷିକ ଉତ୍ସବ । ତେବେ ପ୍ରତିବର୍ଷ ନଭେମ୍ବର ମାସ ୧୬ଠାରୁ ୧୮ ତାରିଖ ମୋଟ ତିନି ଦିନ ଧରି ପାଳିତ ହେଉଥିବା ଏହି ଉତ୍ସବ ସମୟକ୍ରମେ ବ୍ୟାପକ ଲୋକପ୍ରିୟତା ଅର୍ଜନ କରି ବର୍ତ୍ତମାନ ଏକ ଲୋକ ମହୋତ୍ସବରେ ପରିଣତ ହୋଇଛି । କାରଣ ଏଥିରେ ସରକାରୀ ପ୍ରୋତ୍ସାହନ ଅପେକ୍ଷା ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଭାଗିଦାରିତା ଅଧିକ ପରିମାଣରେ ରହୁଛି । 'ପରବ'ର ଲୋକପ୍ରିୟତା ସଂପର୍କରେ ଏତିକି କୁହାଯାଇପାରେ ଯେ, ସ୍ୱାଧୀନତାର ୫୭ ବର୍ଷ ଭିତରେ କୌଣସି କାର୍ଯ୍ୟକଳାପ ଲୋକଙ୍କ ନିକଟରେ ଏତେ ଅଧିକ ପରିମାଣରେ ପହଞ୍ଚି ପାରିନାହିଁ, ଯାହା ଗତ ୮ ବର୍ଷ ଭିତରେ 'ପରବ' ମାଧ୍ୟମରେ ସମ୍ଭବ ହୋଇପାରିଛି । କୋରାପୁଟ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ୧୯୯୭ ମସିହାଠାରୁ ପ୍ରତିବର୍ଷ ପାଳିତ ହୋଇଆସୁଥିବା 'ପରବ' ସଫଳତାର ପାହାଚ ଅତିକ୍ରମ କରି ଏବେ ନବମ ବର୍ଷରେ ପଦାର୍ପଣ କରିଛି । ଏହାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାଗୁଡ଼ିକ କୋଟପାଡ, ଜୟପୁର, କୋରାପୁଟ, ସୁନାବେଡ଼ା ଭଳି ସ୍ଥାନରେ ଆୟୋଜନ କରାଯାଉଛି । ପ୍ରତିବର୍ଷ ନୃତ୍ୟ, ସଙ୍ଗୀତ, କ୍ରୀଡ଼ା ଆଦି ପ୍ରତିଯୋଗିତାକୁ ଭିନ୍ନ ଭିନ୍ନ ସ୍ତରରେ ଆୟୋଜନ କରିବା ଦ୍ୱାରା 'ପରବ' ପ୍ରକୃତରେ ସମଗ୍ର ଜିଲ୍ଲାରେ ଏକ ବଳିଷ୍ଠ ସାଂସ୍କୃତିକ ଜାଗରଣ ଗଢ଼ି ତୋଳିପାରିଛି । କୋରାପୁଟ 'ପରବ' ଉତ୍ସବକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଭାଗଟି ପ୍ରତିଯୋଗିତା ଓ ଦ୍ୱିତୀୟ ଭାଗଟି ହେଉଛି ସାଂସ୍କୃତିକ ମହୋତ୍ସବ । ପ୍ରଥମ ଭାଗରେ କୋରାପୁଟ ଜିଲ୍ଲାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ୍ ଓ ସହରାଞ୍ଚଳ ସ୍ତର ପର୍ଯ୍ୟନ୍ତ ଅନେକ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ । ତା'ପରେ ବ୍ଲକ୍ ଓ ସହରାଞ୍ଚଳ ସ୍ତରରେ ସଫଳତା ହାସଲ କରିବାର କୃତୀ କଳାକାର ଏବଂ କ୍ରୀଡ଼ାବିତ୍‌ମାନଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥାଏ । ଆଦିବାସୀ ନୃତ୍ୟ, ଲୋକନୃତ୍ୟ, ଆଦିବାସୀ ସଂଗୀତ, ଲୋକ ସଂଗୀତ, ଆଦିବାସୀ ଯନ୍ତ୍ର ସଂଗୀତ, ଢାମ୍ପ, ମହୁରୀ, ବଂଶୀ, ଭଜନ , ଝୋଟି, ଚିତା, ନାଟକ, ସଂସ୍କୃତି ଓ ପର୍ଯ୍ୟଟନ ସମ୍ପର୍କିତ କୁଇଜ୍ ଆଦି କାର୍ଯ୍ୟକ୍ରମକୁ ନେଇ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଫୁଟବଲ, କବାଡ଼ି, ପାରମ୍ପରିକ, ଧନୁତୀର, ଦୌଡ଼କୁଦ, ପର୍ବତାରୋହଣ, ନୌଚାଳନା ପ୍ରଭୃତି କ୍ରୀଡ଼ା ପ୍ରତିଯୋଗିତାରେ ସ୍ଥାନ ପାଇଥାଏ । 'ପରବ'ର ଦ୍ୱିତୀୟ ଭାଗ ସାଂସ୍କୃତିକ ମହୋତ୍ସବରେ କୋରାପୁଟର ସମୃଦ୍ଧ ଆଦିବାସୀ ନୃତ୍ୟ ସଂଗୀତ ସହିତ ଅନ୍ୟ ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ରର ଆଦିବାସୀ ନୃତ୍ୟ ସଂଗୀତ, ଲୋକନୃତ୍ୟ, ଲୋକସଂଗୀତ ଆଦିର ଆୟୋଜନ କରାଯାଇଥାଏ । ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଲୋକକଳା ଭାସ୍କର୍ଯ୍ୟ ଉପରେ ଗ୍ରାମଶ୍ରୀ ମେଳା, ଚାରୁକଳା, ପ୍ରଦର୍ଶନୀ, ଦେଶୀ, ନୌକା ପ୍ରତିଯୋଗିତା ସହିତ ଆଦିବାସୀ ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଆଲୋଚନାଚକ୍ର ଏବଂ କବି ସମ୍ମିଳନୀ ଆଦିର ଆୟୋଜନ ମଧ୍ୟ ଏହି ଅବସରରେ କରାଯାଇଥାଏ । ଘନ ଅରଣ୍ୟାନୀ ପରିବେଷ୍ଟିତ, ପ୍ରାକୃତିକ ସୌନ୍ଦର୍ଯ୍ୟଭରା କୋରାପୁଟ ଅଞ୍ଚଳ ହେଉଛି ଆଦିବାସୀ କଳାସଂସ୍କୃତିର ମୂଳପିଣ୍ଡ । କାରଣ ଓଡ଼ିଶାର ୨୩.୭୨ ପ୍ରତିଶତ ଆଦିବାସୀ ହିଁ ଏଠାରେ ବସବାସ କରନ୍ତି । ତେଣୁ 'ପରବ'କୁ ଯଥାର୍ଥରେ ରାଜ୍ୟସ୍ତରୀୟ ଆଦିବାସୀ ଉତ୍ସବ ବୋଲି ବର୍ଣ୍ଣନା କରାଯାଇପାରେ । ଆଦିବାସୀ ବହୁଳ ଏହି ଉପାନ୍ତ ଅଞ୍ଚଳ ହେଉଛି ପୃଥିବୀର ପ୍ରାଚୀନତମ ଭୂଖଣ୍ଡ ମଧ୍ୟରେ ଅନ୍ୟତମ । ଏହି ଆଦିମ ଭୂଖଣ୍ଡଟି ନଭଶ୍ଚୁମ୍ବୀ ଢେଉଢେଉକା ପାହାଡ଼ମାଳା, ଘଞ୍ଚ ସବୁଜ ଅରଣ୍ୟାନୀ ଓ ଝରଣାର

କୁଳୁ କୁଳୁ ସୁମଧୁର ସଂଗୀତରେ ମୁଖରିତ । କନ୍ଧ, ଗଦବା, ସଉରା, ଭୂମିଆ, ଭତରା, ବିଦାୟୀ ପରଜା ପ୍ରଭୃତି ଆଦିମ ଆଦିବାସୀ ଜନଗୋଷ୍ଠୀଙ୍କ ଆବାସସ୍ଥଳୀ କୋରାପୁଟ ଭୂଖଣ୍ଡ ହେଉଛି ଲୋକ ସଂସ୍କୃତିର ପ୍ରକୃତ ଏବଂ ପ୍ରଶସ୍ତ କ୍ଷେତ୍ର ।

'ପରବ'ରେ କୃତୀ କଳାକାର/କ୍ରୀଡ଼ାବିତ୍‌ମାନଙ୍କୁ ଯେଭଳି ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ବ୍ଲକ୍ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପ୍ରତିଯୋଗିତା ମାଧ୍ୟମରେ ଚୟନ କରାଯାଏ, ତାହା ଅନ୍ୟକୌଣସି ଜିଲ୍ଲା କିମ୍ବା ରାଜ୍ୟରେ ପରିଲକ୍ଷିତ ହୁଏ ନାହିଁ । ଏହି ପ୍ରତିଯୋଗିତାମାନଙ୍କରେ ବିଶେଷ କରି ଗ୍ରାମାଞ୍ଚଳ କଳାକାର/କ୍ରୀଡ଼ାବିତ୍‌ମାନେ ଅଂଶ ଗ୍ରହଣ କରିଥାଆନ୍ତି । ଫଳରେ ସମାଜର ଅବହେଳିତ ସ୍ତରରେ ଥାଇ କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଲୁକ୍କାୟିତ ପ୍ରତିଭାଧରମାନଙ୍କୁ ଆବିଷ୍କାର ଓ ପୁରସ୍କୃତ କରିବାରେ ଏହା ବିଶେଷ ଭାବରେ ସହାୟତା ହୋଇଥାଏ । କେବଳ ସେତିକି ନୁହେଁ ଅନ୍ୟ ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ରର ଲୋକପ୍ରିୟ ନୃତ୍ୟ ସଂଗୀତକୁ 'ପରବ'ରେ ସାମିଲ କରି ସାଂସ୍କୃତିକ ଭାବ ବିନିମୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରୁଛି । ଅନ୍ୟପକ୍ଷରେ ପରବକୁ ରାଜ୍ୟସ୍ତର ଓ ସର୍ବଭାରତୀୟ ସ୍ତରରେ ଏକ ଆଦିବାସୀ ଉତ୍ସବ ପାଠ ବା ଏକ ମୁଖ୍ୟ ଆଦିବାସୀ ନୃତ୍ୟ ସଂଗୀତ ମହୋତ୍ସବରେ ପରିଣତ କରିବାର ପ୍ରୟାସ ମଧ୍ୟ ଜାରି ରହିଛି । ଏହି ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ପାଇଁ ଗତବର୍ଷ 'ପରବ' ଉତ୍ସବରେ କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶର କେତେକ ଲୋକନୃତ୍ୟ ଦଳ ଅଂଶଗ୍ରହଣ କରିଥିବାବେଳେ ଚଳିତ ବର୍ଷ ଶ୍ରୀଲଙ୍କାର ଏକ ନୃତ୍ୟଦଳ ଏହି ଲୋକ ମହୋତ୍ସବରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି ।

ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ପର୍ବତାରୋହଣ ଓ କୋଲାବ ଜଳସ୍ରୋତରେ ନୌଚାଳନା ପ୍ରତିଯୋଗିତାର ଆୟୋଜନତାର ଆୟୋଜନ କରି 'ପରବ' କୋରାପୁଟ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ସାଧନରେ ବିଶେଷ ସହାୟତା ହୋଇପାରିଥିବା ବେଳେ ମଞ୍ଚନାଟକ ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ ତାହା ବିଲୁପ୍ତ ପ୍ରାୟ ଲୋକନୃତ୍ୟ, ଲୋକସଂଗୀତ ତଥା ଲୋକସଂସ୍କୃତିକୁ ପୁନଃଜୀବିତ କରିପାରିଛି ।

କୋରାପୁଟ ଅଞ୍ଚଳର ନୃତ୍ୟ, ସଂଗୀତ, କଳା, ଲୋକଗୀତ, ପର୍ଯ୍ୟଟନ, ଖେଳକୁଦ ପ୍ରଭୃତିରେ ଉନ୍ନତି ଆଣିବା 'ପରବ' ଉତ୍ସବର ଅନ୍ୟତମ ମୂଳ ଲକ୍ଷ୍ୟ । ଅନ୍ୟପକ୍ଷରେ ଆଦିବାସୀମାନଙ୍କ ଜୀବନଶୈଳୀରେ ବିକାଶ ଘଟାଇବା ସହିତ ପରିବେଶ-ପର୍ଯ୍ୟଟନ, ହସ୍ତଶିଳ୍ପ-ଚାରୁକଳା ପ୍ରଦର୍ଶନୀ ମାଧ୍ୟମରେ ଆଦିବାସୀ ସଂସ୍କୃତିର ସୁରକ୍ଷା କରିବା ମଧ୍ୟ ଏହାର ପ୍ରଧାନ ଉଦ୍ଦେଶ୍ୟ । ସେଥିଯୋଗୁଁ ଆଦିବାସୀ ଚାଲିଚଳନ ଓ ସଂସ୍କୃତିର ପ୍ରତିଛବି 'ପରବ' ମଣ୍ଡପ ବା ରଙ୍ଗମଞ୍ଚରେ ହିଁ ଦୃଶ୍ୟମାନ ହୋଇଥାଏ । 'ପରବ' ପ୍ରତିଯୋଗିତାରେ ଭାଗନେବା ଲାଗି କୋରାପୁଟ ଜିଲ୍ଲାର ହଜାର ହଜାର ଲୋକ ବିଶେଷ କରି ଗାଁଗହଳିର ଯୁବସମାଜ ଯେଭଳି ସ୍ୱତଃସ୍ଫୂର୍ତ୍ତ ଆଗ୍ରହ ପ୍ରଦର୍ଶନ କରୁଛନ୍ତି, ତାହା ଆଦିବାସୀ ସଂସ୍କୃତିର ସୁରକ୍ଷା ଏବଂ ବିକାଶ ସାଧନରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା କରାଯାଏ ।

କୋରାପୁଟର 'ପରବ' କେବଳ ଏକ ବାର୍ଷିକ ଉତ୍ସବ ମଧ୍ୟରେ ସୀମିତ ନୁହେଁ । ବରଂ ତାହା ଲୋକ ସଂସ୍କୃତିର ଏକ ପ୍ରବହମାନ ଧାରା । କୋରାପୁଟ ଜିଲ୍ଲାର ଅବଲୁପ୍ତ ବା ଲୁକ୍କାୟିତ ଆଦିବାସୀ କଳା, ସଂସ୍କୃତି, ଭାସ୍କର୍ଯ୍ୟ, ପରମ୍ପରା, ଐତିହ୍ୟକୁ ଆଧୁନିକ ସମାଜ ସମ୍ମୁଖରେ ଉପସ୍ଥାପନ କରିବାର ଏହା ଏକ ଅଭିନବ ପଦକ୍ଷେପ ।

ତେବେ ଅର୍ଥାଭାବ ସମସ୍ୟା ହିଁ 'ପରବ'ର ଦ୍ରୁତ ଅଗ୍ରଗତି ସାଧନରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିବା ଜଣାପଡ଼ିଛି । କାରଣ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ଲୋକ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନର ବେଶ୍ ପ୍ରୋତ୍ସାହନ ରହିଥିଲେ ସୁଦ୍ଧା ସରକାରୀ ସ୍ତରରେ ଏଥିନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ପାଣ୍ଠିର ବ୍ୟବସ୍ଥା ନାହିଁ । ଅନ୍ୟପକ୍ଷରେ ଏହାର ବିଶାଳତା ତୁଳନାରେ ବେସରକାରୀ ବା ଘରୋଇ ସ୍ତରରୁ ସଂଗୃହୀତ ଅର୍ଥର ପରିମାଣ ମଧ୍ୟ ଯଥେଷ୍ଟ ନୁହେଁ । ତେବେ 'ପରବ'କୁ ଏକ ମୁଖ୍ୟ ଜାତୀୟ ଆଦିବାସୀ ନୃତ୍ୟ ସଂଗୀତ ମହୋତ୍ସବରେ ଗଢ଼ିତୋଳିବା ନିମନ୍ତେ ଉଭୟ ସରକାରୀ ଓ ବେସରକାରୀ ସ୍ତରରୁ ସାହାଯ୍ୟ ସହଯୋଗର ବିଶେଷ ଆବଶ୍ୟକତା ରହିଛି ।

ଭି.ଆର୍-୩/୨
ରିଜର୍ଭ ବ୍ୟାଙ୍କ ପଛପଟ
ୟୁନିଟ୍-୩, ଭୁବନେଶ୍ୱର-୧

# ସଫଳ ଉଦ୍ୟାନ ଚାଷର ପଥପ୍ରଦର୍ଶକ ଏୟୁସିସି ବ୍ୟାଙ୍କ

ଚୌଧୁରୀ ବିନିତ୍ କୁମାର ଦାସ

**ନା**କ୍‌ଟିରେ ଶ୍ରୀମତୀ ଶକୁନ୍ତଳା ସାହୁଙ୍କର ଲିଚୁ ବଗିଚା ହେଉଛି ଘରୋଇ ଉଦ୍ୟୋଗରେ ଓଡ଼ିଶାର ସର୍ବବୃହତ୍ ଲିଚୁ ବଗିଚା । ଅନୁଗୋଳ ଜିଲ୍ଲାର କିଶୋର ନଗର ବ୍ଲକ୍‌ର ନାକ୍‌ଟିଠାରେ ୪୨ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏହି ସୁରମ୍ୟ ଲିଚୁ ବଗିଚା ଦର୍ଶକମାନଙ୍କୁ ଆଜି ବିମୋହିତ କରିଛି । ନାକ୍‌ଟିର ସବୁଜ ଅରଣ୍ୟ ଓ ବିସ୍ତୃତ ଜଳାଧାର ନିକଟରେ ପ୍ରାୟ ୧୫ ଏକର ଜମି ଉପରେ ନିଜର ସ୍ୱାମୀ ଅବସର ପ୍ରାପ୍ତ ଇଂଜିନିୟର ଶ୍ରୀଯୁକ୍ତ ଲୋକନାଥ ସାହୁଙ୍କ ସହିତ ମିଶି ଶକୁନ୍ତଳା ଆରମ୍ଭ କରିଥିଲେ ତାଙ୍କର ଏହି ସ୍ୱପ୍ନର ଲିଚୁ ବଗିଚା । ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲାର ଉଦ୍ୟାନ ଚାଷର ବିକାଶ ପାଇଁ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ ଯୋଜନା ଆରମ୍ଭ କରିଥିବା ଏୟୁସିସି ବ୍ୟାଙ୍କ ଏହି ମହିଳା ଉଦ୍ୟୋଗୀ ଶକୁନ୍ତଳାଙ୍କୁ ଏ ସଂପର୍କରେ ବୈଷୟିକ ପରାମର୍ଶ ସହ ୯ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ସହାୟତା ଯୋଗାଇ ଦେଇଛନ୍ତି । ଏହି ବ୍ୟାଙ୍କ ସହାୟତାରେ ଶକୁନ୍ତଳାଙ୍କର ଲିଚୁ ବଗିଚାର ଜଳ ଉତ୍ସ ଓ ଜଳସେଚନର ଉନ୍ନତି ଯୋଗୁଁ ଲିଚୁ ଚାଷର ଉଲ୍ଲେଖନୀୟ ଉନ୍ନତି ହୋଇପାରିଛି । ଏବେ ଶକୁନ୍ତଳା ଏହି ବଗିଚାର ଉତ୍ପାଦିତ ଲିଚୁ ରାଜ୍ୟ ବାହାରେ ବିକ୍ରି କରି ବଜାରରେ ନିଜର ସ୍ଥିତି ସୁଦୃଢ଼ କରିପାରିଛନ୍ତି ।

ସେହିପରି ତୁରଙ୍ଗର ବ୍ରଜବନ୍ଧୁ ସାହୁଙ୍କର କଳିଙ୍ଗ ଫିସ୍ ସିଡ୍ ମାଛ ଯାଆଁଳ କେନ୍ଦ୍ର ହେଉଛି ଘରୋଇ ଉଦ୍ୟୋଗୀର ଓଡ଼ିଶାର ସର୍ବ ବୃହତ୍ ମାଛ ଯାଆଁଳ କେନ୍ଦ୍ର । ଅନୁଗୋଳ - ତାଳଚେର ଶିଳ୍ପାଞ୍ଚଳରେ ଯେତେବେଳେ କୃଷି ବିମୁଖ ଲୋକମାନେ ଶିଳ୍ପକୈନ୍ଦ୍ରିକ ବ୍ୟବସାୟ ଓ ଉଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉଛନ୍ତି, ଏୟୁସିସି ବ୍ୟାଙ୍କ ବ୍ରଜବନ୍ଧୁଙ୍କୁ ଏକ ମାଛ ଯାଆଁଳ କେନ୍ଦ୍ର ଓ ମାଛ ଚାଷ କରି କୋଟିପତି ହେବାର ସ୍ୱପ୍ନ ଦେଖାଇଛି । ବ୍ରଜବନ୍ଧୁ ଏବେ ବର୍ଷକୁ ୫ କୋଟି ୫୦ ଲକ୍ଷ ମାଛ ଯାଆଁଳ ପ୍ରସ୍ତୁତ କରି ରାଜ୍ୟର ଜଣେ ସଫଳ ଉଦ୍ୟୋଗୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଡେରଜାଙ୍ଗ ମଧ୍ୟମ ଜଳସେଚନ ଯୋଜନା ପ୍ରକଳ୍ପରେ ୫ ବର୍ଷ ଲିଜ୍ ସୂତ୍ରରେ ଏବେ ତାଙ୍କର ମାଛ ଚାଷ ପ୍ରକଳ୍ପ ରାଜ୍ୟବାସୀଙ୍କର ଦୃଷ୍ଟି ଆକର୍ଷଣ କରିଛି । ଏୟୁସିସି ବ୍ୟାଙ୍କ ତାଙ୍କୁ ପ୍ରାୟ ୩୫ ଲକ୍ଷ ଟଙ୍କା ଋଣ ସହାୟତା ସହ ବୈଷୟିକ ସହାୟତା ମଧ୍ୟ ଯୋଗାଇ ଦେଉଛି ।



ଏହି ସଫଳ ଉଦ୍ୟୋଗୀମାନେ ସମାଜରେ ଉଦାହରଣ ସୃଷ୍ଟି କରିଥିବା ବେଳେ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଏୟୁସିସି ବ୍ୟାଙ୍କ ୪୪ଟି ଫାର୍ମ ପ୍ରଭୃତିକୁ ଋଣ ସହାୟତା ଓ ପ୍ରୋତ୍ସାହନ ଦେଇ ଅଣକୃଷି ବିଶେଷତଃ ଉଦ୍ୟାନ ଚାଷ ଓ ମତ୍ସ୍ୟ ଚାଷର ବ୍ୟାପକ ଉନ୍ନତି କରିପାରିଛି ।

କୃଷି କ୍ଷେତ୍ରରେ ସର୍ବାଧିକ ୧୯୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଲଗାଣ କରି ୫୮% ଅଭିବୃଦ୍ଧି ହାସଲ କରିବା, ଋଣ ଲଗାଣରେ ଗତ ୨ ବର୍ଷରେ ୧୨୦% ଅଭିବୃଦ୍ଧି ଓ ବଣ୍ଟନୀୟ ଲାଭ କ୍ଷେତ୍ରରେ ୧୪୦ ଭାଗ ଅଭିବୃଦ୍ଧି ପ୍ରଭୃତି ଉଲ୍ଲେଖନୀୟ ଅଗ୍ରଗତି ପାଇଁ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ (ଏୟୁସିସି ବ୍ୟାଙ୍କ) ରାଜ୍ୟର ସର୍ବଶ୍ରେଷ୍ଠ ବ୍ୟାଙ୍କ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛି । ଭୁବନେଶ୍ୱର ଜୟଦେବ ଭବନଠାରେ ଏକ ରାଜ୍ୟସ୍ତରୀୟ କୃଷକ ସମାବେଶରେ ରାଜ୍ୟ କୃଷିମନ୍ତ୍ରୀ ଶ୍ରୀ ସୁରେନ୍ଦ୍ର ନାଥ ନାୟକ, ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ସୁରମା ପାଢ଼ୀ, ସମବାୟ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ମଧୁର ଷଡଙ୍ଗୀ, ଆଇ.ଏ.ଏସ୍., ସମବାୟ ବିଭାଗର ରେଜିଷ୍ଟ୍ରାର ଶ୍ରୀ ସୁଦର୍ଶନ ନାୟକ, ଆଇ.ଏ.ଏସ୍., ଓ.ଏସ୍.ସି.ବି.ର ପରିଚାଳନା ଅଧିକାରୀ ଶ୍ରୀ ଆର୍.ଏନ୍. ଦାଶ, ଆଇ.ଏ.ଏସ୍. ଓ ନାବାର୍ଡ଼ର ସି.ଜି.ଏମ୍. ଶ୍ରୀ ଏସ୍.ଏ. କରିମ୍‌ଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ

ଶ୍ରୀ ନବୀନ ପଟ୍ଟନାୟକ, ଏୟୁସିସି ବ୍ୟାଙ୍କର ସଂପାଦକ ଶ୍ରୀ ଚୌଧୁରୀ ବିନିତ୍ କୁମାର ଦାସଙ୍କୁ ବ୍ୟାଙ୍କର ଏହି କୃତିତ୍ୱ ପାଇଁ ୧ ଲକ୍ଷ ଟଙ୍କା ସହିତ ଏକ ସିଲ୍ଡ୍ ପ୍ରଦାନ କରି ପୁରସ୍କୃତ କରିଛନ୍ତି । ଲଟେରୀ ଉଠାଣ ମାଧମରେ ପ୍ରଥମ ବିବେଚିତ କାକୁଡ଼ିଆ ଗ୍ରାମର ଗୋଲ୍ଡ କାର୍ଡ଼ଧାରୀ କୃଷକ ଗୁଣନିଧି ସାହୁଙ୍କୁ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ଟଙ୍କା ପ୍ରଦାନ କରି ପୁରସ୍କୃତ କରିଛନ୍ତି । ଠିକ୍ ସମୟରେ ସମବାୟ ଋଣ ପରିଶୋଧ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଏହି ବ୍ୟାଙ୍କର ଚାଷୀ ଶ୍ରୀ ସାହୁ ରାଜ୍ୟର ଲକ୍ଷ ଲକ୍ଷ କୃଷକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛନ୍ତି । ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ଆୟୋଜିତ ଏହି ବିଶାଳ କୃଷକ ସମାବେଶରେ ଏୟୁସିସି ବ୍ୟାଙ୍କର ଉଲ୍ଲେଖନୀୟ ଅଗ୍ରଗତି ଓ ବିଶେଷତଃ ଅନୁଗୋଳ-ଢେଙ୍କାନାଳ ଜିଲ୍ଲାର କୃଷକମାନଙ୍କର ଅର୍ଥନୈତିକ ପ୍ରଗତିରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଅଛି ।





ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ (ଏୟୁସିସି ବ୍ୟାଙ୍କ) ନାବାର୍ଡ଼ ଦ୍ୱାରା ରାଜ୍ୟର ସର୍ବଶ୍ରେଷ୍ଠ ସମବାୟ ବ୍ୟାଙ୍କ ରୂପେ ବିବେଚିତ ହୋଇଅଛି । ଏଥିପାଇଁ ସଂପାଦକ ଚୌଧୁରୀ ବିନିତ୍ କୁମାର ଦାସଙ୍କୁ ଗତ ତା.୧୩.୯.୦୫ରିଖରେ ନୂଆଦିଲ୍ଲୀଠାରେ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ପି. ଚିଦାମ୍ବରମ୍ ପୁରସ୍କୃତ କରିଛନ୍ତି । ଏତଦ୍‌ବ୍ୟତୀତ ସମବାୟ ସପ୍ତାହ ପାଳନ ଅବସରରେ ରାଜ୍ୟ ସମବାୟ ୟୁନିୟନ୍ ଦ୍ୱାରା ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ଉତ୍ସବରେ ଏୟୁସିସି ବ୍ୟାଙ୍କ ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଭାବରେ ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କ ଦ୍ୱାରା ପୁରସ୍କୃତ ହୋଇଅଛି । ଏହି ବ୍ୟାଙ୍କର ପୂର୍ବତନ ସଭାପତି ଡା. ସରୋଜ ମିଶ୍ରଙ୍କୁ ରାଜ୍ୟର ଶ୍ରେଷ୍ଠ ସମବାୟବିତ୍ ଭାବେ ମଧ୍ୟ ପୁରସ୍କୃତ କରାଯାଇଅଛି । ପ୍ରକାଶଯୋଗ୍ୟ ଯେ ଡା. ମିଶ୍ର ସମବାୟ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଦ୍ୱିତୀୟଥର ଲଗାତର ଭାବେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି । ସେହିପରି ଏୟୁସିସି ବ୍ୟାଙ୍କ ଅଧୀନସ୍ଥ 'ଗୁଣେଇବିଲ୍ ସମବାୟ ସମିତି' ରାଜ୍ୟର ଶ୍ରେଷ୍ଠ ସମବାୟ ସମିତି ରୂପେ ପୁରସ୍କୃତ ହୋଇଛି ।

ଉଲ୍ଲେଖଯୋଗ୍ୟ ଯେ, ଏୟୁସିସି ବ୍ୟାଙ୍କ ଏହା ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ଏନ୍.ପି.ଏ.ର ଅଧିକାରୀ ହେବା ସହ ବ୍ୟବସାୟିକ ଭିତ୍ତିରେ ଉଦ୍ୟାନ କୃଷିର ବିକାଶ ପାଇଁ ସମୟଭିତ୍ତିକ ପଦକ୍ଷେପ ଗ୍ରହଣ କରି ଓ ଆବଶ୍ୟକ ଋଣ ସହାୟତା ପ୍ରଦାନ କରି ଏହାର ଲକ୍ଷ୍ୟ ହାସଲ ପାଇଁ ପ୍ରତିବଦ୍ଧତା ସୃଷ୍ଟି କରିଛି । ବ୍ୟାଙ୍କର ଏହି ନିରବଚ୍ଛିନ୍ନ ସଫଳତାକୁ ଦୀର୍ଘସ୍ଥାୟୀ କରିବା ସହ ବ୍ୟବସାୟିକ ବ୍ୟାଙ୍କ ସହିତ ସଫଳ ପ୍ରତିଦ୍ୱନ୍ଦିତା କରିବା ପାଇଁ ବ୍ୟାଙ୍କର ପରିଚାଳନା ଅଧିକାରୀ ତଥା ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସୁରେଶ କୁମାର ବଶିଷ୍ଠ, ଆଇ.ଏ.ଏସ୍. ଆହ୍ୱାନ ଜଣାଇଛନ୍ତି । କୃଷି, ଉଦ୍ୟାନ କୃଷି ଓ ଅନ୍ୟାନ୍ୟ ଅଣକୃଷି ପ୍ରକଳ୍ପ ପାଇଁ ଏୟୁସିସି ବ୍ୟାଙ୍କ ଯେପରି ଭାବେ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦେଉଛି, ଜନସାଧାରଣ ତାହାର ପୂର୍ଣ୍ଣ ସୁଯୋଗ ନେବାର ସମୟ ଆସିଛି ।

ଏ.ଜି.ଏମ୍. ଓଏସ୍‌ଡି
ସେକ୍ରେଟାରୀ, ଏୟୁସିସି ବ୍ୟାଙ୍କ, ଭୁବନେଶ୍ୱର

# ଆମ ମାନବ ସମ୍ବଳର ବିକାଶ

ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିଦ୍‌ସ)

**ଭା**ରତ ଏକ ସାର୍ବଭୌମ କ୍ଷମତାସଂପନ୍ନ ସ୍ୱାଧୀନ ଓ ଗଣତନ୍ତ୍ର ରାଷ୍ଟ୍ର ଭାବରେ ସାରା ବିଶ୍ୱରେ ପରିଚିତ । ଗଣତନ୍ତ୍ର ରାଷ୍ଟ୍ର ଭାବରେ ଭାରତ ପାଇଁ ଏକ ସମୃଦ୍ଧ ଦୃଢ଼ ସ୍ୱୀକୃତି ରହିଥିଲେ ମଧ୍ୟ ଭାରତର ଦାରିଦ୍ର୍ୟ ଆମକୁ ବିଶ୍ୱ ଦରବାରରେ ମଥାନତ କରି ଛିଡ଼ା ହେବାକୁ ବାଧ୍ୟ କରୁଛି । ଅବଶ୍ୟ ସ୍ୱାଧୀନତା ପୂର୍ବର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅବସ୍ଥାରେ ଢେର୍ ପରିବର୍ତ୍ତନ ଆସିଛି । କିନ୍ତୁ ଦୁଃଖର କଥା ଆମର ଯେଉଁ ମାତ୍ରାରେ ପ୍ରଗତି ହେବାର କଥା ସେହି ମାତ୍ରାରେ ବିକାଶ ଲାଭ ହୋଇପାରିନାହିଁ । ଆମେ ଯେତେବେଳେ ନିଜେ ନିଜକୁ ଦେଖି ବିକାଶର ସମୀକ୍ଷା କରୁଛେ, ସେତେବେଳେ ମନେ ହେଉଛି ଆମେ ଆଗକୁ ବଢୁଛେ କିନ୍ତୁ ଅନ୍ୟ ସମାନ ସ୍ତରର ଅର୍ଥନୀତି ବହନ କରୁଥିବା ଆମ ପଡ଼ୋଶୀମାନଙ୍କ ଦୌଡ଼ରେ ଆମେ ସବାପଛରେ ପଡ଼ି ରହିଥିବା ଭଳି ଅନୁଭବ ହେଉଛି । ଆମ ପ୍ରଗତିକୁ କେତେକ ସୂଚକ ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟତା, ଶିଶୁ ମୃତ୍ୟୁହାର, ପ୍ରସବକାଳୀନ ମାତୃ ମୃତ୍ୟୁହାର, ଆଭ୍ୟନ୍ତରୀଣ ଉତ୍ପାଦ, ମୁଣ୍ଡପିଛା ଆୟାଦିରେ ଅନ୍ୟ ସହିତ ତୁଳନା କରିବାକୁ ଗଲେ ଆମେ କେତେ ଯେ ପଛରେ ତା' ଜାଣି ହୁଏ । ଏହି ନିବନ୍ଧରେ ଏମିତି କେତୋଟି ପ୍ରଗତିର ସୂଚକ ସାହାଯ୍ୟରେ ଆମ ସୁସ୍ଥ ମାନବ ସମ୍ବଳର ସ୍ଥିତି ବିଷୟରେ ଆଲୋଚନା କରାଯିବାର ପ୍ରୟାସ କରାଯାଇଛି । ଭାରତରେ ଶିଶୁ ମୃତ୍ୟୁହାର ଯେକୌଣସି ଗରିବ ରାଷ୍ଟ୍ରଠାରୁ ବି ଅଧିକ । ବର୍ତ୍ତମାନ ଗଲା ୨୦୦୨ ସର୍ବେକ୍ଷଣ ଅନୁଯାୟୀ ଏକ ହଜାରରେ ୬୩ ଜଣ । ଯାହାକି ୧୯୯୧ ବେଳକୁ ୮୦ରେ ସୀମିତ ଥିଲା । ଦୀର୍ଘ ଦଶ ଏଗାର ବର୍ଷରେ ଶିଶୁ ମୃତ୍ୟୁହାରରେ ମାତ୍ର ୧୭ ଜଣଙ୍କୁ କମାଯାଇପାରିଛି । ତା' ପୂର୍ବ ଦଶନ୍ଧିରେ ଯାହା ୧୧୦ ଥିଲା ଓ ଦଶନ୍ଧିର ଶେଷ ବେଳକୁ ୩୦ କମି ୮୦କୁ ଆସିପାରିଥିଲା । ଶିଶୁ ମୃତ୍ୟୁହାର ରୋକାଯିବା କ୍ଷେତ୍ରରେ ବିଶ୍ୱୀକରଣ ବର୍ଷ ପରଠାରୁ ଅଭିବୃଦ୍ଧି ଘଟିଛି ସତ କିନ୍ତୁ ତା'ପୂର୍ବଠାରୁ ଢେର୍ ମନ୍ଥର । ଏ କ୍ଷେତ୍ରରେ ଅନ୍ୟ ପ୍ରଭାବଶାଳୀ ବିକାଶଶୀଳ ରାଷ୍ଟ୍ର ତଥା ଚୀନ୍, ବ୍ରାଜିଲ୍, ଇଣ୍ଡୋନେସିଆରେ ଘଟୁଥିବା ପ୍ରସବ ସମୟରେ ଶିଶୁ ମୃତ୍ୟୁହାର ମଧ୍ୟ ଭାରତଠାରୁ ଢେର୍ ନିମ୍ନରେ । ଏମିତିକି ବଙ୍ଗଳାଦେଶ ମଧ୍ୟ ଆମଠୁଁ ଆଗରେ । ପାଞ୍ଚ ବର୍ଷରୁ କମ୍ ଶିଶୁ ମୃତ୍ୟୁର ତଥ୍ୟ ତୁଳନାରେ ନେପାଳ ଭଳି ରାଷ୍ଟ୍ର ମଧ୍ୟ ଭଲ ସ୍ଥିତିରେ ଥିଲାବେଳେ ଆମ ଦେଶରେ ଏହି ହାର ୧୦୦୦ରେ ୯୩ ଜଣ, ଯାହାକି ଅତୀବ ଲଜ୍ଜ୍ୟାଜନକ ।

ଏ ତ ଗଲା ଶିଶୁ ମୃତ୍ୟୁହାରରେ ଆମ ଦେଶର ସ୍ଥିତି । ଏବେ ଆସନ୍ତୁ ଦେଖିବା ପ୍ରସବରେ ମାତୃ ମୃତ୍ୟୁର ସଂଖ୍ୟା ଭଳି ଆମ ଅନ୍ୟ ଏକ ସ୍ୱାସ୍ଥ୍ୟ ସୁରକ୍ଷାରେ ଆମେ କିଭଳି ଉନ୍ନତି ଆଣିଛେ । ବର୍ତ୍ତମାନକୁ ଏହି ହାର ଏକ ଲକ୍ଷ ପ୍ରସବରେ ୪୦୭ ଜଣ ମା'ଙ୍କ ମୃତ୍ୟୁ । ଏଭଳି ଏକ ଅସୁରକ୍ଷିତ ସ୍ଥିତିରେ ଆମ ମା'ମାନେ ଅଛନ୍ତି । ଅବଶ୍ୟ ଏହି ହାର ୧୯୯୨-୯୩ ବର୍ଷ ବେଳକୁ ଆହୁରି ଅଧିକ ୪୩୭ ଥିଲା । ଦଶ ବର୍ଷରେ ୩୦ ପ୍ରତିଶତ ପ୍ରାୟ କମାଇବାରେ ଆମ ଦେଶର ସରକାର ସମର୍ଥ ହୋଇଛନ୍ତି ସତ କିନ୍ତୁ ସଂପୂର୍ଣ୍ଣଭାବେ (ବଳକା ୪୦୭) ମାତୃ ମୃତ୍ୟୁକୁ କମାଇବାକୁ ହେଲେ, ବର୍ତ୍ତମାନର ପ୍ରଗତିର ହାରରେ ଅନ୍ୟୁନ ଚାଳିଶି ବର୍ଷରୁ ଅଧିକା ସମୟ ଲାଗିବ । ଏ କ୍ଷେତ୍ରରେ ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କର ସ୍ଥିତି ଆମଠାରୁ ଢେର୍ ଉତ୍ତମ । ଚୀନ ଦେଶର ମାତୃ ମୃତ୍ୟୁ ହାର ଲକ୍ଷରେ ୧୫୬ ଥିଲାବେଳେ ଆମଠାରୁ ସବୁଥିରେ କମ୍ ଥିବା କ୍ଷୁଦ୍ର ରାଷ୍ଟ୍ର ଶ୍ରୀଲଙ୍କା ପାଇଁ ଏହି ହାର ହେଉଛି ୯୨ ପ୍ରତିଶତ ମାତ୍ର । ଏ କ୍ଷେତ୍ରରେ ଆମଠୁଁ ଚାରିଗୁଣରୁ ଅଧିକା ସୁରକ୍ଷିତ ଶ୍ରୀଲଙ୍କା ଏମିତିକି ବଙ୍ଗଳାଦେଶର ସ୍ଥିତି ମଧ୍ୟ ଆମଠୁଁ ଢେର୍ ସୁଧାର ମାତ୍ର ୩୮୦ ଆମଠୁଁ ୨୭ଟି ମାତୃ ମୃତ୍ୟୁ କମ୍ । ଆମେ ବହୁତ ସମୟରେ ଆମ ଦେଶକୁ ବିଶ୍ୱର ଏକ ଶକ୍ତିଶାଳୀ ରାଷ୍ଟ୍ର (ସୁପରପାୱାର) ଭାବରେ ଦେଖିବାର କଳ୍ପନା କରୁ । କିନ୍ତୁ ଏଭଳି ସ୍ୱାସ୍ଥ୍ୟରକ୍ଷା ଓ ଅନିରାପଦ ମାତୃ ପ୍ରସବସ୍ଥିତିରେ ଆମେ କିଭଳି ସୁପର୍ ପାୱାରରେ ପହଁଚି ପାରିବା ତାହା ବିଚାର କରିବାର କଥା ଏବଂ ଏଭଳି ସ୍ଥିତିରେ ଆମେ ଅନ୍ୟ ବିକଶିତ ଓ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ସମକ୍ଷରେ ସୁସ୍ଥ ସ୍ୱାସ୍ଥ୍ୟ ପର୍ଯ୍ୟଟନ (ମେଡ଼ିକାଲ ଟୁରିଜମ୍)ର ବିଶେଷ ସେବା ଦେଇପାରୁଛୁ ବୋଲି ସେମାନଙ୍କୁ ଚିକିତ୍ସା ପାଇଁ ନିମନ୍ତ୍ରଣ କରିବା କେତେ ଅଂସଗତ ତା' ବିଚାର୍ଯ୍ୟ । ଦଶମ ପଞ୍ଚବାର୍ଷିକ ଯୋଜନା କାଳ ୨୦୦୨ ମଧ୍ୟରେ ଶିଶୁ ମୃତ୍ୟୁହାରକୁ ପ୍ରତିହଜାର ସଂଖ୍ୟାରେ ୪୫କୁ କମାଇବା ଏବଂ ୨୦୧୨ (ଏକାଦଶ ପଞ୍ଚବାର୍ଷିକ ଯୋଜନା) ଶେଷ ସୁଦ୍ଧା ଏହି ସଂଖ୍ୟାକୁ ୨୮କୁ ଖସାଇ ଆଣିବାର ଯେଉଁ ସରକାରୀ ଲକ୍ଷ୍ୟ ରଖାଯାଇଛି,

ତା' ବାସ୍ତବରେ ଅପହଞ୍ଚ ମନେ ହେଉଛି । ଅନ୍ତତଃ ପକ୍ଷରେ ଏହି ଲକ୍ଷ୍ୟର ଅଧାରେ ପହଞ୍ଚିଲେ ବି କିଛି ହୋଇଛି ବୋଲି କୁହାଯାଇପାରିବ । କିନ୍ତୁ ବର୍ତ୍ତମାନର ସରକାର ଏହି ସବୁ କ୍ଷେତ୍ରରେ ବିକାଶ କରିବା ପାଇଁ ବଜେଟ୍‌ରେ ସ୍ୱାସ୍ଥ୍ୟ ସେବାର ଖର୍ଚ୍ଚ ପରିମାଣକୁ ଜି.ଡି.ପି.ର ୦.୯ ଶତାଂଶକୁ ଅନ୍ୟୂନ ୨ରୁ ୩ ଶତାଂଶକୁ ବଢ଼ାଇବାରେ ପ୍ରତିଶ୍ରୁତିବଦ୍ଧ । ଅବଶ୍ୟ ଖାଲି ଖର୍ଚ୍ଚ ବଢ଼ାଇ ଦେଲେ ସ୍ୱାସ୍ଥ୍ୟ ସେବା ବୃଦ୍ଧି ହୋଇଯିବ ଭାବିବା ନିରର୍ଥକ ବରଂ କିଭଳି କୌଶଳ ଅବଲମ୍ବନ କଲେ ଏହା ସମ୍ଭବ ହେବ ତାହା ଦେଖିବାର କଥା । ଗତ ଏପ୍ରିଲ ୧୨ ତାରିଖରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟସେବା ସଂଗଠନ ଗଠନ କରାଯାଇ ବିଶେଷରେ ଗ୍ରାମର ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ତାଲିମ ଦେବା, ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଉନ୍ନତି ବିଧାନ କରିବାକୁ ହେବ । ଆମ ଗ୍ରାମାଞ୍ଚଳ ଓ ସହରାଞ୍ଚଳମାନଙ୍କରେ ବୃଦ୍ଧି ପାଉଥିବା ମ୍ୟାଲେରିଆ, ଯକ୍ଷ୍ମା, କଳାଜ୍ୱର, ଏଡ୍‌ସ ଆଦିକୁ ପରାହତ କରିବା ପାଇଁ ଯୋଜନାବଦ୍ଧ ଭାବେ ବ୍ୟବସ୍ଥା ଓ ସ୍ୱତନ୍ତ୍ର ଔଷଧ ସବୁର ପ୍ରସ୍ତୁତି ଓ ଯୋଗାଣ କରିବା ଜରୁରୀ । ଆମ ଭାରତ ବିଶ୍ୱରେ ଦ୍ୱିତୀୟ ଜନବହୁଳ ରାଷ୍ଟ୍ର । ଏହାର ବର୍ଦ୍ଧିତ ଜନସଂଖ୍ୟାକୁ ନିରୋଗ ରଖିପାରିଲେ ବିଶ୍ୱକୁ ସବୁଠାରୁ ଅଧିକ କାର୍ଯ୍ୟକ୍ଷମ ଲୋକ ଯୋଗାଣ କରିବାରେ ପ୍ରଥମ ହେବ । ଅବଶ୍ୟ ମାନବ ସମ୍ବଳର ଗୁଣମାନ ବୃଦ୍ଧି ତଥା ଶିକ୍ଷା ସ୍ୱାସ୍ଥ୍ୟର ଉନ୍ନତି ଉପରେ ଏହି ମାନବ ସମ୍ବଳର ସୁବିନିଯୋଗ ନିର୍ଭର କରେ । ଆଗାମୀ ୨୦୨୦ ମସିହା ସୁଦ୍ଧା ଭାରତ ବିଶ୍ୱର ସବୁ ରାଷ୍ଟ୍ରଠାରୁ ଅଧିକା କାର୍ଯ୍ୟକ୍ଷମ ଲୋକଙ୍କ ନିବାସସ୍ଥଳୀ ହୋଇଥିବ ଏବଂ ଏହା ଅନ୍ୟ ରାଷ୍ଟ୍ରମାନଙ୍କୁ ଉନ୍ନତ ଜ୍ଞାନ କୌଶଳ ଓ ଗୁଣମାନର ମାନବ ସମ୍ବଳ ଯୋଗାଣ କରି ଅଧିକା ଲାଭବାନ୍ ବି ହେବ । ଏବେ ଆମ ଦେଶର ଜନସଂଖ୍ୟା ବୃଦ୍ଧି ଯେଭଳି ସମସ୍ତ ବିକାଶମୂଳକ ଯୋଜନାକୁ ମନ୍ଥର କରି ଦେଉଥିବା ଅନୁଭବ ହେଉଛି । ସେ ସମୟକୁ ସଫଳ ଓ ସୁଯୋଗ୍ୟ ମାନବିକ ପୁଞ୍ଜି ବିନିଯୋଗ ହିଁ ଆମ ଦେଶ ପାଇଁ ବହୁ ବିଦେଶୀ ମୁଦ୍ରା ଅର୍ଜନ କରିବା ସହ ଅର୍ଥନୀତିକୁ ସ୍ୱାବଲମ୍ବୀ କରିପାରିବ, ଏଥିରେ ଦ୍ୱିରୁକ୍ତି ନାହିଁ । ଅବଶ୍ୟ ଏହି ଆଶା ପୂରଣ ପାଇଁ ଆମ ମାନବ ସମ୍ବଳ ଅଧିକା ଜ୍ଞାନକୌଶଳ ସଂପନ୍ନ, ଶିକ୍ଷିତ, ସୁସ୍ଥ, କର୍ମଠ ହେବା ସହ ଏକ ସୁନ୍ଦର କର୍ମ ସଂସ୍କୃତିର ଛାପ ବହନ କରିବାକୁ ପଡ଼ିବ ।

ଭାରତ ସ୍ୱାଧୀନତା ପାଇବାର ୫୯ରୁ ୬୦ ବର୍ଷ ଛୁଇଁବାକୁ ଯାଉଛି । ଏ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ଆମ ଦେଶକୁ ସମୃଦ୍ଧ କରିବାକୁ ଚାହିଁଥିଲେ ମଧ୍ୟ ସବୁକ୍ଷେତ୍ରରେ ଆଶାଜନକ ବିକାଶ ଲାଭ କରିପାରିନାହିଁ । ଏଣୁ ୧୯୯୧ଠାରୁ ଅର୍ଥନୈତିକ ସଂସ୍କାର ପ୍ରକ୍ରିୟାକୁ ଆପଣେଇ ନେଇଛି । ଏଥିପାଇଁ ଜନସାଧାରଣଙ୍କୁ କିଛିଟା ତ୍ୟାଗ ସ୍ୱୀକାର କରିବାକୁ ପଡୁଛି । ଏହି ସଂସ୍କାର ପ୍ରକ୍ରିୟା ଆଳରେ ଆମେ ଚାହୁଁଛେ ଆମର ସର୍ବାଙ୍ଗୀନ ଉନ୍ନତି । ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଦାରିଦ୍ର୍ୟ ନିରାକରଣ ଆଦି ଆହୁରି ଅନେକ କ୍ଷେତ୍ରରେ ଆମର ବିକାଶ । ଆମ ଦେଶର ଏବେ ବି ୩୫ ଶତାଂଶ ଲୋକ ନିରକ୍ଷର । ଏହା କମ୍ ବଡ଼ କ୍ଷତିକାରକ ନୁହଁ । ଶହେ ଜଣରେ ୩୫ ଜଣ ଲୋକ ଲେଖି ପଢ଼ି ଜାଣନ୍ତିନି କି ? ଆମ ଯୋଜନା ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ । ଏଣୁ ଆମ ସମାଜରୁ ନିରକ୍ଷରତା ଦୂରୀକରଣ ପ୍ରଥମ ଆବଶ୍ୟକତା ହେଇପଡ଼ିଛି । ସରକାରୀ ସ୍ତରରେ ଏହି ସାକ୍ଷରତା ହାରକୁ ଅନ୍ୟୂନ ୭୫ରୁ ୮୦ ଶତାଂଶରେ ପହଞ୍ଚାଇ ଦେବାର ଲକ୍ଷ୍ୟ ରଖାଯାଇଛି । କିନ୍ତୁ ଏବେ ସୁଦ୍ଧା ଜଣାଯାଇଛି, ଏହା ଏତେଟା ସହଜ ଲକ୍ଷ୍ୟ ନୁହଁ । ଆମ ଦେଶର ସର୍ବଶିକ୍ଷା ଅଭିଯାନ ଏକ ସଫଳ ଶିକ୍ଷା ଯୋଜନା ହେଲେ ମଧ୍ୟ ପ୍ରୟୋଗରେ ନିଷ୍ଠାର ଅଭାବ ଯୋଗୁଁ ଲକ୍ଷ୍ୟ ହାସଲରେ ମନ୍ଥର ପ୍ରଗତି ଦେଖାଦେଇଛି । ବଜେଟ୍‌ରେ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ହୋଇପଡ଼ିଛି । ଶିକ୍ଷାର ବ୍ୟୟ ଅଟକଳକୁ ନିରକ୍ଷରତା ଦୂରୀକରଣ ସହ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚଶିକ୍ଷା ପାଇଁ ସମାନ ଭାବେ ଧ୍ୟାନ ଦେବାକୁ ହେବ । ଉଚ୍ଚଶକ୍ତି ସଂପନ୍ନ ମାନବ ସମ୍ବଳ ଗଠନ ପାଇଁ ଉଚ୍ଚଶିକ୍ଷାର ଭୂମିକା ବହୁତ । କିନ୍ତୁ ସରକାରୀ ସ୍ତରରେ ଉଚ୍ଚଶିକ୍ଷା ପାଇଁ ବ୍ୟୟ ସଂକୋଚନ ନୀତି ଅନୁସରଣ କରାଯାଉଛି, ଯାହାଫଳରେ ଆମ ଦେଶର ଯୁବଗୋଷ୍ଠୀ ଉଚ୍ଚ ପ୍ରୟୋଗାତ୍ମକ ଶିକ୍ଷାରୁ ବିରତ ରହି ନିରାଶ ହୋଇ ପଡୁଛନ୍ତି । ତେଣୁ ସରକାରୀ ଓ ବେସରକାରୀ ସ୍ତରରେ ସୁସ୍ଥ ଶିକ୍ଷିତ ଓ ଅଧିକ କର୍ମଠ ମାନବ ସମ୍ବଳ ସୃଷ୍ଟି କରିବାର ଲକ୍ଷ୍ୟକୁ ନେଇ ଆମ ସମସ୍ତ ଯୋଜନା ରୂପାୟିତ ହେବା ଆବଶ୍ୟକ ।

ବରିଷ୍ଠ ଅଧ୍ୟାପକ, ବାଣିଜ୍ୟ ବିଭାଗ
ଆସିକା ବିଜ୍ଞାନ ମହାବିଦ୍ୟାଳୟ
ଆସିକା, ଗଞ୍ଜାମ

# ପୁରୀ ଜିଲ୍ଲାର ସମୃଦ୍ଧି ନିମନ୍ତେ ପ୍ରଗତିମୂଳକ କାର୍ଯ୍ୟକ୍ରମ

ଦାମୋଦର ପାଢ଼ୀ

୧୫,୦୨,୬୮୨ ଲୋକସଂଖ୍ୟା ବିଶିଷ୍ଟ ପୁରୀ ଜିଲ୍ଲାରେ ବିଭିନ୍ନ ଗ୍ରାମାଭିମୁଖୀ କାର୍ଯ୍ୟକ୍ରମ ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି । ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସ୍ୱଚ୍ଛଳତାର ପୃଷ୍ଠଭୂମିରେ ଅବସ୍ଥାପିତ କରି ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ଦୈନନ୍ଦିନ ଜୀବନରେ ପରିବର୍ତ୍ତନର ବାତାବରଣ ସୃଷ୍ଟି ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ବହୁ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଚାଲିଛନ୍ତି । ଜିଲ୍ଲାର ଗ୍ରାମାଞ୍ଚଳରେ ପ୍ରଗତିର ପ୍ରତିଛବି ଦେଖିବାକୁ ମିଳିଛି । ଏହା ସହିତ ସାକ୍ଷରତା ହାର ବୃଦ୍ଧି ସହ ସମସ୍ତଙ୍କୁ ଶିକ୍ଷା ନିମନ୍ତେ ସର୍ବଶିକ୍ଷା ଅଭିଯାନକୁ ବ୍ୟାପକ କରାଯାଇଛି । ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ମିଶନଶକ୍ତି କାର୍ଯ୍ୟକ୍ରମକୁ ସଫଳତାର ସହିତ ପ୍ରଣୟନ କରାଯାଇଛି । ଏହା ସହିତ ସୁନ୍ଦର ସ୍ୱାସ୍ଥ୍ୟ, ସରଳ ଜୀବନ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ବହୁବିଧ କାର୍ଯ୍ୟକ୍ରମ ପ୍ରଣୟନ ମଧ୍ୟରେ ସ୍ୱଜଳଧାରା କାର୍ଯ୍ୟକ୍ରମକୁ ଲାଗୁ କରାଯାଇଛି । ଗ୍ରାମର ସମୃଦ୍ଧିରେ ହିଁ ଜିଲ୍ଲା, ରାଜ୍ୟ ଓ ଦେଶର ସମୃଦ୍ଧି ନିର୍ଭର କରୁଛି । ଏଣୁ ଗ୍ରାମକୁ ସଡ଼କ ଦ୍ୱାରା ସଂଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ସଂପୂର୍ଣ୍ଣ ଗ୍ରାମ ରୋଜଗାର ଯୋଜନା ପ୍ରଚଳନ କରାଯାଇଛି । ବାତାବରଣକୁ ସବୁଜିମାରେ ହସାଇ ସୁନ୍ଦର, ସରଳ, କୋମଳ ପରିବେଶ ନିମନ୍ତେ ବୃକ୍ଷରୋପଣକୁ ଗୁରୁତ୍ୱ ଦିଆଯାଇଛି । କାର୍ଯ୍ୟକ୍ରମର ସଫଳ ପ୍ରଣୟନ ଓ ଏହାର ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଜିଲ୍ଲା ତଦାରଖ ଓ ପରିଚାଳନା କମିଟିରେ ସମସ୍ତ କାର୍ଯ୍ୟକ୍ରମର ପର୍ଯ୍ୟାଲୋଚନା କରାଯାଉଛି । ରାଜ୍ୟ ସୂଚନା ଅଧିକାର-୨୦୦୫ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଜନସାଧାରଣଙ୍କ ଜାଣିବା ପାଇଁ ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ସୁଷମ ଖାଦ୍ୟ ଯୋଗାଣ ନିମନ୍ତେ 'ଅନ୍ତ୍ୟୋଦୟ ଅନ୍ନ ଯୋଜନା', 'ଅନ୍ନପୂର୍ଣ୍ଣା ଯୋଜନା', ଏ.ପି.ଏଲ୍., ବି.ପି.ଏଲ୍., ଖାଉଟି କାର୍ଡ଼ ଯୋଗାଇ ଦିଆଯାଇ ନିୟମିତ ଖାଦ୍ୟ ଯୋଗାଣର ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ୩୩,୮୮୧ ଜଣଙ୍କୁ ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡ଼ ଯୋଗାଇ ଦିଆଯାଇଛି । ଯଦ୍ଦ୍ୱାରା ଗୋଟିଏ କାର୍ଡ଼ରେ କେ.ଜି. ପିଛା ୩ ଟଙ୍କା ଦରରେ ୩୫ କି.ଗ୍ରା ଚାଉଳ ସେହି ଗରୀବ ପରିବାର ପାଇପାରୁଛନ୍ତି । ୧,୧୯,୫୧୨ଟି ଏ.ପି.ଏଲ୍. କାର୍ଡ଼ଧାରୀଙ୍କୁ କାର୍ଡ଼ ପିଛା ୧୫ କି.ଗ୍ରା ଲେଖାଏଁ ଗହମ ଯୋଗାଇ ଦିଆଯାଉଛି । ଏହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଏ.ପି.ଏଲ୍. କାର୍ଡ଼ଧାରୀମାନେ ପାଇପାରୁଛନ୍ତି । ଅନ୍ନପୂର୍ଣ୍ଣା ଯୋଜନାରେ ୨,୬୭୨ ଜଣ ହିତାଧିକାରୀଙ୍କୁ ବିନାମୂଲ୍ୟରେ ୧୦ କି.ଗ୍ରା. ଲେଖାଏଁ ଚାଉଳ ପ୍ରତିମାସରେ ଯୋଗାଇ ଦିଆଯାଉଛି । ଜିଲ୍ଲାରେ ୧,୫୧,୩୧୫ ଜଣ ପରିବାରକୁ ବି.ପି.ଏଲ୍. ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ପ୍ରତିମାସରେ କେ.ଜି. ପିଛା ଟ.୬.୩୦ ପଇସା ଦରରେ ୨୫ କି.ଗ୍ରା ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି ।

### ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY)

୧.୪.୧୯୯୯ରୁ ପୁରୀ ଜିଲ୍ଲାରେ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ପ୍ରଣୟନ କରାଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅତି ଗରୀବ ପରିବାରକୁ ସହାୟତା ଯୋଗାଇ ସେମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣି ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ହେଲା ମୂଳଲକ୍ଷ୍ୟ । ଆତ୍ମସହାୟିକା ଗୋଷ୍ଠୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସୁବିଧା ସୁଯୋଗ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ପହଞ୍ଚାଇବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖି ଗନ୍ତବ୍ୟ ପଥରେ ଆଗେଇ ଚାଲିଛି । ୨୦୦୪-୦୫ରେ ଜିଲ୍ଲାରେ ୨୩୩ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଯୋଜନାରେ ଋଣ ସହାୟତା ଯୋଗାଇ ଦିଆଯାଇଥିଲା । ଏଥିରେ ୩୦୪୨ ଜଣ ହିତାଧିକାରୀ ଉପକୃତ ହୋଇପାରିଥିଲେ । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦିତ ଦ୍ରବ୍ୟକୁ ଉପଯୁକ୍ତ ଭାବେ ବଜାରରେ ବିକ୍ରି କରିବାକୁ ପ୍ରତ୍ୟେକ ବ୍ଲକ୍‌ରେ ନିରୂପିତ ସ୍ଥାନ ହାଟମାନଙ୍କରେ ଦଶ ବଖରା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ କରିବା ପାଇଁ ପ୍ରତି ବ୍ଲକ୍‌ରୁ ୪ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି । ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ୍‌ର ସାତପଡ଼ା ଓ ଗୋପ ବ୍ଲକ୍‌ର ରାମଚଣ୍ଡୀଠାରେ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ଓ ଅନ୍ୟାନ୍ୟ ବଜାର ପ୍ରତିଷ୍ଠାନ ନିର୍ମାଣାଧୀନ ରହିଛି ।

ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ଆୟୋଜିତ 'ଜଗନ୍ନାଥ ସାରସ' ପ୍ରଦର୍ଶନୀରେ ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରି ନିଜର ଉତ୍ପାଦିତ ସାମଗ୍ରୀର ବଜାର ସୃଷ୍ଟି ସହ ବିକ୍ରୀ କରିଥିଲେ । ଜିଲ୍ଲା ପ୍ରଶାସନ ଓ ରାଜ୍ୟ ଖଦୀବୋର୍ଡ଼ ଦ୍ୱାରା ଆୟୋଜିତ ପ୍ରଦର୍ଶନୀରେ ୨୯ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିବାକୁ ଆଗେଇ ଆସିଛନ୍ତି ।

ଏହି ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY) କାର୍ଯ୍ୟକ୍ରମର ପରିସର ବୃଦ୍ଧି ନିମନ୍ତେ ୨୦ ଲକ୍ଷ ଟଙ୍କା PUMULକୁ ଦିଆଯାଇ ମିଲ୍କ ବଲକ୍ କୁଲର ଟ୍ୟାଙ୍କର, ମିଲ୍ କେନ୍ ସ୍ଥାପନା କରି ଦୁଗ୍ଧ ଉତ୍ପାଦନ ବଢ଼ାଇବାକୁ ଦିଆଯାଇଛି । ଚଳିତ ବର୍ଷ ଏହି ଦୁଗ୍ଧ ଶୀତଳୀକରଣ ୟୁନିଟ୍ ନିମନ୍ତେ ଏହି କାର୍ଯ୍ୟକ୍ରମରେ ୩୮.୫୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ । ଯଦ୍ୱାରା ଦୁଧିଆଳି ଗାଈ ଓ କ୍ଷୀର ଉତ୍ପାଦନ ବୃଦ୍ଧିରେ ହିତାଧିକାରୀମାନେ ଉପକୃତ ହୋଇପାରିବେ ।

୨୦୦୫-୦୬ରେ SGSYରେ ୨୧୧୩ ଜଣ ସ୍ୱରୋଜଗାରୀଙ୍କୁ ଋଣ ଦେବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୪୨ଟି ସ୍ୱୟଂ ସହାୟକ ଗ୍ରୁପର ୭୩୨ ଜଣ ହିତାଧିକାରୀଙ୍କ ଦରଖାସ୍ତ ବ୍ୟାଙ୍କମାନଙ୍କୁ ପଠାଯାଇ ୧୮ଟି SHGକୁ ଋଣ ଯୋଗାଇ ଦିଆଯାଇଛି ।

ଜିଲ୍ଲାରେ ୨୦୦୪-୦୫ରେ ୨୧୧୩ ଜଣ ହିତାଧିକାରୀଙ୍କୁ ଏହି କାର୍ଯ୍ୟକ୍ରମରେ ଉପକୃତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୩୦୪୨ ଜଣଙ୍କୁ ଉପକୃତ କରାଯାଇପାରିଛି । ଏଥିପାଇଁ ୩ କୋଟି ୫୬ ଲକ୍ଷ ୯୭ ହଜାର ଟଙ୍କା ବିନିଯୋଗ କରାଯାଇଛି । ଏଥିରୁ ୨ କୋଟି ୫୫ ଲକ୍ଷ ୪୫ ହଜାର ଟଙ୍କା ରିହାତି ଦିଆଯାଇଥିବା ବେଳେ ୩ କୋଟି ୫୬ ଲକ୍ଷ ୯୭ ହଜାର ଟଙ୍କା ଋଣ ବାବଦରେ ଦିଆଯାଇଛି । ସେହିପରି ଚଳିତ ଆର୍ଥିକ ବର୍ଷରେ ୨୧୧୩ ଜଣ ହିତାଧିକାରୀଙ୍କୁ ଉପକୃତ କରିବା ଲକ୍ଷ୍ୟ ରଖାଯାଇ ଅଦ୍ୟାବଧି ୪୧୩ ଜଣଙ୍କୁ ୪୫ ଲକ୍ଷ ୭୧ ହଜାର ଟଙ୍କାର ଋଣ ସହାୟତା ଯୋଗାଇ ଦିଆଗଲାଣି ।

### ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (SGRY)

ସ୍ଥାନୀୟ ବାସିନ୍ଦାଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ସଂଯୋଗୀକରଣ ସଡ଼କ, ବଜାର ପ୍ରତିଷ୍ଠାନ କିମ୍ବା ପାନୀୟ ଜଳଯୋଗାଣ କରିବାକୁ ନୀତି ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଯେଉଁଠାରେ ଆବଶ୍ୟକତା ଅନୁଯାୟୀ ଗତ ଆର୍ଥିକ ବର୍ଷରେ ନିର୍ମାଣ କରାଯାଇଥିବ ସେଠାରେ ଅନୁସୂଚୀତ ଜାତି ପଡ଼ା ନିମନ୍ତେ କଂକ୍ରିଟ ସଡ଼କ ତିଆରିବାକୁ ପ୍ରାଧାନ୍ୟ ଦିଆଯାଇଛି । ଏହା ସହିତ ହରିଜନ ଆଦିବାସୀ ଜନଜାତି ପାଇଁ ପାନୀୟ ଜଳର ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯିବ । ଏହାବ୍ୟତୀତ ଯେଉଁ ଅନୁଦାନ ରହିବ, ୧୨,୫୦୦ ଟଙ୍କା ଖର୍ଚ୍ଚରେ ଚାଳଛପର ଗୃହକୁ ବଦଳାଇ ଅଗ୍ନି ନିରୋଧକ ଗୃହ ନିର୍ମାଣ ପାଇଁ ସ୍ଥିର କରାଯାଇଛି ।

ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାର ଅନୁଦାନରେ ୨୦୦୪-୦୫ ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ୮ କୋଟି ୫୪ ଲକ୍ଷ ୨୯ ହଜାର ଟଙ୍କା ପ୍ରାପ୍ତ ହୋଇଥିଲା ଓ ପୂର୍ବ ବର୍ଷର ୫୨ ଲକ୍ଷ ୪୮ ହଜାର ଟଙ୍କା ରହିଥିଲା । ଏଥିରୁ ୮ କୋଟି ୬୧ ଲକ୍ଷ ୪୧ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଜିଲ୍ଲାରେ ୧୩,୨୭,୦୦୦ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ଜିଲ୍ଲାକୁ ୬୯୮୧.୭୯ ମେଟ୍ରିକ୍ ଟନ୍ ଚାଉଳ ମଞ୍ଜୁର ହୋଇଥିଲା । ଏଥିରୁ ୫୪୨୬.୭୯ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ କରାଯାଇଥିଲା । ଏଥିରେ ୧୪୯୬ଟି ପ୍ରକଳ୍ପ ମଧ୍ୟରୁ ୧୩୨୭ଟିର କାର୍ଯ୍ୟ ସଂପୂର୍ଣ୍ଣ ହୋଇ ୧୬୯ଟିର କାର୍ଯ୍ୟ ଚାଲିଛି । ଏହି SGRY ୨୦୦୫-୦୬ ନିମନ୍ତେ ୫ କୋଟି ୭୨ ଲକ୍ଷ ୧୯ ହଜାର ଟଙ୍କା ଓ ୬,୮୧୨ ମେଟ୍ରିକ୍ ଟନ୍ ଚାଉଳ ଜିଲ୍ଲାକୁ ମିଳିଛି । ଅଗଷ୍ଟ ୨୦୦୫ ଶେଷ ସୁଦ୍ଧା ୩ କୋଟି ୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୫ ଲକ୍ଷ ୪୧ ହଜାର ଶ୍ରମ ଦିବସ ସୃଷ୍ଟି କରାଗଲାଣି ଓ ୨୭୪୨ ମେଟ୍ରିକ୍ ଟନ୍ ଚାଉଳ ବିନିଯୋଗ କରାଗଲାଣି । ଏହି ଅର୍ଥରେ ୬୧୧ଟି ପ୍ରକଳ୍ପ ହାତକୁ ନିଆଯାଇ ୪୩୧ଟି ସଂପୂର୍ଣ୍ଣ କରାଯାଇଛି ।

ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାର ସ୍ୱତନ୍ତ୍ର ଅନୁଦାନରେ ପଞ୍ଚାୟତିରାଜ ବିଭାଗ ପୁରୀ ଜିଲ୍ଲାକୁ ୬୭୫୦ ମେଟ୍ରିକ୍ ଟନ୍ ଚାଉଳ ଓ ୧ କୋଟି ୬୫ ଲକ୍ଷ ୩୬୫ ଟଙ୍କା ମଂଜୁର କରିଛନ୍ତି । ଜିଲ୍ଲାର ୧୧ଟି ବ୍ଲକ୍ ନିମନ୍ତେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି । ଏଥିରେ ୧୧୮ଟି ପ୍ରକଳ୍ପ କରାଯିବାକୁ କାର୍ଯ୍ୟାରମ୍ଭ କରାଯାଇ ୩୬ଟି ସଂପୂର୍ଣ୍ଣ ହୋଇଛି । ଅବଶିଷ୍ଟ ୮୨ଟିର କାର୍ଯ୍ୟରେ ଅଗ୍ରଗତି ହୋଇଛି । ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାରେ ବ୍ୟାପକ ବୃକ୍ଷରୋପଣ କରିବା ଉଦ୍ଦେଶ୍ୟରେ ଡି.ଏଫ୍.ଓ. (ବନ୍ୟଜନ୍ତୁ) ଭୁବନେଶ୍ୱର ଓ ଖୋର୍ଦ୍ଧାଙ୍କ ଜରିଆରେ ୧.୫୦ ଲକ୍ଷ ଚାରାଗଛ ନର୍ସରିରେ ରଖାଯାଇଛି । ଏହା ବ୍ୟତୀତ ୧୩,୫୦୦ ଫଳନ୍ତି ଚାରାଗଛ ସମସ୍ତ ବ୍ଲକ୍‌କୁ ଯୋଗାଇ ଦିଆଯାଇଛି, ଯାହାକୁ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ରୋପଣ କରିବାକୁ ପଦକ୍ଷେପ ନିଆଯାଇଛି ।

### ଇନ୍ଦିରା ଆବାସ ଯୋଜନା

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୃହହୀନ ପରିବାରକୁ ବାସଗୃହ ଯୋଗାଇ ଦେବା ପାଇଁ ଇନ୍ଦିରା ଆବାସ ଗୃହ ୧୯୯୬ରୁ କେନ୍ଦ୍ର ସରକାର ମଂଜୁରୀ ପ୍ରକାରେ ଯୋଗାଇ ଦିଆଯାଉଛି । ପୂର୍ବରୁ ପଲ୍ଲୀସଭାରେ ମନୋନୀତ ଗରିବ ପରିବାରକୁ ଇନ୍ଦିରା ଆବାସ ଯୋଗାଇ ଦିଆଯାଉଥିଲା । ଚଳିତ ବର୍ଷଠାରୁ ଏହାର ମନୋନୀତ ପ୍ରଣାଳୀରେ ପରିବର୍ତ୍ତନ ଅଣାଯାଇଛି । ହିତାଧିକାରୀ ଗ୍ରାମପଞ୍ଚାୟତରୁ ଉଦ୍ଦିଷ୍ଟ ଫର୍ମରେ ଦରଖାସ୍ତ କରିବେ । ତା'ସହିତ ୧୦ ଟଙ୍କା ସରପଞ୍ଚଙ୍କଠାରେ ଜମା କରିବେ । ତିନିଜଣିଆ କମିଟି ଯଥା- ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ, ସଂପ୍ରସାରଣ ଅଧିକାରୀ, କନିଷ୍ଠ

ଯନ୍ତ୍ରୀ ହିତାଧିକାରୀମାନଙ୍କ ଯୋଗ୍ୟତା ବିବେଚନା କରି ପଲ୍ଲୀସଭାର ଅନୁମୋଦନ ପାଇଁ ପଠାଇବେ । ଏହା ଅଗଷ୍ଟ ୩୧,୨୦୦୫ ସୁଦ୍ଧା ଜିଲ୍ଲାରେ ସଂପୂର୍ଣ୍ଣ କରାଯାଇଛି । ଏହି ତାଲିକା ପାଞ୍ଚବର୍ଷ ପାଇଁ କାମ କରିବ ।

୨୦୦୪-୦୫ ଆର୍ଥିକ ବର୍ଷରେ ଜିଲ୍ଲାରେ ୨୮୪୯ ଜଣଙ୍କୁ ଇନ୍ଦିରା ଆବାସ ଯୋଗାଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୩୨୫୩ ଜଣଙ୍କୁ ଇନ୍ଦିରା ଆବାସଗୃହ ଯୋଗାଇ ଦିଆଯାଇଛି । ଏହି ବାବଦରେ ୬ କୋଟି ୯୫ ଲକ୍ଷ ୮୭ ହଜାର ଟଙ୍କା ମିଳିଥିଲା । ଏଥିରୁ ୬ କୋଟି ୫୬ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ କରାଯାଇପାରିଛି ।

୨୦୦୫-୦୬ ନିମନ୍ତେ ଜିଲ୍ଲାରେ ୩୨୫୬ଟି ଇନ୍ଦିରା ଆବାସ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୩ କୋଟି ୫୫ ଲକ୍ଷ ୧୩ ହଜାର ଟଙ୍କା ଅନୁଦାନ ଉପଲବ୍ଧ ହୋଇଛି । ଏଥିରୁ ଅଦ୍ୟାବଧି ୧ କୋଟି ୯ ଲକ୍ଷ ୩୮ ହଜାର ଟଙ୍କା ଖର୍ଚ୍ଚ କରାଯାଇ ୯୮୩ଟି ଇନ୍ଦିରା ଆବାସର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY)

ସଡ଼କ ସଂଯୋଗ ବିହୀନ ଗ୍ରାମକୁ ପକ୍କା ସଡ଼କ ନିର୍ମାଣ କରି ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଗମନାଗମନର ସୁବିଧା ଯୋଗାଇ ଦେବା ନିମନ୍ତେ ଏହି କାର୍ଯ୍ୟକ୍ରମ ଜିଲ୍ଲାରେ ନିଆଯାଇଛି । ଏହି ଯୋଜନାରେ ଜିଲ୍ଲାକୁ ଷଷ୍ଠ ଅନୁଦାନ ଓ ଏସିଆନ୍ ଉନ୍ନୟନ ବ୍ୟାଙ୍କର ଦ୍ୱିତୀୟ ବର୍ଷର ସାହାଯ୍ୟ ୨୦୦୬-୦୭ ବର୍ଷ ପାଇଁ ୨୦୦୧ର ଜନଗଣନା ଅନୁଯାୟୀ ୫୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମର ତାଲିକା CNCPL ତାଲିକାରୁ ମନୋନୀତ ନିମନ୍ତେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ପ୍ରଥମ ଦଫାରେ ୭ କୋଟି ୨୫ ଲକ୍ଷ ୯୪ ହଜାର ଟଙ୍କା ଅନୁଦାନରେ ୨୫ଟି ସଡ଼କ ସଂପୂର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଦଫାରେ ୧୫ କୋଟି ୩୬ ଲକ୍ଷ ୩୨ ହଜାର ଟଙ୍କାର ଅନୁଦାନରେ ୩୮ଟି ସଡ଼କ ସଂପୂର୍ଣ୍ଣ କରାଯିବ । ଏଥିରୁ ୩୩ଟିର କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ତୃତୀୟ ଦଫାର ପ୍ରଥମ କିସ୍ତିରେ ୮ କୋଟି ୨୦ ଲକ୍ଷ ୧୮ ହଜାର ଟଙ୍କାର ଅନୁଦାନ ମିଳିଥିଲା । ଏଥିରେ ୧୫ଟି ସଡ଼କ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ ମଧ୍ୟରେ ୧୨ଟିର କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ସେହିପରି ତୃତୀୟ ଦଫାର ଦ୍ୱିତୀୟ କିସ୍ତିରେ ୮ କୋଟି ୫୧ ଲକ୍ଷ ୪୦ ହଜାର ଟଙ୍କା ମିଳିଥିବା ବେଳେ ଏଥିରେ ୭ଟି ସଡ଼କର ନିର୍ମାଣ କାର୍ଯ୍ୟ ଚାଲିଛି । ଚତୁର୍ଥ ଦଫାରେ ୧୮ କୋଟି ୮୫ ଲକ୍ଷ ୧୬ ହଜାର ଟଙ୍କାର ଅନୁଦାନ ମିଳିଥିବାବେଳେ ଏଥିରେ ୨୪ଟି ସଡ଼କର କାର୍ଯ୍ୟ ଚାଲିଛି ।

ପଞ୍ଚମ ଦଫାରେ ୨୭ଟି ସଡ଼କ ନିର୍ମାଣ କରାଯିବାକୁ ପଦକ୍ଷେପ ନିଆଯାଇଛି । ଷଷ୍ଠ ଦଫାରେ ଏହି ଯୋଜନାରେ ୨୦୦୬-୦୭ ନିମନ୍ତେ ୯୩.୩୦ କି.ମି. ସଡ଼କ ଓ ଏ.ଡି.ବି.ର ଦ୍ୱିତୀୟ ବର୍ଷରେ ୬୯.୯୮ କି.ମି. ରାସ୍ତା ନିର୍ମାଣର ପ୍ରସ୍ତାବ ନିଆଯାଇଛି । ଏ.ଡି.ବି.ର ପ୍ରଥମ ବର୍ଷର ଅନୁଦାନରେ ୨୦ଟି ସଡ଼କର ନିର୍ମାଣ ପାଇଁ ପଦକ୍ଷେପ ଜିଲ୍ଲା ପ୍ରଶାସନ ଦ୍ୱାରା ନିଆଯାଇଛି ।

### ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା

ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ନିମନ୍ତେ ନଳକୂପ ଦ୍ୱାରା ଏହାର ଲକ୍ଷ୍ୟ ସାଧନକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଦ୍ୱାରା ପଦକ୍ଷେପ ନିଆଯାଇଛି ।

ଏଥିପାଇଁ ୨୦୦୪-୦୫ ବର୍ଷରେ ୧ କୋଟି ୭ ଲକ୍ଷ ୧୨ ହଜାର ଟଙ୍କାର ଅନୁଦାନ ମଧ୍ୟରୁ ନଳକୂପ ବସାଇବାକୁ ୧ କୋଟି ୬ ଲକ୍ଷ ୭୨ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ୨୦୦୫-୦୬ରେ ୨ କୋଟି ୬ ଲକ୍ଷ ୯୬ ହଜାର ଟଙ୍କାର ଅନୁଦାନ ପ୍ରାପ୍ତ ହୋଇଛି । ଅଗଷ୍ଟ ୨୦୦୫ ଶେଷ ସୁଦ୍ଧା ୩୯ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ କରାଗଲାଣି । ଏଥିରେ ୨୨୦ଟି ନଳକୂପ ବସାଯିବାକୁ ଲକ୍ଷ୍ୟ ରଖାଯାଇ ଅଦ୍ୟାବଧି ୫୦ଟି ବସାଯାଇଛି । ସେହିପରି ଜିଲ୍ଲାର ୪୯୨ଟି ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ଏଣୁ ଚଳିତ ଆର୍ଥିକ ବର୍ଷରେ ୩୦୯ଟି ନଳକୂପ ବସାଯିବାକୁ ଲକ୍ଷ୍ୟ ରଖାଯାଇ ୨୮ଟିରେ ନଳକୂପ ବସାଗଲାଣି ।

୨୦୦୪-୦୫ରେ ବିଦ୍ୟାଳୟରେ ପରିମଳ କୂପ ନିମନ୍ତେ ୩୮ ଲକ୍ଷ ୯୨ ହଜାର ଟଙ୍କା ଓ ୨୦୦୫-୦୬ ନିମନ୍ତେ ୨୬.୨୨ ଲକ୍ଷ ଟଙ୍କାର ଅନୁଦାନ ଜିଲ୍ଲାକୁ ଆସିଥିଲା । ଏହା ଅଗଷ୍ଟ ମାସ ସୁଦ୍ଧା ଖର୍ଚ୍ଚ କରାଯାଇ ଲକ୍ଷ୍ୟ ହାସଲ କରାଯାଇଛି ।

### ପାଇପ ଯୋଗେ ପାନୀୟ ଜଳ ଯୋଗାଣ

ଜିଲ୍ଲାର ୧୨ଟି ଗ୍ରାମରେ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ନିମନ୍ତେ ୨୦୦୪-୦୫ରେ ୯୮ ଲକ୍ଷ ୭୯ ହଜାର ଟଙ୍କା ଅନୁଦାନ ଖର୍ଚ୍ଚ କରାଯାଇ ଏହି ପ୍ରକଳ୍ପକୁ ସଫଳତାର ସହିତ ଚାଲୁ କରାଯାଇଛି । ୨୦୦୫-୦୬ରେ ୨୦ ଲକ୍ଷ ୨୩ ହଜାର ଟଙ୍କା ୩୧.୮.୦୫ରିଖ ସୁଦ୍ଧା ଖର୍ଚ୍ଚ କରାଯାଇ ୧୫ଟି ଗ୍ରାମରେ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ କରାଯାଇଛି ।

### ସ୍ୱଜଳଧାରା

୨୦୦୩-୦୪ ଓ ୨୦୦୪-୦୫ରେ ସ୍ୱଜଳଧାରାରେ ୧୪ ଲକ୍ଷ ୮୫ ହଜାର ଟଙ୍କା ଜିଲ୍ଲାକୁ ମିଳିଛି ଓ ଏହାକୁ ଉପଯୁକ୍ତ ଭାବେ ୩୧.୮.୨୦୦୫ରିଖ ସୁଦ୍ଧା ଖର୍ଚ୍ଚ କରାଯାଇଛି । ଏ ପର୍ଯ୍ୟନ୍ତ ୧୧ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ସେଥିରୁ ପାଇପ୍ ଯୋଗେ ଜଳଯୋଗାଣ ୩ଟି ଓ ସାନିଟାରୀ ନଳକୂପ ଗୋଟିଏ ରହିଛି । ବଳକା ୭ଟି ସ୍କୁଲ ପ୍ରୋଗ୍ରାମରେ ମଂଜୁର ହୋଇଅଛି ।

### ସର୍ବଶିକ୍ଷା ଅଭିଯାନ

ସର୍ବଶିକ୍ଷା ଅଭିଯାନରେ ମାଗଣାରେ ୧୪ ବର୍ଷ ବୟସ ଯାଏଁ ପିଲାମାନଙ୍କୁ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ୨୦୦୧ରେ ପୁରୀ ଜିଲ୍ଲାରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାରେ ୫୭୯ ଗୋଟି EGS Centre ଖୋଲାଯାଇଅଛି ଓ ୫୯୫ ଜଣ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ଦିଆଯାଇଅଛି । ଜିଲ୍ଲାର ସମୁଦାୟ ୨୩୨ ଗୋଟି ସ୍କୁଲଗୃହ ନିର୍ମାଣ କାର୍ଯ୍ୟ ମଧ୍ୟରୁ ୧୬୨ ଗୋଟି ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ସେଥିମଧ୍ୟରୁ ୯୭ଟି ଗୃହ ସଂପୂର୍ଣ୍ଣ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧୩୪ ଗୋଟି ନୂତନ ପ୍ରାଥମିକ ବିଦ୍ୟାଳୟ ଓ ୧୧୮ ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି । ଏଥିମଧ୍ୟରୁ ୭୬ ଗୋଟି ପ୍ରାଥମିକ ଓ ୬୬ ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଅଗ୍ରଗତିରେ ଅଛି ।

ସର୍ବଶିକ୍ଷା ଅଭିଯାନରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଓ ସର୍ବଶିକ୍ଷା ସାଧନ କେନ୍ଦ୍ର କୋଠାଗୃହ ନିର୍ମାଣ କାର୍ଯ୍ୟ ଚାଲିଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ପାଇବା ସହ ଶିକ୍ଷାର ଉତ୍ତମ ବାତାବରଣ ଜିଲ୍ଲାରେ ସୃଷ୍ଟି ହୋଇପାରିବ । ଅତିରିକ୍ତ ଗୋଟିଏ ଶ୍ରେଣୀଗୃହ ୪୬ଟି ବିଦ୍ୟାଳୟରେ ତିଆରି ଚାଲିଥିବାବେଳେ ଅତିରିକ୍ତ ୨ଟି ଶ୍ରେଣୀଗୃହ ୬୭ ଗୋଟି ସ୍କୁଲରେ ନିର୍ମାଣ ଚାଲିଛି । ୪୨ଟି ଘର ନଥିବା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହର ନୂତନ ରୂପେ ନିର୍ମାଣ କରାଯାଉଛି । ୧୩ ଗୋଟି ନୂତନ ପ୍ରାଥମିକ ବିଦ୍ୟାଳୟ ନିର୍ମାଣାଧୀନ ରହିଛି । ୫୦ ଗୋଟି CRC ଓ ୬ ଗୋଟି BRC, ୧୪୪ଟି ପାଇଖାନା ଓ ୧୨୭ଟି ବିଦ୍ୟାଳୟରେ ପାଣି ସୁବିଧା କରାଯାଇଛି ।

### କୃଷି ଓ ଖରିଫ୍ ଫସଲ

ଚଳିତ ଖରିଫ୍ ଫସଲ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ନିଆଯାଇଥିଲେ ମଧ୍ୟ ମୌସୁମୀର ଲୁଚକାଳି ଖେଳ ଓ ତା'ପରବର୍ତ୍ତୀ ଅବସ୍ଥାରେ ଅବିଶ୍ରାନ୍ତ ବର୍ଷା ବନ୍ୟା ଖରିଫ୍ ଫସଲରେ ଅନ୍ତରାୟ ସୃଷ୍ଟି କରିଚାଲିଛି । ଜିଲ୍ଲାରେ ୧୩୩୪୦୦ ହେକ୍ଟର ଜମିରେ ଧାନ ଚାଷ ଲକ୍ଷ୍ୟ କରାଯାଇଥିବା ବେଳେ ୬୧ ହଜାର ୪୩୬ ହେକ୍ଟରରେ ଧାନ କରାଯାଇଛି । ଅନ୍ୟାନ୍ୟ ଶସ୍ୟଜାତୀୟ ଫସଲ ୪୪୫ ହେକ୍ଟରରେ କରିବା ଲକ୍ଷ୍ୟ ମଧ୍ୟରୁ ୨୧୨ ହେକ୍ଟରରେ କରାଯାଇଛି ।

### ଜଳସେଚନ କାର୍ଯ୍ୟକ୍ରମ

ଜିଲ୍ଲାରେ ବୃହତ୍ କ୍ଷୁଦ୍ର ଉଠାଜଳସେଚନ, ନଳକୂପ, ଜଳଅମଳ ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରାକୃତିକ ଉତ୍ସ ଦ୍ୱାରା ଜିଲ୍ଲାରେ ୮୯୯୩୦ ପ୍ରକଳ୍ପର ୮୪୯୫୯ ଆୟ କଟ୍ ଜଳସେଚିତ ଅଞ୍ଚଳ ରହିଛି । ଏଥିମଧ୍ୟରୁ ଧାନ ୧୮୫୪୯ ହେକ୍ଟରରେ, ପନିପରିବା ୧୯୭୫ ହେକ୍ଟରରେ, ଆଖୁ ୩୭୯ ହେକ୍ଟରରେ ଚଳିତ ଖରିଫ୍‌ରେ ଜଳସେଚନ ଯୋଗାଇବା ଲକ୍ଷ୍ୟ ରଖାଯାଇଛି ।

ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ସହ ଜନସାଧାରଣଙ୍କ ନିକଟରେ ସୁଫଳ ପହଞ୍ଚାଇବାରେ ପୁରୀ ଜିଲ୍ଲା ପ୍ରଶାସନ ଅବିରତ ଚେଷ୍ଟିତ । ଓଡ଼ିଶା ସରକାରଙ୍କର ଗ୍ରାମାଞ୍ଚଳ କାର୍ଯ୍ୟକ୍ରମର ସଫଳ ଚିତ୍ର ଏଠାରେ ଦେଖିବାକୁ ମିଳୁଛି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ପୁରୀ

## ରାଜ୍ୟରେ ଥିବା ୬୨୩୪ ଗୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୫୫୫୨ ଗୋଟି ଗ୍ରାମ ପଞ୍ଚାୟତରେ ଗ୍ରାମ ପଞ୍ଚାୟତ ଘର ରହିଛି

ପଞ୍ଚାୟତିରାଜ ଅନୁଷ୍ଠାନ ମାଧ୍ୟମରେ ଗ୍ରାମାଞ୍ଚଳର ସମୃଦ୍ଧି ଆଣିବା ନିମନ୍ତେ ସରକାର ସବୁବେଳେ ଚେଷ୍ଟା କରୁଛନ୍ତି । ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୪୮ ରାଜ୍ୟର ଗ୍ରାମ ପଞ୍ଚାୟତ ଗଠନ, କ୍ଷମତା ଓ କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ପ୍ରଣିତ ପ୍ରଥମ ଆଇନ ଅଟେ । ୧୯୫୦-୫୧ରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୫୦୦ ଗୋଟି ଗ୍ରାମ ପଞ୍ଚାୟତ ଗଠନ କରାଯାଇଥିବାବେଳେ ବର୍ତ୍ତମାନ ରାଜ୍ୟରେ ୬୨୩୪ ଗୋଟି ପଞ୍ଚାୟତ ଗଠନ କରାଯାଇପାରିଛି ।

୨୦୦୫-୦୬ ଆର୍ଥିକ ବର୍ଷ ରାଜ୍ୟ ଅଣଯୋଜନାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତଥା କର୍ମଚାରୀ ବାସଗୃହଗୁଡ଼ିକର ମରାମତି / ରକ୍ଷଣାବେକ୍ଷଣ ପାଇଁ ୪୦.୬୬ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ସେହିପରି ସି.ଆର୍.ଏଫ୍./ଏନ୍.ଏଫ୍.ସି.ଆର୍. ଅନୁଦାନରୁ ୨୨ ଗୋଟି ବ୍ଲକ୍‌ର କାର୍ଯ୍ୟାଳୟ ମରାମତି / ରକ୍ଷଣାବେକ୍ଷଣ ମରାମତି / ରକ୍ଷଣାବେକ୍ଷଣ ନିମନ୍ତେ ସି.ଆର୍.ଏଫ୍.ଏନ୍.ଏଫ୍.ସି.ଆର୍. ଅନୁଦାନରୁ ୧୩.୦୯ କୋଟି ଟଙ୍କା ଏସ୍.ଆର୍.ସି.ଙ୍କ ଦ୍ୱାରା ଯୋଗାଇ ଦିଆଯାଇଛି ।

ରାଜ୍ୟରେ ଥିବା ୬୨୩୪ ଗୋଟିଏ ଗ୍ରାମ ପଞ୍ଚାୟତ ମଧ୍ୟରୁ ୫୫୫୨ ଗୋଟି ଗ୍ରାମ ପଞ୍ଚାୟତର ଗ୍ରାମ ପଞ୍ଚାୟତ ଘର ରହିଛି ବୋଲି ପଞ୍ଚାୟତିରାଜ ବିଭାଗ ସୂତ୍ରରୁ ଜଣାଯାଇଛି ।

# 'ଜମି ପାସ୍‌ବହି' - ଏକ ବଳିଷ୍ଠ ପଦକ୍ଷେପ

କୁଳମଣି ରାଉତ

**ଜ**ମିଜମା ସଂକ୍ରାନ୍ତୀୟ ଅସୁବିଧା ଦୂର କରିବା ପାଇଁ ତଥା ଏହାକୁ ବିଭିନ୍ନ ପ୍ରମାଣପତ୍ର ରୂପେ ବ୍ୟବହାର କରିବା ପାଇଁ ରାଜ୍ୟ ସରକାର ରାଜ୍ୟରେ ସମସ୍ତ ଜମି ଥିବା ପରିବାରବର୍ଗଙ୍କୁ ଜମି ପାସ୍‌ବହି ଯୋଗାଇ ଦେବା ପାଇଁ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ଏହି ପ୍ରକ୍ରିୟା ଗତ ଜାନୁଆରୀ ୨୬ ତାରିଖଠାରୁ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ୧୭୧ଟି ତହସିଲ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ କେବଳ ୩୦ଟି ଜିଲ୍ଲାର ସଦର ମହକୁମାରେ ଥିବା ତହସିଲ୍ ତଥା ଭୁବନେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲା ତହସିଲ୍‌କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିପାଇଁ ଦରଖାସ୍ତ ଫର୍ମ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆବେଦନକାରୀମାନଙ୍କ ମଧ୍ୟରେ ମାଗଣାରେ ଆବଣ୍ଟନ କରିବା ପାଇଁ ଯୋଗାଇ ଦିଆଯାଇଛି । ଜମି ପାସ୍‌ବହି ମୂଲ୍ୟ ୨୦ ଟଙ୍କା ରଖାଯାଇଛି । ମାତ୍ର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରମାନଙ୍କୁ ଏହି ପୁସ୍ତିକାଟି ମାଗଣାରେ ଯୋଗାଇ ଦିଆଯିବ ।

ସମସ୍ତ ଭୂମ୍ୟାଧିକାରୀମାନଙ୍କୁ ଜମି ପାସ୍‌ବହି ଯୋଗାଇ ଦେବା ଓଡ଼ିଶା ପାଇଁ ନୂତନ ହେଲେ ହେଁ ଆମ ଦେଶର ଅନ୍ୟ ରାଜ୍ୟମାନଙ୍କରେ ଏହି ପ୍ରକ୍ରିୟା ଅନେକ ବର୍ଷ ଆଗରୁ ଆରମ୍ଭ ହୋଇସାରିଛି । ଜମି ପାସ୍‌ବହି ପ୍ରଚଳନ କରିଥିବା ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ଉତ୍ତର ପ୍ରଦେଶ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ର ଆଦି ପ୍ରଦେଶଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଆନ୍ଧ୍ର ସରକାର ଏବେ ସୁଦ୍ଧା ଶତକଡ଼ା ୯୦ ଭାଗ ଜମି ଥିବା ପରିବାରବର୍ଗଙ୍କୁ ଏହି ପାସ୍‌ବହି ପ୍ରଦାନ କରିସାରିଲେଣି । ଆମର ପଡ଼ୋଶୀ ରାଜ୍ୟ ଛତିଶଗଡ଼, ଝାଡ଼ଖଣ୍ଡ ମଧ୍ୟ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ଆମ ରାଜ୍ୟରେ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବାରୁ ଏହାକୁ କାର୍ଯ୍ୟକାରୀ କରୁଥିବା କର୍ମଚାରୀଗଣ ତଥା ରାଜ୍ୟର କେତେକ ସଚେତନ ନାଗରିକଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ । ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ତହସିଲ୍‌ର ତହସିଲଦାରଙ୍କଠାରୁ ଆରମ୍ଭ କରି ରାଜସ୍ୱ ନିରୀକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ତାଲିମ ଦେଇସାରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସବୁଲୋକଙ୍କ ପାଖରେ ଉପସ୍ଥାପନା କରିବା ପାଇଁ ରାଜ୍ୟର ମୁଖ୍ୟ ଓଡ଼ିଆ ଖବରକାଗଜମାନଙ୍କରେ ପ୍ରାଥମିକ ବିଜ୍ଞାପନ ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସମସ୍ତ ପ୍ରତିନିଧିମାନଙ୍କ ମଧ୍ୟରେ ପ୍ରସାର ପାଇଁ ଜିଲ୍ଲା ପରିଷଦ ବୈଠକ, ପଞ୍ଚାୟତ ସମିତି ବୈଠକ ଓ ପଞ୍ଚାୟତ ସ୍ତରରେ ବୈଠକମାନଙ୍କରେ ଆଲୋଚନା କରିବା ନିମନ୍ତେ ସଂପୃକ୍ତ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଏସବୁ ସତ୍ତ୍ୱେ କେତେକ କ୍ଷେତ୍ରରେ ସନ୍ଦେହ ଉପୁଜୁଛି ଯେ ଭୂମି ଅଧିକାରୀମାନଙ୍କ ନିକଟରେ ଜମିପଟ୍ଟା ଥିବାସ୍ଥଳେ ଆଉ ଏକ ଜମି ପାସ୍‌ବହି କେତେ ଦୂର ଆବଶ୍ୟକ ? ଏଠାରେ ଜଣାଇ ଦିଆଯାଇପାରେ ଯେ ଜମି ପାସ୍‌ବହି ପାଇଁ ରାଜ୍ୟର ପ୍ରତ୍ୟେକ ତହସିଲ୍‌କୁ ଏକ ୟୁନିଟ୍ ଭାବେ ଗ୍ରହଣ କରାଯାଇଛି । ଅର୍ଥାତ୍ ପ୍ରତ୍ୟେକ ଜମି ଥିବା ପରିବାରକୁ ଦିଆଯାଉଥିବା ଜମି ପାସ୍‌ବହିରେ ଉକ୍ତ ତହସିଲ୍‌ରେ ସେହି ପରିବାର ନାମରେ ଥିବା ସମସ୍ତ ଗ୍ରାମର ଜମିର ବିବରଣୀ ଲିପିବଦ୍ଧ ରହିବ । ଜମିଜମା ତଥ୍ୟ ଛଡ଼ା ଏହି ପାସ୍‌ବହିରେ ଥିବା ତଥ୍ୟ ଅନୁସାରେ ଏହାକୁ ୧. ଏକ ଜାତିଗତ ପ୍ରମାଣପତ୍ର, ୨. ଏସ୍.ଇ.ବି.ସି. ପ୍ରମାଣପତ୍ର, ୩. ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଚିହ୍ନଟ ପ୍ରମାଣପତ୍ର, ୪. ଆୟ ପ୍ରମାଣପତ୍ର, ୫. ଆବାସିକ ପ୍ରମାଣପତ୍ର, ୬. ଉତ୍ତରାଧିକାରୀ ପ୍ରମାଣପତ୍ର ଏବଂ ୭. କୃଷକ ପରିଚୟପତ୍ର ଭାବରେ ବ୍ୟବହାର କରାଯାଇପାରିବ ।

ଏହି ସମସ୍ତ ତଥ୍ୟ ଜମି ପାସ୍‌ବହିରେ ଲିପିବଦ୍ଧ କରିବା ପୂର୍ବରୁ ତହସିଲଦାର ଏବଂ ସଂପୃକ୍ତ ରାଜସ୍ୱ ନିରୀକ୍ଷକ ଆବଶ୍ୟକୀୟ ତଦନ୍ତ କରିବେ । ଏହି ତଦନ୍ତ ପ୍ରକ୍ରିୟା ଓଡ଼ିଶା ଜମି ପାସ୍‌ବହି ଅଧିନିୟମ, ୨୦୦୬ ଅନୁଯାୟୀ କରାଯିବ । ଏହି ଅଧିନିୟମ ପ୍ରଣୀତ ହୋଇ ସାରିଥିବା ଯୋଗୁଁ ଜମି ପାସ୍‌ବହିକୁ ଆଇନଗତ ମାନ୍ୟତା ମିଳିଯାଇଛି ।

ଏଠାରେ ମୁଁ ସୂଚାଇ ଦେବାକୁ ଚାହୁଁଛି ଯେ ଉପରୋକ୍ତ ପ୍ରମାଣପତ୍ର ପାଇବା ପାଇଁ ଜନସାଧାରଣଙ୍କୁ ଆଉ ବାରମ୍ବାର ତହସିଲ୍ ଅଫିସ୍‌କୁ ଯିବା ତଥା ଖର୍ଚ୍ଚାନ୍ତ ହେବା ଆବଶ୍ୟକ ପଡ଼ିବ ନାହିଁ । ଅନ୍ୟପକ୍ଷରେ, ତହସିଲ ଅଫିସ୍‌ମାନଙ୍କରେ ଉପରୋକ୍ତ

ପ୍ରମାଣପତ୍ରଗୁଡ଼ିକୁ ଦେବା ପାଇଁ ବର୍ଷ ସାରା ଯେପରି ବ୍ୟସ୍ତ କାର୍ଯ୍ୟକ୍ରମ ଲାଗି ରହୁଛି, ସେଥିରୁ ଅବ୍ୟାହତି ମିଳୁଥିବାରୁ ରାଜସ୍ୱ କର୍ମଚାରୀମାନେ ତହସିଲ୍‌ରେ ପଡ଼ି ରହୁଥିବା ବିଭିନ୍ନ ରାଜସ୍ୱ ମକଦ୍ଦମାଗୁଡ଼ିକ ଫଏସଲା କରିବା ସଂଗେସଂଗେ ରାଜସ୍ୱ ଆଦାୟ କରିବା ତଥା ମ୍ୟୁଟେସନ କେଶ୍ (ଦାଖଲଖାରଜ ମାମଲା) ଓ ଭୂ-ସଂସ୍କାର ଆଇନ ଅନୁସାରେ ଜମିଜମା ରେକର୍ଡ଼ ସଂଶୋଧନ ପାଇଁ ଅଧିକ ସମୟ ଦେଇପାରିବେ ।


ଏଠାରେ ସୂଚାଇ ଦିଆଯାଇପାରେ ଯେ ଜମି ପାସ୍‌ବହି ଏକ ବାଧ୍ୟତାମୂଳକ ବ୍ୟବସ୍ଥା ନୁହେଁ । ଏଥିପାଇଁ ଯେଉଁମାନେ କେବଳ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିବେ, ସେମାନଙ୍କୁ ତଦନ୍ତ ପରେ ଜମି ପାସ୍‌ବହି ଯୋଗାଇ ଦିଆଯିବ । କିନ୍ତୁ ଏହି ଜମି ପାସ୍‌ବହିଧାରୀମାନଙ୍କ ପାଇଁ ଯେଉଁସବୁ ସୁବିଧା ଉପଲବ୍ଧ ହେବ, ତାହା ଅନ୍ୟମାନଙ୍କୁ ପାସ୍‌ବହି ପାଇବା ପାଇଁ ପ୍ରେରଣା ଯୋଗାଇବାରେ ଯଥେଷ୍ଟ ସହାୟକ ହେବ ।

ଜମିଜମା ରେକର୍ଡ଼ ଥିବା ପରିବାରର ମୁଖ୍ୟ ଏହି ଜମି ପାସ୍‌ବହି ପାଇଁ ସେହି ପରିବାରର ବାସଗୃହ ଥିବା ରାଜସ୍ୱ ସର୍କଲ୍‌ର ରାଜସ୍ୱ ନିରୀକ୍ଷକଙ୍କୁ ଆବେଦନ କରିପାରିବେ । ଇଜମାଇଲ ଭୂମି ମାଲିକମାନେ ଇଚ୍ଛା କଲେ ଇଜମାଇଲ ସୂତ୍ରେ ଜମି ପାସ୍‌ବହି ପାଇବା ପାଇଁ ଦରଖାସ୍ତ କରିପାରିବେ ଏବଂ ଅନ୍ୟ ସମସ୍ତ ଅଂଶୀଦାର ଉକ୍ତ ପାସ୍‌ବହିର ପ୍ରାମାଣିକ ନକଲ (ସାର୍ଟିଫାଇଡ୍ କପି) ନିଜ ବ୍ୟବହାର ପାଇଁ ନେଇପାରିବେ । ପୁନଶ୍ଚ ସମସ୍ତ ଅଂଶୀଦାର ସହମତ ହେଲେ ଭୂ-ସଂସ୍କାର ଆଇନର ୧୯(୧) ଧାରା ମତେ ସେମାନଙ୍କ ଅଂଶକୁ ପୃଥକ୍ କରିବା ପରେ ଅଲଗା ଅଲଗା ପାସ୍‌ବହି ପାଇପାରିବେ ।

ଏହି ପାସ୍‌ବହିରେ ପରିବାରର ସମସ୍ତ ସଦସ୍ୟଙ୍କ ପୂର୍ଣ୍ଣାଙ୍ଗ ବିବରଣୀ ରହିବ । ମାତ୍ର ପରିବାରର ଯେଉଁ ସଦସ୍ୟଙ୍କ ନାମରେ ଭୂ-ସଂପତ୍ତି ରେକର୍ଡ଼ଭୁକ୍ତ ହୋଇଛି, କେବଳ ସେହିମାନଙ୍କ ନାମରେ ଥିବା ଜମିଜମା ତଥା ଗୃହ ଆଦିର ବିବରଣୀ ଜମି ପାସ୍‌ବହିରେ ଲିପିବଦ୍ଧ କରାଯିବ । ଏହି ପାସ୍‌ବହିକୁ ବ୍ୟାଙ୍କରୁ ଋଣ ନେବା ସମୟରେ କିମ୍ବା ଜମି ବନ୍ଧକ ଓ ହସ୍ତାନ୍ତର କରିବା ବେଳେ ସଂପୃକ୍ତ ରେଜେଷ୍ଟ୍ରି ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯିବ । ଏହାଛଡ଼ା ଏହି ପାସ୍‌ବହି ବିଭିନ୍ନ ମୋକଦ୍ଦମା ଫଏସଲା କରିବା ପାଇଁ ସଂପୃକ୍ତ ଅଦାଲତଙ୍କ ନିକଟରେ ଦାଖଲ କରାଯାଇପାରିବ । ଏତଦ୍‌ବ୍ୟତୀତ ପାସ୍‌ବହିରେ କୌଣସି ପରିବର୍ତ୍ତନ ଏବଂ ସଂଶୋଧନ ପାଇଁ ଏହାକୁ ସଂପୃକ୍ତ ତହସିଲଦାରଙ୍କ ନିକଟରେ ଉପସ୍ଥାପନ କରିବାକୁ ପଡ଼ିବ । ଶେଷରେ ବାର୍ଷିକ ରାଜସ୍ୱ ଦାଖଲ କରିବାବେଳେ ଏହି ପାସ୍‌ବହିକୁ ମଧ୍ୟ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଉପସ୍ଥାପନ କରିବାକୁ ପଡ଼ିବ ।

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ, ଜମି ପାସ୍‌ବହି ଜମିଜମା ରେକର୍ଡ଼କୁ ପୁନର୍ବାର ଲିପିବଦ୍ଧ କରାଯାଉଥିବା କେବଳ ଏକ ପୁସ୍ତିକା ନୁହେଁ, ଅଧିକନ୍ତୁ ଉକ୍ତ ଜମି ପାସ୍‌ବହିଟିକୁ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟ ପାଇଁ ଉପସ୍ଥାପନ କରାଯାଇପାରିବ । ଜମି ପାସ୍‌ବହିର ବ୍ୟବହାରିକ ଉପଯୋଗିତା ଦୃଷ୍ଟିରୁ ଇଜମାଇଲ ଜମି ମାଲିକମାନେ ସେମାନଙ୍କ ଅଂଶ ଅଲଗା କରିବା ପାଇଁ ଉତ୍ସାହିତ ହେବେ । ବର୍ତ୍ତମାନ ପାଇଁ ଏହି ଜମି ପାସ୍‌ବହି ହାତରେ ଲେଖାଯାଉଥିଲେ ମଧ୍ୟ ଆସନ୍ତା ଦିନମାନଙ୍କରେ ଏହାର ସଂପୂର୍ଣ୍ଣ କମ୍ପ୍ୟୁଟରୀକରଣ କରାଯିବ । ବିଭିନ୍ନ ଜମିଜମା ଆଇନର ସରଳୀକରଣ ଓ ରାଜସ୍ୱ ପ୍ରଶାସନର ଲୋକାଭିମୁଖୀ କାର୍ଯ୍ୟକ୍ରମ କ୍ଷେତ୍ରରେ ଏହି ଜମି ପାସ୍‌ବହି ଏକ ଯୁଗୋପଯୋଗୀ ବଳିଷ୍ଠ ପଦକ୍ଷେପ - ଏହା ନିଃସନ୍ଦେହ ।

ଅତିରିକ୍ତ ଶାସନ ସଚିବ
ରାଜସ୍ୱ ବିଭାଗ, ଭୁବନେଶ୍ୱର



ଜୟଦେବ ଭବନଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ ଓ ଆଇନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ସାଂସଦ ଡଃ ପ୍ରସନ୍ନ କୁମାର ପାଟଶାଣୀ, ସୂଚନା ଓ ଲୋକ ସଂପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଦିଗମ୍ବର ମହାନ୍ତି ଏବଂ ନିର୍ଦ୍ଦେଶକ ଶ୍ରୀ ବୈଷ୍ଣବ ପ୍ରସାଦ ମହାନ୍ତି ବିଜୁ ପଟ୍ଟନାୟକଙ୍କ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି । (୧୭.୪.୦୬)

# କାମକୁ ପ୍ରାଧାନ୍ୟ ଦେଉଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ

କାଶୀନାଥ ବାରିକ

ଭଗବାନ ବୁଦ୍ଧଙ୍କର ମୃତ୍ୟୁ ସମୟ ନିକଟ ହେବାରୁ ସେ ତାଙ୍କ ଶିଷ୍ୟମାନଙ୍କୁ ଡକାଇ କିଛି ଉପଦେଶ ଦେଲେ । ସେ କହିଲେ - ପରସ୍ପର ଭିତରେ ଏକତା ରକ୍ଷା କର । କଥା କମ୍ କୁହ, ବେଶୀ କାର୍ଯ୍ୟ କର । ଯେତେବେଶୀ କଥା କହିବ, ତୁମର ସେତେ ସମ୍ମାନ ହାନି ହେବ । ଗାମ୍ଭୀର୍ଯ୍ୟ ନଥିବା ଲୋକେ ହିଁ ବେଶୀ କଥା କହନ୍ତି । ତୁମେ ଯାହା କହିବ ତାହା ଦୃଢ଼, ମର୍ଯ୍ୟାଦାସମ୍ପନ୍ନ, ଅଳ୍ପ, ଅନୁଭୂତ ଏବଂ ବିଶ୍ୱାସର ସହିତ କୁହ । ସେହି ଅଳ୍ପରେ ମଧ ବଡ଼ ପ୍ରୟୋଜନ ସାଧିତ ହେବ ।

କର୍ମବୀର ଓ ବାକ୍ୟବୀରମାନଙ୍କ ମଧରେ କର୍ମବୀରମାନଙ୍କୁ ବିଶ୍ୱରେ ମାନ୍ୟତା ଦିଆଯାଇଅଛି । କର୍ମବୀରକୁ ପ୍ରାଧାନ୍ୟ ବି ସେହି ଅନୁସାରେ ମିଳିପାରୁଛି । କର୍ମବୀର ନୀରବତାର ସହକାରେ କାମ କରି ଚାଲିଥିଲାବେଳେ ବାକ୍ୟବୀର ତାହାର ବକ୍ତୃତା ଓ ଭାଷଣ ଦେବାରେ ମନୋନିବେଶ କରିଥାଏ । ସେଥିପାଇଁ ଶ୍ରୀମା' ଅରବିନ୍ଦ କହିଥିଲେ, 'No words acts' ଅର୍ଥାତ୍ ଶବ୍ଦ ଉଚ୍ଚାରଣ ଅପେକ୍ଷା କାମ କରିବା ଦରକାର ।

ଭାରତର ବିବଧତା ଭିତରେ ଭାଷା ମାଧ୍ୟମରେ ଭାବ ବିନିମୟ ଏକ କଠିନ ବ୍ୟାପାର । ଭାବ ବିନିମୟ ପାଇଁ ଜଣେ ଏକାଧିକ ଭାଷାକୁ ଶିକ୍ଷା କରିବା ଦରକାର ପଡ଼ିଥାଏ ଏବଂ କେତେକ କ୍ଷେତ୍ରରେ ଅନ୍ୟର ସାହାଯ୍ୟ ନେବାକୁ ମଧ ପଡ଼ିଥାଏ । କର୍ମ ଦିଗରେ ବହୁ ପ୍ରାଚୀନକାଳରୁ ଏଯାବତ୍ ଅପରିବର୍ତ୍ତନୀୟ କାମର ନମୂନା ବାକ୍ୟବୀରମାନଙ୍କୁ ପଛରେ ପକାଇ ଦେଇଥିବାର ଜଣାଯାଇଅଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କାଳରେ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ଏକଦା ଦରକାର ଥିଲା । ମାତ୍ର ଏବେ ସଙ୍କୀର୍ଣ୍ଣତାର ଊର୍ଦ୍ଧ୍ୱରେ ରହି ବହୁଭାଷାକୁ ଓଡ଼ିଶା ସ୍ୱାଗତ କରିଅଛି । ସେଥିପାଇଁ ଭାରତ ବାହାରେ ବିଭିନ୍ନ ଦେଶକୁ ପ୍ରତିନିଧି ପଠାଇବା ପାଇଁ ଓଡ଼ିଶାର ଓଡ଼ିଆ ଭାଷୀମାନଙ୍କ ଦ୍ୱାରା ସମ୍ଭବ ହୋଇଅଛି । ଅପରପକ୍ଷରେ ଓଡ଼ିଶାର କାମ ଦିଗଟି ଅଧିକ ସ୍ୱଚ୍ଛଳ ହୋଇପାରିଅଛି । ଭାରତର ବିଭିନ୍ନ ରାଜ୍ୟବାସୀ ଓଡ଼ିଶାର ଉନ୍ନୟନ ପାଇଁ ଆଗେଇ ଆସିଅଛନ୍ତି । ବିଗତ ଘୂର୍ଣ୍ଣିବାତ୍ୟାବେଳେ ଓଡ଼ିଶାର କେତେକ ଅଞ୍ଚଳକୁ ଅନ୍ୟରାଜ୍ୟମାନେ ଗ୍ରହଣ କରି ଆଶାନୁରୂପ ସାହାଯ୍ୟ



ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଧାନଘେରା ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ଓ କର୍ମଚାରୀବାସକୁ ଉଦ୍‌ଘାଟନ କରୁଛନ୍ତି ।

କରିଥିଲେ । ଭାଷାକୁ ଛାଡ଼ି କାମକୁ ପ୍ରାଧାନ୍ୟ ଦିଆଯାଉଥିବା ହେତୁ, ସେହି ରାଜ୍ୟବାସୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ପ୍ରବେଶ କରିବା ସମ୍ଭବ ହୋଇଥିଲା । ଓଡ଼ିଆ ଭାଷା ଅତୀତ ବୈଦେଶିକ ଭାଷା ଓ ଗିରିଜନମାନଙ୍କର ଭାଷାର ଶିକ୍ଷା ଦିଗଟିକୁ ପ୍ରାଧାନ୍ୟ ଦିଆଯାଉଥିବା ହେତୁ ଭାବବିନିମୟ ଦିଗଟି ଅଧିକ ପ୍ରଶସ୍ତ ହୋଇପାରିଅଛି ।

ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବା ହେତୁ ଓଡ଼ିଆ ଭାଷାରେ କହୁଥିବା ଓ ଅନ୍ୟ ଭାଷାକୁ ସ୍ୱାଗତ କରି ଆଲୋଚନାରେ ଭାଗ ନେବା ପାଇଁ ଓଡ଼ିଶାର ସାଂସଦମାନେ ଓ ପ୍ରଶାସନିକ ସେବାରେ ଥିବା ପ୍ରଶାସକମାନେ ଉନ୍ନୟନ ଦିଗରେ ବ୍ୟାପକ ପଦକ୍ଷେପ ନେଇପାରୁଅଛନ୍ତି ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓଡ଼ିଶାର ଉନ୍ନୟନ ଆକାଶରେ ଏକ ଉଜ୍ଜ୍ୱଳତମ ଜ୍ୟୋତିଷ୍କ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଣେ ସୁ-ସାହିତ୍ୟିକ ଭାବରେ ତାଙ୍କର ଯେଭଳି ସୁନାମ ରହିଅଛି, ସେହିପରି ଜନସାଧାରଣଙ୍କର ସମସ୍ୟାଗୁଡ଼ିକ ସାହିତ୍ୟ ମାଧ୍ୟମରେ ପ୍ରକାଶ କରିବା ପାଇଁ ତାଙ୍କର କ୍ଷେତ୍ରଟି ପ୍ରସାରିତ ହୋଇଅଛି । ସେସବୁକୁ ବାସ୍ତବତାର ରୂପ ଦିଆଯାଇପାରିଲେ ଜନସେବାର ସାର୍ଥକତା ରହିପାରିବ ବୋଲି ସେ ବିଶ୍ୱାସ କରିଥିବାର

ଲକ୍ଷ୍ୟ କରାଯାଇଅଛି । ସେଥିପାଇଁ ଓଡ଼ିଶାବାସୀ ଭାଷା ଉପରେ ଗୁରୁତ୍ୱଦେବା ଅପେକ୍ଷା କର୍ମକୁଶଳତାକୁ ପ୍ରାଧାନ୍ୟ ଦେଇ ଦୁଇଥର ଧରି ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇଅଛନ୍ତି । ସଂକୀର୍ଣ୍ଣତାର ଗଣ୍ଡି ମଧ୍ୟରେ ରହି ଭାଷାଭିତ୍ତିକ ମଣିଷକୁ ଖୋଜି ବାହାର କରିବାରେ ଯେଉଁ ବୈଷମ୍ୟ ଦେଖା ଦେଇଥାଆନ୍ତା, ସେ ଦିଗଟି ଆଉ ନାହିଁ । ଆଗରୁ ଭାଷାଭିତ୍ତିକ ମଣିଷମାନେ ଓଡ଼ିଶା ଶାସନରେ ଥିଲେ, ହେଲେ କାମକୁ ପ୍ରାଧାନ୍ୟ ଦେବାର ମଣିଷଟିଏ ଖୋଜି ପାଇଲା ପରେ ଅତୀତର ଚିନ୍ତାଧାରାକୁ ପ୍ରାୟ ସମସ୍ତେ ଭୁଲି ଗଲେଣି । ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ତାହା ଭିତରେ ଅଲ୍‌ଚିକି ସାନ୍ତାଳୀ ଭାଷାର ଲିପି ବାହାରିବା ପରେ ଅନ୍ୟାନ୍ୟ ଆଦିବାସୀ ଭାଇମାନେ କିପରି ଉପକୃତ ହୋଇପାରିବେ, ସେଥିପାଇଁ ଗିରିଜନଙ୍କର ଭାଷାରେ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ହୋଇଅଛି ।




ଅଲ୍‌ଚିକି ପୁସ୍ତକ ଉନ୍ମୋଚନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ନିକଟରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଗସ୍ତରେ ଯାଇଥିଲେ । ତାଙ୍କ ସହିତ ଓଡ଼ିଶାର ଆଉ ଦୁଇ ଜଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ବଳଭଦ୍ର ମାଝୀ ଓ ଶ୍ରୀଯୁକ୍ତ ଗୋଲକ ନାଏକ ଥିଲେ । ଶ୍ରୀଯୁକ୍ତ ମାଝୀ ଆଦିବାସୀ-ହରିଜନଙ୍କର କଲ୍ୟାଣ ପାଇଁ ମନୋନିବେଶ କରୁଥିଲାବେଳେ, ଶ୍ରୀଯୁକ୍ତ ନାୟକ ଗୋ, ମତ୍ସ୍ୟ, ପଶୁପାଳନ, ବୟନ ପ୍ରଭୃତିକୁ ଗୁରୁତ୍ୱାରୋପ କରୁଥିଲେ । ଉଭୟ ମନ୍ତ୍ରୀ ଦୁହେଁ ଆଦିବାସୀ ସମ୍ପ୍ରଦାୟର । ସେମାନଙ୍କର ଆଞ୍ଚଳିକ ମାତୃଭାଷା ରହିଥିଲେ ସୁଦ୍ଧା ଭାବବିନିମୟ ପାଇଁ ଅନ୍ୟଭାଷାରେ ଭାଷଣ ଦେଇଥିଲେ । ସେମାନଙ୍କ ସହିତ ଆଞ୍ଚଳିକ ବିଧାୟକ, ପ୍ରଶାସକମାନେ ମଧ୍ୟ ଥିଲେ । ସେ କ୍ଷେତ୍ରରେ ସମସ୍ତଙ୍କୁ ଓଡ଼ିଆ ଭାଷାର ସାରଥି କହିବା ଭୁଲ ହେବ । ଉନ୍ନୟନ ପାଇଁ ପ୍ରତ୍ୟେକଙ୍କର ଲକ୍ଷ୍ୟ ରହୁଥିବା ହେତୁ, ସେମାନେ କାମକୁ ପ୍ରାଧାନ୍ୟ ଦେଇଥିଲେ । ଗ୍ରାମାଞ୍ଚଳର ଉନ୍ନତିରେ ଦେଶ ସମୃଦ୍ଧ ହୋଇପାରିବ ବୋଲି ଜାତିର ପିତା ମହାତ୍ମା ଗାନ୍ଧୀ ଯାହା ବିଚାର କରିଥିଲେ, ସେମାନେ ସେହି ଗ୍ରାମାଞ୍ଚଳର ଉନ୍ନତି ପାଇଁ ଏକତ୍ରିତ ହୋଇଥିଲେ । ମୁଖ୍ୟମନ୍ତ୍ରୀ କାମକୁ ପ୍ରାଧାନ୍ୟ ଦେଇ ଓଡ଼ିଆ, ହିନ୍ଦୀ, ଇଂରାଜୀ ତଥା ଆଦିବାସୀ ଭାଷାରେ ମଧ୍ୟ ବକ୍ତୃତା ଦେଇଥିଲେ । ଜଣେ ବାକ୍ୟବୀର ହେବା ଅପେକ୍ଷା କର୍ମବୀର ହେବା ପାଇଁ ତାଙ୍କର ସଂକ୍ଷିପ୍ତ ଭାଷଣରୁ ଜଣାପଡ଼ିଥିଲା । ଭାଷାକୁ ଦ୍ୱାହି ଦେଇ ଜନହିତକର କାମରେ ଦୁର୍ନୀତି କରିବା ଦିଗର ପକ୍ଷପାତି ଥିବାର ଅନୁଭବ କରାଯାଇଥିଲା । ଧାନଘେରାର ଏକଲବ୍ୟ ବାଳିକା ଆବାସିକ ସ୍କୁଲ ପରିସର ମଧ୍ୟରେ ବୃକ୍ଷରୋପଣ କରି ତାହାର ଛାୟା ଓ ଫଳାଦି ଭୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସେ ପୁଣି କହିଥିଲେ, ଶିକ୍ଷା ସହିତ ସ୍ୱାସ୍ଥ୍ୟ ଦିଗଟିକୁ ମଧ୍ୟ ଉନ୍ନତି କରିବା ଦରକାର । ଜଳସେଚନ ଓ କୃଷିଶିଳ୍ପର ଉନ୍ନତି ପାଇଁ ସୁବର୍ଣ୍ଣରେଖା ଜଳସେଚନ କାମ କିପରି ତ୍ୱରାନ୍ୱିତ କରାଯାଉଛି, ତାହା ସେ ଉଲ୍ଲେଖ କରିଥିଲେ । ଝାଡ଼ଖଣ୍ଡ ରାଜ୍ୟ ସହିତ ସମ୍ପର୍କ ରକ୍ଷା କରିବା ଦିଗରେ କିପରି ପଦକ୍ଷେପ ନିଆଯାଇଅଛି, ତାହା କହି ସିମିଳିପାଳର ଉନ୍ନତି, ଆଦିବାସୀ ଭାଷାର ପୁସ୍ତକ ପ୍ରକାଶନ ତଥା ଶିକ୍ଷାର ପ୍ରସାର, ଛଉନୃତ୍ୟର ବିକାଶ ପାଇଁ ପଦକ୍ଷେପ ନେଉଥିବାର ସେ ସୂଚାଇ ଥିଲେ । ଖିଚିଂର ମା' କୀଚକେଶ୍ୱରୀ-ଚାମୁଣ୍ଡାଙ୍କ କୀର୍ତ୍ତି, ଭୀମକୁଣ୍ଡ ଯୋଜନା ପ୍ରଭୃତି ପାଇଁ ପ୍ରଥମେ ଦୁଇକୋଟି ଟଙ୍କା କିପରି ଖର୍ଚ୍ଚ କରାଯିବାର ଅଟକଳ ହୋଇଛି, ତାହାକୁ ସେ ଜଣାଇଥିଲେ । ସେଠାରେ ସେ ଆଦିବାସୀ ବାଳିକାମାନଙ୍କର ଚିତ୍ରକଳାକୁ ଦେଖିବାପରେ ଆବାସିକ ସ୍କୁଲ ଛାତ୍ରୀ କୁମାରୀ ଯଶୋଦା ନାଏକ, ତାଲ୍‌ଗେ ମାର୍ଣ୍ଡି, ଗୀତାରାଣୀ ସିଂ, ସ୍ନେହଲତା ବଗଲ, ଗୁନେଇ କିସ୍‌କୁ, ଗୁରୁବାଇ ମୁର୍ମୁ, ଚାନ୍ଦମଣି ସିଂ, ଦୀପାରବା ସିଂ, ଝରଣା ମୁର୍ମୁ, ଲକ୍ଷ୍ମୀରାଣୀ ମୁର୍ମୁ, ମଞ୍ଜୁଲତା ସିଂ, ମନିଷା ସିଂ, ନମିତା ସିଂ, ପାର୍ବତୀ ସୋରେନ୍, ରୀତାରାଣୀ ନାଏକ, ସାବିତ୍ରୀ ହାଁସଦା, ସାଲ୍‌ଗେ ସୋରେନ୍, ଶାନ୍ତ ମାଝୀ, ସସ୍ମିତା ଟୁଡୁ, ମିରା ଟୁଡୁ ଆଦିଙ୍କୁ ସାଇକେଲ ବିତରଣ କରିଥିଲେ । ଓଡ଼ିଶା ପ୍ରଶାସନିକ ସେବାର ଶ୍ରୀ ଆଶୁତୋଷ ସାମଲଙ୍କ ବିବରଣୀରୁ ଜଣାଯାଇଥିଲା ଯେ, ଧାନଘେରାର ଏକଲବ୍ୟ ମଡେଲ ସ୍କୁଲ ଓ ତା'ର ଛାତ୍ରାବାସ, କର୍ମଚାରୀମାନଙ୍କର ରହିବା ଘରକୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । କେନ୍ଦ୍ର ପ୍ରଶାସନିକ ସେବାର ତାଲିମପ୍ରାପ୍ତ ସହକାରୀ ଜିଲ୍ଲାପାଳ ଶ୍ରୀମତୀ ରୂପା ମିଶ୍ର ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଯେଉଁ ଉଦ୍ୟମ କରିଥିଲେ ତାଙ୍କ ସହିତ ଥିଲେ ଉଦଳାର ଡି.ଏସ୍.ପି. ଶ୍ରୀଯୁକ୍ତ ଏ. ସାହୁ, ଓ.ପି.ଏସ୍.(୧), ଶ୍ରୀଯୁକ୍ତ ଶିଶିଭୂଷଣ ପରିଡ଼ା, ଉଦଳାର ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରଶାସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଦିବାସୀ ବାଳିକାମାନଙ୍କୁ ଉପକରଣ ମଧ୍ୟ ଦିଆଯାଇଥିଲା ।

ସେଠାରୁ ସେ ପହଞ୍ଚିଥିଲେ ବାଙ୍ଗିରିପୋଷି ବ୍ଲକ୍ କୁସୁମବନ୍ଧଠାରେ । ପୂର୍ବତନ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ତଥା ବାଙ୍ଗିରିପୋଷି

ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ଚୈତନ୍ୟ ପ୍ରସାଦ ମାଝୀ, ପ୍ରାୟ ୩୦ ଲକ୍ଷ ଟଙ୍କାର ଗ୍ରାମ୍ୟରେ ପାଇପ୍ ଜଳଯୋଗାଣ, ଶ୍ୟାମସୁନ୍ଦରପୁରଠାରେ କସ୍ତୁରବା ଆବାସିକ ମହିଳା ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ କରିଥିବାର ପ୍ରକାଶ କରିଥିଲେ । ସେ ତାଙ୍କର ସଂକ୍ଷିପ୍ତ ଭାଷଣରେ ଆନ୍ଦୋଳାପୋଲ ଧୋବଣୀଶୋଳ, ତିଲ୍‌କି ବୁଢ଼ାବଳଙ୍ଗ ବ୍ୟାରେଜ ଦ୍ୱାରା ନାବାର୍ଡ଼ର ୪ କୋଟି ଟଙ୍କା ଆର୍ଥିକ ସହାୟତାରେ ଜଳ ସମସ୍ୟା କିପରି ଦୂର ହେବ ସେ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ଉଲ୍ଲେଖ କରିଥିଲେ । ସେଠାରୁ ଝାଡ଼ପୋଖରୀଆସ୍ଥିତ ୫ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ସେହିଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷା ସମିତିର ଆଦିବାସୀ ଭାଷାର ଅଲ୍‌ଚିକି ପୁସ୍ତକ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ଏହି ଭାଷାର ଶିକ୍ଷାରେ ଉନ୍ନତି ହେବା ପାଇଁ ୧୦୦ଟି ଶିକ୍ଷାନୁଷ୍ଠାନରେ ତାଲିମ ଆଦି କରାଯିବାର ସୂଚନା ଦେଇଥିଲେ । ସେଠାରେ ଶ୍ରୀଯୁକ୍ତ ଶିବ ପ୍ରସାଦ ସିଂ, ଜିଲ୍ଲା ସାକ୍ଷରତା ସମିତିର ସଂଯୋଜକ ଧନ୍ୟବାଦ ଦେଇଥିଲାବେଳେ କୁସୁମବନ୍ଧଠାରେ ସଦର ଉପଜିଲ୍ଲାପାଳ ସୁଶ୍ରୀ ଅଶ୍ୱତି ଏସ୍. ଆଇ.ଏ.ଏସ୍. ଧନ୍ୟବାଦ ଦେଇଥିଲେ । କଡ଼ା ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ଏହି କାର୍ଯ୍ୟ କିପରି ଭଲ ଭାବରେ ହୋଇପାରିବ ସେଥିପାଇଁ ମୟୂରଭଞ୍ଜର ଜିଲ୍ଲାପାଳ ଶ୍ରୀଯୁକ୍ତ ଭି.କାର୍ତ୍ତିକେୟ ପାଣ୍ଡିଆନ, ଆଇ.ଏ.ଏସ୍., ଏସ୍.ପି. ଶ୍ରୀଯୁକ୍ତ ରବିକାନ୍ତ, ଆଇ.ପି.ଏସ୍., ଅତିରିକ୍ତ ଏସ୍.ପି. ଡ: ଦୀପକ କୁମାର, ଶ୍ରୀମତୀ ସନ୍ତୋଷୀ ସାହୁ, ଓ.ଏ.ଏସ୍. ଆବଶ୍ୟକୀୟ ପଦକ୍ଷେପ ନେଇଥିଲେ ।



ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କୁସୁମବନ୍ଧଠାରେ ଗ୍ରାମ୍ୟ ପାଇପଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟ୍‌ନ କରୁଛନ୍ତି

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ସେଠାରୁ ସେ ଆରପଟାକୁ ଯାଇ ସେଠାରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଥିବା ଭୂତପୂର୍ବ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସେଠାରେ ବିଜୁ ଷ୍ଟାଡିୟମ୍‌ରେ ଉଦ୍‌ବୋଧନ ଦେଇ ଭିନ୍ନକ୍ଷମମାନଙ୍କୁ ଜିଲ୍ଲା ଆଇ.ସି.ଡି.ଏସ୍. ତରଫରୁ ସାଇକେଲ ରିକ୍ସା ବିତରଣ କରିଥିଲେ । ଅନ୍ୟ କେତେକ ଆଦିବାସୀ ଭୂମିହୀନମାନଙ୍କୁ ପଟା ଦେଇଥିଲେ । ସେଠାରେ ପ୍ରାରମ୍ଭିକ ଭାଷଣ ମନ୍ତ୍ରୀ ଶ୍ରୀଯୁକ୍ତ ଗୋଲକ ନାୟକ ଦେଇଥିଲାବେଳେ ବିଧାୟିକା ଶ୍ରୀମତୀ ପ୍ରମିଳା ଗିରି, ସାଂସଦ ଶ୍ରୀଯୁକ୍ତ ବୀରଭଦ୍ର ସିଂ, ବିଧାୟକ ଶ୍ରୀଯୁକ୍ତ ଭାସ୍କର ମଢେଇ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଉଦଳା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ବିବର୍ତ୍ତନ ପୋଥ ଧନ୍ୟବାଦ ଦେଇଥିଲାବେଳେ ସେଠା ଖେଳ ସମ୍ପାଦକ ଶ୍ରୀଯୁକ୍ତ ସରୋଜ କୁମାର ନାୟକ ଉଦ୍‌ବୋଧନ ଦେଇ ବିବରଣୀ ପାଠ ତଥା ଆୟୋଜନକୁ ସଫଳ କରାଇଥିଲେ ।

ସବୁ କ୍ଷେତ୍ରରେ ଜଣାପଡ଼ିଥିଲା - ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ କାମ ଉପରେ ଗୁରୁତ୍ୱ ଦେବା । ଦୁର୍ନୀତି ମୂଳୋତ୍ପାଟନ କରି ଜନତାଙ୍କୁ କିପରି ନ୍ୟାୟ ଦିଆଯାଇପାରିବ - ସେ ଦିଗରେ ତାଙ୍କର ପଦକ୍ଷେପ ଶାଣିତ ଥିବାର ଲକ୍ଷ୍ୟ କରାଯାଇଥିବା ହେତୁ, ସବୁ ଦିଗରୁ ସତର୍କତା ଅବଲମ୍ବନ କରାଯାଇଥିଲା । ଓଡ଼ିଶାରେ କେନ୍ଦ୍ର ପ୍ରଶାସନିକ ସେବାର ଆଇ.ଏ.ଏସ୍. ଓ ଆଇ.ପି.ଏସ୍. ଅଧିକାରୀ ଯେଭଳି ଭାବରେ ନ୍ୟାୟ ଦେବା ପାଇଁ କାମ କରିଚାଲିଛନ୍ତି, ତାହାର ଆଦର୍ଶକୁ ଭାଷା ସହିତ ଆକଳନ କରିବା ବେଳେ ଓଡ଼ିଆ ଭାଷାକୁ ଭଲ ଭାବରେ କହି ନପାରୁଥିବା ମୁଖ୍ୟମନ୍ତ୍ରୀ ତଥା ପ୍ରଶାସକଙ୍କ ପଦକ୍ଷେପକୁ ଗୁରୁତ୍ୱ ଦିଆଯାଉନଥିଲା ।

ମୟୂରଭଞ୍ଜ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାମ୍ବାଦିକମାନଙ୍କୁ ଚିହ୍ନଟ କରାଇବା ଦାୟିତ୍ୱରେ ମୟୂରଭଞ୍ଜର ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ନାଏକ ଥିଲେ । ଏଣୁ ଏସ୍.ପି. ଶ୍ରୀଯୁକ୍ତ ରବିକାନ୍ତ, ଆଇ.ପି.ଏସ୍. ଓ ଅନ୍ୟାନ୍ୟ ସିକ୍ୟୁରିଟି ଦିଗରେ କର୍ମଚାରୀମାନଙ୍କୁ କାମ କରିବା ପାଇଁ ସହଜ ହୋଇଥିଲା । ଏହାଫଳରେ ଉଭୟ ପ୍ରିଣ୍ଟ ଓ ଇଲେକ୍‌ଟ୍ରୋନିକ୍ ମିଡିଆର ସାମ୍ବାଦିକମାନଙ୍କୁ ସମ୍ବାଦ ନେବା ପାଇଁ ସମସ୍ତ ପ୍ରକାର ସୁଯୋଗ ଦିଆଯାଇଥିଲା । ଓଡ଼ିଆ ଭାଷାଭିତ୍ତିକ ସାମ୍ବାଦିକମାନଙ୍କୁ ସୁଯୋଗ ଦେବା ସହିତ ଅନ୍ୟମାନଙ୍କୁ ସୁଯୋଗ ଦେବାରେ ଅଣଓଡ଼ିଆ ଏସ୍.ପି. ଶ୍ରୀଯୁକ୍ତ ରବିକାନ୍ତ ଯେଉଁ ପଦକ୍ଷେପ ନେଇଥିଲେ, ତାହା ଦ୍ୱାରା ବାସ୍ତବ କ୍ଷେତ୍ରରେ ସାମ୍ବାଦିକମାନେ ଅଧିକ ତଥ୍ୟ ପାଇବା ପାଇଁ ସୁଯୋଗ ପାଇଥିଲେ ।

ଗବେଷକ ଓ ମୁକ୍ତବୃତ୍ତ ସାମ୍ବାଦିକ
ଭୁବନେଶ୍ୱର

# ଓଡ଼ିଶାରେ ଶିଶୁ ମୃତ୍ୟୁହାର ହ୍ରାସ : ଏକ ଦୃଷ୍ଟିପାତ

ଗୁରୁକଲ୍ୟାଣ ମହାପାତ୍ର

ଅତ୍ୟନ୍ତ ଆନନ୍ଦର କଥା ଯେ ଭାରତରେ ସର୍ବାଧିକ ଶିଶୁ ମୃତ୍ୟୁହାର ରାଜ୍ୟ ଭାବେ ପରିଗଣିତ ଓଡ଼ିଶାରେ ଶିଶୁ ମୃତ୍ୟୁହାର ଏବେ ହ୍ରାସ ପାଇପାରିଛି । ପ୍ରତି ହଜାରେ ନବଜାତ ଶିଶୁଙ୍କ ମୃତ୍ୟୁହାର ହ୍ରାସ ପାଇ ଏବେ ଯେ ୭୭ରେ ପହଞ୍ଚିପାରିଛି, ଏହା ନିଶ୍ଚିତ ଭାବେ ଆମ ରାଜ୍ୟ ପାଇଁ, ଆମମାନଙ୍କ ପାଇଁ ସାଫଲ୍ୟର ଏକ ନୂତନ ସୋପାନ ।

ଜାତୀୟ ବା ସର୍ବଭାରତୀୟ ସ୍ତର ସହିତ ତୁଳନା କଲେ ଅତି ଅଦ୍‌ଭୁତ ଭାବରେ ଗତ ଦୁଇବର୍ଷରେ ଏହି ଶିଶୁ ମୃତ୍ୟୁହାର ଭାରତରେ ଦୁଇକୁ ହ୍ରାସ ପାଇଥିବା ବେଳେ ଓଡ଼ିଶାରେ ତାହା ଛଅକୁ ହ୍ରାସ ପାଇପାରିଛି । ନିକଟ ଅତୀତରେ ଭାରତର ଓଡ଼ିଶାରେ ସର୍ବାଧିକ ଶିଶୁ ମୃତ୍ୟୁହାର ହ୍ରାସ ଘଟୁଛି ବୋଲି ଆମର ଯେଉଁ ବଦନାମ ଥିଲା, ତାହା ଅନ୍ତତଃ ନାହିଁ ।

ଓଡ଼ିଶାକୁ ଏକ ସୁସ୍ଥ, ସୁନ୍ଦର ଓ ରୋଗମୁକ୍ତ ରାଜ୍ୟରେ ପରିଣତ କରିବା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ ଓ ସଂକଳ୍ପ ଅଭିନନ୍ଦନୀୟ । 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା' ପରି ନୀତିବାଣୀ ତାଙ୍କୁ ହୁଏତ ଅନୁପ୍ରାଣିତ କରିଛି । ଏ ଦିଗରେ ସଫଳ ପଦକ୍ଷେପ ସ୍ୱରୂପ ବିଭାଗୀୟ ମନ୍ତ୍ରୀ, ପଦସ୍ଥ ସ୍ୱାସ୍ଥ୍ୟ ଅଧିକାରୀ, ଚିକିତ୍ସକ ଓ ସରକାରୀ କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ ।

ଆମେ ଯେଉଁମାନେ ଆଜି ସୁସ୍ଥ ଓ ସ୍ୱୟଂକ୍ଷମ ବାଳକ ବାଳିକା, ଯୁବକଯୁବତୀ ବା ପ୍ରୌଢ଼, ଅତୀତରେ ଏକଦା ଯେ ଶିଶୁ ଥିଲୁଁ, ଏକଥା ଭାବିଲେ ଆମେ ନିଜେ ନିଜେ ବିସ୍ମିତ ଓ ଆନନ୍ଦିତ ହୋଇଥାଉ । ଅବଶ୍ୟ ଶିଶୁ ଅବସ୍ଥାରୁ ରୂପାନ୍ତର ପ୍ରକ୍ରିୟାରେ ପିତାମାତାଙ୍କ ଲାଳନପାଳନ ସହିତ ଚିକିତ୍ସକ ଓ ଚିକିତ୍ସା ସହିତ ସଂପୃକ୍ତ କର୍ମଚାରୀମାନଙ୍କ ଆନ୍ତରିକତାକୁ କେବେ ହେଲେ ଭୁଲି ହେବ ନାହିଁ । ଆଜି ସମାଜର ବିଭିନ୍ନ ସ୍ତରରେ ଓ ବିଭିନ୍ନ ପର୍ଯ୍ୟାୟରେ ସ୍ୱୟଂକ୍ଷମ ହୋଇଥିବା ବ୍ୟକ୍ତିବିଶେଷଙ୍କ ଲାଗି ଅତୀତର ଏହି ପରମ୍ପରା ପ୍ରେରଣାଦାୟକ ।

ଇତିହାସ ପ୍ରତି ଅନୁଧ୍ୟାନ କଲେ ଜଣା ପଡ଼ିଥାଏ ଯେ ସମଗ୍ର ବିଶ୍ୱରେ ପ୍ରତ୍ୟେକ ବିକାଶପ୍ରାପ୍ତ ବା ବିକାଶଶୀଳ ରାଷ୍ଟ୍ର ହେଉ, ସ୍ୱାସ୍ଥ୍ୟସେବା ସହିତ ନିରାପଦ ମାତୃତ୍ୱ ଓ ନବଜାତ ଶିଶୁର ଯତ୍ନନେବା ଦିଗରେ ଅବହେଳା କରିନାହାନ୍ତି । ଅତୀତ ଓଡ଼ିଶାରେ ଉଭୟ ନିରାପଦ ମାତୃତ୍ୱ ଓ ନବଜାତ ଶିଶୁଙ୍କ ପ୍ରତି ଅବହେଳା କରାଯାଇଥିବାରୁ ସମ୍ଭବତଃ ଉଭୟ ମା' ଓ ଶିଶୁଙ୍କର ମୃତ୍ୟୁହାର ସର୍ବାଧିକ ହୋଇଛି । ଏବେ ଆଉ ସେହି ପରିସ୍ଥିତି ନାହିଁ । ସରକାରୀ କଳର ତତ୍ପରତା ଓ ଜନସଚେତନତା କାରଣରୁ ପରିସ୍ଥିତି ଖୁବ୍ ବଦଳି ଗଲାଣି ।

ଗତ ଅପ୍ରେଲ ୨୮ ତାରିଖରେ ଭୁବନେଶ୍ୱରରେ ଓଡ଼ିଶାର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କର ଦୁଇ ଦିନିଆ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ବିଜୟଶ୍ରୀ ରାଉତରାୟ ସେହି ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇ ରାଜ୍ୟରେ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଆମେ ସଫଳତା ଲାଭ କରିପାରିଛୁଁ ବୋଲି କହିଥିଲେ । ସେହିପରି ଖୁବ୍‌ଶୀଘ୍ର ଆମେ କୁଷ୍ଠ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିପାରିବୁ ବୋଲି ସେ ଆଶା ପ୍ରକାଶ କରିଥିଲେ । କିନ୍ତୁ ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ଆମେ ଅନେକ କିଛି କରିବାର ଅଛି ବୋଲି ସେ ସୂଚନା ଦେଇଥିଲେ । ସେହି ସମ୍ମିଳନୀରେ ଅଧ୍ୟକ୍ଷତା କରୁଥିବା ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ରବିନାରାୟଣ ସେନାପତି ମଧ୍ୟ ସେସବୁ ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାଃ ପ୍ରଶାନ୍ତ କୁମାର ସେନାପତି ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାଃ ଭଗବତୀ ଚରଣ ଦାସ ମଧ୍ୟ ସେହି ସମ୍ମିଳନୀରେ ସରକାରୀ କାର୍ଯ୍ୟକ୍ରମର ସଫଳତା ପାଇଁ ଆଶା ପ୍ରକାଶ କରିଥିଲେ ।

ରାଜ୍ୟ ଯୋଜନା ଅଟକଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ୪୧ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟବରାଦ ଥିବାବେଳେ ସେଥିମଧ୍ୟରୁ ୧୪ କୋଟି ୧୩ ଲକ୍ଷ ଟଙ୍କା ରାଜ୍ୟର ତିନୋଟିଯାକ ମେଡ଼ିକାଲ କଲେଜ ଓ ହସପିଟାଲର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟରେ ବ୍ୟୟ କରାଯାଇ ଅବଶିଷ୍ଟ ୪୫ ଲକ୍ଷ ଟଙ୍କାରେ ରାଜ୍ୟ

ସରକାର ଶିଶୁ ମୃତ୍ୟୁହାର ହ୍ରାସ ଲାଗି ଗଠିତ 'ନବଜ୍ୟୋତି' କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବେ ବୋଲି ଜଣାଯାଇଛି । ଅବଶ୍ୟ ଏହି ଅର୍ଥ ଯଥେଷ୍ଟ ହେବ ନାହିଁ ବୋଲି ମନେ ହେଉଛି ।

ବିଗତ ୧୯୯୮-୯୯ରେ ରାଜ୍ୟରେ ଶିଶୁ ମୃତ୍ୟୁହାର ଭାରତରେ ସର୍ବାଧିକ ଅର୍ଥାତ୍ ପ୍ରତି ହଜାରେ ଜନ୍ମିତ ଶିଶୁଙ୍କ ମଧ୍ୟରୁ ୯୮ ଥିଲା ଓ ଏକପ୍ରକାର ଉଦ୍‌ବେଗଜନିତ ପରିସ୍ଥିତି ସୃଷ୍ଟି କରିଥିଲା । ମାତ୍ର ରାଜ୍ୟ ସରକାରଙ୍କ ତତ୍ପରତା ଯୋଗୁଁ ତାହା ଏବେ ହ୍ରାସ ପାଇ ୭୭ରେ ପହଞ୍ଚିପାରିଛି । ୧୯୯୮ରେ ଭାରତରେ ଶିଶୁ ମୃତ୍ୟୁହାର ସଂପର୍କରେ ୧୯୯୯ରେ ପ୍ରକାଶିତ ନମୁନା ପଞ୍ଜିକରଣ ପଦ୍ଧତି (Sample Registration System) ଅନୁଯାୟୀ ପ୍ରତି ଏକ ହଜାର ଜନ୍ମିତ ଶିଶୁଙ୍କ ମଧ୍ୟରେ ରାଜ୍ୟଗୁଡ଼ିକର ଶିଶୁ ମୃତ୍ୟୁହାର ଏହିପରି ଥିଲା : ମଧ୍ୟପ୍ରଦେଶ-୯୭, ଉତ୍ତରପ୍ରଦେଶ-୮୫, ରାଜସ୍ଥାନ-୮୩, ଆସାମ-୭୮, ହରିଆନା-୬୯, ବିହାର-୬୭, ଆନ୍ଧ୍ରପ୍ରଦେଶ-୬୬, ହିମାଚଳ ପ୍ରଦେଶ ଓ ଗୁଜରାଟ ପ୍ରତ୍ୟେକ ୬୪, କର୍ଣ୍ଣାଟକ-୫୮, ପଞ୍ଜାବ-୫୪, ତାମିଲନାଡୁ, ପଶ୍ଚିମବଙ୍ଗ ପ୍ରତ୍ୟେକ ୫୩, ମେଘାଳୟ ଓ ସିକିମ୍ ପ୍ରତ୍ୟେକ ୫୨, ତ୍ରିପୁରା ଓ ମହାରାଷ୍ଟ୍ର ପ୍ରତ୍ୟେକ ୪୯, ଜାମ୍ମୁ ଓ କାଶ୍ମୀର-୪୫, ମଣିପୁର-୨୫, ଗୋଆ ଓ ମିଜୋରାମ ପ୍ରତ୍ୟେକ ୨୩, କେରଳ ୧୬ ଏବଂ ଓଡ଼ିଶା-୯୮ ।


ଭାରତରେ ସର୍ବାଧିକ ମୃତ୍ୟୁହାର ରାଜ୍ୟ ଭାବେ ପରିଗଣିତ ଓଡ଼ିଶାରେ ଏହି ମୃତ୍ୟୁହାର ହ୍ରାସ ପାଇଁ ରାଜ୍ୟ ସରକାର ୨୦୦୧ ଅଗଷ୍ଟ ମାସରୁ ଅବଶ୍ୟ ମିଶନ ଗଠନ କରିଥିଲେ ଏବଂ ଏହି ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ସୁଖର କଥା ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଏବେ ସତ୍ୟରେ ପରିଣତ ହୋଇଛି ।

ଉଲ୍ଲେଖନୀୟ ଯେ, ଏହି ଶିଶୁ ମୃତ୍ୟୁହାର ହ୍ରାସ ଲାଗି ରାଜ୍ୟ ସରକାର 'ନବଜ୍ୟୋତି' ଯୋଜନା ସହିତ 'ଜନନୀ ସୁରକ୍ଷା ଯୋଜନା' କାର୍ଯ୍ୟକାରୀ କରି ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୧୨,୭୩୦ ଜଣ ସ୍ୱୀକୃତିପ୍ରାପ୍ତ ଆଶାୟୀଙ୍କୁ ଚିହ୍ନଟ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆନୁଷ୍ଠାନିକ ପ୍ରସବକୁ ପ୍ରୋତ୍ସାହିତ କରାଯାଇ ନବଜାତ ଶିଶୁ ଓ ପ୍ରସୂତିମାନଙ୍କର ଯତ୍ନ ନିଆଯିବାର ବ୍ୟବସ୍ଥା କରାଯାଇଛି । ଫଳରେ ଆସନ୍ତା ୨୦୧୦ ମସିହା ସୁଦ୍ଧା ରାଜ୍ୟ ସରକାର ଏହି ଶିଶୁ ମୃତ୍ୟୁହାରକୁ ୭୭ରୁ ୬୦କୁ ହ୍ରାସ କରିବାର ଲକ୍ଷ୍ୟ ରଖିଛନ୍ତି ।

ଅନୁଧ୍ୟାନରୁ ଜଣାଯାଇଛି ଯେ, ଜାତୀୟ ସ୍ତରରେ ଜନ୍ମହାର ୨୪ ପ୍ରତିଶତ ହୋଇଥିବା ବେଳେ ଓଡ଼ିଶାରେ ତାହା ୨୨ ପ୍ରତିଶତ । ଏହାବ୍ୟତୀତ ଓଡ଼ିଶାରେ ୩୦ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ଓ ୭୦ ପ୍ରତିଶତ ନିଜ ଘରେ ହେଉଥିବା ପ୍ରସବକୁ ଦୃଷ୍ଟିରେ ରଖି ଏହି ଶିଶୁ ମୃତ୍ୟୁହାର ହ୍ରାସ କାର୍ଯ୍ୟକ୍ରମର ସଫଳତା ଲାଗି ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ।

ଅତୀତରେ ଅନ୍ଧ ବିଶ୍ୱାସ ଯୋଗୁଁ ହେଉ ବା ଅଜ୍ଞାନତା କାରଣରୁ ହେଉ, ପ୍ରସବୋତ୍ତର କାଳରେ ମା'ର ସ୍ୱାସ୍ଥ୍ୟ ରକ୍ଷା, ଏପରିକି ଜୀବନରକ୍ଷା ଉପରେ ଆମ ଲୋକେ ସାଧାରଣତଃ ଗୁରୁତ୍ୱ ଦେଇ ଆସୁଥିଲେ । ନବଜାତ ଶିଶୁଙ୍କ ଉପରେ ସେତେବେଳେ ପ୍ରାୟ ଗୁରୁତ୍ୱ ଦିଆଯାଉ ନଥିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ମାତ୍ର ଗଣ ଯୋଗାଯୋଗ ମାଧ୍ୟମଗୁଡ଼ିକର ସଫଳ ଭୂମିକା ଯୋଗୁଁ ୧୯୫୧ରେ ଭାରତ ସରକାର ଜନସଂଖ୍ୟା ହ୍ରାସ ପାଇଁ ଯେଉଁ 'ଜାତୀୟ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ'ର ଶୁଭାରମ୍ଭ କରିଥିଲେ, ତାହା ଅପେକ୍ଷା ଆମେମାନେ ଅଧିକ ସଚେତନ ହେଲୁଣି । ଓଡ଼ିଶାରେ ଶିଶୁ ମୃତ୍ୟୁହାର ହ୍ରାସ ଜରିଆରେ ରାଜ୍ୟର ନୂତନ ଭାଗ୍ୟୋଦୟ ହେଉ । ଏହା ହିଁ କାମନା ।

ମୁକ୍ତବୃତ୍ତ ସାମ୍ବାଦିକ
ଡି-୧୦/୫, ୟୁନିଟ୍-୮
ଭୁବନେଶ୍ୱର




ଜୟଦେବ ଭବନଠାରେ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ 'ଦକ୍ଷିଣ ଭାରତ' ନାମକ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି । ଶକ୍ତି, ପର୍ଯ୍ୟଟନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଉପସ୍ଥିତ ଅଛନ୍ତି । ୨୭.୪.୦୬

ସମ୍ପାଦକୀୟ

# ସଫଳତାର ଦୁଇଟି ବର୍ଷ

ଓଡ଼ିଶାର ଏକ ଦୁର୍ଦ୍ଦିନ ଓ ସଙ୍କଟମୟ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୨୦୦୦ ମସିହା ମାର୍ଚ୍ଚ ୪ ତାରିଖରେ ଶାସନର ଗୁରୁଦାୟିତ୍ୱ ବହନ କରିଥିଲେ । ସେତେବେଳେ ତାଙ୍କ ସମ୍ମୁଖରେ ଅନେକ ଆହ୍ୱାନ । ସମଗ୍ର ରାଜ୍ୟ ମହାବାତ୍ୟା ଓ ବନ୍ୟାରେ ବିପର୍ଯ୍ୟସ୍ତ । ଋଣରେ ଭାରାକ୍ରାନ୍ତ । ରାଜକୋଷ ଶୂନ୍ୟ । ପ୍ରଶାସନ ଶିଥିଳ । ଏଭଳି ସଙ୍କଟମୟ ମୁହୂର୍ତ୍ତରେ ତାଙ୍କୁ ବହୁ ବନ୍ଧୁର ପଥ ଅତିକ୍ରମ କରିବାକୁ ପଡ଼ିଛି । ବିପର୍ଯ୍ୟସ୍ତ ହୋଇଯାଇଥିବା ରାଜ୍ୟକୁ ବାଟକୁ ଆଣି ରାଜ୍ୟର ବିକାଶଧାରାକୁ ଗତିଶୀଳ କରିଛନ୍ତି । ଜନସାଧାରଣଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଛନ୍ତି । ବଞ୍ଚିବାର ରାହା ଦେଖାଇଛନ୍ତି । ଧ୍ୱଂସ ସ୍ତୂପ ଉପରେ ତାଙ୍କୁ ଗଢ଼ି ତୋଳିବାକୁ ପଡ଼ିଛି ସମୃଦ୍ଧିର ନୂତନ ସୌଧ । ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ସ୍ୱଚ୍ଛ, ସକ୍ରିୟ, ଉତ୍ତରଦାୟୀ ଓ ଦୁର୍ନୀତିମୁକ୍ତ ଶାସନକୁ ସେ ବହୁ ଭାବରେ ପୂରଣ କରିଛନ୍ତି । ଉଜୁଡ଼ା ଘରକୁ ବାଟକୁ ଆଣିଛନ୍ତି ।

ବିଗତ ଦିନର କାର୍ଯ୍ୟକ୍ରମଗୁଡ଼ିକର ସଫଳତାକୁ ନେଇ ସେ ପୁନର୍ବାର ଜନତାର ସମ୍ମୁଖୀନ ହୋଇଛନ୍ତି ୨୦୦୪ ମସିହା ନିର୍ବାଚନରେ । ୨୦୦୪ ମସିହାରେ ବି.ଜେ.ଡି.-ବି.ଜେ.ପି. ମେଣ୍ଟ ବିଗତ ଦିନର ସଫଳତା ଓ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିଥିଲେ । ସେଥିପାଇଁ ସରକାରଙ୍କୁ ବିପୁଳ ଜନସମର୍ଥନ ଓ ସ୍ପଷ୍ଟ ଜନାଦେଶ ମିଳିଥିଲା । ୨୦୦୪ ମସିହା ମେ' ମାସ ୧୬ ତାରିଖରେ ପୁନର୍ବାର ସେ ରାଜ୍ୟ ଶାସନର ଦାୟିତ୍ୱ ଗ୍ରହଣ କଲେ । ନବୀନ ସରକାର ଏ ଭିତରେ ଦୁଇଟି ବର୍ଷ ପୂରଣ କରିସାରିଛନ୍ତି । ରାଜ୍ୟକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ସେ ସବୁମତେ ପ୍ରୟାସ ଜାରି ରଖିଛନ୍ତି । ଆତ୍ମନିଯୁକ୍ତି, ଦାରିଦ୍ର୍ୟ ଦୂରୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ, ଜଙ୍ଗଲ, ପରିବେଶ, କ୍ରୀଡ଼ା, ନିର୍ମଳ ସ୍ୱଚ୍ଛ ଶାସନ ଓ ଏତଦ୍‌ବ୍ୟତୀତ ଆଦିବାସୀ ପରିବାରଗୁଡ଼ିକର ରୋଜଗାର ବୃଦ୍ଧି ନିମନ୍ତେ ୬୦ଟି ଲଘୁବନଜାତ ଦ୍ରବ୍ୟ ଓ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିୟନ୍ତ୍ରଣ ଓ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର, ୫୦୦ ଜନସଂଖ୍ୟା ବିଶିଷ୍ଟ ଆଦିବାସୀ ଜନବସତିକୁ ସବୁଦିନିଆ ରାସ୍ତା, ବସୁନ୍ଧରା ଯୋଜନା ମାଧ୍ୟମରେ ଭୂମିହୀନଙ୍କୁ ବାସୋପଯୋଗୀ ଜମି ଯୋଗାଣ, ୨୦୦୬ ମସିହା ଜାନୁଆରୀ ୨୬ ତାରିଖଠାରୁ ଜମି ମାଲିକମାନଙ୍କୁ ଜମି ପାସ୍‌ବୁକ୍ ବଣ୍ଟନ, ପ୍ରତ୍ୟେକ ଗ୍ରାମ୍ୟ ପରିବାରକୁ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନାରେ ବର୍ଷକୁ ଅନ୍ୟୁନ ୧୦୦ ଦିନ କାର୍ଯ୍ୟ ଯୋଗାଇ ଦେବାର ଲକ୍ଷ୍ୟ, ୧୩,୨୫୪ଟି ପାଣିପଞ୍ଚାୟତ ଗଠନ କରାଯାଇ ୧୦.୩୬ ଲକ୍ଷ ହେକ୍ଟର ଜମିରେ ଜଳସେଚନ ନିମନ୍ତେ ସୁଯୋଗ ସୃଷ୍ଟି, ୫୦,୦୦୦ ଗଭୀର ଓ ଅଗଭୀର ନଳକୂପ ସ୍ଥାପନ କରିବା ପାଇଁ ପ୍ରୟାସ ଜାରି, ୨୫ ଲକ୍ଷ ସ୍କୁଲଛାତ୍ରୀଙ୍କୁ ଗ୍ରାମ୍ୟ ଶିକ୍ଷା କମିଟି ମାଧ୍ୟମରେ ମାଗଣାରେ ସ୍କୁଲ ପୋଷାକ ବଣ୍ଟନ, ଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଭାବ ବଜାୟ ରଖିବା ନିମନ୍ତେ ରାଜ୍ୟରେ ସୂଚନା ଅଧିକାର ଆଇନ-୨୦୦୫ ପ୍ରବର୍ତ୍ତିତ, କଳିଙ୍ଗ ଷ୍ଟାଡିୟମ୍‌ରେ ଆନ୍ତର୍ଜାତୀୟ ମାନର ସନ୍ତରଣାଗାର ନିର୍ମାଣ, ଶିଶୁ ମୃତ୍ୟୁହାର ପ୍ରତି ହଜାରରେ ୮୩କୁ ହ୍ରାସ, ତା.୧.୧.୦୬ରିଖଠାରୁ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଉଚ୍ଚକୁଶଳୀ ଶ୍ରମିକମାନଙ୍କର ମଜୁରୀ ବୃଦ୍ଧି, ବାର୍ଦ୍ଧକ୍ୟ ଭତ୍ତା ପରିମାଣ ୧୦୦ ଟଙ୍କାରୁ ୨୦୦ ଟଙ୍କାକୁ ବୃଦ୍ଧି

ଓ ମହିଳା ସଶକ୍ତିକରଣ ଦିଗରେ ମିଶନ୍ ଶକ୍ତି କାର୍ଯ୍ୟକ୍ରମରେ ୨୨,୩୬,୩୬୭ ଜଣ ସଦସ୍ୟାଙ୍କୁ ନେଇ ୧,୭୬,୦୬୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଉପରେ ବିଶେଷ ଗୁରୁତ୍ୱ ଦେଇ ସରକାର ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରି ଚାଲିଛନ୍ତି ।

ଆଗାମୀ ବର୍ଷଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ରୂପେ ଗଢ଼ି ତୋଳିବା ପାଇଁ ଶିଳ୍ପାୟନ ମାଧ୍ୟମରେ ଓଡ଼ିଶାର ଚିତ୍ର ପରିବର୍ତ୍ତନ କରିଦେବାକୁ ସେ ନିଷ୍ପତ୍ତି ନେଇ ଖ୍ୟାତନାମା ଆନ୍ତର୍ଜାତିକ କମ୍ପାନୀଗୁଡ଼ିକ ସହିତ ୪୩ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଶିଳ୍ପାୟନ କ୍ଷେତ୍ରରେ ବର୍ତ୍ତମାନ ବହୁ କୋଟି ଟଙ୍କା ବିନିଯୋଗ ହେବାକୁ ଯାଉଛି । ଏତଦ୍‌ବ୍ୟତୀତ ଶିଳ୍ପାୟନ ଯୋଗୁଁ ବାସଚ୍ୟୁତ ହେବାକୁ ଯାଉଥିବା ବିସ୍ଥାପିତ ଲୋକମାନଙ୍କ ପାଇଁ ରାଜ୍ୟ ସରକାର ଏକ ପ୍ରଗତିଶୀଳ ଥଇଥାନ ନୀତି ପ୍ରଣୟନ କରିଛନ୍ତି । ଆଦିବାସୀ ତଥା ଗରିବ ଲୋକମାନଙ୍କୁ ସୁହାଇଲା ଭଳି ପୁନର୍ବାସ ଓ ଥଇଥାନ ନୀତି ପ୍ରସ୍ତୁତିରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବେଶ୍ ଅଗ୍ରଣୀ ।

ନୂତନ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଓଡ଼ିଶାର ବିକାଶ ଏକ ସନ୍ଧିକ୍ଷଣରେ ଉପନୀତ । ଆଗକୁ ଅନେକ ଆହ୍ୱାନ । କ୍ରମାଗତ ପ୍ରାକୃତିକ ଦୁର୍ବିପାକ ଓ ଆର୍ଥିକ ସଙ୍କଟ ରାଜ୍ୟର ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରୁଛି । ତଥାପି, ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଅବିଚଳିତ ଭାବେ ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହି ମୁହୂର୍ତ୍ତରେ ରାଜ୍ୟର ପ୍ରଗତି ଯେପରି ବ୍ୟାହତ ନହୁଏ, ଆସନ୍ତୁ ସମସ୍ତେ ମିଳିମିଶି ସରକାରଙ୍କୁ ସାହାଯ୍ୟ କରି ପ୍ରଗତିର ରଥକୁ ଆଗେଇ ନେବା । ଏତଦ୍‌ବ୍ୟତୀତ ଓଡ଼ିଶାର ପ୍ରଖ୍ୟାତ କବି ଶ୍ରୀଜୟଦେବ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଶ୍ରମିକ ଦିବସ ଅବସରରେ ଶ୍ରମିକମାନଙ୍କ ସମ୍ବନ୍ଧରେ ତଥା ଅନ୍ୟ ବହୁ ଉପାଦେୟ ପ୍ରବନ୍ଧମାନ ଆମେ ଏ ସଂଖ୍ୟାରେ ସ୍ଥାନୀତ କରିଛୁ । ଲେଖାଗୁଡ଼ିକ ପାଠକ ପାଠିକାମାନଙ୍କ ନିକଟରେ ଆଦୃତ ହେବ ବୋଲି ଆମର ଆଶା ଓ ବିଶ୍ୱାସ ।

# ଉତ୍କଳ ପ୍ରସଙ୍ଗ

**The Utkal Prasanga**

| ୬୨ ଭାଗ | ୧୦ମ ସଂଖ୍ୟା | ବୈଶାଖ-ଜ୍ୟେଷ୍ଠ | ମଇ - ୨୦୦୬ |
|---|---|---|---|



**ଦିଗମ୍ବର ମହାନ୍ତି**
କମିଶନର ତଥା ଶାସନ ସଚିବ

**ବୈଷ୍ଣବ ପ୍ରସାଦ ମହାନ୍ତି**
ନିର୍ଦ୍ଦେଶକ

**ଶରତଚନ୍ଦ୍ର ସାମନ୍ତରାୟ**
କାର୍ଯ୍ୟ ନିର୍ବାହୀ ସମ୍ପାଦକ

ସମ୍ପାଦନା ସହଯୋଗୀ
**ଗୋବିନ୍ଦଚନ୍ଦ୍ର ମଲ୍ଲିକ**
**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ ଡ଼ିଜାଇନିଂ
**ମାନସ ନାୟକ**
ଫଟୋ :
**ରାଜୁ ସିଂ**
**ମାନସ ରଂଜନ ମହାନ୍ତି**

କମ୍ପ୍ୟୁଟର ସେଟିଂ ଓ ଡ଼ିଜାଇନିଂ
**ମନୋଜ କୁମାର ପାତ୍ର**
**ହେମନ୍ତ କୁମାର ସାହୁ**



***ବାର୍ଷିକ ଦେୟ : ଟ.୫୦.୦୦***
***ପ୍ରତିଖଣ୍ଡ : ଟ.୫.୦୦***


---


ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ରେ ମୁଦ୍ରିତ ।



ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଲୋକ ସଂପର୍କ ଭବନ, ଭୁବନେଶ୍ୱର - ୭୫୧୦୦୧
ଫୋନ : ୨୩୯୪୫୧୩, ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.orissagov.nic.in

# ସୂଚୀ


| | | | |
|---|---|---|---|
| • ଓଡ଼ିଶା ବିଧାନସଭାରେ ମହାମାନ୍ୟ ରାଜ୍ୟପାଳ ଶ୍ରୀ ରାମେଶ୍ୱର ଠାକୁରଙ୍କ ଅଭିଭାଷଣ | | --- | ୧ |
| • ଓଡ଼ିଶା : ବିକାଶର ନବଦିଗନ୍ତ | | --- | ୧୯ |
| • ଓଡ଼ିଶା ବିଧାନସଭାରେ ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କ ଅଭିଭାଷଣ | | --- | ୩୪ |
| • ଶ୍ରୀଜୟଦେବ, ଶ୍ରୀଗୀତଗୋବିନ୍ଦ ଓ ଉତ୍କଳୀୟ ସଂସ୍କୃତି | ଅଜିତ କୁମାର ତ୍ରିପାଠୀ | --- | ୪୭ |
| • ଗୀତଗୋବିନ୍ଦରେ ପ୍ରୀତି ପ୍ରଣୟର ଛବି | ଡକ୍ଟର ତ୍ରିନାଥ ପଟ୍ଟନାୟକ | --- | ୫୨ |
| • ଶୋଷକ, ଶୋଷଣ ଓ ଶୋଷିତ | ତାରାକାନ୍ତ ମହାନ୍ତି | --- | ୫୫ |
| • ଶ୍ରମିକ ଭାଇ | ଅଧ୍ୟାପକ ବିକ୍ରମ କେଶରୀ ବର୍ମା | --- | ୫୭ |
| • ଆନ୍ତର୍ଜାତିକ ଶ୍ରମିକ ଦିବସର ଅନୁଚିନ୍ତା | ବିମଳା ସିଂହ | --- | ୫୮ |
| • ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱର | ସୁରେନ୍ଦ୍ର ସାହୁ | --- | ୬୧ |
| • ପ୍ରବାଦ ପୁରୁଷ | ବରଦା ପ୍ରସନ୍ନ ଦାସ | --- | ୬୪ |
| • ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା | ଛବି ମହାନ୍ତି | --- | ୬୫ |
| • ଶକ୍ତିମୟୀ, ସଂକଟହାରିଣୀ ମା' ତାରିଣୀ | ପଣ୍ଡିତ ଚାରଣ ନରହରି ଦାଶ | --- | ୬୮ |
| • ମନ୍ଦିରମାଳିନୀ ଭୁବନେଶ୍ୱର | ଶ୍ରୀମତୀ କାଞ୍ଚନ ମିଶ୍ର | --- | ୭୨ |
| • ରୁକୁଣା ରଥଯାତ୍ରା ଓ ଅଶୋକାଷ୍ଟମୀ | ସୁଶାନ୍ତ କୁମାର ସ୍ୱାଇଁ | --- | ୭୩ |
| • ଭଞ୍ଜ ସାହିତ୍ୟର ପ୍ରାସଙ୍ଗିକତା | ରବୀନ୍ଦ୍ର କୁମାର ବେହୁରିଆ | --- | ୭୬ |
| • ପରବ : ଆଦିବାସୀ ସଂସ୍କୃତିର ପୁନରୁତ୍ଥାନ ପାଇଁ ଏକ ବିପ୍ଳବ | ପ୍ରଭୁକଲ୍ୟାଣ ମହାପାତ୍ର | --- | ୭୯ |
| • ସଫଳ ଉଦ୍ୟାନ ଚାଷର ପଥପ୍ରଦର୍ଶକ ଏୟୁସିସି ବ୍ୟାଙ୍କ | ଚୌଧୁରୀ ବିନିତ କୁମାର ଦାସ | --- | ୮୧ |
| • ଆମ ମାନବ ସମ୍ବଳର ବିକାଶ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତ୍‌ସ) | --- | ୮୩ |
| • ପୁରୀ ଜିଲ୍ଲାର ସମୃଦ୍ଧି ନିମନ୍ତେ ପ୍ରଗତିମୂଳକ କାର୍ଯ୍ୟକ୍ରମ | ଦାମୋଦର ପାଢ଼ୀ | --- | ୮୫ |
| • ଜମି ପାସ୍ ବହି - ଏକ ବଳିଷ୍ଠ ପଦକ୍ଷେପ | କୁଳମଣି ରାଉତ | --- | ୮୯ |
| • କାମକୁ ପ୍ରାଧାନ୍ୟ ଦେଉଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ | କାଶୀନାଥ ବାରିକ | --- | ୯୧ |
| • ଓଡ଼ିଶାରେ ଶିଶୁ ମୃତ୍ୟୁହାର ହ୍ରାସ : ଏକ ଦୃଷ୍ଟିପାତ | ଗୁରୁକଲ୍ୟାଣ ମହାପାତ୍ର | --- | ୯୪ |
| • ସମ୍ବାଦ ପରିକ୍ରମା | | --- | ୯୬ |